ନାଟ୍ୟଶ୍ରୀ
ରଘୁନାଥ ଗ୍ରନ୍ଥାବଳୀ

ପ୍ରକାଶକ
ପ୍ରଗତି ସାହିତ୍ୟ ପ୍ରତିଷ୍ଠାନ
ବ୍ରହ୍ମପୁର

Digitized by srujanika@gmail.com

ନାଟ୍ୟଶ୍ରୀ

ରଘୁନାଥ ଗ୍ରନ୍ଥାବଳୀ

(ପ୍ରଥମଭାଗ)

ପ୍ରକାଶକ :

ପ୍ରଗତି ସାହିତ୍ୟ ପ୍ରତିଷ୍ଠାନ

ବ୍ରହ୍ମପୁର

Digitized by srujanika@gmail.com

ନାଟ୍ୟଶ୍ରୀ ରଘୁନାଥ ଗ୍ରନ୍ଥାବଳୀ

ପ୍ରକାଶକ : ପ୍ରଗତି ସାହିତ୍ୟ ପ୍ରତିଷ୍ଠାନ, ବ୍ରହ୍ମପୁର

ସର୍ବସ୍ୱତ ସଂରକ୍ଷିତ : ପ୍ରକାଶକ

ଅକ୍ଷର ଓ ଅଙ୍ଗସଜ୍ଜିକରଣ : ବ୍ରଜ କିଶୋର ଦାସ
ବ୍ରଜନଗର - ୩, ବ୍ରହ୍ମପୁର, ଗଂଜାମ

ମୁଦ୍ରଣ : ଶିବଶଙ୍କର ରୁଲିଂ ଏଣ୍ଡ ବାଇଣ୍ଡିଂ ୱାର୍କସ୍
ଟେଲିଫୋନ୍ ଭବନ ରୋଡ୍, ବ୍ରହ୍ମପୁର

ପ୍ରକାଶ କାଳ : ଡିସେମ୍ବର, ୨୦୦୬

ମୂଲ୍ୟ : ଚାରିଶତ ଟଙ୍କା

Natyasri Raghunath Granthabali

Published by : **Pragati Sahitya Pratisthan,** **Bramhapur**

Copy Right Reserve : **Publisher**

D.T.P. : **Braja Kishor Das,** Brajanagar, 3rd Line,
Berhampur, Contact No. : 9437258869

Printed at : **Sibasankar Ruling & Biding Works,**
Telephone Bhawan Road, Berhampur

Publication Year : **December, 2006**

Price : **400/- only, (Rupees Fourhundred Only)**

Digitized by srujanika@gmail.com

ସର୍ବଧର୍ମର ପ୍ରତୀକ, ପରମ କାରୁଣିକ,
ଭଗବାନ **ଶ୍ରୀ ଶ୍ରୀ ଶ୍ରୀ ସତ୍ୟସାଇବାବା**ଙ୍କର
କରକମଳରେ ଏହି ଗ୍ରନ୍ଥାବଳୀଟିକୁ ଅର୍ପଣକରି
ନିଜକୁ ଧନ୍ୟ ମନେକରୁଛି -

॥ ଇତି ॥

ଚରଣାଶ୍ରିତ **ରଘୁନାଥ**

Digitized by srujanika@gmail.com

- ମନକଥା -

ଗ୍ରନ୍ଥାବଳୀଟିଏ ପ୍ରକାଶ କରିବା ମୋର ଶେଷ ଇଚ୍ଛା ଥିଲା । ଭଗବାନ ଶ୍ରୀ ସତ୍ୟସାଇବାବାଙ୍କ ଅପାର କରୁଣାବଳରେ, ତାହା ଆଜି ସଫଳ ହେବାକୁ ଯାଉଛି । ସେଥିପାଇଁ ମୋର ଆନନ୍ଦର ସୀମା ନାହିଁ । ଜୀବନରେ ବହୁଘାତ, ପ୍ରତିଘାତ, ମଧ୍ୟରେ ପିଲାଟିଦିନରୁ ଏ ଯାବତ୍ କଳାର ସାଧନା କରି ଆସୁଅଛି । ଦକ୍ଷିଣ ଓଡ଼ିଶାରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଉପେକ୍ଷିତ । ଏହାର ଚରମ ବିକାଶ ପାଇଁ ଦୀର୍ଘ ୫୫ ବର୍ଷ ଧରି ଦକ୍ଷିଣ ଓଡ଼ିଶାର ସାଂସ୍କୃତିକ ରାଜଧାନୀ ବ୍ରହ୍ମପୁର ସହରରେ ଆପ୍ରାଣ ଉଦ୍ୟମ କରି ଆସୁଅଛି । ସବୁ ସମୟରେ କଳାପ୍ରେମୀ ଜନସାଧାରଣଙ୍କର ଅକୁଣ୍ଠିତ ସାହାଯ୍ୟ ପାଇ ଆସିଅଛି । ସେମାନଙ୍କ ନିକଟରେ କୃତଜ୍ଞତା ପ୍ରକାଶ କରିବା ପାଇଁ ମୋ ପାଖରେ ଭାଷା ନାହିଁ ।

ବ୍ରହ୍ମପୁର ସହରରେ ପଚାଶଦଶକରେ ଯେଉଁ ବନ୍ଧୁ ମଞ୍ଚକଳାର ବିକାଶପାଇଁ ପ୍ରଥମେ ମୋ ସହିତ ସହଯୋଗ କରିଥିଲେ, ସେ ହେଉଛନ୍ତି ଉତ୍କଳ ସମ୍ମିଳନୀର ସଭାପତି ଶ୍ରୀ ବସନ୍ତ କୁମାର ପାଣିଗ୍ରାହୀ । ତାହାଙ୍କ ସହିତ ମିଶି ବହୁ ଓଡ଼ିଆ ନାଟକ ମଞ୍ଚସ୍ଥ କରିଛି । ଗଞ୍ଜାମ କଳାପରିଷଦ ଗଢ଼ିବାରେ, ବସନ୍ତ ବାବୁଙ୍କ ସହିତ ସହଯୋଗ କରିଛି । ଗଞ୍ଜାମ ଜିଲ୍ଲା ମଞ୍ଚକଳାକାର ସମ୍ମିଳନୀ ଗଢ଼ି, ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ ଦୀର୍ଘ ୯ ବର୍ଷ ଧରି କରିଛି । ସେ ଅନୁଷ୍ଠାନ ଆଜିକି ୧୭ ବର୍ଷ ଧରି ନାଟକ ମହୋତ୍ସବ କରିଆସୁଛି । ସେଥିପାଇଁ ସାଧାରଣ ସମ୍ପାଦକ ଶ୍ରୀ ରମେଶ ଚନ୍ଦ୍ର ମହାରଣାଙ୍କୁ ସାଙ୍ଗଠନିକ ଶିକ୍ଷା ଦେଇଛି । ତାଙ୍କର ମୋ ସହିତ ସମସ୍ତ ସହଯୋଗ, ଭୁଲିପାରିବି ନାହିଁ । ବ୍ରହ୍ମପୁର ସହରରେ ଚାରୋଟି ବ୍ୟବସାୟିକ ରଙ୍ଗମଞ୍ଚ ଗଢ଼ି, ବର୍ଷସାରା ନାଟକ ମଞ୍ଚସ୍ଥ କରିଛି । ଏଥିପାଇଁ ବହୁତ ବନ୍ଧୁ ମୋତେ ଉତ୍ସାହିତ କରିଛନ୍ତି । ବର୍ତ୍ତମାନ ବ୍ରହ୍ମପୁର କ୍ୟାଥେଲିକ୍ ଧର୍ମ ପ୍ରଦେଶର ବିଶପ ଯୋସେଫ୍ ଦାସଙ୍କ ନିକଟରେ ମୁଁ କୃତଜ୍ଞ । ଦୀର୍ଘ ୫୦ ବର୍ଷ ଧରି ଯେଉଁମାନେ ମୋ ସହିତ ପୂର୍ଣ୍ଣ ସହଯୋଗ କରିଆସିଛନ୍ତି, ସେମାନେ ହେଲେ ୰ ରଘୁନାଥ ବେହେରା ବରିଷ୍ଠ କଳାକାର ଶ୍ରୀ ବିଜୟ ଚନ୍ଦ୍ର ପାଢ଼ୀ, ବର୍ତ୍ତମାନ ଷ୍ଟେଟ୍‌ବ୍ୟାଙ୍କରେ କାର୍ଯ୍ୟରତ । ଶ୍ରୀମତୀ ସ୍ୱର୍ଣ୍ଣପ୍ରଭା ସ୍ୱୟଂସିଦ୍ଧା, ସ୍ୱର୍ଯ୍ୟନାରାୟଣ ବେହେରା, ମେଜର ରମାରମଣ ପାଢ଼ୀ, ଦଣ୍ଡପାଣି ଦାଶଙ୍କ ନିକଟରେ ମୁଁ କୃତଜ୍ଞ । ପୂର୍ବତନ ନଗରପାଳ ଓ ବର୍ତ୍ତମାନର କେନ୍ଦ୍ରମନ୍ତ୍ରୀ ଶ୍ରୀ ଚନ୍ଦ୍ରଶେଖର ସାହୁ, ଏମ୍. ଏଲ୍. ଏ. ଡାକ୍ତର ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକଙ୍କ ସହଯୋଗ ଜୀବନରେ ଭୁଲିପାରିବି ନାହିଁ । ରେଭେରେଣ୍ଡ୍ ଫାଦେର୍ ରବୀନ୍ଦ୍ର ସ୍ୱାଲସିଂ, ରବୀନ୍ଦ୍ର କୁମାର ନାୟକ, ମଞ୍ଚ ନିର୍ଦ୍ଦେଶକ

Digitized by srujanika@gmail.com

ନାଟ୍ୟ ପ୍ରଦୀପ ଶ୍ରୀ ମଦନ ମୋହନ ମିଶ୍ର, ଜଗନ୍ନାଥ ଚିତ୍ରାଳୟର ମାଲିକ ଶ୍ରୀ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଶବ୍ଦ ଆଲୋକର କୁଶଳୀ କାରିଗର ଶ୍ରୀଗୌରୀ ଶଙ୍କର ଚୌଧୁରୀଙ୍କ ନିକଟରେ ମୁଁ କୃତଜ୍ଞ । ବର୍ତ୍ତମାନ ପରଣତବୟସରେ, ବାର୍ଦ୍ଧ୍ୟକଜନିତ ବ୍ୟାଧିରେ ପୀଡ଼ିତ ହୋଇ ମଧ, କଳାର ସାଧନା ପାଇଁ ଯେଉଁମାନେ ମୋତେ ଉତ୍ସାହିତ କରିଆସୁଛନ୍ତି, ମଞ୍ଚ ନିର୍ଦ୍ଦେଶକ, ପ୍ରବୀଣ କଳାକାର ବରିଷ୍ଠ ପ୍ରବନ୍ଧକ (ଇଣ୍ଡିଆନ୍ ଓଭର୍‌ସିଜ୍ ବ୍ୟାଙ୍କ) ଶ୍ରୀ ପ୍ରଫୁଲ୍ଲ କୁମାର ମହାପାତ୍ରଙ୍କ ନିକଟରେ ମୁଁ କୃତଜ୍ଞ । ଏ ଗ୍ରନ୍ଥାବଳୀ ହେଉଛି ତାଙ୍କର ପରିକଳ୍ପନା । ବରିଷ୍ଠ ଆଇନଜୀବୀ, କଳାର ପୂଜାରୀ ଶ୍ରୀ ଲିଙ୍ଗରାଜ ଜେନା ଯେଉଁଭଳି ଭାବେ ମୋତେ ଉତ୍ସାହିତ କରୁଛନ୍ତି, ତାହା ଭୁଲିପାରିବି ନାହିଁ । ଯୁବକଳାକାର ସାହିତ୍ୟିକ ମୋର ପୁତ୍ର ପ୍ରତିମ୍ ଶ୍ରୀ ମିହିର କୁମାର ତ୍ରିପାଠୀ, ଯେ କି ମୋର ସୃଷ୍ଟି ଓ ଦୃଷ୍ଟି ଉପରେ ଗବେଷଣାରତ, ତାଙ୍କର ସହଯୋଗ ଓ ଉତ୍ସାହ ଭୁଲିବାର ନୁହଁ ।

ଏହିଭଳି ତାଲିକାଟିଏ ଦୀର୍ଘ ୫୫ ବର୍ଷର ଯଦି ଲେଖିବସିବି, ତାହାହେଲେ ଏକ ପୁସ୍ତକ ହେବ । ସର୍ବଶ୍ରୀ ପ୍ରଦୀପ୍ତ କୁମାର ପଣ୍ଡା (ବୁଲୁ), ଇଂ ମନୋଜ ଦଣ୍ଡପାଟ, ଶ୍ରୀ ବିଚିତ୍ରାନନ୍ଦ ବେବର୍ତ୍ତା, ଶ୍ରୀ ନଗେନ୍ଦ୍ର ପ୍ରସାଦ ଲାଲ, ଶ୍ରୀ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଶ୍ରୀ ଆଶୋକ କୁମାର ଜେନା ପ୍ରଭୃତି କଳାକାର, କଳାପ୍ରେମୀ ବନ୍ଧୁମାନେ ଏବେ ମଧ ମୋର ନାଁକୁ ଉଜ୍ଜିବୀତ କରି ରଖିବା ପାଇଁ ଆପ୍ରାଣ ଉଦ୍ୟମ କରି ଚାଲିଛନ୍ତି । ପ୍ରଫେସର୍ ପ୍ରହଲ୍ଲାଦ ପଣ୍ଡାଙ୍କ ନିକଟରେ ମୁଁ କୃତଜ୍ଞ ।

ଏହି ଗ୍ରନ୍ଥାବଳୀର ଅକ୍ଷରସଜ୍ଜା ଓ ଅଙ୍ଗସଜ୍ଜା ପାଇଁ ଯୁବବନ୍ଧୁ ଶ୍ରୀ ବ୍ରଜକିଶୋର ଦାସ ବହୁ କଷ୍ଟ ସ୍ୱୀକାର କରିଛନ୍ତି । ଶିବଶଙ୍କର ରୁଲିଂ ଏଣ୍ଡ୍ ବାଇଣ୍ଡିଂ ଓ୍ୱାର୍କସ୍‌ର ମାଲିକ ଶ୍ରୀ ବିଜୟ କୁମାର ବେହେରା, ଏହାର ମୁଦ୍ରଣ ଦାୟିତ୍ୱ ନେଇଥିବାରୁ, ଏ ସମସ୍ତଙ୍କ ନିକଟରେ ମୁଁ କୃତଜ୍ଞତା ଜ୍ଞାପନ କରୁଛି । ମୋର କଳାକାର ବନ୍ଧୁ, ଅଭିନେତା, ଅଭିନେତ୍ରୀ, ଶୁଭେଚ୍ଛୁଗଣ, ସମସ୍ତଙ୍କର ମଙ୍ଗଳ କାମନା କରିବା ସଙ୍ଗେ ସଙ୍ଗେ, ନିରାମୟ ଦୀର୍ଘ ଜୀବନ କାମନା କରୁଅଛି ।

|| ଇତି ||

ବ୍ରହ୍ମପୁର

ରଘୁନାଥ ମିଶ୍ର

ତା : ୧୫.୧୨.୦୬

Digitized by srujanika@gmail.com

ସେମାନେ ଯାହା କହନ୍ତି ....

ଶ୍ରୀ ବସନ୍ତ କୁମାର ପାଣିଗ୍ରାହୀ (ସଭାପତି, ଉତ୍କଳସମ୍ମିଳନୀ) :

ବ୍ରହ୍ମପୁର ନାଟ୍ୟ ଜଗତର କର୍ଣ୍ଣଧାର, ଗୀତ ରଚୟିତା, ସ୍ୱର ସଂଯୋଜକ, ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କୁ ମୁଁ ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ଧରି ଜାଣେ । ବ୍ରହ୍ମପୁରରେ ନାଟକ କହିଲେ କାଁ, ଭାଁ, ଛାଡ଼ିଦେଲେ ସେ ସର୍ବେସର୍ବା । ୫୦ବର୍ଷ ଧରି ମୁଁ ଦେଖିଆସିଛି, ରଘୁନାଥ ଓ ନାଟକ କେବେ ପୃଥକ ହୋଇନାହାନ୍ତି । ରଘୁମିଶ୍ରଙ୍କ ଜୀବନରେ ଥକିବାର ପ୍ରଶ୍ନ ନାହିଁ । ନାଟ୍ୟଜଗତର ଏହି ସାରଥୀ ବହୁ ନାଟକ, ସିନେମା, ସଙ୍ଗୀତର ସୃଷ୍ଟିକର୍ତ୍ତା ବହୁ କଳାକାର ସୃଷ୍ଟି କରିଛନ୍ତି ମଧ । ବ୍ରହ୍ମପୁର କଳାପ୍ରେମୀ ସମାଜ କେବେ ରଘୁବାବୁଙ୍କୁ ଭୁଲି ପାରିବେ ନାହିଁ ।

ପ୍ରଫେସର ପ୍ରହଲ୍ଲାଦ ପଣ୍ଡା :

ଆମ ରାଜ୍ୟରେ ନାଟକ କ୍ଷେତ୍ରରେ ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କୁ ଏକ ଅଦ୍ୱିତୀୟ ସ୍ଥାନ ଦିଆଯାଏ । ପ୍ରାଚୀନ ପରମ୍ପରା ଓ ଆଧୁନିକ ଜୀବନଶୈଳୀ ତଥା ସାମାଜିକ ପରମ୍ପରା ମଧ୍ୟରେ ଯୋଗସୂତ୍ର ରକ୍ଷା କରିଥିବା ତାଙ୍କୁ ଏକ ବିପ୍ଳବୀ ନାଟ୍ୟକାର ଭାବେ ସ୍ୱୀକୃତି ଦିଆଯାଏ । ସତ୍ୟ ସାଇବାବାଙ୍କ ଚରିତ୍ର ସେ ଯେପରି ଭାବରେ ଲେଖିପାରନ୍ତି, ଶିଳ୍ପ ବିପ୍ଳବୀ, ଶ୍ରମଜୀବୀଙ୍କ ଆନ୍ଦୋଳନ ଚିତ୍ରଣରେ ତାଙ୍କ ଲେଖନୀ ମଧ ସେଭଳି ଭାବେ ସଫଳ । ବ୍ରହ୍ମପୁର ଗଞ୍ଜାମରେ ନାଟ୍ୟ ପରମ୍ପରା ଯେତେବେଳେ କ୍ଷୀଣତର ସେ ଭଳି ଏକ ସମୟରେ ତାଙ୍କର ଉପସ୍ଥିତି, କଳାପ୍ରେମୀମାନଙ୍କୁ ଅସ୍ୱାଭାବିକ ଭାବେ ଉତ୍ସାହିତ କରିଅଛି । ବ୍ରହ୍ମପୁର ସହରରେ ଯେଉଁ ସାଂସ୍କୃତିକ ଶୂନ୍ୟତା ସୃଷ୍ଟି ହୋଇଥିଲା, ତାହା ପୂରଣ କରିବାରେ ସେ ସକ୍ଷମ ହୋଇଛନ୍ତି ।

Digitized by srujanika@gmail.com

ଶ୍ରୀ ଲିଙ୍ଗରାଜ ଜେନା (ସଭାପତି, ନାଟ୍ୟଶ୍ରୀ କଳା ଆରାଧନା ସମିତି) :

ନାଟ୍ୟଶ୍ରୀ ରଘୁନାଥ ମିଶ୍ର ମୋର ନାଟ୍ୟଗୁରୁ, ଶ୍ରଦ୍ଧାରେ ତାଙ୍କ ଶିଷ୍ୟମାନେ ତାଙ୍କୁ ନାଟ୍ୟଜଗତର ଭୀଷ୍ମପିତାମହ ବୋଲି ଡାକିଥାନ୍ତି । ସମସ୍ତ ସମ୍ମାନ ଓ ଶ୍ରଦ୍ଧା ସେ ଭଗବାନ ସତ୍ୟ ସାଇବାବାଙ୍କ ଚରଣରେ ଅର୍ପଣ କରନ୍ତି । ସାରା ଜୀବନ କଳାର ସାଧନା କରି, ଏବେ ମଧ୍ୟ ଅଶୀବର୍ଷ ବୟସରେ ବିଶ୍ରାମ ନେଇନାହାନ୍ତି, ତାହା ମୋତେ ଆଶ୍ଚର୍ଯ୍ୟାନ୍ୱିତ କରେ । ଏଭଳି ଜଣେ ସାଧକଙ୍କୁ, ଏ ଜାତି ଚିହ୍ନିପାରି ନାହିଁ, ତାହାହିଁ ଦୁଃଖଦାୟକ ।

ଡ. ଶାନ୍ତନୁ କୁମାର ରଥ (ନିର୍ଦ୍ଦେଶକ, ଆକାଶବାଣୀ, ବ୍ରହ୍ମପୁର) :

ନାଟକ ପାଇଁ ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ଜୀବନ ଏକପ୍ରକାର ସମର୍ପିତ । ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସେ ଗଞ୍ଜାମ ଜିଲ୍ଲାରେ ନାଟକ ରଚନା ଓ ନିର୍ଦ୍ଦେଶନା ଓ ଅଭିନୟର ପରମ୍ପରାଟିଏ ଚଳାଇ ରଖିଛନ୍ତି । ନାନା ଅସୁବିଧା ସତ୍ତ୍ୱେ ସେ ଯେଉଁ ସାହାସ କରି ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି ତାହା ବିସ୍ମୟକର । ନିଜ ନାଟକ, ଚଳଚ୍ଚିତ୍ର ଓ ଅଡ଼ିଓ କ୍ୟାସେଟ୍ ପାଇଁ ସେ ଗୀତ ରଚନା କରିଛନ୍ତି, ଏ ସମସ୍ତ ଦୃଷ୍ଟିରୁ ବିଚାର କଲେ, ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କର ଜୀବନ ନାଟକ, କଳା ଓ ଚଳଚ୍ଚିତ୍ର ପାଇଁ ଏକ ସମର୍ପିତ ଜୀବନ । ଉତୀର୍ଣ୍ଣ ବୟସରେ ତାଙ୍କର ଉତ୍ସାହ, ଉଦ୍ଦୀପନା କିଛି କମିନାହିଁ । ଶରୀରର ଅସହଯୋଗକୁ ମନ ସ୍ୱୀକାର କରୁନାହିଁ । ତାଙ୍କ ଶିରା, ପ୍ରଶିରାରେ ବହୁଛି ନାଟକ । ତାଙ୍କ ଦୃଷ୍ଟିର ଦିଗ୍‌ବଳୟରେ ଦିଶୁଛି ନାଟକ । ନାଟକ, ନାଟକ ... ଏଇ ହେଉଛି ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ଜୀବନାଲେଖ୍ୟ ।

ମେଜର୍ ରମାରମଣ ପାଢ଼ୀ (ଅଧ୍ୟକ୍ଷ, ହିଞ୍ଜିଳିକାଟୁ, ବିଜ୍ଞାନ ମହାବିଦ୍ୟାଳୟ) :

ଓଡ଼ିଆ ନାଟ୍ୟ ସାହିତ୍ୟକୁ, ଚଳଚିତ୍ର ଜଗତକୁ ତଥା ଗୀତି କବିତାର ନିର୍ଝରଣୀକୁ ତାଙ୍କର ପ୍ରତିଟି ଅବଦାନ ଗୋଟିଏ ଗୋଟିଏ ମାଇଲ୍‌ଖୁଣ୍ଟ ଭଳି । ବାସ୍ତବିକ୍ ସେ ଜଣେ ଐତିହାସିକ ଅନୁଷ୍ଠାନ । କଳାକାର, ନାଟ୍ୟକାର, ନିର୍ଦ୍ଦେଶକ, କଣ୍ଠଶିଳ୍ପୀ ସୃଷ୍ଟି କରୁଥିବା ଐତିହାସିକ କାରଖାନା । ତାଙ୍କର ଅନ୍ୟ ଏକ ସୁଗୁଣ ହେଲା, ସେ ପ୍ରତିଭାର ଚିହ୍ନରା । ଏହା ହେଉଛି ନାଟ୍ୟଶ୍ରୀଙ୍କର ଅନନ୍ୟ ବ୍ୟକ୍ତିତ୍ୱ ।

ଶ୍ରୀ ପ୍ରଫୁଲ୍ଲ କୁମାର ଚୌହାନ (ମଞ୍ଚ ନିର୍ଦ୍ଦେଶକ, ବେତନଟୀ, ମୟୂରଭଞ୍ଜ) :

ନାଟ୍ୟଶ୍ରୀ ରଘୁନାଥ ମିଶ୍ର ହେଉଛନ୍ତି ଦକ୍ଷିଣ ଓଡ଼ିଶାର ସୂର୍ଯ୍ୟ । କେବଳ ଦକ୍ଷିଣ ଓଡ଼ିଶା କହିଲେ ତାଙ୍କ ପରିଚୟ ଅସମ୍ପୂର୍ଣ୍ଣ ରହିଯିବ । ସେ ସମଗ୍ର ଓଡ଼ିଶା ଓ ପଡ଼ୋଶୀ ଆନ୍ଧ୍ର ପ୍ରଦେଶରେ ପରିଚିତ । କଳାକାରମାନଙ୍କୁ ସେ ଯଥେଷ୍ଟ ସମ୍ମାନ ଦିଅନ୍ତି । ନୂତନ ସୃଷ୍ଟି ସର୍ଜନା ତାଙ୍କର ଲକ୍ଷ୍ୟ । ସେହି ଲକ୍ଷ୍ୟର ପୂର୍ଣ୍ଣ ବିକାଶ ପାଇଁ

Digitized by srujanika@gmail.com

ସେ କେବେ କୁଣ୍ଠା ପ୍ରକାଶ କରିନାହାନ୍ତି । ରଙ୍ଗମଞ୍ଚ, ଚଳଚିତ୍ରର ସେ ଜଣେ ବଳିଷ୍ଠ ନିର୍ଦ୍ଦେଶକ । ମିଠା, ମିଠା ସ୍ୱରରେ ଉପଦେଶ ଦେଇ, ପ୍ରଥମ ସର୍ଟ ଗୁଡ଼ି ଓ.କେ. କରିବାରେ ସେ ଧୂରୀଣ । ପରମେଶ୍ୱରଙ୍କ ନିକଟରେ ଏତିକି ପ୍ରାର୍ଥନା କରୁଛି, ତାଙ୍କ ପରି ଜଣେ ସର୍ବଶକ୍ତି ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ, କଳାଜଗତକୁ ଅବଦାନ ଦେବାକୁ, ଆଉକିଛି ସମୟ ଓ ସୁଯୋଗ ଦିଅନ୍ତୁ ।

ଶ୍ରୀ ବାସୁଦେବ ରଥ (ଚଳଚିତ୍ର, ସଙ୍ଗୀତ ନିର୍ଦ୍ଦେଶକ, ନିମଚଉଡ଼ି, କଟକ) :

ତାଙ୍କର ଅନେକ ଗୁଡ଼ିଏ ଚଳଛିତ୍ରର ସଙ୍ଗୀତ ନିର୍ଦ୍ଦେଶକ ମୁଁ । ତାଙ୍କ ଗୀତ ଲେଖାଗୁଡ଼ିକ ମୋତେ ଭଲଲାଗେ । ରଘୁଭାଇନା ଚଟାପଟ୍ ଗୀତ୍ ଲେଖି ଦିଅନ୍ତି । ଏକାଧାରରେ କାହାଣୀ ଲେଖିବା, ଚିତ୍ରନାଟ୍ୟ, ସଂଳାପ, ଗୀତ ଲେଖିବା ଓ ନିର୍ଦ୍ଦେଶନା ଦେବା ସବୁନିଜେ କରିଥାଆନ୍ତି । ଗଞ୍ଜାମ ଜିଲ୍ଲା କଳାକାରମାନଙ୍କୁ ସୁଯୋଗ ଦେବା ତାଙ୍କର ଲକ୍ଷ୍ୟ । ଆଉ ତାଙ୍କର ଭଲଗୁଣ, ପ୍ରଯୋଜକ ଯେପରି ଅଳ୍ପ ଖର୍ଚ୍ଚରେ ଚଳଛିତ୍ରଟିଏ କରିବେ ସେଥିପାଇଁ ସେ ଖୁବ୍ ବ୍ୟସ୍ତ । ଗର୍ବ, ଅହଂକାରବିହୀନ ଏହି ବ୍ୟକ୍ତିଙ୍କର ଚରଣତଳେ ମୋର ପ୍ରଣାମ ।

ଶ୍ରୀ ବିଜୟ ଚନ୍ଦ୍ର ପାଢ଼ୀ (ବରିଷ୍ଠ କଳାକାର) :

ନାଟ୍ୟଶ୍ରୀ ରଘୁନାଥ ମିଶ୍ର ମୋର ଖାଲି ନାଟ୍ୟଗୁରୁ ନୁହନ୍ତି, ସେ ମୋର କର୍ମଗୁରୁ । ଛାତ୍ର ଜୀବନରେ ତାଙ୍କର ବହୁ ନାଟକରେ ଅଭିନୟ କରିଛି । ଟିକଟ ବିକି, ଚାନ୍ଦା ଆଦାୟ ପାଇଁ ଦ୍ୱାରା ଦ୍ୱାର ବୁଲିଛି । କିପରି ନିଷ୍ଠାପର ଭାବରେ କିଛି କରିବାକୁ ହୁଏ, ତାଙ୍କଠାରୁ ଶିଖିଛି । ତାଙ୍କ ନାଟକରେ ବହୁତ କିଛି ଶିକ୍ଷଣୀୟ ବିଷୟ ରହିଛି । ତାଙ୍କ ଗୀତରେ ପୁଲକ ଭରି ରହିଛି । ଜୀବନର ଶେଷ ଅଧ୍ୟାୟରେ ପହଞ୍ଚିବି ସେ ଯେପରି କଳାର ସେବା କରୁଛନ୍ତି, ଯୁବପିଢ଼ୀ ତାଙ୍କଠାରୁ ଶିଖିବା ଉଚିତ ।

ଶ୍ରୀମତୀ ସ୍ୱୟଂସିଦ୍ଧା ସ୍ୱର୍ଣ୍ଣପ୍ରଭା ପାଢ଼ୀ (ଔପନ୍ୟାସିକା) :

ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କୁ କିଏ ବା ନଜାଣେ । ଶତାଧିକ ନାଟକ ସେ ଲେଖିଛନ୍ତି । ନାଟ୍ୟଜଗତର ଭୀଷ୍ମପିତାମହ । କେତେ ମଞ୍ଚରେ ସେ ନିର୍ଦ୍ଦେଶନା ଦେଇଛନ୍ତି, ତା'ର ହିସାବ ନାହିଁ । କେତେ ଅନୁଷ୍ଠାନ ଗଢ଼ି ତୋଳିଛନ୍ତି, ତା'ର କଳନା ନାହିଁ । କେତେ ନାଟ୍ୟକାର ସୃଷ୍ଟି କରିଛନ୍ତି, ତା'ର ଗଣନା ନାହିଁ । ଆଜି ପରିଣତ ବୟସରେ ମଧ ତାଙ୍କର ନାଟକ କରିବା ନିଶା ମଉଳିନାହିଁ । ମୁଁ ତାଙ୍କ ସାନଭଉଣୀ । ସେ ମୋର ରଘୁଭାଇନା । ଅଳ୍ପ କିଛି କରି ଆମେ ନିଜ ଢ଼ୋଲ ନିଜେ ପିଟୁଛୁ । କିଏ ଚିହ୍ନିଚି ଆମକୁ । ଆମେ କ'ଣ ମନେରଖିଛୁ ତାଙ୍କୁ । ଏବେ

Digitized by srujanika@gmail.com

ମଧ କଣ୍ଠରେ ତରଙ୍ଗାୟିତ ହୋଇଉଠେ ତାଙ୍କର ଗୀତ ସବୁ । ତାଙ୍କର ରଚନା, ତାଙ୍କର ନିର୍ଦ୍ଦେଶନା ସତରେ କି ଶ୍ରୁତି ମଧୁର । ତାଙ୍କର ଚଳଚ୍ଚିତ୍ର ଗୁଡ଼ିକୁ ଭୁଲି ହୁଏନା । ହେ ନମସ୍ୟ, ମୋ ପ୍ରଣାମ ଘେନନ୍ତୁ ।

ଶ୍ରୀ ପ୍ରଫୁଲ୍ଲ କୁମାର ମହାପାତ୍ର (ବରିଷ୍ଠ ମଞ୍ଚ ନିର୍ଦ୍ଦେଶକ ଓ ପ୍ରବୀଣ କଳାକାର) :

ନାଟ୍ୟଶ୍ରୀ ରଘୁନାଥ ମିଶ୍ରଙ୍କ ସମ୍ପର୍କରେ ମୁଁ କ'ଣ ଲେଖିବି । ଜୀବନରେ ବହି ଆସିଲାଣି ଅଶୀଟି ବସନ୍ତ । ତଥାପି ବିଶ୍ରାମ ନେଇନି ତାଙ୍କର ଲେଖନୀ । ବିଶ୍ରାମ ନେଇନି ତାଙ୍କର ଜରାଜୀର୍ଣ୍ଣ ଅବଶ ଶରୀର । ଆଜି ବି ଲେଖିଚାଲିଛନ୍ତି, ଗୋଟିକ ପରେ ଗୋଟିଏ ନାଟକ । ମନରେ ରହିଛି ପ୍ରଚଣ୍ଡ ଉଦ୍ଦାମତା, ଯୁବକର ଅସୀମ ଶକ୍ତି । ଏକା ଏକା ଅର୍ଥ ସଂଗ୍ରହ କରି, କଳାକାର ଯୋଗାଡ଼ କରି, ମଞ୍ଚସ୍ଥ କରି ଚାଲିଛନ୍ତି ଗୋଟିକ ପରେ ଗୋଟିଏ ନାଟକ । କି ଅଟଳ ଶକ୍ତି, କି ଅଦମ୍ୟ ପ୍ରୟାସ, କି ଅସୀମ ଧୈର୍ଯ୍ୟ । ତାଙ୍କର ନାଟକ ଲେଖା ମୋତେ ହତ୍‌ଚକିତ କରିଛି । ଦୁଇ ତିନିଦିନ, ଏପରିକି ମାତ୍ର ୧୮ ଘଣ୍ଟା ଅବଧି ଭିତରେ, ସେ ଯେ ନାଟକଟିଏ ଲେଖି ପାରନ୍ତି, ଏହା ସବୁଠାରୁ ଆଶ୍ଚର୍ଯ୍ୟ ବିଷୟ । ତାଙ୍କର ଅଧିକାଂଶ ନାଟକ ପଢ଼ିଛି, ଦେଖିଛି ତାଙ୍କ ନାଟକରେ ସାମ୍ୟବାଦର ସ୍ୱର । ସମାଜ ଭିତର ସଂଘର୍ଷ ଦ୍ୱାରା ଆବିଷ୍କୃତ ହୁଏ ତାଙ୍କର ନାଟ୍ୟ କାହାଣୀ । ଯାହା ସମାଜର ବାସ୍ତବଦୃଶ୍ୟ, ଦୈନନ୍ଦିନ ଘଟଣା, ତାହା ତାଙ୍କ ନାଟକର ବିଷୟବସ୍ତୁ । ସୁତରାଂ ନାଟ୍ୟଶ୍ରୀଙ୍କ ନାଟକଗୁଡ଼ିକ ସ୍ୱୟଂସମ୍ପୂର୍ଣ୍ଣ ଏବଂ ସାଧାରଣ ଜନତାର ହୃଦୟ ସ୍ପର୍ଶୀ । ଧନ୍ୟ ତୁମେ ନାଟ୍ୟଶ୍ରୀ ! ଶତଧନ୍ୟ ତୁମର ଅଦମନୀୟ ପ୍ରୟାସ ।

ଶ୍ରୀ ନିତ୍ୟାନନ୍ଦ ଦାଶ (ବରିଷ୍ଠ ହାସ୍ୟ ଅଭିନେତା, ପୁରୀ) :

ଆପଣଙ୍କ ଜୀବନୀ ବିଷୟରେ ଏ ପର୍ଯ୍ୟନ୍ତ ଯେତିକି ମୁଁ ଜାଣିଛି, କହି ବସିଲେ ରାତି ଅଣ୍ଟିବନି । ଗୁଣ, ଗାରିମା ଲେଖି ବସିଲେ ଇତିହାସ ହେବ । ଯେତେ ଝଡ଼, ଝଞ୍ଜା ଆସିଲେ ମଧ ସେ ସବୁକୁ ଅବିଚଳିତ ଭାବେ ସହ୍ୟକରି, ନିରବଚ୍ଛିନ୍ନ ସାଧନା ବଳରେ ଜଣେ ବ୍ୟକ୍ତି କିପରି ଓଡ଼ିଶା ଭିତରେ, ଓଡ଼ିଶା ବାହାରେ ନେତା, ଅଭିନେତା, ନାଟ୍ୟକାର, ଗୀତିକାର, ନିର୍ଦ୍ଦେଶକ, ପ୍ରଯୋଜକ, ସଙ୍ଗଠକ ଭାବେ ଖ୍ୟାତି ଅର୍ଜନ କରିପାରେ ତା'ର ଉଦାହରଣ ହେଉଛନ୍ତି ନାଟ୍ୟଶ୍ରୀ ରଘୁନାଥ ମିଶ୍ର । ଏ ପର୍ଯ୍ୟନ୍ତ ଯେତେ କଳାକାର ସୃଷ୍ଟି କରିଛନ୍ତି ସେମାନଙ୍କ ଭିତରୁ ମୁଁ ଜଣେ । ତାଙ୍କର ଉପଦେଶ, ଆଶିଷ ମୋ କଳାକାର ଜୀବନର ପାଥେୟ ହୋଇଛି ।

୦୦୦

Digitized by srujanika@gmail.com

ସଂକ୍ଷିପ୍ତ ଜୀବନାଲେଖ୍ୟ :

ସାଧକର ସାଧନା ନିଷ୍ଠାର ସହିତ ରହିଲେ ଲକ୍ଷ୍ୟ ସିଦ୍ଧି ହେବା ନିଶ୍ଚିତ । ଅଭାବ, ଅନାଟନ, ଲକ୍ଷ୍ୟ ରାସ୍ତାରେ ପ୍ରତିବନ୍ଧକ ହୋଇ ଦେଖା ଦେଲେ ବି ସାଧକର ମନୋବଳ ଦୃଢ଼ ଥିଲେ ସେ ଯେ, ଲକ୍ଷ୍ୟ ସ୍ଥଳରେ ପହଞ୍ଚିବ ଏହାକୁ ପ୍ରମାଣ କରିଛନ୍ତି 'ଜଣେ ନୀରବ ସାଧକ' ଯେକି, ବ୍ରହ୍ମପୁର ସହରରେ ପରିଚିତ ନାଟ୍ୟଶ୍ରୀ ରଘୁନାଥ ମିଶ୍ର ଭାବେ । କିଛି ମଧ୍ୟମ ବୟସ୍କଙ୍କ ପାଖେ ସେ ପରିଚିତ ମଉସା ଭାବେ ତ ଅନ୍ୟ ସମ ବୟସ୍କମାନେ ଡାକନ୍ତି ରଘୁ ଭାଇନା, ଆଉ ବାକିମାନେ କୁହନ୍ତି ନାଟ୍ୟଶ୍ରୀ ରଘୁମିଶ୍ର । ସାଧନାର ନିଷ୍ଠା ଉପରେ ସିଦ୍ଧି ଲାଭ ନିର୍ଭର କରେ ତାହା ଏହି ଅଶୀବର୍ଷ ବୟସ୍କ ବୃଦ୍ଧ କଳାକାରଙ୍କ ଜୀବନରୁ ଶିକ୍ଷଣୀୟ ।

ରୋଗ ଭଲ କରିବା ଯାହାର ଥିଲା ପେଶା, ନାଟକ ଲେଖିବା ଓ ମଞ୍ଚସ୍ଥ କରିବା ହେଲା ତାଙ୍କର ନିଶା । ଆଜି ଏହି ପରିଣତ ବୟସରେ ମଧ୍ୟ ସେ ନିଶାରେ ମସ୍‌ଗୁଲ ଅଛନ୍ତି କଳା ବିଦ୍ୟାର ସାଧନା ପାଇଁ । ମୁଖ୍ୟତଃ ମଞ୍ଚକଳାର ବିକାଶ ସାଧନ ନିମନ୍ତେ । ରଙ୍ଗ ତାଙ୍କୁ ଜାବୁଡ଼ି ଧରିଛି । ରସିକ ବ୍ୟକ୍ତି । ରସ ପିପାସୁ । ତେଣୁ ବହୁ ସୁନାମ ଅନେକ ଆକର୍ଷଣୀୟ ଉପକରଣର ମୋହରେ ସେ ବାନ୍ଧି ହୋଇପାରିଲେ ନାହିଁ । କାଳି-କଲମର ନିଶା, ନାଟୁଆ ହେବାର ଲୋଭ, ରଙ୍ଗମଞ୍ଚର ଆକର୍ଷଣ, ସବୁକୁ ଛିଣ୍ଡାଇ ଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । କଳାକାର ହେବାର ସୌଭାଗ୍ୟ ବିଭୂଦତ୍ତ ଏକ କଣିକା । ବିଶେଷ କୃପାର ଉତ୍ସ । ଯାହା ପାଖରେ ଏ ଚିନ୍ତାଧାରା ରହେ ସେ ଭାସିଯାଏ ମୋହଗ୍ରସ୍ତ ହୋଇ କଳା ପ୍ରସାର ଇଚ୍ଛାରେ । ସବୁପ୍ରକାର ପାର୍ଥିବ ସମ୍ପଦ ତୁଚ୍ଛ ହୋଇଯାଏ ସେଇମାନଙ୍କ ପାଖରେ । ତା'ର ଜ୍ୱଳନ୍ତ ଉଦାହରଣ ନାଟ୍ୟଶ୍ରୀ ରଘୁନାଥ ମିଶ୍ର । ନାଟକ ଥିଲା ଏବଂ ଅଛି ତାଙ୍କ ପାଇଁ ଜୀବନ । ହେଲେ ତାକୁ ଜୀବିକା କରି ହେଲାନି ।

ତାଙ୍କର ନଥିଲା କ'ଣ ? ରୋଗୀ ସେବାରେ ସୁନାମ, ଅଜସ୍ର ଅର୍ଥ ଉପାର୍ଜନ, ରାଜନୀତିରେ ସୁଖ୍ୟାତି, ବ୍ରହ୍ମପୁର ମ୍ୟୁନିସିପାଲଟିର କାଉନ୍‌ସିଲର, 'ଶ୍ରମିକ' ପତ୍ରିକାର ପ୍ରକାଶକ, ମୁଦ୍ରାକର, ସମ୍ପାଦକ, ନିର୍ଭୀକ ସାମ୍ବାଦିକ । ହେଲେ ଆଜି ସେ ସବୁ କିଛି ନାହିଁ, ଅଛି ଜଣେ କଳାକାରର ଦମ୍ଭ, ସ୍ୱାଭିମାନ । ଓଡ଼ିଆ ରଙ୍ଗମଞ୍ଚକୁ ଧରି ରଖିଥିବା ଜଣେ ଖ୍ୟାତିସମ୍ପନ୍ନ, ନିର୍ଭୀକ ଅପ୍ରିୟ ସତ୍ୟ ପ୍ରକାଶ କରିବା ବ୍ୟକ୍ତି ବିଶେଷ, ସର୍ବୋପରି ହୋଇଛନ୍ତି ଏକ ଅନୁଷ୍ଠାନ, ଜଣେ ନୀରରବ ସାଧନାର ପଥିକ ନୀରବ ସାଧକ ।

ଏଭଳି ଜଣେ କଳାକାର, ନାଟ୍ୟକାର, କବି, ପ୍ରାବନ୍ଧିକ, ଚିକିତ୍ସକ,

Digitized by srujanika@gmail.com

ଗାଳ୍ପିକ, ଗୀତିକାରଙ୍କର ଜନ୍ମହୁଏ ୧୯୨୬ ମସିହା ଡିସେମ୍ବର ୨୧ ତାରିଖ ପୌଷମାସ ଗୁରୁବାର ଦିନ ବୀର ନରସିଂହପୁର ଗ୍ରାମରେ । ପିତା ସ୍ୱର୍ଗତ ଗୋପାଳଚନ୍ଦ୍ର ମିଶ୍ର ଓ ମାତା ରାଧାମଣୀ ଦେବୀ । ପିତାମାତାଙ୍କର ଏକମାତ୍ର ପୁତ୍ର ଯୋଗୁଁ ସେ ବହୁ ଆଦରରେ ବଢ଼ିଥିଲେ । ଏପରିକି ତାଙ୍କ ନନା, ଅବସର ସମୟରେ ତାଙ୍କୁ ମୁହୂର୍ତ୍ତକ ପାଇଁ ପାଖରୁ ଅନ୍ତର କରୁନଥିଲେ । ହେଲେ ମଣିଷର ସବୁଦିନ ସମାନ ଯାଏନାହିଁ । ମାତ୍ର ୧୪ ବର୍ଷ ବୟସରେ ନନାଙ୍କର ଅକାଳ ବିୟୋଗ ପରେ ତାଙ୍କର ସୁଖର ଦିନଗୁଡ଼ିକ କେମିତି କେମିତି ଆପଣାଛାଏଁ ହଜିଗଲେ । ଆଦରର ଦିନ ଗୁଡ଼ିକର ପରିସମାପ୍ତି ହେଲା । ବୋଉଙ୍କର ଏକମାତ୍ର ଭରସା ସେ ନିଜେ । ପିଲାଟି ଦିନରୁ ନାଟକରେ ଅଭିନୟ କରିବା, ଗୀତ ଗାଇବା ଆରମ୍ଭ ହୁଏ ଆଠ ବର୍ଷ ବୟସରୁ । ଯେହେତୁ ନନା ଥିଲେ ଜଣେ ଦକ୍ଷ କଳାକାର । ତାଙ୍କରି ପ୍ରେରଣା ହିଁ ନାଟ୍ୟକାରଙ୍କୁ 'ନାଟ୍ୟଶ୍ରୀ' ଉପାଧିରେ ଭୂଷିତ କରିପାରିଛି କହିଲେ ସତ୍ୟର ଅପଳାପ ହେବ ନାହିଁ । ଆମର କଥାରେ ଅଛି –''ଯା' ବାପା ଜାଣେ ଘୋଡ଼ା ଚଢ଼ା, ତା' ପୁଅ ବି ଜାଣେ ଥୋଡ଼ା ଥୋଡ଼ା ।'', ଅଥବା ''ବଳେରେ ପୁଅ ବଳେ ବାପଠୁଁ ପୁଅ ବଳେ'' ଏହି ନ୍ୟାୟରେ କଳାଟା ଆସିଥିଲା ନାଟ୍ୟଶ୍ରୀ ରଘୁମିଶ୍ରଙ୍କ ପାଖକୁ । ପ୍ରାଥମିକ ଶିକ୍ଷା ଭୁବନେଶ୍ୱର, ପରେ ଭକ୍ତକବି ମଧୁସୂଦନ ବିଦ୍ୟାପୀଠ ଓ ଭାର୍ଗବୀ ହାଇସ୍କୁଲ୍, ବୀର ନରସିଂହପୁରରେ ଅଧ୍ୟୟନ ଶେଷକରି ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ତତ୍‌କାଳୀନ ଆଇ.ଏ. ପଢ଼ି ସ୍ୱାସ୍ଥ୍ୟ ବିଭାଗରେ ଯୋଗଦାନ କରନ୍ତି ୧୯୪୭ ମସିହାରେ । କିନ୍ତୁ ସରକାରୀ ଚାକିରି ତାଙ୍କୁ ବେଶୀଦିନ ବାନ୍ଧିରଖି ପାରିଲାନି । ମାତ୍ର ଚାରିବର୍ଷ ପରେ ଚାକିରି ଛାଡ଼ିଦେଇ ବେସରକାରୀ ଚିକିତ୍ସା ଆରମ୍ଭ କରନ୍ତି । ୧୯୪୮ ମସିହା ଅକ୍ଟୋବର ପହିଲାଦିନ ସେ ବ୍ରହ୍ମପୁର ସହରରେ ପଦାର୍ପଣ କରନ୍ତି । ଏହି ସହରର ପାଣି, ପବନରେ ଭରି ରହିଛି ଦେଶ ପ୍ରୀତିର ମାଦକତା । ବହୁ କବି, ଜ୍ଞାନୀ, ଗୁଣୀ ଓ ଦେଶପ୍ରେମୀ ମାନଙ୍କର ଜନ୍ମସ୍ଥଳୀ ଏ ସହର । ଏଠାକୁ ଆସିବା ଦିନଠାରୁ ଆଜିଯାଏଁ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ସେ ଏ ସହରବାସୀଙ୍କର ସେବା କରି ସ୍ନେହ, ଶ୍ରଦ୍ଧାର ପାତ୍ର ହୋଇପାରିଛନ୍ତି କହିଲେ ଅତ୍ୟୁକ୍ତି ହେବନି ।

ସ୍ୱତନ୍ତ୍ର ଓଡ଼ିଶା ହେବାର ଅଳ୍ପ କେତେ ବର୍ଷ ହୋଇଥାଏ । ଆନ୍ଧ୍ରଭାଷୀଙ୍କର ପ୍ରଭାବ ଏ ସହରରେ ଅତିମାତ୍ରାରେ ଅନୁଭୂତ ହେଉଥାଏ । ଓଡ଼ିଆ ଭାଷାର ତଣ୍ଟିଚିପା ଅବସ୍ଥାରେ ଥାଏ । ଆନ୍ଧ୍ର ସଂସ୍କୃତିର ପ୍ରଭାବ ପ୍ରାବଲ୍ୟ ଭାବରେ ପରିଲକ୍ଷିତ ହେଉଥାଏ । ସେମାନେ ସେମାନଙ୍କର ନାଟକ ପରିବେଷଣ, ସଙ୍ଗୀତ ଗାନ, ସାହିତ୍ୟ ଆସର ପ୍ରଭୃତି ନୂଆବର୍ଷ ମାନଙ୍କରେ କରୁଥାନ୍ତି । ମ୍ୟୁନିସିପାଲଟିରେ

Digitized by srujanika@gmail.com

ମଧ୍ୟ ସେମାନଙ୍କର ସଂଖ୍ୟାଗରିଷ୍ଠତା ଥାଏ । ଫଳରେ ନଗରପାଳ ପଦବୀଟି ତାଙ୍କ ପାଖକୁ ଯିବା ସ୍ୱାଭାବିକ କଥା । ଶ୍ରୀମିଶ୍ରଙ୍କୁ ଏସବୁ ଓଡ଼ିଆ ବିରୋଧୀ କାର୍ଯ୍ୟକଳାପ ଦୁଃଖ ଦିଏ । ଫଳରେ ତାଙ୍କରି ପ୍ରଚେଷ୍ଟା ଏବଂ ଶ୍ରୀ ବସନ୍ତ କୁମାର ପାଣିଗ୍ରାହୀ ଯେ କି ସେ ସମୟରେ ଓକିଲାତି କରୁଥିଲେ (ବିଚ୍ଛିନ୍ନାଞ୍ଚଳ ମଞ୍ଜୁସାରୁ ଆସି) ତାଙ୍କ ନିକଟରେ ମଧ୍ୟ ଓଡ଼ିଆ ପ୍ରେମ ପ୍ରବାହିତ ହେଉଥିଲା । ଉଭୟେ ମିଶି ଓଡ଼ିଆ ନାଟକ ମଞ୍ଚସ୍ଥ କରିବା ଆରମ୍ଭ କରିଥିଲେ । ଏ ପ୍ରସଙ୍ଗରେ ବସନ୍ତ ବାବୁଙ୍କ କଥା କହିବାକୁ ବାଧ୍ୟ ହେଉଛି ଯେ, ସେ ଜଣେ ଦକ୍ଷ କଳାକାର, ମଞ୍ଚ ନିର୍ଦ୍ଦେଶକ, ଚଳଚ୍ଚିତ୍ର ଅଭିନେତା ଏବଂ ଜଣେ ଉତ୍ତମ ସଂଗଠକ । (ତାଙ୍କରି ନିର୍ଦ୍ଦେଶନାରେ ଏ ପ୍ରବନ୍ଧର ଲେଖକ ଅଭିନୟ କରିଛି) ବର୍ତ୍ତମାନ ବ୍ରହ୍ମପୁର ସହରରେ କବିସୂର୍ଯ୍ୟ ରଙ୍ଗମଞ୍ଚ ନିର୍ମାଣ କରି ସେ ଅନୁଷ୍ଠାନର ସଭାପତି ସାଙ୍ଗକୁ ଉତ୍କଳ ସମ୍ମିଳନୀର ସଭପତି ଭଳି ଗୁରୁଦାୟିତ୍ୱ ବହନ କରୁଛନ୍ତି । କଥାରେ ଅଛି ଗୁଣ ଚିହ୍ନେ ଗୁଣିଆ, ସୁନା ଚିହ୍ନେ ବଣିଆ, ଠିକ୍ ସେଇଭଳି ଏ ଦୁଇ ଆଗ୍ରହୀ ବ୍ୟକ୍ତିଙ୍କ ସଂଯୋଗ ମଣିକାଞ୍ଚନର ସଂଯୋଗ କହିଲେ ଅତ୍ୟୁକ୍ତି ହେବନାହିଁ । ଏହିମାନଙ୍କର ପ୍ରଚେଷ୍ଟାରେ ଓଡ଼ିଆ ନାଟକ ମଞ୍ଚସ୍ଥ ହେବା ସହିତ ଓଡ଼ିଆ ଭାଷାର ପ୍ରଚାର ପ୍ରସାର, ଓଡ଼ିଆ ନୂଆବର୍ଷରେ ସଙ୍ଗୀତ ସମ୍ମିଳନୀ ନାଟକ ମଞ୍ଚସ୍ଥ, ସାହିତ୍ୟ ଆସର ହେବାକୁ ଲାଗିଲା ବ୍ରହ୍ମପୁର ସହରରେ । ଫଳରେ ଉଦୀୟମାନ ଲୁକ୍କାୟିତ କଳାକାର, ସଙ୍ଗୀତଜ୍ଞ ମାନଙ୍କର ପ୍ରତିଭାକୁ ଲୋକଲୋଚନକୁ ଆଣିପରିଥିଲେ । ଏଭଳି ଉତ୍ସବମାନ ଖୋଲା ପଡ଼ିଆରେ ହଜାର ହଜାର ଦର୍ଶକ ଉପଭୋଗ କରିପାରୁଥିଲେ ।

୧୯୬୮ ମସିହାରେ ନାଟ୍ୟଶ୍ରୀ ମିଶ୍ରଙ୍କର ପ୍ରଥମ ନାଟକ ମଞ୍ଚସ୍ଥ ହୁଏ ନିଜ ଗଠିତ 'ପ୍ରଗତି ନାଟ୍ୟ ସଂସଦ' ତରଫରୁ ବ୍ରହ୍ମପୁର ଟାଉନ୍ ହଲ୍‌ଠାରେ । ପରେ ପରେ ନାଟକ ରଚନା କରିବାର ଇଚ୍ଛା ଏବଂ ନାଟକକୁ ମଞ୍ଚସ୍ଥ କରିବାର ଦୁର୍ବାର ଲାଳସାକୁ ଏଡ଼ି ନପାରି ମାଡ଼ି ଚାଲିଛନ୍ତି ଆଗକୁ ଆଗକୁ । ଫଳରେ ତାଙ୍କର ଇଚ୍ଛା ସୁଦୂରପ୍ରସାରୀ ହୋଇପାରିଛି ।

୧୯୬୯ ମସିହାରେ ନାଟକ 'ଆହତ ମୂର୍ଚ୍ଛନା', 'ପହିଲି ଆଷାଢ଼', 'ତାସଘର' ମଞ୍ଚସ୍ଥ ହୁଏ କଳ୍ପନା କଳାକାର ଦ୍ୱାରା । ଅନ୍ୟତମ ନାଟକ 'ରାଜଯୋଟକ', 'ଶେଷ ପ୍ରହର' ତାଙ୍କ ପାଇଁ ହୁଏ 'ରଙ୍ଗ ତରଙ୍ଗ' ।

ନାଟ୍ୟଶ୍ରୀଙ୍କ ତତ୍ତ୍ୱାବଧାନରେ ସାରା ଓଡ଼ିଶାରେ ଚହଳ ସୃଷ୍ଟି କରି ଜନ୍ମନେଇଥିବା 'ଜନତା ଥିଏଟର' ଦର୍ଶକମାନଙ୍କ ମନକୁ ଆକର୍ଷଣ କରି ନାଟକ ଦେଖିବାର ସୌଭାଗ୍ୟ ଆଣିଦିଏ । ଅନ୍ୟାନ୍ୟ ନାଟ୍ୟକାର ମାନଙ୍କ ନାଟକଗୁଡ଼ିକୁ

Digitized by srujanika@gmail.com

ମଞ୍ଚସ୍ଥ କରିବାରେ ଏଇ ସଂସ୍ଥା ଯେ ସୁଦକ୍ଷଥିଲା ଏଥିରେ ଦ୍ୱିମତ ପୋଷଣ କରିବାର ପ୍ରଶ୍ନ ଉଠେନା, ଏବଂ ଏହାହିଁ ନାଟ୍ୟକାରଙ୍କ ନାଟକ ଲେଖିବାର ଉତ୍କଣ୍ଠାରେ ସହାୟକ ହୋଇଛି । ୧୯୭୧ ମସିହାରେ ନାଟ୍ୟଶ୍ରୀଙ୍କ ଲେଖନୀରୁ ଜନ୍ମନିଏ 'ରାମ ତୁମେ ରେହମାନ ତୁମେ' ନାଟକ ଯେଉଁଥିରେ ଦେଶର ଜାତୀୟ ସଂହତିକୁ ବଜାଇ ରଖିବାର ଚିତ୍ର ପ୍ରତିଫଳିତ । ଅନ୍ୟ ଏକ ସାମାଜିକ ନାଟକ 'ଛିନ୍ନ ବୀଣା' ସେଇ ବର୍ଷ ମୁକ୍ତିଲାଭ କଲା । ଏହା ଏକ ଦୁଃଖଦ ଓ ଅଶ୍ଳୀଳ ନାଟକ । 'ବଗୁଲୀ ଝରାଏ ଲୁହ' ମଧ୍ୟ ଆତ୍ମପ୍ରକାଶ କରି ନିଜର ପରିଚୟକୁ ପ୍ରଦାନ କରେ । ୧୯୬୯ରେ 'ପାନ୍ଥଶାଳାର ପଥିକ' ସହ 'ଅପବାଦ' ଓ 'ନୂତନ ଦିଗନ୍ତ' ନାମକରଣର ସାର୍ଥକତାକୁ ବହନକରି ମୁକ୍ତିଲାଭ କଲା ଦର୍ଶକଙ୍କ ନିକଟରେ ୧୯୭୦ ରେ । 'ସେ ଜନତାର ପ୍ରତିନିଧି' ସେହି ବର୍ଷ ହିଁ ମୁକ୍ତି ଲାଭ କରିଥିଲା । 'ଶ୍ୱେତପଦ୍ମ' ପରେ ପରେ 'ପ୍ରଣୟ ବିଧୂରା' ୧୯୭୧ରେ ଲୋକଲୋଚନକୁ ଆସେ । ନାଟ୍ୟକାରଙ୍କୁ 'ନାଟ୍ୟଶ୍ରୀ' ରେ ସମ୍ମାନୀତ କରେ 'ସ୍ମୃତି ଏକ ହଜିଲା ଦିନର' ନାଟକ । ନାଟ୍ୟଶ୍ରୀରେ ବିଭୂଷିତ ହେବାପରେ ପରେ ନାଟକ ଲେଖାକୁ ଏଡ଼ି ନପାରି ରଚନା କରନ୍ତି 'ଶିଶିର ସିକ୍ତ କଢ଼ି', 'ତୁ ମେଘ ମୁଁ ବିଜୁଳି' ସହିତ ପୌରାଣିକ ନାଟକ 'ଶକୁନ୍ତଳା' ଯାହାକୁ ରାମାଧିନ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରମାନେ ମଞ୍ଚସ୍ଥ କରନ୍ତି ବ୍ରହ୍ମପୁର ପ୍ରକାଶମ୍ ହଲ୍‌ରେ । ଫଳରେ ନାଟ୍ୟକାର ସାମାଜିକ, ପୌରାଣିକ ଓ ଐତିହାସିକ ନାଟକ ଲେଖିବାରେ ସୁଖ୍ୟାତି ଅର୍ଜନ କରନ୍ତି ।

ପ୍ରତିଭା ଲୁଚି ଛପି ରହେନା, ଏହା ସର୍ବଜନବିଦିତ । ନିଜର ଡିଣ୍ଡିମ ପିଟିବା ନିଜ ପାଇଁ ସ୍ପୃହଣୀୟ ନୁହଁ । ଏଇଥି ସକାଶେ କୁହାଯାଇଛି 'ଆତ୍ମବଡ଼ିମା କଲେ ଗାନ, ବଡ଼ ହୁଅନ୍ତି ଆପେ ସାନ' । ନିଜର ଖ୍ୟାତି ନିଜ ତୁଣ୍ଡରେ ଶୋଭା ପାଏନା । କିନ୍ତୁ ଅଧୁନା ନିଜକୁ ନିଜେ ଦେଖିନପାରୁଥିବା ମଣିଷ ଗୁଡ଼ାକ ଆତ୍ମବଡ଼ିମା ଦେଖେଇ ହେବା ସକାଶେ ଏତେ ଆଗଭର ଯେ, ତାହା କହିଲେ ନସରେ । କିନ୍ତୁ ଜଣେ ନୀରବ ସାଧକ ଏ ସବୁଠାରୁ ବହୁଦୂରରେ । ଯେତେବଡ଼ ସମସ୍ୟା ହେଉପଛେ ସେ ତା'ର ଲେଖନୀର ଶକ୍ତିରେ ସମସ୍ୟାକୁ ବାନ୍ଧିଦିଏ । ଯେମିତି ନାଟକ 'ଜୀବନ ମଧ୍ୟାହ୍ନରେ ସୂର୍ଯ୍ୟାସ୍ତ' । ଖ୍ରୀଷ୍ଟିଆନ୍ ଫାଦର୍‌ଙ୍କ ଦ୍ୱାରା 'ଠାକୁର ମନ ପରିବର୍ତ୍ତନ' ଦର୍ଶକଙ୍କ ନିକଟରେ ବେଶ୍ ଆଦୃତ ହୁଏ । ଚମ୍ବଲ ଉପତ୍ୟକାର ନିଛକ ବିଷୟ ତଥା ସ୍ୱର୍ଗତ ଜୟପ୍ରକାଶ ନାରାୟଣଙ୍କ ଡାକରା ଏ ନାଟକର ବିଷୟବସ୍ତୁ । ଦର୍ଶକଙ୍କ ମନକୁ ଛୁଇଁ ଗଲାପରି ହୋଇପାରିଥିବା ଯୋଗୁଁ ବାରମ୍ବାର ଅନୁରୋଧ ଆସେ ପୁନର୍ବାର ମଞ୍ଚସ୍ଥ କରିବା ପାଇଁ ଏବଂ ଖ୍ରୀଷ୍ଟିଆନ୍‌ମାନଙ୍କ 'କେଣ୍ଡେଲ୍ ଦିବସ'ରେ ଅକଥନୀୟ ଭିଡ଼ ଭିତରେ ଦର୍ଶକମାନଙ୍କ ପାଇଁ ଜାଗାର ଅଭାବ ସତ୍ତ୍ୱେ ନାଟକ ପୁନର୍ବାର ମଞ୍ଚସ୍ଥ ହୁଏ ।

Digitized by srujanika@gmail.com

"ଶିଳାରେ ଘସିଲେ ଚନ୍ଦନ
କରଇ ସୁବାସ ପ୍ରଦାନ ।"

ନାଟ୍ୟକାର ଅଭାବରେ ଥାଇ ମଧ ତାଙ୍କରି ଅଭାବିପଣକୁ କେହି କେବେ ଦେଖିନାହାନ୍ତି । ମନରେ ଦମ୍ଭ, ନାଟକ ଲେଖିବାର ଲାଳସା ଆଗକୁ ଆଗକୁ ମାଡ଼ିଚାଲେ । ୧୯୬୩ରେ ନାଟକ 'ଅନେକ ତାରାର ଆକାଶ' ସହିତ 'ଓଁ ନମୋ ଭଗବତେ ବାସୁଦେବାୟ', 'ଶିଶିର ଧୌତ ପଦ୍ମ', 'ଅମାବାସ୍ୟାର ଚନ୍ଦ୍ରହୀନ ଆକାଶ', 'ସ୍ମୃତିର ଆକାଶରେ ପୂର୍ଣ୍ଣିମାର ଚାନ୍ଦ' ଏବଂ 'ଏକ ଆଷାଢ଼ର ମେଘ ମେଦୁର ରାତ୍ରି', 'ମେଘ ମୁକ୍ତ ସୂର୍ଯ୍ୟ' ଭଳି ସାମାଜିକ ନାଟକମାନ ଆତ୍ମପରିଚୟ ଦିଅନ୍ତି । 'ଦିବ୍ୟ ଅନୁରାଗର ଅରୁଣ ରଶ୍ମି' ଭଳି କେତୋଟି ପୌରାଣିକ ନାଟକ ମଧ ଦର୍ଶକମାନଙ୍କ ମନକୁ ବାନ୍ଧିରଖେ ।

୧୯୭୦ ମସିହାରେ 'ଶିଥିଳ ସନ୍ଧ୍ୟା' ଆସେ 'ଦିବ୍ୟ ପ୍ରଭାତ'ର ଆଲୋକ ନେଇ । 'ମନଗହନର ଶେଷ ତରଙ୍ଗ' ପ୍ରକାଶ ପାଏ, ଏତିକିବେଳେ ଦେଖାଦିଅନ୍ତି 'ହେରାମ' ୧୯୭୪ରେ ! କିଛିବର୍ଷ ପାଇଁ ନାଟ୍ୟକାରଙ୍କ ଲେଖନୀ ଶିଥିଳ ହୋଇ ପୁନର୍ବାର ଶହୀଦ୍ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ ଆଧାରିତ ନାଟକ 'ଅମର ଶହୀଦ୍' ଜନ୍ମ ନିଏ, ୧୯୮୬ ରେ ଶହୀଦ୍ ଲକ୍ଷ୍ମ ନାୟକଙ୍କ ଫାଶୀ ଦିବସ ଉପଲକ୍ଷେ । ଜୀବନରେ ସମସ୍ତଙ୍କ ପାଇଁ ସନ୍ଧ୍ୟା ଆସେ । ନାଟ୍ୟକାର ଏଥିରୁ ବାଦ୍ ଯାଆନ୍ତେ କେମିତି ? ଠିକ୍ ଏଇ ପରିପ୍ରେକ୍ଷୀରେ ନାଟ୍ୟ ଜଗତର ପରିବର୍ତ୍ତନକୁ ନେଇ ନାଟ୍ୟକାର ଦର୍ଶକମାନଙ୍କ ମନକୁ ସୁହାଇବା ଭଳି ମାଲ୍‌ଟିସିନ୍‌କୁ ପରିତ୍ୟାଗ କରି ଗୋଟିଏ ସେଟ୍ ଏବଂ ବିଭିନ୍ନ ଟେକ୍‌ନିକ୍ ତଥା ନାଟକୀୟ ଦ୍ୱନ୍ଦ୍ୱ ନିହିତ ନାଟକ ରଚନା କରନ୍ତି । 'ଜୀବନ ସନ୍ଧ୍ୟା', 'ଗାନ୍ଧୀ ପାର୍କ', 'ମାୟା ମିରିଗ' ଓ 'ବଣମଲ୍ଲୀ' ଭଳି ବିଭିନ୍ନ ସମସ୍ୟା ବହୁଳ ନାଟକ, ଯାହାକି ଦର୍ଶକମାନଙ୍କ ରୁଚିକୁ ନେଇ ନାଟକର ଆବରଣର ସାର୍ଥକତାକୁ ବହନ କରେ ।

'ମୃଗ ତୃଷ୍ଣା', 'ସିନ୍ଦୁର', 'ଅର୍ଦ୍ଧ ସତ୍ୟ', 'ନଷ୍ଟ ରାଗିଣୀ' ଏବଂ 'ଶେଷ ଦୃଶ୍ୟ' ମଧ ଦର୍ଶକମାନଙ୍କ ନିକଟରେ ଆଦୃତ ହୁଏ ।

ଅପରପକ୍ଷରେ ଓଡ଼ିଆ ଚଳଚ୍ଚିତ୍ରର ପ୍ରଯୋଜକ, କାହାଣୀକାର, ଚିତ୍ରନାଟ୍ୟ ସଂଳାପଲେଖକ, ଗୀତିକାର, ନିର୍ଦ୍ଦେଶକର ଗୌରବକୁ ବହନକରନ୍ତି 'ପୁନର୍ମିଳନ', 'ଅନୁରାଧା', 'ଉପେନ୍ଦ୍ର ଭଞ୍ଜ', 'ପ୍ରେମ ପୂଜାରିଣୀ', 'ପ୍ରୀତିର ଇତି', 'ଅନ୍ଧ ଦୁନିଆଁ', 'ଅନ୍ୟାୟ କେତେଦିନ', 'ଭୁଲ କାହାର' ଚଳଚ୍ଚିତ୍ର ପାଇଁ । ଏହା ଓଡ଼ିଆ ଚଳଚ୍ଚିତ୍ର ଜଗତରେ ଏକ ମାଇଲ ଖୁଣ୍ଟ କହିଲେ ଅତ୍ୟୁକ୍ତି ହେବନାହିଁ ।

Digitized by srujanika@gmail.com

ଚଳଚ୍ଚିତ୍ରରୁ ଅବ୍ୟାହତି ନେବାପରେ, ନାଟ୍ୟଶ୍ରୀଙ୍କର ଲେଖନୀ ଆହୁରି ଚଳଚଞ୍ଚଳ ହୋଇଉଠିଛି । ସେ ନାଟକ ପରେ ନାଟକ ଲେଖି, ଓଡ଼ିଆ ମଞ୍ଚଜଗତକୁ ଋଦ୍ଧିମନ୍ତ କରିବାରେ ଲାଗିଛନ୍ତି । ତାଙ୍କର ନାଟକ 'ଭିନ୍ନ ଏକ ସିଦ୍ଧାର୍ଥ', 'ଲକ୍ଷ୍ମୀ', 'ଲକ୍ଷ୍ମୀପୁରାଣ', 'ଅଭିମାନିନୀ', 'ନାଟକ ଚାଲିଛି', 'ଦେବନର୍ତ୍ତକୀ', 'ବାୟା ସବୁରେ ମାୟା', 'କ୍ରାନ୍ତି', 'କରୁଣାମୟୀ ମା'ତେରେସା', 'ବଡ଼ବାବୁ', 'ଝିଅର ନାଁ ଶ୍ରାବଣୀ', 'ମନର ମଣିଷ', 'କୁହୁଡ଼ି', 'ସତ୍ୟମେବ ଜୟତେ', 'ସରପଞ୍ଚବାବୁ', 'ଉପାସନା', 'ବଡ଼ଭାଇ', 'ଶାନ୍ତିବାବା', 'ଅନ୍ତର୍ଦାହ', 'ପରିବର୍ତ୍ତନ' ୨୦୦୧ ରୁ ରଚିତ ହୋଇ, ବେଶ ସଫଳତା ଅର୍ଜନ କରିଛି । ୮୦ ବର୍ଷ ବୟସରେ ମଧ, ନାଟ୍ୟଶ୍ରୀ ନାଟକ ରଚନାରୁ ଅବ୍ୟାହତି ନେଇ ନାହାଁତି । ତାଙ୍କର ବିଶେଷତ୍ୱ ହେଲା, ପ୍ରାୟ ୧୮ ଘଣ୍ଟା ଭିତରେ ସେ ନାଟକଟିଏ ରଚନା କରିପାରନ୍ତି । ଏତେ ଚଞ୍ଚଳ ଆପଣ ନାଟକ ଲେଖୁଛନ୍ତି କିପରି ପ୍ରଶ୍ନର ଉତ୍ତରରେ ସେ କହନ୍ତି -''ଭଗବାନ ଶ୍ରୀ ସତ୍ୟସାଇବାବାଙ୍କର ଆଶୀର୍ବାଦ ଯୋଗୁଁ ହିଁ ଏହା ସମ୍ଭବ ହୋଇପାରିଛି । ଏହା ସେହି ଐଶ୍ୱରୀକ ଶକ୍ତିର ପ୍ରଭାବ ।

ଜଣେ ସାଧକ କେବଳ ନାଟକ ଲେଖି, ନିଜ ସାଧନାକୁ ସୀମିତ ନ କରି ଜଣେ ସଫଳ ଗାଳ୍ପିକର ଆଖ୍ୟା ବହନ କରିବାରେ ଲେଖନୀ ଚାଳନ କରିଛନ୍ତି । ତାଙ୍କର ୬୦ରୁ ଊର୍ଦ୍ଧ୍ୱ ଗଳ୍ପ, ଓଡ଼ିଶାର ପ୍ରତିଷ୍ଠିତ ପତ୍ର, ପତ୍ରିକାରେ ପ୍ରକାଶିତ । କୋଡ଼ିଏ ଗଳ୍ପକୁ ନେଇ ସେ 'ସମ୍ମିତ' ନାମରେ ଏକ ଗଳ୍ପ ସଙ୍କଳନ ପ୍ରକାଶ କରିଛନ୍ତି । ସେହିଭଳି ଜଣେ ପ୍ରବନ୍ଧକାର ଭାବେ ସୁଖ୍ୟାତିଠାରୁ ଦୂରେଇ ଯାଇନାହାଁନ୍ତି ।

ନାଟ୍ୟଶ୍ରୀଙ୍କର ଅନ୍ୟଏକ କୃତି ହେଲା, ସେ ଜଣେ ସଫଳ ଗୀତିକାର । ଓଡ଼ିଆ ଚଳଚ୍ଚିତ୍ର, ନାଟକ, ଅଡ଼ିଓ କ୍ୟାସେଟ୍‌ରେ ସେ ପ୍ରାୟ ୭ଶହ ଗୀତିକବିତା ଲେଖି ଯାଇଛନ୍ତି । ତାଙ୍କର ଲୋକପ୍ରିୟ ଗୀତଗୁଡ଼ିକ ହେଲା -'ଭାଇନା ଭାଇନା ମୋ ବଡ଼ଭାଇନା, ମୋ ସାନଭାଇନା', 'ଯାହା ମୁଁ ଖୋଜିଛି ତାହା ମୁଁ ପାଇଛି', 'ମୁଁ ରିକ୍ସାବାଲା', 'ଆଖି ଛୁରୀମାରିବାବୁ ଘାୟଲତୁ କରନା', 'କହହେ ଠାକୁର ମୁଁ ନୁହେଁ କି ତୁମର', 'ତୁ ମୋର ଚାନ୍ଦ, ତୁ ମୋର ତାରା', 'ମଥୁରାକୁ ଆଉ ଯାଆନି କାହ୍ନୁ', 'କାହ୍ନୁ ନଇଲେ କାହିଁକି', 'କହରେ ମୋ ପ୍ରିୟ ସଖୀ', 'ବନ୍ଧୁରେ ଏ ଜୀବନେ ସବୁ ଘଟଇ' ପ୍ରଭୃତି ଉଲ୍ଲେଖଯୋଗ୍ୟ ।

ତାଙ୍କର ଗୀତି କବିତାଗୁଡ଼ିକ ସାଧାରଣ ଲୋକର ହୃଦୟକୁ ସ୍ପର୍ଶ କରି ପାରିଛି ।

ନାଟ୍ୟକାର ଏବେ ମଧ ଜୀବନ ସଂଗ୍ରାମରେ ବ୍ୟସ୍ତ ରହି ଲେଖନୀ ଚାଳନାରୁ

Digitized by srujanika@gmail.com

ଅବ୍ୟାହତି ନେଇ ନାହାନ୍ତି । ସମାଜର ଦୁଃସ୍ଥ ଲୋକଙ୍କ ସେବାକୁ ଗ୍ରହଣ କରି ବ୍ରହ୍ମପୁର ନଗରପାଳିକାର ସଭ୍ୟ ଭାବରେ ଦୀର୍ଘ ୨୦ ବର୍ଷ ନିର୍ବାଚିତ ହୋଇଛନ୍ତି ୧୯୫୮ ଠାରୁ ଦୀର୍ଘବର୍ଷ ପର୍ଯ୍ୟନ୍ତ । ୮୦ ବର୍ଷରେ ପଦାର୍ପଣ କରିଥିବା ନାଟ୍ୟଶ୍ରୀ ରଘୁନାଥ ମିଶ୍ର, ଜୀବନର ଚଲାପଥରେ ଥମି ନ ଯାଇ ନିଜ ତତ୍ତ୍ୱାବଧାନରେ କଳାକୁ ଜୀବିତ ରଖିବା ସକାଶେ କଳାକାର ମାନଙ୍କୁ ସମ୍ମାନିତ କରି ଅନ୍ୟ ଦର୍ଶକମାନଙ୍କ ନିକଟରେ ପରିଚିତ କରାଇବା ପାଇଁ ଯେଉଁ ଉଦ୍ୟମ କରିଅଛନ୍ତି ଗଞ୍ଜାମ ଜିଲ୍ଲା କଳାକାର ସମ୍ମିଳନୀ ତା'ର ମୂକସାକ୍ଷୀ । ପ୍ରଦେଶର ବିଭିନ୍ନ ପ୍ରାନ୍ତରୁ ନାଟକ ଗୁଡ଼ିକୁ ମଞ୍ଚସ୍ଥ କରି ପୁରସ୍କାର ଦେବା ଯୋଜନା ସଫଳ ହୋଇପାରିଛି । ତାଙ୍କର ଏ ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ । ଇତି ମଧ୍ୟରେ ଆଠଟି ନାଟକ ଉତ୍ସବକୁ ସଫଳତାର ସହ ପାଳନ କରିବାର ଗୌରବକୁ ବଜାୟ ରଖିପାରିଛନ୍ତି ।

ନାଟ୍ୟଶ୍ରୀ ନିଜ ଚେଷ୍ଟାରେ 'ନିଖିଳ ଉତ୍କଳ ସଙ୍ଗୀତ ସମ୍ମିଳନୀ' ଗଢ଼ି ୧୯୫୮ ରୁ ୧୯୬୦ ଯାଏଁ ଓଡ଼ିଶାର ବିଭିନ୍ନ କୋଣରୁ ସଙ୍ଗୀତଜ୍ଞ ମାନଙ୍କର ସମାରୋହ ଏବଂ ସଙ୍ଗୀତ ପରିବେଷଣ କରିବାର ଦକ୍ଷତା ମଧ୍ୟ ଅର୍ଜନ କରିପାରିଛନ୍ତି । ମୋଟ ଉପରେ କହିବାକୁ ଗଲେ ତାଙ୍କୁ ଏକ ବ୍ୟକ୍ତି ବିଶେଷ ନ କହି ଏକ ଅନୁଷ୍ଠାନ କୁହାଯାଇପାରେ ।

ତାଙ୍କ ନାଟକ ଗୁଡ଼ିକରେ ଅନ୍ତଃଦ୍ୱନ୍ଦ୍ୱ ଅପେକ୍ଷା ବହିର୍ଦ୍ୱନ୍ଦ୍ୱ ବଳିଷ୍ଠ । ଜଣେ ନୀରବ ସାଧକ ସାଧନା ପଥରୁ ଦୂରେଇ ନ ଯାଇ ଅନ୍ତଃସଲିଳା ଫଲ୍‌ଗୁ ଭଳି ଗତି କରି ଚାଲିଛନ୍ତି ସବୁ ଆଲୋଚନା ସମାଲୋଚନାକୁ ପଛରେ ପକାଇ ଧୀରେ ଅତି ଧୀରେ । ଜୀବନର ଚଲାପଥରେ କେତେ ଝଡ଼ଝଞ୍ଜା ଆସେ ଅନୁଭବି ବ୍ୟତୀତ ଅନ୍ୟ କେହି ହୃଦୟଙ୍ଗମ କରିପାରନ୍ତି ନାହିଁ । ତଥାପି ଲେଖନୀ ଚଳଚଞ୍ଚଳ । ମାନବୀୟ ଧର୍ମ ଉପରେ ପରିପୂର୍ଣ୍ଣ ନାଟକ ଗୁଡ଼ିକ ପ୍ରକୃତରେ କେତେ ସୁନ୍ଦର କେତେ ନମନୀୟ ଏ ସୃଷ୍ଟିରେ । ବ୍ୟଥା ବେଦନାର ସ୍ୱରଲିପ୍ତ ଚିତ୍ରପଟର ଧୀରେ ଧୀରେ ସୃଷ୍ଟି କରି ଚାଲିଛନ୍ତି ପ୍ରଶସ୍ତ ବଳୟ, ଯାହାକି ରୋମାଞ୍ଚକର ଏବଂ ଖୁବ୍ ଅନନ୍ୟ । ଶେଷରେ ଗୁରୁଙ୍କର ନିକଟରେ ଏଇ ନାଟ୍ୟରଥୀଙ୍କ ପାଇଁ ଏତିକି ନିବେଦନ, ତାଙ୍କ ଲେଖନୀରେ ଫୁଲ ବରଷୁଥାଉ ତାଙ୍କୁ ଦୀର୍ଘାୟୁ କରନ୍ତୁ ।

ଅଧ୍ୟାପକ ରାମକୃଷ୍ଣ ଭଟ୍ଟ

ବ୍ରହ୍ମପୁର

Digitized by srujanika@gmail.com

କେତୋଟି ଅଭୁଲା ମୁହୂର୍ତ୍ତ

'ଅନ୍ଧ ଦୁନିଆଁ' ଗୀତ ରେକର୍ଡ଼ିଂର ଏକ ଦୃଶ୍ୟ

'ଅନ୍ୟାୟ କେତେଦିନ' ଗୀତ ରେକର୍ଡ଼ିଂର ଏକ ଦୃଶ୍ୟ

Digitized by srujanika@gmail.com

'ପ୍ରେମମୟ' ଭଜନ କ୍ୟାସେଟ୍ ରେକଡିଂର ଏକ ଦୃଶ୍ୟ

'ପ୍ରେମମୟ' ଭଜନ କ୍ୟାସେଟ୍ ଗୀତ ରଚନାର ଏକ ଦୃଶ୍ୟ

Digitized by srujanika@gmail.com

'ଅନ୍ଧ ଦୁନିଆଁ' ଚଳଚ୍ଚିତ୍ରର କଳାକାର ମାନଙ୍କ ସହିତ

କଳାର ପୂଜାରୀ, ଶ୍ରୀ ଲିଙ୍ଗରାଜ ଜେନାଙ୍କ ସହିତ

Digitized by srujanika@gmail.com

'କବିସମ୍ରାଟ ଉପେନ୍ଦ୍ରଭଞ୍ଜ' ଚଳଚ୍ଚିତ୍ରର ମହୁରତ୍ ଉତ୍ସବର ଏକ ଦୃଶ୍ୟ

'ଅନ୍ଧଦୁନିଆ' ଗୀତରେକର୍ଡିଂ ଅବସରରେ

Digitized by srujanika@gmail.com

'କବିସମ୍ରାଟ ଉପେନ୍ଦ୍ର ଭଂଜ' ଚଳଚ୍ଚିତ୍ରର ଗୀତ ରେକର୍ଡିଂ ଅବସରରେ
ସଙ୍ଗୀତ ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ।

ନାଟ୍ୟପ୍ରଦୀପ ଶ୍ରୀ ମଦନ ମୋହନ ମିଶ୍ର ଓ
ଡଃ. ରବିନାରାୟଣ ମିଶ୍ରଙ୍କ ସହିତ ।

Digitized by srujanika@gmail.com

କଣ୍ଠଶିଳ୍ପୀ ମହମ୍ମଦ ସିକନ୍ଦର ଆଲାମ୍ ଗୀତ ରେକଡ଼ିଂ ସମୟରେ

ନାଟ୍ୟଶ୍ରୀଙ୍କ ୮୦ତମ ସ୍ୱନକ୍ଷତ୍ର ଉତ୍ସବ (କବିସୂର୍ଯ୍ୟରଙ୍ଗମଞ୍ଚ, ବ୍ରହ୍ମପୁରଠାରେ)

Digitized by srujanika@gmail.com

ଗୀତି କବିତା

Digitized by srujanika@gmail.com

ପ୍ରଭାତ ବନ୍ଦନା

ହେ ଈଶ୍ୱର ସୃଷ୍ଟିକର୍ତ୍ତା
ପାପୀ ଜନ ମୁକ୍ତିଦାତା
ବନ୍ଦେ ବିଶ୍ୱ ତବ ପଦେ
ତୁମେ ତ ସକଳ ସ୍ରଷ୍ଟା
ତବ ସୁପ୍ରଭାତମ୍ ।। ୦ ।।

ତୁମେ ଅଟ ପ୍ରଭୁ କରୁଣାର ସିନ୍ଧୁ
ନିତି ତୁମ ପଦ ଧ୍ୟାୟୀ
ତୁମ କରୁଣାର ନାହିଁ ପଟାନ୍ତର
ତୁମ ଗୁଣ ଗାଇ, ଗାଇ
ମୁହିଁ ଅଟେ ଛାର ମନୁଷ୍ୟ ମାରେ
ତୁମ ବିନା କେହି ନାହିଁ ।
ତମ ସୁପ୍ରଭାତମ୍ ।। ୧ ।।

ନଦ, ନଦୀ, ବନ ଭୂମି
ବର୍ଷାଅ ପ୍ରଭୁ ଅମୃତ
ଶାନ୍ତି, ପ୍ରୀତିର ମୁରଲୀ
ବାଜିଉଠୁ ଏ ଜଗତ
ତବ ସୁପ୍ରଭାତମ୍ ।। ୨ ।।

* * *

ଶାନ୍ତି ପାଇଁ ମାତ ଯେତେ ଅଳି କଲେ

ଶାନ୍ତି ପାଇଁ ମାତ
ଯେତେ ଅଳି କଲେ
ଅଶାନ୍ତି ଖାଲି ତୁ ଦେଉ
ମା' କୋଳ ପରା ଶାନ୍ତିମୟ ସ୍ଥଳ
ଏତିକି କରୁଣା ହେଉ ।। ୦ ।।

Digitized by srujanika@gmail.com

ଦୁନିଆଁରେ କେହି ନୁହେଁତ କାହାର
ଭଲ ପାଇବାଟା ଛଳନା ମାତର
କିଏ କାହାକୁ ମା' ଭଲ ପାଉଅଛି
ତୁ କି ତାହା ଜାଣି ନାହୁଁ ॥ ୧ ॥

ସରି ଆସିଲାଣି ଏ ଜୀବନ କାଳ
ପୁଣି ଆସିଯିବ ଜନନୀ ଜଠର
ଯେତେ ପାପ ମୁହିଁ କରିଅଛି ମା'
କ୍ଷମା କରିଦେ ମା' ଏ ଜୀବ ଯାଉ ॥ ୨ ॥

ଆନନ୍ଦମୟୀ ମା' ଆନନ୍ଦ ଦିଅ
ଚିରଶାନ୍ତି ଦେଇ, ଦୁଃଖ ହରି ନିଅ
ଏତିକି ସୁଦୟା ହେଉ ॥ ୩ ॥

* * *

ଆଶା ବାଲିବନ୍ଧ, ଭାଙ୍ଗିଲା ମାତ

ଆଶା ବାଲିବନ୍ଧ, ଭାଙ୍ଗିଲା ମାତ
କେତେ ବା ଗଢ଼ିବି ଶୂନ୍ୟରେ ଘର
ନିରାଶ ମରୁରେଚାଲି, ଚାଲି ମୁହିଁ
ହରାଇଲି ସବୁ ଭରସା ମୋର ॥ ୦ ॥

ଚାରିଆଡ଼େ ଦେଖେ, ଶୂନ୍ୟ ହାହାକାର
ମଝି ଦରିଆରେ ନାହିଁ ଥଳକୂଳ
ମାଡ଼ି ଆସୁଅଛି ଘୋର ଅନ୍ଧକାର
ତୋର ବିନା ଅଛି କିଏ ମୋହର ॥ ୧ ॥

ସଙ୍କଟ ତାରିଣୀଦୁର୍ଗତି ନାଶିନୀ
ତୁହି ପରା ମା' ଶକ୍ତି ପ୍ରଦାୟିନୀ
ରକ୍ଷା କର ମୋତେ ପଡ଼ିଛି ସଙ୍କଟେ
କରୁଣାମୟୀ ମା' କରୁଣା କର ॥ ୨ ॥

Digitized by srujanika@gmail.com

ମା’ ପରା ତୁହି, ତୋ ସନ୍ତାନ ପାଇଁ
ଦିନ କାଟୁଥାଉ ସବୁ ଦୁଃଖ ସହି
ଦୁଃଖ ନିବାରିଣୀ ତୁହି ପରା ମା’
ଏ ସନ୍ତାନ ଦୁଃଖ କରିଦେ ଦୂର ।। ୩ ।।

✳ ✳ ✳

କରୁଣା ଊଣା ନ କର

କରୁଣା ଊଣା ନ କର
କରୁଣା ମୟୀ
ଜପୁଛନ୍ତି ଭକ୍ତ ମାତ
ତାହାରି ପାଇଁ ।। ୦ ।।

ନାରୀ ମାନଙ୍କ ମଧ୍ୟରେ
ତୁମେ ତ ଧନ୍ୟା
କନ୍ୟା ମାନଙ୍କ ମଧ୍ୟରେ
ତୁମେ ସୁକନ୍ୟା
ଈଶ୍ୱରଙ୍କ କୃପା ହେଲା
ତାହାରି ପାଇଁ ।। ୧ ।।

ଜନମିଲ ଏ ଧରାରେ
କି ପୁଣ୍ୟ ଫଳେ
ପ୍ରଭୁ ନିଜେ ଜନମିଲେ
ତୁମରି କୋଳେ
ମେରୀ ମାତା ଧନ୍ୟ ତୁମେ
ମଙ୍ଗଳମୟୀ ।। ୨ ।।

ସଙ୍ଗୀତ : ବାସୁଦେବ ରଥ, କଣ୍ଠ : ସତ୍ୟଭମା ମହାପାତ୍ର

✳ ✳ ✳

Digitized by srujanika@gmail.com

ଶୁଣ ହେ ସୁଜନେ ଶୁଣ

ଶୁଣ ହେ ସୁଜନେ ଶୁଣ
ଚିତ୍ତ ସ୍ଥିର କରି ଶୁଣ
ଆସିଅଛି ଭାଇ, କହିବି ତୁମକୁ
ପ୍ରଭୁଙ୍କ ସୁସମାଚାର
ସେହି ବାଣୀ କି ମଧୁର ।। ୦ ।।
ଭବିଷ୍ୟ ବକ୍ତାଙ୍କ ବାକ୍ୟ ହୋଇଗଲା ସିଦ୍ଧ
ପ୍ରଭୁ ଜନ୍ମ ହେଲେ ସେହି ଯିହୁଦା ପ୍ରଦେଶ
ବେଥଲହାମ ନଗରୀ
ଗୁହାଳି ସେ ପୁରୀ
ଗୋରୁ କୁଣ୍ଡେ ଶୋଇ,
ମେରୀ ମାତା କୋଳେ
ଜନମିଲେ ପ୍ରଭୁ ବିଶ୍ୱର ।। ୧ ।।
ଶୁଣିଲ ସଭିଏଁ ପ୍ରଭୁ ଜନ୍ମ କଥା ଏହି
ଯୀଶୁ ଜନ୍ମ କଥା ବଡ଼ ମଧୁର ଅଟଇ
ମନ କର୍ଣ୍ଣ ପବିତ୍ର, ପାଇଲ ଅମୃତ
ବୋଲୋ ଜୟ ଜୟ,
ଜୟ ପ୍ରଭୁ ଜୟ
ପ୍ରେମମୟ ଯୀଶୁ ବିଶ୍ୱର ।। ୨ ।।

ସଙ୍ଗୀତ : ବାସୁଦେବ ରଥ

* * *

ଯାଆନାରେ କାହ୍ନୁ ଆଉ

ଯାଆନାରେ କାହ୍ନୁ ଆଉ,
ମଥୁରା ପୁର
ଜାଣୁନାକି ତୋର ମାମୁଁ
ସେ କଂସାସୁର ।। ୦ ।।

ତୁ ଗଲେ ମଧୁଭୁବନ
ଆରେ ଯଶୋଦା ନନ୍ଦନ

Digitized by srujanika@gmail.com

ଆଉ କି ଶୁଭିବ କାନେ
ତୋ ବଂଶୀ ସ୍ୱର ।। ୧ ।।

ଆମେ ସବୁ ବ୍ରଜବାଳୀ
କି ଦୋଷ କଲୁ ତୋହରି
କିପାଇଁ ଯିବୁ ତୁ ଚାଲି
ଶ୍ୟାମ ସୁନ୍ଦର ।। ୨ ।।

ମଧୁବନ କେଳି କୁଞ୍ଜ
ଯମୁନା କେଳି କଦମ୍ବ
ଶ୍ୟାମ ତମାଳର କୁଞ୍ଜ
ହୋଇବ ଜୁର ।। ୩ ।।

ଯାଅନା ଶ୍ୟାମ ନାଗର
ଛାଡ଼ି ରାଧା ଗୋପପୁର
ରଖି କି ପାରିବ ପ୍ରାଣ
ରାଧା ତୋହର ।। ୪ ।।

* * *

ଆହେ ଦୁଃଖ ନାଶନ

ଆହେ ଦୁଃଖନାଶନ
ଡାକୁଛି ଆରତେ ପ୍ରଭୁ
ମୋ ଡାକ ଶୁଣ ।। ୦ ।।

ଲକ୍ଷ ଯୋଜନରୁ ପ୍ରଭୁ
ଗଜ ଡାକ ଶୁଣିଥିଲ
ମୋ ଡାକକୁ କିଆଁ ପ୍ରଭୁ
ଥରେ ତୁମେ ନ ଶୁଣିଲ
ଭାସୁଛି ଏ ଭବଜଳେ
ରଖ ପରାଣ ।। ୧ ।।

Digitized by srujanika@gmail.com

ଡାକି, ଡାକି ତୁମକୁ ହେ
ତଣ୍ଟି ମୋର ଶୁଖିଗଲା
ଏଥିପାଇଁ କେହି ମୋର
ନାହିଁ ଜଣେ ସାକ୍ଷୀ ଭଲା
କାହାକୁ କହିବି ଦୁଃଖ
ଛଡ଼ା ଚରଣ ।। ୨ ।।

✳ ✳ ✳

ଦେଖ ଭାଇ ବିରାଜନ୍ତି ମା' ରତ୍ନ ସିଂହାସନେ

ଦେଖ ଭାଇ ବିରାଜନ୍ତି,
ମା' ରତ୍ନ ସିଂହାସନେ
ସବୁରି ଦୁଃଖ କଷ୍ଟକୁ
ବସି ଶୁଣୁଛନ୍ତି କର୍ଣ୍ଣେ ।। ୦ ।।

ଯେ ଯେତେ କହୁଛି ଦୁଃଖ
ଶୁଣନ୍ତି ନୋହି ବିମୁଖ
ରଖ ମା' ତାରା ତାରିଣୀ
ଡାକୁଛନ୍ତି ଭକ୍ତ ଜନେ ।। ୧ ।।

ସବୁରି ମା' ସେ ଜାଣ
ଯଶ ବାନା ତ୍ରିଭୁବନ
ଉଡୁଅଛି ଘର, ଘର
ନାହିଁ କେ ତାରି ସମାନେ ।। ୨ ।।

ବର୍ଣ୍ଣିବାକୁ ନାହିଁ ଭାଷା
ସବୁରି ତୁହି ଭରସା
ଚରଣେ ଶରଣ ମାଗେ
ଯାଉ ଏ ଜୀବନ ଧ୍ୟାନେ ।। ୩ ।।

ସଙ୍ଗୀତ : ବାସୁଦେବ ରଥ

✳ ✳ ✳

Digitized by srujanika@gmail.com

ଜୟ ମା' ତାରା ତାରିଣୀ

ଜୟ ମା' ତାରା ତାରିଣୀ
ଗାଉଚି ମହିମା ତୋରି
ତୋ ମହିମା ଗାନେ
ଏ ଜୀବନ ଯାଉ ମୋରି ।। ୦ ।।

ଭାସୁଛି ଭବ ସାଗରେ
ସାହା କେହି ନାହିଁ
ଜପୁଅଛି ଦିନ ରାତି
ତୋରି ନାମ ଧାୟୀ
ତୁ ନ ରଖିଲେ କିଏ ଅଛି
ଶୁଣିବ ଗୁହାରୀ ।। ୧ ।।

କାହାକୁ ତୁ ନ ରଖିଛୁ
କହ ମୋତେ ବାରେ
କାହାକୁ ଫେରାଇଅଛୁ
କେବେ ନିରାଶାରେ
ରକ୍ଷା କର କୃପାମୟୀ
ଶୁଣ ମୋ ଗୁହାରୀ ।। ୨ ।।

ସଙ୍ଗୀତ : ବାସୁଦେବ ରଥ

* * *

ପାପୀକୁ ତୁ ତ୍ରାଣ କରୁ

ପାପୀକୁ ତୁ ତ୍ରାଣ କରୁ
ଜଗତ ଉଦ୍ଧାର କରୁ
କରୁଣାମୟୀ ତୁ ମାତ,
କରୁଛି ତୋ ଜୟଗାନ
ତୋହରି କରୁଣା ବଳେ
ଚଳନ୍ତି ପ୍ରାଣୀ ସକଳେ

Digitized by srujanika@gmail.com

ସୂର୍ଯ୍ୟ ଚନ୍ଦ୍ର ଆତଯାତ
ବହେ ପବନ ।। ୦ ।।
ଚାମର ଧରେ ମରୁତ
କୋକିଳ ଗାଏ ତୋ ଗୀତ
ଦେବଦେବୀ ସକଳେ
କରନ୍ତି ତୋର ବନ୍ଦନ ।। ୧ ।।
ବର୍ଣ୍ଣିବାକୁ ନାହିଁ ଭାଷା
ତୁ' ଯେ ସବୁରି ଭରସା
ମୁଁ ଯେ ଅଟେ ଅକିଞ୍ଚନ
ଗାଉଛି ତୋର କଣାଣ ।। ୨ ।।
ମନବାଞ୍ଛା କରସିଦ୍ଧି
ତୁ ହୁଅ ଦୟା ବାରିଧି
ଅକର୍ମ କର୍ମଦାୟିନୀ
ତୁହିମା ତାରା ତାରିଣୀ
ହରିନିଅ ସବୁ ଦୁଃଖ ସବୁ କଷଣ ।। ୩ ।।

* * *

ଚାଲ, ଚାଲ ଆଜି ଯିବା

ଚାଲ, ଚାଲ ଆଜି ଯିବା
ପାପ ନେତ୍ର ପଖାଳିବା
ଆସୁଛନ୍ତି ଦୂରାଚରୁ
ଭକତ ଜନେ
ଭରି ଅଛି କେତେ ଆଶା
ସବୁରି ମନେ ।। ୦ ।।

ଚଳତି ମଙ୍ଗଳ ବାର
ମା'ର ଯାତ୍ରା ସଂଭାର
ଉଠିଚାଲ ପାହାଚକୁ
ଡକୁଛ କେଣେ
ସେଇ ତୋତେ ନେଇଯିବ
ତାର ଦର୍ଶନେ ।। ୧ ।।

Digitized by srujanika@gmail.com

ସହସ୍ର ପାବଚ୍ଛ ରାଶି
ଶିଶୁ, ବୃଦ୍ଧା ଯୁବା ମିଶି
ଚାଲୁଛନ୍ତି ହସି, ହସି
ଭକତ ଜନେ
ଭୁଲିଯାଅ ସବୁ ଦୁଃଖ
ମା' ଦର୍ଶନେ ।। ୨ ।।

ସଙ୍ଗୀତ : ବାସୁଦେବ ରଥ

* * *

ତାରା ତାରିଣୀ ମା' ମୋର

ତାରା ତାରିଣୀ ମା' ମୋର
କରୁଣା ଊଣା ନ କର
ଦରଶନ ଆଶେ ମା' ତବ ଆସିଛି ଧାଇଁ
ନିରିଦୟ ନ ହୁଅ ମା' ତୁହି ମୋ ପାଇଁ ।। ୦ ।।

ସହସ୍ର ପାହାଚ ଚଢ଼ି
ଯାଉଅଛି ସବୁ ଭୁଲି
ବିଷୟ ଜ୍ୱାଳାରେ ଘାରି ହୁଏ ମୁଁ ବାଇ
ନିରିଦୟ ନହୁଅ ମା' ତୁହି ମୋ ପାଇଁ ।। ୧ ।।

ଅପୁତ୍ରୀକୁ ଦେଉ ପୁତ୍ର
ଭାଗ୍ୟହୀନ ଭାଗ୍ୟବନ୍ତ
ତୋହରି ଆଶିଷ ବଳେ ସବୁ ଘଟଇ
ନିରଦୟ ନ ହୁଅ ମା' ତୁହି ମୋ ପାଇଁ ।। ୨ ।।

ସଙ୍ଗୀତ : ବାସୁଦେବ ରଥ, କଣ୍ଠ : ମମତା ସାହୁ

* * *

ଆରେ ମନ, ଚାଲ ତୁ ଯିବୁ

ଆରେ ମନ, ଚାଲ ତୁ ଯିବୁ
ତାରା, ତାରିଣୀ ମା'କୁ ଦେଖି ଆସିବୁ ।। ୦ ।।

Digitized by srujanika@gmail.com

ଋଷିକୁଲ୍ୟା ନଦୀ ତଟେ
ପାହାଡ଼ର ଭାଲପଟେ
ଦୁଇ ଭଉଣୀ ଯେ ସେହି
ନେତ୍ର ପବିତ୍ର କରିବୁ ।। ୧ ।।

ସେ ମାତ କରୁଣାମୟୀ
ମନ ବାଞ୍ଛା ପୂର୍ଣ୍ଣ ତହିଁ
ଯାଇଛି ଯେ ଫଳ ପାଇ
ନିଶ୍ଚୟ ତୁହି ପାଇବୁ ।। ୨ ।।

ପାଇ ଯାହାର ଇଙ୍ଗିତ
ସୂର୍ଯ୍ୟ, ଚନ୍ଦ୍ର ଆତଯାତ
ତୁ ତାର ଅଧମ ସୁତ
ପାପନେତ୍ର ପଖାଳିବୁ ।। ୩ ।।

ସଙ୍ଗୀତ : ବାସୁଦେବ ରଥ

* * *

ଅଭିମାନିନୀ

ଅଭିମାନିନୀ
ଖୋଲ ଅବଗୁଣ୍ଠନ
ଜାଣନା କି ରାଇ
ତୁମେ ଅଟେ ମୋ ପ୍ରାଣ ।। ୦ ।।

ଆକାଶେ ଲୁଚିଛି ଦେଖ
ମେଘରେ ଚନ୍ଦ୍ରମା
ତୁମ କଥା ତା'ର ମୋଟେ
ମନକୁ ପାଏନା
ଭୁଲିଯାଅ ରାଗରୁଷାଁ
ଆସବହନ ।। ୧ ।।

ରାଧା କେବେ ଶ୍ୟାମ ବିନା
ରହିପାରେନା

Digitized by srujanika@gmail.com

ଏ କଥା କି ରାଇ ମୋର
ତୁମେ ଜାଣନା
ଆସ, ଆସ ପାଶେ ମୋର
ଛାଡ଼ି ଗୁମାନ ।। ୨ ।।

ସଙ୍ଗୀତ : ୰ ନେତାଜୀ ପାତ୍ର

* * *

ବୁଡ଼ି ଯାଉଛି ମୋ ନାଆ

ବୁଡ଼ି ଯାଉଛି ମୋ ନାଆ
ମଝିଦରିଆ
ତାରାତାରିଣୀ ମା' ଗୋ,
ହୁଅ ତୁ ସାହା ।। ୦ ।।

ଅନ୍ଧାର ଘୋଟି ଆସୁଛି
କିଛି ଦେଖା ନ ଯାଉଛି
ଅଥଳ ଜଳରେ ଭାସେ ଏଇ ମୋ ନାଆ
ତାରାତାରିଣୀ ମା' ତୁ, ହୁଅ ଗୋ ସାହା ।। ୧ ।।

ତୋ' ଛଡ଼ା ମୋ ନାହିଁ ଆନ
ମା' ତୁହି ମୋର ଜୀବନ
ବହୁଅଛି ଅଣଚାଶ
ନୁହଁ ନିରିଦୟା
ମା' ତୁ କରୁଣାମୟୀ
ଦିନ କାଟେ ପଦଧ୍ୟାୟୀ
ସଙ୍କଟ ତାରିଣୀ ମାତ
କର ସୁଦୟା ।। ୨ ।।

ସଙ୍ଗୀତ : ବାସୁଦେବ ରଥ, କଣ୍ଠ : ମହମ୍ମଦ ସାଜିଦ୍

* * *

Digitized by srujanika@gmail.com

ପୁରସ୍ତମ ପୁରେ

ପୁରସ୍ତମ ପୁରେ
ଷୋଳଘର ଠାରେ
ନାମ ତୋ ତାରାତାରିଣୀ
ବ୍ରହ୍ମପୁରେ ମାତ ତୋତେ ଡାକୁଛନ୍ତି
ଭକ୍ତ ବୁଢ଼ି ଠାକୁରାଣୀ
ମା' ତୋର ନାମ ଅନେକ
କେତେ ନାମେ କେତେ ଭକ୍ତ
ପୂଜନ୍ତି ନିତ୍ୟ ।। ୦ ।।

ଝଙ୍କଡ଼େ ବୋଲାଉ
ଶାରଳା ନାମ ତୁ
ବାଣପୁରେ ଭଗବତୀ
ବାଙ୍କୀରେ ଚର୍ଚ୍ଚିକା
ସର୍ବତ୍ର ପୂଜିତା
ଅଶେଷ ତୋହର ଖ୍ୟାତି
ତୁହି ସିଂହବାହିନୀ
ଶ୍ୟାମା, ଦୁର୍ଗା, ପାରବତୀ,
କାତ୍ୟାୟନୀ ।। ୧ ।।

ସମ୍ବଲପୁରେ ନାମ ମା' ତୋହର
ଅଟଇ ସମଲେଶ୍ୱରୀ
ଭବାନୀପାଟଣା
ଠାରେ ପୂଜାପାଉ
ନାମ ତୋ ମାଣିକେଶ୍ୱରୀ ।
ତୁହି ଦୁଃଖହାରିଣୀ
ଏ ଭବ ସଂସାରେ, ତୁହି ଏକା ମାତ
ଅଟୁ ସଙ୍କଟ ତାରିଣୀ ।। ୨ ।।

Digitized by srujanika@gmail.com

ମହାମାୟୀ ତୁହି
ଉଗ୍ରତାରା, ଚଣ୍ଡୀ
                ନାମେ ବିରାଜୁ ମହୀରେ
କେ ବର୍ଣ୍ଣିବ ମା' ଗୋ
ତୋହର ମହିମା
                ଦୟା ରଖ ଭକ୍ତ ଠାରେ
ମାଗୋ ତାରାତାରିଣୀ
ସୁଦୟା କରମା   ନିରଦୟଠାରେ
(ବନ୍ଦେ) ଜଗତର ଠାକୁରାଣୀ ।। ୩ ।।

ସଙ୍ଗୀତ : ବାସୁଦେବ ରଥ

* * *

କରୁଣା କାହିଁକି ଊଣା

କରୁଣା କାହିଁକି ଊଣା –
                ହେଲା ମା' ଶ୍ୟାମା
ଡାକି କଣ୍ଠ ଶୁଖିଲାଣି
                ଦୟା କର ମା' ।। ୦ ।।

ମା' ନାମେ ଅଶେଷ ଶାନ୍ତି
                ଦୂର ହୁଏ ସବୁ ଭ୍ରାନ୍ତି
କାହିଁକି ଦେଉଛୁ ମାତ, ଦୁଃଖ ଯନ୍ତଣା ।। ୧ ।।

ଶଙ୍କରୀ ତୁ ମହାକାଳି
                ଅହମିକା ଦେଉ ଜାଳି
ଭକ୍ତ ଜନେ ଢାଳ ମାତ, ବାରି କରୁଣା ।। ୨ ।।

ତୋ ମହିମା ଗାଇ, ଗାଇ
                ଧନ୍ୟ ମାତ ହେବି ମୁହିଁ,
ବୁଡୁଛି ମୁଁ ଭବଜଳେ, ନାବ ରଖ ମା ।। ୩ ।।

* * *

Digitized by srujanika@gmail.com

ମାଆ ବୋଲି କେତେ ଆଉ ଡାକିବି କହ

ମାଆ ବୋଲି
କେତେ ଆଉ ଡାକିବି କହ
ଭବସାଗରେ ଭାସୁଛି
ମୁଁ ଅହରହ ।। ୦ ।।

ଗାଇ ଗାଇ ନାମ ତୋରି
କେତେ ପାପୀ ଗଲେ ତରି
ବିଷୟ ଜ୍ୱାଳାରେ ବୁଡ଼ି
ଛଟପଟ ହୁଏ ଖାଲି
ଉଦ୍ଧର କରୁଣାମୟୀ, ଉଠୁଛି କୋହ ।। ୧ ।।

ଜାଣେ ନା' ତୋ ପୂଜା ରୀତି
ମନେ ଧ୍ୟାୟୀ ତୋ ମୂରତି
ଡାକୁଛି ଖାଲି ଏତିକି
ମା' ମୁଁ ଯେ ମୂଢ଼ମତି
ତୋର ଚରଣ ତଳେ
ଥାଉ ମୋ ଲୟ ।। ୨ ।।

✳ ✳ ✳

ଦୁଃଖ ସହି ସହି

ଦୁଃଖ ସହି ସହି
ଜୀବନଟା ମାତ
ଦୁଃଖରେ ହିଁ ମୋର ବିତିଗଲା ।
ସୁଖ ହେଲା ଖାଲି
ଆକାଶ କୁସୁମ
ଦିବାସ୍ୱପ୍ନ ପରି ଭାଙ୍ଗି ଗଲା ।। ୦ ।।

ଆସି ପହଞ୍ଚିଲା ଜୀବନର ସନ୍ଧ୍ୟା

Digitized by srujanika@gmail.com

ଆଉ କେତେଦିନ ଜାଣେନି ଗୋ ବନ୍ଧ୍ୟା
ରହିବି ମୁଁ ଦୁନିଆଁରେ
ସବୁ ପରା ତୋର ଅଟେ ସରଜନା
ଦୁଃଖ, ସୁଖ ଯାହା
ସବୁ ତୋ ରଚନା
କହିଥାନ୍ତି ବୃଦ୍ଧ ନରେ
ତେବେ କିଆଁ ମାତ, ଦୁଃଖ ଦେଲୁ ମୋତେ
ସୁଖ ବିନା ଦିନ ସରିଗଲା ।। ୧ ।।

ଆଖି ଲୁହେ ତୋତେ
ସଦା ପୂଜୁଅଛି
ସବୁବେଳେ ମା', ମା' ଡାକୁଅଛି
ସେତିକି ଗୋ ମାତ ମୋ ପାଇଁ ଯଥେଷ୍ଟ
ସେ ଆନନ୍ଦେ, ଦିନ ଯାଉ ଭଲା ।। ୨ ।।

* * *

କାହିଁକିରେ ମନ

କାହିଁକିରେ ମନ ଭାବୁ ସବୁଦିନ
ଆସୁଅଛି ତୋର ଶୁଭଦିନ
ଏ ଭବ ସାଗରୁ ହୋଇବାକୁ ପାରି
ଜପୁଥାରେ ତାଙ୍କୁ ଚିରଦିନ ।। ୦ ।।

ସେହି ତ ଅଟନ୍ତି ତ୍ରାଣକର୍ତ୍ତା,
ସେ ପରା ଅଟନ୍ତି ମୁକ୍ତିଦାତା
ମାୟା ସଂସାରରୁ ସେହି ଉଦ୍ଧରିବେ
ଜପୁଥାରେ ନିତ୍ୟ ସେ ଚରଣ ।। ୧ ।।

ବିଷ୍ଣୁପଦେ ସଦା ରଖ ଲୟ
ନଥିବରେ ତୋତେ ଯମ ଭୟ
ଶରଣ ପଞ୍ଜର ସେ ତ ନିରାକାର
ପରଂବ୍ରହ୍ମ ପଦେ ରଖ ଧ୍ୟାନ ।। ୨ ।।

* * *

Digitized by srujanika@gmail.com

କାହିଁକି କରୁଛ

କାହିଁକି କରୁଛ ଏତେ ଡେରି
ନେଇ ଆସ ମୋର ବନମାଳି ॥ ୦ ॥

ପିନ୍ଧାଅରେ ଫୁଲମାଳ
ଆଣ, ଆଣରେ ସତ୍ୱର
କାହ୍ନୁ କଥା ଭାବି, ଭାବି
ଆଖି ନିଦ ଗଲା ହଜି
ତା' ପାଇଁ ହେଲିରେ ପାଗଳି ॥ ୧ ॥

ଚିତ୍ତକୁ ଦେଇଛି ବିକି
ଦାସୀ ହୋଇଥିବି ନିତି
ସେବିବି ପଦ ଯୁଗଳ
ମୁଁ ଅଟେ କିଙ୍କରୀ ତାର
କାହିଁଗଲେ ମୋ ଗଳାମାଳି ॥ ୨ ॥

ଶ୍ୟାମ ବିନା ରାଧା ସଖୀ
ବଞ୍ଚିବି କି କେବେ ପାରିଛି
ପାହି ଯାଉଛି ଏ ରାତି
ଜାଗିଲି ଜାଗର ନିତି
ଯାଅ ସଖୀ ଶୀଘ୍ରଯାଅ
ନକର ଡେ଼ରି ॥ ୩ ॥

* * *

ରେ ସଖୀ ନ ବହ ରୋଷ

ହେ ସଖୀ, ନ ବହ ରୋଷ
ଶ୍ୟାମ ଯାହା କହିଥିଲେ
ଯେତେ ଦୁଃଖ ଦେଇଥିଲେ
ଭୁଲିଯାଅ ସବୁ ସଖୀ, ହୋଇ ହରଷ ॥ ୦ ॥

Digitized by srujanika@gmail.com

ରାଧା, ପାଇଁ ଶ୍ୟାମ ଜାଣ
ତା' ପାଇଁ ତୁ ହେଲୁ ଧନ୍ୟ
ଦୁନିଆ ରଟେ ତୋ ନାମ,
ପ୍ରତି ତୁଣ୍ଡେ ରାଧା ଶ୍ୟାମ
ଭୁଲିଯାଅ ସବୁ ଦୁଃଖ
ହୁଅ ସନ୍ତୋଷ ।। ୧ ।।

କାହ୍ନୁ ହେଲାଣି ପାଗଳ
ଘୁରି ବରେ ଦ୍ୱାର ଦ୍ୱାର
କେବେ ଯୋଗୀ ବଇରାଗୀ
ହେଲାଣିରେ ସବୁ ତ୍ୟାଗୀ
ମାନିଯାଅ କଥା ଆମ ..
ନ ଘେନ ଦୋଷ ।। ୨ ।।

କାହ୍ନୁର ଏ ଦଶା ଦେଖି
ଆଖିରୁ ଲୁହ ବୋହୁଛି
କେତେ ଦଣ୍ଡ ସେ ଭୋଗିବ
ମନ କ'ଣ ସମ୍ଭାଳିବ
ମନୁ ସବୁ ଭୁଲିଯାଅ
ରାଣ ମୋ ରଖ ।। ୩ ।।

ସଙ୍ଗୀତ : ନେତାଜୀ ପାତ୍ର

* * *

ସଖୀ ଗୋ, କି କହିବି

ସଖୀଗୋ, କି କହିବି
କର୍ମ ମୋ ମନ୍ଦ
ଏକା କରି ଛାଡ଼ିଗଲେ
ମୋତେ ଗୋବିନ୍ଦ ।। ୦ ।।

ରାଧା ପ୍ରେମେ ହୋଇବାଇ
ଭୁଲିଗଲେ ମୋତେ ସେହି
ଶ୍ୟାମବିନା, ବଞ୍ଚିବକି,

Digitized by srujanika@gmail.com

ଚନ୍ଦ୍ରାବଳୀ କେବେ ସଖୀ
ନେଇ ଆଶ ପାଶେ ମୋର
କରିଲା ଛନ୍ଦ
କର୍ମ ମୋ ମନ୍ଦ ।। ୧ ।।

କହ ସଖୀ କେଉଁ ଗୁଣେ
ମୋତେ ସେହି ହୀନମଣେ
ରାଧା ଯଦି ବନ୍ଦି କଲା
ମୁହିଁ କି ନ ପାରେ ଭଲା
ବୁଝାଇ କହରେ ତାକୁ
ଛାଡୁ ସେ ଦ୍ୱନ୍ଦ
କର୍ମ ମୋ ମନ୍ଦ ।। ୨ ।।

ସଙ୍ଗୀତ : ନେତାଜୀ ପାତ୍ର

* * *

ସଖୀ ଏ କି କଲି

ସଖୀ ଏ କି କଲି
ଏ କି ମୁଁ କଲି,
ଶ୍ୟାମ ମନେ କିଆଁ ଦୁଃଖ ଦେଲି ।। ୦ ।।

ମୋତେ ଦେଖି ସେ ନାଗର
ଭୟେ ହୋଇ ଥରଥର
ବଂଶୀ ହାତରୁ ତାଙ୍କର
କିମ୍ପା ଖସାଇରେ ଦେଲି ।। ୧ ।।

ପ୍ରୀତିରେ ହୋଇ ବିଭୋର
ରାଧାକୁ କରିଲେ ପର
ଦୁଃଖ ନାହିଁ ମନେ ମୋର
ଅପକୀର୍ତ୍ତିକୁ ଅର୍ଜିଲି ।। ୨ ।।

ନ ଚାହିଁଲେ ମୋତେ ଟିକେ
ସେଥିପାଇଁ ମନେ ଭାଳେ
ଶ୍ୟାମ ସୁନ୍ଦରଙ୍କୁ ମୋର
ସଖୀରେ ମୁଁ ହରାଇଲି ।। ୩ ।।

ସଙ୍ଗୀତ : ✓ ନେତାଜୀ ପାତ୍ର

* * *

Digitized by srujanika@gmail.com

ଗୋବିନ୍ଦ ଭଜମନ

ଗୋବିନ୍ଦ ଭଜମନ
ମାଧବ ଭଜରେ
ହୁଅ ବିମୋହିତ,
ପାଇ ମକରନ୍ଦ ରଜରେ ॥ ୦ ॥

ମାୟା ଜାଲେ ଛନ୍ଦି ହୋଇ
କାହିଁକି ହେଉରେ ବାଇ
ଫେଡ଼ି ଚିନ୍ତାର ଲୋଚନ
କର ଆରେ ନୀରିକ୍ଷଣ
କାଳ ସମନ ପେଷିବ,
ମନେ ଏହା ହେଜରେ ॥ ୧ ॥

ଅର୍ଜିଲୁ ତୁହିରେ ଯାହା
ନିଜ ପାଇଁ ନୁହେଁ ତାହା
ଏ କଥା କି ଜାଣି ନାହୁଁ
ମୋର, ମୋର ଖାଲି କହୁ
ସବୁ ଅଟଇରେ ମାୟା,
ବନ୍ଧନକୁ ତେଜରେ ॥ ୨ ॥

ପାପ ପଙ୍କେ ଘାଣ୍ଟି ହେଲୁ
ପୁଣ୍ୟ କ'ଣ ଭୁଲିଗଲୁ
ଏବେ ମଧ ବେଳଅଛି
ନାମ ଜପ ଦିନରାତି
ହୋଇବୁ ଉଦ୍ଧାର ତୁହି
ପ୍ରଭୁ ପାଦ ପୂଜରେ ॥ ୩ ॥

ସଙ୍ଗୀତ : ରାମ, ଲକ୍ଷ୍ମଣ

* * *

Digitized by srujanika@gmail.com

ସଖୀଗୋ ନାଚି ଉଠେ ମୋ ମନ ପ୍ରାଣ

ସଖୀ ଗୋ,
ନାଚି ଉଠେ ମୋ ମନପ୍ରାଣ
ଦେଖି ସେହି କଞ୍ଜ ବଦନ ।। ୦ ।।
ଚୂତ ବନେ ଗାଏ ପିକ
ଆସିଛି ଋତୁ ବସନ୍ତ
ପଞ୍ଚଶାୟକରେ ବିନ୍ଧି
ଅସ୍ଥିର କଲା ମଦନ ।। ୧ ।।

ସ୍ୱାଗତିକା ରଚିତାନେ
ଆନନ୍ଦ ଉଲ୍ଲାସ ମନେ
ପାଛୋଟି ଆଣ ରେ ସଖୀ
ମୋହରି ପରାଣ ଧନ ।। ୨ ।।

ଦମ୍ଭ ମୋହର ଭାଙ୍ଗିଲା
କେ ମୂରଲୀ ବଜାଇଲା
ସେ ସ୍ୱନରେ ଭୁଲିଗଲି
ହେଲି ମୁଁ ଆଜି ଉଚ୍ଛନ୍ନ ।। ୩ ।।

ସଙ୍ଗୀତ : ରାମ, ଲକ୍ଷ୍ମଣ

* * *

ରୁମ୍ ଝୁମ୍ ଝୁମ୍

ରୁମ୍ ଝୁମ୍ ଝୁମ୍
ବାଜେ ମୋର ନୁପୁର କିଙ୍କିଣୀ
କାହା ଲାଗି ମନ ମୋର ନାଚି ଉଠିଲା
କିଏ ସେ ଗାଉଛି ଛନ୍ଦେ,
ମଧୁର ରାଗିଣୀ
କହାପାଇଁ ମନ ମୋର ସବୁ ଭୁଲିଲା ।। ୦ ।।

Digitized by srujanika@gmail.com

କାହାପାଇଁ ଆଜି ମନ
ହୁଅଇ ଅତି ଉଚ୍ଛନ୍ନ
ଷୋଳ ସିଙ୍ଗାରେ ସଜନୀ
ସଜାଅ ତା' ମନ ଜାଣି
କାହା ପ୍ରେମେ ଆଜି ମୋର
ମନ ହଜିଲା ॥ ୧ ॥

ମୃଦଙ୍ଗର ତାଳେ ତାଳେ
ମୁରଲୀର ସୁରେ ସୁରେ
ବାଜିଉଠୁ ମୋ ନୂପୁର
ନାଚିବି ହୋଇ ବିଭୋର
କିଏ ସେ ଆଜି ମୋ କାନେ
ମନ କଥା କହିଲାରେ ॥ ୨ ॥

✳ ✳ ✳

ମନରେ ଦେଖିଥିଲୁ ସପନ

ମନରେ ....,
ଦେଖିଥିଲୁ ସପନ ତୁ ଗଢ଼ିବୁ ସୁନା ସଂସାର
ସପନ ତୋ ଭାଙ୍ଗିଗଲା
ସବୁ ସୁଖ ତୁଟିଗଲା
ଏଥିପାଇଁ ଲୁହ ଢ଼ାଳନା
ସବୁ ମିଛ ସବୁ ଛଳନା ॥ ୦ ॥

ମନରେ ....,
ଜୀବନଟା ଗଢ଼ା ତୋର
ଦୁଃଖର ଏ ଦୁନିଆଁରେ
ସୁଖ ତ ସପନ ହେଲା
କରମର ଲିଖନରେ
ସେଥିପାଇଁ ଆଉ କାନ୍ଦନା
ମନକୁ ତୁ ଦୁଃଖ ଦିଅନା ॥ ୧ ॥

Digitized by srujanika@gmail.com

ମନରେ ....,
ନାରୀ ଜନ୍ମ ନୁହେଁ କେବେ
ଅଖୋଜା, ଅଲୋଡ଼ା ଭବେ
ସେହି ମାତା, ଶାନ୍ତିମୟୀ
ତାହାରି ମହିମା ଗାଇ
ଭୁଲେ ନର ସବୁ ଯାତନା
ଆଉ ତୁରେ ଲୁହ ଢ଼ାଳନା ।। ୨ ।।

* * *

ରାଇ କିଶୋରୀ

ରାଇ କିଶୋରୀ
ଶ୍ୟାମ ଆସିବେ ଫେରିଗୋ ।। ୦ ।।

ଯୋଗୀ ହୋଇଭିଖ ମାଗି
ଶ୍ୟା ହେଲା ବଇରାଗୀ
ଜାଣନା କି ରଧେ ତା' କଥା
ତୁମ ପ୍ରୀତି ମନେ ହେଜି
ସାଜିଛି ଆଜି ସେ ଯୋଗୀ
ମାଗେ ଖାଲି ସେ ପ୍ରେମଭିକ୍ଷା
ଦିଅ ଭିକ୍ଷା ତା' ଝୋଲି ଭରି ଗୋ ।। ୧ ।।

ଜଗତରେ ରାଧା ଲାଗି
ଶ୍ୟାମ ହୁଏ ବଇରାଗୀ
ନ ଜାଣ କି ରାଇକିଶୋରୀ
ବଞ୍ଚିବ କିପରି କହ
ତୁମ ବିନା ଅହରହ
ଡାକେ ବଂଶୀ ନାମ ତୁମରି
ଦିଅ ଭିକ୍ଷା' ତା ଝୋଲିଭରି ।। ୩ ।।

* * *

Digitized by srujanika@gmail.com

ଶ୍ରୀକୃଷ୍ଣଙ୍କର ମାଲୁଣୀ ବେଶ

ଆଣିଛି ଗଜରା ହାର
ପିନ୍ଧିନିଅ ଗଳେ ତୋର
ମନଲାଖି ତୋର ହୋଇଛି
କାହିଁକି ମୁହଁ ଶୁଖାଇ
ବସିଛୁ ମଉନ ହୋଇ
ଜାଣେ ସେ ଯେ ଦୁଃଖ ଦେଇଛି
ପିନ୍ଧିଲେ ମୋହର ଏ ହାର
ଦୁଃଖ ମନୁ ନିମିଷକେ ହୋଇବ ଦୂର ।। ୧ ।।

ଜାଣିଛି ମୁଁ କାହା ପାଇଁ
ମନ ତୋର ଭଲ ନାହିଁ
ପୁରୁଷ ଜାତିକୁ ଭୁଲି
ପରତେ ଗୋ ଯିବୁନି
ତୋର ପାଇଁ ସେ ଯେ ମରୁଛି
ତୋର କଥା ମନେ, ମନେ ନିତି ଝୁରୁଛି ।। ୨ ।।

* * *

ଶ୍ରୀରାଧା ଓ ଲଳିତାଙ୍କର କଥୋପକଥନ

ଲଳିତା - କହି ଦିଅ ସଖୀ ସତ କି ଅଟଇ
ଯାହା କର୍ଣ୍ଣ ଶୁଣେ ମୋର
କଳା କାହ୍ନୁ ଛାଡ଼ି ରାଧାକି ବଞ୍ଚିବ
କରି ତାକୁ ସାତପର ? ।। ୦ ।।

ରାଧା - ଆଗୋ ପ୍ରିୟ ସଖୀ ରାଧାର ବଚନ
ବ୍ରହ୍ମଠାରୁ ତ କଠିନ ।
ସେ ବାଙ୍କଚୂଳିଆ ବଡ଼ ଦଗାଦିଆ
କଲା ମୋତେ ହୀନିମାନ ।। ୧ ।।

Digitized by srujanika@gmail.com

ଲଳିତା - ଶୁଣ ଆଗୋ ରାଧେ ଅତି ସୁସଜ୍ଜିତ
ତୁମର କେଶ କୁନ୍ତଳ ।
ରାଧା - ସେହି କଳାକେଶେ ନାହିଁ ପ୍ରୟୋଜନ
ଲଣ୍ଡିତ କର ମୋ ଶିର ॥ ୨ ॥

ଲଳିତା - ନୟନେ ଅଞ୍ଜନ ଲାଗିବ କି ନାହିଁ
ସେ ତ ଅଟେ ଘୋର କଳା ?
ରାଧା - ଯେ ଦିନୁଁ, କହ୍ନାଇ ହୋଇଲେ ବଇରୀ
ସେହି କଳା ଆଉ ଗଲା ॥ ୩ ॥

ଲଳିତା - ଏ ପୁଷ୍ପ ଉଦ୍ୟାନେ କାଳିଆ ଭ୍ରମର
ଯେତେବେଳେ ଉଡୁଥିବ ?
ରାଧା - କହୁଅଛି ସଖୀ ଅତି ତରବରେ
ତାକୁ ଘଉଡ଼ାଇ ଦେବ । ॥ ୪ ॥

ଲଳିତା - ନୀଳ ଯମୁନାକୁ ଗାଧୋଇବା ପାଇଁ
ସଖୀ କ'ଣ ଯିବ ନାହିଁ ?
ରାଧା - ଯା' ପାଇଁ ଯମୁନା ବାଟ ହେଲା ମନା
ସେ କଥା ପଚାରୁ କାହିଁ ॥ ୫ ॥

ଲଳିତା - ଶ୍ୟାମଳ ବରଣ ଯେତେ ପକ୍ଷୀ ତୋର
ସେମାନଙ୍କୁ ଦେବ ତଡ଼ି ?
ରାଧା - କହିଥିଲି ତୋତେ ଶ୍ୟାମଳ ବରଣେ
ଦେଲି ପରା ଜଳାଞ୍ଜଳି ॥ ୬ ॥

ଲଳିତା - ଆଉ ପଦେ କଥା ପଚାରୁଛି ସଖୀ
କଳା ଭୁଲ ଆଖି ଡୋଳା
ରାଧା - ଯଦି ଲୋଡ଼ା ପଡ଼େ ଫୁଟାଇ ମୁଁ ଦେବି
ସେହି ନୟନ ପିତୁଳା ॥ ୭ ॥

ଲଳିତା - ଆଖି ଫୁଟିଗଲେ କଳା ଦିଶାଯିବ
ସବୁ ତ ଏହି ମେଦିନୀ
ରାଧା - ହୀରା ଆଙ୍ଗୁଠିକୁ ଚାପି ଆଗୋ ସଖୀ
କରିବି ମୁଁ ପ୍ରାଣହାନୀ ॥ ୮ ॥

ସଙ୍ଗୀତ : ନେତାଜୀ ପାତ୍ର

* * *

Digitized by srujanika@gmail.com

ବାୟା, ସବୁରେ ମାୟା ହୋ

ବାୟା, ସବୁରେ ମାୟା ହୋ ସବୁରେ ମାୟା
ବାଇମନ, ମିଛେ କିଆଁ ହେଉ ଛନ ଛନ ।। ୦ ।।

ପେଟ ଚିରି ମା' ଜନମ ଦେଲା
ତୋର ପାଇଁ କେତେ କଷ୍ଟସହିଲା
ମାଇପ ଆସିଲା ତୁ ଭୁଲିଗଲୁ
ସେହି ମା'କୁ ତୁ ପରକରିଲୁ
ବାଇମନରେ, ମିଛେ ହେଉ କିଆଁ ଛନ ଛନ ।। ୧ ।।

ମୋର, ମୋର ବୋଲି ଯାହାକୁ କହୁ
ତୋର କେହି ନୁହେଁ, ତୁ ଜାଣି ନାହୁଁ
ସ୍ୱାର୍ଥ ପାଇଁ ଆଜି ସର୍ବେ ପାଗଳ
ସେଥିପାଇଁ ସିନା ସବୁ ବ୍ୟାକୁଳ
ବାଇମନରେ ମିଛେ କିଆଁ ହେଉ ଛନ ଛନ ।। ୨ ।।

ଭାବିଛୁ ବଞ୍ଚିବୁ ତୁ ଚିରଦିନ
ପଦ୍ମପତ୍ରେ ନୀର, ତୋର ଜୀବନ
ଅନୀତି, ଦୁର୍ନିତୀ ତୋ ସାଙ୍ଗସାଥୀ
ଥରେ ନ ଚିନ୍ତିଲୁ ଜଗତ ପତି
ବାଇମନରେ, ମିଛେ କିଆଁ ହେଉ ଛନ ଛନ ।। ୩ ।।

ସଙ୍ଗୀତ : ଅରୁଣ ଓ ଅନୁ

* * *

ଜଗତର ନାଥ ବୋଲି

ଜଗତର ନାଥ ବୋଲି
ପଡ଼ିଛି ଡକା
ଚଉଦିଗେ ଉଡ଼େ ପ୍ରଭୁ
ଯଶ ପତାକା ।। ୦ ।।

Digitized by srujanika@gmail.com

ଥାଇ ତୁମ ପରି ନାଥ
ଯଦି ହୋଇଲି ଅନାଥ
ଭାଗ୍ୟକୁ ଆଦରି ଖାଲି
ପଡ଼ିଛି ଏକା ।। ୧ ।।

ଲୋଡ଼ା ନାହିଁ ବ ଇଭବ
ସେ ସବୁରେ ମୋ କିସ ହେବ
ବିପଦ ବେଳକୁ ପରା
ତୁ ମୋର ସଖା ।। ୨ ।।

ମଝି ସମୁଦ୍ରରେ ନାଆ
ରକ୍ଷାକର ଚଉବାହା
ରକ୍ଷା କରିଛୁ ଜାଣିଛି
ଦ୍ରୋପଦୀ, ମୃଗୁଣୀ, ହସ୍ତୀ
ଏବେ କରୁଛି ମୁଁ ସ୍ତୁତି
ନ କର ପର ।। ୩ ।।

ଅଧମ ଉଦ୍ଧାର କରି
ପାପୀ, ପାପ ତ୍ରାଣ କରି
ଉଡ଼ାଅ ବାନା
ଆହେ ପ୍ରଭୁ ଚକାଡୋଳା
ଆରତେ ଡାକୁଛି ପରା
କାହିଁକି କରୁଛ ପ୍ରଭୁ
ଯେତେ ପରୀକ୍ଷା ।। ୪ ।।

* * *

ଆହେ ଚକାଆଖି

ଆହେ ଚକାଆଖି
ଦିନ ନ ସରୁଛି ଡାକି, ଡାକି ।। ୦ ।।

Digitized by srujanika@gmail.com

ଖାଉନ୍ଦ ପଣରେ ତୁମେ ବଡ଼
ତୁମେ ଚଳାଉଛ ଏ ସଂସାର
ସବୁରି ମାଲିକ, ତୁମେଇ ତ ପ୍ରଭୁ
ଏକଥା ବା କିଏ ନ ଜାଣିଛି ।। ୧ ।।

ସଂସାରରେ ଚାଲେ ତୁମ ଲୀଳା
ତୁମେ ପାର କର ସବୁ ଭେଲା
ଭେଲା ବୁଡ଼ିବାକୁ ବାକୀ ରହିଅଛି
କାହାକୁ କରିବି ମୁହିଁ ସାକ୍ଷୀ ।। ୨ ।।

ମାୟାଜାଲେ ପଡ଼ି ସହୁଛି କଷଣ
ଡାକୁଅଛି ମୁହିଁ ରଖ ନାରାୟଣ
ତୁମେ ନ ରଖିଲେ ଆଉକେ ରଖିବ
କହି, କହି ମୁହିଁ ଗଲି ଥକି ।। ୩ ।।

* * *

ତୋରି ଲାଗି ଆଜି ଗୋପଦାଣ୍ଡ ମନା

ତୋରି ଲାଗି ଆଜି ଗୋପଦାଣ୍ଡ ମନା
ଆରେ ମୋ କାଳିଆ ସୁନା
ତୋତେ ନ ଦେଖିଲେ
ବଞ୍ଚିପାରିବିକି
ବତାଇ ମୋତେ କହନା ।। ୦ ।।

ଅପବାଦ ବାନା ଉଡ଼େ ଫର ଫର
ଶତ୍ରୁ ହୋଇଲାଣି ଏ ସାରା ସଂସାର
କହିଦେ ମୋତେ ବଞ୍ଚିବି କେମନ୍ତେ
ହାରିବି ଜୀବନ ସିନା
ଆରେ ମୋ କାଳିଆ ସୁନା ।। ୧ ।।

ବାହାରକୁ ଯିବା ହୋଇଲାଣି ମନା
ଘରେ ପଣ ଅଛି ଅଶେଷ ଯାତନା

Digitized by srujanika@gmail.com

ଆରେ ବନମାଳି ମୋର ଗଳାମାଳି
(ଖାଲି) ବଞ୍ଚିଛି ତୋ ଲାଗି ସିନା
ଆରେ କାଳିଆ ସୁନା ।। ୨ ।।

* * *

ତୁମେ ମୋର ବୃନ୍ଦାବନ

ତୁମେ ମୋର ବୃନ୍ଦାବନ
ତୁମେ ମୋର କାଶୀ
ଡାକୁଛି ତୁମକୁ ପ୍ରଭୁ
ଘରେ ଏକା ବସି ।। ୦ ।।

ଦେଖି ନାହିଁ ଚାରିଧାମ
ତ୍ରାହି ନାରାୟଣ
ଦ୍ୱାରିକା, ମଥୁରା ଆଜି
ତୁମ ବୃନ୍ଦାବନ ।। ୧ ।।

ତୁମେ ଅଟ ସର୍ବବ୍ୟାପ୍ତ
ପ୍ରତି ହୃଦୟରେ
କାହିଁକି ଦେଖିବି ତେବେ
ସେ କଥା ବିଚାରେ ।
ମୁକ୍ତି କ'ଣ ତୁମେ ଦେବ,
ପଚାରୁଛି ପ୍ରଭୁ
ମୋତେ ଟିକେ ଦିଅ କହି ।। ୨ ।।

ଦରଶନ ଦିଅ ପ୍ରଭୁ
ଭାବେ ସବୁବେଳେ
କାହିଁକି ବୁଲିବି ମୁହିଁ
ତୁମେ ପାଖେଥିଲେ ।
ଦିଅ କହି ନାରାୟଣ
ତୁମ ବିନା କେହି ମୋର
ନାହିଁ ଆଉ ଆନ ।। ୩ ।।

* * *

Digitized by srujanika@gmail.com

ଦୁଃଖ ଅନଳରେ

ଦୁଃଖ ଅନଳରେ
ଜାଳି, ପୋଡ଼ି ହୋଇ
ଦିନ କାଟୁଅଛି
ତୋର ପଦଧ୍ୟାୟୀ
ନ ଜାଣୁକି ତାହା ମାତ
ତୁହି ନଜାଣିଲେ କିଏ ଜାଣିବ
ଡାକୁଛି ଅଧମ ସୁତ ।। ୧ ।।

ସନ୍ତାନ ତୋହର
ଯନ୍ତ୍ରଣା ସହୁଛି
ନିରନ୍ତର ସେ'ତ
ତତେ ଡାକୁଅଛି
ଦୟାକର ବାରେ ତାର
ତୋରି ବିନା ମୋର
କେ ଅଛି ଜଗତେ
ତୁ ମାତ ସୁଦୟା କର ।। ୨ ।।

* * *

କରୁଣାମୟୀ କରୁଣା

କରୁଣାମୟୀ କରୁଣା
ନକର ଊଣା
ଡାକି, ଡାକି ଥକିଲିଣି
ମୋ' ଜନନୀ ଶ୍ୟାମା ।। ୦ ।।

ଶଙ୍କରୀ ତୁ ମହାକାଳି
ଉମା, ଗୌରୀ, ମହେଶ୍ୱରୀ
ସୁର, ନର, ସର୍ବେ ତୋର
ଗାଆନ୍ତି ମହିମା ।। ୧ ।।

Digitized by srujanika@gmail.com

ଜାଣେନା ମୁଁ ପୂଜାମନ୍ତ୍ର
ଦୂର କର ମୋ' ଆରତ
ଆରତ ନାଶିନୀ ବୋଲି
ଜଗତେ ଜଣା ।। ୨ ।।

ସର୍ବରୂପରେ ତୁ ମାତା
ଶକ୍ତି ରୂପରେ ବନ୍ଦିତା
ଯାଉ ଓ ଜୀବନ ମୋର
କରି ତୋର ଉପାସନା ।। ୩ ।।

* * *

ସୁଖ ବୋଲି ଯାହା

ସୁଖ ବୋଲି ଯାହା
ଭାବୁଆରେ ମନ
ଆସେ ଜୀବନରେ
ସେହି ଦୁଇଦିନ
ଦୁଃଖ ଚିର ସହଚର
ସେହି କଥା ଭାବି, ମନେ ପ୍ରଭୁ ଚିନ୍ତି
ଦିନ କାଟ ନିରନ୍ତର ।। ୦ ।।

ସୁଖରେ କେ କ'ଣ
ପ୍ରଭୁଙ୍କୁ ଡାକୁଛି
ଦୁଃଖୀ ପାଇଁ ମନରେ
ପ୍ରଭୁ ରହିଥାନ୍ତି ।
ସୁଖକୁ ଚିନ୍ତା ନ କର
ପ୍ରଭୁ ପାଦେ ଧ୍ୟାୟୀ ତାଙ୍କ ଗୁଣଗାଇ
ତୁମର ହେ ଦିନସାର ।। ୧ ।।

ସୁଖୀ କେବେ କଣ
ଶାନ୍ତି ପାଉଅଛି

Digitized by srujanika@gmail.com

ହରିଙ୍କର ଗୁଣ
କେବେ ଗାଉଅଛ
ପ୍ରଭୁ ନାମେ ଶାନ୍ତି ଚିର
ଆରେ ମୋର ମନ
କର ଜୟଗାନ
ସୃଷ୍ଟିକର୍ତ୍ତା ପ୍ରଭୁଙ୍କର ।। ୨ ।।

* * *

ପ୍ରଭୁହେ ... ତୁମେ ପରା ଅଟ

ପ୍ରଭୁ ହେ ....
ତୁମେ ପରା ଅଟ
ଅନ୍ତରଯ୍ୟାମୀ
ଅନ୍ତର ବେଦନା କାହିଁକି ବୁଝନା
କହିଦିଅ ମୋତେ ହେ ମୋର ସ୍ୱାମୀ ।। ୦ ।।

ଜୀବନଟା ଖାଲି ସଂଗ୍ରାମେ କଟିଲା
ସୁଖ ବୋଲି କେବେ ମନ ନ ଜାଣିଲା
କୋଟି ବଇଭବ ଦେଇଛ କାହାକୁ
ଦୁଃଖ ଭୋଗେ ଖାଲି
ତୋ ଅନୁଗାମୀ ।। ୧ ।।

ଏହିକି ତୋହର, ଅଟଇ ବିଚାର
ତତେ ସୁମରିବ କାହିଁକି ବା ନର
ଏକି ଅବିଚାର ଧନ୍ୟ ତୋ ବିଚାର
କରୁଥା ବିଚାର ଅନ୍ତର ଜାଣି ।। ୨ ।।

* * *

Digitized by srujanika@gmail.com

ଯେତେବେଳେ ଜୀବ ଯିବ

ଯେତେବେଳେ ଜୀବ ଯିବ
ପ୍ରଭୁ ସେ ବେଳରେ ଥିବ
ଏତିକି ମିନତି ମୋର
ରଖିବ ହରି
ତବ ଶ୍ରୀ ଚରଣେ ମୋର
ଏହି ଗୁହାରୀ ।। ୦ ।।

ଯମଦଣ୍ଡ ନ ଲାଗିବ
ଆତ୍ମା ମୋ ଶାନ୍ତି ପାଇବ
ସେଥିପାଇଁ ଚିନ୍ତା ମୋର
ହେ ଗିରିଧାରୀ
ତବ ଶ୍ରୀଚରଣେ ମୋର
ଏହି ଗୁହାରୀ ।। ୧ ।।

ଯମ ଦଣ୍ଡ ନ ଲାଗିବ
ଆତ୍ମା ମୋ ଶାନ୍ତିପାଇବ
ସେଥିପାଇଁ ଚିନ୍ତା ମୋର
ହେ ଗିରିଧାରୀ
ତବ ଶ୍ରୀଚରଣେ ମୋର
ଏହି ଗୁହାରୀ ।। ୨ ।।

ପାପେ ବୁଡ଼ିଅଛି ମୁହିଁ
ପୁଣ୍ୟ କେବେ ଜାଣିନାହିଁ
ମାୟା ମୋହରେ ସରିଛି
ଦିନ ମୋହରି
ପାପତାପ ନାଶିଦିଅ
ଆହେ ମୁରାରୀ ।। ୩ ।।

ଅଜ୍ଞାନେ ବୁଡ଼ି ମୁଁ ଥିଲି
ସଦ୍‌ଜ୍ଞାନ ଯେବେ ପାଇଲି

Digitized by srujanika@gmail.com

ସେତେବେଳେ ଦିନ ମୋର ଗଲାଣି ସରି
ପ୍ରଭୁ, ତୁମ ନାମ ଗାଇ ଯାଉ
ଦିନ ମୋହରି ॥ ୪ ॥

* * *

କେ ହରିବ ଦୁଃଖ

କେ ହରିବ ଦୁଃଖ
ହେ ପଙ୍କଜ ମୁଖ
ଆରତ ନାଶନ ବାନା
ଡାକୁଛି ଆତୁରେ
ନଶୁଣ ତାହାରେ
କାହିଁକି ଭକ୍ତ ବେଦନା ॥ ୦ ॥

ଏ ଭବସାଗରେ
ଦୁଃଖ ଶୁଣବାରେ
ହେ ଜଗତ ସାଇଁ
ହୋଇଲିଣି ବାଟବଣା ॥ ୧ ॥

କେତେ ବା ଡାକିବି
କରୁଣା ବାରିଧି
କହି ଅନ୍ତର ବେଦନା
ପତିତ ପାବନ ବାନା
ଉଡାଅ ଜଗତେ
କାହିଁକି କହ ହେ
(ଯଦି)ଭକ୍ତ ଭୋଗୁଛି ଯନ୍ତ୍ରଣା ॥ ୨ ॥

* * *

Digitized by srujanika@gmail.com

ଭଗବାନ.... ଦୁଃଖ ଶୁଣ ଭଗବାନ

ଭଗବାନ ....,
ଦୁଃଖ ଶୁଣ ଭଗବାନ
ତୁମେ ନ ଶୁଣିଲେ
ଆଉ କେ ଶୁଣିବ
ହେବ ନିନ୍ଦା ଅପମାନ ।। ୦ ।।

ଭକ୍ତର ବେଦନା
ଶୁଣିବା ପାଇଁକି
କର୍ଣ୍ଣ ଡେରିଅଛ
ହେ କୃପାବାରିଧି
ଅପରାଧ ଯଦି
କିଛି କରିଅଛି
କ୍ଷମ ପ୍ରଭୁ ନାରାୟଣ ।। ୧ ।।

ଭାସୁଅଛି ନାଆ
ଅଥଳ ଜଳରେ
କୂଳ ଦିଶୁନାହିଁ
ଘୋର ଅନ୍ଧକାରେ
ଅଣଚାଶ ବାଆ
ମାଡ଼ି ଆସୁଅଛି
ରଖ ପ୍ରଭୁ ଜନାର୍ଦ୍ଦନ ।। ୨ ।।

* * *

ଆସ, ଆସ ଲୋ ସଜନୀ

ଆସ, ଆସ ଲୋ ସଜନୀ
ଦେଖ ପାହିଲା ରଜନୀ
ଦେଖିବାକୁ ଯିବା ଆସ
ଗୁଣ୍ଡିଚାଯାତ

Digitized by srujanika@gmail.com

କରିବା ପବିତ୍ର ନେତ୍ର
ଆସ ସଙ୍ଗାତ ।। ୦ ।।

ଭାଇ, ଭଉଣୀଙ୍କ ସଙ୍ଗେ
ତିନି ରଥେ ହୋଇ ବିଜେ
ଘୋଷ ଯାତ୍ରା ନାମେ ଏହା
ଜଗତେ ଖ୍ୟାତ
ଦେଖିବାକୁ ଯିବା ଆସ ଶ୍ରୀ ଜଗନ୍ନାଥ ।। ୧ ।।

ତାଳଧ୍ୱଜ, ନନ୍ଦିଘୋଷ
ଦର୍ପଦଳନ ନାମିତ
ରଥରେ ବାମନ ଦେଖି
ନେତ୍ର ପବିତ୍ର
ଦେଖିବାକୁ ଯିବା ଆସ
ଗୁଣ୍ଡିଚା ଯାତ ।। ୨ ।।

* * *

କେତେ ଦୁଃଖ ଆଉ ସହିବି ହେ ପ୍ରଭୁ

କେତେ ଦୁଃଖ ଆଉ
ସହିବି ହେ ପ୍ରଭୁ
ହେଉଥିବି ଖାଲି କଳବଲ
ଭଲ ଲୋକଙ୍କୁତ ପାଖେ ଡାକିନିଅ
ମୁହିଁ ତ ନୁହଇ କେବେ ଭଲ
ଭାଙ୍ଗି ପଡ଼ି ନାହିଁ ଦୁଃଖେ କେବେ
ସବୁବେଳେ ତୁମ କୁ ତ ଡାକେ
ଡାକି, ଡାକି ତୋଟି ଶୁଖିଗଲାଣି ମୋ
କରୁଅଛ କିଆଁ ମୋତେ ଛଳ ।। ୧ ।।

ଯାହା ମୁଁ କରୁଛି, ଭଲ ମନ୍ଦ ଅବା
ସବୁ ହୁଏ ତୁମ ଇଙ୍ଗିତରେ

Digitized by srujanika@gmail.com

ସେଥିପାଇଁ କିଆଁ ଦଣ୍ଡ ମୁଁ ଭୋଗିବି
କହିଦିଅ ମୋତେ ଖୋଲିବାରେ
ତୁମେ ପରା ପ୍ରଭୁ ଦୟାର ସାଗର
କରୁଣା ବାରିଧି ଦୁଃଖହର
ଆଉ ପାରୁ ନାହିଁ ସହି ତ କଷଣ
ଡାକି ନିଅ ମୋତେ ତୁମ ପୁର ॥ ୨ ॥

* * *

ଆଉ ଦୂରେ ନ କର ଅଳି ମୋ ବନମାଳି

ଆଉ ଦୂରେ ନକର ଅଳି
ମୋ ବନମାଳି ॥ ୦ ॥

ଆସୁଛି ମେଘ ବରଷା
ବଣ ନାହିଁକେ ଭରସା
କାଳିନ୍ଦୀରେ କଳା ନାଗ
ଫଣାକୁ ଟେକି ॥ ୧ ॥

ରଖିଛି ସର ଲବଣୀ
ଖାଇବାକୁ ଧନମଣି
ଖାଇ ଆନନ୍ଦରେ ଖେଳ
ମୋର ସଙ୍ଗାଳି ॥ ୨ ॥

ମା' କି ଛାଡ଼ିବ ତୋତେ
ସହିଛି ବିପତ୍ତି କେତେ
ବକା, ଶକଟା, ପୁତନା
କଥାକୁ ଭାଳି ॥ ୩ ॥

* * *

Digitized by srujanika@gmail.com

ସଖୀ ..... ନ ଯା' ଯମୁନା

ସଖୀ ....
ନ ଯା ଯମୁନା
କଦମ୍ବମୂଳେ ଲୁଚିଛି କାହ୍ନା ।। ୦ ।।

ଲାଜ ମହତକୁ ଭୁଲି
ଆଜି ସର୍ବ ଗୋପବାଳୀ
ବୁଲୁଛନ୍ତି ଗୋପଦାଣ୍ଡେ
ତା' ପ୍ରେମେ ବଣା ।। ୧ ।।

ପର ଭୁଆସୁଣୀ ପ୍ରତି
ତାହାର ଅଶେଷ ପ୍ରୀତି
ତିଳେ ତାର ନାହିଁ ଡର
ନ ଶୁଣେ ମନା ।। ୨ ।।

ଶୁଣ ମୋହର ବଚନ
ଲୋଡ଼ା ନାହିଁ କାହ୍ନୁ ପ୍ରେମ
ଉଡ଼ିବ ତୋହରି ନାମେ
ଅପବାଦର ବାନା ।। ୩ ।।

* * *

ସନ୍ଧ୍ୟା ହୋଇଲା, ରାତି ଆସିଯିବ

ସନ୍ଧ୍ୟା ହୋଇଲା, ରାତି ଆସିଯିବ
ଆଉ କେତେ ବାଟ ରହିଛିବାକି
ଚାଲି, ଚାଲି ମୁହିଁ ଜୀବନଟା ସାରା
ଜାଣନି କି ପ୍ରଭୁ ଗଲିଣି ଥକି ।। ୦ ।।

ସଉଦା ସରିଲା, କିଛିବାକୀ ନାହିଁ
କେମନ୍ତେ ଯିବୁ ମୁଁ, ଖାଲି ଚିନ୍ତା ଏହା

Digitized by srujanika@gmail.com

ଦେଖାଇବ କିଏ ପଥ
କେଉଁଠି ମୋ ଗାଁ କେଉଁଠି ମୋ ଘର
ଘାରେ ଚିନ୍ତା ଅବିରତ ।। ୧ ।।

କେତେ ନଦ, ନଦୀ, କେତେ ବଣ ଭୂଇଁ
ପାରି ହେଲେ ଯାଇ ଆସିବ ଘର
ସେହି କଥା ଭାବି, ଥରି ଉଠେ ଛାତି
ସାହା ହୁଅ ପ୍ରଭୁ, ଅଳିମାରେ
ଜୀବନଟା ସାରା ଖାଲି ହୁତାଶନ
ଜୀବନ ନୁହେଁ ଏ ଜୀବନ୍ତ ମରଣ
କାହିଁକି ଦିଅ ଜନମ
ସହିବାକୁ ଖାଲି ସାରା ଜୀବନଟା
କରମ ଲେଖା କଷଣ ।। ୨ ।।

* * *

ବଂଶୀ କିଏ ବଜାଇଲା ବୃନ୍ଦାବନେ

ବଂଶୀ କିଏ ବଜାଇଲା ବୃନ୍ଦାବନେ
ମନ ମୋର ପୁଲକିଲା
ସେହି ସ୍ୱନେ
ସେ ସ୍ୱନ ପାଗଳି ହେଲି
ଲାଜ ମହତ ଭୁଲିଲି
ମାର ମରମେ ବିନ୍ଧିଲା ପଞ୍ଚବାଣେ ।। ୦ ।।

ସେ ସ୍ୱନରେ ଗୋପନାରୀ
ହୋଇଲେ ସର୍ବେ ବାଉରୀ
ଛାଡ଼ିଲେ ଲାଜ ମହତ,
ସର୍ବେ ତ ପ୍ରେମେ ।। ୧ ।।

କଳି କହେ ଶୁଣ ଅଳି
କିଏ ବଜାଏ ବଂଶରୀ
ତା' ପରି ନାଗର ଆଉ ନାହିଁ ଜଣେ ।। ୨ ।।

* * *

Digitized by srujanika@gmail.com

କାନ୍ଦି କାନ୍ଦି ଲୁହ ଗଲା ଶୁଖି

କାନ୍ଦି କାନ୍ଦି ଲୁହ ଗଲା ଶୁଖି
ଆହେ ଚକା ଆଖି,
କେତେ ଡାକୁଥିବି ତୁ ବଧିର ହେଲେ
କାହାକୁ ମୁଁ ଅବା ଦେବି ସାକ୍ଷୀ ॥ ୦ ॥

ଖାଉଁ ଦ ପଣରେ ତୁହି ବଡ଼
ତୋତେ ଦେଖିବାକୁ କେତେ ଭିଡ଼,
ଯିଏ ଯେଉଁଠାରେ ରହିଥିଲେ ପ୍ରଭୁ
ଭାବନ୍ତି ତୁ ତାଙ୍କୁ ଅଛୁ ଦେଖି ॥ ୧ ॥

ବନ୍ଧୁ ପଣିଆରେ ତୋହଠାରୁ
ନାହିଁ କିଏ ବଡ଼ ମହାମେରୁ
ବନ୍ଧୁ ବୋଲି ବନ୍ଧୁ ମହାନ୍ତିକୁ ତୁହି
କୈବଲ୍ୟ ପରଶି ନଥିଲୁ କି ? ॥ ୨ ॥

ରାଧାକୁ କନ୍ଦାଇ ଥିଲୁ ମନେ
ହୃଦେ ରଖିଥିଲୁ ସବୁ ଦିନେ
ରାଧା ନାମ ତେଣୁ ସାର୍ଥକ ହୋଇଲା
(ପାପୀ) ତରିଗଲା ରାଧାଶ୍ୟାମ ଡାକି ॥ ୩ ॥

ମୁହିଁ ପାପୀ ଦୀନ ଅକିଞ୍ଚନ
ଜପୁଛି ଖାଲି ତୋ ଶ୍ରୀଚରଣ
ତୋ କଳାବଦନ ପାଇଁ ଭକ୍ତମନ ଛନ୍ନ
ଦେଖିଦେଲେ ଥରେ ହୁଏ ସୁଖୀ ॥ ୪ ॥

* * *

Digitized by srujanika@gmail.com

ନିଠୁର କାହିଁକି ହୁଅ ହେ ଘନଶ୍ୟାମ

ନିଠୁର କାହିଁକି ହୁଅ ହେ ଘନଶ୍ୟାମ
ତୁମ ପାଇଁ ନିତି ଝୁରେ ରାଧା ପରାଣ ॥ ୦ ॥

ତୁମ ପ୍ରେମେ ପାଗଳିନୀ
ହେଲା ରାଧା କଳଙ୍କିନୀ
ଅପବାଦ ତୁମ ଲାଗି କଳାଭୂଷଣ
ନିଠୁର କାହିଁକି ହୁଅ ହେ ଘନଶ୍ୟାମ ॥ ୧ ॥

ସେ ତମ କିଣା କିଙ୍କରୀ
ଭାବୁଛ କି ମିଛ ବୋଲି
ନିନ୍ଦାକୁ ତ ସହିନେଲା ମନମୋହନ
ନିଠୁର କାହିଁକି ହୁଅ, କଳାବଦନ ॥ ୨ ॥

କେତେ ବା ସେ ବୁଝାଇବ
ଶେଷେ ଜୀବନ ହାରିବ
ତୁମେ ତାର ସେ ତୁମର, ଛନ୍ଦାଚରଣ
ତୁମ ପାଇଁ ନିତି ଝୁରେ ରାଧା ପରାଣ ॥ ୩ ॥

* * *

ଘନ ଅନ୍ଧାର, ପଥ ବନ୍ଧୁର

ଘନ ଅନ୍ଧାର, ପଥ ବନ୍ଧୁର
ପଥବଣା ମୁହିଁ ପଥଚାରୀ
ଦେଖାଦିଅ ବାରେ, ହେ ମୁରାରୀ ॥ ୦ ॥

ଚାଲି ଚାଲି ପାଦ ଥକ୍କା ହୋଇଲାଣି
କେଉଁଠାକୁ ଯିବି, ସବୁ ଭୁଲିଲିଣି
ଦିଗହରା ମୁହିଁ ଅଥଳ ଜଳରେ
ନାଆ ବାଇ ମୋତେ କର ପାରି
ପଥ ବଣା ମୁହିଁ ପଥଚାରୀ ॥ ୧ ॥

Digitized by srujanika@gmail.com

କେତେ ବା ଡାକିବି, କେତେ ସୁମରିବି
ତୁହି ଅନ୍ତର୍ଯ୍ୟାମୀ, କି ଅବା କହିବି
ଜଗତର ନାଥ, ଆହେ ମୋର ସ୍ୱାମୀ
ନେଇ ଯାଅ ମୋର ହାତଧରି
ଦେଖାଦିଅ ବାରେ ହେ ମୁରାରୀ ।। ୨ ।।

* * *

ବାଲୁତ, ଯୁବା ବଅସ

ବାଲୁତ, ଯୁବା ବଅସ
ବୃଦ୍ଧ ଅବସ୍ଥାରେ ଶେଷ
ତନ୍ଦ୍ରା ଆସିଲା ଘେରି
କାନ୍ଦେ ମୋ ମନ ଚକୋରୀ
ଉଡ଼ିଯିବ ନ ମାନି ମନା
ମନୁଆରେ କିଆଁ ହେଉ ମିଛେ ବିମନା ।। ୦ ।।

ହଂସ ଯେବେ ଯିବ ଉଡ଼ି
ଅନ୍ଧାର ଆସିବ ମାଡ଼ି
ସାହା ନହୋଇବେ କେହି
ମିଛରେ ନ ହୁଅ ବାଇ
ବୃଥା ହେବ ସବୁ ତୋର ମନ ଭାବନା
ମନୁଆରେ କିଆଁ ହେଉ ମିଛେ ବିମନା ।। ୧ ।।

କାଳ ପେଷିବ ସମନ
ନ ରହିବୁ କ୍ଷଣେ ଜାଣ
ଭାବୁ କିଆଁ ଅନୁକ୍ଷଣ ମାନ ମୋ ମନା
ମନୁଆରେ କିଆଁ ହେଉ ମିଛେ ବିମନା ।। ୨ ।।

ଗୋବିନ୍ଦ ଏକା ଭରସା
ସେହି ତୋ ପଥକୁ ସଖା
ନାମ ସ୍ମରି ଯିବୁ ତରି କର ପ୍ରାର୍ଥନା
ମନୁଆରେ କିଆଁ ହେଉ ମିଛେ ବିମନା ।। ୩ ।।

* * *

Digitized by srujanika@gmail.com

ସଖୀ କର ଧରିଣ ଗୋ

ସଖୀ କର ଧରିଣ ଗୋ,
କାନ୍ଦଇ ବସି ରାଧିକା,
ଛାଡ଼ି କାହିଁକି ଗଲେ,
ମୋର ପରାଣ ସଖା ॥ ୦ ॥

କେଉଁ ସେ ନାରୀବର
ନାଶିଲା ମୋ ସଂସାର
କେଉଁ ଦୋଷେ ହେଲେ ରୋଷ
ସଖୀ ମୁରଲୀ ଫୁଙ୍କା ॥ ୧ ॥

ତୁଚ୍ଛ ହେଲା ଜୀବନ
ସଖୀରେ ଦେଇ ମୋ ରାଣ
ଯାଇ କହରେ ତୁ ତାକୁ,
ମୁଁ ତା'ର ପଦ ସେବିକା ॥ ୨ ॥

କାନ୍ଦଇ ବନ ଭୂମି
ଢାଳେ ଲୁହ ରଜନୀ
କି ଦୋଷେ ନିଠୁର ହେଲେ,
ରାଧା ହୃଦୟ ଟୀକା ॥ ୩ ॥

* * *

ଜୀବ ଯିବା ବେଳ ହେଲା

ଜୀବ ଯିବା ବେଳ ହେଲା,
ମାୟା ମୋହ ନ ତୁଟିଲା
କେହ୍ନେ ଛାଡ଼ିବି ବନ୍ଧନ
କହ ଶ୍ରୀହରି
ଦାରା, ସୁତ, ଭ୍ରାତ, ବନ୍ଧୁ ନୁହେଁ କାହାରି ॥ ୦ ॥

Digitized by srujanika@gmail.com

ବୁଝି, ଅବୁଝା ଏ ମନ
ହୁଅଇ ବାଇ
ମାୟା ଜାଲେ ଛନ୍ଦି
ଛଟ ପଟ ହୁଅଇ
ଶାନ୍ତି ନାହିଁ ଯେତେ କଲେ ସେବା ତାଙ୍କରି,
ଦାରା, ସୁତ, ଭ୍ରାତ, ବନ୍ଧୁ ନୁହେଁ କାହାରି ।। ୧ ।।

ଯେତେ ପାପ, ଅପକର୍ମ
ସବୁ ମୁଁ କଲି
ଥରେ ହେଲେ ମନରେ ତୋ
ନାମ ନ ନେଲି
କାମ, କ୍ରୋଧ, ଲୋଭ ମୋହ ଦେଲାଣି ଘାରି
ଦାରା, ସୁତ, ଭ୍ରାତ, ବନ୍ଧୁ ନୁହେଁ କାହାରି ।। ୨ ।।

ଏତିକି ଗୁହାରି ମୋର
ରଖିବ ସାଇଁ
ଯାଉ ପ୍ରାଣ ପଛେ
ତୋର ନାମକୁ ନେଇ
ଆହେ ହରି ତରିଯାଏ, ନାମ ସୁମରି
ଦାରା, ସୁତ, ଭ୍ରାତ, ବନ୍ଧୁ ନୁହେଁ କାହାରି ।। ୩ ।।

* * *

ନୀଳ ଚକ୍ରେ ଉଡ଼େ ନେତ

ନୀଳ ଚକ୍ରେ ଉଡ଼େ ନେତ,
ଦେଖ ସଙ୍ଗାତ
ନୀଳ କନ୍ଦରେ ବିରାଜେ
ଜଗତ ନାଥ ।। ୦ ।।

ବିସ୍ତାରିଣ ଡକାଡ଼ୋଳା
ଦେଖୁଛି ଜଗତ ଲୀଳା
କିଏ ଆସେ କେଉଁ ରୂପେ

Digitized by srujanika@gmail.com

ଜାଣେ ସେ ନନ୍ଦର ବଳା
ସୁଭଦ୍ରା ଭଉଣୀ ସାଥେ ବସିଛି ତା ଜ୍ୟେଷ୍ଠଭ୍ରାତ ॥ ୧ ॥

ସାରା ବିଶ୍ୱ ଯା' ପରଜା
ସେ ତ ଅଟେ ମହାରାଜା
ଶିବ, ବିରଞ୍ଚି ଯାହାର
କରୁଥାନ୍ତି ତାର ପୂଜା
ଚିନ୍ତା କରିବି କାହିଁକି
ମୁଁ ଯେ ଅଟଇ ତା' ସୁତ ॥ ୨ ॥

ଦିନ ସରି ସରି ଯାଏ
ଅନ୍ଧାର ଆସଇ ମାଡ଼ି
ହଂସ ଉଡ଼ିଯିବ ଯେବେ
ପିଞ୍ଜରାଟା ଥିବ ପଡ଼ି
ପ୍ରଭୁ ସେତେବେଳେ ତୁମେ
ପାଖେ ଥିବ ମୋର ତାତ ॥ ୩ ॥

* * *

ଡାକି, ଡାକି ହେଲି ଥକ୍କା

ଡାକି, ଡାକି ହେଲି ଥକ୍କା
ବାରେ ନ ଶୁଣିଲ ଡକା
କାଳିଆ ଠାକୁର ତୁମେ ଜଗତ ସାଇଁ,
ଗୁହାରୀ ଶୁଣ ମୋହର ଆହେ ଗୋସାଇଁ ॥ ୦ ॥

ଯେ ଡାକେ ତୁମକୁ ହରି
ଭକତି ଭରେ,
ଦୁଃଖ ଦେଇ ସୁଖ ହର
କଳା ଠାକୁରେ,
ଗଜ ଡାକ ଶୁଣି ପ୍ରଭୁ
ଉଦ୍ଧାରିଣ ଥିଲ ତାକୁ
ନୀତିରୁ ଓହରି କେଣେ ଗଲ ଗୋସାଇଁ
ଗୁହାରୀ ଶୁଣ ମୋହର ଜଗତ ସାଇଁ ॥ ୧ ॥

Digitized by srujanika@gmail.com

ତୁମ ନାମେ ଅପବାଦ ଯେ ଯେତେ ଦେଉ
ଅନାଥର ନାଥ ତୁମେ, ହେ ମହାବାହୁ,
ଜଗି, ଜପି ତୁମ ନାମ
ସାର୍ଥକ ହେଉ ଜନମ
ଶରଣ ପଞ୍ଜର ତୁମେ, ମୁହିଁ ଜାଣଇ
ଗୁହାରି ଶୁଣ ମୋହର, ଜଗତ ସାଇଁ ।। ୨ ।।

* * *

ଜନନୀ ଜନ୍ମଭୂମି

ଜନନୀ ଜନ୍ମଭୂମି
କରେ ମା'ଗୋ ତୋର ବନ୍ଦନା
ତୋ ପରି ଜନନୀ ଥାଉଁ, ଥାଉଁ
ସହେ ତୋ ସନ୍ତାନ ଯାତନା
ବନ୍ଦେ ମାତରମ୍, ବନ୍ଦେ ମାତରମ୍ .... ।। ୦ ।।

ସୁଜଳା, ସୁଫଳା, ତୁ ଶସ୍ୟଶ୍ୟାମଳା
ଅନ୍ନ ମୁଠେ ପାଇଁ ମରେ ତୋର ବଳା
ତୁହି ପରା ମାତା ବୀର ପ୍ରସବିନୀ
ଜନ୍ମ ଦେଲୁ କିଆଁ ଦୁର୍ବଳେ ଜନନୀ
ତୁହି ଅଟୁ ଶକ୍ତି, ତୁହି ମୁକ୍ତିଦାତ୍ରୀ
ଊଣା କାହିଁକି ତୋର କରୁଣା
ବନ୍ଦେ ମାତରମ୍, ବନ୍ଦେ ମାତରମ୍ .... ।। ୧ ।।

ଲୁଣ୍ଠନ, ଶୋଷଣ, ଅତ୍ୟାଚାର
ରାବଣ, ରାଇଜ କଲା ଜୁର
ନ କର ମା'-ଆଉ ଅବିଚାର
ଘେନ ମୋ ବିନତି, ଆଣ ଚିରଶାନ୍ତି
ଏତିକି କରେ ମା' ପ୍ରାର୍ଥନା
ବନ୍ଦେ ମାତରମ୍, ବନ୍ଦେ ମାତରମ୍ ... ।। ୨ ।।

* * *

Digitized by srujanika@gmail.com

ମୂରଲୀ ଫୁଙ୍କା ସେ କଳା କହ୍ନାଇ

ମୂରଲୀ ଫୁଙ୍କା ସେ କଳା କହ୍ନାଇ
ନାଚି ବୃନ୍ଦାବନେ, ବ୍ରଜବାଳୀ ଗଣେ
ବଂଶୀ ସ୍ୱରରେ ସେ ଦେଲା ଭୁଲାଇ ।। ୦ ।।

ରାଧା କହେ, ଶୁଣ ବିଶାଖା
କେଉଁଠି ଦେଖିଲୁ ଏସନ ଟୋକା
ତ୍ରିଭଙ୍ଗୀ ଠାଣିକୁ ବାଙ୍କ ଚାହାଣୀକୁ
ଦେଖି ମୁହିଁ ସବୁ ଦେଲି ହଜାଇ ।। ୧ ।।

ସବୁଠି ହେଲି ମୁଁ ଲୋକହସା
କିଏ ବୁଝିବ ମୋ ଦୁରୁଦଶା
ସବୁ ତାରି ପାଶେ ବିକି ଦେଇଛି ମୁଁ,
ଏତିକି ତୁ ତାକୁ କହିଦେ ଯାଇ ।। ୨ ।।

ଅଭିମାନେ ଲୁହ ଢ଼ାଳିଲା
ଏକୁଟିଆ କୁଞ୍ଜେ ବସିଲା
ରଜନୀ ପାହିଲା କାହ୍ନୁ ନ ଅଇଲା
ରାଇ ଚିତ୍ତଚୋରା ରହିଲା କାହିଁ ? ।। ୩ ।।

* * *

ସତ୍ୟ ବଚନକୁ ନାମ ଜପନକୁ

ସତ୍ୟ ବଚନକୁ, ନାମ ଜପନକୁ
ଭୁଲି ଗଲୁ କିଆଁ ମନ
ଅସତ୍ୟରେ ସଦା ମନ ବଳାଇଲୁ
ନ ଜପି କଞ୍ଜବଦନ ।। ୦ ।।

ମନ ନିରିମଳେ ଗାଡ଼ିଆ ଯେ ଗଙ୍ଗା
ଏଇମନ ବୃନ୍ଦାବନ
ଏଇଠି ପାଇବୁ ବ୍ରଜ ବିହାରୀକୁ
ନିରିମଳ ଥିଲେ ମନ
ପୁଣ୍ୟର ଆଲୋକେ ଦେଖୁଥାଅ ନୀତି
ହୃଦେ ତୋର ନାରାୟଣ ।। ୧ ।।

Digitized by srujanika@gmail.com

ତୋ ହୃଦ ମନ୍ଦିରେ, ବାଜୁଛି ବାଜଣା
ତୋ ଦେବତା ସେଠି ହେଉଛି ମାଜଣା
ଭୁଲି ଯାଆନିରେ ମନ
ଏଇମନ ତୋର ଶ୍ରୀକ୍ଷେତ୍ର ନିବାସୀ,
ଏଇ ତୋର ବୃନ୍ଦାବନ ।। ୨ ।।

ଗୋବିନ୍ଦ, ଗୋବିନ୍ଦ ଜପ ଦିନ ରାତି
ମାଧବ, ମୁକୁନ୍ଦ କମଳାର ପତି
ମୁକତି ପାଇବୁ, ଜପ ଦିନରାତି
ସତ୍ୟଂ ଶିବଂ, ସୁନ୍ଦରମ୍ ।। ୩ ।।

* * *

ଆଉ ବଂଶୀ ନ ବଜା ଶ୍ୟାମ

ଆଉ ବଂଶୀ ନ ବଜା ଶ୍ୟାମ
ତୁମକୁ ରାଣ ।। ୦ ।।
କଦମ୍ବ ମୂଳରେ, ନିଛାଟିଆ ବେଳେ
ପାଗଳ କରୁଛୁ ବଇଁଶୀର ସୁରେ
ବିବେକ ମହତ
ସବୁ ସରିଲାଣି
ପ୍ରାଣ ନାଶିବାକୁ ରହିଲା ଜାଣ ।। ୧ ।।

ତୁମ ପ୍ରେମେ ପାଗଳ ରାଇ
ଲାଜ ତେଜି ହୋଇଲା ବାଇ
ଯମୁନା କୂଳରେ, ରାକା ରଜନୀରେ
କାଇଁକି କରିଲ ତାକୁ ବିମନ ।। ୨ ।।

ଯିବ ଛାଡ଼ି ଏ ଗୋପପୁର
ନ ଯାଅ ଶ୍ୟାମ କରୁଁ ଜୁହାର
ଆମେ ଗୋପାଙ୍ଗନା କି ଦୋଷ କରିଲୁ
କିପରି ଯିବାକୁ ବଳୁଛି ମନ ।। ୩ ।।

* * *

Digitized by srujanika@gmail.com

ଶୁଣ, ଶୁଣ ଗୁହାରୀ ମୋ

ଶୁଣ, ଶୁଣ ଗୁହାରୀ ମୋ,
ହେ ବନମାଳି,
ସାହା ହୁଅ ପ୍ରଭୁ ମୋର
କୁଞ୍ଜବିହାରୀ ॥ ୦ ॥

ତୁମ ନାମ ଜପି, ଜପି
ଦୁଃଖ ହୁଏ ଦୂର
ତୁମ ବିନା ନାହିଁ କେହି
ହେ ମୋର ଠାକୁର
ପ୍ରଭୁହେ ......,
ଆହେ କୃପାମୟ, ତୁମେ ଦୟାମୟ
ତୁମେ ପରା ଦୁଃଖହାରୀ ॥ ୧ ॥

କୋରସ୍ - ଜୟ ଜୟ ଘନଶ୍ୟାମ, ଜୟ ପ୍ରଭୁ ରାଧାଶ୍ୟାମ
ଗଜ ଡାକ ଶୁଣି ପ୍ରଭୁ ଚକ୍ର ପେଷିଥିଲ
କୁରୁ ସଭାରେ ପାଞ୍ଚାଳି ଲଜ୍ଜା ନିବାରିଲ
ପ୍ରଭୁହେ ......,
ଆହେ ନୀଳମଣି ତୁମ ନାମ ଗୁଣି
ଯାଉ ମୋର ଦିନ ସରି ॥ ୨ ॥

କୋରସ୍ - ଜୟ ଜୟ ଘନଶ୍ୟାମ, ଜୟ ପ୍ରଭୁ ରାଧାଶ୍ୟାମ

ସଙ୍ଗୀତ : ବାସୁଦେବ ରଥ

* * *

ରାଇ କାନ୍ଦେ କୁଞ୍ଜବନେ

ରାଇ କାନ୍ଦେ କୁଞ୍ଜବନେ
ଶ୍ୟାମ କାହିଁଗଲେ,
କେଉଁ ଦୋଷ ପ୍ରାଣଧନ
ନିଠୁର ହୋଇଲେ ॥ ୦ ॥

Digitized by srujanika@gmail.com

ମାଳତୀ, ବକୁଳ, ଯାଇ, ଯୁଇର ଏ ମାଳା
ବାସି ହେଲାରେ ସଜନୀ, ଶ୍ୟାମ ନ ଅଇଲା
କହ ସଖୀ କେଉଁ ନାରୀ
କି ମନ୍ତେ ମୋହିଲେ
କେଉଁ ଦୋଷେ ପ୍ରାଣଧନ
ନିଠୁର ହୋଇଲେ ।। ୧ ।।
ଷୋଳ ସିଙ୍ଗାରେ ସଜନୀ ସାଜିଥିଲି ବେଶ
ଚାଳିଲି ଜାଗର ବସି ନିଶି ହେଲା ଶେଷ,
ରଖିଅଛି ଫୁଲହାର,
(ଧୋଇ) ଲୋତକର ଜଳେ,
କେଉଁ ଦୋଷେ ପ୍ରାଣଧନ
ନିଠୁର ହୋଇଲେ ।। ୨ ।।

ସଙ୍ଗୀତ : ବାସୁଦେବ ରଥ

* * *

କାହିଁଗଲେ ଶ୍ୟାମଘନ

କାହିଁଗଲେ ଶ୍ୟାମଘନ,
କହରେ ଯମୁନା
ପାଗଳିନୀ ହେଲି ମୁହିଁ,
ଆଜି ଶ୍ୟାମବିନା ।। ୦ ।।

ବାରମାସେ ବାରଫୁଲ,
ଭୋଗୁଅରେ କିଆ
କେଉଁ ଦେଶେ ଗଲାବନ୍ଧୁ,
ଏକା କରି ପ୍ରିୟା
ଯେତେ ବୁଝାଇଲେ ମନ,
କାହିଁରେ ବୁଝେନା,
ଭାବ ବିନୋଦିଆ ମୋର,
ଘେନିଲାନି ଘେନା ।। ୧ ।।

ଚଇତେ ଫୁଟିଲା ମଲ୍ଲୀ,
ମହକିଲା ହିଆ
ପର କରି ଗଲା ମୋତେ

Digitized by srujanika@gmail.com

ସେ ବାଙ୍କ ବୁଲିଆ
ରାଧା କହେ ବିଶାଖା ଗୋ,
ହେଲା ସେ ବିମନା
ଭାବ ବିନୋଦିଆ ମୋର
ଘେନିଲାନି ଘେନା ।। ୨ ।।

ସଙ୍ଗୀତ : ମହମ୍ମଦ ମୁସୀର

* * *

ଶ୍ୟାମ ନଇଲେ କାହିଁକି

ଶ୍ୟାମ ନଇଲେ କାହିଁକି,
କହରେ ମୋ ପ୍ରାଣସଖୀ
କେମନ୍ତେ ମୁଁ ଜୀବନ ରଖିଛି
ଜାଣେ ନା' ମୁଁ କି ବୁଦ୍ଧି କରିବି ।। ୦ ।।

ସଖୀରେ ଏ କୁଞ୍ଜବନ
ହେଲା ବିଷମୟ ଜାଣ
ମଳୟ ମରୁତ ହେଲା
ମୋ ପାଇଁ ଝଞ୍ଜା ପବନ
କେତେ ସଖୀ, ଲୁହ ମୁଁ ଢାଳିବି,
ଜାଣେନା ମୁଁ କି ବୁଦ୍ଧି କରିବି ।। ୧ ।।

କାହିଁଗଲେ ଚିତ୍ତଚୋର
କିମ୍ବା କଲେ ଅବିଚାର
ବୃଷଭାନୁ ଜେମା ଭାଷେ
ତୋ ପାଇଁ ମୁରଲୀଧର
ଯମୁନାରେ ଜୀବନ ହାରିବି
ଜାଣେ ନା ମୁଁ କି ବୁଦ୍ଧି କରିବି ।। ୨ ।।

ସ୍ୱର : ରଘୁନାଥ ମିଶ୍ର, କଣ୍ଠ : ଲୋପିତା ମିଶ୍ର

* * *

Digitized by srujanika@gmail.com

କେଉଁ ଭାବେ ପ୍ରଭୁ ଡାକିବି ତୁମକୁ

କେଉଁ ଭାବେ ପ୍ରଭୁ ଡାକିବି ତୁମକୁ
ତା' ହେଲେ ଶୁଣିବ ମୋ ଗୁହାରୀ
କହିଦିଅ ମୋତେ ସେ କଥା ପଦିକ
ଭକତବାନ୍ଧବ ହେ ମୁରାରୀ ।। ୦ ।।

ତୁମେ ପରା ପ୍ରଭୁ ଜଗତର ନାଥ
ତୁମେ ଥାଉ ପ୍ରଭୁ, ହୋଇଲି ଅନାଥ
ନିନ୍ଦା ସିନା ପ୍ରଭୁ ହୋଇବ ତୁମରି
ଭକତ ବାନ୍ଧବ ହେ ମୁରାରୀ ।। ୧ ।।

ଭକତର ଡାକ, ତୁମେ ତ ଶୁଣୁଛ
ଭାବ ବିନୋଦିଆ ପ୍ରଭୁ ମୋରି
ତୁମ ପରିକିଏ ଅଛି ସରି
ଭକତ ବାନ୍ଧବ ହେ ମୁରାରୀ ।। ୨ ।।

ଜାଣେନାହିଁ ପ୍ରଭୁ ପୂଜା ଅରଚନା
ମନ୍ତ୍ର ଶ୍ଳୋକ ଅବା ତୁମ ଆରାଧନା
ଆହେ କୃପାସିନ୍ଧୁ ଦୁଃଖହାରୀ
ଭକତ ବାନ୍ଧବ ହେ ମୁରାରୀ ।। ୩ ।।

କେବଳ ବଞ୍ଚୁଛି ମୁହିଁ ନିଶି ଦିନ
ତୁମ ନାମ କରି ମନରେ ସ୍ମରଣ
କାଟୁଅଛି ଦିନ ଆଶ୍ରାକରି
ଭକତ ବାନ୍ଧବ ହେ ମୁରାରୀ ।। ୪ ।।

* * *

ଦୁନିଆର ଏକ ସୌଦାଗର ମୁହିଁ

ଦୁନିଆରେ ଏକ ସୌଦାଗର ମୁହିଁ,
ହିସାବ ନିକାଶ କରୁଛି ଖାଲି,
କେତେ ଲାଭ ଆଉ, କେତେ ନଷ୍ଟ ହେଲା
ଲେଖି କଲମରୁ ସରିଲା କାଳି ।। ୦ ।।

Digitized by srujanika@gmail.com

ଲାଭ କାହିଁ ମୁହିଁ ଦେଖିପାରୁ ନାହିଁ,
ବଣିଜ କଲି ମୁଁ ଖାଲି ନଷ୍ଟ ସହି
ତଥାପି ଏ ମନ ବୁଝିପାରୁନାହିଁ,
ବଣିଜ ନିଶାରେ ହୁଏ ବାଉଳି ।। ୧ ।।

ପଦ୍ମା ଘର ଖଣ୍ଡେ ଗଢ଼ିଥିଲି ମୁହିଁ
ନିଆଁ, ପାଣି, ବାତ୍ୟା ସବୁଯିବ ସହି
କେଉଁଠି ଥିଲା ଏ ଅକାଳ ବୈଶାଖୀ,
ଘର ଖଣ୍ଡି ଦେଲା ଜୁର କରି ।। ୨ ।।

ସବୁ ଆଡ଼େ ମୁହିଁ ନଷ୍ଟ ସହୁଅଛି
ଆଶା ମରିଚିକା ପଛେ ଧାଉଁଅଛି
ହେ ବିଧାତା ତୋର ଧନ୍ୟ ସରଜନା
ମାୟା ମୋହେ ହେଲି ଏତେ ସରି ।। ୩ ।।

* * *

ମନୁଆ ବାଇ

ମନୁଆ ବାଇ,
ଏ ରଙ୍ଗ ରହିବ ନାହିଁ ।। ୦ ।।

ବାଲୁତ କାଳକୁ ଭୁଲିଗଲୁ ମନ
ଅଜ୍ଞାନରେ ଯେବେ ଥିଲୁ ମଗନ
ମାତା, ପିତା କୋଳେ
ଆନନ୍ଦ ମନରେ
ଦିନ କାଟୁଥିଲୁ ହରଷ ହୋଇ ।। ୧ ।।

ଯୁବା ବଅସରେ କରୁଛୁରେ ତୁହି
ଯୁବତୀର ଚିନ୍ତା ଏକା ମନେ ଧାୟୀ
ଭୁଲି ଗଲୁ ତୋର
ଦିନ ଅତୀତର
କାମ ମୋହେ ତୁହି ହୋଇଲୁ ବାଇ ।। ୨ ।।

ଧନର ଲୋଭରେ ଭୁଲି ପିତା, ମାତା
କରିଲୁ ତାହାଙ୍କୁ ଯେତେ ତୁ ହିନସ୍ତା

Digitized by srujanika@gmail.com

ଦାରା, ସୁତ ତୋର
ହୋଇଲେ ନିଜର
ସ୍ନେହ, ବନ୍ଧନକୁ ଦେଲୁ ତୁଟାଇ ॥ ୩ ॥

✳ ✳ ✳

ବୁଝିବାକୁ ମୋର, ବାକି କିଛି ନାହିଁ

ବୁଝିବାକୁ ମୋର, ବାକି କିଛି ନାହିଁ
ଠାକୁରେ ତୁମର ଅନ୍ତର କଥା,
ପୂଜା, ନଇବିଦ୍ୟ, ତୁମକୁ ଅର୍ପିଲେ
ତୁମେ ଶୁଣ ପରା ଅନ୍ତର ବ୍ୟଥା ॥ ୦ ॥
ଏହା ନୁହେଁ କିଏ ବଡ଼ ଅବିଚାର
ନାହିଁ ଯାହା ପାଖେ, ଯେ ଅଭାବୀ ଘୋର
କେଉଁଠୁ ଆଣିବ କହିଦିଅ ନାଥ
କରୁଅଛ କିଆଁ, ତାରେ ହିନସ୍ତା ॥ ୧ ॥
ସବୁତ ତୁମର ଅଟେ ସରଜନା
ଭକତ ଯା ଦେବ, ତୁମରି ସର୍ଜନା
ତୁମରି ଦରବ ତୁମକୁ ଅର୍ପିଲେ
କି ପାଇବ ? ଏତ ବିଚିତ୍ର କଥା ॥ ୨ ॥
ତୁମେ କହିଅଛ ପତ୍ର, ପୁଷ୍ପ, ଫଳେ
ଅରପିଲେ ପରା ସବୁ ଫଳ ମିଳେ
ତଥାପି ହେ ପ୍ରଭୁ ମିନତି ମୋହର
ରହିଥାଉ ତୁମ ଚରଣେ ମଥା ॥ ୩ ॥

✳ ✳ ✳

ଜୀବନ ହାରିଲେ ତୁମ ପାଇଁ ନାଥ

ଜୀବନ ହାରିଲେ ତୁମ ପାଇଁ ନାଥ,
କି ଯଶ ବହିବ ଦୁନିଆରେ,
କୃପାମୟ ବୋଲି ଉଡ଼ଇ ଯେ ବାନା
ତାହା ବ୍ୟର୍ଥ ହେବ ଏ ମହୀରେ ॥ ୦ ॥

Digitized by srujanika@gmail.com

କରୁଣାର ସିନ୍ଧୁ, ତୁମେ ଜଗବନ୍ଧୁ
ଟୋପାଏ ମାତର ମାଗେ କୃପାବିନ୍ଦୁ
ଏତିକି ମୋ ପାଇଁ କରୁଣା ନୋହିଲେ
ବନ୍ଧୁ କିବା ଲାଭ କହବାରେ ॥ ୧ ॥
ହଟହଟା ଖାଲି କପାଳ ଲିଖନ
ଯଦି ଏହା ପ୍ରଭୁ ତୁମରି ଭିଆଣ
ସୁଖ ଯଦି ନାହିଁ ମୋ କରମେ ପ୍ରଭୁ
(ଖାଲି) ଚରଣରେ ସ୍ଥାନ ଦିଅ ମୋରେ ॥ ୨ ॥

✳ ✳ ✳

ବୋଲ ମନ, ବୋଲ ମନ

ବୋଲ ମନ, ବୋଲ ମନ
ରାଧାଶ୍ୟାମ ବୋଲରେ
ଯେଉଁ ନାମ ଧରି ଭବୁଁ
ପାରି ହୁଏ ନରରେ ॥ ୦ ॥
ନ ଭୁଲି ସତ୍ୟ ବଚନ
କର ତୁ ନାମ ଜପନ
ତେବେ ଯାଇ ମୁକ୍ତି ହେବୁ,
ଦୁଃଖ କଲବଲୁରେ ॥ ୧ ॥
ରାଧାଶ୍ୟାମ, ରାଧାଶ୍ୟାମ
ବୋଲ ମନ, ନିତିଦିନ
ଅସାର ସଂସାର ଜାଣି,
ଛାଡ଼ ତୁ ଜଞ୍ଜାଳରେ ॥ ୨ ॥
ପାପେ ଘାଣ୍ଟି ହେଉଥାଉ
ହରିନାମକୁ ନ ନେଉ
ଜୀବ ଯିବା ବେଳ ହେଲା,
ଆଉ କିଛି ନ ଭାଳରେ ॥ ୩ ॥

✳ ✳ ✳

Digitized by srujanika@gmail.com

ସବୁଠାରେ ତୁମେ, ରହିଅଛ ପ୍ରଭୁ

ସବୁଠାରେ ତୁମେ, ରହିଅଛ ପ୍ରଭୁ,
ସର୍ବପାପୀ ତୁମ ନାମ,
ଅନ୍ତରର କଥା ଜାଣି ପାରୁଅଛ,
ହେ ଅନ୍ତର୍ଯ୍ୟାମୀ ପ୍ରଣାମ ॥ ୦ ॥

ସର୍ବଶକ୍ତିମାନ ତୁମେ ବିଶ୍ୱେଶର
ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ନକ୍ଷତ୍ର ଆଦିର
ତୁମେ ଅଟ ସୃଷ୍ଟିକାରୀ
ଘେନ ହେ ଈଶ୍ୱର ମୋର ନମସ୍କାର
ଆହେ ବିଶ୍ୱବିହାରୀ
ମୁହିଁ ଦୀନ, ଅକିଞ୍ଚନ
ଅନ୍ତରର କଥା ଜାଣିପାରୁଅଛ,
ହେ ଅନ୍ତର୍ଯ୍ୟାମୀ ପ୍ରଣାମ ॥ ୧ ॥
ଜାଣେ ନାହିଁ ମୁହିଁ ପୂଜା ଅରଚନା
କି ଦେଇ ପୂଜିବି ହେ ବିଶ୍ୱକରମା,
ସବୁ ତୁମରି ଭିଆଣ
ବତାଇ ଦିଅହେ, କେଉଁ ସ୍ତୋତ୍ର ମନ୍ତ୍ରେ,
ତୁମ ପୂଜାର ବିଧାନ
ଅନ୍ତରର କଥା ଜାଣିପାରୁଅଛ,
ହେ ଅନ୍ତର୍ଯ୍ୟାମୀ ପ୍ରଣାମ ॥ ୨ ॥

* * *

ଶ୍ୟାମରେ, ଆଉ ତୁରେ ବଂଶୀ ବଜାନା

ଶ୍ୟାମରେ ......
ଆଉ ତୁ'ରେ ବଂଶୀ ବଜାନା,
ରାଧା, ରାଧା ବୋଲି କିଆଁ
ତୋ ବଂଶୀ ଡାକେ ମୋ ନାଁ
ଯେତେ କହିଲେ ମୁଁ ତୋତେ
ନ ମାନୁ ମନା ॥ ୦ ॥

Digitized by srujanika@gmail.com

ନେହୁରା ତୋ ପଦେ ଶ୍ୟାମ
ହେଲିଣି ମୁଁ ଦିବା ଯାମ
ଶାଶୁ, ନଣନ୍ଦ ଗଞ୍ଜଣା
ସହି ପାରେ କି ଏ ପ୍ରାଣ
ତୋ’ ବଂଶୀ ପାଗଳି କଲା,
ମୋ ମନ କାହ୍ନା ॥ ୧ ॥

ଘେନ ମୋହର ଦୟିନୀ
ଆରେ ମୋର ବେଣୁପାଣି
ନ ଆସିବି ଏଣିକି ମୁଁ
ଯମୁନାକୁ ନୀର ଆଣି
କେଉଁ ଭାବେ ବୁଝାଇଲେ
ମାନିବୁ ମନା,
ଆଉ ତୁ’ରେ ବଂଶୀ ବଜାନା ॥ ୨ ॥

ସ୍ୱର : ରଘୁନାଥ ମିଶ୍ର, କଣ୍ଠ : ଲୋପିତା ମିଶ୍ର

* * *

ମୋର, ମୋର ବୋଲି, ଯାହାକୁ କରିଲି

ପ୍ରଭୁହେ,
ମୋର, ମୋର ବୋଲି, ଯାହାକୁ କରିଲି
ସେତ କଲା ସାତପର
ଦାରା, ସୁତ, ସୁତା, ସବୁ ଅଟେ ମିଥ୍ୟା
କେହି ନୁହନ୍ତି ନିଜର ॥ ୦ ॥
ତେବେ କହ ପ୍ରଭୁ, କିଆଁ ଏ ବନ୍ଧନ
ମଣିଷରେ ଦିଅ କଷ୍ଟ ଅକାରଣ
ସହିବାକୁ ଯଦି ବଳ ଦେଉ ନାହଁ
କିଆଁ କର ହରବର ॥ ୧ ॥

ଢେଣା ଲାଗିଗଲା, ଶାବକ ଉଡ଼ିଲା
ମାତା, ପିତା କଥା ମନୁଁ ଭୁଲିଗଲା
ଚଞ୍ଚୁରେ ଆହାର ଖୋଇବାର ବେଳ
ହେଲା ତାହାର ପାସୋର ॥ ୨ ॥

Digitized by srujanika@gmail.com

ମାୟା ତେବେ କିଆଁ ମିଛରେ ଘାରୁଛି
ତୁମ କଥା କିଆଁ ମନୁ ପାସୋରୁଛି
ଆହେ ସୃଷ୍ଟିକର୍ତ୍ତା ହେ ଭାଗ୍ୟବିଧାତା
ଆଶ୍ରା ଦିଅ ଚରଣରେ ।। ୩ ।।

* * *

ନକରରେ ଏତେ ଅଳି

ନକରରେ ଏତେ ଅଳି,
ମୋ ବନମାଳି
କେତେ ଯେ ବା ଆଉ, ହେବି ଲୋକହସା
ତୋରି ପାଇଁ କାହ୍ନୁ ନ ଯାଅ ଭୁଲି ।। ୦ ।।

ଅପବାଦର ନାଗରା
ବାଜୁଛିରେ ଗୋପ ସାରା
ତୋର ପାଇଁ ଆଜି ହେଲା,
ରାଧା ବାଉଳି ।। ୧ ।।

ଆସିବାକୁ ଏ ଯମୁନା
ମନାରେ କାଳିଆ ସୁନା
ଅଝଟ ହୋଇଲେ ତୁହି,
ଦେବିରେ ଜୀବନ ହାରି ।। ୨ ।।

* * *

ଅପବାଦ ଆଉ କେତେ ବା ସହିବି

ଅପବାଦ ଆଉ କେତେ ବା ସହିବି,
ଖୋଲି ମୋତେ କହିଦିଅରେ କାହ୍ନା,
ନ ଆସରେ ଆଉ ଯମୁନା ।। ୦ ।।

ମୁରଲୀ ଡାକିଲେ ହେଲି ପାଗଳିନୀ
ଶାଶୁ, ନଣନ୍ଦଙ୍କ ମନାକୁ ନ ମାନି
ତୋହରି ପାଇଁ ମୁଁ, ମହତ ହାରିଲି,
ଆଉ ନ ଆସିବି ମାନ ମୋ ଘେନା ।। ୧ ।।

Digitized by srujanika@gmail.com

ଅସମୟେ ବଂଶୀ ଦେଉ ତୁ ବଜାଇ
ଯେତେ କହିଲେ ତୁ, ନ ମାନୁ କହ୍ନାଇ
ସବୁ କଥାକୁ ତୋ ରାଜି ହୋଇଗଲି
ଆଉ ନ ବଜାଅରେ
ତୁ ବଂଶୀ କାହ୍ନା ।। ୨ ।।

ଭୁଲି କି ପାରିବି ତୋ ତ୍ରିଭଙ୍ଗିମା ଠାଣୀ
ସେଥିପାଇଁ ହେଲି ଆଜି ପାଗଳିନୀ
ରାଧା କି ପାରିବ, ଶ୍ୟାମକୁ ରେ ଭୁଲି
ଯେତେ ଉଡୁ ଅପବାଦର ବାନା ।। ୩ ।।

* * *

କରମ ଆଦରି ଡାକିଲି ଯେତେ

କରମ ଆଦରି ଡାକିଲି ଯେତେ
ବଧିର ହୋଇଲ ମୋ ପାଇଁ ସେତେ
କିଆଁ କର ଲୋକହସା
ଆହେ ଦୁଃଖ ହାରି, ଶୁଣ ମୋ ଗୁହାରୀ
ଉଡ଼ିଲାଣି ମୋର ହଂସା ।। ୦ ।।

ଟାଣପଣ ମୋର ତୁମରି ପାଇଁ
ତୁମେ ପରା ଅଟ, ଜଗତ ସାଇଁ
କେଉଁ ଦୋଷେ ମୋତେ ଦଣ୍ଡୁଅଛ ପ୍ରଭୁ
କିଏ ଅଛି ମୋ ଭରସା ।। ୧ ।।

ଭକତ ବିଡ଼ିବା ତୁମ କରମ
କହୁଥାନ୍ତି ବୁଦ୍ଧେ, କଥା ମରମ
ଭକତିର ମୁଁ ତ, ଧାର ଧାରେ ନାହିଁ,
ସେଥିପାଇଁ ଏ ଅବସ୍ଥା ।। ୨ ।।

ଖୋଲି କହିଦିଅ ଅଛି ଯା ମନେ
ଜୀବନ ହାରିବି ତୁମ ଚରଣେ

Digitized by srujanika@gmail.com

କେଉଁଥି ପାଇଁ ହେ ଖେଳାଉଛ ମୋତେ
କରିଦିଅ ତା' ମିମାଂସା ।। ୩ ।।

* * *

ଅନ୍ଧାର ପ୍ରଭୁ ମାଡ଼ି ଆସିଲାଣି

ଅନ୍ଧାର ପ୍ରଭୁ ମାଡ଼ି ଆସିଲାଣି
ଆକାଶରେ ଘନ ଘଟା ଛାଇଲାଣି
ପଥବଣା ମୁହିଁ ପଥଚାରୀ
ଦେଖାଦିଅ ପ୍ରଭୁ ଗିରିଧାରୀ ।। ୦ ।।

ଲକ୍ଷ ଯୋଜନରେ ଗଜ ଡାକ ଦେଲା
ଚକ୍ରପେଷି ନକ୍ର ନାଶିଥିଲେ ପରା
ଆହେ ମହାବାହୁ ତୁମେ ଥାଉ ଥାଉ
ମଝି ଦରିଆରେ ନାଆ ମୋରି ।। ୧ ।।

କୁରୁ ସଭାତଳେ ପାଞ୍ଚାଳି ଡାକିଲା
କୋଟି ବସ୍ତ୍ର ଦେଲ, ଲଜ୍ଜା ନିବାରିଲା
ତୁମେ ପରା ସେହି ଅଟ ମହାପ୍ରଭୁ
ଦୁଃଖ ମୋର ନିଅ ବେଗେ ହରି ।। ୨ ।।

କେତେ ବିପତ୍ତିରୁ ଭକ୍ତକୁ ରଖିଛ
ଭକତ ଡାକକୁ କର୍ଣ୍ଣ ଡେରିଅଛ
ଏତ ପରା ପ୍ରଭୁ ପୁରାଣର କଥା
ଦୁଃଖ ହରି ଦିଅ ବେଗ କରି ।। ୩ ।।

* * *

ରୁଦ୍ଧ କୋଠରୀ ଭିତରେ ବସି

ରୁଦ୍ଧ କୋଠରୀ ଭିତରେ ବସି
କିସ କରୁଛ ହେ ଦେବତା ମୋର
ଡାକି, ଡାକି ଭକ୍ତ ମରୁଥିଲେ ଏଠି
ତା' କଥା କି ନାହିଁ ତୁମ ମନର ।। ୦ ।।

Digitized by srujanika@gmail.com

ତୁମେ ପରା ଅଟ ବିଶ୍ୱ ମହାରାଜା
ସାରା ନର ନାରୀ ତୁମରି ପରଜା
ମନ୍ଦ ସମୀରଣ   ରୁଦ୍ର ପ୍ରଭଞ୍ଜନ
ଦିବା ନିଶି ଢ଼ାଳୁଥାନ୍ତି ଚାମର ॥ ୧ ॥

ମୁହିଁ ପରା ଅଟେ ପୁତ୍ର ତୁମର
ରାଜପୁତ୍ର ହୋଇ ଦୁଃଖ ଭୋଗେ ଘୋର
ବିଶ୍ୱର କଲ୍ୟାଣେ   ତୁମ ସୃଷ୍ଟିପରା
ସାରା ବିଶ୍ୱ ଯେବେ ଅଟେ ତୁମର
ମନ୍ଦିର ଭିତରେ ରହି କି କର ? ॥ ୨ ॥

ତୁମ କଥା ଭାବି ବୁଦ୍ଧି ହୁଏ ବଣା
ତୁମେ କୃପାସିନ୍ଧୁ, ଅପାର କରୁଣା
ବହିଅଛ ଯେବେ   ମରେ କିମ୍ପା ତେବେ
ଭକତ ତୁମର କୁହ ଠାକୁର ॥ ୩ ॥

✳ ✳ ✳

ରୁଣୁ, ଝୁଣୁ, ରୁଣୁ ଝୁଣୁ

ରୁଣୁ, ଝୁଣୁ, ରୁଣୁ ଝୁଣୁ
          ନାଚୁଛି କହ୍ନାଇ
ନାଚର ସେ ତାଳେ, ନାଚୁଛନ୍ତି ସର୍ବେ
          ହୋଇଣ ବାଇ ॥ ୦ ॥

ନାଚେ ବନମାଳି ତ୍ରିପଟା ତାଳରେ
ମନ ହରିନିଏ ବାଙ୍କ ଚାହାଣୀରେ
          ମାତା ଯଶୋଦା କହଇ
ନାଚନାରେ କାହ୍ନା ପାଗଳ ହୋଇ ॥ ୧ ॥

କାଳିଆ ହାତୀ ମୋ ନାଚ ଢ଼ଳି, ଢ଼ଳି
ନାଚୁଥିବି ମୁହିଁ ଦେଇ କରତାଳି

Digitized by srujanika@gmail.com

ହସିଦିଏ କାହ୍ନୁ, ମା' ଆଢ଼େ ଚାହିଁ
ସେ ହସ ତ ନିଏ ସବୁ ମନ ମୋହି ।। ୨ ।।

କଳାମେଘେ ଯେହ୍ନେ ବିଜୁଳି ଝଟକ
ଦିଶୁଥାଏ କାହ୍ନୁ, ତେହ୍ନେ ଶୋଭାବନ୍ତ
ନାଚେ ଥେଇ ତା ଥେଇ
ସେ ଭଳି ନର୍ତ୍ତନ ବ୍ରହ୍ମାଣ୍ଡେ କାହିଁ ? ।। ୩ ।।

ଆରେ ଧନମଣି ମୋ ଗହ୍ଲାମାଳି
ଖାଇବାକୁ ଦେବି ମୁଁ ସରପୁଳି
ଆଉ ନାଚନାରେ ଗୋଡ଼ କାଟିବଣି
ମାଆ କଥା କ'ଣ ତୁହି ମାନିବୁନି
ତା' ତ ମା' ଜାଣେ ନାହିଁ
ଯା' ନାଚେ ଦୁନିଆ ହୋଇଛି ବାଇ ।। ୪ ।।

* * *

ଘର ବାହୁଡ଼ାକୁ ମନ ବଳିଲାଣି

ଘର ବାହୁଡ଼ାକୁ ମନ ବଳିଲାଣି
ଆଉ କେତେ ଦିନ ରହିବି ସତେ
ଖୋଲି କହିଦିଅ ହେ ମୋର ସାଆନ୍ତେ
ତୁମେ ନ ଡାକିଲେ ଯାଉଛି କେତେ ? ।। ୦ ।।

ହତସନ୍ତ ହୋଇ ଆଉ କେତେଦିନ
କାଟୁଥିବି କାଳ, ମନ ମୋ ଉଛନ୍ନ
ଘନ ଅନ୍ଧାର ମାଡ଼ି ଆସୁଅଛି
ଆଲୋକ ଦେଖିବି ନାହିଁ ପରତେ ।। ୧ ।।

ତୁମରି ଧିଆନେ କାଟୁଥିଲେ କାଳ
ଜୀବନେ ମୋହର ଆସୁଛି ଅକାଳ
ଦୁଃଖ, ଦୁରୁଦଶା ବର୍ଣ୍ଣିବାକୁ ନାଥ

Digitized by srujanika@gmail.com

ଭାଷା ମୁଁ ପାଏନି ଭାବିଲେ ଯେତେ ।। ୨ ।।

ଦୟାକର ମୋତେ ଜଗତର ନାଥ
ତୁମେ ନ ଚାହିଁଲେ, ହୋଇଲି ଅନାଥ
ଡାକିବାଟା ଖାଲି ବୃଥା କି ହୋଇବ
ଡ଼ାକୁଥିବି ଖାଲି ଲୁହ ନିରତେ ।। ୩ ।।

* * *

ସୁରଜ ଡୁବିଲା

ସୁରୁଜ ଡୁବିଲା
ସନ୍ଧ୍ୟା ହୋଇଲା,
ରାତି ହୋଇବାକୁ ଅଛି ତ ବାକି,
ରାତି ଆସୁଅଛି
ମୁହେଁ କଲାବୋଲି
ବାଟ ବଣା ମୁହିଁ ଜଣେ ପଥିକୀ ।। ୦ ।।
ଚନ୍ଦ୍ର ଆସିବ ପୁରୁବ ଆକାଶେ
ଆଲୋକ ହସିବ ଧରଣୀର ବୁକେ
ସେହି ଆଶା ନେଇ, ଅନାଇ ରହିଛି
ସାହା ହୁଅ ପ୍ରଭୁ
ମୁଁ ନିରିମାଖୀ ।। ୧ ।।

ଚନ୍ଦ୍ର ଥାଉ ଯଦି ଅମାବାସ୍ୟା ହେବ
କିଏ ମୋତେ ପ୍ରଭୁ ବାଟ ଦେଖାଇବ
ଆଶା, ନିରାଶାରେ ପରିଣତ ହେଲେ
(ଶେଷେ) ପରାଣ ହାରିବି ତୁମକୁ ଡାକି ।। ୨ ।।

* * *

Digitized by srujanika@gmail.com

କଳାକାହ୍ନୁ ନାଚ ଥେଇ ଥେଇ

କଳାକାହ୍ନୁ ନାଚ ଥେଇ ଥେଇ
ନାଚିବି ତୋ ସଙ୍ଗେ ହୋଇବାଇ
ନାଚୁଥିବ ଭାଇ ବଳରାମ ସାଥେ
ସର୍ବଗୋପବାଳୀ ତାଳି ଦେଇ ।। ୦ ।।

ସର, ଲବଣୀ ମୁଁ ରଖିଅଛି ଧନ
ଦବାକୁ ତୋହରି ହାତେ
ପାଦ ବଥାଇଲେ ଆଉ ଲୋଡ଼ା ନାହିଁ
ନାଚ ନା' ରେ କାହା ସାଥେ
ନାନାବାୟା ଗୀତ ତୋତେ ଶୁଣାଇ, ଶୁଣାଇ
ଦୋଳିରେ ଦେବିରେ ମୁହିଁ,
ତୋତେରେ ଶୁଆଇ ।। ୧ ।।

ଆକାଶରେ ଦେଖ, ଉଠିଲାଣି ଘନ
ବଣରେ ନାଚେ ମୟୂରୀ
ମୋ କାଳିଆ ସୁନା ତୋତେ ଦେଖିଦେଲେ
ପେଟ ପୁରିଯାଏ ମୋରି
ଯଶୋଦା ମା'ର କଥା ମାନିଯା'ରେ ତୁହି
ଆଉ ଦେବିନିରେବାବୁ ତୋ ପାଦ ବଥାଇ ।। ୨ ।।

ସୁର : ରଘୁନାଥ ମିଶ୍ର, କଣ୍ଠ : ଲୋପିତା ମିଶ୍ର

* * *

ଯମୁନା କୂଳେ ତୁ କାହ୍ନା

ଯମୁନା କୂଳେ ତୁ କାହ୍ନା,
ଆଉ ନ ବଜା ବାଂଶୁରୀ
ତୋରି ପାଇଁ ଗୋପବାଳୀ
ହେଲେଣିରେ ଏତେ ସରି ।। ୦ ।।

Digitized by srujanika@gmail.com

ଶୁଣି ତୋ ମୁରଲୀ ସ୍ୱନ
ମୃଗ ଛାଡ଼ି ଦେଲା ତୃଣ
ଭ୍ରମରେ କହେ ସୁମନ
କିଏ ସେହି ବଂଶୀଧାରୀ ।। ୧ ।।

ଲାଜ ମହତକୁ ଭୁଲି
ରାଧା ହେଲାରେ ପାଗଳି
ଜଳଛାଡ଼ି ଦିଏ ମୀନ
ଦେଖି ତୋର ରୂପ ଶିରୀ ।। ୨ ।।

କୂଳ ବଧୂ ଲାଜ ଛାଡ଼ି
ଗଲେଣିରେ ପଥ ଭୁଲି
କହୁଚି ମୋ କଥା ମାନ
ରାଧା କହେ କର ଧରି ।। ୩ ।।

* * *

ହେ ଅଖିଳ ବ୍ରହ୍ମାଣ୍ଡ ସ୍ୱାମୀ

ହେ ଅଖିଳ ବ୍ରହ୍ମାଣ୍ଡ ସ୍ୱାମୀ,
ଏହିକି ଦୁନିଆ ତୋରି
କାହାକୁ ଦେଉଛୁ, ସୁଖ ତୁ ଅପାର
କାର ଦୁଃଖେ ଯାଏ ଦିନ ସରି ।। ୦ ।।

ଜଗତର ତୁହି ବୋଲାଉ ଖାଉଁଦ
ଜଣେ ସୁଖ ପାଏ, ଜଣେ ପାଏ ଦୁଃଖ
ଏକି ବୁଝାମଣା ତୋତେ ଏକା ଜଣା
ନାମ ବୋଲାଇଛୁ ଦୁଃଖହାରୀ ।। ୧ ।।

ତୁହି ପରା ପିତା, ତୁହି ପରା ମାତା
ତେବେ କିଆଁ କରୁ ସନ୍ତାନେ ହିନସ୍ତା
ହେ ଭାଗ୍ୟ ବିଧାତା ଏକି ତୋର କଥା
ତୁହି ପରା ରକ୍ଷାକାରୀ ।। ୨ ।।

Digitized by srujanika@gmail.com

ତୋର ଯାହା ଖେଳ, ଅନ୍ୟର ତା' କାଳ
ଏ କଥାକୁ କିଆଁ ମନେ ନ ବିଚାର
ମନେ ବହି ଭାବ ପାତର ଅନ୍ତର
କଲେ ହେବୁ ଅବିଚାରୀ ।। ୩ ।।

ସ୍ୱର : ରଘୁନାଥ ମିଶ୍ର, କଣ୍ଠ : ଲୋପିତା ମିଶ୍ର

* * *

ଯା'ରେ, ଉଡ଼ି, ଉଡ଼ି ଯା, ମନ ଚଢ଼େଇ

ଯା'ରେ ଉଡ଼ି, ଉଡ଼ି ଯା, ମନ ଚଢ଼େଇ
ଉଡ଼ିଯାରେ ପଞ୍ଜୁରୀ ଖୋଲି
ରୁଦ୍ଧ ପଞ୍ଜୁରୀରେ କି ସୁଖ ପାଇବୁରେ
ଯିବ ତୋର ପକ୍ଷ ଝଡ଼ି ।। ୦ ।।

ଉଡ଼ି ବୁଲିବୁରେ
ମନ ଆନନ୍ଦରେ
ତୁହିରେ ଡାଳକୁ ଡାଳ
ପଞ୍ଜୁରୀଟା ତୋର
ପୁରୁଣା ହୋଇଲା
ରହିବୁରେ କେତେ କାଳ
ଦୁଃଖ ଦୁନିଆର ବିଷ ପରିଣତି
ଜାଣିବୁରେ ଭଲ କରି ।। ୧ ।।

ବସା ବାନ୍ଧି ଥିଲୁ
ଆନନ୍ଦ ହୋଇଲୁ
କାଟିବୁରେ ଦିନ ତୋର
ବସା ଭାଙ୍ଗିଗଲା
ଆଶା ତୁଟିଗଲା
ସରିଗଲା ଦିନ କାଳ
ଉଡ଼ିଯା ଆକାଶେ ମନ ଚଢ଼େଇଟୁ,
ସବୁ ଦୁଃଖ ଶୋକ ଭୁଲି ।। ୨ ।।

ସଙ୍ଗୀତ : ବାସୁଦେବ ରଥ, କଣ୍ଠ : ବାଦଲ ଆଚାର୍ଯ୍ୟ

* * *

Digitized by srujanika@gmail.com

ସିଂହ ଦୁଆରେ, ଯେତେ ମୁଁ ଡାକିଲି

ସିଂହ ଦୁଆରେ,
ଯେତେ ମୁଁ ଡାକିଲି
ମୋ ଡାକ ଶୁଣିଲୁ ନାହିଁ
ସେଥିପାଇଁ ପ୍ରଭୁ ଅଭିମାନ କରି
ନ ଗଲି ମନ୍ଦିରେ ମୁହିଁ ॥ ୦ ॥

କହରେ କାଳିଆ,
କି ଭାବରେ ତୋତେ ଦାସିଆ ଡାକିଲା
ବନ୍ଧୁ ମହାନ୍ତିର କେଉ ଡାକ ଶୁଣି
ନିଦ ତୋର ଭାଙ୍ଗିଥିଲା
ଭକ୍ତର ଡାକରେ ଦେବତା ହୃଦୟ
ଶୁଣିଛି ଥରି ଉଠଇ ॥ ୧ ॥

ଗହନ ବଣରେ , ମୃଗୁଣୀର ଡାକ
ଶୁଣିଲୁ କିପରି ?
ଗଜ ଡାକ ଶୁଣି ଚକ୍ର ପେଷିଥିଲୁ
ତୁହି ପରା ସେ ମୁରାରୀ
ଭକ୍ତର ଡାକରେ ଦେବତା ହୃଦୟ,
ଶୁଣିଛି ଥରି ଉଠଇ ॥ ୨ ॥

* * *

ମନ ବାୟାରେ ମିଛେ ଭ୍ରମୁଛୁ କିଆଁ

ମନ ବାୟାରେ —
ମିଛେ ଭ୍ରମୁଛୁ କିଆଁ
ମାୟା ମୋହରେ ତ ଭରା ଏହି ଦୁନିଆଁ ॥ ୦ ॥

ତୋ ସାଙ୍ଗରୁ ଯେତେ ଗଲେ
ଗଣ୍ଠିରେ କେ ବୋହି ନେଲେ
ଦେଖୁଛୁ ଯା’ ତୋର ବୋଲି, ସବୁରେ ମାୟା ॥ ୧ ॥

Digitized by srujanika@gmail.com

ମୋର ମୋର ଭାବୁ ଖାଲି
କେହି ନୁହେଁରେ ତୋହରି
ଭାବିଛୁକି ଯିବ ସାଥେ
ତୋହର ଛାୟା ।। ୨ ।।

କର ଗୋବିନ୍ଦ ସ୍ମରଣ
ତା' ବିନା କେ ନାହିଁ ଆନ
ସେ ଏକା ପଥକୁ ସଖା
ନବୁଲ ଭୁଆଁ ।। ୩ ।।

* * *

ପଥହରା କ୍ଳାନ୍ତ ପଥିକ ମୁଁ ଥିଲି

ପଥହରା କ୍ଳାନ୍ତ ପଥିକ ମୁଁ ଥିଲି
ଦୁନିଆ ବୁକୁରେ ପଥ ହରାଇଲି
ଦେଖାଇଲ ପଥ ମୋତେ
କ୍ଳାନ୍ତ ଚରଣ ଚଞ୍ଚଳିତ କଲ
ଫୁଟାଇଲ ହସ ମୁଖେ ।। ୦ ।।

ତୁମରି ଆଲୋକେ
ଆହେ ମୋର ନାଥ
ବନ୍ଧୁର ପଥ ମୋ
ହେଲା କୁସୁମିତ
ପାଇଲି ହେ ପ୍ରଭୁ,
ଯାହା ଚାହିଁଥିଲି
ଯୁଗଯୁଗ ଧରି ଖୋଜିବା ପଥ ।। ୧ ।।

ଛନ୍ଦହୀନ ମୋ ଜୀବନ ବୀଣାରେ
ଅସୀମର ଛନ୍ଦ ତୋଳି ଦେଲ ସୁରେ
ବଜାଇ ମୋ ହୃଦେ,
ତବ ବଂଶୀସ୍ୱନ
ପୁଲକରେ ଭରି ଦେଲ ମୋ ପରାଣ
କ୍ଳାନ୍ତ ଚରଣ ଚଞ୍ଚଳିତ କଲ
ଫୁଟାଇଲ ହସ ମୁଖେ ।। ୨ ।।

କଣ୍ଠ : ୰ ରଘୁନାଥ ପ୍ରଧାନ

* * *

Digitized by srujanika@gmail.com

ଜଗନ୍ନାଥ ହୋ, ମୋର ମାଗୁଣି ଶୁଣ

ଜଗନ୍ନାଥ ହୋ –
ମୋର ମାଗୁଣି ଶୁଣ,
ଭବସାଗରରୁ ପାରି
କର ଏ ଦୀନ ॥ ୦ ॥

ବାହୁତ କାଳ ମୋହରି
ଅଜ୍ଞାନରେ ଗଲା ସରି
ଯଉବନ ବିତାଇଲି
ସଂସାର ଜଞ୍ଜାଳେ ବୁଡ଼ି
କରି ନଥିଲି ମୁଁ କେବେ ନାମ ସ୍ମରଣ ॥ ୧ ॥

ଜରା ଆସିଣ ଗ୍ରାସିଲା
ବଳ, ବଅସ ଖସିଲା
କିଏ ବା ଭବସାଗରୁ
ପାର କରିବ ମୋ ଭେଳା
ରକ୍ଷାକର ଏ ଦୀନ,
ଚକାନୟନ ॥ ୨ ॥

* * *

ତୁମେ ତ ଦେଇଛ ମୋର ନୟନରେ ଜ୍ୟୋତିଧାର

ପ୍ରଭୁହେ –
ତୁମେ ତ ଦେଇଛ ମୋର,
ନୟନରେ ଜ୍ୟୋତି ଧାର
ତବ ସୌମ୍ୟ ରୂପ ଦରଶନ ପାଇଁ,
ବାହୁରେ ଦେଲ ଶକତି
କରିବାକୁ କର୍ମ ନିତି
ଭଲମନ୍ଦ ଦେଲ ତ ବତାଇ ॥ ୦ ॥

ଏ ପଦ ଯୁଗଳ ମୋର
କରିଲ ସଦା ଚଞ୍ଚଳ
ତୁମ ପଥେ ଚାଲିବାର ପାଇଁ
ପ୍ରତିଟି ବାକ୍ୟ ମୋହର

Digitized by srujanika@gmail.com

ତୁମରି ନାମେ ମୁଖର
ହେଉ ସଦା ଆହେ ମୋର ସାଇଁ ।। ୧ ।।

ଧନଜନ ଗଉରବ,
ଲୋଡ଼ା ନାହିଁ ଏ ବିଭବ
କିଛି ମୁଁ ତ ପ୍ରଭୁ ମାଗୁନାହିଁ
ଅବୋଧ ଶିଶୁଟି ସମ
ଟେକି ନିଅ କୋଳେ ତୁମ
କରହେ କରୁଣା ଦୟାବହି ।। ୨ ।।

କଣ୍ଠ : ✓ ରଘୁନାଥ ପ୍ରଧାନ

* * *

ମନ ମୋର ହେଲା ମତୁଆଲା

ମନ ମୋର ହେଲା ମତୁଆଲା
ପୁଲକ କେ ପ୍ରାଣେ ଜଗାଇଲା ।। ୦ ।।

ଥିରି ଥିରି ଆସି କରି
କି ମନ୍ତ୍ର ଦେଲା ପ୍ରାଣେ ଭରି
କାନେ ମୋ କହିଗଲା
ତୁ ମୋର ଜପାମାଳାରେ ।। ୧ ।।

ତୁହି ମୋର ଶ୍ୟାମ
ମୁହିଁ ତୋର ପ୍ରାଣ
ତ୍ରିଭୁବନ ରଟ୍ଟ, ଆଜି ରାଧାଶ୍ୟାମ
ତୋ ବଂଶୀ ମୋ ମନ ଭୁଲାଇଲା
ମତୁଆଲା ହେଲି ମତୁଆଲା
ପୁଲକ କେ ପ୍ରାଣେ, ଜଗାଇଲା ।। ୨ ।।

* * *

Digitized by srujanika@gmail.com

ଶ୍ରାବଣ, କଥା ମୋ ମାନ

ଶ୍ରାବଣ,
କଥା ମୋ ମାନ,
ଆଉ ବରଷନା ତୁ'ରେ,
ବିରହିଣୀ ରାଇ ଝୁରେ
ଶ୍ୟାମ ବିନା ଆଜି ବ୍ୟଥିତ ପରାଣ
କଥା ମୋ ମାନ ॥ ୦ ॥

କେଉଁ ସେ ଛନ୍ଦରେ, ବାଜେ ତୋ ନୁପୁର
ତା' ମନ ବୀଣାରେ, ବିରହର ସ୍ୱର,
ଯେତେ କହିଲେ କି, ମାନେ ତା' ମନ
କଥା ମୋ ମାନ ॥ ୧ ॥

ଅଭିମାନେ ସେ ଯେ ବସିଛି ରାଧିକା
କାହିଁଗଲା ଶ୍ୟାମ, ତା'ର ହୃଦଟୀକା
ଲୁହେ ଭରି ଉଠେ,
ତା' ବେନି ନୟନ
କଥା ମୋ ମାନ ॥ ୨ ॥

ଆସିଯାରେ ଶ୍ୟାମ
ତେଜି ଅଭିମାନ
ରଖିକି ପାରିବ,
ତୋ ବିନାସେ ପ୍ରାଣ
ମୋହନ ତୋ ବଂଶୀ ଡାକୁ ରାଧା ନାମ
କଥା ମୋ ମାନ ॥ ୩ ॥

ସ୍ୱର : ରଘୁନାଥ ମିଶ୍ର, କଣ୍ଠ : ଲୋପିତା ମିଶ୍ର

* * *

ହେ ଅନନ୍ତ ହେ କେଶବ ହେ ମୁକୁନ୍ଦ

ହେ ଅନନ୍ତ
ହେ କେଶବ ହେ ମୁକୁନ୍ଦ
ହେ ମୁରାରୀ,
ହେ ନାରାୟଣ ହେ ଗୋବିନ୍ଦ ॥ ୦ ॥

Digitized by srujanika@gmail.com

ତୁମେ ଅଟ ପ୍ରଭୁ ସର୍ବପାଳକ
ଦୁଷ୍ଟବିନାଶୀ, ସିଷ୍ଟ ରକ୍ଷକ
ଗୋଲକ ବିହାରୀ ପ୍ରଭୁ, ଆହେ ଆଦିକନ୍ଦ ।। ୧ ।।

କେ ବୁଝିବ ତୁମ, ଅନ୍ତରର କଥା
କେଉଁ ରୂପେ ପ୍ରଭୁ,
ଭବେ ଦିଅ ଦେଖା
ଶିବ, ବ୍ରହ୍ମା ନ ପାରନ୍ତି
ଜାଣି ତୁମ ଛନ୍ଦ,
ହେ ମୁରାରୀ ହେ ନାରାୟଣ
ହେ ଗୋବିନ୍ଦ ।। ୨ ।।

ସ୍ୱର ଓ କଣ୍ଠ : **ଅଶ୍ୱିନୀ ମହାପାତ୍ର**

* * *

ମାୟା ବନ୍ଧନରେ, ପଡ଼ି ସବୁ ଭୁଲିଲୁ

ମାୟା ବନ୍ଧନରେ,
ପଡ଼ି ସବୁ ଭୁଲିଲୁ
ଭବସାଗରର କଥା
ଚିନ୍ତା ନ କଲୁ ।। ୦ ।।

ନାରାୟଣ, ନାରାୟଣ
ଜପରେ ପାଗଳ ମନ
ସେହି ନାମ ରାତି, ଦିନ
ତୁ ଭୁଲିଗଲୁ
ଭବ ସାଗରର କଥା
ଚିନ୍ତା ନ କଲୁ ।। ୧ ।।

ଗୋବିନ୍ଦ ନାମକୁ ସ୍ମରି
ହେବୁ ଦୁନିଆରୁ ପାରି
ପାଗଳ ମନରେ କିଆଁ
ଗଲୁ ସେ ନାମକୁ ଭୁଲି
ମାୟା ଜାଲେ ଛନ୍ଦି କିଆଁ
ପାଗଳ ହେଲୁ
ଭବସାଗରର କଥା
ଚିନ୍ତା ନ କଲୁ ।। ୨ ।।

ସ୍ୱର ଓ କଣ୍ଠ : **ଅଶ୍ୱିନୀ ମହାପାତ୍ର**

* * *

Digitized by srujanika@gmail.com

ଏଇ ଦୁନିଆରେ ମିଛେ ନ ହୁଅ କାତର

ଏଇ ଦୁନିଆରେ
ମିଛେ ନ ହୁଅ କାତର
ଅବୁଝା ମନରେ, ଆଉ ତୁରେ ଲୁହ ଝରାନା
ମନୁଆରେ, ସବୁ ମିଛ ସବୁ ଛଳନା ॥ ୦ ॥

ଆସିଛୁ ଦି ଦିନ ପାଇଁ
ଯିବୁ ଚାଲି ଏକା ହୋଇ
ତୋର ବୋଲି କେହି ନାହିଁ
ସାହା ସେ ଜଗତ ସାଇଁ
ବାଇମନରେ, ତା' ହାତର ତୁଇ ଖେଳନା
ମନୁଆରେ, ସବୁ ମିଛ, ସବୁଛଳନା ॥ ୧ ॥

ଆଶାର ତୋ ବାଲିଘର
ଭାଙ୍ଗି ଦେଲାରେ ଜୁଆର
ଗଢ଼ିଦେବ ଏକା ତୋର
ସେହି ସୁନାର ସଂସାର
ମନ ବାୟାରେ, ସେଥିପାଇଁ ନୁହ ବିମନା
ମନୁଆରେ ସବୁ ମିଛ, ସବୁ ଛଳନା ॥ ୨ ॥

* * *

କୃଷ୍ଣ ମୁରାରୀ, ରାଧାମନ ହାରି

କୃଷ୍ଣମୁରାରୀ, ରାଧାମନ ହାରି
ଯଶୋଦାନନ୍ଦନ, କୁଞ୍ଜବିହାରୀ
କଂସ, କେଶି ନାଶି, ଦଇତ ବିନାଶି
ସୃଷ୍ଟି ରକ୍ଷାକଲ, ହେ ଗିରିଧାରୀ ॥ ୦ ॥

ନଚାଇଛ ବ୍ରଜବାସୀ ଜନେ
ନାଚିଛି ଯମୁନା ତୁମ ନାମେ
ତୁମରି ବାଂଶରୀ କରିଲା ପାଗଳି
ରାଧା ସାଜିଥିଲା ଅଭିସାରୀ ॥ ୧ ॥

Digitized by srujanika@gmail.com

ତୁମେ ଭୁଲିଥିଲ ରାଧା ପ୍ରେମ
ମୋତେ ଛାଡ଼ିଗଲା ମୋର ଶ୍ୟାମ
ଆହେ ଶ୍ୟାମଘନ, ସେଥିପାଇଁ ସିନା
ମୋ ଦୁଃଖକୁ ପ୍ରଭୁ ଦେଲ ପାସୋରି ।। ୨ ।।

* * *

ହେ ଗିରିଧାରୀ, ଦୁଃଖୀ ଦୁଃଖ ହାରି

ହେ ଗିରିଧାରୀ
ଦୁଃଖୀ ଦୁଃଖ ହାରୀ
ଡାକୁଛି ଆରତେ ପ୍ରଭୁ
ଶୁଣ ମୋ ଗୁହାରୀ ।। ୦ ।।

ନ ଶୁଣୁଛ ମୋର ଡାକ
ଆହେ ପଙ୍କଜ ମୁଖ
ଦେଖାଦିଅ ପ୍ରଭୁ, ଆହେ ଦୟାମୟ
ଭକତ ବାନ୍ଧବ ଦଇତାରୀ ।। ୧ ।।

କେତେ ବା ପରଖୁ ଥିବ
ନ ପାରେ ଆଉ ଶ୍ରୀମୁଖ
ରଖ ଲାଜ, ଆହେ ମହାବାହୁ
ତୁମ ବିନା ଅଛି କିଏ ମୋରି ।। ୨ ।।

ଆରତ ଭଞ୍ଜନ ବାନା
ନ ଶୁଣୁ ଭକ୍ତ ବେଦନା
ନାମ ପରା ଆରତତ୍ରାଣ
ଆରତେ ଡାକୁଛି, ଶୁଣ କର୍ଣ୍ଣ ଡେରି
ଭକତ ବାନ୍ଧବ ଦଇତାରୀ ।। ୩ ।।

* * *

Digitized by srujanika@gmail.com

ନ ଜାଣେ ମୁଁ ତବ, ପୂଜା ଅରଚନା

ନ ଜାଣେ ମୁଁ ତବ,
ପୂଜା ଅରଚନା
କି ଦେଇ ପୂଜିବି
ଆହେ ମହାମନା
ନ ହୁଅ ହେ ପ୍ରଭୁ, ମୋ ପ୍ରତି ବିମନା
ମୁହିଁ ଅବିବେକୀ ଜନ
କରମ କଷଣ ଭୋଗେ ନିତିଦିନ
ଦୁଃଖ ହର ହନୁମାନ ॥ ୧ ॥

ସ୍ୱର୍ଣ୍ଣ ଲଙ୍କା ତୁମେ କରିଥିଲ ଚୁର
ଖର୍ବକଲ ରାବଣର ଅହଙ୍କାର
ଗରବ ଗଞ୍ଜନ ପ୍ରଭୁ ଦୁଃଖହର
ବନ୍ଦେ ତବ ଶ୍ରୀଚରଣ
ମୁହିଁ ପାପୀ ଜନ ଅଟଇ ଅଜ୍ଞାନ
ପ୍ରଭୁ ଘେନ ମୋ ପ୍ରଣାମ
ଦୁଃଖ ହର ହନୁମାନ ॥ ୨ ॥

* * *

ବନ୍ଧୁରେ, ଏ ଜୀବନେ ସବୁ ଘଟଇ

ବନ୍ଧୁରେ
ଏ ଜୀବନେ ସବୁ ଘଟଇ
ଏଥିପାଇଁ ନ ଭାବ ତୁହି ॥ ୦ ॥

ସତ୍ୟେ, ନ୍ୟାୟେ, ଚଳୁଥିଲେ
ବିପଦ ଆସେ ପହିଲେ,
ଅନ୍ୟାୟର ଫଳମିଳେ
ଦି'ଦିନ ପାଇଁ
ଆଜି ସୁଖ, କାଲି ଦୁଃଖ,

Digitized by srujanika@gmail.com

ଏଥିକି ନୁହଁ ବିମୁଖ
ଆଗେଇ ଚାଲରେ ବନ୍ଧୁ,
କି ଅଛି ତହିଁ ।। ୧ ।।

ପିତୃ ସତ୍ୟ ପାଳି ଦିନେ
ରାଜାରାମ ଗଲେ ବନେ
ସହିଲେ ସବୁକଷଣ
ଆନନ୍ଦ ହୋଇ,
ବନ୍ଧୁରେ ଭାଗ୍ୟ ଲିଖନ,
କେ ଅବା କରିବ ଆନ,
ଅନ୍ଧାର ପରେ ଆଲୋକ
ନିଶ୍ଚେ ଆସଇ
ଏଥିପାଇଁ ନ ଭାଳ ତୁହି ।। ୨ ।।

ସଙ୍ଗୀତ : ୰ ଉପେନ୍ଦ୍ର କୁମାର, କଣ୍ଠ : ପ୍ରଣବ ପଟ୍ଟନାୟକ

* * *

ହେ ଦୁଃଖ ଭଞ୍ଜନ ସଙ୍କଟ ମୋଚନ

ହେ ଦୁଃଖ ଭଞ୍ଜନ ସଙ୍କଟ ମୋଚନ
ଶୁଣ ମୋର ବିନତି
ପବନ ସୁତ, ତୁମେ ଅଗତିର ଗତି ।। ୦ ।।

ତୁମ ନାମଧାୟୀ, ହେବି ପାର ମୁହିଁ
ଭବସାଗରରେ, ଭାସୁଛି ଗୋସାଇଁ
କୁଳ କିନାରା ମୁଁ, କାହିଁ ପାଉ ନାହିଁ
ତୁମେ ହିଁ ମୋର ମୁକତି
ପବନ ସୁତ, ତୁମେ ଅଗତିର ଗତି ।। ୧ ।।

ଡାକୁଛି କାତରେ, ଶୁଣ ପ୍ରଭୁ ବାରେ
ମଝି ଦରିଆରେ ନାବ ମୋ ଦୋହଲେ
ତୁମେ ନ ରଖିଲେ, କେ ରଖିବ ମୋରେ
ରଖ ମୋର ହେ ବିନତି
ପବନ ସୁତ, ତୁମେ ଅଗତିର ଗତି ।। ୨ ।।

* * *

Digitized by srujanika@gmail.com

ଦିବ୍ୟ ଜନନୀ, ଅଭୟଦାୟିନୀ

ଦିବ୍ୟ ଜନନୀ
ଅଭୟଦାୟିନୀ
ତୁହି ମହାଶକ୍ତି ତୁହି ମା ଜନନୀ
ଦୁଃଖ ଅଶ୍ରୁର ମୁକ୍ତାର ହାର
ରଖିଅଛି ମା' ତୋହରି ପାଇଁ
ଘେନ ଦୟା ବହି ଆଶ୍ରିତ ଜନେ
ନିରିଦୟ ମା' ନ ହୋଇ ତୁହି ।। ୦ ।।

ମନ ବାତାୟନେ, ତୋହରି କରୁଣା
ପ୍ରବେଶିଲା ଯେହ୍ନେ ଆଲୋକର କଣା
ନିମିଷେ ଭୁଲିଲି ଦୁଃଖ କାଳିମା
ତୋର ଚରଣକୁ ସଦା ମୁଁ ଧାୟୀ ।। ୧ ।।

ଚନ୍ଦ୍ର, ସୁରଜ, ତାରକା ପବନ
କରୁଥାନ୍ତି ସେବା ତୋର ନିତିଦିନ
ଜାଣି ନଥିଲି ମା' ତୁଯେ ମହୀୟାନ
ମନ ରହୁ ମା' ଗୋ, ତୋହରି ଠାଇଁ ।। ୨ ।।

ସୁର : ରଘୁନାଥ ମିଶ୍ର, କଣ୍ଠ : ୰ ରଘୁନାଥ ପ୍ରଧାନ

* * *

କେତେ ଜନମର ପୁଣ୍ୟର ଫଳେ

କେତେ ଜନମର ପୁଣ୍ୟର ଫଳେ
ଦରଶନ ତୋର ପାଇଲି ମା'
ଆନନ୍ଦରେ ଭରିଯାଏ ମନ ପ୍ରାଣ
ପୁଲକେ ନାଚଇ ଏ ମୋର ହିଆ ।। ୦ ।।

ଭୁଲିଲି ସକଳ ବେଦନା ଯାତନା
କରୁଣାମୟୀ ତୋ' ଅପାର କରୁଣା
ସେ କରୁଣା ବଳେ ଚଳନ୍ତି ସକଳେ
ଆନନ୍ଦରେ ବହେ ମଳୟ ବାଆ ।। ୧ ।।

Digitized by srujanika@gmail.com

କେହୁବା ବୁଝିବ ତୋହର ମହିମା
ଏ ସଂସାରେ ଭରା ଗର୍ବ ଓ ଗାରିମା
ସବୁ ଅହଂକାର ହୋଇଯାଏ ଦୂର
ଜପୁଥିଲେ ନିତି ତୋହରି ନା ॥ ୨ ॥

କଣ୍ଠ : ✓ ରଘୁନାଥ ପ୍ରଧାନ

✳ ✳ ✳

ହେ ଆନନ୍ଦମୟୀ ହେ ଚୈତନ୍ୟମୟୀ

ହେ ଆନନ୍ଦମୟୀ
ହେ ଚୈତନ୍ୟମୟୀ
ମହା ଶକ୍ତିମୟୀ
ରକ୍ଷା କର ମା', ତୋ ସନ୍ତାନ ଡାକେ ତୁ ପରା ଶାନ୍ତିମୟୀ ॥ ୦ ॥

ତୁହି ମହାକାଳୀ
ତୁହି ମହାଶକ୍ତି
ଭକ୍ତର ଡାକରେ
ନାଶୁ ମା' ଦୁର୍ଗତି
ହେ ମହାଶକ୍ତି, ଡାକେ ନିରନ୍ତର
ରଖ ମା' କୃପାମୟୀ
ତୁହି ମା' ଶାନ୍ତିଦାୟୀ ॥ ୧ ॥

ଦୁଷ୍ଟ ବିନାଶିନୀ
ତୁହି ଆଦ୍ୟାଶକ୍ତି
ଭକ୍ତର ଡାକରେ ନାଶୁ ତୁ ଦୁର୍ଗତି
ହେ ମହାଶକ୍ତି ଡାକେ ନିରନ୍ତର
ରଖ ମା' କୃପାମୟୀ ॥ ୨ ॥

କଣ୍ଠ : ✓ ରଘୁନାଥ ପ୍ରଧାନ

✳ ✳ ✳

Digitized by srujanika@gmail.com

ପଦ ଯୁଗଳ ତୋ, ପାଇଛି ମୁହିଁ

ପଦ ଯୁଗଳ ତୋ, ପାଇଛି ମୁହିଁ
ମା' ଗୋ ଜୀବନେ ଭୁଲିବି ନାହିଁ ।। ୦ ।।

ଡାକୁଅଛି ଯିଏ ମୁକତି ଆଶାରେ
ଆଶିଷ ଢାଳୁ ମା' ତାହାରି ଶିରେ
ଜନମ, ଜନମ, ଅନାଇ ରହିଛି
କୃପାମୟୀ ତୋର କରୁଣା ପାଇଁ ।। ୧ ।।

ଶୈଶବର କାଳେ ମମତାର କୋଳ
ପାଇଁ ନାହିଁ ମାତ, ସେ ପାଇଁ ଆକୁଳ
ତୋ'ରି କୋଳେ ମୋତେ, ଆଶ୍ରୟ ଦେ' ମା
ଡାକୁଅଛି ମାତ ତାହାରି ପାଇଁ ।। ୨ ।।

ମାଗୁନାହିଁ ମୁହିଁ ଧନ ଗଉରବ
ମାଗୁ ନାହିଁ ତୋତେ କେବେ ବଇଭବ
ତୋର ନାମ ଛଡ଼ା କିଛି ନାହିଁ ଲୋଡ଼ା
ଅନ୍ୟ କେଉଁଥିରେ, ଭୁଲିବି ନାହିଁ ।। ୩ ।।

କଣ୍ଠ : ୰ ରଘୁନାଥ ପ୍ରଧାନ

* * *

ମା' ଗୋ କରୁଣାମୟୀ, ଗୁହାରି ମୋ ଶୁଣ ମା'

ମା' ଗୋ କରୁଣାମୟୀ,
ଗୁହାରି ମୋ ଶୁଣ ମା'
ତୋର ବିନୁ ଆନେ କିଛି ମୁଁ ଜାଣେନା
ଜପୁଅଛି ନିତି ଦିନ ତୋରି ନାଁ ।। ୦ ।।

ଗ୍ରାସି ଅଛି ମୋତେ, ଅଜ୍ଞାନ ଅନ୍ଧାର
ସେଥିପାଇଁ ହେଲି ଆଜି ନାରଖାର
ଡାକୁଅଛି ମାତ ଆଶ୍ରା ଦିଅ ମୋତେ
ଚାହେଁ ଟିକେ ତୋର କରୁଣା ।। ୧ ।।

Digitized by srujanika@gmail.com

ଶିଶୁ ସମ ତୋତେ କେତେ ମୁଁ ଖୋଜିଲି
ମା', ମା', ବୋଲି କେତେ ମୁଁ ଡାକିଲି
ମା' ତୋର କୋଳ ଶାନ୍ତିର ସ୍ଥଳ
କୋଳେ ତୋଳି ମୋତେ ନେ' ମା ।। ୨ ।।

ସୁମିରଣ କରେ ନିତି ତୋର ନାମ
ଦୟାକର ମୋତେ ଡାକେ ଏ ଅଧମ
ତୋରି ଦରଶନ ପାଇଁ ମୋର ମନ
ଦରଶନ ମୋତେ ଦେ' ମା' ।। ୩ ।।

କଣ୍ଠ : ୰ ରଘୁନାଥ ପ୍ରଧାନ

* * *

ଦୁନିଆରେ କେହି କାହାରି ନୁହେଁ ଭାଇ

ଦୁନିଆରେ କେହି
କାହାରି ନୁହେଁ ଭାଇ
କାମ ସରିଗଲେ ପଚାରେ ନାହିଁ ।। ୦ ।।

କର ତୁ ଭଲ କାମ
ହୋଇବ ତୋର ନାମ
ସବୁକୁ ତୁହି ଆପଣା ଭାବି
ସେନେହ ବାଣ୍ଟିଯା
ସେନେହ ବାଣ୍ଟିଯା
କାହାକୁ ଯଦି ଦୁଃଖ ତୁ ଦେଉ
ଭୋଗିବୁ ଫଳତାର
ଏହି ଜନମେ ଭୋଗିବୁ ନିଶ୍ଚେ
ସେହି କରମ ଫଳ
ଏହି କଥାକୁ ମନରେ ବାବୁ,
ରଖିଥା ସଦା ତୁହି ।। ୧ ।।

ଦୁଇଦିନର ଖେଳ
ଏଇ ତୋର ସଂସାର

Digitized by srujanika@gmail.com

ପାପ, ପୁଣ୍ୟର ତଉଲ ଏଠି
ଏଇ କଥା ଜାଣିଥା
ମାୟା ସଂସାର ଜାଣିକି ତୁହି
ନିଜର ସ୍ୱାର୍ଥ ପାଇଁ
କରୁଛୁ ଯେତେ ଅକର୍ମ ସବୁ
ଅମଣିଷ ତୁ ହୋଇ
ଆରେ ପାଗଳା, ନ ଜାଣୁ ଭଲା
କରି କରାଏ ସେହି ॥ ୨ ॥

ସଙ୍ଗୀତ : **ବାସୁଦେବ ରଥ, କଣ୍ଠ : ବାଦଲ ଆଚାର୍ଯ୍ୟ**

* * *

ନା ମୁଁ ଧନ ଚାହେଁ ନା ମୁଁ ଜନ ଚାହେଁ

ନା ମୁଁ ଧନ ଚାହେଁ
ନା ମୁଁ ଜନ ଚାହେଁ
ତୋର ଚରଣର ଧୂଳି ମିଳିଗଲେ
ଧନ୍ୟ ହେବି ମୁହିଁ
ମା' ତୁ ମଙ୍ଗଳମୟୀ ॥ ୦ ॥

କରୁଣା ମା' ଗୋ ତୋର
ମୋତେ ମିଳିଯାଇ
ଜନ୍ମ, ଜନ୍ମାନ୍ତର
ତୋ'ଠାରେ ଲୟ ରହୁ
ସେତିକି ମାଗେ ମୁହିଁ
ଆଗୋ କରୁଣାମୟୀ ॥ ୧ ॥

ଲୋଡ଼ା ନାହିଁ ମୋର
ସୁଖ ବଇଭବ
ଯେ ମାଗୁଛି, ଦିଏ ତାକୁ
ମୋର' ବା କି ହବ
ତୋର ଚରଣ ଛୁଇଁ
କହୁଚି ଲୋଡ଼ା ନାହିଁ ॥ ୨ ॥

* * *

Digitized by srujanika@gmail.com

ରାଧାମୋହନ, ଦୟା ତୋର ନାହିଁକି ?

ରାଧାମୋହନ,
ଦୟା ତୋର ନାହିଁ କି ?
କରୁଣା ଭଣା କଲୁ କାହିଁକି ? ।। ୦ ।।

ପ୍ରଭୁ ବୋଲି ତୋର ନାମେ
ପଡ଼ିଛି ହୁରି
ଚଉଦିଗେ ବାଜୁଅଛି ତୋ ଜୟ ଭେରୀ
ତୋର ରଙ୍ଗାଚରଣ
କରୁଛି ମୁଁ ଧିଆନ
ତରନ୍ତି ମୂଢ଼ ଜନେ
ଜପି ତୋହରି ନାମ
ଦୟା ନ କଲେ ସରିବି ତାଣ୍ଡୁ ନାହିଁ କି ?
କରୁଣା ଭଣା କଲୁ କାହିଁକି ? ।। ୧ ।।

ଡାକି ତୋଟି ଶୁଖିଲା
ଭରସା ତ ତୁଟିଲା
କି ଭାବରେ ଡାକିଲେ
ଶୁଣିବୁ ନନ୍ଦ ବଳା
କରୁଣା ସିନ୍ଧୁ ନାମ,
ଅଟେ ତୋର କାହିଁକି ?
କରୁଣା ଭଣା କରୁ କାହିଁକି ? ।। ୨ ।।

* * *

ଓ କାହ୍ନୁ, ଆସିଯା'ରେ, ଆସିଯା'ରେ

ଓ କାହ୍ନୁ,
ଆସିଯା'ରେ, ଆସିଯା'ରେ
କୁଞ୍ଜ ଦୁଆରେ
ବିରହିଣୀ ରାଧା ପ୍ରାଣ
ଝୁରି, ଝୁରି ମରେ ।। ୦ ।।

Digitized by srujanika@gmail.com

ଜାଣୁନା କି ତୋ ବିନା ସେ ବଞ୍ଚିକି ପାରେ
ହଟ ହଟା କରୁ କିଆଁ ତାକୁ ଗୋକୁଳେ
ଅଝଟ ନହୁଅ ଶ୍ୟାମ
ତୁ ତା' ପ୍ରାଣରେ
ବିରହିଣୀ ରାଧା ପ୍ରାଣ
ତୋ' ଲାଗି ଝୁରେ ।। ୧ ।।

ବଂଶୀବାଇ ନେଲୁ ତା'ର
ମନ ଚୋରାଇ
ମାନ, ମହତକୁ ସେ ତ
ଦେଲା ହଜାଇ
ତୋହରି ପାଇଁ ସେ, ଶ୍ୟାମ ତା' ତୁ ଜାଣୁରେ
ବିରହିଣୀ ରାଧା ପ୍ରାଣ
ତୋ ଲାଗି ଝୁରେ ।। ୨ ।।

ସୁର : ରଘୁନାଥ ମିଶ୍ର, କଣ୍ଠ : ଲୋପିତା ମିଶ୍ର

* * *

ତୋହର ନାମକୁ ଗାଉ ଥିବି ମା'

ତୋହରି ନାମକୁ ଗାଉଥିବି ମା'
ଯେତେଦିନ ଥିବ ପିଣ୍ଡରେ ପ୍ରାଣ
ମନେ, ମନେ ମୁହିଁ ଖାଲି ଜପୁଥିବି
ମନ, ଧ୍ୟାନ ଦେଇ ତୋରି ଚରଣ ।। ୦ ।।

ତୋର ବିନା ମୋର ନାହିଁ କେହି ସାହା
ମଝି ସମୁଦ୍ରରେ ବୁଡୁଅଛି ନାଆ
କାବୁ କରିଲାଣି ଦେଖ ଘୂର୍ଣ୍ଣିବାଆ
କାହିଁକି ହେଉ ମଉନ
ଭାବୁ ଯଦି ମା' ମୁଁ ତୋହରି ସୁତ
ରଖବାରେ ତୋ ସନ୍ତାନ ।। ୧ ।।

Digitized by srujanika@gmail.com

ଦୁନିଆଟା ଖାଲି ମିଥ୍ୟା ପ୍ରବଞ୍ଚନା
ସବୁ ସାରିଲାଣି କାମନା, ବାସନା
ସତ୍ୟ, ନ୍ୟାୟ ଆଜି ହେଲା ବିଡ଼ମ୍ବନା
ରଖି କି ଲାଭ ପରାଣ
ସ୍ୱାର୍ଥସିଦ୍ଧି ପାଇଁ ଦୁନିଆଟା ହେଲା
ସବୁଠାରୁ ମା' ବିଷମ ।। ୨ ।।

ଉର୍ଦ୍ଧ୍ୱେ ଉଠୁଅଛି ମା' ମୋର ହଂସା
ଚାରିଆଡ଼େ ଖାଲି ଦେଖେ ମୁଁ ନିରାଶା
ତୋତେ ଆଶ୍ରା କରି, ହେଲି ଲୋକ ହସା
ଚକ୍ଷୁ ଲୁହ ହେଲା ଶୂନ୍ୟ
ସବୁ ଜାଣି ମା, ନ ଜାଣିଲାପରି
ନ ହୁଅ ତୋତେ ମୋ ରାଣ ।। ୩ ।।

* * *

ହେ ବୀର ମହାନ ପ୍ରଭୁ ହନୁମାନ

ହେ ବୀର ମହାନ ପ୍ରଭୁ ହନୁମାନ
ଘେନ ମୋ କୋଟି ପ୍ରଣାମ
ତୁମେ ହିଁ ତ ଶାନ୍ତି ତୁମେ ହିଁ ତ ଗତି
କର ଜଗତ କଲ୍ୟାଣ ।। ୦ ।।

ଜାନକୀ ସନ୍ଧାନେ ଲଘି ସିନ୍ଧୁ ବୀର
ଅଶୋକ ବନରେ, ମାତା ଠାବ କଲ
ଲଙ୍କା ଦହନ କରି ସେ ଖବର
ଦେଲ ପ୍ରଭୁ ଶ୍ରୀଚରଣ ।। ୧ ।।

ଗନ୍ଧମାର୍ଦ୍ଦନରୁ ବିଷଲ୍ୟ କରଣୀ
ପ୍ରଭୁଙ୍କ ଆଦେଶେ ଥିଲ ତୁମେ ଆଣି
ଭାଇ ଲଇକ୍ଷଣ ମୃତ୍ୟୁ ଉଦ୍ଧାରିଲ
ଧନ୍ୟ ମାରୁତି ନନ୍ଦନ କର ଜଗତ କଲ୍ୟାଣ ।। ୨ ।।

Digitized by srujanika@gmail.com

ଶ୍ରୀରାମ ଶ୍ରୀରାମ ଜପ ଦିନରାତି
ଶ୍ରୀରାମ ନାମରେ ପାଅ ଚିରଶାନ୍ତି
ପ୍ରଭୁଙ୍କୁ ବକ୍ଷରେ ରଖି ଦିନରାତି
କରେ ଜଗତ ବନ୍ଦନ ଆହେ ପ୍ରଭୁ ହନୁମାନ ।। ୩ ।।

* * *

କିଏ ବା ଶୁଣିବ ମାତ ମୋର ଗୁହାରୀ

କିଏ ବା ଶୁଣିବ ମାତ
ମୋର ଗୁହାରୀ
ତୁହି ନ ରଖିଲେ ମା'
ଯିବି ମୁଁ ସରି ।। ୦ ।।

ଦୁର୍ଗତି ନାଶିନୀ ଦୁର୍ଗା,
ତୁହି ବିମଳା
ସଙ୍କଟ ତାରିଣୀ ମା'ତ
ତୁହି ମଙ୍ଗଳା
ଦୁଃଖୀ ଦୁଃଖ ଶୁଣି କର୍ଣ୍ଣେ
(ଢ଼ାଳ) ସୁଦୟା ବାରି ।। ୧ ।।

ତୋ' ପରି ଜନନୀ ଥାଉ
ଦେଖ ମୋ ଦଶା
ବର୍ଣ୍ଣିବାକୁ ଦୁଃଖ ମୋର
ପାଏ ନି ଭାଷା
ଢ଼ାଳିଦିଅ ବାରେ ମାତ
ସୁଦୟା ବାରି
ତୁହି ନ ରଖିଲେ ମାତ
ଯିବି ମୁଁ ସରି ।। ୨ ।।

ଅପାର ତୋର କରୁଣା,
ନ କର ଊଣା

Digitized by srujanika@gmail.com

ବୁଦ୍ଧି ଭ୍ରମ ହେଲା ମୋର
ହୋଇଲି ବଣା
ବିକଳେ ଡାକୁଛି ମାତ,
ଶୁଣ ଗୁହାରୀ
ତୁହି ନ ରଖିଲେ ମାତ
ଯିବି ମୁଁ ମରି ।। ୩ ।।

* * *

ହେଲି ଏତେ ସରି ତୋତେ କରି ଗୁହାରୀ

ହେଲି ଏତେ ସରି
ତୋତେ କରି ଗୁହାରୀ
ତେବେ କିଆଁ ମାତ
ନ ଶୁଣୁ ଦୁଃଖ ମୋହରି ।। ୦ ।।

କାନ୍ଦିଲେ ବୁଝୁ ତୁ ଅନ୍ତର କଥା
ଯେତେ କାନ୍ଦିଲେ ମା' ନ ହରୁତୁ ବ୍ୟଥା
ଏକି ଅବିଚାର କହ ମା' ତୋହର
ସଙ୍କଟ ତାରିଣୀ ନାମକୁ ଧରି ।। ୧ ।।

ସହିବାକୁ ମୋର ଆଉ ନାହିଁ ବଳ
ପୂଜା, ଆରାଧନା ହେଲା ମା' ବିଫଳ
କି କରିଲେ ମାଗୋ ଦୁଃଖ ତୁ ହରିବୁ
ବଢ଼ାଇ ଦେ' ମାତ କୃପାକରି ।। ୨ ।।

ସଙ୍କଟ ନାଶି ତୁ ସଙ୍କଟ ତାରିଣୀ
ଭୟ ନିବାରି ତୁ ଅଭୟ ଦାୟିନୀ
ମାଡି ଆସୁଛି ମା' ଦୁରୁଦିନ ଘୋର
ସନ୍ତାନର ଦୁଃଖ, ନେ ମା' ହରି ।। ୩ ।।

* * *

Digitized by srujanika@gmail.com

ମଝି ସମୁଦ୍ରରେ ମୋର ବୁଡୁଛି ଭେଳା

ମଝି ସମୁଦ୍ରରେ ମୋର ବୁଡୁଛି ଭେଳା
ରକ୍ଷାକର, ରକ୍ଷାକର ମା' ମଙ୍ଗଳା ॥ ୦ ॥

ତୁହି ପରା ଜଗତର ସାହା ଭରସା
କେତେ ବା ଡାକିବି ତୋତେ ଉଡ଼ିଲା ହଂସା
ଦୀନଜନେ ରଖ ମାଗୋ ହେ ଗୀରିବାଳା ॥ ୧ ॥

ତୋରି ଆଜ୍ଞାରେ ଦାରୁ ବ୍ରହ୍ମ ମୁରାରୀ
ହୁଏ ଗଡ଼ା ପରା ମାଗୋ, ପଡ଼ୁଛି ଝୁରି
ମଙ୍ଗଳମୟୀ ଜନନୀ, ବେଳ ବୁଡ଼ିଲା
ରକ୍ଷାକର, ରକ୍ଷାକର ମା' ମଙ୍ଗଳା ॥ ୨ ॥

ଯେ ଯେତେ ଗୁହାରୀ କଲେ,
ତୁହି ପରା ଶୁଣୁ କର୍ଣ୍ଣେ
ମୋ ବେଳକୁ କିଆଁ ମାତ
ବସିଛୁ ରହି ମଉନେ
କହେ ଦୁଃଖୀ, ଦୁଃଖ ତା'ର
ଦୂର ନୋହିଲା ॥ ୩ ॥

* * *

ଡମ୍ବରୁ ଯାର ଶ୍ରୀକର ଶୋଭିତ

ଡମ୍ବରୁ ଯା'ର ଶ୍ରୀକର ଶୋଭିତ
ଅନ୍ୟ ହସ୍ତେ ଶୋହେ ଅସ୍ତ୍ର ପାଶୁପତ
ଫଣୀ ମାଳା ଯା' ଭୂଷଣ
ଜଟରେ ଜାହ୍ନବୀ ଶୋଭୁଥାଏ ଯା'ର
ସେ ପାଦେ ଗଲି ଶରଣ ॥ ୦ ॥

ହେ ଶିବ ଶଙ୍କର କୃପା ତ ଅପାର
ଆହେ ଆଶୁତୋଷ ଉମା, ଗୌରୀବର

Digitized by srujanika@gmail.com

ମହେଶ ବୃଷବାହନ
ସୁର, ନର, ଯକ୍ଷ, ଗନ୍ଧର୍ବ, କିନ୍ନର
ବନ୍ଦୁଥାନ୍ତି ଶ୍ରୀଚରଣ ।। ୧ ।।

ଦୈତ୍ୟ ନାଶ କରି ସନ୍ଥଙ୍କୁ ଉଦ୍ଧରି
ଥିଲ କାମଦେବ ଦର୍ପ ଧ୍ୱଂସ କରି
ହେଲ ଶରଣ ରକ୍ଷଣ
ସୃଷ୍ଟିର କଲ୍ୟାଣେ ହେଲ ନୀଳକଣ୍ଠ
ପ୍ରଣତି ବାରେ ମୋ ଘେନ ।। ୨ ।।

✳ ✳ ✳

ଜପୁଥିବି ଖାଲି ଦୁର୍ଗା ନାମ ନିତି

ଜପୁଥିବି ଖାଲି ଦୁର୍ଗା ନାମ ନିତି
ସେ ନାମକୁ ଜପି ଦିନଯାଉ,
ଏତିକି କରୁଣା କର ଖାଲି ମାତ
ତୋ ଚରଣେ ମାତ ଲୟ ଥାଉ ।। ୦ ।।

ଶଙ୍କରୀ ମାଗୋ ତୁହି ମହାକାଳୀ
ତୁହି ଛିନ୍ନମସ୍ତା, ତ୍ରିପୁର ସୁନ୍ଦରୀ
ମୁଁ କି ପାରିବି ମା' ତୋ ମହିମା ଗାଇ
ତୋ ନାମ ସୁମରି ଦିନ ଯାଉ ।। ୧ ।।

ତୋ ନାମକୁ ଜପି କେତେ, ବୀର, ନର
ପାରି ହୋଇଛନ୍ତି ଏ ଭବ ସଂସାର
କି ଅବା ବର୍ଣ୍ଣିବି ତୋହର କରୁଣା
କରୁଣାମୟୀ ତୋ କୃପା ହେଉ ।। ୨ ।।

ତ୍ରିନାଥ ଠାକୁର ସୃଷ୍ଟିକଲେ ତୋତେ
ମହିଷା ନାଶି ତୁ ବିଖ୍ୟାତ ଜଗତେ
ପାପ, ତାପ ନଳେ ଜଳୁଛି ଦୁନିଆ
ସିଞ୍ଚ କୃପାବାରି, ସୃଷ୍ଟି ରହୁ ।। ୩ ।।

✳ ✳ ✳

Digitized by srujanika@gmail.com

ବିଘ୍ନ ବିନାଶକ ଆହେ ଗୌରୀ ସୁତ

ବିଘ୍ନ ବିନାଶକ ଆହେ ଗୌରୀ ସୁତ
ଅଗତିର ଗତି ତୁମେ ଗଣନାଥ
ପ୍ରଣତି ଘେନ ମୋହରି
ମୂଷିକ ବାହାନ ଆହେ ଗଜାନନ
ଦୁଃଖ ମୋର ନିଅ ହରି ॥ ୦ ॥

ସିଦ୍ଧି ପ୍ରଦାୟକ ହେ ଗଣନାୟକ
ଲମ୍ବୋଦର ତୁମେ ହେ ବିଦ୍ୟାଦାୟକ
ଅଜ୍ଞାନ ମୋ ଦୂର କର
ଜ୍ଞାନାଲୋକ ଦେଇ ଉଦ୍ଭାସିତ କର
ଏତିକି ବିନତି ମୋରି ॥ ୧ ॥

ଏକଦନ୍ତ ମହାକାୟ ବିନାୟକ
ସିନ୍ଦୁର, ମୁକୁଟେ ମସ୍ତକ ଶୋଭିତ
ମାଗେ ତବ କୃପାବାରି
ସେ ବାରି ସିଞ୍ଚି ମୁଁ ଧନ୍ୟ ହେବି ପ୍ରଭୁ
ରଖ ପ୍ରଭୁ ମୋ ଗୁହାରୀ ॥ ୨ ॥

* * *

ବାଣପୁରେ ଭଗବତୀ

ବାଣପୁରେ ଭଗବତୀ
ସକଳେ କରନ୍ତି ସ୍ତୁତି
କାକଟପୁରେ ବୋଲାଉ ତୁହି ମଙ୍ଗଳା
ସଙ୍କଟନାଶିନୀ ମାଗୋ ଲୁଚୁଛି କେଉଁ ଭେଳା ॥ ୦ ॥

କଟକେ କଟକ ଚଣ୍ଡୀ
ଦୂରିତ ଯେ କରୁ ଖଣ୍ଡି
ବାଙ୍କିରେ ଚର୍ଚ୍ଚିକା ତୁହି

Digitized by srujanika@gmail.com

ଚିଲିକାରେ କାଳିଜାଇ
ଝଙ୍କଡ଼ ବାସିନୀ ମାତ, ତୁହି ଶାରଳା
ରକ୍ଷାକର ମାତ ମୋର ବୁଡୁଛି ଭେଳା ।। ୧ ।।

ଯାଜପୁରେ ବିରଜାଇ
ସବୁଠି ବିଖ୍ୟାତ ତୁହି
ସମ୍ବଲପୁରେ ବୋଲାଉ
ତୁହି ମାତ ସମଲାଇ
ବୁଝି କେ ପାରିବ ମାତ, ତୋ ଲୀଳା ଖେଳା
ରଖ ମାଗୋ କୃପାମୟୀ, ବୁଡୁଛି ଭେଳା ।। ୨ ।।

ବ୍ରହ୍ମପୁରେ ଠାକୁରାଣୀ
ସିଂହାସନୀ, ନାରାୟଣୀ
କୁଲାଡ଼ରେ ବ୍ୟାଘ୍ରଦେବୀ
ଭଞ୍ଜ ଲଭିଥିଲେ ସିଦ୍ଧି
ଶ୍ରୀ କ୍ଷେତ୍ରରେ ବୋଲାଉଛୁ ମା' ବିମଳା
ସଙ୍କଟ ନାଶିନୀ ମାଗୋ ବୁଡୁଛି ଭେଳା ।। ୩ ।।

* * *

କରୁଣାମୟୀ ତୁ ପରା ଊଣା କିଆଁ ତୋ କରୁଣା

କରୁଣାମୟୀ ତୁ ପରା,
ଊଣା କିଆଁ ତୋ କରୁଣା
ମାଡ଼ିଆସେ ଅନ୍ଧକାର
ବୁଦ୍ଧି ମୋ ହେଲାଣି ବଣା ।। ୦ ।।

ମା' ବୋଲି କେତେ ଡାକିଲି
ଶାନ୍ତି ଟିକେ ନ ପାଇଲି
ଅଶାନ୍ତି ଅନଳେ ଜଳେ
ଜୀବନଟା ମୋର ଖାଲି
କୃପାମୟୀ କୃପାକର
ଏତିକି ମୋର ପ୍ରାର୍ଥନା ।। ୧ ।।

Digitized by srujanika@gmail.com

ଅହଂକାର ଗ୍ରାସିଅଛି
ବିବେକ ମୋ ହରାଇଛି
ହେଲା ଜୀବନର ସନ୍ଧ୍ୟା
ବାଟବଣା ହୋଇଅଛି
ଏବେଳେ ତୁ ସାହା ହୁଅ
କରୁଛି ଖାଲି ବନ୍ଦନା ।। ୨ ।।

ନିରାନନ୍ଦ କଲେ ମାତ
ହେବୁ ତୁହି ଅପଖ୍ୟାତ
କୀରତି ବାନା ତୋହରି
ସାରା ଜଗତେ ବିଖ୍ୟାତ
ସନ୍ତାନ ବୁଝେ କି ଆଉ,
ମା' ହିଁ ତାର ସାନ୍ତ୍ୱନା ।। ୩ ।।

* * *

କରୁଛି ଜଣା ଗୁହାରୀ ଶୁଣ ଗୋ ମାତ

କରୁଛି ଜଣା –
ଗୁହାରୀ ଶୁଣ ଗୋ ମାତ, କର କରୁଣା ।। ୦ ।।

ଜଗତ ଜନନୀ ତୁ ମାତ
ମୁହିଁ ତୋ ଅଧମ ସୁତ
ନାହିଁ ଭକ୍ତି ମୋର ଚିତ୍ତ
କିନ୍ତୁ ଡାକେ ଅବିରତ
ରଖ ମା ଶ୍ୟାମା ।। ୧ ।।

ଅଭାବେ ମୁଁ ଛାରଖାର
ହୋଇ ଡାକୁଛି ମା' ମୋର
ନ ଶୁଣୁ ଭକ୍ତ ବେଦନା
ଏକି ତୋର ବୁଝାମଣା
(ଆଉ) ଦୁଃଖ ଦିଅନା ।। ୨ ।।

Digitized by srujanika@gmail.com

ତୁ ପରା କରୁଣାମୟୀ
କରୁଣା ତୋ ଗଲା କାହିଁ ?
ସମସ୍ତଙ୍କ ପାଇଁ ତୁହି
ବାଞ୍ଛା କଳ୍ପତରୁ ହୋଇ
ଉଡ଼ାଉ ବାନା ॥ ୩ ॥

କେତେ ବା ମୁଁ ଡାକୁଥିବି
ଆଖି ଲୁହ ଢାଳୁଥିବି
ନ ରଖିଲେ ତୁ ଗୋ ମାତ
ନିନ୍ଦା ହୋଇବ ଜଗତ
ଶୁଣ ପ୍ରାର୍ଥନା ॥ ୪ ॥

* * *

ଚକାଡୋଳା ଚକାଆଖି ପାଇଛୁ ବୋଲି

ଚକାଡୋଳ ଚକାଆଖି
ପାଇଛୁ ବୋଲି
ଦେଖୁଛୁ ସାରା ଜଗତ
ତୁ ଆଖି ମେଲି
(ତେବେ) ଦେଖି, ନ ଦେଖିଲା ପରି ରହୁ କାହିଁକି ?
କାଳିଆରେ ଏ କପଟ, କରୁ କାହିଁକି ॥ ୦ ॥

ବାଇଶି ପାହାଚେ ବସି,
ମୁହିଁ ଭାବୁଛି
କେତେ ଭକ୍ତ ଏଇ ବାଟେ
ଗଲେ ତୋ କତି
ଦେଖିଲେ ତୋ ମୁଖ,
ଦୁଃଖ ଯାଏ ହଜିଟି
ଗଲାନି ମୋ ଦୁଃଖ, ତେବେ କହ କାହିଁକି ॥ ୧ ॥
ଶୁଣିଛି ହରିବୁ ଦୁଃଖ ହୋଇଣ ମିତ୍ର
ସୁଦାମା ଦାରିଦ୍ର୍ୟ ନାଶି ହେଲୁ ବିଖ୍ୟାତ

Digitized by srujanika@gmail.com

କି ମନ୍ତ୍ର ଜାଣିଛୁ,
ଭକ୍ତେ କରୁ ବାଇକି
ଚରଣେ ତୋ ଘେନା ହେଉ
କର ଏତିକି ।। ୨ ।।

* * *

ହେ ଦିବାକର, ହେ ଦେବ ଭାସ୍କର

ହେ ଦିବାକର,
ହେ ଦେବ ଭାସ୍କର
ତ୍ରାହିମାଂ ଭବ ସାଗରମ୍
ଅନ୍ଧାର ନାଶି, ସ୍ୱତେଜ ପ୍ରକାଶି
ରକ୍ଷମାଂ ସୃଷ୍ଟି ପାଳକମ୍ ।। ୦ ।।

ହେ ଆଦିତ୍ୟ ଦେବ, ଦେବ ମାର୍ତ୍ତଣ୍ଡ
ତୁମ କୋଟି ପ୍ରଭା, ପାଳେ ବ୍ରହ୍ମାଣ୍ଡ
ତୁମେ ହେ ସତ୍ୟ, ତୁମେ ଅନନ୍ତ
ତୁମେ ସତ୍ୟ, ଶିବ, ସୁନ୍ଦରମ୍ ।। ୧ ।।

ତୁମ ଆଗମନ ମଙ୍ଗଳକାରୀ
ତୁମେ ଅଟ ବିଶ୍ୱ ପାଳନକାରୀ
ହେ ଆଦିତ୍ୟ ଦେବ, ଆହେ ସୃଷ୍ଟିକର୍ତ୍ତା
ବନ୍ଦେ ତବ ଶ୍ରୀଚରଣମ୍ ।। ୨ ।।

ସପ୍ତ ଅଶ୍ୱରଥେ ତୁମେ ତ ବିରାଜ
ପ୍ରକାଶିତ କର ତୁମରି ତେଜ
ପାପ, ତାପ ଯେତେ ଧ୍ୱଂସ କରିଦିଅ
ମୋ ପ୍ରଣତି ଘେନ ଭାସ୍କରମ୍ ।। ୩ ।।

* * *

Digitized by srujanika@gmail.com

ଆହେ ଉମା ସୁତ ଦେବ ଗଣନାଥ

ଆହେ ଉମା ସୁତ ଦେବ ଗଣନାଥ
ଗଜାନନ ତୁମେ ତ୍ରିଲୋକ ବନ୍ଦିତ
ପ୍ରଣତି ଘେନ ମୋହରି
ଆଶିଷ ବରଷି ଅଜ୍ଞାନ ବିନାଶି
ଦିଅ ଜଗତ ଉଦ୍ଧାରି ॥ ୦ ॥

ବିଘ୍ନ ବିନାଶନ ହେ ଗଣନାୟକ
ତୁମେ ଆଦ୍ୟ ଦେବ ଜଗତ ପୂଜିତ
ବନ୍ଦେ ବକ୍ରତୁଣ୍ଡ ଆହେ ଏକଦନ୍ତ
ଢ଼ାଳ ତବ କୃପାବାରି ॥ ୧ ॥

ମୂଷିକ ବାହାନ ଆହେ ଲମ୍ବୋଦର
ମହାକାୟ ତୁମେ ବନ୍ଦେ ଚରାଚର
କପାଳେ ସିନ୍ଦୁର ଶୋହେ ଦେବବର
ଘେନ ପୁଷ୍ପାଞ୍ଜଳି ମୋରି ॥ ୨ ॥

* * *

ତରା, ତାରିଣୀ ମା' ଗୋ ଗୁହାରୀ ଶୁଣ

ତାରା, ତାରିଣୀ, ମା'ଗୋ, ଗୁହାରୀ ଶୁଣ
କାହିଁ ବସିଛୁ ଦେଉଳେ, ହୋଇ ମଉନ ॥ ୦ ॥

ହାତ ଯୋଡ଼ି କରୁଛି ମା' ଭକ୍ତ ଗୁହାରୀ
ଦିନ, ରାତି ଜପୁଛି ସେ, ନାମ ତୋହରି
ଗରୀବ ମରୁଛି ଡାକି ଖାଲି ତୋ ନାମ
କାହିଁ ବସିଛୁ ଦେଉଳେ, ହୋଇ ମଉନା ॥ ୧ ॥

କର୍ମଫଳ ଯଦି ଭକ୍ତ ତୋର ଭୋଗିବ
ତେବେ କହ, କାହିଁପାଇଁ ତୋତେ ଡାକିବ ?
କରୁଣାମୟୀ ନାମ, ତୋ ହୋଇବ ଲୀନ
କାହିଁ ବସିଛୁ ଦେଉଳେ, ହୋଇ ମଉନ ॥ ୨ ॥

* * *

Digitized by srujanika@gmail.com

ଉଡ଼ିଲା, ଉଡ଼ିଲା ମାତ, ଉଡ଼ିଲା ହଂସା

ଉଡ଼ିଲା ଉଡ଼ିଲା ମାତ,
ଉଡ଼ିଲା ହଂସା
ତାରା ତାରିଣୀ ମା' ଗୋ
ହୁଅ ଭରସା ॥ ୦ ॥

ବିଷୟ ହ୍ରାଳାରେ ବୁଡ଼ି
ଥିଲି ମା' ତ ପଥ ହୁଡ଼ି
ବୁଦ୍ଧି ବିବେକ ପାସୋରି,
କଲି ସ୍ୱାର୍ଥରେ ଆଶା
ତାରାତାରିଣୀ ମା'ଗୋ, ହୁଅ ଭରସା ॥ ୧ ॥

ଶରୀର ଅବଶ ହେଲା
ସବୁ ଶୂନ୍ୟ ଦେଖାଗଲା
କର୍ମ ମୋର ବାମ ହେଲା
ଖାଲି ହତାଶା
ତାରା ତାରିଣୀ ମା'ଗୋ, ହୁଅ ଭରସା ॥ ୨ ॥

* * *

କି ଦେଇ କରିବି, ପୂଜା, ଅରଚନା

କି ଦେଇ କରିବି, ପୂଜା, ଅରଚନା
ଦିଅ ମା' ଗୋ, ମୋତେ ବତାଇ
ଯାହା ମା' ମୁଁ ଦେବି,
ସେ ତୋ ସରଜନା
ଅନ୍ୟ କିଛି ନ ଦିଶଇ ॥ ୦ ॥

ଜାଣେନା ମନ୍ତ୍ର,
ତୋର ପୂଜା ବିଧି
ତନ୍ତ୍ର, ଉପଚାର,
ନା ଅନ୍ୟ ପଦ୍ଧତି

Digitized by srujanika@gmail.com

କେଉଁଥିରେ ମାତ
କହ ହେବୁ ସୁଖୀ
ଦେ ଗୋ ମାତ ମୋତେ କହି ।। ୧ ।।
ଭକ୍ତି କୁସୁମେ
ପୂଜା ମୁଁ କରୁଛି
ଭକ୍ତି ଛଡ଼ା ମୋର,
ନାହିଁ ଅନ୍ୟ କିଛି
ମା' ତାରାତାରିଣୀ
ପର୍ବତ ବାସିନୀ
ଦେ ଅଶିଷ ମା' ଦୟାବହି ।। ୨ ।।

* * *

ସଞ୍ଜ ସଳିତା, ନିତି ସଞ୍ଜେ ଜାଳେ

ସଞ୍ଜ ସଳିତା, ନିତି ସଞ୍ଜେ ଜାଳେ
କାହା ପାଇଁ କାହାପାଇଁ
କିଏ ସେ ଦେବତା ନିତି ଯାରେ ପୂଜେ
ତାହାକୁ ମୁଁ ଜାଣେ ନାହିଁ ।। ୦ ।।

କୁଆଁରି ମନର ଯେତେ ମୋ ସପନ
ହେ ଦେବତା ମୋର କରିଦିଅ ପୂର୍ଣ୍ଣ
ମନ ମନ୍ଦିରରେ ଅତି ଯତନରେ
ପୂଜିବି ତୁମରେ ମୁହିଁ ।। ୧ ।।

କାହିଁକି ଭୋଗୁଛି ଏତେ ମୁଁ କଷଣ
କେତେ ଦୁଃଖ ଦେବ ଆଉ ଭଗବାନ
ହେ ମୋର ଦେବତା ମୋ ଭାଗ୍ୟ ବିଧାତା
ଦୁଃଖ ଆଉ ଦିଅନାହିଁ ।। ୨ ।।

* * *

Digitized by srujanika@gmail.com

ତୁ ମୋର ଚାନ୍ଦ

ତୁ ମୋର ଚାନ୍ଦ
ମୁଁ ତୋ ଚାନ୍ଦିନୀ
ମୁଁ ତୋର ରାଗ
ତୁ ମୋ ରାଗିଣୀ
ଭୁଲି କି ପାରିବି ତୋତେ ସାରାଜୀବନ
ତୁହି ମୋର କାମନାର ଶତ ସପନ ।। ୦ ।।

ତୋତେ ମୁହିଁ ଯାହାଦିନେ
ଭାବି ବିଥିଲି
ତୁହି ତାହା ନୁହଁ ବୋଲି
ଏବେ ଜାଣିଲି
କେଉଁଥରେ ଭୁଲିବି ମୁଁ ନ ବୁଝେ ମନ
ତୁହି ମୋର କାମନାର ଶତ ସପନ ।। ୧ ।।

ଜହ୍ନ ଲୁଚେ ମେଘ କୋଳେ
ରାତି ଯେ କୁହୁକ ତୋଳେ
ଆସି ଯା ନ କର ଡେ଼ରି ମୋ ଜୀବ ଧନ
ତୁହି ମୋର କାମନାର ଶତ ସପନ ।। ୨ ।।

* * *

ସାଥୀ ମୋତେ ଖୋଲି କହିଦିଅ

ସାଥୀ ମୋତେ ଖୋଲି କହିଦିଅ
ହଁ, ନାହିଁ ଯାହା ତୁମେ ଚାହଁ ।। ୦ ।।
ନିତି ମୁଁ ଜଳୁଛି
ତୁମ ପାଇଁ ସାଥୀ
କାହିଁକି ନିଠୁର ହୁଅ କୁହ ।। ୧ ।।
ସପନ କି ମୋର ସତ ହେବ
ତୁମକୁ ପାଇ ମୋ ଦୁଃଖ ଯିବ
ଯେତେ ଝଡ଼ ଝଞ୍ଜା ଆସୁ ଏ ଜୀବନେ

Digitized by srujanika@gmail.com

ସେଥିପାଇଁ ମୋର ନାହିଁ ଭୟ
ସାଥୀ ମୋତେ ଖୋଲି କହିଦିଅ ।। ୧ ।।

ଅନ୍ୟ ପାଇଁ ତୁମ
ହୃଦୟ କାନ୍ଦୁଛି
ମୋର ପାଇଁ କିଆଁ
ପଥର ହୋଇଛି ।
ଯଦି ନ ଚାହୁଁଚ
ମୁଁ ତୁମର ବୋଲି
ସେତିକି ମାତର କହିଦିଅ
ସାଥୀ ମୋତେ ଖୋଲି କହିଦିଅ ।। ୨ ।।

* * *

ଆସ ଆସ ସଖୀ

ଆସ ଆସ ସଖୀ
ଗାଅ ମନଲାଖି
ଆସ ଗୋ ସଜନୀ
ମୋ ପରାଣ ଧନୀ ।।
ଗାଅ ମନ ଖୋଲି ଗାଅ ଗୀତ,
ଯାହାକୁ ଶୁଣିଲେ ମନତ ଦୋହଲେ
ଗାଅ ମୋର ପ୍ରାଣ ମିତ ।। ୦ ।।

କଳାହାଣ୍ଡି ମେଘ
ଘୋଟି ଆସେ ସଖୀ
ମିତୁଆ କାହିଁ ନ ଇଲା
ଏମନ୍ତ କାଳରେ ବଲ୍ଲଭ ମେଳରେ
ଦିନ ମୋର ନ କଟିଲା ।। ୧ ।।

ଝିପି ଝିପି ବର୍ଷା କରେ ଲୋକହସା
ଅସ୍ଥିର ହୁଏ ମୋ ଚିତ୍ତ
ଗାଅ ମନ ଖୋଲି ଗୀତ ।। ୨ ।।

* * *

Digitized by srujanika@gmail.com

ମନ ମୁକୁରରେ ମୋର ତବ ଛବି ନାଚିଲାରେ

ମନ ମୁକୁରରେ ମୋର
ତବ ଛବି ନାଚିଲାରେ
ଭୁଲି ସବୁ ମୁଁ ପ୍ରିୟ
ଦମ୍ଭ ମୋର ଭାଙ୍ଗିଲାରେ ।। ୦ ।।

ଆକାଶେ ନିରେଖି ଚନ୍ଦ୍ର
ଚକୋରୀ ଯେହ୍ନେ ଉଛନ୍ନ
ପ୍ରିୟ ମୁଁ ସେପରି ଜାଣ
ନିରେଖି ତୁମ ବଦନ
ତୁମ ପାଇଁ ମନ ମୋର
ସବୁ କିଛି ଭୁଲିଲାରେ ।। ୧ ।।

ପ୍ରେମର ଜାଗର ଜାଳି
ତୁମ କଥା ମନେଭାଳି
ପ୍ରିୟ ତୁମେ ଜପାମାଳି
ହେଲିଣି ଆଜି ପାଗଳି
ଆସିଯାଅ ପାଖେ ମୋର,
ଦେଖ ନିଶି ପାହିଲାରେ ।। ୨ ।।

* * *

ଗୁମାନ କାହିଁକି କରୁଛୁ ନାଗରୀ

ପୁ - ଗୁମାନ କାହିଁକି କରୁଛୁ ନାଗରୀ
ଦୋଷ କିଛି ନାହିଁ ମୋର
ସବୁ କଥାରେ ତୁ ମୁହଁ ଶୁଖାଇଲେ
ଲାଗୁଛିରେ ଭାରୀ ଡର
ସ୍ତ୍ରୀ - ନିତି ଲାଗିଛିରେ ଖାଲି ପାଲା
କେତେ ବୁଝାଇବି କହ ଭଲା ।। ୦ ।।

Digitized by srujanika@gmail.com

ପୁ -   ତୁ ବୁଝୁନୁ ଭଲା ମୋ ଗଳା ମାଳା ।
         ବୁଝାଇଲେ ତୋତେ ନ ଶୁଣୁ ଭଲା ।
ସ୍ତ୍ରୀ -   କହ, କାହିଁକି ତୁ ମୋର କାଟୁଛୁ ଗଳା ।। ୧ ।।

ପୁ -   କଥା ନଶୁଣି ଦୋଷ ଦେଉଛୁ ।
         ପର କଥାରେ ତୁ ଭାସି ଯାଉଛୁ ।
ସ୍ତ୍ରୀ -   ଯା' କଥା ଶୁଣି ତୋର ସବୁ ସଇଲା ।। ୨ ।।

* * *

ଦୁଃଖ ଆଦରିଲୁ

ଦୁଃଖ ଆଦରିଲୁ
ପାଗଳ ହୋଇଲୁ
ବାପା, ମା' ଦେଲୁ ମନୁ ପାସୋରି
ବନ୍ଧୁ ପରିଜନ
ତେଜି ଅକାରଣ
ପୀରତି ପଥକୁ ଦେଲୁ ଆଦରି ।। ୦ ।।

ଥରେ ନ ଭାବିଲୁ
ଜୀବନଟା ଖାଲି
ନୁହେଁ ଫୁଲଶେଯ କଣ୍ଟରେ ପୂର୍ଣ୍ଣ
ଭାବିଲୁ ଯା ଖେଳ
ହେଲା ତୋର କାଳ
ଚୁର ହେଲା ତୋର ସବୁ ସପନ ।। ୨ ।।

ପୀରତିର ନିଶା
କଲା ଲୋକ ହସା
ତଥାପିରେ ତୁହି ସବୁ ଭୁଲିଲୁ
ଏବେ ତୁ ଭାବିଲେ
କି ହେବ କହରେ
କାହିଁକି ମିଛରେ ସବୁ ସାଇଲୁ ।। ୩ ।।

* * *

Digitized by srujanika@gmail.com

ବାଟୋଇରେ ....

ବାଟୋଇରେ ....
ଯା' ତୁରେ ଘରକୁ ଫେରି
ଅନ୍ଧାର ଯେ ଆସୁଛି ମାଡ଼ି ॥ ୦ ॥

ସଉଦା କିଣି ତୁ ଯିବୁ ଘରକୁ ସିନା
ଦୁନିଆର ହାଟେ ସାର
ତୋ ବିକା କିଣା ॥ ୧ ॥

ପଛକୁ ନ ଚାହିଁ ତୁହି
ଆଗକୁ ଚାଲରେ ଭାଇ
ସାଥେ ନଯିବେରେ କେହି
ଜଣେ ତୋହରି ॥ ୨ ॥

ତୋ ଘରକୁ ଫେରିଯିବୁ
ଏଠି ବା କେତେ ରହିବୁ,
ସେ କଥାକୁ ଭାବି ମନେ
ଦେ ତୋର ସଉଦା ସାରି ॥ ୩ ॥

* * *

ମୋ ମନ କଥା

- ଦ୍ୱୈତ ସଙ୍ଗୀତ -

ପୁ- ମୋ ମନ କଥା
ମୋ ମନ ବ୍ୟଥା
କା' ଆଗେ କହିବି ଆଜି
ସପନରେ ଘର
ଯାହା ମୁଁ ଗଢ଼ିଲି
ଗୋଟି, ଗୋଟି ହୋଇଗଲା ଭାଙ୍ଗି ॥ ୦ ॥

Digitized by srujanika@gmail.com

ସ୍ତ୍ରୀ - ଆଖିର ଲୁହରେ
ବୁକୁର କୋହରେ
ତୁମ ଗୁଣଗାଇ ଦିନ ନ ସରୁଛି

ପୁ- ମୁଁ ଏଠି ମରୁଛି
ତୁମକୁ ଝୁରୁଛି
ତୁମ ପାଇଁ ନିତି ଲୁହ ଢାଳୁଅଛି ॥ ୧ ॥

ସ୍ତ୍ରୀ- ମନ ଭାବନା ମୋ ଥରେ ଯାଅ ବୁଝି
ସବୁ ଭାବନା ମୋ ଗଲାଣିରେ ହଜି

ପୁ- ଆଉ କି ଶୁଣିବି
ଆଉ କି ଦେଖିବି
ହେ ମୋର ମାନସୀ
ସେ ରୂପ ତୁମର

ସ୍ତ୍ରୀ- ଚାହିଁ ବସିଅଛି ତୁମ ପଥ ଆଜି
ସବୁ ଭାବନା ମୋ
ଗଲାଣିରେ ହଜି ॥ ୨ ॥

* * *

ତୋ' ବିନା ଏ ଜୀବନ

ସାଥୀରେ ....., ସାଥୀରେ .....
ତୋ' ବିନା ଏ ଜୀବନ ଭଲ ଲାଗେନା
ତୋ ପାଇଁ ଝୁରେ, ତୋ ପାଇଁ ମରେ
ତୋ କଥା ଦିଏ ଗୋ ବ୍ୟଥା, ଭୁଲି ହୁଏନା ॥ ୦ ॥

ସବୁକିଛି ତିଆଗିଲି ପ୍ରିୟା ତୋ' ପାଇଁ
ଶେଷେ ମୁହିଁ ଯୋଗୀ ହେଲି
ମୋ ପ୍ରିୟ ସହୀ

Digitized by srujanika@gmail.com

ଦିନପରେ ରାତି
ଦୁଃଖେ ଭରି ଛାତି
ଥିବି କେତେ ଦିନ କହି ପାରେନା ।। ୧ ।।

ଚାଲିଯିବା ଆମେ ଦୁହେଁ
ସେହି ସହର
ଗଢ଼ିବାରେ ସେଠି ଆମେ ପୀରତି ଘର
ତୋ ବିନାରେ କେଉଁଥିରେ ମନ ମାନେନା
ସାଥୀରେ ତୋ ବିନା କାହିଁ ମନ ଲାଗେନା ।। ୨ ।।

* * *

କାହା ପାଇଁ ମୁଁ ଆଜି

କାହାପାଇଁ, ମୁଁ ଆଜି ହେଲି ପାଗଳି
କାହାର ପରଶ ପାଇଁ ସବୁ ଭୁଲିଲି ।। ୦ ।।

ଶିହରଣ ପ୍ରାଣେ ତୋଳି
କିଏ ଦେଲା ଯାଦୁକରି
ଭୁଲିଲି ମୁଁ ଏ ଦୁନିଆଁ
ସବୁ ଲାଗେ ନୂଆ, ନୂଆ
କାହା ପାଇଁ ଜାଣେନା ମୁଁ, ହେଲି ବାଉଳି ।। ୧ ।।

ତୁମେ ଚାନ୍ଦ ମୁଁ ଚକୋରୀ
ପ୍ରିୟ ମୁଁ ସଦା ତୁମରି
ତୁମେ ନଦୀ, ମୁଁ ଯେ ଶୋଷ
ଏ ପ୍ରେମର ନାହିଁ ଶେଷ
ତୁମ ପ୍ରେମ ବନ୍ଧନରେ ବନ୍ଧା ହୋଇଲି
କାହା ପାଇଁ ମୁଁ ଯେ ଆଜି ହେଲି ପାଗଳି ।। ୨ ।।

* * *

Digitized by srujanika@gmail.com

ମତୱାଲା ମନ ମୋର

- ଦ୍ୱୈତ ସଙ୍ଗୀତ -

ପୁ- ମତୱାଲା ମନ ମୋର
ସାଥୀ କାହିଁ ହଜିଲା
ଝି- ଉଁହୁଁ, କହିବିନି ସେ କଥା
ହେଜନା, ବୁଝନା
ମନ ମୋର ପ୍ରେମେ ମଜିଲା ।। ୦ ।।

ପୁ- ସବୁ କିଛି ହଜାଇଛି
ତୁମ ପାଇଁ ସାଥୀ ମୋର
ଦୁନିଆକୁ ଭୁଲିଅଛି
ତୁମ ପାଇଁ ମୁଁ ପାଗଳ
ଝି- ଜାଣନା' କି ମୁଁ ପ୍ରିୟ ମୋର
ତୁମ ପାଇଁ ମୁଁ ଯେ ବାଉଳା ।। ୧ ।।
ଝି- ସପନରେ ହଜିଗଲି
ତୁମ ପ୍ରେମେ ମଜିଗଲି
ପୁ- ଜାଣନା କି ପ୍ରିୟା ମୋର
ତୁମେ ମୋର ଜପାମାଳି
ଝି- ରସିଆରେ ତୁମ ପ୍ରୀତି
ଆଜି ଯେ ମୋତେ ସାଇଲା ।।

ସଙ୍ଗୀତ : ମହମ୍ମଦ ମୁଶୀର

* * *

ଜାଣେନା ମୁଁ କିଏ ତୁ'ରେ

ଜାଣେନା ମୁଁ କିଏ ତୁ'ରେ
ମୋର ଗଳାହାର,
ତୋରି ପାଇଁ ଗଢ଼ିଛି ମୁଁ
ସୁନାର ସଂସାର ।। ୦ ।।

ହଜିଛି, ମୁଁ ହଜାଇଛି ସବୁ ଦୁଃଖ ମୋର
ଭୁଲିଛି, ମୁଁ ଭୁଲାଇଛି ମୋ ଦୁଃଖ ସଂସାର ।। ୧ ।।

Digitized by srujanika@gmail.com

ସରଗର ଚାନ୍ଦ ତୁ'ରେ
ଆକାଶର ତାରା
ରଙ୍କର ରତନ ତୁଯେ,
ମୋର ଦୁଃଖ ହରା
ଦୋଳିରେ ବସାଇ ତୋତେ
ଝୁଲାଇବି କେତେ
ନାଚି ନାଚି ଗାଇ, ଗାଇ
ହସାଇବି ତୋତେ
ଆରେ ମୋର ଧନମଣି
ମୋ ଦୁଃଖ ପାଶୋରା
ରଙ୍କର ରତନ ତୁ' ଯେ
ମୋର ନେତ୍ର ତାରା ।। ୨ ।।

* * *

ଦେଖ, ଏ ତ ଅଜବ ଦୁନିଆଁ

ଦେଖ, ଏ ତ ଅଜବ ଦୁନିଆଁ
ତାକୁ ଦେଖି ସମସ୍ତେ ଛାନିଆଁ ।। ୦ ।।

ନ୍ୟାୟ ବିଚାର ତ ସପନ ହୋଇଲା
ଅନ୍ୟାୟର ଜୟଗାନ
ଟଙ୍କା କରିଦେଲା ମୁହଁ ସବୁ ବଙ୍କା
ଏ ତ କଳିର ବିଧାନ ।। ୧ ।।

ମିଛର ରାଜୁତି, ଚଳେ ଦିନରାତି
ଧରି ଶାସନର ଡୋରି
ଯିଏ କରୁଅଛି ଏ ରାଜ୍ୟ ଶାସନ
ସ୍ୱାର୍ଥ ମୂଳମନ୍ତ୍ର ତାରି ।। ୨ ।।

ଜ୍ଞାନୀକୁ ପଢ଼ାଏ, ମୂର୍ଖ ଶାସ୍ତ୍ରପାଠ
ମୁନିଙ୍କୁ ପଢ଼ାଏ ପାପୀ
ପାପୀମାନେ ପୁଣ୍ୟ କଥାକୁ କହେନ୍ତି
ମନ ଦବିଯାଏ ଦେଖି
ଏ ତ ଯୁଗଧର୍ମ ଜାଣିଥାରେ ମନ
ସବୁ ଏଠାରେ ଗୋଳିଆ ।। ୩ ।।

Digitized by srujanika@gmail.com

ଯାହାକୁ ନ ମିଳେ ଦୁଇ ବେଳା ଭାତ
ସେ ତ ହୁଏ କୋଟିପତି
ଦୁର୍ନିତୀ ଯିଏ କରି ନ ପାରୁଛି
ବଢ଼େ ତାହାର ଦୁର୍ଗତି
ସଚ୍ଚା ଲୋକମାନେ ଜେଲକୁ ଧାଇଁଲେ
ଡାହାଣୀ ହେଲା ଗୁଣିଆ ।। ୪ ।।

ସତ୍ ଲୋକର ତ ସ୍ଥାନ ଏଠି ନାହିଁ
ଅସତ୍‌ର କରାମତି
ଶୁଣି ଶୁଣି ଏହା କେତେ ବା ସହିବ
ଧନ୍ୟ, ଧନ୍ୟରେ ଦୁର୍ନିତୀ
ନମସ୍କାର କରି ଯିବା ଏଠୁଁ ଚାଲି
ଭଜ ମନରେ କାଳିଆ ।। ୫ ।।

* * *

ମହୁଆ ବନେ ଲୋ

- ଦ୍ୱୈତ ସଙ୍ଗୀତ -

ସ୍ତ୍ରୀ- ମହୁଆ ବନେ ଲୋ ମାଦଳ ବାଜିଲା
ମୋର ମନଟା କେମିତା, କେମିତା ଲାଗିଲା
ପୁ - ଝୁଲି ଝୁଲି ବହିଲା ଯେବେ
କାଲୁଆ ପବନଟା
ମନଟାକେ ସଖୀ ମୋର ମୋହିଲା ।। ୦ ।।

ସ୍ତ୍ରୀ - ମିତୁଆ ତୁ ଜାଣୁନାରେ ମନର କଥା
ପୁ - ମିତଣି ମୁଁ ସବୁ ଜାଣେ ମନେ ରଖିଥା
ସ୍ତ୍ରୀ- ଏ ଚଇତି ରାତି, ଛାତି ଦିଏ କରତି
ପୁ- ଆସିଯା, ପରାଣ ଧନୀ
ମନେ ମନେ ମରୁଗୁଣୀ
ସ୍ତ୍ରୀ- ପୁନେଇ ରାତି ଦେଖ ପାହିଲା ।। ୧ ।।

ସ୍ତ୍ରୀ- ତୋରି ପାଇଁ ମିତୁଆରେ ସବୁ ଭୁଲିଛି
ପୁ- ମନ କଥା ମୁଁ ତ ତୋତେ ଖୋଲି କହିଛି ।

Digitized by srujanika@gmail.com

ସ୍ତ୍ରୀ- ଆସିଯା କରନା ଡେରି
ମନେ ମୁଁ ମରୁଛି ଝୁରି
ପୁ- ଚଇତି ରାତି ଦେଖ ପାହିଲା ।। ୨ ।।

ସଙ୍ଗୀତ : ୰ ନେତାଜୀ ପାତ୍ର

* * *

ସାଥୀରେ...

ସାଥୀରେ ....
ମୁଁ ଯେ ଆସିବା ପଥ ତୋର
ରହିଛି ଚାହିଁ
ଏକଥା ଥରେ ତୁତ ଭାବିଲୁ ନାହିଁ ।। ୦ ।।

ଜହ୍ନ ଖେଳେ, ମେଘ କୋଳେ
ଲୁଚକାଳି, କୁତୁହଳେ
ଚକୋରୀ ତା' ପାଇଁ କାନ୍ଦେ
ସେ ଜାଣେନାହିଁ
ମୁଁ ଯେ ଆସିବା ପଥ ତୋର, ରହିଛି ଚାହିଁ ।। ୧ ।।

ଆଖିର ଲୁହରେ ମୁଁ ଯେ ଜାଗର ଜାଳି
ତୋ ପଥକୁ ଚାହିଁଅଛି ଚାତକ ପରି
ମନର କଥା ମୁଁ ଯେ ନ ପାରେ କହି
ଅନ୍ତର ବେଦନା ସବୁ ଯାଉଛି ସହି ।। ୨ ।।

କେତେ ଅବା ଚାହିଁଥିବି
କେତେ ଲୁହ ଢାଳୁଥିବି
ଦୁଃଖ ଦୂର କର ମୋର
ତୁ ଦେଖା ଦେଇ
ଆସିବା ପଥ ତୋର ରହିଛି ଚାହିଁ ।। ୩ ।।

କଣ୍ଠ : ଅନୁରାଧା, ସଙ୍ଗୀତ : ଅରୁଣ

* * *

Digitized by srujanika@gmail.com

ଜୀବନେ ଯାହାକୁ ଥରେ

ଜୀବନେ ଯାହାକୁ ଥରେ
ଭଲପାଇନାରେ ବନ୍ଧୁ
ତା' ମରଣେ କିଆଁ ଆକୁଳ
ଆଉ ନୟନରେ ଥରେ ଚାହିଁନା ଯାହାରେ ବନ୍ଧୁ
ତା' ମରଣେ କିଆଁ ବ୍ୟାକୁଳ ।। ୦ ।।

ଯାଇଛି ସେ ଚାଲି ଆଜି
ରାହା ତା'ର ଖୋଜି, ଖୋଜି
କେବେ ତ କହିନି କା'ରେ
ଜୀବନର ବ୍ୟଥା ରାଜି
ତା' ପାଇଁ କିଆଁରେ ବନ୍ଧୁ,
ନୟନୁଁ ବୁହାଅ ନୀର ।। ୧ ।।

ବଞ୍ଚିଥିବା ବେଳେ ପଦେ
କଥା ତାକୁ କହି ନାହଁ
ସ୍ନେହ ବୋଲା କଥା ପଦେ,
କେବେ ତ ଶୁଣାଇ ନାହଁ
ତା' ପାଇଁ କାହିଁକି ବନ୍ଧୁ
ହୃଦୟ କାନ୍ଦେ ତୁମର
ତା' ମରଣେ କିଆଁ ଆକୁଳ ।। ୨ ।।

ଶୋକସଭା କରିଦେଲେ
କାମ ତୁମ ସରିଗଲା
ଲୋକ ଦେଖାଣିଆ ପାଇଁ
ପ୍ରହସନ କର ଭଲା
ଯିବା ଲୋକ ଫେରେ ନାହିଁ
କିଏ ହୋଇଛି ଅମର
ତା' ପାଇଁ କିଆଁରେ ବନ୍ଧୁ,
ନୟନୁଁ ବୁହାଅ ନୀର ।। ୩ ।।

✳ ✳ ✳

ତୁମକୁ ପାଇଁ ମୁଁ ଆଗୋ ପ୍ରିୟତମ

ସ୍ତ୍ରୀ- ତୁମକୁ ପାଇ ମୁଁ ଆଗୋ ପ୍ରିୟତମ
ଚିର ଆନନ୍ଦରେ ଯାଏ ଦିନ,

ପୁ- ତୁମକୁ ପାଇ ମୁଁ ଆଗୋ ପ୍ରିୟତମା
ଜୀବନଟା ମୋର ହେଲା ଧନ୍ୟ ।। ୦ ।।

Digitized by srujanika@gmail.com

Digitized by srujanika@gmail.com

ଚଳଚିତ୍ର ସଙ୍ଗୀତ

Digitized by srujanika@gmail.com

Digitized by srujanika@gmail.com

ସ୍ୱପ୍ନର କୁହୁଡ଼ିରେ

ଚଳଚ୍ଚିତ୍ର : ଅନୁରାଧା, ଗୀତ : ୧

ପୁ - ସ୍ୱପ୍ନର କୁହୁଡ଼ିରେ,
ତୁମେ ଆଉ ମୁଁ ପ୍ରିୟା
ପାରି ହେବା ଆମ୍ଭେ ଦୁହେଁ
ଏ ଜୀବନ ଦରିଆ
ପାରିବ କି କହ ପ୍ରିୟା
ସ୍ତ୍ରୀ - ତୁମେ ପରା ମୋ ଦୁନିଆଁ ॥ ୦ ॥

ପୁ - ଭଲ ପାଇ ମୁଁ ତୁମକୁ
ଭୁଲିଛି ସବୁ ଯାତନା ।
ସ୍ତ୍ରୀ - ମୋତେ ଏତେ ଭଲ ପାଇ
ଭୁଲିବନି ତ କୁହନା ।

ପୁ - ତୁମେ ମୋ ଜୀବନ ରାହା
ତୁମେ ପରା ମୋର ସାହା ॥ ୧ ॥

ପୁ - ମୋ ମନ ଆକାଶରେ
ତୁମେ ମୋର ଚନ୍ଦ୍ରମା
ସ୍ତ୍ରୀ - ମୋ ଆଶା ଢୁଆରରେ
ତୁମେଇ ତ ପୂର୍ଣ୍ଣିମା ।
ପୁ - ତୁମେ ମୋ ଜୀବନ ରାହା
ସ୍ତ୍ରୀ - ତୁମେ ପରା ମୋର ସାହା ॥ ୨ ॥

ସଙ୍ଗୀତ : ବାସୁଦେବ ରଥ, କଣ୍ଠ : ୰ ରଘୁନାଥ ପ୍ରଧାନ, ଏସ୍. ଜାନକୀ

* * *

Digitized by srujanika@gmail.com

ଏତ ପ୍ରେମର ନୀତି

ଚଳଚ୍ଚିତ୍ର : ଅନୁରାଧା, ଗୀତ : ୨

ଏତ ପ୍ରେମର ନୀତି
ସେ ତ ମାନେନା ସବୁକିଛି
ମନ ଗଲେ ମିଶି ଦେଖେ କିଏ ବସି
ଏତେ ଅଜାତି ଜାତି ॥ ୦ ॥

ପ୍ରେମ ଏମିତି ନିଶା
ସେ ତ କିଛି ବୁଝେନା
ମନ ମିଶିଲେ ଥରେ
ଆଉ କିଛି ବି ଖୋଜେନା
ଆମେ ତ ସବୁ ଏକ ଆଜି
ନୁହେଁ ତ କେହି ପର
ନାହିଁ କେହି ସାନବଡ଼
ଦୁନିଆଁ ଆମ ଘର
ଏ ତ ପ୍ରେମର ନୀତି ..... ॥ ୧ ॥

ପ୍ରେମ ପଥିକ ଆମେ
ଏ ଦୁନିଆ ବୁକୁରେ
ଗାଇ ତାହାର ଗୀତ
ଚାଲି ଯିବା ତ ସୁଖରେ
ପ୍ରେମସିନା ଏ ମଣିଷ
ଜାତିକି କଲା ଏକ
ଶିଖାଇଲା ସ୍ନେହ ପ୍ରୀତି
ସମତା ଅନୁରାଗ
ଏଇ ପ୍ରେମର ନୀତି ..... ॥ ୨ ॥

ସଙ୍ଗୀତ : ବାସୁଦେବ ରଥ

* * *

Digitized by srujanika@gmail.com

ଆଖି ଛୁରୀ ମାରି ବାବୁ

ଚଳଚ୍ଚିତ୍ର : ଅନୁରାଧା, ଗୀତ : ୩

ଝିଅ - ହେ ବାବୁ,
ଆଖି ଛୁରୀ ମାରିବାବୁ
ଘାୟଲତୁ କରନା
ଅଜବ ଜମାନା ବାବୁ ଭୁଲିତୁ ଯାଆନା ॥ ୦ ॥

ଝିଅ - କିଏ ସେ ଅସଲି ଲାଲା
କିଏ ସେ ନକଲି
ସବୁ ତ ଭେଜାଲ୍ ବାବୁ
ଦୁନିଆଟା ଖାଲି
ଦେଖରେ ତୁ ଦେଖ୍‌ରେ
କଇଁଚ କାଢ଼ିଛି ବେକ,

ପୁଅ - ବାବୁରେ, ମୋ ବାବୁରେ
ସବୁତ ଏଠାରେ ଠକ

ଝିଅ - ପକେଟ ମାରୁଛି ଦେଖ,
ଏ ତୋର ଭାଇମ
ଅଜବ ଜମାନା ବାବୁ ... ॥ ୧ ॥

ଝିଅ - ଗୋରା, ଗୋରା ଗାଲେ ଦେଖ
କଳା, କଳା ଜାଇ
ଜାଇ ନୁହେଁ ସେତ ମାମା
ଅସଲି ଠକେଇ
ବାବୁରେ ମୋ ବାବୁରେ
ମୁରୁଖ ଏଠାରେ ବାଇ
ଜାଣିଥା ତୁ ଶୁଣିଥା
କିଏ ପଚାରେ ସଚାଇ
ଏଠାରେ ଚାଲିଛି ବାବୁ,
ଭୂତ କାରଖାନା
ଅଜବ ଜମାନା ବାବୁ
ଭୁଲିତୁ ଯାଆନା ॥ ୩ ॥

ସଙ୍ଗୀତ : ବାସୁଦେବ ରଥ, କଣ୍ଠ : ଏସ୍. ଜାନକୀ, ମହମ୍ମଦ ସିକନ୍ଦର ଆଲମ୍

* * *

Digitized by srujanika@gmail.com

କହିବକି ପ୍ରିୟା ତୁମେ

ଚଳଚ୍ଚିତ୍ର : ଅନୁରାଧା, ଗୀତ : ୪

ପୁଅ - କହିବକି
ପ୍ରିୟା ତୁମେ
ସେହି ଦିନ ତୁମେ
ନୀଳ, ନୀଳ ସାଗରରେ
ଆମେ ପ୍ରେମ ବୋଇତରେ
ଦୁହେଁ ମିଶି ଥିଲେ ଭାସି
କହିବକି, କୁହ, କୁହ ....

ଝିଅ - ନା, ନା, ନା, ନା
ସେଇଦିନ, ସେଇ କଥା କି
ତୁମ ମନେ ନାହିଁକି
ହଁ ମୋ ଲାଗି ଲତାକୁଞ୍ଜରେ
ଲୁଚିଥିଲ ମୋ ସାଥୀ

ପୁଅ - ଲୁଚି, ଲୁଚି, ଚୁପି, ଚୁପି
ମୁଁ ଆଖି ମୁଦି ଦେଇଥିଲି
ଲାଜେ, ଲାଜେ କହିଥିଲି
ଯା' କାହିଁକି ଆସିଲ ବୋଲି
କହିବ କି, କୁହ, କୁହ ....

ଝିଅ - ନା, ନା, ନା, ନା
ମୁକୁଳା ତୁମ ଗଭାରେ
ପୁଅ - ମୁଁ କୃଷ୍ଣଚୂଡ଼ା ସାଜିଲି
ମୋ ମାନସୀ ତୁମ ଅଧରେ
ମୁଁ ଗୋଲାପୀ ରଙ୍ଗ ବୋଳିଲି
ଥରି, ଥରି, ତୁନି, ତୁନି
ହସି, ହସି, ମୋ କାନେ
ଦୁଷ୍ଟ ତୁମେ କହିଥିଲ

Digitized by srujanika@gmail.com

ନାହିଁକି ତୁମ ମନେ
କହିବକି, କୁହ, କୁହ

ଝିଅ - ନା, ନା, ନା, ନା

ସଙ୍ଗୀତ : ବାସୁଦେବ ରଥ

✳ ✳ ✳

ଝୁଲରେ ହାତୀ ମୋ ଝୁଲ

ଚଳଚ୍ଚିତ୍ର : କବି ସମ୍ରାଟ ଉପେନ୍ଦ୍ର ଭଂଜ, ଗୀତ : ୧

ଝୁଲରେ ହାତୀ ମୋ ଝୁଲ
ବଣ ଗହଳରେ, କେତକୀ ମାଳରେ
କିଆ କନ୍ଦା ଖାଇ ଫୁଲ ।। ୦ ।।

କଳା ହାତୀ ମୋର
ତୋ ରୂପ ସୁନ୍ଦର
ବେକେ ଝୁଲୁଥାଏ ମୁକୁତାର ହାର
ପାଦରେ ନୁପୁର ରୁଣୁ, ଝୁଣୁ ବାଜେ
ନାଚୁଥା ମୋ ଗଳା ମାଳ ।। ୧ ।।

ନାଚି, ନାଚି ବାବୁ ଥକା ହୋଇଗଲେ
ଖିରୀ ସରପୁଳି ରଖିଚି ଦେବି
କଅଁଳ ପତର ବହଳ ଶେଯରେ
ଶୋଇ ଆନନ୍ଦରେ ଖେଳ ।। ୨ ।।

ସଙ୍ଗୀତ : ୰ ଉପେନ୍ଦ୍ର କୁମାର, କଣ୍ଠ : ଏଚ୍. ପି. ଗୀତା

✳ ✳ ✳

Digitized by srujanika@gmail.com

ଜନନୀ ଭବାନୀ ତୁ ଅମ୍ବିକା ଶିବାନୀ

ଚଳଚ୍ଚିତ୍ର : କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, ଗୀତ : ୨

ଜନନୀ ଭବାନୀ ତୁ
ଅମ୍ବିକା ଶିବାନୀ
ପାପ, ତାପ ପରିହର
ମୁକ୍ତିଦାୟିନୀ ॥ ୦ ॥

ଦର୍ପ ଦଳନୀ
ଦୁଷ୍ଟ ସଂହାରିଣୀ
କରୁଣା କର ମାଗୋ କରୁଣା କାରେଣୀ ॥ ୧ ॥

ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଶକ୍ତିନେଇ
ଜନ୍ମିଲୁ ଜଗତମାତ କୃପାମୟୀ
ଜଗତେ ବିଖ୍ୟାତ ହେଲୁ
ମହିଷାମର୍ଦ୍ଦିନୀ ॥ ୨ ॥

ଅଜ୍ଞାନ, ଅନ୍ଧାରେ ଭରାଏ ସଂସାର
ପୁରି ରହିଅଛି ଗର୍ବ, ଅହଂକାର
କ୍ଷମା କରି ଗର୍ବହର,
ହେ ବିଶ୍ୱଜନନୀ ॥ ୩ ॥

ସଙ୍ଗୀତ : ୰ ଉପେନ୍ଦ୍ର କୁମାର, କଣ୍ଠ : ଏସ୍. ଜାନକୀ

* * *

ଭାଇନା, ଭାଇନା

ଚଳଚ୍ଚିତ୍ର : ପୁନର୍ମିଳନ , ଗୀତ : ୧

ଭାଇନା, ଭାଇନା,
ମୋ ବଡ଼ ଭାଇନା, ମୋ ସାନଭାଇନା
ଆଜି ଜନମ ଦିନରେ, ଟିକି ଭଉଣୀ ତୁମର
ଆଶିଷ ମାଗେ ॥ ୦ ॥

Digitized by srujanika@gmail.com

କେତେ ସରାଗରେ ଆଦରରେ
ବନ୍ଧାଇ ଆଣିଛ,
ତୁମେ ବାପା ହୋଇ, ମା’ ହୋଇ
ପାଳିଛ, ପୋଷିଛ
ଭାଉଜ ଆସିଲେ ମନୁ କରିବନି ପର
ଏତିକି ମିନତି କରେ
ତୁମରି ଆଗେ ।। ୧ ।।

ମୁଁ ହସୁଥିଲେ, କାନ୍ଦୁଥିଲେ
ତୁମେ ହସ କାନ୍ଦ
ଅଳି କଲେ ଆଣିଦିଅ
ସରଗର ଚାନ୍ଦ
ଜଗା, ବଳିଆଙ୍କ ମୁଁ ସୁଭଦ୍ରା ଭଉଣୀ
କୋଟି ଜନ୍ମପୁଣ୍ୟ ଫଳ
ଆଜି ମୁଁ ଭୋଗେ ।। ୨ ।।

ସଙ୍ଗୀତ : ୰ ଉପେନ୍ଦ୍ର କୁମାର, କଣ୍ଠ : ବାଣୀ ଜୟରାମ

* * *

ଯାହା ମୁଁ ଖୋଜିଛି, ତାହା ମୁଁ ପାଇଛି

ଚଳଚ୍ଚିତ୍ର : ପୁନର୍ମିଳନ, ଗୀତ : ୨

ପୁ - ଯାହା ମୁଁ ଖୋଜିଛି ତାହା ମୁଁ ପାଇଛି
ସେହି ପ୍ରିୟା ତୁମେ ସୁନ୍ଦର ।

ସ୍ତ୍ରୀ - ମନେ, ମନେ ଯାର ଛବି ମୁଁ ଆଙ୍କିଛି
ସେହି ପ୍ରିୟ ତୁମେ ସୁନ୍ଦର ।। ୦ ।।

ପୁ - ତୁମରି ସୁଷମା ଚନ୍ଦ୍ର ନେଇଛି
ତୁମରି ରଙ୍ଗ ଚାନ୍ଦିନୀ ମାଖିଛି
ତୁମରି ହସର ଝଲକକୁ ନେଇ
ବିଜୁଳିର ରୂପ ସମ୍ଭାର ।
ଯାହା ମୁଁ ଖୋଜିଛି ..... ।। ୧ ।।

Digitized by srujanika@gmail.com

ସ୍ତ୍ରୀ - ଆଗୋ ପ୍ରିୟତମ, ତୁମେ ଅନୁପମ
ପୂଜୁଛି ତୁମକୁ ମନ୍ଦିରେ ମମ
ତୁମେ ମୋ ଜୀବନ
ତୁମେ ମୋର ପ୍ରାଣ
ତୁମ ବିନା ସବୁ ଅନ୍ଧାର
ଯାହା ମୁଁ ଖୋଜିଛି ..... ।। ୨ ।।

ସଙ୍ଗୀତ : ୰ ଉପେନ୍ଦ୍ର କୁମାର, କଣ୍ଠ : ପ୍ରଣବ ପଟ୍ଟନାୟକ ଓ ଏଚ୍.ପି.ଗୀତା

* * *

ହେ ମୋର ମାନସୀ ଆସ

ଚଳଚ୍ଚିତ୍ର : ପୂନର୍ମିଳନ, ଗୀତ : ୪

ପୁଅ - ହେ ମୋର ମାନସୀ ଆସ
ପ୍ରେମରାଇଜେ ଗଢ଼ିବା ମନ୍ଦିର
ଡେଣା ମେଲି ଉଡ଼ିଯିବା
ପ୍ରେମ ପକ୍ଷୀ ଆମେ ଦୁନିଆର ।। ୦ ।।

ଝିଅ - ସତେ କିଗୋ ପ୍ରିୟ ମୋର
କରୁ ନାହଁ ତ ଖାଲି ଏ ବାହାନା ।
ଦଗାଦିଆ ତୁମ ଜାତି
ଖାଲି ମିଛେ, ମିଛେ ଏ ଛଳନା

ପୁ - ଯେଉଁଦିନ ତୁମ ଆଖି
ମୋ ଆଖି ସାଙ୍ଗେ ଗଲା ମିଶି
ଭୋକ, ଶୋଷ ଭୁଲିଗଲି
ଉଜାଗର ହେଲା ନିଶି ।। ୧ ।।

ସ୍ତ୍ରୀ - ସେ କଥା କହନି ଆଉ
ତୁମେ ତ ଖାଲି ଜଳୁ ନାହଁ
ଧକ, ଧକ ହୁଏ ଛାତି
ଦେହ ମୋ ହେଲାଣି କ୍ଷୀଣ ।। ୨ ।।

ପୁ - ପ୍ରାଣ ପିୟା ଶୁଣ ମୋର
ମୁଁ ତମ ଗଭାର ଫୁଲ

Digitized by srujanika@gmail.com

ତୁମ ପାଦ ଅଳତା ମୁଁ
　　　　ଅଞ୍ଜନ ତୁମେ ଆଖିର
ସ୍ତ୍ରୀ - ତୁମେ ମୋ ଗଳାର ହାର
　　　　ମୋ ମଥାର ମଥା ମଣି
ଭୁଲିବନି ପ୍ରିୟ ମୋର
　　　　ରହିବି ମୁଁ ତୀର ଋଣି ॥

ସଙ୍ଗୀତ : ৺ ଉପେନ୍ଦ୍ର କୁମାର, କଣ୍ଠ : ବିଦ୍ୟାରାଣୀ, ମହମ୍ମଦ ସିକନ୍ଦର ଆଲାମ୍

✳ ✳ ✳

ମୁଁ ରିକ୍ସା ବାଲା

ଚଳଚ୍ଚିତ୍ର : ପୂନର୍ମିଳନ, ଗୀତ : ୫

ମୁଁ ରିକ୍ସା ବାଲା, ମୁଁ, ରିକ୍ସାବାଲା
ଆସ ବାବୁ, ଏସୋ ଦାଦା, ରାଣ୍ଡି ଆୟା, ଓ ଲାଲା
ମୋର ରିକ୍ସା ଅଛି ଖାଲି କାହି ଯିବ ଭଲା ॥ ୦ ॥

କାହିଁକି ବାବୁ ଠିଆ ହୋଇଛ
ମୋ ରିକ୍ସା ଆଗ, ଗାଡ଼ି ତ ପଛ
ତୁଫାନ୍ ମେଲ୍ ମୋ ରିକ୍ସା ନାମ
ସେହିଭଳି ମୁଁ ଦେଖାଏ କାମ
ମୁଁ ରିକ୍ସା ବାଲା .... ॥ ୧ ॥

ହଇଏ ବାବୁ ବସ, ବସ
ତୁମକୁ ନେଲେ ଛୁଟେ ନିଃଶ୍ୱାସ
ବେଶୀ ସନ୍ତାନ ଆଣେ ଦୁର୍ଦ୍ଦିନ
କମ୍ ସନ୍ତାନ ସୁଖୀ ଜୀବନ
ସବୁ ଜାଣିକି କରୁଛ ପାଲା
ତୁମେ ତ ନୁହଁ ଭୋଲାଭାଲା
ମୁଁ ରିକ୍ସାବାଲା .... ॥ ୨ ॥

ମେହନତର ଶୁଖିଲା ରୁଟି
ଓ ଭୈୟା ଭଲରେ ଭଲ

Digitized by srujanika@gmail.com

ବିନା ଶ୍ରମରେ ଦୁଧ ମଲାଇ
ହେ - ହେ, ସେ କଥା ଛାଡ଼
କାମ ବେଶୀ କର
କଥା ତ କମ୍
ଦେଶ, ପାଇଁ
ଆଣ ସୁନାମ
ମୁଁ ରିକ୍ସାବାଲା .... ।। ୩ ।।

ସଙ୍ଗୀତ : ଓ ଉପେନ୍ଦ୍ର କୁମାର, କଣ୍ଠ : ମହମ୍ମଦ ସିକନ୍ଦର ଆଲାମ୍

* * *

ଆସ ବଉଳଲୋ, ଆସ ସଙ୍ଗାତ

ଚଳଚ୍ଚିତ୍ର : ପୁନର୍ମିଳନ, ଗୀତ : ୬

ଆସ ବଉଳଲୋ, ଆସ ସଙ୍ଗାତ
ଆସ ମକର ଗୋ, ଆସ ମୋ ମିତ
ଗାଇ ରଙ୍ଗ ଦୋଳି ଗୀତ ।। ୦ ।।

ଆକାଶେ ଉଠିଲା ଘନ ବଉଳ
ଉଠିଲା ଘନ
ବହିଲା ଥଣ୍ଡା ପବନ ମକର
ଥଣ୍ଡା ପବନ
ପରଦେଶେ ରହିଲେ ସେ
ତୋର ପ୍ରାଣମିତ
ନୟନୁଁ ଝରିଲା ବାରି,
ଅସ୍ଥିର ହେଲା ଚିତ
ଆସ ବଉଳ ଲୋ ... ।। ୧ ।।

କହୁଚି ମୋ ପ୍ରାଣ ସହି
ବିରହିଣୀ ମନ ନେଇ
ମାର ମରମେ ବିନ୍ଧିଲେ
ଦମ୍ଭକେ ଧରି ପାରଇ
ଖାଲି ଛନ ଛନ ମନ, ଧକ ଧକ ଛାତି
ବାଳା ଅଳପ ବୟସୀ
ସତେ କି ହେବ ତା ଗତି ।। ୨ ।।

ସଙ୍ଗୀତ : ଓ ଉପେନ୍ଦ୍ର କୁମାର, କଣ୍ଠ : ଏସ୍. ଜାନକୀ ଓ ସାଥୀ

* * *

Digitized by srujanika@gmail.com

ଭଲ ପାଇ ମୁଁ ତୁମକୁ ଆଜି

ଚଳଚ୍ଚିତ୍ର : ପ୍ରୀତିର ଡିହି, ଗୀତ : ୧

ପୁ -	ଭଲ ପାଇ ମୁଁ ତୁମକୁ ଆଜି
ସାଥୀ ମୋର, ଜୀବନର
ସବୁତ ପାଇଲି
ସ୍ତ୍ରୀ -	ଭଲ ପାଇ ମୁଁ ତୁମକୁ ଆଜି
ସାଥୀ ମୋର ଜୀବନର
ସବୁତ ପାଇଲି ।। ୦ ।।

ପୁ -	କାହିଁକି କହ
ଆମ ପାଇଁ ଦୁନିଆ ବଇରୀ
ସ୍ତ୍ରୀ -	ଯିଏ ଯାହା କହୁ
ତୁମ ପାଇଁ ଯିବି ସବୁ ଭୁଲି
ପୁ -	ତୁମେ ଥିଲେ ସବୁ ଅଛି ମୋର
ଯିବନି ହାରି ।। ୧ ।।

ସ୍ତ୍ରୀ -	ମନ ଖୋଜେ ମନେ ମନେ ମନର ମଣିଷ
ପୁ -	ପାଇଛି ଆଜି ତୁମକୁ
ସେହି ମୋ ମଣିଷ
ପୁ -	ଭାଙ୍ଗେନା କି ଭାଙ୍ଗିବ ନାହିଁ
ଏ ପ୍ରେମର ଡୋରି ।। ୨ ।।

ସଙ୍ଗୀତ : ବାସୁଦେବ ରଥ

* * *

ଉଇମା, ଉଇମା ମୋତେ ଛୁଅଁନା

ଚଳଚ୍ଚିତ୍ର : ପ୍ରୀତିର ଡିହି, ଗୀତ : ୨

ସ୍ତ୍ରୀ -	ଉଇମା, ଉଇମା ମୋତେ ଛୁଅଁନା
ମୋର ବଢୁଛି ଟେମ୍ପରେଚର୍
ଦିଅ ଦିଅ ମୋତେ ମେଡ଼ିସିନ୍ ଦିଅ
ତୁମେ ପରା ଡାକତର ।। ୦ ।।

Digitized by srujanika@gmail.com

ପୁ - ଜାଣିଛି, ଜାଣିଛି, କାହିଁକି ବଢ଼ୁଛି
ତୋ ଦେହେ ଟେମ୍ପରେଚର୍
ପାଖେ ନାହିଁ ମୋର ଥରମାମିଟର
କେମିତି ମାପିବି ଜର ।। ୧ ।।

ମକା ମକା ବୋ, ମକା ମକା ମକା ବୋ

ସ୍ତ୍ରୀ - ଧକ, ଧକ ହେଉଛି
ମୋ ଛାତି ଭିତର
ମାପି ଦିଅ ତାକୁ ଆଣି
ସେହି ଯନ୍ତର
ଦେଖ ଆରେ ଦେହ ମୋର
ଭାରି ଖରାପ
ସେଥିପାଇଁ ମନେ ତୋର
ନାହିଁତ ଦୟା
ନେଇ ଆସରେ ରହିପାରୁନି
ସେହି ଯନ୍ତର
କାହିଁକି ବଢ଼ୁଛି ମୋର ଟେମ୍ପରେଚର ।। ୨ ।।

ପୁ - ହାଏ, ଜାଣୁ ତୁ ତ ଭଲ କରି ମୁଁ ଡାକତର
ତୋ ଦେହ ପାଇଁ କି ତୁହି ଆଉ ନଡର
ତୋ ଜର କାହିଁକି ତାହା ମୋତେ ପଚାର
ମୁଁ ପାଖେ ଥିଲେ ତୋର ନାହିଁ ଖାତର
ଗେଞ୍ଜିଦେବି ଇଂଜେକସନ ଛାଡ଼ିବ ଜର
ଆଉ ବଢ଼ିବ ନହିଁ ତ ତୋର ଟେମ୍ପରେଚର

ସ୍ତ୍ରୀ - ଉଇମା, ଉଇମା ମୋତେ ଛୁଅନା
ମୋର ବଢ଼ୁଛି .... ।। ୩ ।।

ସଙ୍ଗୀତ : ବାସୁଦେବ ରଥ, କଣ୍ଠ : ମହମ୍ମଦ ସାଜିଦ୍ ଓ ମମତା ସାହୁ

* * *

Digitized by srujanika@gmail.com

ତୁ ମୋର ଚାନ୍ଦ, ତୁ ମୋର ତାରା

ଚଳଚ୍ଚିତ୍ର : ପ୍ରୀତିର ଭିତି, ଗୀତ : ୩

ପୁ - ଆ .... ରେ, ଆ ..... ରେ
ସ୍ତ୍ରୀ - ଆ .... ରେ, ଆ ..... ରେ
ପୁ - ତୁ ମୋର ଚାନ୍ଦ, ତୁ ମୋର ତାରା
ତୋ ବିନା କେବେ ମୁଁ ବଞ୍ଚିପାରେନା
ସ୍ତ୍ରୀ - ତୁ ମୋର ଚାନ୍ଦ, ତୁ ମୋର ତାରା
ତୋ ବିନା କେବେ ମୁଁ ବଞ୍ଚିପାରେନା ॥ ୦ ॥

ସ୍ତ୍ରୀ - କେତେ ଆଶା କରିଥିଲି
ତୋହରି ପାଇଁ
ଆଶା ବାଲିବନ୍ଧ କିଏ ଦେଲା ଭସାଇ
ପୁ - ତୋ ବିନାରେ ସାଥୀ, ରହିପାରୁନି
ମନ କଥା କାରେ କହି ପାରୁନି
ହାରିଲି ବା ଜିତିଲି ମୁଁ
ଜାଣିପାରେନା
ସ୍ତ୍ରୀ - ତୋ ବିନା ଏ ଜୀବନଟା
ଭଲ ଲାଗେନା ॥ ୧ ॥

ସ୍ତ୍ରୀ - ଆଖିର ଲୁହ ଶୁଖିଲା
ଆଖିରେ ମୋର
ବଇଶାଖୀ ଝାଞ୍ଜି ହେଲା
ଶ୍ରାବଣ ଝଡ଼

ପୁ - ତୋତେ ନ ଦେଖି ମନ ବୁଝେନି
ତୋର ରୂପ ଭୁଲିପାରେନି
ଆସିଯାରେ, ନେଇଯାରେ
ସବୁ ଯାତନା
ସ୍ତ୍ରୀ - ତୋ ଲାଗି ଏ ଜୀବନଟା ଭଲ ଲାଗେନା ॥ ୨ ॥

ସଙ୍ଗୀତ : ବାସୁଦେବ ରଥ

* * *

Digitized by srujanika@gmail.com

କିଏ କଲାରେ ମୋତେ ପାଗଳି

ଚଳଚ୍ଚିତ୍ର : ପ୍ରୀତିର ରୀତି, ଗୀତ : ୪

କିଏ କଲାରେ ମୋତେ ପାଗଳି
ମୁଁ ତା'ର ଫୁଲ ସେ ମୋର ମାଳି
ମନ ମୋର ହୁଏ ସିଏ
ମୋତେ ନିଅନ୍ତା ତୋଳି ॥ ୦ ॥

ଖିଲି, ଖିଲି ତା'ର ସେ ହସ
ଥିରି, ଥିରି ତା'ର ପରଶ
ମନ ଛନ ଛନ ତା ପାଇଁ ଉଛନ୍ନ
ସବୁ ଭୁଲିଲି
ଗୋରା ଦେହ ଜଳି ଯାଏ
ମୋର ତା' ପାଇଁ
ମନ ଚାହେଁ ଖାଲି ହେବି
ତାହାରି ମୁହିଁ
ମନ ଚଙ୍ଗ, ଚଙ୍ଗ,
ଚାହେଁ ତା ଅଙ୍ଗ
ଦୁନିଆକୁ ଦେଲି ପାସୋରି
କିଏ କଲାରେ ମୋତେ ପାଗଳି ॥ ୨ ॥

ଆଖି, ଆଖି ଦେଲି ମିଶାଇ
ହସି ଦେଲି ମନ ରସାଇ
ତା' ନଜର ତୀର ବାଜି ଦେହେ ମୋର
ସରି ମୁଁ ଗଲି
ଅଳସ ବଅସ ମୋର ଘାରିଲା ମୋତେ
ତନୁ ଯଉବନ ଦାଉ
ସହିବି କେତେ
ଚୁମି, ଚୁମି ଯାଏ କି ସେ ମୋ ଦେହ
କାହା ପାଇଁ ସବୁ ହାରିଲି
କିଏ କଲାରେ ମୋତେ ..... ॥ ୩ ॥

ସଙ୍ଗୀତ : ବାସୁଦେବ ରଥ, କଣ୍ଠ : ତୃପ୍ତି ଦାସ

* * *

Digitized by srujanika@gmail.com

ପ୍ରେମ ବନ୍ଧନକୁ ଭୁଲି କି ପାରିବୁ

ଚଳଚ୍ଚିତ୍ର : ପ୍ରୀତିର ଇତି, ଗୀତ : ୫

ବାଉଳାରେ ....
ପ୍ରେମ ବନ୍ଧନକୁ ଭୁଲି କି ପାରିବୁ,
ଭୁଲି କି ପାରିବୁ
କାହିଁ ହେଲୁ ତୁରେ ମିଛେ ବାଉଳା
ସବୁ ତୁ ପାସୋରି ଗଲୁ ପଥ ଭୁଲି
ଏ ପୀରତି ପଥ ବାଛି ପାଗଳା ।। ୦ ।।

କି ପାଇଲୁ ତୁହି ହେଲୁ କିଆଁ ବାଇ
ଏ ବନ୍ଧନ କେବେ ଭୁଲି ହୁଏ ନାହିଁ
ଦୁଃଖ ତ ଏହାର ଚିର ସହଚର
ଅମାନିଆ କିଆଁ ହେଲୁରେ ବଳା ।। ୧ ।।

ଭୋକ, ଶୋଷ ତୁହି ସବୁ ଭୁଲିଗଲୁ
ଭାଇ ବନ୍ଧୁ ଶେଷେ ପାସୋରି ତୁ ଦେଲୁ
ପ୍ରିୟା, ପ୍ରିୟା ବୋଲି, ଖାଲି ଜପି ହେଲୁ
ପୀରତି ନିଶା ଯେ ତୋତେ ସାଇଲା ।। ୨ ।।

ସଙ୍ଗୀତ : **ବାସୁଦେବ ରଥ**, କଣ୍ଠ : **ସୁବାସ ଦାସ**

* * *

ବ୍ୟାଣ୍ଡ୍ ବଜାଇ, ବୋହୂ ସଜାଇ

ଚଳଚ୍ଚିତ୍ର : ପ୍ରୀତିର ଇତି, ଗୀତ : ୬

ବ୍ୟାଣ୍ଡ୍ ବଜାଇ, ବୋହୂ ସଜାଇ
ତତେ ନେଇ ଆସିବି
ତୋ ବାପ ଯଦି କହିବ କିଛି
ତାକୁ ମୁଁ ଦେଖିନେବି
ଆରେ ମୁଁ ବୋବାଇ କରି ଦେବି ଭାଇ
ଆରେ ଆମେ ବୋବାଇ କରିଦେବୁ ଭାଇ ।। ୦ ।।

Digitized by srujanika@gmail.com

ମସ୍ତକଲନ୍ଦର ଜାଣେ ମନ୍ତର
ଉଡ଼ଂଛୁ କରି ଜାଣେ
ଭଲ ପାଇ ମୁଁ ପ୍ରେମ କରିଛି
ଜାନ୍ ମୁଁ ଦେଇ ଜାଣେ
ମୁହିଁ ତ ହିରୋ ସମସ୍ତେ ଜିରୋ
ହିରୋଇନ ତୁ ମୋର
ବୋମା ଫୁଟାଇ, ଦେବି ଉଡ଼ାଇ
କାହାକୁ ନାହିଁ ଡର
ଆରେ ମୁଁ ବୋବାଲ କରି ଦେବି ଭାଇ
ଆରେ ଆମେ ବୋବାଲ କରିଦେବୁ ଭାଇ ।। ୧ ।।

ମୋ ହାବେଲି ବାଣ ଛୁଟେ ଆସମାନ
ରୋଷଣୀ ପଟୁଆର
ତୋହର ସାହି ହେବ ଘାଇଁ ଘାଇଁ
ଗନ୍ଧ ବାଣରେ ମୋର
ଆଲୋ ମୋ ରାଣୀ
ତୁ ମୋ ମଥାର ମଣି
କରୁ କାହିଁକି ଭାବନା
ଆସିବୁ ମୋର ଘରକୁ ତୁହି
ପୁରିବ ମୋର କାମନା ।। ୨ ।।

ସଙ୍ଗୀତ : ବାସୁଦେବ ରଥ, କଣ୍ଠ : ମହମ୍ମଦ ସାଜିଦ୍

* * *

ଏ ଜହ୍ନ ତାରା ଗଗନ

ଚଳଚ୍ଚିତ୍ର : ଅର୍ଜୁନ ବନବାସ, ଗୀତ : ୧

ଏ ଜହ୍ନ ତାରା ଗଗନ ଉଦାସ କିଆଁ ମୋ ମନ
ଆଗୋ ବଧୂ କଳିକା ମାଳତି, ଯୁଇ, ମଲ୍ଲିକା
ଶୁଣିଛକି ତା' ମଧୁ ସ୍ୱର
ସେ ଯେ ମୋର ମାନସୀ କଳ୍ପନାର ପ୍ରେୟସୀ
ପୂଜାରୀ ମୁଁ ତା'ର ପ୍ରେମର
କହିଦିଅ ପ୍ରିୟାରେ ସେ ଯେ ମୋର ସପନ ।। ୧ ।।

Digitized by srujanika@gmail.com

ହେ ମୋର ମାନସୀ ଗଢ଼ିଛି ତୋ ରୂପରାଶି
ବିଧାତା ସେ କେଉଁ ପୁରର
ଚାଲ ତୋ ରୂପକୁ ଦେଖି ଲାଜେ ଲୁଚିଯାଏ ସଖୀ
ଜାଣି ଜାଣି ମେଘ ଭିତର ଆସିଯାରେ ମୋର କତି
ସହ ହେଉ ସପନ ।। ୨ ।।

ସଙ୍ଗୀତ : ପ୍ରଫୁଲ୍ଲ ମିତ୍ର

* * *

ମନ କୁମାରୀ ଲୋ, ତୁ ମୋ ରୂପ କୁମାରୀ

ଚଳଚ୍ଚିତ୍ର : ଅର୍ଜ୍ଜୁନ ବନବାସ, ଗୀତ : ୨

ପୁ - ମନ କୁମାରୀ ଲୋ, ତୁ ମୋ ରୂପ କୁମାରୀ
କାହିଁ ଯାଉ ପର କରି ମୋତେ କିଶୋରୀ
ସ୍ତ୍ରୀ - ଜାଣେ ତ ମାତର, ଭାବୁ କି ଏଥର
ଭୁଲାଇ ଦେବୁକି ପୀରତି ମନ୍ତ୍ରରେ
ଦେବୁକି, ଦେବୁକି, ପୀରତି ମନ୍ତର ଢାଳି ।। ୧ ।।

ପୁ - ମନକୁ ତ ମୋର ଦେଇଛି ତୋତେ
କରିଲେ ପର ତୁ, ରହିବି କେମନ୍ତେ
ସ୍ତ୍ରୀ - ଦୁଇଦିନର ପୀରତି
ମିଛରେ ତୁ କାହିଁକି ବାନ୍ଧିଛୁ ଆଶା ।
ପୁ - କହ କେମିତି ଏ ପରାଣ ସହିବ
ମନରୁ ଦେଲେ ତୁ ପାଶୋରୀ ।। ୨ ।।

ପୁ - ଦେହ ଛୁଇଁ ତୋର, କହୁଛି ଗୋରୀ
ପରାଣ ହାରିବି ତୋ ଲାଗି ମୁଁ ଝୁରି
ସ୍ତ୍ରୀ - ଜାଣେ, ତୋ ମନଟି ଯାଇଛି ଲାଖି
ମୋ ମନ ତୋ' ଠାରେ ଦେଲିରେ ବିକି
ପୁ - ଆହା କେମିତି କା ଏ ଯୋଡ଼ି ସାଜିବ
କହିଦେ, କହିଦେ ମୋତେ ଚାତୁରୀ ।। ୩ ।।

ସଙ୍ଗୀତ : ପ୍ରଫୁଲ୍ଲ ମିତ୍ର

* * *

Digitized by srujanika@gmail.com

କାହିଁକି ଭାବୁ ବସି ମୋ ଚନ୍ଦ୍ରବଦନି

ଚଳଚ୍ଚିତ୍ର : ଅର୍ଜୁନ ବନବାସ, ଗୀତ : ୩

କାହିଁକି ଭାବୁ ବସି ମୋ ଚନ୍ଦ୍ରବଦନି
କଲା ସେ ମନ ଚୋରୀ କିଏ ତୋର ପୁଣି
କହିଦେ, କହିଦେ
ଫିଟାଇ କହିଦେ
ଦେବୁ ତାକୁ ଖୋଜି ଆଣି
ଭାବନା ଆଉ କିଛି ଆମ ପ୍ରାଣଧନୀ ।। ୦ ।।

ଲୁଚାଇ ରଖିବୁ ଯଦି, ସେ କି ଲୁଚିପାରେ
ଫୁଟିଲା ଫୁଲର ବାସ କେବେ ହଜିପାରେ
କହିଦେ, କହିଦେ ଖୋଲି ସବୁତ ସତ ଖାଲି
ମରମ କଥାଟି ତୋର ମିତଣି
ଭାବନା ଆଉ କିଛି ଆମ ପ୍ରାଣଧନୀ ।। ୧ ।।

ସେ ଦିନ ଚାନ୍ଦିନୀ ତଳେ ଚଇତାଳି ବନେ
ଯଉବନ ମଉସବେ ହଜିଲୁ ସେ ଦିନେ
ପରାଣେ ପୁଲକ ତୋଳି ହସି ଖୁଲି ଖୁଲି
କହିଦେ ନୁହେଁ କି ସତ ମାନୀନୀ ।। ୨ ।।

ସଙ୍ଗୀତ : ପ୍ରଫୁଲ୍ଲ ମିତ୍ର

* * *

ହେ ଗୀରିଧାରୀ

ଚଳଚ୍ଚିତ୍ର : ଅର୍ଜୁନ ବନବାସ, ଗୀତ : ୪

ହେ ଗୀରିଧାରୀ
ଡାକୁଛି ଆରତେ ପ୍ରଭୁ
ଶୁଣ ମୋ ଗୁହାରୀ
ଶୁଣିଛ ସ୍ୱବୁରି ଡାକ
ଆହେ ପଙ୍କଜ ମୁଖ
ଦେଖାଦିଅ ପ୍ରଭୁ

Digitized by srujanika@gmail.com

ଆହେ ଦୟାମୟ
ଭକତ ବନ୍ଧୁ ଦଇତାରୀ ॥ ୦ ॥

କେତେ ବା ପରଖୁଥିବ
ନ ପାରେ ଆଉ ଶ୍ରୀମୁଖ
ରଖ ଲାଜ ଆହେ ମହାବାହୁ
ତୁମ ବିନା ଅଛି କିଏ ମୋରି ॥ ୧ ॥

ଆରତ ଭଞ୍ଜନ ବାନା
ନ ଶୁଣ ମୋର ବେଦନା
ନାମ ପରା ତୁମ ଆର୍ତ୍ତତ୍ରାଣ
ଆରତେ ଡାକୁଛି ଶୁଣ କର୍ଣ୍ଣ ଡେରି
ଆହେ ଦୟାମୟ, ଭକତ ବନ୍ଧୁ ଦଇତାରୀ ॥ ୨ ॥

ସଙ୍ଗୀତ : ପ୍ରଫୁଲ୍ଲ ମିତ୍ର

* * *

ମମ ମନ୍ଦିରେ ଆସ ପ୍ରିୟ

ଚଳଚ୍ଚିତ୍ର : ଅର୍ଜୁନ ବନବାସ, ଗୀତ : ୫

ମମ ମନ୍ଦିରେ ଆସ ପ୍ରିୟ
ସାଇତି ରଖିଛି ତୁମରି ପାଇଁ ହେ
ଯଉବନେ ଭରା ଏ ହୃଦୟ ॥ ୦ ॥

ମୁକୁଳା ମୋ ଅଙ୍ଗବାସ
କିଆଁ ହେ ଉଦାସ
କହିବନି କି ହେ ବନ୍ଧୁ
ଆଦରେ ତୋଳି ନିଅ ॥ ୧ ॥

କମ୍ପି ଉଠେ ଅପଘନ
ଜାଗି ଶିହରଣ
ତୁମରି ରାଗି ହେ ମୋ ପ୍ରିୟ
ପାହି ଯାଏ ଏ ରଜନୀ
ପର ନ କରାଅ ॥ ୨ ॥

ସଙ୍ଗୀତ : ପ୍ରଫୁଲ୍ଲ ମିତ୍ର

* * *

Digitized by srujanika@gmail.com

ଏ ମହାଭାରତ କାହାଣୀ

ଚଳଚ୍ଚିତ୍ର : ଅର୍ଜ୍ଜୁନ ବନବାସ, ଗୀତ : ୬

ଏ ମହାଭାରତ କାହାଣୀ
ଧର୍ମ ଯୁଦ୍ଧେ ଯହିଁ ସାରଥୀ ସାଜିଲେ
ପାର୍ଥ ରଥେ ଚକ୍ରପାଣି ।। ୦ ।।

ଅର୍ଜୁନ ବିଷାଦ ମୁଞ୍ଚାଇବା ପାଇଁ
ସୃଷ୍ଟି ହୋଇଥିଲା ଗୀତା
କର୍ମ ଯଜ୍ଞେ ଝାସ
ଦିଅରେ ଫାଲ୍‌ଗୁନୀ
କହିଲେ ଜଗତପିତା
କର୍ମଣ୍ୟେ ବାଧିକାରସ୍ତେ, ମା' ଫଳେଷୁ କଦାଚନ
କହିଥିଲେ ଭଗବାନ
ଅମର ଆଜି ଏ ବାଣୀ
ଏ ମହାଭାରତ କାହାଣୀ ।। ୧ ।।

ପାଣ୍ଡବ ନିଧନେ ମାନି ଦୁର୍ଯ୍ୟୋଧନ
ଯେତେ ଯାହା କରିଥିଲା
ସବୁ ବିପତ୍ତିରୁ ରଖିଲେ ଅନନ୍ତ
ଧର୍ମ୍ମର ହିଁ ଜୟ ହେଲା ।
ଜତୁଗୃହେ ଜାଳି ଅଗ୍ନି
ମାରିବାକୁ ସେ ତ ମନେ ପାଞ୍ଚିଥିଲା
ଏ ମହାଭାରତ କାହାଣୀ ।। ୨ ।।

ପଶାଖେଳେ ମାତି ଦୁର୍ଯ୍ୟୋଧନ ଠାରୁ
ହାରି ଧର୍ମ୍ମରାଜ ଦିନେ
ରାଜ୍ୟ ସିଂହାସନ ଛାଡ଼ି ବନବାସ
ଭୋଗିଲେ କର୍ମକଷଣେ,
ବିବସ୍ତ୍ର କରିଲା ପାଞ୍ଚାଳିକୁ ଯେବେ
ଦୁଃଶାସନ ସଭାସ୍ଥଳେ
କୋଟି ବସ୍ତ୍ର ଦେଇ ପ୍ରଭୁ ଲଜ୍ଜାନିବାରିଲେ

Digitized by srujanika@gmail.com

ଅମର ଏହି କାହାଣୀ
କାହାଣୀ ନୁହେଁ ଏ ସବୁରିଲାଗି
ପ୍ରଭୁଙ୍କ ମଙ୍ଗଳ ବାଣୀ
ଏ ମହାଭାରତ କାହାଣୀ ।। ୩ ।।

ସଙ୍ଗୀତ : ପ୍ରଫୁଲ୍ଲ ମିତ୍ର, କଣ୍ଠ : ୰ ରଘୁନାଥ ପ୍ରଧାନ

* * *

ମୁଁ ଏକ ଅବୁଝା ପକ୍ଷୀ

ଚଳଚ୍ଚିତ୍ର : ପ୍ରେମ ପୂଜାରିଣୀ, ଗୀତ : ୧

ମୁଁ ଏକ ଅବୁଝା ପକ୍ଷୀ
ବୁଝି ମୁଁ ପାରେନା କିଛି
କାହା ପାଇଁ କି
ମନ ଉଠେ ନାଚି
ଜାଣେନା କିଏ ସେ ମୋ ସାଥୀ ।। ୦ ।।

ଝରଣାରେ କେଉଁ ଗୀତ ଗାଉଛୁ ତୁ ତାନେ
କାହା ପାଇଁ କହ, କହ, ଅଛି କି ତୋ ମନେ
ମନ ମୋର କାହିଁ ହଜିଲା
କା' ପୀରତି ପାଇଁ ମଜିଲା
ମନ ମୋ ଚଞ୍ଚଳ
କା' ପାଇଁ ଅଧୀର
ଜାଣେ ନା କିଏ ସେ ମୋ ସାଥୀ ।। ୧ ।।

କା' ପରଶ ପାଇଁ ଆଜି ଉଠିଛି ଏ ମନେ ଜୁଆର
ଫୁଲକାନେ ତୁନି, ତୁନି କହରେ ତୁ ଭଅଁର
ମତୱାଲା ମନ ମୋହରି
କାହା ପାଇଁ ଉଠେ ଗୁଞ୍ଜରି
ଲାଗେ ଶିହରଣ
ମନ ମୋ ଉଚ୍ଛନ୍ନ
କାହାଠାରେ ମନ ଗଲା ଲାଖି ।। ୨ ।।

ସଙ୍ଗୀତ : ମହମ୍ମଦ ମୁସୀର, କଣ୍ଠ : ତୃପ୍ତି ଦାସ

* * *

Digitized by srujanika@gmail.com

ଚୁପି ଚୁପି କିଏ କଲା ମୋର ଆହା ମନଚୋରୀ

ଚଳଚ୍ଚିତ୍ର : ପ୍ରେମ ପୂଜାରିଣୀ, ଗୀତ : ୨

ଚୁପି ଚୁପି କିଏ କଲା ମୋର
ଆହା ମନଚୋରୀ
ଦେଲା କିଏ ମୋତେ
କେଉଁ ଯାଦୁକର ଯାଦୁକରି ।। ୦ ।।

କିଏ ? ସେ କିଏ ? ଆସି କହିଲା
କା'ର କଥା ମନ ଛୁଇଁଲା
ନାଚି ନାଚି ଯାଏ କାହାପାଇଁ ମୋ ମନ ମୟୂରୀ
ଦେଲା କିଏ ମୋତେ କେଉଁ ଯାଦୁକର, ଯାଦୁକରି ।। ୧ ।।

ମନ ଆକାଶରୁ ଯାରେ ଘୁଞ୍ଚି ଦୂରେ
ଭିଜା ମଉସୁମୀ
ଏବେ ଫଗୁଣ ଆସିଛି ଥିରି, ଥିରି
ମୋର ଦେହ ଭୂମି
କେଉଁ ରାଗିଣୀରେ ଦେବି ତା' ମନ ହରି,
କହିଦେ ମୋତେ ସେ କଥା ପଦିକ କାନେ ଥିରି
ଦେଲା କିଏ ମୋତେ କେଉଁ ଯାଦୁକରି ଯାଦୁକରି ।। ୨ ।।

ସଙ୍ଗୀତ : ମହମ୍ମଦ ମୁସୀର, କଣ୍ଠ : ତୃପ୍ତି ଦାସ

* * *

ଫୁଲିଲୋ, ଆରେ ଫୁଲା

ଚଳଚ୍ଚିତ୍ର : ପ୍ରେମ ପୂଜାରିଣୀ, ଗୀତ : ୩

ପୁ - ଫୁଲି ଲୋ
ସ୍ତ୍ରୀ - ଆରେ ଫୁଲା
ପୁ - ଆଲୋ ଗଜଗମନୀ ଚମ୍ପା ବରଣୀ
ତୋ ଲାଗି ମରିଲିଣି

Digitized by srujanika@gmail.com

ସ୍ତ୍ରୀ - ଆଉ ପଟାନି, ମୋତେ ଭୁଲାନି
ତୋ କଥା ଜାଣିଲିଣି ॥ ୦ ॥

ସ୍ତ୍ରୀ- ଆରେ ହଟ୍
କାହିଁକି ହେବି ତୋ ଘରଣୀ
ତୋ ଘର ଚାକରାଣୀ
ପୁ - ନା, ନା, ନା
ଚାକର ବନି ବି ତୋ ପାଇଁ
ତୁ ହବୁ ମୋ ରାଜରାଣୀ
ସଜାଇ, ମନ ମଜାଇ
ହେବି ତୋ ମଥାରମଣି ॥ ୧ ॥

ସ୍ତ୍ରୀ - ଫୁଲିଆରେ ଗୁଲୁଗୁଲିଆରେ
ତୁ ବଡ଼ ଦଗାଦିଆ
ପୁ - ଫୁଲିଲୋ ଜାଣିଛି ତୋତେ
ତୁ ବଡ଼ ସରାଗିଆ
କହିଦେ, ମନମୋହିଦେ
ତୁ ମୋର ଜପାମୁଣି ॥ ୨ ॥

ସ୍ତ୍ରୀ - ରସିଆରେ ମନବସିଆ
ମୁଁ ତୋର ପାଟରାଣୀ
ପୁ - ପୀରତି ନିଆଁରେ ମୋ ତନୁ
ତୋ ପାଇଁ ଜଳିଲାଣି
ଆସିଯା, ପାଶେ ବସିଯା
ଚେତା ମୋ ହଜିଲାଣି ॥ ୩ ॥

ସଙ୍ଗୀତ : ମହମ୍ମଦ ମୁସୀର, କଣ୍ଠ : ସାଜିଦ୍ ଓ ତୃପ୍ତି ଦାସ

* * *

Digitized by srujanika@gmail.com

ଏଇ ତ ଦୁନିଆ ତୋର

ଚଳଚ୍ଚିତ୍ର : ପ୍ରେମ ପୂଜାରିଣୀ, ଗୀତ : ୪

ଏଇ ତ ଦୁନିଆ ତୋର
ମିଛେ ନ ହୁଅ କାତର
ଅବୁଝା ମନରେ, ଆଉ ତୁରେ ଲୁହ ଝରାନା
ମନୁଆରେ ସବୁ ମିଛ ସବୁ ଛଳନା ॥ ୦ ॥

ଆସିଛୁ ଦି' ଦିନ ପାଇଁ
ଯିବୁ ତୁହି ଏକା ହୋଇ
ତୋର ବୋଲି କେହି ନାହିଁ
ସାହାରେ ସେ ଜଗତସାଇଁ
ବାଇମନ ତା ହାତର୍ ତୁ ତ ଖେଳନା
ମନୁଆରେ ସବୁ ମିଛ ସବୁ ଛଳନା ॥ ୧ ॥

ଆଶାର ତୋ ବାଲିଘର
ଭାଙ୍ଗି ଦେଲାରେ କୁଆର
ଗଢ଼ିଦେବ ଏକା ତୋର
ସେହି ସୁନାର ସଂସାର
ବାଇମନରେ ସେଥିପାଇଁ ନୁହଁ ବିମନା
ମନୁଆରେ ସବୁମିଛ ସବୁ ଛଳନା ॥ ୨ ॥

ସଙ୍ଗୀତ : ମହମ୍ମଦ ମୁସୀର

* * *

କୃଷ୍ଣ ମୁରାରୀ ରାଧାମନ ହାରି

ଚଳଚ୍ଚିତ୍ର : ପ୍ରେମ ପୂଜାରିଣୀ, ଗୀତ : ୫

କୃଷ୍ଣମୁରାରୀ
ରାଧାମନ ହାରି
ଯଶୋଦା ନନ୍ଦନ   କୁଞ୍ଜବିହାରୀ
କଂସ, କେଶୀନାଶିଦଇତ ବିନାଶି
ସୃଷ୍ଟି ରକ୍ଷାକଲ ହେ ଗିରିଧାରୀ ॥ ୦ ॥

Digitized by srujanika@gmail.com

ନଚାଉଛ ବ୍ରଜବାସୀ ଜନେ
ନାଚିଛି ଯମୁନା ତୁମ ନାମେ
ତୁମରି ବାଂଶରୀ କରିଲା ପାଗଳି
ରାଧା ସାଜିଥିଲା ଅଭିସାରୀ ॥ ୧ ॥

ତୁମେ ଭୁଲିଥିଲ ରାଧାପ୍ରେମ
ମୋତେ ଛାଡ଼ିଗଲା ମୋର ଶ୍ୟାମ
କହ ଶ୍ୟାମଘନ ସେଥିପାଇଁ ସିନା
ମୋ ଦୁଃଖ, ପ୍ରଭୁ ଦେଇ ପାଶୋରି ॥ ୨ ॥

ସଙ୍ଗୀତ : ମହମ୍ମଦ ମୁସୀର, କଣ୍ଠ : ତୃପ୍ତି ଦାସ

* * *

ତୁମ ଆଖିନିଶା ମୋତେ ଯେ ଘାରିଲା

ଚଳଚ୍ଚିତ୍ର : ପ୍ରେମ ପୂଜାରିଣୀ, ଗୀତ : ୬

ପୁ - ତୁମ ଆଖି ନିଶା ମୋତେ ଯେ ଘାରିଲା
ହେଲିଣିରେ ଏତେ ସରି
ସ୍ତ୍ରୀ - କହ କହ ସାଥୀ ଏ ଜୀବନେ ମୋର
ରହିବକି ଛାଇପରି ॥ ୦ ॥

ପୁ - ଆସ;
ସ୍ତ୍ରୀ - ନା, ନା, ନା
ପୁ - ଟିକେ ବସ
ସ୍ତ୍ରୀ - ନା, ନା, ନା
ପୁ - କିଛି କହ,
ସ୍ତ୍ରୀ - ନା, ନା, ନା, ଶୁଣିବିନି କିଛି ଆଉ
ସ୍ତ୍ରୀ - ପ୍ରିୟ
ପୁ - ନା, ନା, ନା
ସ୍ତ୍ରୀ - ଟିକେ ରହ
ପୁ - ନା, ନା, ନା ସେ ଛଳନା ସବୁ ଥାଉ
ପୁ - ତୁମକୁ ନ ପାଇଁ ଜୀବନ ମୋହର ହେଲା ଖାଲି ମରୁବାଲି ।

Digitized by srujanika@gmail.com

ସ୍ତ୍ରୀ - କହ, କହ ସାଥୀ ସାରା ଜୀବନ ମୋ ରହିବକି ଛାଇ ପରି ।
ସ୍ତ୍ରୀ - ପ୍ରିୟ ସତେ କ'ଣ ଭଲପାଅ
ମନ ଖୋଲିଥରେ କହିଦିଅ
ପୁ - କାହିଁକି ପଚାର ବୁଝେନାହିଁ
ସ୍ତ୍ରୀ - ପରତେ କି ତୁମ ଯାଏ ନାହିଁ
ସ୍ତ୍ରୀ - ସବୁ ମୁହିଁ ଜାଣେ ହେ ଜୀବନସାଥୀ
ଦେବତା ତୁମେ ମୋହର
ପୁ - ତୁମେ ପୂଜାରିଣୀ ମୋ ପ୍ରେମ ମନ୍ଦିରେ
ମୁଁ ତୁମ ପ୍ରେମ ପୂଜାରୀ ।। ୨ ।।

ସଙ୍ଗୀତ : ମହମ୍ମଦ ମୁସୀର, କଣ୍ଠ : ସାଜିଦ୍ ଓ ତୃପ୍ତି ଦାସ

* * *

ପୂଜାରିଣୀ

ଚଳଚ୍ଚିତ୍ର : ପ୍ରେମ ପୂଜାରିଣୀ, ଗୀତ : ୭

ପୂଜାରିଣୀ,
ଦେବତା ମନ୍ଦିର ଛାଡ଼ି ଚାଲିଗଲେଣି ।। ୦ ।।

ପୂଜା, ଅରଚନା ଆଉ କିଏ ଘେନିବ
ମଥା ପିଟିଲେ ତୋ କଥା କିଏ ଶୁଣିବ
ଦେବତା ହେଲା ପାଷାଣ, ସହିଲୁ ସବୁ କଷଣ
କରମ ଲିଖନ କେବେ ଆନ ହୁଏନି
ଦେବତା ମନ୍ଦିର ଛାଡ଼ି ଚାଲିଗଲେଣି ।। ୧ ।।

ଗଢ଼ିଥିଲୁ ତୋ ସଂସାର ଦି' ଦିନ ପାଇଁ
ମରୀଚିକା ପଛେ ଖାଲି ଥିଲୁ ତୁ ଧାଇଁ
ସପନ ତୋ ଭାଙ୍ଗିଗଲା
ସବୁ ସୁଖ ହଜିଗଲା
ସେଥିପାଇଁ, କରନା'ରେ ବୃଥା ଭାଳେଣି
ପୂଜାରିଣୀ, ଦେବତା ମନ୍ଦିର ଛାଡ଼ି ଚାଲିଗଲେଣି ।। ୨ ।।

ସଙ୍ଗୀତ : ମହମ୍ମଦ ମୁସୀର, କଣ୍ଠ : ତୃପ୍ତି ଦାସ

* * *

Digitized by srujanika@gmail.com

ଗୋବିନ୍ଦ ମାଧବ ହେ ଘନଶ୍ୟାମ

ଗୋବିନ୍ଦ ମାଧବ ହେ ଘନଶ୍ୟାମ
ରାଇ ଚିତ୍ତଚୋରା, ନନ୍ଦନନ୍ଦନ ।। ୦ ।।

ନଚାଇଲ ବ୍ରଜବାସୀ ଜନେ
ମୁରଲୀ ବଜାଇ ରାଧା ନାମେ
ଆହେ ଗିରିଟେକା କଳାବଦନ
ରାଇ ଚିତ୍ତଚୋରା ନନ୍ଦନନ୍ଦନ ।। ୧ ।।

ତୁମେ ଭୁଲିଥିଲ ରାଧା ପ୍ରେମ
ମୋତେ ଭୁଲିଗଲା ମୋର ଶ୍ୟାମ
ରାଧିକା ମୋହନ, ଦୁଃଖ ବିନାଶନ
ରକ୍ଷାକର ମୋତେ ଗଲି ଶରଣ
ଗୋବିନ୍ଦ, ମାଧବ ହେ ଘନଶ୍ୟାମ ।। ୨ ।।

ସଙ୍ଗୀତ : ମହମ୍ମଦ ମୁସୀର, କଣ୍ଠ : ତୃପ୍ତି ଦାସ

✳ ✳ ✳

ଜନନୀ ମା' ଜନ୍ମଭୂମି

ଚଳଚ୍ଚିତ୍ର : ଅନ୍ୟାୟ କେତେଦିନ, ଗୀତ : ୧

ଜନନୀ ମା' ଜନ୍ମଭୂମି
ସ୍ୱର୍ଗଠାରୁ ଗରିୟସୀ
ବନ୍ଦେ ମା' ଗୋ ତୋର ଚରଣ
ନିତ୍ୟ ମୁହିଁ ଦିବା ନିଶି ।। ୦ ।।

ସୁଜଳା, ସୁଫଳା, ଶସ୍ୟଶ୍ୟାମଳା,
ତୁ ଯେ ମା'ଗୋ ଲାସ୍ୟମୟୀ
ଜନମ ମୋହର ହେଉ ମା' ସାର୍ଥକ
ସଦା ତୋ ଚରଣ ଧ୍ୟାୟୀ ।। ୧ ।।

Digitized by srujanika@gmail.com

ନଦୀ, ବନ, ଗିରିଝର,
ତଟିନିର କୁଳୁତାନ
ଲହରୀ ହୀରକ ହାରେ
ସାଗର ବନ୍ଦେ ଚରଣ
ଯାଉ ମା' ଜୀବନ ମୋର
ନିତ୍ୟ ତୋ ଚରଣ ଧ୍ୟାୟୀ ।। ୨ ।।

ସଙ୍ଗୀତ : ଜ୍ଞାନେନ୍ଦ୍ର ପାତ୍ର, କଣ୍ଠ : ସୁବାସ ଦାସ

* * *

ରିମିଝିମି, ରିମିଝିମି ଆସେ ବରଷା

ଚଳଚ୍ଚିତ୍ର : ଅନ୍ୟାୟ କେତେଦିନ, ଗୀତ : ୨

ରିମଝିମି, ରିମିଝିମି ଆସେ ବରଷା
ନ ହୁଅ ମିତଣିଲୋ, ତୁ ଲୋକହସା ।। ୦ ।।

ଆସେ ବରଷାରାଣୀ
କଳା ପଣତ ଟାଣି
ବିଜୁଳି ହସ ତାର
ନିଏ ଲୋ ମନ କିଣି
ବଉଳ ଲୋ ସଙ୍ଗାତ
ଆସ, ଆସ ଗୋ ମିତ
ଏମନ୍ତ କାଳେ ସଖୀ
ଅସ୍ଥିର ହୁଏ ଚିତ୍ତ
ନାହିଁ ତା' ପ୍ରାଣମିତ କି ମନ୍ଦ ଦଶା ।। ୧ ।।

ମେଘ ବରଷେ ସଖୀ
ନ ହୁଅ ନିରିମାଖି
ଚନ୍ଦ୍ରବଦନି ମୋର
ଆସିବ ପ୍ରାଣସାଥୀ
ଶୀତଳ ବାଆ ବହେ
ସଖୀ ଗୋ ମନ ମୋହେ
ଷୋଳ ସିଙ୍ଗାରେ ସଖୀ
ତା' ବେଶ ସଜା ।। ୨ ।।

ସଙ୍ଗୀତ : ଜ୍ଞାନେନ୍ଦ୍ର ପାତ୍ର, କଣ୍ଠ : ମମତା ସାହୁ ଓ ସାଥୀ

* * *

Digitized by srujanika@gmail.com

ସାଥୀ ମୋ ମନ ମାନେନା

ଚଳଚ୍ଚିତ୍ର : ଅନ୍ୟାୟ କେତେଦିନ, ଗୀତ : ୩

ସ୍ତ୍ରୀ - ସାଥୀ ମୋ ମନ ମାନେନା
ଏକା, ଏକା ଲାଗେ ତୁମ ବିନା
ତୁମ ପ୍ରେମେ ମୁଁ ହାରିଲି
ତୁମ ପ୍ରେମେ ମୁଁ ହଜିଲି
ରାଣ ଦେଇ କହ, ତୁମ ବିନା ବଞ୍ଚିପାରେନା
କାହିଁକି ମୁଁ ଜାଣେନା, ବୁଝେନା ॥ ୦ ॥

ପୁ - ମିଶିଗଲା ଯେଉଁଦିନ
ତୁମ ଆଖି ମୋ ଆଖିରେ
ଭୁଲିଗଲି ସବୁକିଛି
ମୁଁ ଏହି ଦୁନିଆରେ
ସ୍ତ୍ରୀ - ରାଣ ଖାଇ କହ ମୋତେ
କରୁନାହିଁ ତ ଛଳନା
ଜାଣିଛି ମୁଁ ସବୁ କିଛି ତୁମ ଭାବନା
କାହିଁକି ବୁଝେନା, ଜାଣେନା ॥ ୧ ॥

ସ୍ତ୍ରୀ - ସାଥୀ ତୁମେ ହେବ ମୋର
ମନର ମଣିଷ
ତୁମ ବିନା ଏ ଦୁନିଆ
ଲାଗେ ମୋତେ ଖାଲି ବିଷ
ପୁ - ଚାଲ ଆଜି ସବୁଭୁଲି
ହଜିଯିବା ସପନରେ
ଦୁନିଆର ଯେତେ ଦୁଃଖ, ଯେତେ ଯାତନା
କାହିଁକି ବୁଝେନା, ଜାଣେନା ॥ ୨ ॥

ସଙ୍ଗୀତ : ଜ୍ଞାନେନ୍ଦ୍ର ପାତ୍ର

* * *

Digitized by srujanika@gmail.com

ଉଠିଛି ଏ ଝଡ଼ ବାଆ

ଚଳଚ୍ଚିତ୍ର : ଅନ୍ୟାୟ କେତେଦିନ, ଗୀତ : ୪

ଉଠିଛି ଏ ଝଡ଼ ବାଆ
ମଝି ଦରିଆରେ
ଦଣ୍ଡଧରି ବାହା ନାଆ
ନାହିଁ ତୋ ସାହାରେ ॥ ୦ ॥

ଦଦରା ନାଆ ଯେ ତୋର
ନାହିଁ ତ ଭରସା
କେଉଁ ଦମ୍ଭେ ବାହୁଅଛୁଁ
ମନେ ରଖି ଆଶା ॥ ୧ ॥

ହୋଇଲାରେ ସଞ୍ଜବେଳ
ଦିନ ଯେ ସରିଲା
ମାଡ଼ି ଆସେ ଅନ୍ଧକାର
କୂଳ ନ ଦିଶିଲା ॥ ୨ ॥

ଯାଆରେ ବାହି ନାଆ
ତୋର ଠାକୁର ଭରସା
ପାରି ହେବୁ ଏ ଦରିଆ
ପୂରିବ ତୋ ଆଶା ॥ ୩ ॥

ସଙ୍ଗୀତ : ଜ୍ଞାନେନ୍ଦ୍ର ପାତ୍ର, କଣ୍ଠ : ସୁବାସ ଦାସ

* * *

ଜଗନ୍ନାଥ କଳା ଶ୍ରୀମୁଖ

ଚଳଚ୍ଚିତ୍ର : ଅନ୍ୟାୟ କେତେଦିନ, ଗୀତ : ୫

ଜଗନ୍ନାଥ କଳାଶ୍ରୀମୁଖ
ହେଲ କାହିଁ ପାଇଁ ବିମୁଖ ॥ ୦ ॥

Digitized by srujanika@gmail.com

ଡାକି, ଡାକି କଣ୍ଠ ଗଲା ଶୁଖି
କେତେ ଦିନ ହେ ଦେବ ଦୁଃଖ ।। ୧ ।।

ବୋଲାଉଛ ନାମ ପ୍ରଭୁ ଦୁଃଖହାରୀ
ବାରେ ନ ଶୁଣୁଛ ମୋ ଗୁହାରୀ
କେତେ କହିବି ମୁଁ, କେତେ ସହିବି ମୁଁ
ପତିତ ପାବନ ନାମ ରଖ
ଆଉ ନ ଦିଅ ହେ ମୋତେ ଦୁଃଖ ।। ୨ ।।

ଯିଏ ଯାହା କହୁ, ତୁମେ ମୋ ଠାକୁର
ଦିନ ରାତି ପୂଜେ ମୁଁ ପୟର
ଚକ୍ରଧାରୀ ନାଥ, ଆହେ ପୀତବାସ
କରୁଣା ସିନ୍ଧୁ ମୋ ଲାଜ ରଖ
ନ ହେଲେ ରହିବ କେଉଁଠେକ ।। ୩ ।।

ସଙ୍ଗୀତ : ଜ୍ଞାନେନ୍ଦ୍ର ପାତ୍ର

* * *

ଯା'ରେ ଉଡ଼ି, ଉଡ଼ିଯା

ଚଳଚ୍ଚିତ୍ର : ଅନ୍ୟାୟ କେତେଦିନ, ଗୀତ : ୬

ଯା'ରେ ଉଡ଼ି, ଉଡ଼ିଯା,
ମୋ ଚଢ଼େଇ ତୁ ଉଡ଼ିଯା
ନୀଳ ଆକାଶର
ଖୋଲା ପବନରେ
ଗାଇ, ଗାଇ ଉଡ଼ିଯା ।। ୦ ।।

କେଉଁ ସେ ରାଇଜରେ
ଯାଉଛୁ କହ ଆରେ
ଜାଣିଛୁ କି ତାହାରେ
ଥରେ ମୋତେ କହରେ
ବାରତା ମୋ ନେଇଯା ।। ୧ ।।

Digitized by srujanika@gmail.com

ଅବୁଝା ମନ ମୋର
କାହା ପାଇଁ ଅଧିର
ସିଏ କି ପ୍ରିୟ ମୋର
କହ ଠିକଣା ତା'ର
ଥରେ ମୋତେ କହିଯା ।। ୨ ।।

ସଙ୍ଗୀତ : ଜ୍ଞାନେନ୍ଦୁ ପାତ୍ର, କଣ୍ଠ : ମମତା ସାହୁ

* * *

ଖୋଲି କହ ଦେହ ଛୁଇଁ

ଚଳଚ୍ଚିତ୍ର : ଅନ୍ୟାୟ କେତେଦିନ, ଗୀତ : ୭

ପୁ - ଖୋଲି କହ ଦେହ ଛୁଇଁ
ଭଲ ପାଅ କି ନାହିଁ
ସ୍ତ୍ରୀ - ଜାଣନାକି ସାଥୀ ମୋର
ଭଲ ପାଏ ମୁହିଁ ।। ୦ ।।

ପୁ - ପ୍ରେମର ଏ ଦୁନିଆରେ
ମନ ମୋର ସବୁ ଭୁଲେ
ସ୍ତ୍ରୀ - ଖୋଲି କହ ସାଥୀ ମୋର
ନକର ଛଳନା
ଭୁଲିଗଲି ତୁମ ପାଇଁ ଏ ସାରା ଦୁନିଆଁ ।। ୧ ।।

ସ୍ତ୍ରୀ - ଡର ଲାଗେ କାହିଁ କହ
ଲାଗେ କିଆଁ ମୋତେ ଭୟ
ପାଖେ ମୁଁ ଥିଲେ ତୁମେ
କାହାକୁ ଡରନା
ତୁମ ପାଇଁ ସତ ସାଥୀ
ନୁହେଁ ଏ ଛଳନା ।। ୨ ।।

ସଙ୍ଗୀତ : ଜ୍ଞାନେନ୍ଦୁ ପାତ୍ର

* * *

Digitized by srujanika@gmail.com

ଗୁମାନ କାହିଁକି କରୁଛୁ ନାଗରୀ

ଚଳଚ୍ଚିତ୍ର : ଅନ୍ୟାୟ କେତେଦିନ, ଗୀତ : ୮

ପୁ - ଗୁମାନ କାହିଁକି କରୁଛୁ ନାଗରୀ
ଦୋଷ କିଛି ନାହିଁ ମୋର
ସବୁ କଥାରେ ତୁ ମୁହଁ ଶୁଖାଇଲେ
ଲାଗୁଛିରେ ଭାରି ଡର
ସ୍ତ୍ରୀ - ନିତି ଲାଗିଛିରେ ଖାଲି ପାଲା
କେତେ ବୁଝାଇବି କହଭଲା ।। ୦ ।।

ପୁ - ତୁ ବୁଝୁନୁ ଭଲା
ମୋ ଗଲା ମାଲା
ବୁଝାଇଲେ ତୋତେ
ନ ଶୁଣୁ ଭଲା
ସ୍ତ୍ରୀ - କହ କାହିଁକି ତୁ ମୋର କାଟୁଛୁ ଗଳା ।। ୧ ।।

ପୁ - କଥା ନଶୁଣି ଦୋଷ ଦଉଛୁ
ପର କଥାରେ ତୁ ଭାସିଯାଉଛୁ
ସ୍ତ୍ରୀ - ତୋ କଥାରେ ପଡ଼ି ସବୁ ସହିଲା ।। ୨ ।।

ସଙ୍ଗୀତ : ଜ୍ଞାନେନ୍ଦ୍ର ପାତ୍ର

* * *

କିଏ ତୁମେ କହ ସଖୀ

ଚଳଚ୍ଚିତ୍ର : ଅନ୍ୟାୟ କେତେଦିନ, ଗୀତ : ୯

ପୁ - କିଏ ତୁମେ କହ ସଖୀ
ଦେଖା ଦେଲ ଆସି ଜୀବନେ ମୋହର
ସ୍ତ୍ରୀ - ଜାଣ ନା' କି ପ୍ରିୟ ତୁମେ
ତୁମ ପାଇଁ ନିତି ଜାଳେ ମୁଁ ଜାଗର ।। ୦ ।।

Digitized by srujanika@gmail.com

ପୁ - ସତ କହ ଖୋଲି ସଖୀ
ଗଢ଼ିବା ମିଶି
ଉଭୟେ - ସୁନାସଂସାର ।। ୧ ।।

ସ୍ତ୍ରୀ - ପ୍ରେମ ପକ୍ଷୀ ଆମେ ଦୁହେଁ
ଏଇ ଦୁନିଆରେ
ତୁମ ବିନା କେହି ନାହିଁ
ମୋର ଜୀବନରେ
ପୁ - ଆକାଶର ନୀଳିମାରେ ଆସ ହଜିଯିବା
କୁନି କୁନି ତାରା ମେଳେ ଆସ ଲୁଚି ଯିବା ।
କିଏ କରିବ କହ ଆମକୁ ପର
ଉଭୟେ - ଗଢ଼ିଯିବା ଆସ ସାଥୀ
ପ୍ରେମର ମନ୍ଦିର ।। ୨ ।।

ସଙ୍ଗୀତ : ଜ୍ଞାନେନ୍ଦ୍ର ପାତ୍ର

* * *

ସୁନା ଗୋରୀ ଆଲୋ ଚମ୍ପକବରଣି

ଚଳଚ୍ଚିତ୍ର : ଅନ୍ଧଦୁନିଆ, ଗୀତ : ୧

ପୁ - ସୁନାଗୋରୀ ଆଲୋ ଚମ୍ପକବରଣି
ଚନ୍ଦ୍ରବଦନି ମୋର
ତୋତେ ଦେଖିଦେଲେ, ମରି ମୁଁ ଯାଉଛି
କହ ହବୁକି ନ ହେବୁ ମୋର ଲୋ

ସ୍ତ୍ରୀ - ଆରେ ଯା'ରେ, ଯା, ପଟାନା ଆଉ ନାଗର
ଆରେ, ଯାରେ, ଯାରେ, ଯା, ଜାଣିଛି ମୁଁ କଥା ତୋର ।

ପୁ - କହିବୁ ଯଦିଲୋ ତତେ ମୁଁ ନାଗରୀ
ସହର ବୁଲାଇ ନେବି
ଚଉକିରେ ବସି ହୋଟେଲେ ଖାଇବୁ
ସିନିମା ଦେଖେଇ ନେବି

Digitized by srujanika@gmail.com

ସ୍ତ୍ରୀ - ଲୋଡ଼ା ନାହିଁ ମୋର ସହର ଦେଖାରେ
ସିନିମା ମୁଁ ଜାଣେ ନାହିଁ
ପୁନେଇ ରାତିର ଚାନ୍ଦିନୀର ତଳେ
ନାଚୁଥିବି ଥେଇ, ଥେଇ ।

ପୁ - ନାଲି ପାଟ ଶାଢ଼ୀ କିଣେଇ ଦେବି
ବେକକୁ ସୁନାର ହାର ।

ସ୍ତ୍ରୀ - ଯାରେ ଯା, ଯାରେ ଯା
ଜାଣିଛି ମୁଁ କଥା ତୋର
ଯା'ରେ, ଯା, ପଟାନା ଆଉ ନାଗର

ପୁ - ତୋ ରୂପକୁ ଦେଖି ମନ ଛନ ଛନ
ପୀରତି ନିଶା, ଗୋ ମୋର
ଛାତି ଧକ, ଧକ, ମନ ସକ ସକ
ମାନି ଯା'ରେ କଥା ମୋର

ସ୍ତ୍ରୀ- ଛଟକ ଦେଖାଇ ଦେଲେ ତୁ ଭୁଲାଇ
ଶୁଣିବିକି କଥା ତୋର
ଜାଣିଛି ସବୁରେ ମୁଁ ଯେ ତୋର କଥା
ଦୂରୁ କରୁଛି ଜୁହାର ।

ପୁ - ସତ କହୁଛୁ ତୁ ମୋଠାରେ ନାଗରୀ
ନାହିଁ କିଲୋ ମନ ତୋର

ସ୍ତ୍ରୀ - ଯା'ରେ, ଯା, ଜାଣିଛି ମୁଁ କଥା ତୋର
ଯାରେ, ଯା, ପଟାନା ଆଉ ନାଗର ।

ସଙ୍ଗୀତ : ବାସୁଦେବ ରଥ, କଣ୍ଠ : ଶ୍ରୀକାନ୍ତ ଦାସ ଓ ମମତା ସାହୁ

* * *

Digitized by srujanika@gmail.com

ଏତେ ଭଲ ପାଉଛ କିଆଁ ମୋତେ

ଚଳଚ୍ଚିତ୍ର : ଅନ୍ଧଦୁନିଆ, ଗୀତ : ୨

ସ୍ତ୍ରୀ - ଏତେ ଭଲପାଉଛ କିଆଁ ମୋତେ
କ'ଣ ଅଛି ମୋ ପାଖେ
ଡର ଲାଗୁଛି କାଳେ ଭୁଲି ଯିବ କି ?

ପୁ - ସବୁ ଖୁସୀ ଯେ ତୁମେ ମୋର
ଚାନ୍ଦ ତୁମେ ମୋ ଆକାଶର
ରାଣ ଖାଉଛି ତୁମେ ବଢ଼ିଆ ଗୋଟେ

ସ୍ତ୍ରୀ - ପାଇ ତୁମକୁ ଆଜି ମୁଁ ସବୁ ଭୁଲିଲି
ତୁମ ପ୍ରେମରେ ଆଜି ମୁଁ ହଜିଲି

ପୁ - ତୁମେ ଦେଇଛ ଯେ ଯେତେ ମୋତେ ସେନେହ
ଭୁଲିପାରିବି ନାହିଁ ମୁଁ ସତ କହୁଛି ।

ସ୍ତ୍ରୀ - ମନମନ୍ଦିରରେ ତୁମେ ଦେବତା ମୋର
ପୂଜେ ଦିନରାତି ମୁଁ ଯେ ସେହି ଠାକୁର

ପୁ - ଧନ୍ୟ ହୋଇଛି ସତେ ମୁଁ ତୁମକୁ ପାଇ
ତୁମ ବିନା ଟିକେ ହେଲେ ପାରେ ନି ରହି

ସ୍ତ୍ରୀ - ଏତେ ଭଲପାଉଛ କିଆଁ ମୋତେ
କ'ଣ ଅଛି ମୋ ପାଖେ ।

ସଙ୍ଗୀତ : ବାସୁଦେବ ରଥ

* * *

Digitized by srujanika@gmail.com

ଦୁନିଆରେ କେହି

ଚଳଚ୍ଚିତ୍ର : ଅନ୍ଧଦୁନିଆ, ଗୀତ : ୩

ଦୁନିଆରେ କେହି
କାହାରି ନୁହେଁ ଭାଇ
କାମ ସରିଗଲେ ପଚାରେ ନାହିଁ ।। ୦ ।।

କରତୁ ଭଲକାମ
ହୋଇବ ତୋର ନାମ
ସବୁକୁ ତୁହି ଆପଣା ଭାବି
ସେନେହ ବାଣ୍ଟିଯା
କାହାକୁ ଯଦି ଦୁଃଖ ତୁ ଦେଉ
ଭୋଗିବୁ ଫଳ ତାର
ଏହି ଜନମେ ଭୋଗିବୁ ନିଶ୍ଚେ
ସେହି କରମ ଫଳ
ଏଇ କଥାକୁ ମନରେ ବାବୁ
ରଖିଥା ସଦା ତୁହି ।। ୧ ।।

ଦୁଇଦିନର ଖେଳ
ଏଇ ତୋର ସଂସାର
ପାପ, ପୁଣ୍ୟର ତଉଲ ଏଠି
ଏକଥା ଜାଣିଥା
ମାୟା ସଂସାର ଜାଣିକି ତୁହି
ନିଜର ସ୍ୱାର୍ଥ ପାଇଁ
କରୁଛୁ ଯେତେ ଅକର୍ମ ମାନ
ଅମଣିଷ ତୁ ହୋଇ
ଆରେ ପାଗଳା, ନ ଜାଣୁ ଭଲା
କରି କରାଏ ସେହି ।। ୨ ।।

ସଙ୍ଗୀତ : ବାସୁଦେବ ରଥ, କଣ୍ଠ : ବାଦଲ୍ ଆଚାର୍ଯ୍ୟ

* * *

Digitized by srujanika@gmail.com

କାନ୍ଦନା, ଧନ ମୋର ଆଉ

ଚଳଚ୍ଚିତ୍ର : ଫୁଲକାହାର, ଗୀତ : ୧

କାନ୍ଦନା,
ଧନ ମୋର ଆଉ କାନ୍ଦନା
ଅଭାଗିନୀ ମା' ତୋର
କାନ୍ଦୁଛିରେ ଦିନରାତି
ଦୁଃଖ ତା'ର କେହି ବୁଝେନା ।। ୦ ।।

ଚାହିଁ, ଚାହିଁ ରାତି ମୋର
ପାହିଯାଉଛିରେ ଧନ
କାହାକୁ କହିବି କହ
ଛାତିରୁ ଉଠେ ମୋ କୋହ
କେ ବୁଝିବ, ଅନ୍ତରର ଦୁଃଖ ବେଦନା ।। ୧ ।।

ତୁହି ଯେବେ ବଡ଼ ହେବୁ
ମୋ ଦୁଃଖ ତ ଯିବ ସରି
ସେଦିନ ଆସିବ କେବେ
ଚାହିଁଛି ତାକୁ ମୁଁ ଝୁରି
କହ ବାବୁ, ସେ କି ମୋର
ମନ ଜାଣେନା ।। ୨ ।।

ସଙ୍ଗୀତ : ବାସୁଦେବ ରଥ, କଣ୍ଠ : ଲତା ଘୋଷ

* * *

ମାଗୋ, ଏତିକି ଭକତ ଅଳି

ଚଳଚ୍ଚିତ୍ର : ଫୁଲକାହାର, ଗୀତ : ୩

ମା' ଗୋ, ଏତିକି ଭକତ ଅଳି
ଭବପାରାବାର ଅଥଳ ଜଳରେ
ତୁହି ହୁଅ ମା' ନାଉରୀ ।। ୦ ।।

ଏ ଘୋର ସଂସାର
ଖାଲି ହାହାକାର

Digitized by srujanika@gmail.com

ସୁଖ ଏଠି କିଛି ନାହିଁ
ଜୀବନଟା ଖାଲି ଏଠି ମରୁବାଲି
ବହୁଛି ଦୁଃଖର ନଈ
ସଙ୍କଟ ତାରିଣୀ ଅଭୟଦାୟିନୀ
ମାଆ ହୁଅ ସାହା ତାରି
ଏତିକି ଭକତ ଅଳି ॥ ୧ ॥

ତୋତେ, ଡାକି, ଡାକି ଶୁଖିଲାଣି ତଣ୍ଟି
ଡାକ ତା'ର ମା' ଶୁଣ
ତୋର ବିନା କିଏ ଅଛି ମାତ ତାର
ଅନ୍ୟଗତି ନାହିଁ ଜାଣ
ମା' ପରା ତୁହି ସନ୍ତାନର ଦୁଃଖ
ନେବ କିଏ ଆଉ ହରି
ଏତିକି ଭକତ ଅଳି ॥ ୨ ॥

ସଙ୍ଗୀତ : ବାସୁଦେବ ରଥ

* * *

ଶୁଣ, ଶୁଣ ଗୁହାରୀ ମୋ

ଚଳଚ୍ଚିତ୍ର : ଭୁଲକାହାର, ଗୀତ : ୪

ଶୁଣ, ଶୁଣ, ଗୁହାରୀ ମୋ
ହେ ବନମାଳି
ସାହା ହୁଅ ପ୍ରଭୁ ମୋର
କୁଞ୍ଜ ବିହାରୀ ॥ ୦ ॥

ଜୟ ଜୟ ଘନଶ୍ୟାମ, ଜୟ ରାଧାଶ୍ୟାମ
ତୁମ ନାମ ଜପି ଜପି
ଦୁଃଖ ହୁଏ ଦୂର
ତୁମ ବିନା ନାହିଁ କେହି
ହେ ମୋର ଠାକୁର
ଆହେ କୃପାମୟ, ତୁମେ ଦୟାମୟ
ତୁମେ ପରା ଦୁଃଖହାରୀ ॥ ୧ ॥

Digitized by srujanika@gmail.com

ଗଜ ଡାକ ଶୁଣି ପ୍ରଭୁ
ଚକ୍ର ପେଷିଥିଲ
କୁରୁ ସଭାରେ ପାଞ୍ଚାଳି
ଲଜ୍ଜା ନିବାରିଲ
ପ୍ରଭୁ ହେ ....
ଆହେ ନୀଳମଣି ତୁମ ନାମ ଗୁଣି
ଯାଉ ମୋର ଦିନ ସରି ।। ୨ ।।
ଜୟ ଜୟ ଘନଶ୍ୟାମ, ଜୟ ରାଧାଶ୍ୟାମ ।।

ସଙ୍ଗୀତ : ବାସୁଦେବ ରଥ

* * *

ମାତ ଜଗତ ଜନନୀ

ମାତ ଜଗତ ଜନନୀ
ତୁହି ପରା ଅଟୁ ମହିଷାମର୍ଦ୍ଦିନୀ
ଦୁଷ୍ଟ ବିନାଶି ସନ୍ଥ ମନ ତୋଷି
ତୁ ପରା ସିଂହବାହିନୀ
ମାଗୋ ଜଗତ ଜନନୀ ।। ୦ ।।

ଏ ସାରା ସଂସାର
ଆଜି ଛାରଖାର
ରାମ ନାମେ ଆଜି ରାଜ୍ୟ ରାବଣର
ଅନୀତି ଏଠାରେ ସୁନିତୀ ସାଜିଛି
ସତ୍ୟର ଆଜି ମୃତ୍ୟୁ ହୋଇଅଛି
ତ୍ରାହି, ତ୍ରାହି, ଡାକ ଶୁଭୁନିକି ମା' ତୋତେ
ରଖ ଭକ୍ତେ ଠାକୁରାଣୀ ।।

ସଙ୍ଗୀତ : ବାସୁଦେବ ରଥ

* * *

ତୁହି ମୋ ଧନ ମୋ ଗଳାହାର

ଚଳଚ୍ଚିତ୍ର : ଅଗ୍ନିଶିଖା, ଗୀତ : ୧

ଯୁଯୁ, ଯୁଯୁ, ଯୁ, ଯୁ, ଯୁ,
ତୁହି ମୋ ଧନ ମୋ ଗଳାହାର
ରଙ୍ଗରତନ ତୁ ମୋ ଜୀବନ
ତୋ ଲାଗି ଏ ସଂସାର ।। ୦ ।।

Digitized by srujanika@gmail.com

ଯୁ, ଯୁ, ଯୁ, ଯୁ, ଯୁ -
ଶୋଇଯା ମୋ ଧନ
ଜହ୍ନ ଦେଖ ଶୋଇଲାଣି
ଆକାଶେ ଆନନ୍ଦେ
ପରୀ ଗୀତ ଗାଇଲାଣି
କାନ୍ଦନା, କାନ୍ଦନା ଏ ବେଳେ ତୁ ଆଉ
ତୁ ଫଳ, କୋଟି ପୁଣ୍ୟର ।। ୧ ।।

ଦେଖରେ ମୋ ସୁନା
ସୁଲୁ, ସୁଲୁ ବହେ ବାଆ
ଗାଉଛି ତୋ ପାଇଁ
ମନ ସୁଖେ ତୋର ମାଆ
ତୁହି ବଡ଼ ହେବୁ, ମା' ଦୁଃଖ ନେବୁ
ହସିବ ସଂସାର ତା'ର ।। ୨ ।।

ସଙ୍ଗୀତ : ମହମ୍ମଦ ମୁସୀର

* * *

ସାଥୀ ମୋର କହିଦିଅ

ଚଳଚ୍ଚିତ୍ର : ଅଗ୍ନିଶିଖା, ଗୀତ : ୨

ସ୍ତ୍ରୀ - ସାଥୀ ମୋର କହିଦିଅ
ଭଲ ପାଇବାରେ, ପ୍ରେମେ ହଜିବାର
ମଜା କ'ଣ ଜାଣି ନାହିଁ
ପଚାରୁଛି ଖାଲି
କେତେ ଦିନ ଆଉ
ସତ କଥା ଖୋଲି କହ ।। ୦ ।।

ପୁ - ଜାଣନା କି ସାଥୀ ମୋର
ଭଲ ପାଇବାର ନୁହେଁ ବେଳ
ଜୀବନଟା ଏଠି ଖାଲି ମରୁବାଲି ଖାଲି ହାହାକାର
ତୁମେ ଗୋ ଜାଣ ନାହିଁ, ପ୍ରେମ ଏଠି ପ୍ରଳୟ ।। ୧ ।।

ସ୍ତ୍ରୀ - ଦିଗହରା ନାବିକ ମୁଁ
ତୁମେଇ ଗୋ ମୋର ଧ୍ରୁବତାରା

Digitized by srujanika@gmail.com

ତୁମ ବିନା ଏ ଜୀବନ
ଜାଣେ ପ୍ରିୟ ଦୁଃଖେ ଭରା
ତୁମରି ସାଥେ ସାଥେ
ଲଭିବି ମୁଁ ବିଲୟ ।। ୨ ।।

ସଙ୍ଗୀତ : ମହମ୍ମଦ ମୁସୀର

* * *

କାହିଁଗଲା ଶ୍ୟାମଘନ

ଚଳଚ୍ଚିତ୍ର : ଅଗ୍ନିଶିଖା, ଗୀତ : ୩

କାହିଁଗଲା ଶ୍ୟାମଘନ
କହରେ ଯମୁନା
ପାଗଳିନୀ ହେଲି ଆଜି
ମୁଁ ଯେ ଶ୍ୟାମ ବିନା ।। ୦ ।।

ବାରମାସେ ବାର ଫୁଲ
ଭୋଦୁଅରେ କିଆ
କେଉଁ ଦେଶେ ଗଲାବନ୍ଧୁ
ଏକା କରି ପ୍ରିୟା
ଯେତେ ବୁଝାଇଲେ ମନ
କାହିଁରେ ବୁଝେନା
ଭାବ ବିନୋଦିଆ ମୋର
ଘେନିଲାନି ଘେନା ।। ୧ ।।

ଚଇତେ ଫୁଟିଲା ମଲ୍ଲି
ମହକିଲା ହିଆ
ପର କରି ଗଲା ମୋତେ
ସେ ବାଙ୍କ ଚୂଳିଆ
ରାଧା କହେ ବିଶାଖା ଗୋ
ହେଲା ସେ ବିମନା
ଭାବ ବିନୋଦିଆ ମୋର
ଘେନିଲାନି ଘେନା ।। ୨ ।।

ସଙ୍ଗୀତ : ମହମ୍ମଦ ମୁସୀର

* * *

Digitized by srujanika@gmail.com

କବିତା

Digitized by srujanika@gmail.com

Digitized by srujanika@gmail.com

ଉଦ୍‌ବୋଧନୀ

ଅତୀତକୁ ଚାହିଁ ହେ ବୀର ସନ୍ତାନ
ତୁହିଥିଲୁ ଦିନେ ବିଶ୍ୱେ ମହୀୟାନ
ଆଜି ଏହି ଦଶା, କାହିଁକି ଦୁର୍ଦ୍ଦଶା
କେତେଦିନ ଆଉ ହେବୁ ଲୋକହସା
ମୁଞ୍ଚ ଅବସାଦ ଜାଗରେ ଦୁର୍ମଦ
ତୁହି କାଳଜୟୀ ତୁହିରେ ମହାନ
ହଜିଛି ଅତୀତ ଗୌରବର ଗାଥା
ତଥାପି ତୁ ବଳୀୟାନ ।।

ନାଚିଲା ବୋଇତ ସମୁଦ୍ର ଲହରେ
ଜୈତ୍ର ଗୀତି ଶୁଭେ ଜାଭା ସୁମାତ୍ରାରେ
କୋଣାର୍କର ଶିରୀ ଆଜି ହତଶିରୀ
ଓଡ଼ିଆ ବୀରର ଗୌରବର ଗାଥା
ଧଉଳିରେ ବିଦ୍ୟମାନ ।।।

ଗଙ୍ଗାଠାରୁ ଗୋଦାବରୀ ଥିଲା ତୋରି
କଳିଙ୍ଗ ରାଜଜ କିଏ ଦେଲା ଚୁରି
ବିକଳାଙ୍ଗ ହୋଇ ରହିଥିବୁ ଆଉ
କହ, କହ କେତେଦିନ ।।

ନିଜ ଭାଷା ଭୁଲି ଅନ୍ୟଭାଷା କହୁ
ତୋର ଜିଭ ଆଜି କାଟିଦେଲା କେହୁ
ହେ ବୀର ସନ୍ତାନ ହୁଅ ବଳୀୟାନ
ନିଅ ଆଜିରେ ତୁ ବଜ୍ର ଶପଥ
ଫେରିଆସୁ ତୋ ସମ୍ମାନ ।।।।

* * *

Digitized by srujanika@gmail.com

ସ୍ମୃତିଚାରଣ

(ଉତ୍କଳଦିବସ ସୁବର୍ଣ୍ଣଜୟନ୍ତୀ ଉପଲକ୍ଷେ)

ପଚାଶବରଷ ଆଜିରେ ପୁରିଛି
କି ଥିଲା ଏ ଦେଶ କି ହୋଇଛି ଆଜି
ଚାହାଁ ଅତୀତକୁ ହେ ବୀର ଓଡ଼ିଆ
ଯଶ, ପୌରଷ ସବୁରେ ବଢ଼ିଆ
ଦିନେ ଥିଲା ଏ ଉତ୍କଳ
କାହିଁକି ଏ ଦଶା ହେଜ ତୁହି ମନେ
କହ କିଆଁ ହେଲୁ ହୀନବଳ ।। ୧ ।।

ବାଲକ ଧରମା ଯା' କୀର୍ତ୍ତି ନିଶାଣ
ବିଜ୍ଞାନର ଯିଏ କରେ ଜୟଗାନ
ଜାଭା, ସୁମାତ୍ରାରେ
ସିଂହଳ ଦ୍ୱୀପରେ
ଉତ୍କଳ ସଂସ୍କୃତି ଏବେ ବିଦ୍ୟମାନ ।। ୨ ।।

ନାଚୁଛି ବହିତ୍ର ସମୁଦ୍ର ବକ୍ଷରେ
କାର୍ତ୍ତିକ ପୁନେଇ ଦିନମନେ ପଡ଼େ
ସାଧବ ପୁଅର କଥା
ତଅପୋଇ କାନ୍ଦେ, କାହିଁଗଲେ ଭାଇ
ଲାଜେ ନଇଁ ଯାଏ ମଥା
ଭଞ୍ଜ, ଶୁଦ୍ରମୁନି, ଯେ ଦେଶ ସନ୍ତାନ
ଯେଉଁମାନେ କଲେ ଦେଶ ଜୟଗାନ
ଯା' ଦେବତା ଜଗନ୍ନାଥ
କଳା, ଧଳା ଘୋଡ଼ା ଚଢ଼ି ଦୁଇଭାଇ
ରଖିଲେ ଯେ ଦେଶ ଟେକ ।। ୩ ।।

ବିଜୟ ବାହୁଡ଼ା ଡାକେ ସୀମାଞ୍ଚଳେ
କଳିଙ୍ଗପାଟଣା ବିଜୟନଗରେ
ଉତ୍କଳ ଜନନୀ ଛିନ୍ନମସ୍ତା ହେଲା

Digitized by srujanika@gmail.com

ଗୋଦାବରୀ ଗଲା, ଗଙ୍ଗା ବି ତ ଗଲା
ଶୁଣ ଥରେ ମା' ଡାକ
ନିଜ ସ୍ୱାର୍ଥ ଭୁଲି ମା' କଥା ଭାବ
ରଖ ତୁମେ ମାଆ ଟେକ ।। ୪ ।।

କର୍ପୂର ଉଡ଼ିଛି
କନା ପଡ଼ିଅଛି
ସବୁ ଗଉରବ ବିଲୟ ଲଭିଛି
ମୁଠେ ମିଳୁନାହିଁ ଦାନା
ଭାତ ମୁଠେ ପାଇଁ ପିଲାକୁ ବିକିଲା
ଏ ଦେଶର ବୀରାଙ୍ଗନା
ଆରେ ଦୁର୍ବାର ଜାତି
ହେଜି ପୂର୍ବବଳ ନହୁଅ ଦୁର୍ବଳ
ଫେରାଅ ଏ ଜାତି କୀର୍ତ୍ତି ।। ୫ ।।

* * *

Digitized by srujanika@gmail.com

ଜୀବନ ଫୁଲ

ଏଇ ଦୁନିଆର ଫୁଲ କାନନରେ
ଫୁଟିଲୁ କିଆଁ ତୁ କହ
ମୋ ଜୀବନ ଫୁଲ
ଅଲୋଡ଼ା, ଅଖୋଜା ହେଲୁ
ତୋରି ପାଇଁ ନଥିଲା ତ
କାହାରି ଆଦର ।।
ଦେବତା ଚରଣେ ନ ଅର୍ପିଲା କେହି
ସବୁରି ନିକଟେ ହେଲୁ ହତାଦର
ଏଇ ଭଳି କେତେ ଫୁଲ
ଏଇ କାନନରେ ଝଡ଼ି ପଡୁଅଛି
ସୁବାସ ବିହୀନ ହୋଇ
କେତେ ଅବା ହୋଇ ସୁବାସିତ
ସେମାନଙ୍କୁ କିଏ ପଚାରୁଛି !!
ଗୋଲାପ, ମଲ୍ଲିକା, ଜୁଇ
ମାଳତି ବକୁଳ
ନିଜ ଗୁଣେ ସୁବାସିତ କରେ
ବନ୍ୟ ପରିବେଶ
ଆଉ କେତେ ନିର୍ଗନ୍ଧ ପଲାଶ
ରୂପର ବିପଣି ମେଲି ବଢ଼ାଇ ଦେଖାଏ
ଅନ୍ୟ କରେ ଖାଲି ପରିହାସ ।।
କିନ୍ତୁ ମୋ ଜୀବନ ଫୁଲ
ରୂପ, ଗନ୍ଧ ହୋଇଲୁ ବିହୀନ
ହତାଦର, ଅନାଦର ତୋ କପାଳେ ଲେଖା
ନ ପାଇଲା କେହି ଅର୍ପି ଦେବତା ଚରଣେ
ଝଡ଼ିଯିବୁ ଆସିଗଲା ବେଳ
ତେବେ କିଆଁ ଜନମିଲୁ କହ
ଅଗଣିତ ଫୁଲ ପରି
ଯଦି ତୁହି ନ ହୋଇଲୁ ବନ୍ଦ୍ୟ ।।

* * *

Digitized by srujanika@gmail.com

ବିପ୍ଳବର କବି

ବିପ୍ଳବ ଯାଇଛି ହଜି,
କେଉଁ ଏକ ଦୂର ବନାନୀରେ
'ଇନ୍‌କିଲାବ୍' ଧ୍ୱନି ଆଉ
ଶୁଭୁନାହିଁ ସର୍ବହରା ମୁଖେ
ପଟୁଆର, ସତ୍ୟାଗ୍ରହ, ଘେରାଉ, ଧାରଣା
ସବୁ ଆଜି ହେଲେ ବାଟବଣା
ଆଉ ଏକ ଚାଲିଛି ବିପ୍ଳବ
ପୃଥିବୀର ଜନ ଗହଳିରେ
ପିସ୍ତଲର ଗୁଳି ଆଉ ବୋମା ଗର୍ଜନରେ
ମଣିଷ ମରୁଛି ନିତି ଶହ, ଶହ
ରଡ଼ି ନାହିଁ, ନାହିଁ ବା ଚିତ୍କାର
ଆଖି ଲୁହ ଆଉ ବୁକୁ ଫଟାକୋହ
ଆତଙ୍କବାଦର ନାମେ
ଯେଉଁମାନେ ବିପ୍ଳବ କରନ୍ତି
ସେ ବିପ୍ଳବ ଅର୍ଥହୀନ
ଧର୍ମ ନାମେ ମଣିଷ ମାରଣ
ଏହା ପୁଣି କ୍ରାନ୍ତି ?
ପ୍ରତିହିଂସା ପାଇଁ ମଣିଷ ରକ୍ତରେ
ହୋଲି ଖେଳୁଥାନ୍ତି ।

ମଣିଷ ମରୁଛି ଅନାହାରେ
ଇଥୋପିଆ, ସୁଦାନ ଓ ଜାମ୍ବିଆ ରାଜ୍ୟରେ
ଆଉ ଆମ ଦେଶେ ମଧ ମଣିଷ ମରୁଛି
ନରସିଂହ ସାଜି ଏ ଶାସକ ଗୋଷ୍ଠୀ
ମଣିଷର ରକ୍ତ ପିଉ ଅଛି
ସେଥିପାଇଁ କିଛି ଚିନ୍ତା ନାହିଁ
ଜନ୍ମିଲେ ମଣିଷ ଦିନେ ନିଶ୍ଚୟ ମରଇ
ଯେ କବିତା କରେ ବିପ୍ଳବର ଗାନ
ଯାହା ଯୋଗୁଁ ସମ୍ଭବିଲା
ଋଷ ଦେଶେ ବିପ୍ଳବ ମହାନ

Digitized by srujanika@gmail.com

ସେ କବିତା ଗଲା ଆଜି ହଜି
ସେ କବି ତ ମରି ଯାଇଅଛି ।

ଦରଦାମ ଆକାଶ ଛୁଇଁଲା
ଯଉତୁକ ଯୁଗରେ ନବବଧୂ
କିରାସିନି ଢାଳି ଦେହକୁ ଜାଳିଲା ।
ସବୁ ଖାଲି ସ୍ୱାର୍ଥ
ଯାହା ପାଇଁ ଆଜି ଘଟୁଛି ଅନର୍ଥ
ମଣିଷ ଛାଡ଼ୁଛି ରଡ଼ି
ଚାରିଆଡ଼େ ଖାଲି ହାହାକାର
ବିପ୍ଳବ ଶୋଇଛି ଆଜି ଅଳସ ଶେଯରେ
ନ ଶୁଭୁଛି ତାହାରି ଚିତ୍କାର
କବି ଆଉ ଲେଖୁନି କବିତା
ସେହି ବିପ୍ଳବର
କାଲି ତା' ଗଲାଣି ସଂ.
କଲମଟା ପଡ଼ି ରହିଅଛି
ଯେ କବିର କବିତା,
ଜଗତକୁ ଦେଉଥିଲା ଦିଗ୍‌ଦର୍ଶନ
ସେ କବି କରିଛି ଆଜି
ନିଶ୍ଚିନ୍ତରେ ଅନନ୍ତ ଶୟନ ।

* * *

Digitized by srujanika@gmail.com

ମେଘ ଓ ତନ୍ୱୀ

ଶ୍ରାବଣର ଆକାଶରୁ
ଝରିପଡ଼େ ବର୍ଷା
ଯେପରି ଆକାଶଟା
ସତେ ବା କାନ୍ଦୁଛି ।
ସେ ଲୁହର ନାହିଁ ତ ବିରାମ
ଆଖି କୋଣେ ତାର,
କେଉଁଠି ସେ ଲୁହ ଗୁଡ଼ା
ସାଇତି ରଖିଛି ।

ଆକାଶଟା କାହିଁକି କାନ୍ଦିଲା
କିଏ ତା'ର ଦେବ ବା ଉତ୍ତର
ବୈଶାଖରେ ଆକାଶଟା
ଖାଲି ହସୁଥିଲା
ଖିଲି, ଖିଲି, ହୋଇ
ଶ୍ରାବଣରେ ତାହା ହୋଇଲା ଗମ୍ଭୀର
ତା'ପରେ କଲା ସେ ଚିତ୍କାର
ଘଡ଼ ଘଡ଼ି ଶବ୍ଦେ
ଆକାଶଟା ହେଲା ଥରହର,
ତା'ପରେ ବର୍ଷଣ
ବର୍ଷଣର ନାହିଁ ତ ବିରାମ
ଆକାଶଟା କାନ୍ଦୁଅଛି କାହାପାଇଁ
ତା'ର ପ୍ରିୟା ପାଇଁ ?
XXX XXX XXX
କାନ୍ଦୁଥିଲା ଏକ ବିରହିଣୀ
ମେଘକୁ ଚାହୁଁନି
ଅଭିଶାପ ଗ୍ରସ୍ତ ଯକ୍ଷ
ଦେଇଥିଲା ମେଘହାତେ
ବାର୍ତ୍ତା ତା'ର ପ୍ରିୟା ପାଶେ
କିନ୍ତୁ ବାତାୟନ କକ୍ଷ ଦେଇ

Digitized by srujanika@gmail.com

ମେଘକୁ ବାହୁନି
କାହୁଛି ଯେ ତନ୍ୱୀ
କି ବାରତା ଏଇ ମେଘ ଦେବ
ପରଦେଶୀ ପ୍ରିୟାରେ ତାହାର
ମେଘ କାନ୍ଦେ ଶ୍ରାବଣ ବର୍ଷାରେ
ଲୁହକୁ ଗଡ଼ାଇ
ସେ କ'ଣ କାହୁଛି ତା'ର ପ୍ରିୟା ପାଇଁ ??
ଦୁହେଁ ଆଜି ବିରହ ବିଧୁରା
ମେଘ, ଆଉ ତନ୍ୱୀ
କିଏ ବାର୍ତ୍ତା କାହା ହାତେ ଦେବ
ଉଭୟେ ତ ଦୁଃଖୀ
ବୁଝିବାକୁ ନାହିଁ କିଏ କାହା ଭାଷା
ଯାଉଥାନ୍ତୁ ଉଭୟେ ବରଷି ।

* * *

ନିରାଶା

କବିତା ମୁଁ ଲେଖେ
କାହିଁକି ଯେ ଲେଖେ
ତାହା ମୁଁ ଜାଣେନା
ମୋ କବିତାର ଅର୍ଥ
ମୁଁ ବୁଝି ପାରେନା ।
ଲେଖେ ଆଉ, ଚିରେ
ଗଦା ହୁଏ ଖାଲି
କାଗଜର ସ୍ତୂପ
ତଥାପି ମନରେ ଆଶା
ହେବ ମୋ କବିତା
ଦିନେ ଜଗତ ଜିତା ।
ଲେଖିଲିଣି ପ୍ରେମ, ବିରହର
ଅନେକ କବିତା
ତେଲ, ଲୁଣ ସଂସାରର

Digitized by srujanika@gmail.com

ସେ ଯେଉଁ କବିତା
ଲାଗିଲାଣି ପିତା !!
ସର୍ବହରା ମଣିଷର କରୁଣ ଚିତ୍କାର
ପୁଞ୍ଜିପତି ଶୋଷକର ଯେତେ ଅତ୍ୟାଚାର
ମନକୁ ପାଏନା କିଛି
ଏ ଛାତିକୁ ମୋ କବିତା
ଦେବ ଅବା କେଉଁ ଚେତାବନୀ
ବୁଝି ମୁଁ ପାରେନି ।
ଲେଖି କିଆଁ ଚିରି ଫିଙ୍ଗୁଥିବି
ପୋତି ଯାଉ କବି ହବା ଆଶା
ନ ଆସୁ ମନକୁ କେବେ
କବି ହବା ନିଷ୍ଠୁର ନିରାଶା ।

* * *

ହସ, କାନ୍ଦ

ଗେଣ୍ଡାଳିଆ ଉଡ଼ିଗଲା
ଝାଡ଼ିଦେଲା ପର
ରାଜଜେମା କାନ୍ଦୁଅଛି
ଦେଖି ବୁଢ଼ାବର
ରାଜଜେମା, କାହିଁକି କାନ୍ଦିଲା
ମନେଉଠେ କେତେ ପ୍ରଶ୍ନବାଚୀ
ରାଜାପୁଅ ସବୁ, କଲେ କ'ଣ ଆତ୍ମହତ୍ୟା ।
ତାକୁ କିଏ କରିବ ସମୀକ୍ଷା ??
ଗେଣ୍ଡାଳିଆ ଉଡ଼ିଯାଏ, ଉଡ଼ିବାଟା ତାହାର ଧରମ
ରାଜା ଝିଅ କାନ୍ଦୁଥାଏ ମିଛୁଟାରେ ନିନ୍ଦିତା କରମ
କାନ୍ଦଗୁଡ଼ା କେବେ ବନ୍ଦ ହେବ
ମନ ଚକୋରଟି ତା'ର
କେତେବେଳେ ଶାନ୍ତିକୁ ଲଭିବ
ହସ, କାନ୍ଦ କଥା ଭାବି ଭାବି
ମୁଣ୍ଡତାର ମିଛୁଟାରେ ହୁଅଇ ଗରମ

Digitized by srujanika@gmail.com

କାନ୍ଦିବାଟା ଯଦି ବନ୍ଦ ହୁଅନ୍ତା
ମନଟା ତା' ଟିକେ ଶାନ୍ତିପାନ୍ତା !!!

ନ କାନ୍ଦି ଖାଲି ହସୁଥିଲେ
କେ ବୁଝିବ କାନ୍ଦର ମହତ୍ତ୍ୱ
କିଏ ତାକୁ ଦେବ ବା ଗୁରୁତ୍ୱ
ରଜା ଝିଅ କାନ୍ଦୁଥାଉ ଦେଖି ବୃନ୍ଦାବନ
ସେଥିପାଇଁ କିଆଁ
ମିଛୁଟାରେ ମନ ଦୁଃଖ କର
ସମୟ ଆସିବ ଦିନେ
ରଜାଝିଅ ହସିବ ତା ମନେ
ବୃନ୍ଦାବନ ନିଛକ କଳ୍ପନା
ସେଥିପାଇଁ ମିଛୁଟାରେ
ମନକିଆଁ ହେଉ ବାଟବଣା !!!!

* * *

ହଜିଲା ଦିନର ସ୍ମୃତି

ତମସା ଲିଭିଛି
ରାତ୍ରି ହଜିଛି
ପ୍ରାଚୀ ଗଗନରେ ସୁରୁଜ ଉଇଁଛି
ସୁପ୍ତ ଧରଣୀ ଜାଗି ଉଠିଅଛି
ମଳୟର ସାଥେ ଚୈତ୍ର ଆସିଛି
ଜାଗ୍ରତ ହୁଅ ଆଜି
ଆଳସ୍ୟ ତେଜି ହୁଅରେ କର୍ମଠ
ଅତୀତ କଥାକୁ ହେଜି ।
ଆରେ ଦୁର୍ଦ୍ଧର୍ଷ ଉତ୍କଳ ସନ୍ତାନ
ନିଜେ ପରା ଥିଲୁ ତୁହି ବଳୀୟାନ
ଗଙ୍ଗାଠାରୁ ଗୋଦାବରୀ ଯାଏ ଥିଲା
କାହିଁକି ସେ ରାଜ୍ୟ ବିଲୟ ଘଟିଲା
ଭାବିଛୁ କି ତୁହିଥରେ

Digitized by srujanika@gmail.com

କାହିଁ ଗଲା ତୋର ଅତୀତ ଗୌରବ
ସେହି କଥା ହେଜବାରେ !!
ସବୁଥିଲା ତୋର
ଆଜି କିଛି ନାହିଁ
କନା ପଡ଼ିଅଛି
କର୍ପୂର କାହିଁ ?
ଜୀର୍ଣ୍ଣ କୋଣାର୍କ
ହୋଇଛିରେ ହତଶିରୀ
ବାରଣ ବଢ଼ାଇ ଡାକନ୍ତି
ଚିତ୍କାର କରି
ଧର୍ମପଦ କାହିଁଗଲା
ଧଉଳି ରଣରେ, ଦୟାର କିନାରେ
ଚଣ୍ଡାଶୋକ, ଧର୍ମାଶୋକେ ବଦଳିଲା ।
ରାଣୀହଂସପୁର, ଡାକେ ଖାରବେଳ
ଉଦୟଗିରିର ଶୀଳାଲେଖ ଯାର
ଲେଖିଗଲା କୀର୍ତ୍ତି ଅକ୍ଷୟ, ଅମର
ଇତିହାସ ହୋଇ ରହିଅଛି ଚିର
କୀର୍ତ୍ତି ଗୌରବ ରାଜି
ସ୍ମୃତିଚାରଣେ ଆନନ୍ଦ କି ପାଉ
ଉତ୍କଳ ସନ୍ତାନ ଆଜି ।।
ଖାଇବାକୁ ତୋତେ ମିଳେ ନାହିଁ ଦାନା
ଯୁବତୀ ପାଉନି ପିନ୍ଧିବାକୁ କନା
ବେକାରୀ ବଢ଼ିଛି, ବିବେକ ହଜିଛି
ଭାଇ ବୁକେ ଭାଇ ଛୁରା ହାଣୁଅଛି
ଆତ୍ମହତ୍ୟାରେ ଶାନ୍ତି
ପାଉଅଛି ଆଜି ସେ ବୀର ଓଡ଼ିଆ
ତା'ର କପାଳକୁ ଖାଲି ନିନ୍ଦି !!!!
କିଏ ତ ବୁଝେନି କା' ଅନ୍ତର କଥା
ନିଜ ସ୍ୱାର୍ଥପାଇଁ ସମସ୍ତଙ୍କ ଚିନ୍ତା
ଧର୍ଷଣ, କଷଣ, ହେଲା ଯୁଗଧର୍ମ
କାହାକୁ କହିବା କପାଳ ଲିଖନ
ଜଗନ୍ନାଥ ଯା'ର ନେତା

Digitized by srujanika@gmail.com

ସେ ଦେଶର ଜଣେ ହୁଅଇ ହିନସ୍ତା
ଏତ ଆଶ୍ଚର୍ଯ୍ୟର କଥା ।
ଉଇଁଲେଣି ଦେଖ ଆଶାର ଅରୁଣ
ଖେଳାଅର ପ୍ରାଣେ ନୂଆ ଜାଗରଣ
ଅତୀତ କଥାକୁ କହି
କେତେଦିନ ଆଉ ଗର୍ବ କରୁଥିବୁ
ହେ ମୋର ଜାତିର ଭାଇ !!!

* * *

ପ୍ରବଞ୍ଚନା

ଭଲ ପାଇବାକୁ ପାଥେୟ କରି
ଯଦି ତୁମେ ବଞ୍ଚିବାକୁ ଚାହଁ
ତା' ହେଲେ, ଏହା ଏକ ମସ୍ତବଡ଼ ଭୁଲ ।
ଏଠି ଭଲ ପାଇବାଟା ଖାଲି ପ୍ରବଞ୍ଚନା
ପ୍ରେମ ଏଠି ମରୁବାଲି
ସାହାରା ଓ ଥର ମରୁଭୂମି !!!
ସକାଳର କୁହୁଡ଼ିକୁ ଓଏସିସ୍ ଭାବି
ଯଦି ପିଇବାକୁ ଚେଷ୍ଟାକର
ରମ୍, ଜିନ୍, ହ୍ୱିସ୍କି ତୁମକୁ ଦେଖି
ମୁରୁକି, ମୁରୁକି ହସୁଥିବେ,
ଭାବୁଥିବେ ଏଇଟା କେତେ ବୁଦ୍ଧୁ ।
ପ୍ରିୟାର କବରୀ ଦେଖି, ଯଦି ଭାବ,
କଳାମେଘ ଏହା ଶ୍ରାବଣର
ଓଢ଼ଣା ତଳର ହସ ଦେଖି
ଯଦି ଭାବ, ବିଜୁଳି ଏ ବର୍ଷଣ ସନ୍ଧ୍ୟାର
ସବୁ ଭ୍ରମ, ସବୁ ପ୍ରବଞ୍ଚନା
ସତ୍ୟର କବର ତଳୁ, ଅସତ୍ୟର ନିଛକ କାଳିମା
ସବୁର ହୋଇଛି ମୃତ୍ୟୁ
କେଉଁ ଏକ ଅନନ୍ତକାଳରୁ
ସୂର୍ଯ୍ୟ, ଚନ୍ଦ୍ର ଆଜି କକ୍ଷଚ୍ୟୁତ

Digitized by srujanika@gmail.com

ମୃତ୍ୟୁ ବିଭିଷିକା ଆଜି କରୁଛି ରାଜୁତି ।
ତାରକା ଯୁଦ୍ଧର ଧ୍ୱନି ଶୁଭେ ଅହରହ
ତୁମେ କହ ଶାନ୍ତି, ଖାଲି ଶାନ୍ତି
ଶାନ୍ତି କି ଆସିବ ଆଉ,
ଯେଉଁଠାରେ ହାତମେଳି ବସିଛି ଅଶାନ୍ତି ।।
ଭଲ ପାଇବାର ସ୍ୱପ୍ନ ଏଠି ପ୍ରତିହତ
ସବୁ ଖାଲି ମିଥ୍ୟା ପ୍ରବଞ୍ଚନା
ଏଠି ଜନ୍ମ ବୃଥା
ମୃତ୍ୟୁ ଏଠି ଚିର ସବୁଜିମା !!!!

* * *

ପ୍ରେମ ଓ ପ୍ରଣୟ

ପ୍ରେମ ଓ ପ୍ରଣୟ
ଏ ଦୁଇଟି ଶବ୍ଦ
ଶୀଘ୍ର ଅଭିଧାନରୁ ଉଠାଇଦିଅ ।
ପ୍ରେମିକ, ପ୍ରେମିକା
ଯେଉଁମାନେ ପ୍ରେମ ପାଇଁ
ଦେଲେ ପ୍ରାଣବଳୀ
ସେମାନଙ୍କୁ ଶୀଘ୍ର ଭୁଲିଯାଅ ।। ୧ ।।

ଆଜିର ଦୁନିଆଁ
ପ୍ରେମ ତ ଜାଣେନା
ଜାଣିବାକୁ ଇଚ୍ଛାବି କରେନା
ଭଲ ପାଇବାଟା ଏଠି
ଭେଜାଲ୍ ହୋଇଛି
ଭଲ ପାଇବା ନାଁରେ
ଯେ ଯେତେ ଚାହୁଁଛି
ସେ ଠକି ପାରୁଛି
ପ୍ରଣୟ ଏଠାରେ ଏକ ପଣ୍ୟଦ୍ରବ୍ୟ
ବଜାରରେ ହୁଏ ବିକା କିଣା

Digitized by srujanika@gmail.com

ନିଲାମରେ ଚଢ଼ାଦରେ
ଯେ ଡାକି ପାରିଲା
ପ୍ରଣୟ ତା' ପଛରେ ଧାଇଁଲା ।
ପ୍ରଣୟିନୀ ଏଠି କ୍ରୀତଦାସୀ
ଅତ୍ୟାଚାର କପାଳ ଲିଖନ
ତନ୍ଦୁରି ଚିକେନ ପରି
କିରାସିନି ଢାଳି
ପ୍ରିୟତମା ହୁଏ ପୋଡ଼ାଏଠି !!!

ପ୍ରେମ ଓ ପ୍ରଣୟ
କବି ତୁମେ ଏଇ ଦୁଇଶବ୍ଦ
ଶୀଘ୍ର ଭୁଲିଯାଅ ।
ଷୋଡ଼ଶୀର ବୁକୁଚିରି
ଶୁଭେ ଏଠି ବିକଳ କ୍ରନ୍ଦନ
ଯଉତୁକ ଜୁଇରେ କେତେ ଯେ ଯୁବତୀ
ମରିବାଟା ସତ୍ୟ ଚିରନ୍ତନ
ବୁକୁଫଟା ଉଠେ ଶ୍ୱାସ
ଦେଖ ବହେ ଘନଘନ
ପ୍ରଣୟ ଜାଗାରେ ଆଜି
ପ୍ରଳୟର ଏ ଗୁରୁ ଗର୍ଜନ ।
ପ୍ରଣୟିନୀ ପ୍ରେମ ଯାଅ ଭୁଲି
ମାତି ଆସେ ଅକାଳ ବୈଶାଖୀ
ଗ୍ରାସିଯିବ ନିମିଷକେ ସବୁଧ୍ୱଂସ କରି !!!!

* * *

Digitized by srujanika@gmail.com

ଲୋଡ଼ା ନାହିଁ ଜୟନ୍ତୀ ଉତ୍ସବ

ଏ ଦେଶରୁ ଗାନ୍ଧୀ, ବୁଦ୍ଧ
ଯାଇଛନ୍ତି ହଜି
କେଉଁ ଏକ ବିସ୍ମୃତିର ଅତଳ ଗର୍ଭରେ
ଅହିଂସା ଲଭିଛି ଆଜି
ଏ ଦେଶେ ସମାଧି
ହିଂସା ଆଜି ବିଜୟ ଗର୍ବରେ
ରୁଦ୍ର ନୃତ୍ୟ କରେ !
ଶାସ୍ତ୍ରୀଜୀଙ୍କ ରାଜନୀତି,
ମୂଲ୍ୟବୋଧ, ଉଚ୍ଚ ଆଦର୍ଶର
ବିଲୟ ଘଟିଛି ଆଜି
ମାଡ଼ିଯାଏ ଚତୁର୍ଦ୍ଦିଗେ
ଦୁର୍ନିତୀ ବୁଆର
କଳଙ୍କିତ ଏ ସମାଜ
ସେବା ଅର୍ଥ ନେବାରେ ସାର୍ଥକ
ନିଜ ପାଇଁ ଏ ମଣିଷ
ସବୁ କିଛି କରେ
ଯେତେ ସବୁ ଅନ୍ୟାୟ ଅନୀତି
ଦୋଷୀ ତୁମେ, ଯଦି କହ ତାହାକୁ ଦୁର୍ନିତୀ !!
ଗାନ୍ଧିଜୀ ଆଣିଲେ ଦେଶେ ସ୍ୱାଧୀନତା
ଅହିଂସାର ସେହି ମହାମନ୍ତ୍ରେ !!!
ଯେଉଁ ମହାମନ୍ତ୍ର ବୁଦ୍ଧବାଣୀ ନାମେ
ପୃଥିବୀରେ ବ୍ୟାପ୍ତ ରନ୍ଧ୍ରେ, ରନ୍ଧ୍ରେ ।
ଏ ମଣିଷ ଭୁଲିଗଲା ତାକୁ
ଅର୍ଥକୁ ସେ କଦର୍ଥ କରିଲା
ଗାନ୍ଧୀବାଦୀ ମଦ୍ୟପାନେ
ତାଙ୍କ ଶ୍ରାଦ୍ଧ କଲା ।
ଧର୍ଷଣ, କଷଣ, ଏ ତ ହେଲା
ସାଧାରଣ କଥା
ଅସତ୍ୟକୁ ସତ୍ୟ କହି
ଏ ମଣିଷ ରଚୁଛି କବିତା ।

Digitized by srujanika@gmail.com

ସଂତ୍ରାସବାଦର ନାମେ
ଏକ ଗୋଷ୍ଠୀ କରୁଛି ସଂହାର
ନରସିଂହ ସାଜି
ଅବତାରୀ ଥିଲେ ନରସିଂହ
ଅତ୍ୟାଚାରୁଁ ରକ୍ଷୁଥିଲେ ମାନବ ସମାଜ
କିନ୍ତୁ ଏହି ସିଂହ ପଶୁରାଜ ସାଜି
ମଣିଷକୁ ନିତି ମାରୁଅଛି ।
କରୁଥାଅ ଖାଲି, ଜନ୍ମ ଶ୍ରାଦ୍ଧ ସଭା
ଏ ସବୁରେ ନାହିଁ ପ୍ରୟୋଜନ ।
ପାରିବ କି ନେଇରେ ଶପଥ
ଜୟନ୍ତୀ ଉତ୍ସବ ଦିନରେ
କରିବାକୁ ଟିକେ ପ୍ରତିବାଦ
ଅନ୍ୟାୟ, ଅନୀତି ଯେତେ ଘଟେ ଅହରହ ।

* * *

ଦେଶପ୍ରେମୀ

ଦେଶପ୍ରେମୀ ବନ୍ଧୁ ଯେତେ,
ଅଛ ମୋ ଦେଶରେ
କରୁଛକି ଥରେ ହେଲେ ଚିନ୍ତା
ନିଜ ଦେଶ ପାଇଁ,
ଭଦ୍ରଖୋଳ ପିନ୍ଧି
ସଇତାନ ଦଳ
ଦେଶ ପ୍ରେମ କଥା ତୁମେ
କହ କାହିଁ ପାଇଁ ?
ସ୍ୱାର୍ଥମେଧ ଯଜ୍ଞେ
ତୁମେ ଦେଇଛ ଆହୁତି
ସ୍ୱାର୍ଥ ଛଡ଼ା ତୁମ ପାଇଁ
ନାହିଁ ଅନ୍ୟ ଗତି ।
ଦେଖୁଛ ତ ଉତ୍ତର, ପଶ୍ଚିମ,
ପୂର୍ବ ଦିଗରେ

Digitized by srujanika@gmail.com

ସଂତ୍ରାସବାଦ ନାମରେ
ଦଳେ ଲୋକ
ମଣିଷ ରକ୍ତରେ ନିତି ହୋଲି ଖେଳେ,
ଅହିଂସାର ମହାମନ୍ତ୍ର
ଯେଉଁଦେଶ ପ୍ରସାରିଲା
ସାରା ଏ ବିଶ୍ୱରେ ।
ସେଇ ଦେଶ, ପରିଣତ ହେଲା
ପୁଣି କଂସେଇଖାନାରେ ?
ଦେଶପ୍ରେମୀ ବନ୍ଧୁ ମୋର
ଭୁଲି ସବୁ ଭେଦ, ଅହଂକାର
ଯେତେ ଅଛ ହିନ୍ଦୁ, ମୁସଲମାନ
ଶିଖ ଓ ଇଶାଇ
ତୁମେ ପରା ସବୁ ଭାଇ, ଭାଇ !
ଶାନ୍ତି, ମୈତ୍ରୀ ଟେକ ପାଇଁ
ନେଇଥିଲ ଯେ ବଜ୍ର ଶପଥ
ଦେଖୁଛ ତ ଅରାତି ଚକ୍ରାନ୍ତ
ଦେଶ ଆଜି ହୋଇବ ବିଚ୍ଛିନ୍ନ
ବିଚ୍ଛିନ୍ନତାବାଦ, ଆଜି ସାରାଦେଶେ
ବିଛାଇଛି ଜାଲ
ଆସ ତାକୁ କରିବାରେ ଛିନ୍ନ !!!!

* * *

Digitized by srujanika@gmail.com

ଆଶୀର୍ବାଦ

ଆହେ ବିଶ୍ୱକବି
ଆଙ୍କିଗଲ ଲେଖନୀ ମୁନରେ
ଦୁନିଆର ଛବି ।
କବିତା ଅନେକ
ଗଳ୍ପ, ଉପନ୍ୟାସ
କେତେ ଯେ ନାଟକ
ଯାହା ଅସୁମାରୀ
ରଚିଗଲ ଇତିହାସ,
ଆଚମ୍ଭିତ ହୁଏ ତାହା ଭାବି ॥ ୧ ॥
'ଗୀତାଞ୍ଜଳି' ପାଇଁ
ହୋଇଥିଲ ତୁମେ
ନୋବେଲ୍ ବିଜୟୀ
ସାରା ବିଶ୍ୱ ଜାଣିଲା ତୁମକୁ
ଦୀପ୍ତିମାନ ରବି ॥ ୨ ॥
ସ୍ୱଚକ୍ଷୁରେ ଦେଖିନି ତୁମକୁ
ଗାଇଛି ତୁମରି
ଅଶେଷ କବିତା
ରବିନ୍ଦ୍ର ସଙ୍ଗୀତ, ବହୁ ଅନୁଷ୍ଠାନେ ।
ଗୁରୁଦେବ ତୁମେ
ସମଗ୍ର ଜାତିର
ପୂଜୁଅଛି ଦିବରାତି ତବଶ୍ରୀଚରଣ
ଘେନ ମୋ ପ୍ରଣାମ ।
ଜନ, ଗଣ, ମନ
ଜାତୀୟ ସଙ୍ଗୀତ
ଗାଇଦେଲେ ମନେ
ଉଠଇ ପୁଲକ
ଭାରତ ମାତାର ସୁଯୋଗ୍ୟ ସନ୍ତାନ
ଆହେ ମହାମାନ୍ୟ ॥ ୩ ॥

Digitized by srujanika@gmail.com

ବହୁ ବର୍ଷଧରି
ପୂଜୁଛି ତୁମକୁ
ଆଶୀର୍ବାଦ କରିଅଛି ଭିକ୍ଷା
ଦେଇଅଛ ଅଯାଚିତେ
ସ୍ୱପ୍ନର ମାଧ୍ୟମେ ।
ମନେପଡ଼େ ମୋର
ଦେଖା ଦେଇ ଦିନେ
ସ୍ୱପ୍ନରେ ମୋହର
ଛୁଇଁଥିଲି ପାଦ,
'ଚିରଞ୍ଜିବୀ ହୁଅ'
କଲ ଆଶୀର୍ବାଦ
ସେହି ସ୍ୱପ୍ନେ ପଚାରିଲି
ଚରିଞ୍ଜିବୀ ହୋଇବି କିପରି ?
କହିଥିଲ ହସି
ଏପରି କାର୍ଯ୍ୟ ତୁ କର
ଯାହାପାଇଁ ହେବୁ ଚିରଞ୍ଜିବୀ ।
ଲେଖିଯାଅ 'ନାଟକ' ତୁହି
ହେବୁ କାଳଜୟୀ ।
ସେ ସପନ ବାଣୀ
ଭୁଲି ତ ପାରିନି ।
ଭାବିଥିଲି ମନେ,
ଅଜ୍ଞାନ, ମୂରୁଖ
କି ନାଟକ, ସେ ଅବା ଲେଖିବ ।
କହିଥିଲ, କଲମ ତୁ ଧର
ତୋର ପାଇଁ ଲେଖିବିରେ ମୁହିଁ ।
କଲମ ଧରିଛି, ନାଟକ ଲେଖିଛି,
ମାତ୍ର ଦୁଇଦିନ ମଧ୍ୟେ
ଲେଖା ତ ସରିଛି ।
ଚାଳିଶି ବର୍ଷର ତଳେ
ପାଇଥିଲି ଯେଉଁ ଅଶୀର୍ବାଦ
ତାହା ମୋର ହୋଇଛି ସାର୍ଥକ
'ଅଶୀର୍ବାଦ' କଥା

Digitized by srujanika@gmail.com

ଲେଖିବାକୁ କରିଥିଲି ମନ
ଆଜି ତାହା ହୋଇଲା ପୂରଣ
ଆହେ ଗୁରୁଦେବ
ଘେନ ମୋ ପ୍ରଣାମ
ତୁମରି ଚରଣ ତଳେ, ରହୁମନ, ଧ୍ୟାନ ।

* * *

ବାପୁଜୀ

ବାପୁଜୀ,
ଥିଲ ତୁମେ ଅବତରି
ମାନବ ରୂପକୁ ଧରି
ପବିତ୍ର ଭାରତେ
ଧନ୍ୟ, ଧନ୍ୟ ଜନ୍ମ ତୁମ
କରିଗଲ ଯେଉଁ କର୍ମ
ଝୁରୁଛନ୍ତି ବିଶ୍ୱଜନେ
ଆଜି ଅବିରତେ ।
ଫିରିଙ୍ଗି ଶାସନ କଲା
ଦୁଇଶହ ବର୍ଷ
ଦେଶ ହୋଇବ ସ୍ୱାଧୀନ
ନଥିଲା ବିଶ୍ୱାସ ।
ଖଣ୍ଡା, ତଲବାର ଛାଡ଼ି
ଅହିଂସା ମନ୍ତ୍ର ଉଚ୍ଚାରି
ବିଶ୍ୱାସ କରି ହୁଏନି
ନ ଯାଏ ପରତେ ।
ହାତ କଟା ଖଦୀ ପିନ୍ଧି
ଧରି ହାତେ ଖଣ୍ଡେ ବାଡ଼ି
ବୁଲୁଥିଲ ତୁମେ ପରା
ଜଗତଟା ଯାକ
ଅରଟ ତୁମର ଅସ୍ତ୍ର
ଜାଣଇ ଏହା ଜଗତ
ଧନ୍ୟ, ଧନ୍ୟ ଦେଶଭକ୍ତ
ତୁମ ପରି ଜଣେ ଆଉ

Digitized by srujanika@gmail.com

ଅଛି କି ଜଗତେ ।
ଦ୍ୱାଦଶ ବ୍ରତ ତୁମର
ଆଜି ହୋଇଛି ଅମର
ନିଶା ନିବାରଣ କଥା ସର୍ବେ ଭୁଲିଲେ
ସତ୍ୟରେ ଥିଲା ଆଗ୍ରହ
ନାମ ତା'ର ସତ୍ୟାଗ୍ରହ
ସତ୍ୟ, ନ୍ୟାୟର ବେଭାର
ସେ ସବୁ ହେଲାଣି ଦୂର
ଦୁର୍ନୀତି, ସ୍ୱାର୍ଥପରତା ରାଜୁତି କରେ ।
ଯାଇଛି ସବ୍ରତ ଚାଲି
ମରୁଛୁ କର୍ମ ଆଦରି
ଢାଳି, ଢାଳି ଆଖି ଲୁହ
ଆଜି ସମସ୍ତେ !!!
ରାମରାଇଜ ତୁମର
ରାବଣ କରୁଛି ଜୁର
ଧରି ନାମକୁ ତୁମର
ଏ ଦେଶ ଲୋକେ
ଭୋଟ, ବୈତରଣୀ ପାର
ପିନ୍ଧି ଖଦଡର ଖୋଳ
ଧରି ଶାସନର ଡୋର
କି ଦୁଃଖ ସତେ
ଲୁଟୁଛନ୍ତି ଦେଶଧନ
ଦେଶ ଭକ୍ତ ହୋଇ ଜାଣ
କହିବାକୁ କେହି ନାହିଁ
ଏହି ଭାରତେ !!!!

* * *

Digitized by srujanika@gmail.com

ଚରଣାଶ୍ରିତ

ଆହେ ପରମେଶ୍ୱର
ଜଗତଠାକୁର
ଦୟାକର ସାଇରାମ
ତୁମରି ବିନା ଆଉ
କେହୁ ବା' କେ ଅଛି
ଘେନ ହେ ମୋର ପ୍ରଣାମ ॥ ୧ ॥

ଅଜ୍ଞାନ, ଅନ୍ଧାରେ
ଯେବେ ରହିଥିଲି
ଦେଖାଇଲ ପଥ ମୋର
ମିଛ ମାୟା ଜାଲେ
ଜଞ୍ଜାଳ ଭିତରେ
ଜଳୁଥିଲା ମୋ ସଂସାର
ସେତେବେଳେ ପ୍ରଭୁ
ଦୟା କରିଥିଲ
ପୂରିଲା ମୋ ମନସ୍କାମ ।
କହିଥିଲ ମୋତେ
ଚିନ୍ତା କର ନାହିଁ,
ପ୍ରଭୁ ପଦେ ରଖ ଲୟ
ମୋହରି କରୁଣା,
ନ ହେବ ହେ ଊଣା
ଦେଉଛି ମୁଁ ବରାଭୟ
ସେହି ଦିନୁଁ ପ୍ରଭୁ
ଜପେ ନିରନ୍ତର
ସୁମରି ତୁମର ନାମ ॥ ୨ ॥
କେତେ ଝଡ଼ ଝଞ୍ଜା
ଆସିଛି ଜୀବନେ
ରଖି ମୁହିଁ ଲୟ
ତବ ଶ୍ରୀଚରଣେ
କାଟିଅଛି ଦିନ ମୋର

Digitized by srujanika@gmail.com

ଶୂନ୍ୟେ ସୃଷ୍ଟିକରି
ଦେଇଛ ବିଭୂତି
କରିଛ ମୋତେ ଅମର
ଆହେ ପର୍ଭିନାଥ
ପାଳୁଛ ଜଗତ
ବିଶ୍ୱ ବନ୍ଦୁଛି ଚରଣ ।। ୩ ।।

* * *

ପ୍ରତୀକ୍ଷା

ସାତଦିନ ହେଲା ଲଘୁଚାପ ଯୋଗୁଁ
ସମୁଦ୍ରେ ଉଠେ ଜୁଆର
ପବନ ବୋହୁଛି ଅସମ୍ଭାଳ ହୋଇ
ବେଗ ଷାଠିଏ କିଲୋମିଟର ।
ହୋଇଛି ବାରଣ ମାଛ ମାରିବାକୁ
ମତ୍ସ୍ୟଜୀବୀ ସମାଜକୁ
କିପରି ବଞ୍ଚିବେ ଗରୀବ ସେମାନେ
ଛାଡ଼ି ନିଜ ଜୀବିକାକୁ ।
ଜୀବନ, ଜୀବିକା ଦୁହିଁଙ୍କର ମଧ୍ୟେ
ଆଜି ଉଠିଅଛି ଝଡ଼
ଚୁଲି ଜଳୁନାହିଁ କେତେକଙ୍କ ଘରେ
ହୋଇଲାଣି ଅସମ୍ଭାଳ
ରମଣୀ ଆସିଲା ସମୁଦ୍ର କୂଳକୁ
ପରିସ୍ଥିତି ଦେଖିବାକୁ
ଦୁଇଟି ସନ୍ତାନ ଭୋକରେ ଅସ୍ଥିର
କୋହ ଉଠେ ଅନ୍ତରରୁ ।
ରମଣୀ ଭାବିଲା ଯାହା ପଛେ ହେଉ
ମାଛ ମାରିବାକୁ ଯିବ
ନ ଗଲେ ପିଲାଏ ବଞ୍ଚିବେ କିପରି
ସମ୍ଭାଳିବା ଅସମ୍ଭବ ।
ଚାରିଜଣ ବନ୍ଧୁ ଆସି ଜୁଟିଗଲେ

Digitized by srujanika@gmail.com

ସମସ୍ତଙ୍କ ଏକା ଦଶା
ଚିନ୍ତା କଲେ ବସି ଯିବା ସମୁଦ୍ରକୁ
ନାହିଁ ତ କିଛି ଭରସା ॥
ଘରେ ତ କହିଲେ ଛାଡ଼ିବେ କି ନାହିଁ
ଯାହା ହେବାକୁ ତ ଥିବ
ସ୍ମରି ମନେ ମନେ ଡଙ୍ଗାକୁ କାଢ଼ିଲେ
ତିରୁପତି ସାହା ହେବ ।
ନାଆତ ଚାଲିଲା ମାଛ ମାରିବାକୁ
ମଝି ସମୁଦ୍ରକୁ ଗଲେ
ଗଲେ କେଉଁଆଡ଼େ କେହି ନଦେଖିଲେ
କାହାକୁ ଦେଖା ନଗଲେ,
ପାଞ୍ଚଦିନ ଆସି ବିତି ତ ଗଲାଣି
ସେମାନଙ୍କ ପତ୍ତା ନାହିଁ
କାଗଜ ଲେଖିଲା ପାଞ୍ଚ ଧୀବର ଯେ
ଲାପତ୍ତା ହୋଇଗଲେ
ରମଣୀର ପତ୍ନୀ ରତ୍ନାକୁ ଆସୁଛି
ରମଣୀକୁ ଖୋଜିବାକୁ
ସମୁଦ୍ର କୂଳରେ ବସି ରହୁଅଛି
ଫେରୁଛି ସଞ୍ଜବେଳକୁ ।
ପିଲାଙ୍କ ମୁହଁରେ ଆହାର ଦେବାକୁ
ନାହିଁତ ଘରେ ସମ୍ବଳ
କିପରି ବଞ୍ଚିବ ଜୀବନ ରଖିବ
ପ୍ରଭୁ ତୁମେ ରକ୍ଷାକର ।
XXX XXX XXX
ଖବର ଆସିଲା କିଏ ଜଣେ ବାବୁ
ରତ୍ନାକୁକୁ ଖୋଜୁଛନ୍ତି
ଘରକୁ ଗଲା ସେ ରମଣୀ ଖବର
ବୋଧେ ନେଇ ଆସିଛନ୍ତି ।
ବାବୁଙ୍କୁ ବସାଇ ପଚାରି ଗଲା ସେ
ରମଣୀ କିପରି ଅଛି
ବାବୁଙ୍କର ମୁହଁ ଶୁଖା ଦେଖି ସେହି
ଆଉ ନ ପଚାରିଲା କିଛି ।

Digitized by srujanika@gmail.com

ବାବୁ ନ କହିଲେ ସେମାନଙ୍କ ସବୁ
ହୋଇଛି ଜଳସମାଧି
ଏଇ କଥା ସେ ଜଣାଇ ଦେବାକୁ
ଘରଠାକୁ ଆସିଛନ୍ତି
ରମ୍ଭା ତରୁ ପ୍ରାୟେ କଚାଡ଼ି ପଡ଼ିଲା
ରତ୍ନାଲୁ ଭୂମି ଉପର
ପାଣି ସିଞ୍ଚି ତାକୁ ଚେତା କରାଇଲେ
ବାବୁ ହୋଇଣ ଅଧୀର
ଦୁଃଖ କଲେ ଆଉ କିଛି ହେବ ନାହିଁ
ଏହା ଭାଗ୍ୟର ଲିଖନ
ବ୍ୟସ୍ତ ହୁଅ ନାହିଁ ଆମେ ସବୁ ଅଛୁଁ
କରିବୁ ସାହାଯ୍ୟ ଦାନ ।
ସର୍କାର ଆମକୁ ପଠାଇ ଅଛନ୍ତି
ରଖ ପାଞ୍ଚଶତ ଟଙ୍କା
ଏହା ଖାଲିଅଟେ ପ୍ରଥମ ସାହାଯ୍ୟ
ମିଳିବ ଯଥେଷ୍ଟ ଟଙ୍କା
ଚାଉଳ ବସ୍ତାଏ ଦେଇ ଯାଉଅଛୁ
ନ କର ତ ଆଉ ଚିନ୍ତା
ସରକାର ଯାହା ଦେବେ, ଆଣିଦେବୁ
କରିବୁ ତା'ର ବ୍ୟବସ୍ଥା ।
XXX XXX XXX
ରତ୍ନାଲୁ ଯାଉଛି ସମୁଦ୍ର କୂଳକୁ
ରମଣୀ ଫେରିଆସିବ
କାହା ମୁହଁ ଦେଖି ଏ ଦୁଃଖ ସଂସାରେ
ସେ ତ ଜୀବନ କାଟିବ ।
ପ୍ରତୀକ୍ଷାର ଆଜି ଅନ୍ତ ହୋଇନାହିଁ
ରତ୍ନାଲୁ ମନରେ ଭାବେ
ସତରେ ରମଣୀ କ'ଣ ମରିଅଛି
ବିଶ୍ୱାସ ନହୁଏ ଲବେ,
XXX XXX XXX
କିଛି ଦିନ ଗଲା ଦିନକ ରାତିରେ
କବାଟ କିଏ ମାରିଲା

Digitized by srujanika@gmail.com

ରତ୍ନାଙ୍କୁ ଭାବିଲା ଏ ଅଧରାତିରେ
ଚୋର ଆସିଥିବେ ପରା ।
ରତ୍ନାକ୍ଷ, ରତ୍ନାକ୍ଷ ଡାକିଲା ରମଣୀ
ଚମକି ଉଠି ପଡ଼ିଲା
ଦୌଡ଼ି ଯାଇ ସେହି ଅସ୍ଥିର ମନରେ
କବାଟକୁ ଖୋଲିଦେଲା ।
ଯେତେବେଳେ ଡଙ୍ଗା ବୁଡ଼ି ଯାଉଥିଲା
ପାଖରେ ଏକ ଜାହାଜ
ସେମାନଙ୍କୁ ପାଣି ଭିତରୁ ଉଠାଇ
କଲା ଅନେକ ସାହାଯ୍ୟ
ଜାହାଜ ଚାଲିଲା ସେମାନଙ୍କୁ ନେଇ
ନିଜ ଗନ୍ତବ୍ୟର ସ୍ଥାନ
ସେହିଠାରୁ ତାକୁ ପଠାଇ ଅଛନ୍ତି
କରି ନାନା ସନମାନ ।
ସେହି କଥା ଶୁଣି ରମଣୀ ମୁହଁରୁ
ରତ୍ନାକ୍ଷ ପ୍ରଭୁ ସ୍ମରିଲା
ପ୍ରତୀକ୍ଷାର ଦିନ, ଦୁଃଖ ଓ କଷଣ
ତାହାର ଯେ ଅନ୍ତହେଲା ।

* * *

ଅରି ମରିନାହିଁ

ଯୁଦ୍ଧ ସରିନାହିଁ
ଅରି ମରିନାହିଁ
ହୁସିଆର, ହୁସିଆର
ଅମା ଅନ୍ଧାର
ମାଡ଼ି ଆସୁଅଛି
ଆଲୋକ ସନ୍ଧାନ କର ।। ୧ ।।

ଶୋଷକ ଶୋଷୁଛି
ମଣିଷର ରକ୍ତ

Digitized by srujanika@gmail.com

ବ୍ୟାପି ଅଛି ତା'ର
ଅକ୍ଟୋପାସ ହସ୍ତ
କେତେଦିନ ସହୁଥିବ
କେ' ଅବା ଶୁଣିବ
ତବ ଦୁଃଖ କଥା
କାର ଆଗେ କହୁଥିବ
ହାତେ ଧର ହତିଆର
ଶତ୍ରୁକି ମରିଛି
ବିନା ଅସ୍ତ୍ରରେ
ଦିଅରେ ରଣ ହୁଁକାର ॥ ୨ ॥
ସହି, ସହି ତୁମେ
କୁର୍ମ ହୋଇଛ
କେତେ ଯେ ପଥର ପିଠିରେ ବୋହିଛ
ଆଉ କେତେ ବୋହୁଥିବ
ଜାଗି ଉଠ ଆଜି ମୋ ଭାଇ ଭଉଣୀ
ଦୁଃଖ କେତେ ସହୁଥିବ
ମୁକତି କି ମିଳେ
ବିନା ସଂଗ୍ରାମରେ
ଦ୍ରୌପଦୀର ଜୁଡ଼ା
ବିନା ରକତରେ
କେବେ ବନ୍ଧା ହୋଇଅଛି
ଆଗେଇ ଆସରେ ହେ ଦୁର୍ଦ୍ଦଶ ବୀର
ଦୁନ୍ଦୁଭି ବାଜୁଅଛି ।

* * *

କାହିଁ ଶାନ୍ତି

ଯେଉଁ ଦେଶ ଥିଲା
ଶାନ୍ତି ପାଇଁ ଖ୍ୟାତ
ସେ ଦେଶେ ବୋହୁଛି
ଅଶାନ୍ତି ରକତ

Digitized by srujanika@gmail.com

କାହିଁକି ହେଉଛି ଜାଣ ?
ଅନ୍ୟାୟ, ଅନୀତି ବ୍ୟାପିଗଲା ଏଠି
ଲୋକ ଭୋଗଇ କଷଣ ।
କାହିଁ ଗଲେ ଆଜି ଜାତିର ଜନକ
ଦେଶ ସେବା ଯା'ର ଏକମାତ୍ର ବ୍ରତ
ସେହି ତ୍ୟାଗୀ ବୀରଗଣ
ଯେଉଁମାନଙ୍କର ତ୍ୟାଗର ବଳରେ
ଦେଶ ହୋଇଲା ସ୍ୱାଧୀନ
ସେହି ଦେଶେ ଆଜି କରନ୍ତିରାଜୁତି
ଚୋର, ଗୁଣ୍ଡା, ଟାଉଟର
ଯେଉଁମାନଙ୍କର ଦେଶକୁ ଲୁଣ୍ଠନ
ହୋଇଛି ଖାଲି ପ୍ରବଳ ।
ଦେଶ ପ୍ରେମୀମାନେ ଆଜି,
ଅନ୍ୟାୟ ବିରୁଦ୍ଧେ ସଂଗ୍ରାମ କରିଣ
ଜେଲ୍ ଦଣ୍ଡ ଭୋଗୁଛନ୍ତି ।
ଗଣତନ୍ତ୍ର ଆଜି ପ୍ରହସନ ଖାଲି
ବାହୁବଳର ଶାସନ
ମୁଣ୍ଡ ଗଣତିରେ ଗଣତନ୍ତ୍ର ଏଠି
ହୋଇଛି ବିରାଜମାନ ।
ଅନାହାରେ ଲୋକ ମରେ,
ଦୁର୍ନୀତିର ଆଜି ଚାଲେ ଜୟଗାନ
ଲୋକ ହାହାକାର କରେ ।
ଶାନ୍ତି କି ଆସିବ ଗଣ ଅଶାନ୍ତିରେ
ଚାରିଆଡ଼େ ଉପଦ୍ରବ
ଦେଶ ସାରା ଚାଲେ ଗଣ ଆନ୍ଦୋଳନ
ଶାନ୍ତି କେଉଁଠୁ ଆସିବ ?
ସନ୍ତ୍ରାସବାଦ କହି
ଶାସକ ଧରୁଛି ଏ ଦେଶପ୍ରେମୀଙ୍କୁ
ନାନା ନିର୍ଯ୍ୟାତନା ଦେଇ ।

* * *

Digitized by srujanika@gmail.com

ଚେତାବନୀ

ଉତ୍କଳ ଜନନୀ
କାନ୍ଦୁଛି ନୀରବେ
ବହୁଅଛି ଲୁହଧାର
କିପରି ଜାଣୁନ
ହୋଇ ତା' ସନ୍ତାନ
ଦୁଃଖ ଆସୁଅଛି ଘୋର ।। ୧ ।।

ଲେଡ଼ିଗୁଡ଼ ଯେବେ
କହୁଣି ଛୁଇଁବ,
ଚେତା ତୁମର ପଶିବ
ଏବ ଠାରୁ ଥରେ
ଭାବି ଦେଖ ଭଲେ
ସବୁକଥାକୁ ଜାଣିବ ।। ୨ ।।

ରତ୍ନଗର୍ଭା ମା'
ଉତ୍କଳ ଜନନୀ
ହୀରା, ଲୀଳା, ମୋତି
ମାଣିକର ଖଣି,
ସବୁ ହୋଇଲାଣି ଚୁର
ଆଉ ଯାହାଅଛି
କେତୋଟି ବରଷେ
ରହିବନି ଚିହ୍ନ ତାର ।। ୩ ।।

ଭୂଷଣ, ଅମ୍ବାନି
ଟାଟା, ପୋସ୍କୋ ଯେତେ
ଲୁଟିବାକୁ ଆସିଛନ୍ତି ଏଠି ତୋତେ
ଖଣି ଗର୍ଭା ବସୁନ୍ଧରା
ସବୁ ସରିଯିବ
କିଛି ନ ରହିବ
ଖାଲି ଦାରିଦ୍ର୍ୟ ପସରା ।

Digitized by srujanika@gmail.com

ଭବିଷ୍ୟତ ଅନ୍ଧକାର
ସେହି କଥା ଭାବି,
ବେଳ ଥାଉ ଥାଉ
ହୁଅ ସର୍ବେ ହୁସିଆର ।

* * *

କାହାପାଇଁ ଏ କବିତା

କବିତା ଲେଖିବି କାହାପାଇଁ
ସେ କଥା ତ ମୋତେ ଜଣାନାହିଁ ।
ସ୍ତୁତିଗାନ କରି କବିତା ଲେଖିବା
ଖରାପକୁ ଭଲ ବୋଲି କହିହବା
ଏ ଜାତକେ ଯା'ର ନାହିଁ
ସେଥିପାଇଁ ଯେତେ କଷ୍ଟ ସହିଅଛି
ତାହା ମୁଁ ତ ଭୁଲି ନାହିଁ ।। ୧ ।।
ଶୋଷଣ, କଷଣ, ଅନୀତି, ଦୁର୍ନିତୀ
କେତେ ଜଣ କବି ସେ କଥା ଲେଖନ୍ତି
ଜୟ, ଜୟକାର ଧ୍ୱନି
ଲେଖିଦେଲେ ତାହା
ପେଟ କେବେ ପୂରିବନି ।
ସଇତାନ ଆଜି ରାଜୁତି କରୁଛି
ସ୍ୱାର୍ଥ ଛଡ଼ା ସେ ତ ଜାଣେ ନାହିଁ କିଛି
ଲେଖି ପାରିବ କି ତାହା
କାହିଁକି ଲେଖିବ, ଦୁଃଖକୁ ଭୋଗିବ
ଛାଡ଼ି ସ୍ୱାର୍ଥର ରାହା
ବାହୁବଳ ଆଜି ଅଟେ ଶ୍ରେଷ୍ଠବଳ
କଷଣ ଭୋଗୁଛି ଆଜି ତ ଦୁର୍ବଳ
ଲେଖ ଦୁର୍ବଳର କଥା
ଅସୀ ଠାରୁ ମସି ବଳିୟାନ ଜାଣ
ଏ କଥା ନୁହେଁ ଅନ୍ୟଥା
ଆହେ କବିକୁଳ ସର୍ବେ ଲେଖି ତାଇ

Digitized by srujanika@gmail.com

(କର) ସତ୍ୟର ଜୟଗାନ
ତୁମରି କଲମ ବଜ୍ରରୁ ଟାଣ
ହୁଅ ହେ ତୁମେ ମହାନ୍
ସତ୍ୟ, ନ୍ୟାୟ କଥା କହି
କର ହେ କର୍ତ୍ତବ୍ୟ, ଜାଣି ଏହା ସତ୍ୟ
ଉପକୃତ ହେଉ ମହୀ ।

* * *

ଇନ୍‌କିଲାବ୍

କାହାକୁ କହୁଛ ଦେଶ ଦ୍ରୋହୀ
(ଯିଏ) ସତ୍ୟ, ନ୍ୟାୟ କଥା ଥାଏ କହି ?
ଗରିବ ମରୁଛି ଯୁଗ, ଯୁଗ
ତୁମେ କରୁଅଛ ରାଜଭୋଗ
ଗରିବଙ୍କ କଥା ଥରେ କି ଭାବିଛ
ଭାବିବାକୁ ତୁମ ବେଳ କାହିଁ ?
ଭୋଗ ବିଳାସରେ କାଟଦିନ
ଗରିବ ନ ପାଏ ମୁଠେ ଅନ୍ନ
କ୍ଷମତାରେ ଅନ୍ଧ ସାଜିଛ ଦାନବ
ସ୍ୱାର୍ଥ ପଛେ ଖାଲି ଅଛ ଧାଇଁ
ଚାରିଆଡ଼େ ଦେଖ ଜାଗରଣ
ଇନ୍‌କିଲାବର ଆସେ ଦିନ
ମୁକ୍ତିର ମସାଲ ଜଳି ଉଠିଲାଣି
ଲାଲ ସୁରୁଜ ଉଠେଉଇଁ ।

* * *

ହୁଅ ସର୍ବେ ଆଗୁସାର

କାହିଁକି ହେଉଛ କଳବଳ
ତୁମେ ତ ନୁହେଁରେ ଦୁରୁବଳ ।
ପୁଞ୍ଜିପତି ଆଜି, କରୁଛି ରାଜୁତି

Digitized by srujanika@gmail.com

ଦଳିତ, ପତିତ ଶୋଷି ଚାଲିଅଛି
ହୁଅ ଆରେ ହୁସିଆର ।
ଗାଦିରୁ ହଟାଇ ଓହ୍ଲାଇ ଦିଅରେ
ଜାଳରେ ମୁକ୍ତି ମସାଲ ।
ଉଚ୍ଚ, ନୀଚ ଭେଦ ସୃଷ୍ଟିକରି
ଜାତି, ଧର୍ମ କଥା ତୁଣ୍ଡେଧରି
ଭାଇ ବେକ ଭାଇ ହାଣେ,
ମଜା ଦେଖୁଥାଏ କରତାଳି ଦେଇ
ତାକୁ କିଏ ବା ନ ଜାଣେ ।
ବିଶ୍ୱାସ ଆଉ ନ କର,
ଏକଜୁଟ ହୋଇ,
ସର୍ବେ ଆଗେଇଚାଲ
ଜାଗିବାର ବେଳ ଆସିଲାଣି
ଶୋଷକର ଦିନ ସରିଲାଣି
ଦାନବ ରାଜୁତି ଶେଷ କରିବାକୁ
ହସ୍ତେ ଧରିଉଠ ତଲୱାର୍ ।
ସହିବାର ବେଳ ସରିଲାଣି
ମୁକତି ସୁରୁଜ ଉଇଁଲାଣି
ଦୁଃଖର ଦିନ ସରି ଆସିଲାଣି
ହୁଅ ସର୍ବେ ଆଗୁସାର

* * *

ପ୍ରେମର ହେଲା ଜୟ

ପ୍ରେମ ବନ୍ଧନକୁ ଭୁଲିବା କଠିନ
ସେ'ତ ଚିରଅପାସୋରା
ମନ ମାନିଥିଲେ ଯେ ଯେତେ କହିଲେ
କିଏ ଶୁଣିବ ତା' ଭଲା ।। ୧ ।।

ଗଙ୍ଗାଜଳଠାରୁ ପ୍ରେମ ଯେ ପବିତ୍ର
ଏହା ଚିରନ୍ତନ ସତ୍ୟ

Digitized by srujanika@gmail.com

ପ୍ରେମ ଜଗତରେ ଥରେ ପାଦ ଦେଲେ
ନ ଭୁଲେ କେବେ ତା' ଚିର ।। ୨ ।।

ପ୍ରେମିକ, ପ୍ରେମିକା ପ୍ରେମ ରାଇଜରେ
ଥରେ ଯାଇ ପହଞ୍ଚିଲେ
କେହି କାହାକୁ ତ ଛାଡ଼ି ନ ପାରନ୍ତି
ଯିଏ ଯେଉଁଠାରେ ଥିଲେ ।। ୩ ।।

ପ୍ରେମକି ଜାଣଇ ଜାତି, ଧର୍ମ, ଗୋତ୍ର
ତା' ଆଗେ ସବୁ ସମାନ
ଉଚ୍ଚ, ନୀଚ ଭାବ ନଥାଏ ସେଠାରେ
ଏ ତ ଆତ୍ମାର ମିଳନ ।। ୪ ।।

ବାପା, ମା' ଯଦି ବିରୋଧ କରନ୍ତି
ଅନ୍ତିମ ଫଳ ତାହାର
ବିଷଖାଇ ଆତ୍ମହତ୍ୟା କରିବା
ଏହା ପ୍ରେମର ବେଭାର ।। ୫ ।।

ସବର୍ଣ୍ଣ ହେଉବା ଅସବର୍ଣ୍ଣ ହେଉ
ପ୍ରେମ ଧର୍ମ ଆଚରିଲେ
ସତେ ବା ଯେପରି ପ୍ରଳୟ ଘଟିଲା
ଏହି ଧରାଧାମ ତଳେ ।। ୬ ।।

ପ୍ରେମ ପାଇଁ କେତେ ଆତ୍ମବଳୀ କଥା
ଇତିହାସେ ଲେଖାଅଛି
କେଦାର ଗୌରୀ ଲୈଲା ମଜନୁ
ହୀର, ରାଞ୍ଝାର ପୀରତି ।। ୭ ।।

ସେହିପରି ଏକ ପୀରତିର କଥା
ମୁହିଁ କହୁଅଛି ଶୁଣ
ଦୁଇଟି ପଡ଼ୋଶୀ ପୁଅ ଝିଅ ମିଶି
ଜୋଡ଼ିଲେ ପ୍ରେମ ବନ୍ଧନ ।। ୮ ।।

Digitized by srujanika@gmail.com

ଜାତି, ଗୋତ୍ର ତାଙ୍କ କାଳ ତ ହୋଇଲା
ବନ୍ଧୁ ବାନ୍ଧବରେ ମନା
ବିବାହ କରିଲେ ଜାତିରୁ ବାସନ୍ଦ
ଦୁଃଖ ଭାଗ୍ୟେ ଲେଖାସିନା ।। ୯ ।।

ପ୍ରସ୍ତାବ ଆସିଲା ଝିଅ ପାଇଁ ବର
ପ୍ରସ୍ତୁତ ହୋଇ ରହିଛି
ଦୁଇଦିନ ମଧ୍ୟେ ବାହାଘର ହେବ
ପୁଅ ଏବେ ରାଜି ଅଛି ।। ୧୦ ।।

ବିବାହ ସରିଲା କନିଆ ଅଇଲା
ଭାଇ ବି ସଙ୍ଗେ ଆସିଲା
ଭିଣୋଇ ଆଗରେ ଥଟ୍ଟା ତାମସାରେ
ଭଉଣୀ କୀର୍ତ୍ତି ଗାଇଲା ।। ୧୧ ।।

ମୋବାଇଲ ଫୋନେ ପ୍ରେମିକ କହିଲା
ପ୍ରେମିକାକୁ ଛାଡ଼ିଦିଅ
ତା'ର ବିନା କେବେ ବଞ୍ଚି ନ ପାରିବି
ଏଥିରେ ନାହିଁ ସଂଶୟ ।। ୧୨ ।।

ଶଳା କହୁଥିଲା ଭଉଣୀର କଥା
ପ୍ରେମିକ ଏବେ କହିଲା
ନିଶ୍ଚୟ କରିବି ଦୁହିଁଙ୍କ ମିଳନ
ବର ଏବେ ବିଚାରିଲା ।। ୧୩ ।।

ଥାନାକୁ ଧାଇଁଲା ଥାନା ବାବୁ ଠାରେ
ପରାମର୍ଶକୁ ଲୋଡ଼ିଲା
ଥାନା ବାବୁ ବର କଥା ଶୁଣିକରି
ପ୍ରେମିକକୁ ଡକାଇଲା ।। ୧୪ ।।

ପ୍ରେମିକ, ପ୍ରେମିକା ଆସିଲେ ଥାନାକୁ
ଯେଝା ମନକଥା କହି

Digitized by srujanika@gmail.com

ଥାନା ବାବୁ ଆଗେ ଅନ୍ତର କଥା
ସବୁ କହିଲେ ବୁଝାଇ ॥ ୧୫ ॥

ବରର ରାଜିରେ ବାହାଘର ହେଲା
ଦୁଇ ଆତ୍ମାର ମିଳନ
ବରର ତ୍ୟାଗର ପଟାନ୍ତର ନାହିଁ
ଜାଣିଲେ ସକଳ ଜନ ॥ ୧୬ ॥

ପ୍ରେମର ତ ଜୟ ଏଠାରେ ହୋଇଲା
ଜଣକର ତ୍ୟାଗ ଲାଗି
ଏହିପରି ନର କେତେ ସେ ମହାନ
ଦୁନିଆରେ ରହିଛନ୍ତି ॥ ୧୭ ॥

ଜାତି, ଧର୍ମ, ଗୋତ୍ର ହାର ମାନିଗଲା
ପ୍ରେମ ନିକଟରେ ଜାଣ
ପ୍ରେମର ତ ଜୟ ହୋଇଲା ଜଗତେ
ଏତ ବିଧିର ବିଧାନ ॥ ୧୮ ॥

* * *

କି ଥିଲା ଏ ରାଜ୍ୟ

ଗଙ୍ଗାଠାରୁ ଗୋଦାବରୀ ପରିଯ୍ୟନ୍ତେ
ଏ ରାଜ୍ୟର ପରା ସୀମା ଥିଲା ବ୍ୟାପ୍ତ
ଏବେ କ'ଣ ହୋଇଅଛି
ମାନଚିତ୍ର ବକ୍ଷୁଁ ସେ ରାଇଜ ସୀମା
କିଏ ଲିଭାଇ ଦେଇଛି ।

ଖଣ୍ଡ, ବିଖଣ୍ଡିତ ଆଜି ଏ ରାଇଜ
ଓଡ଼ିଆ ଅଞ୍ଚଳ ବାହାରେ ଅନେକ
ଆଉ ସେ ଆସିବ ନାହିଁ
ଏ ରାଜ୍ୟରେ ଆଜି ଅଭାବ ନାହିଁତ
ଅଛନ୍ତି ଶିଖି, ମନାଇ ।

Digitized by srujanika@gmail.com

ଏ ରାଜ୍ୟ ଠାକୁର, ଧରି ତଲୱାର୍
ଯୁଦ୍ଧ କରୁଥିଲେ ରାଜା ଭକତର
ବଡ଼ ଭକ୍ତ ରାଜାଥିଲେ
ଠାକୁର ଅଛନ୍ତି, ଭକ୍ତମାନେ ସବୁ
କେଉଁଆଡ଼େ ହଜିଗଲେ ।

ଏ ଦେଶର ଶିଳ୍ପୀ ଗଢ଼ିଥିଲା ଦିନେ
କୋଣାରକ କଥା ପଡ଼େ ଆଜି ମନେ
ସେ ଶିଳ୍ପୀ କୁଆଡ଼େ ଗଲେ
ନିହଣ, ମୁଗୁର ସପନ ହୋଇଲା
ଶିଳ୍ପୀ ଉପାସରେ ମରେ ।

ସାଧବର ପୁଅ ଯାଉଥିଲା ଦିନେ
ବୋଇତ ବାହିଣ ବିଦେଶ ଗମନେ
ରଚୁଥିଲା ଇତିହାସ
ଧନ, ଦଉଲତ ବୋହି ଆଣୁଥିଲା
ରାଜ୍ୟକୁ ହୋଇ ହରଷ ।

ଓଡ଼ିଆ ପାଇକ ରଣ ହୁଙ୍କାରେ
ଭୟ ଆଣୁଥିଲା ଅରାତି ମନରେ
ରାଜ୍ୟ କରୁଥିଲା ଜୟ
ସେ ପାଇକ ଆଜି କେଉଁଆଡ଼େ ଗଲେ
ମନେ ଆଣଇ ସଂଶୟ ।

ସମଗ୍ର ଦେଶରେ ଗରୀବ ଏ ରାଜ୍ୟ
କହିବାକୁ ଏହା ମନେ ଲାଗେ ଲାଜ
ଭେଣ୍ଡା ଆଜି ମେଣ୍ଢା ହେଲା
ଓଡ଼ିଆ ଯୁବତୀ ରୂପଜୀବୀ ସାଜି
ବିଦେଶକୁ ଚାଲିଗଲା ।

କି ଥିଲା ଏ ରାଜ୍ୟ
କି ହୋଇଲା ଆଜ

Digitized by srujanika@gmail.com

ଓଡ଼ିଆ ଜାତିର ଦୁର୍ଦ୍ଦଶାକୁ ହେଜ
ଆଜି ସବୁ ହେଲା ଶୂନ୍ୟ
ଥରେ ଚିନ୍ତାକର ଫେରାଇ ଆଣରେ
ଏ ଜାତିର ସନମାନ ।

* * *

ଜୀବନ କାହାଣୀ

ଜନ୍ମ ଜୀବନର ଆରମ୍ଭ ତ ନୁହେଁ
ମୃତ୍ୟୁ ଜୀବନର ଅନ୍ତ ନ ଘଟାଏ
ଏହା ସର୍ବେ ଜାଣିଥାଅ
ଜୀବନ କାହାଣୀର ଅଟେ ଏହା
ଗୋଟିଏ ମାତ୍ର ଅଧ୍ୟାୟ ।
ଏହା ପୂର୍ବେ କେତେ ଅଧ୍ୟାୟ ସରିଛି
ଆଉ ଅବା ବାକି କେତେ ଯେ ରହିଛି
ତାହା ଜାଣିବ ବା କିଏ ?
ମଣିଷ ଭାବୁଛି ମୃତ୍ୟୁ ହୋଇଗଲେ
ଜୀବନଟା ସରିଯାଏ ।
ପଢ଼ିଥିବ ଯଦି ଜାତକ ଗଳ୍ପକୁ
ତଥାଗତଙ୍କର ଜନ୍ମ ବୃତ୍ତାନ୍ତକୁ
କେତେ ଜନମ ତାଙ୍କର
ଶେଷ ବୌଦ୍ଧ ଜନ୍ମେ
ନିର୍ବାଣ ହେଲା ତାଙ୍କର ।
ନିର୍ବାଣ ପରେ ଜନ୍ମ ଆଉ ନାହିଁ
ଜନ୍ମ, ମୃତ୍ୟୁର ଯେ ଅନ୍ତ ଘଟଇ
ଆତ୍ମା, ପରମାତ୍ମା ସହ
ମିଳିତ ହୁଅନ୍ତି, ଏଥିରେ ନାହିଁ ସନ୍ଦେହ
କି କର୍ମ କରିଛ ତୁମେ ଏହି ଅଧ୍ୟାୟରେ
ଭଲ ଅବା ମନ୍ଦ ବିଚାର ତାହାର ହୁଏ
ପୁଣି ହୁଅଇ ଜନମ
ପୁଣ୍ୟ କରିଥିଲେ ପ୍ରଭୁ ସନ୍ତୋଷିଲେ

Digitized by srujanika@gmail.com

ମିଳଇ ପରମଧାମ
ଏହି ପରି ଏହି କାହାଣୀ ଚାଲିଛି ଜାଣ
କିଏ ବା ଜାଣୁଛି କେବେ ହୋଇବ ନିର୍ବାଣ
ସଂସାରର ନୀତି ଏହା
ବୁଝିପାରୁନାହିଁ ଏ ମନୁଷ୍ୟ ତାକୁ
ହେଉଛି ମିଛରେ ବାୟା
କେତେକେ କହନ୍ତି ଦେହ ଭସ୍ମୀଭୂତ ହେଲେ
ପୁନରଜନମ ଆଉ ନାହିଁ ଏ ଧରାରେ
ଆତ୍ମା କଥା ଚିନ୍ତାକର
ଆତ୍ମାରତ କେବେ ମୃତ୍ୟୁ ନ ଘଟଇ
ସେ ଅଟେ ଚିର ଅମର ।
ହୁଏନି ବିନାଶ ତା'ର କେଉଁଥିରେ
ଜଳ, ବାୟୁ, ଅବା ଘୋର ଅନଳରେ
ଜାଣିଥାଅ ସାଧୁଜନ
ଆତ୍ମା, ପରମାତ୍ମା ସହ ନ ମିଳିଲେ
ହୁଅଇ ପୁନରଜନ୍ମ ।
ଜୀବନ କାହାଣୀ ଏହା
ଆହେ ସୁଧୀଜନ ଭଲ କରି ଚିନ୍ତ ତାହା ।
ଭଲ କର୍ମରେ ମନକୁ ବଳାଇଥାଅ
ପୁଣ୍ୟ କର୍ମ କରି ଯଶ ସଦା ରଖିଯାଅ
ପାପରେ ନରକ ଦୁଃଖଯାତନା
ପୋଥିରେ ହୋଇଛି ଲେଖା ।
ପୂର୍ବଜନ୍ମର ପାପରୁ ମିଳଇ,
ଏହା ତୁମେ ଜାଣିଥାଅ ।।
ଯାହା ଭୋଗୁଅଛ ଏ ଜନ୍ମରେ ରୋଗ
ପ୍ରାରବ୍ଧ କର୍ମର ଫଳ
ଏଥିରେ ନାହିଁ ସନ୍ଦେହ
ରଖିଥାଅ ଏହା ମନରେ ତୁମର
ପ୍ରଭୁ ପଦେ ଲୟ
ରହୁ ନିରନ୍ତର ।

✳ ✳ ✳

Digitized by srujanika@gmail.com

କାହିଁଗଲେ ?

କାହିଁଗଲେ ପଞ୍ଚସଖା
ଚୈତନ୍ୟ ଯୁଗର
ଲେଖିଲେ ଛାନ୍ଦ, ପୁରାଣ
ହୋଇଲେ ଅମର ।
ଅତିବଡ଼ି ଜଗନ୍ନାଥ
ଓଡ଼ିଆ ଭାଷାରେ
ଲେଖିଗଲେ ଭାଗବତ
ଲୋକ ଝୁରିମରେ ।
ଭାଗବତ ଟୁଙ୍ଗି ଶୋହେ
ପ୍ରତି ଗ୍ରାମେ, ଗ୍ରାମେ
ବିତରୁଛି ଜ୍ଞାନାଲୋକ
ମୁରୁଖ ଅଧମେ,
ବଳରାମ ଲେଖିଗଲେ
ସେ ଲକ୍ଷ୍ମୀପୁରାଣ
ଜାତି, ଅଜାତି ଭାବନା
ବିରୋଧ କରିଣ
କାହିଁଗଲେ ଗୋପବନ୍ଧୁ
ପଞ୍ଚସଖା ଗଣ
ଲେଖିଗଲେ, ଏ ଜାତିକୁ
ଦେଇ ଦିବ୍ୟଜ୍ଞାନ
ସବୁଜ ଯୁଗର କବି
ଲେଖିଲେ ଅନେକ
ମାୟାଧର ମାନସିଂ
ସେ ସଚ୍ଚି ରାଉତ
ରାଧାମୋହନଙ୍କ
ପରି ଲେଖିଗଲେ ଯାହା ।
ମନେ ରଖିଥିବ ସଦା
ତାହାକୁ ଓଡ଼ିଆ ।
ଯେଉଁମାନେ ଆଜି ସବୁ

Digitized by srujanika@gmail.com

ଲେଖନ୍ତି କବିତା
ଚିନ୍ତା କରନ୍ତୁ ତ ଥରେ
ସେମାନଙ୍କ କଥା
ଆଜିର କବିମାନଙ୍କୁ
ଏତିକି ମିନତି
ଚଳାଅ କଲମ ସଦା
ସେମାନଙ୍କୁ ଚିନ୍ତି ।

* * *

ନାରୀ

ତୁମେ କ'ଣ ସେହି ନାରୀ
ଯିଏ ଥିଲ ସୀତା, ଆଉ, ସାବିତ୍ରୀ, ଗାନ୍ଧାରୀ ।
ସ୍ୱାମୀ ଥିଲେ ତୁମର ସର୍ବସ୍ୱ
ସେଥିପାଇଁ କରିଥିଲ ସୁଖେ ବନବାସ
ପତିଥିଲେ ଇହ-ପରକାଳର ଦେବତା
ତାଙ୍କ ବିନା ମଣୁଥିଲ ସବୁ ବିଷିପିତା
ମରଣର କାଳେ, ସ୍ୱାମୀ ଚିତାନଳେ
ହସି, ହସି, ଝାସୁଥିଲ ଜୀବନ ଅନଳେ
ତୁମେ ସେଇ ନାରୀ
ଫେରାଇ ଆଣିଲ, ମରଣର ମୁଖୁଁ
ସ୍ୱାମୀକୁ ତୁମରି ।
ଅନ୍ଧସ୍ୱାମୀ ପାଇଁ ତୁମେ ପୁଣି ନାରୀ
ବାନ୍ଧିଲ ଅନ୍ଧପୁଟୁଳି, ଆଖିରେ ଗାନ୍ଧାରୀ
ସ୍ୱାମୀ ଯଦି ନ ଦେଖିଲେ ସୁନ୍ଦର ସର୍ଜନା
ମୁଁ କିଆଁ ଦେଖିବି ? ମନେ ଥିଲା ତୁମରି ଭାବନା
XXX XXX XXX
ତୁମେ ପୁଣି ନାରୀ
ସ୍ୱାମୀ ତେଜି ଅନ୍ୟ ପତି
ନେଇଛି ଆଦରି
କଟାକ୍ଷର ବାଣେ, କିଣି ନେଇ ପୁରୁଷରମନ

Digitized by srujanika@gmail.com

ଛାଡ଼ି ଦେଇ ସନ୍ତାନରେ, ଅନ୍ୟ ସାଥେ କରିଲ ଗମନ
ଅର୍ଥ ପାଇଁ ସାଜ ବାରାଙ୍ଗନା
ଧନ୍ୟରେ ବିଧାତା, ଏ କି ତୋର ଚିନ୍ତା
ଭିନ୍ନ, ଭିନ୍ନ କରି କିଆଁ କଲ ନାରୀ ସରଜନା ।

* * *

ମୃତ୍ୟୁ

ମୃତ୍ୟୁ, ତା' ପାଇଁ କି କର ତୁମେ ଭୟ
ସେ ଯେ ସତ୍ୟ, ସେ ତ ଦିନେ ଆସିବ ନିଶ୍ଚୟ ।
ତାର ସେହି ହିମ ହାତ ତଳେ
କେତେ ସୁଖ, କେତେ ଶାନ୍ତି ମିଳେ
ଦୁଃଖ, ଦୈନ୍ୟ, କାରୁଣ୍ୟର ଘଟେ ତ ବିଲୟ
କିଆଁ ମିଛେ ତୁମେ କର ତାକୁ ଭୟ ।।
ମୃତ୍ୟୁ, ନିଏ ଟାଣି, ହେଉ ସିଏ ଯୁବା, ଶିଶୁ ବୃଦ୍ଧ
ସେଠି ବୟସର ନାହିଁ ତାରତମ୍ୟ, ବା ପ୍ରଭେଦ
ତୋଳିନିଏ ସେହି,
ଯିଏ ଥାଉ ଯେଉଁ ଅବସ୍ଥାରେ
ଭେଦ, ଭାବ ନଥାଏ ତ କେବେ
ସେହି ମହାକାଳର ବିଚାରେ
କୋଟିପତି, ଦୀନ, ଦୁଃଖୀ, ଗର୍ବୀ, ଅଭିମାନୀ
ମୃତ୍ୟୁ କ'ଣ ଛାଡ଼ିପାରେ, ସାନ, ବଡ଼ ଚିହ୍ନି ?
ଜନ୍ମବେଳେ, କାହିଁକର ବୃଥା ଆଡ଼ମ୍ବର
ଆନନ୍ଦର ମଉଛବ, ବୃଥା ଅହଙ୍କାର
ଯୌବନର ସ୍ରୋତେ ଯେବେ ଭାସୁଥାଅ ତୁମେ
କାମିନୀର ସଙ୍ଗ ମେଳେ, ମଦିରା ଭୋଳରେ
ଭାବନା ନ ଆସେ ମନେ, ମୃତ୍ୟୁର ସେ କଥା
ଗଲାବେଳେ ଛାଡ଼ି ଏ ଶରୀର
ସେତେବେଳେ ଚିନ୍ତା ଆସେ,
କାହିଁଗଲା ଅତୀତ ମୋହର
ଭାଙ୍ଗିଯାଏ ମୋହ, କେଉଁଠାରେ, କେଉଁଠି ମୁଁ ଥିଲି

Digitized by srujanika@gmail.com

ସରିଲାକି ଖେଳ ମୋର ଏବେ ଯିବି ଚାଲି
ମୃତ୍ୟୁ ତୁମେ ନ ହୁଅ ନିର୍ଦ୍ଦୟ
ପୁତ୍ର, କନ୍ୟା, ଜାୟା, ସହୋଦର
ଛାଡ଼ିବାକୁ ମୋ ମନ ଅଥୟ
ଟିକେ ମାତ୍ର ରହ ତୁମେ
ପଚାରି ମୁଁ ଆସେ
ଏତେ ଆପଣାର ମୋର ପତ୍ନୀ
ନ ଯିବେକି, ସେ କି ମୋର ସାଥେ ?
କି ଉତ୍ତର ମିଳେ ତୁମେ ଜାଣ
ଶୀଘ୍ର ଯାଅ ଚାଲି,
ଯଦି କେବେ ଆସ ଭୂତରୂପେ,
ଦେହ ଆମେ କରିବୁ କିଳନ
ସବୁ ବୃଥା ସବୁ ବିଡ଼ମ୍ବନା
ଜନ୍ମ, ମୃତ୍ୟୁ ଖାଲି ସତ୍ୟ,
ଅନ୍ୟ ସବୁ ନିଛକ ଛଳନା ।
ତେବେ କିଆଁ ଆଉ କର ଡେରି
କରୁଛି ସ୍ୱାଗତ, ମୃତ୍ୟୁ ତୁମେ
ନିଅ ମୋତେ କୋଳରେ ଆଦରି !!!

* * *

ମନ ଓ ସୂର୍ଯ୍ୟ

ମନ ଓ ସୂର୍ଯ୍ୟ
ଉଭୟେ ଜଳନ୍ତି
ଜଳିବାଟା ଦୁହିଁଙ୍କ ସମାନ
ଦୁହେଁ ଯାକ ଖୁବ୍ ଆୟୁଷ୍ମାନ !
ମନଟା ଜଳୁଛି
ତା' ସାଥେ ଜଳୁଛି ସ୍ମୃତି ସବୁ ହୁତୁ, ହୁତୁ ହୋଇ
ତାକୁ କିନ୍ତୁ କେହି ଦେଖୁ ନାହିଁ ।
ତେଣେ ସୂର୍ଯ୍ୟ, ଉତ୍ତପ୍ତ ପିଣ୍ଡୁଳା
ଛୁଇଁବାଟା ନୁହଁଇ ସହଜ

Digitized by srujanika@gmail.com

ଚାହିଁଦେଲେ, ଆଖି ଫୁଟିଯିବ,
କିନ୍ତୁ, ସୂର୍ଯ୍ୟ ଜଳେ ଖାଲିଜଗତର ହିତେ,
ମନଟା ଜଳୁଛି
ଜଳି, ଜଳି ଧ୍ୱଂସ ହୋଇଯିବ ।
ଚିନ୍ତା ସିନା ଦେହକୁ ଜାଳୁଛି
ଏ ମନଟା, ଟିକି, ଟିକି ଦେହ ଜଳାଉଛି ।
ମନ ଜଳୁଅଛି
ଜଳିବାଟା ନୁହେଁ ତା'ର କାମ
ଜଳାଇବା ନୁହେଁ ତା' ଧରମ
ସେତ ନୁହେଁ ଅଗ୍ନି
କିନ୍ତୁ ମନ ଜଳେ
ନିଜ କର୍ମ ତାକୁଇ ଜଳାଏ
ସୂର୍ଯ୍ୟ ଜଳେ ଜଗତର ହିତ ପାଇଁ
ମନ ଜଳେ,
ଦେହଟାକୁ ଜାଳି, ପୋଡ଼ି
ଦବାକୁ ଧସାଇ ।

* * *

ସ୍ରଷ୍ଟା ସିଏ, କର ନମସ୍କାର

ଏଣୁ, ତେଣୁ ଦେଲେ ଲେଖି
ଯଦି କିଏ, ହୁଏ କବି
ସେଥିପାଇଁ ଦୁଃଖ କିଆଁ କର
କବିତା ତା' ଅତି ଆଧୁନିକ
ସ୍ରଷ୍ଟା ସିଏ, କର ନମସ୍କାର !
ସବୁ କିଛି ଉଭଟ ନାମରେ
ଚଳିଯାଏ, ଯାହା ଛାପି ଦେଲେ
ନଗ୍ନହେଉ, ହେଉବା ଅଶ୍ଳୀଳ
କବିର ଭାବନା, ତାହା ଅନାବିଳ ।।
ମେଘ ହାତେ ପଠାଇ ବାରତା
କବି କାଳିଦାସ, ଯକ୍ଷ ପ୍ରିୟା ପାଶେ

Digitized by srujanika@gmail.com

କେଉଁ ସେହି ଅଳକା ପୁରକୁ
ତାହା ଯଦି, କବିର କଳ୍ପନା
ତେବେ ଏ କବିତା,
ତୁମେ କୁହ, କିଆଁ,
ହେବ ଅନାବନା !!!
ଜହ୍ନରୁ ଚେନାଏ ଆଣି ଗଢ଼ିଛି
ସେ ପ୍ରିୟାର ବଦନ
ଗୋଧୂଳି ସୂର୍ଯ୍ୟର ରଙ୍ଗ
ଦେହେ ତା' ମାଖିଛି
ମେଞ୍ଚାଏ ତାରାକୁ ନେଇ,
ତାକୁ ସଜାଇଛି,
ସେ ବୁଝିଛି ତା କବିତା,
ତୁମେ ବା ନ ବୁଝ
ସୁରା ସାକି ନେଇ
ଲେଖିଲେ କବିତା
ପ୍ରେମ ଖାଲି ପ୍ରେମ
କବି ସେ ପ୍ରେମର
ଓମରଖୟାମ୍
ନଗ୍ନଯଦି ତାହା ନୁହେଁ
ଭାଙ୍ଗ ଖାଇ କବିତା ଲେଖିଲେ
ମାତାଙ୍କୁ ନେଇ ସେ,
ପିତାଙ୍କର ବନ୍ଧୁ କୋଳେ
ସମୁଦ୍ର ବେଳାରେ,
ଯଦି ବସାଇଲେ,
ତୁମେ କିଆଁ କହ ତାକୁ ଅଶ୍ଳୀଳ ବା ନଗ୍ନ
କବିର କଳ୍ପନା ତତ୍ତ୍ୱ,
ସବୁ କିଛି ନେଇଛି ଜନମ
ପୁରାତନ, ଆଧୁନିକ
ନଗ୍ନ ବା ଉଦ୍‌ଭଟ
ଯାହା ତୁମେଲେଖ
ସବୁତ କବିତା
ସେଥିପାଇଁ ଦୁଃଖ କିଆଁ କର ?

Digitized by srujanika@gmail.com

ଚିନ୍ତା ରାଜ୍ୟେ, ହେଉ ବା ବିଭ୍ରାଟ
ସ୍ରଷ୍ଟା ସିଏ, କର ନମସ୍କାର ।

* * *

ସାଧନାରୁ ସିଦ୍ଧି

ବହୁତ କରିଛି ଜୀବନରେ ମୋର
ଶାନ୍ତି ପାଏ ସେଥିପାଇଁ
ହିସାବ, ନିକାଶ ଯେବେ ମୁଁ କରିଛି
ବାକୀ ମୋର କିଛି ନାହିଁ ।
ସଫଳ, ବିଫଳ
ଭାବିନି ଜୀବନେ
କର୍ମ ଏକା ମୋର ସାଥୀ ବୋଲି ମଣେ
କରି ଯାଇଅଛି କର୍ମ
ମନ୍ତ୍ର କରିଛି ସେହି ପଦଟିକୁ
'ମା ଫଳେଷୁ କଦାଚନ !'
ସୁଖେ ଅଧୀର ହୋଇନି
ଦୁଃଖେ ଭାଙ୍ଗିବି ପଡ଼ିନି
ସାଧନା କରିଛି ଜୀବନଟା ସାରା
(ଜାଣେନା) ସିଦ୍ଧି ପାଇଛି କି ନାହିଁ ।
ସାଧକର କାମ ସାଧନା କରିବା
ଆଳସ୍ୟ ତେଜି କର୍ମଠ ହେବା
ମିଳେ କିନ୍ତୁ ଆଶୀର୍ବାଦ
ସେହି ଆଶୀର୍ବାଦେ ଆଜି ବଳିୟାନ
ମିଳେ ପ୍ରଚୁର ଆନନ୍ଦ,
ନୂତନ ପୀଢ଼ିକୁ ଏହି ଉପଦେଶ ମୋର
ଫଳପ୍ରାପ୍ତି ନ ବିଚାର
ପ୍ରଭୁଙ୍କୁ ମନରେ ଧ୍ୟାୟୀ
କରିଯାଅ କର୍ମ, ତାଙ୍କ ଆଶୀର୍ବାଦ ପାଇଁ ।

* * *

Digitized by srujanika@gmail.com

ବାହୁବଳ

ବାହୁବଳ ଆଜି ଶ୍ରେଷ୍ଠବଳ
କଷଣ ଭୋଗୁଛି ଦୁର୍ବଳ ।
ଲେଖ ଦୁର୍ବଳର କଥା
ଅସିଠାରୁ ମସି ବଳିୟାନ ଜାଣ
ଏ କଥା ନୁହେଁ ଅନ୍ୟଥା
ଆହେ କବିକୁଳ ସର୍ବେ ଲେଖିଚାଲ
କର ସତ୍ୟର ଜୟଗାନ
ତୁମରି କଲମ ବଜ୍ରଠାରୁ ଟାଣ
ହୁଅ ହେ ତୁମେ ମହାନ ।
ସତ୍ୟ, ନ୍ୟାୟ କଥା କହି
କର ହେ କର୍ତ୍ତବ୍ୟ, ଜାଣ ଏହା ନିତ୍ୟ
ଉପକୃତ ହେଉ ମହୀ ।

* * *

ଭକ୍ତ କିଏ

ଅର୍ଜୁନ ଭାବିଲେ ମନେ, ମନେ
ମୋହଠାରୁ ଭକ୍ତ ନାହିଁ ଜଣେ
ସେଥିପାଇଁ ପ୍ରଭୁ ମୋହରି ରଥରେ
ସାରଥୀ ସାଜିଲେ ଘୋର ରଣେ ।
କୌରବମାନଙ୍କୁ ସେନା ଦେଇ
ରହିଥିଲେ ପାଶେ ମୋର ସେହି
ପ୍ରଭୁକି ଭକ୍ତକୁ ଛାଡ଼ି ରହିପାରେ
ପାଖେ, ପାଖେ ରହି ରକ୍ଷାକଲେ ।
ଅର୍ଜୁନର ମନ କୃଷ୍ଣ ଜାଣି
ଡାକନ୍ତି ହରଷେ ବେଣୁପାଣି
ଆସ ଯିବା ସଖା ବୁଲି ଗ୍ରାମ
ଦେଖିବ ସେଠାରେ ଭକ୍ତ ମମ
ନିତି ନାମ ମୋର ଜପୁଥାଏ

Digitized by srujanika@gmail.com

ନାମ ଜପନେ ସେ ଶାନ୍ତି ପାଏ
ଥରେ ମାତ୍ର କରେ ସେ ଆହାର
ହିଂସା ଆଚରଣ ନାହିଁ ତାର
ଅର୍ଜୁନ କହନ୍ତି ଚାଲ ଯିବା
ଭକ୍ତକୁ ଦେଖିଲେ ଧନ୍ୟ ହେବା
ଯାଉ, ଯାଉ ଏକ ବାରଣ୍ଡାରେ
ବୃଦ୍ଧ ଆଖି ବୁଜି ଜପ କରେ ।
ପ୍ରଭୁ ନାମ ବସି ଜପୁଅଛି
ହାତେ ଖଡ୍ଗ ଧରି ବସିଅଛି ।
ଅର୍ଜୁନ ଭାବିଲେ, ଏ ତ ବିପରୀତ
କଥା ମୁଁ ଦେଖିଲି ଆଚମ୍ବିତ ।
ଅହିଂସାର ଅଟେ ଯେ ପୂଜାରି
ବସିଛି ହାତରେ ଖଡ୍‌ଗଧରି
ଚାହିଁଲେ ଆତୁରେ ପଦ୍ମମୁଖ
ମନରେ ସନ୍ଦେହ ଘନୀଭୂତ
ମନକଥା ଜାଣି ପ୍ରଭୁଧୀରେ
କହିଲେ ପଚାର ହେ ସତ୍ୱରେ
କାହିଁକି ଧରିଛି ହସ୍ତେ ଖଡ୍ଗ
ସଂଶୟ କର ଦୂରୀଭୂତ ।
ପଚାରିଲେ ପାର୍ଥ ହସି ହସି
ହସ୍ତେ ଧରିଥାଅ କିଆଁ ଅସୀ ?
ଅହିଂସା ପୂଜାରୀ ତୁମେ ଅଟ
ଖଡ୍‌ଗ ଧରି କିଆଁ ବସିଅଛ ।
ଅର୍ଜୁନ ମୁହଁକୁ ବୃଦ୍ଧ ଚାହିଁ
ଯେ ଦେଇଛି କଷ୍ଟ ତାକୁ ମୁହିଁ ।
ହାଣିବି ତାହାକୁ ଏହି ଅସ୍ତ୍ରେ ।
ପ୍ରଭୁଙ୍କର କଷ୍ଟ ନ ବୁଝେସେ ।
ପ୍ରଥମେ ନାରଦ ମହାମୁନି
ସବୁବେଳେ ନାରାୟଣ ଧ୍ୱନି
ପ୍ରଭୁଙ୍କୁ ବିଶ୍ରାମ ନାହିଁ ଦିଏ
ତା' ଠାରୁ ପାମର ଅଛି କିଏ
ତା'ପରେ ଆସଇ ପ୍ରହ୍ଲାଦ

Digitized by srujanika@gmail.com

ଖମ୍ବରୁ ବାହାର କଲା ସେତ
ଖମ୍ବରୁ ବାହରି ପ୍ରଭୁ ମୋର
ପାଇଥିଲେ କଷ୍ଟ ଅତି ଘୋର
ତା'ପରେ ଆସଇ ହନୁ ବୀର
ପ୍ରଭୁଙ୍କୁ ରଖିଲା ବକ୍ଷସ୍ଥଳ
ରକ୍ତ, ପୂଜ କିଛି ନ ମାନିଲା
ପ୍ରଭୁଙ୍କୁ ଅଶେଷ କଷ୍ଟ ଦେଲା ।
ତା'ପରେ ଆସନ୍ତି ପାର୍ଥବୀର
ସାରଥୀ କଲା ସେ ତା' ରଥର
ପ୍ରଭୁ ମୋର ପାଇଲେ ଯେ କଷ୍ଟ
ନ କଲା ବିଚାର ସେହି ଦୁଷ୍ଟ
ସେମାନଙ୍କୁ ମୁହିଁ ଦେବି ହାଣି
ଏଥିରେ ସନ୍ଦେହ ନାହିଁ ପୁଣି
ଅର୍ଜୁନ ଚାହିଁଲେ ଶ୍ରୀକୃଷ୍ଣଙ୍କୁ
ହସୁଥିଲେ ମନ ବିତିବାକୁ
ସୁଧୀଜନେ କହ କିଏ ଭକ୍ତ
ଅର୍ଜୁନ ନା ସେହି ଖଡ୍‌ଗ ହସ୍ତ
ଗରବ ଛାଡ଼ିଲେ ସେ ଅର୍ଜୁନ
ପ୍ରଭୁଙ୍କର ଇଚ୍ଛା ହେଲା ପୂର୍ଣ୍ଣ ।

* * *

କିଏ ନୁହଁନ୍ତି କାହାର

ଚକ୍ରବ୍ୟୂହେ, ଅଭିମନ୍ୟୁ ବୀର
ବଧ ହୋଇଥିଲା ଯେ'ଦିନର
ଛାଡ଼ି ଦେଲେ ଅସ୍ତ୍ର ଅର୍ଜୁନ ତ୍ୱରିତ
ବୋହୁଥାଏ ଅଶ୍ରୁ ଧାର ଧାର ।
କରନ୍ତି ରୋଦନ ସୁଭଦ୍ରା ଜନନୀ
କାହିଁଗଲା ମୋର ପୁତ୍ର ଧନମଣି
ତା' ବିନା ମୁଁ ନ ବଞ୍ଚିବି
ରଖି ଏହି ପ୍ରାଣ କି ଲାଭ ଜଗତେ

Digitized by srujanika@gmail.com

ତା’ ଲାଗି ପ୍ରାଣ ତେଜିବି ।
ଅର୍ଜୁନ କାନ୍ଦନ୍ତି ଶିଶୁପ୍ରାୟେ
ନ ଦେଖିଲେ ପୁତ୍ର ମୋର
ଛାଡ଼ି ଦେବି ଅସ୍ତ୍ର ଏ ମୋର ଶପଥ
ସନ୍ଦେହ ନାହିଁ ଏଥିର ।
ଚିନ୍ତା କଲେ ପ୍ରଭୁ ଚକ୍ରପାଣି
କହିଲେ ଅର୍ଜୁନେ,
ଆସ ସଖା ମୋର
ଦେଖାଇବି ତବ ପୁତ୍ର ମଣି ।
ତା’ହେଲେ ମନ କି ସନ୍ତୁଷ୍ଟ ହୋଇବ
ଯୁଦ୍ଧ କରିବ ନା ତୁମେ ପୁଣି ?
ଏହି ପ୍ରତିଶ୍ରୁତି ଦେଲେ ମୋତେ
ଦେଖାଇବି ପୁତ୍ର ମୁଁ ତ୍ୱରିତେ ।
ଅର୍ଜୁନ କହିଲେ ଚାଲ ସଖା
ପୁତ୍ର ମୁଖ ଦେଖି ନାହିଁ
ସେଥିପାଇଁ ମନ ହୁଅଇ ଉଛନ୍ନ
ଡେରି କର କାହିଁ ପାଇଁ ।
ଶ୍ରୀକୃଷ୍ଣ ହୋଇଲେ ରାଜି
ସଖାକୁ ଧରିଣ କରିଲେ ଗମନ
ଦେଖାଇବେ ପୁତ୍ର ଆଜି ।
ଯାଉଁ ଯାଉଁ ବାଟେ ଦେଖିଲେ ଶ୍ରୀକୃଷ୍ଣ
ରାମ ଦୋଳି ପରେ ବସି
ପିଲାମାନେ ସବୁ ଆନନ୍ଦିତ ହୋଇ
ଦୋଳିରେ ଖେଳନ୍ତି ହସି
ତହିଁରେ ବସିଛି ପୁତ୍ର ଅଭିମନ୍ୟୁ
କୃଷ୍ଣ ଦେଖାନ୍ତି ସତ୍ୱର
ଦେଖ, ଦେଖ ସଖା ତୁମ ଅଭିମନ୍ୟୁ
ବସିଛି ଦୋଳି ଉପର ।
ଡାକିଲେ ଅର୍ଜୁନ ବୀର
ଆସ ଆସ ପୁତ୍ର ତୋ ପିତା ଆସିଛି
ତୋତେ ନେଇଯିବ ଘର ।
ମାତା କାନ୍ଦୁଛନ୍ତି ମୁହିଁ କାନ୍ଦୁଅଛି

Digitized by srujanika@gmail.com

ନିଷ୍ଠୁର ହେଲୁରେ କିଆଁ
ଥରେ ଭାବିଲୁକି ପିତାମାତା କଥା
ଭୁଲିଲୁ ସାରା ଦୁନିଆଁ ।
ଅର୍ଜୁନଙ୍କ କଥା ଶୁଣି,
ଅଭିମନ୍ୟୁ ଆସି ଉତ୍ତର ଦିଅଇ
କିଏ ତୁମ ପୁତ୍ର ମଣି
ଏ ଜନମେ ତୁମେ ପିତା ମୋର ଥିଲ
ପୂର୍ବ ଜନ୍ମେ ମୁଁ ତୁମର
ମୁହିଁ ପିତା ଥିଲି ତୁମେ ପୁତ୍ର ଥିଲ
ସତ୍ୟ ଅଟେ ମୋର ଗୀର ।
ଜୀବନ କାହାଣୀ ଏପରି ଚାଲିଛି
ଏତ ଗୋଟିଏ ଅଧ୍ୟାୟ
ଅନ୍ୟ ଅଧ୍ୟାୟକୁ ପ୍ରସ୍ତୁତ ହୁଅ ହେ
ଫେଡ଼ିଲି ତୁମ ସଂଶୟ
କିଏ ଅଟେ କାହା ପୁତ୍ର
ମାୟା ବନ୍ଧନରେ ଏ ସଂସାର ଖାଲି
ହେଉଅଛି ଆତ ଯାତ ।
କିଏ ନୁହେଁତ ତୁମର
ପୁତ୍ର, ପତ୍ନୀ, କନ୍ୟା କାହାକୁ କହୁଚ
କେହି ନୁହନ୍ତି କାହାର ।

* * *

ଶିକ୍ଷାଦାନ

ପବିତ୍ର ଅଟେ ଏ ଶିକ୍ଷାଦାନ
ଗୁରୁ ପାଇଥାନ୍ତି ଶ୍ରେଷ୍ଠସ୍ଥାନ
ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ସେହି
ଏଥିରେ ସନ୍ଦେହ ତିଳେ ନାହିଁ
ଶିକ୍ଷକ ନାମରେ ସଇତାନ
ନେଇଛନ୍ତି ଆଜି ତାଙ୍କ ସ୍ଥାନ
ଶିକ୍ଷାଦାନଠାରୁ ପୁଣ୍ୟ ନାହିଁ

Digitized by srujanika@gmail.com

ଗୁରୁତ ମଣିଷ ଗଢ଼ଇ ।
ସେହି ଗୁରୁ କରେ ଟିଉସନ
ସ୍ୱାର୍ଥ ନିଏ ତା'ର ଶ୍ରେଷ୍ଠସ୍ଥାନ ।
ଯିଏ ନ ପଢ଼ୁଛି ଟିଉସନ
ପରୀକ୍ଷାରେ ତା'ର ଫେଲ ଜାଣ ।
ଏହା ଘଟୁଅଛି ନିରନ୍ତର
କିଏ ନ କରୁଛି ତା' ବିଚାର
ରିତା ମିଶ୍ର ନାମେ ଜଣେ ଛାତ୍ରୀ
ଶିକାର ହୋଇଲା ଏହି ମତି
ଅଧ୍ୟାପକମାନେ ଦାବୀ କଲେ
ଲାଞ୍ଚ, ଉପହାର ସେ ମାଗିଲେ
ନ ଦେଲେ କରିବୁ ତତେ ଫେଲ୍
ଜୀବନଟା ହେବ କଲବଲ
ଆଣିବ କେଉଁଠୁ ଲାଞ୍ଚ ଟଙ୍କା
ମନ ତା'ର ହୋଇଗଲା ଫିକା
ପରୀକ୍ଷା ଦେଇ ସେ ଚିନ୍ତା କଲା
ମେଧାବୀ ଛାତ୍ରୀରେ ନାମ ଥିଲା ।
ଯଦି ନ ରହିବ ମାର୍କ ଭଲ,
ନିନ୍ଦା ରଟିଯିବ ନାମେ ମୋର ।
ମନରେ ସେ ଯାହା ଭାବିଥିଲା
ପ୍ରକୃତରେ ତାହା ଘଟିଗଲା ।
ଆତ୍ମହତ୍ୟା କଲା ଅଭାଗିନୀ
ଚିଠି ଲେଖି ଗଲା ତତ୍‌କ୍ଷଣି
ଅଧ୍ୟାପକମାନେ ଏଥିପାଇଁ,
ଅଟନ୍ତି ଦାୟୀ ମୋ ମୃତ୍ୟୁପାଇଁ ।
ମୋର ପରି କେତେ ଛାତ୍ରଛାତ୍ରୀ
ଭାଗ୍ୟକୁ ଆଦରି ବଞ୍ଚୁଛନ୍ତି
କାଳ ହେଲା ସେହି ଚିଠିଖଣ୍ଡ
ପାଇଲେ ସେମାନେ ଜେଲଦଣ୍ଡ
ଚକିତ ହୋଇଲେ ସର୍ବଜନ
ଅତି ଅଦ୍ଭୁତ ଏ ଶିକ୍ଷାଦାନ ।
କାହିଁ ଗଲେ ସେହି ଗୁରୁକୁଳ,

Digitized by srujanika@gmail.com

ମଣିଷ ପଢ଼ିବା ନିତି ଯାର ।
ସେମାନଙ୍କ ଆଜି ନେଲେ ସ୍ଥାନ,
ଶିକ୍ଷକ ନାମରେ ସଇତାନ ।
ଜାଗ୍ରତ ହୁଅ ସର୍ବଜନେ,
ଦୁର୍ନୀତି ହଟାଅ ଶିକ୍ଷାଦାନେ ।

* * *

ବିପ୍ଳବ

ବିପ୍ଳବର କଥା କହି, କହି
ନ ନିଅରେ ଆଉ ମନ ମୋହି ।
ଯେ ଥିଲା ବିପ୍ଳବୀ ସେ ସୁବିଧାବାଦୀ
ନୀତିକୁ ନେଇଛି ଆପଣେଇ ।
କପଟ, ଛଳନା, ପ୍ରତାରଣା
ଆଜି, କରିଅଛି ବାଟବଣା ।
ପୁଞ୍ଜିବାଦୀ କହେ ବିପ୍ଳବର କଥା
ସେ କଥାରେ ଆଉ ତୁ ଭୁଲ ନାହିଁ ।
ଦଳିତ, ଶୋଷିତ ହୃଦୟରେ
ବିପ୍ଳବ ଆଜି ଘୁରି ବୁଲେ
ସେ ଦିନ ଆସୁଛି ଅପେକ୍ଷା କର
ଜାଗ୍ରତ ହେବ ଏହି ମହୀ ।
ବିପ୍ଳବର କର ଜୟଧ୍ୱନୀ
ଜାଗ୍ରତ ହେବ ଏ ମେଦିନୀ ।
ହଟିବ ଦାରିଦ୍ର୍ୟ, ସାମ୍ୟ, ମୈତ୍ରୀଭାବ
ସାରା ଜଗତକୁ ଦେବ ମୋହି ।
ଦଳିତ, ପତିତ ଯେତେ ଜନ
ଯେଉଁଠି ଚାଲିଛି ଶୋଷଣ
ବିପ୍ଳବ ଜାଳିବ ମୁକ୍ତି ମସାଲ
ସେଥିରେ ସନ୍ଦେହ ତିଳେ ନାହିଁ ।
ସର୍ବହରାର ସେ ଏକା ସମ୍ବଳ
ସବୁବେଳେ ଆମେ ଜାଣୁଥାଉ

Digitized by srujanika@gmail.com

ଜାଗି ଉଠ ଆଜି ଘରେ ଘରେ
ସର୍ବହରା ଯେତେ ଯେଉଁଠାରେ ।
ସୁଦିନ ଆସିବ ଚିନ୍ତା କର ନାହିଁ,
ବିପ୍ଳବର ଜୟ, ଜୟ ଗାଇ ।

* * *

ଅତୀତ ଓ ବର୍ତ୍ତମାନ

ଅତୀତ କଥାକୁ ଭୁଲିଯାଅ ବନ୍ଧୁ
ବର୍ତ୍ତମାନ କଥା ଚିନ୍ତାକର
କାଲି କ'ଣ ଥିଲା ଆଜି କ'ଣ ଅଛି
ସେ କଥାକୁ ଟିକେ ମନେଭାଳ ।
ଗଢ଼ିଥିଲେ ଦିନେ କୋଣାର୍କ ତ ଆମେ
ସେ କଥା ଭାବିଲେ କିସ ହେବ
ଆଜି ଆମ ଶିଳ୍ପୀ ଅଥର୍ବ ହୋଇଲା
ସେ କଥାକୁ ଥରେ ମନେଭାବ ।
ଅତୀତରେ ଆମ ସାଧବର ପୁଅ
ସାତ ସମୁଦର ତେର ନଇ
ବୋଇତରେ ଯାଇ ବେପାର କରିଣ
ହୀରା, ଲିଳା, ଆଣୁଥିଲେ ବୋହି
ଆଜି ସେହି ପୁଏ ଜାହାଜକୁ ଛାଡ଼ି
ଦାଦନ ଖଟନ୍ତି ଦେଶାନ୍ତରେ
ବାହାରକୁ ଯାଇ ଏଡ୍‌ସ ରୋଗ ଆଣି
ମରୁଛନ୍ତି ଆଜି ନିଜ ଘରେ ।
କଳିଙ୍ଗର ବୀର ସାହାସୀ ସଂଗ୍ରାମୀ
ଚଣ୍ଡାଶୋକ ହେଲା ଧର୍ମ୍ମାଶୋକ
ସେଥିଲା ଅତୀତ ଆଜି କଥା ଦେଖ
ଶ୍ରମ ଭୀରୁ ହେଲେ ଏ ଯୁବକ ।
ଅତୀତ ଗୌରବ ହଜି ଯାଇଅଛି
କର୍ପୂର ଯାଇଛି କନାଖଣ୍ଡି
ପଡ଼ି ରହିଅଛି ସେ କଥା ଭାବିଲେ

Digitized by srujanika@gmail.com

ଉଠୁଅଛି ଆଜି ପ୍ରାଣ କାନ୍ଦି ।
ଆନନ୍ଦିତ ହୁଅ କାହାପାଇଁ
ଅତୀତ କଥାକୁ ମନେ ହେଜି
ଫେରାଇ ଆଣରେ ହୃତ ଗଉରବ
ଶପଥ ନିଅରେ ସର୍ବେ ଆଜି ।

* * *

ଭକ୍ତର ଛାଇ, ପ୍ରଭୁଙ୍କର ହାଇ

ହାଇ ମାରୁଛନ୍ତି ପ୍ରଭୁ ରାମଚନ୍ଦ୍ର
ତାହା କେବେ କମୁନାହିଁ
ସାତଦିନ ଧରି ଶୋଇ ନ ପାରନ୍ତି
ନିଜେ ଜଗତର ସାଇଁ ।
ଏହି ଖବରଟି ପ୍ରଚାର ହୋଇଲା
ଜନଗଣଙ୍କ ମଧ୍ୟରେ
ଶହ, ଶହ, ଲୋକ ଦେଖିବାକୁ ବ୍ୟଗ୍ର
ଠୁଳ ଆସି ସିଂହଦ୍ୱାରେ ।
ମନ୍ତ୍ରୀ ପାରିଷଦ ସମସ୍ତେ ତ ବ୍ୟସ୍ତ
କିପରି ହାଇ କମିବ
ଏ କି ରୋଗ ଆସି ପ୍ରଭୁଙ୍କୁ ଗ୍ରାସିଲା
ସର୍ବେ ହେଲେ ଆଚମ୍ଭିତ
ରାଜ୍ୟ ଯାକ ଆସି ବୈଦ୍ୟ ଠୁଳ ହେଲେ
ରୋଗ ନ ପାରିଲେ ଜାଣି
କେଉଁଠୁ ଆସିଲା ଏ ଅଦ୍ଭୁତ ରୋଗ
ପଡ଼ିଲା ରାଜ୍ୟେ ଭାଳେଣି ।
ଗୁରୁ ବଶିଷ୍ଠଙ୍କୁ ଡକରା ପଡ଼ିଲା
ପରାମର୍ଶ ଲୋଡ଼ିବାକୁ
ଗ୍ରହଶାନ୍ତି ପାଇଁ ପରାମର୍ଶ ଦେଲେ
ଚାହିଁଲେ ସର୍ବେ ମୁହଁକୁ ।
ବଶିଷ୍ଠ ଜାଣିଲେ ପ୍ରଭୁଙ୍କର ମାୟା
ତାକୁ କିଏ ବା ଜାଣିବ

Digitized by srujanika@gmail.com

ଯେ ପ୍ରଭୁ ଅଟନ୍ତି ଜଗତ ପାଳକ
ତାଙ୍କୁ ଭଲ କେ କରିବ ।
ଏମନ୍ତ ସମୟେ ଜଣେ ବୈଦ୍ୟ ଆସି
କହିଲେ ସର୍ବ ସମ୍ମୁଖେ
ଜାଣିଛି ନିଦାନ କରିବି ବିଧାନ
ଭଲ ହୋଇବେ ତୁରିତେ ।
ଏ ତ ନୁହେଁ ଜାଣ ସାମାନ୍ୟ ରୋଗ ହେ
ଅଟେ ଏହା ଗୁରୁତରେ
ଚିନ୍ତା କର ନାହିଁ ପ୍ରଭୁ ଭଲ ହେବେ
ସନ୍ଦେହ ନାହିଁ ଏଥିର
ଜଣେ କିଏ ଭକ୍ତ ପ୍ରଭୁଙ୍କୁ ଡାକୁଛି
ତାଙ୍କ ଦରଶନ ପାଇଁ
ତା' ଛାଇ ପଡ଼ିଲେ ପ୍ରଭୁଙ୍କର ହାଇ
ନିଶ୍ଚେ ଭଲ ହେବ ଯାଇ ।
କେଉଁଠି ସେ ଭକ୍ତ ଶୀଘ୍ର ଖୋଜିଆଣ
ପ୍ରଭୁ କଷ୍ଟ ପାଉଛନ୍ତି
ଭକ୍ତ ପାଇଁ ପ୍ରଭୁ ଅତି ଛଟପଟ
କେତେ କଷ୍ଟ ସହୁଛନ୍ତି
XXX XXX XXX
ଲଙ୍କା ବିଜୟର ପରେ ରାମଚନ୍ଦ୍ର
ସୀତୟାଙ୍କୁ ସଙ୍ଗେ ଧରି
ଅଯୋଧ୍ୟାକୁ ଯିବେ ଡେରି ନ କରି ସେ
ଲଙ୍କାରୁ ଗଲେ ବାହାରି ।
ଅଙ୍ଗଦ, ସୁଗ୍ରୀବ ବୈଦ୍ୟ ଜାମ୍ବବାନ
ବାଟରେ ସବୁ ରହିଲେ
କେବଳ ଶ୍ରୀରାମ ସାଥେ ହନୁମାନ
ଅଯୋଧ୍ୟାରେ ପହଞ୍ଚିଲେ
ମାଙ୍କଡ଼କୁ ଦେଖି ନଗରବାସୀଏ
ହୋଇଗଲେ ଆଚମ୍ବିତ
କେଉଁଠାରୁ ପ୍ରଭୁ ଏହାକୁ ଆଣିଲେ
ପ୍ରଭୁଙ୍କୁ ନ ଛାଡ଼େ ସେ'ତ ।
ଛାତିର ଭିତରେ ରାମ, ସୀତୟାଙ୍କୁ

Digitized by srujanika@gmail.com

ରଖିଥିଲେ ଛାତିଚିରି ।
କିପରି ବଞ୍ଚବ ପ୍ରଭୁଙ୍କର ବିନା
ପରାଣ ତ ହେଲା ଘାରି
ସେଥିପାଇଁ ପ୍ରଭୁ ସାଙ୍ଗରେ ଆଣିଲେ
ନିଜ ଶ୍ରେଷ୍ଠ, ପ୍ରିୟ ଭକ୍ତ
ଏ କଥା କାହିଁକି ଅଯୋଧ୍ୟା ଜାଣିବ
ସର୍ବେ ହୁଅନ୍ତି ବିସ୍ମିତ ।
ମାଙ୍କଡଟା ଆସି ପ୍ରଭୁଙ୍କ ପାଖରେ
ନିର୍ଭୟରେ ବସୁଅଛି
ପ୍ରଭୁ ରାମଚନ୍ଦ୍ର କିଛି ନ କହିଣ
ସମସ୍ତଙ୍କୁ ବିଦୁରଛନ୍ତି ।
ରାଣୀମାନେ ସବୁ ଏବେ ଚିନ୍ତାକଲେ
ପ୍ରହରୀକୁ ଡାକି ଧୀରେ
ମାଙ୍କଡ଼ଟାକୁ ଆଉ ନ ଛାଡ଼ ଭିତର
ଆଦେଶ ସର୍ବେ ପାଳିଲେ ।
ହନୁମାନଙ୍କୁ ତ ହେଲା ଅପମାନ
କିଛି ନ କହି କାହାକୁ
ପ୍ରାସାଦ ଉପରେ ଯାଇଣ ବସିଲେ
ଡାକି ନିଜ ଦେବତାଙ୍କୁ ।
ଶ୍ରୀରାମ ଜାଣିଲେ ଭକ୍ତ ମନକଥା
ସୃଷ୍ଟି କରିଲେ ଏ ହାଇ
ବୈଦ୍ୟ ଖୋଜି ଦେଖେ ଭକ୍ତହନୁମାନ
ପାଖେ ଗଲା ବେଗେ ଧାଇଁ ।
ହନୁମାନଙ୍କୁ ସେ ଧରିଣ ଆସିଲା
କଲା ପାଖରେ ହାଜର
ପ୍ରଭୁ ରାମଚନ୍ଦ୍ର ଭିଡ଼ି ଧରିଲେ ସେ
ଛାତିରେ ଭକ୍ତପ୍ରବର
ଭକ୍ତର ଛାଇରେ ପ୍ରଭୁଙ୍କର ହାଇ
ଆପେ ହୋଇଗଲା ଦୂର
ପୂଜିଲେ ସଭିଏଁ ଆଡି ଆନନ୍ଦରେ
ହନୁମାନ ଶ୍ରୀପୟର ।।

* * *

Digitized by srujanika@gmail.com

ଗଳ୍ପ

Digitized by srujanika@gmail.com

Digitized by srujanika@gmail.com

ନେତା

ନେତା ହେବାକୁ ତାଙ୍କର ଖୁବ୍ ମନ । ସେଥିପାଇଁ ସବୁ ସଭାସମିତିକୁ ସେ ଦୌଡ଼ନ୍ତି । ତାଙ୍କୁ କହିବା ପାଇଁ କେହି ନ ଡାକିଲେ ମଧ୍ୟ ସେ କହିବା ପାଇଁ ସଭାପତିଙ୍କୁ ଅନୁରୋଧ କରନ୍ତି । ଖବର କାଗଜରେ ଯେତେବେଳେ ନାଁଟା ଛପା ହେବାର ଦେଖନ୍ତି, ତାଙ୍କର ଆନନ୍ଦ କହିଲେ ନସରେ । ସତେ ଯେମିତି ଖବଗକାଗଜରେ ନାଁଟା ତାଙ୍କରି ବାହାରିପଡ଼ିଲେ-ତାଙ୍କୁ ସ୍ୱର୍ଗ ଲାଭ ହେଲାପରି ଲାଗେ । ଏଥିପାଇଁ ସାହିର ଟୋକାଗୁଡ଼ାକ ବେଶ୍ ଫାଇଦା ଉଠାନ୍ତି । କାଗଜଟାକୁ ଧରି ସିଧା ଦୌଡ଼ନ୍ତି ମହାପାତ୍ରଙ୍କ ଘରକୁ । ଖବରଟା ପଢ଼ିବା ବେଳକୁ ମହାପାତ୍ରେ ବଡ଼ ପାଟିରେ ରଡ଼ିଟାଏ ପକାନ୍ତି, "ହଇରେ ସଭାରେ ମୁଁ ଭାଷଣ ଦେଇଥିଲି । ମୋ ନାଁଟା କ'ଣ ଛାଡ଼ିଦେଇଛ ।" ଥଟ୍ଟା କରି ଟୋକାଗୁଡ଼ାକ କହନ୍ତି, ମଉସା ଆପଣଙ୍କ ଭାଷଣ ସେ ଦିନ ସବୁଠାରୁ ବଡ଼ ଭଲ ହୋଇଥିଲା । ମନ୍ତ୍ରୀପରା ଆପଣଙ୍କ ଭାଷଣର ତାରିଫ୍ କରୁଥିବା କଥା ତାଙ୍କ ପାଖଲୋକ ଗୋବିନ୍ଦ ଦାଶେ କହୁଥିଲେ । "ସତେ କିରେ, ମୁଁ ଭାଷଣ ଦେଲାବେଳେ ଖାଲି ତାଳି ଉପରେ ତାଳି ପଡୁଥାଏ । ବୁଝିଲୁ, ରାଧୁ ମହାପାତ୍ର ଯଦି ଭାଷଣ ଦେବ, ଲୋକେ ଘଣ୍ଟା ଘଣ୍ଟା ଧରି ଶୁଣୁଥିବେ ।"

କଥାଟା ସେଇଆ ନୁହେଁ । ମହାପାତ୍ରେ କି ଭାଷଣ ଦିଅନ୍ତି- ତା' ବୋଧେ ତାଙ୍କୁ ମାଲୁମ୍ ନଥିବ । ତାଙ୍କ ଭାଷଣ ଏତେ ବିରକ୍ତିକର ହୁଏ ଯେ, ପିଲାଏ ତାଳି ଉପରେ ତାଳିମାରି ସେମାନଙ୍କର ବିରକ୍ତି ପ୍ରକାଶ କରୁଥାନ୍ତି । କିନ୍ତୁ ମହାପାତ୍ରେ ଭାବନ୍ତି- ସତେ ଯେମିତି ସମସ୍ତେ ତାଙ୍କର କଥାକୁ ଗ୍ରହଣ କରି ଯାଉଛନ୍ତି ।

ଟୋକାଗୁଡ଼ାକ ତାଙ୍କୁ ଟେକାଟେକି କରି ଜଳଖିଆ ଖର୍ଚ୍ଚଟା ବେଶ୍ ଉଠାଇ ଦିଅନ୍ତି । ମହାପାତ୍ରଙ୍କର ଗୋଟିଏ ନିଶା ସପ୍ତାହକୁ ଅନ୍ତତଃ ଥରେ ହେଲେ କୌଣସି ଖବର କାଗଜରେ ନାଁଟା ବାହାରୁ । ତେଣୁ ଗାଁ ଗହଳରେ ସାମ୍ବାଦିକ ମାନଙ୍କୁ ମହାପାତ୍ରଙ୍କର ଖାତିରି ବେଶୀ । ବୟସାଧିକ ଲୋକ ହୋଇଥିବାରୁ, ସେ କାହାକୁ ପୁତୁରା ତ କାହାକୁ ନାତି ବୋଲି ଡାକନ୍ତି । ନାତି ଶବ୍ଦଟା ତାଙ୍କର ସମସ୍ତଙ୍କ ପାଇଁ ଗୋଟାଏ ସାର୍ବଜନୀନ ଶବ୍ଦ, ଯେଉଁଟାକୁ ସେ ବିଶେଷ ବ୍ୟବହାର କରି ଫାଇଦା ଉଠାଇବା ଅପେକ୍ଷା, ବେଶୀ କ୍ଷତିଗ୍ରସ୍ତ ହୁଅନ୍ତି ।

ମହାପାତ୍ରଙ୍କର ଶିକ୍ଷାଗତ ଯୋଗ୍ୟତା ପଞ୍ଚମଶ୍ରେଣୀ । ତେବେ ଆଜିକାଲିକାର ପାଠୁଆଙ୍କ ତୁଳନାରେ, ଅଳ୍ପ ପାଠ ପଢ଼ିଥିଲେ ମଧ୍ୟ, ସେ ବେଶ୍ କିଛି ବହିପତ୍ର ପଢ଼ାପଢ଼ି କରି ଗୁଡ଼ାଏ ଜ୍ଞାନ ସଂଗ୍ରହ କରିପାରିଛନ୍ତି । ତେଣୁ ସଂସ୍କୃତ ଶ୍ଳୋକର ବହୁଳ ପ୍ରୟୋଗ, ତାଙ୍କ ଭାଷଣରେ ଶୁଣାଯାଏ । ଏକେତ ବ୍ରାହ୍ମଣ, ସଂସ୍କୃତ ଉପରେ ଟିକିଏ ଦକ୍ଷତା

Digitized by srujanika@gmail.com

ଅଛି । ତେଣୁ ଜଣେ ଦକ୍ଷ ପଣ୍ଡିତ ପରି ସେ ଯେପରି ଭାବରେ ଶ୍ଳୋକ ଗୁଡ଼ିକ ଆବୃତ୍ତି କରନ୍ତି ତହିଁରେ ଭୁଲ ଥିଲେ ମଧ୍ୟ ତାଙ୍କରି ଯୁକ୍ତି ତାଙ୍କଠାରୁ ସେ ମୂଲକରେ ଦାମୀ ପଣ୍ଡିତ ଆଉ କିଏ ନାହାନ୍ତି । ସେ ଯାହାହେଉ ଶିକ୍ଷାଦିଗରୁ ବିଚାର କଲେ ରାଧୁ ମହାପାତ୍ର, କିଛିଟା ଜ୍ଞାନ ଆହରଣ କରିଛନ୍ତି ।

ଜ୍ଞାନ ତୁଳନାରେ ଧନ ମଧ୍ୟ କିଛି କମ୍ ନୁହେଁ । ତା'ର ଅର୍ଥ, ଯେଉଁ ଧନ ମହାପାତ୍ରଙ୍କର ଅଛି-ବସି ଖାଇଲେ ବି ଶେଷ ହେବ ନାହିଁ । କନ୍ୟାରତ୍ନଟିକୁ ବିବାହ ଦେବାପରେ ନନା, ନାନୀଙ୍କ ଛଡ଼ା ମହାପାତ୍ରଙ୍କ ପରିବାରରେ ଆଉ କେହି ନାହାନ୍ତି । ଆଜିକାଲି ସରକାରଙ୍କର ଫାମିଲି ପ୍ଲାନିଂର ସୂତ୍ର ଯଦି ତାଙ୍କ ପ୍ରତି ଲାଗୁ ହୁଅନ୍ତା, ତେବେ ମହାପାତ୍ରେ ଗ୍ରୀନ୍‌କାର୍ଡ ହୋଲଡର ହୋଇପାରନ୍ତେ ଓ ସରକାରଙ୍କ ଠାରୁ ମାସିକ ୫୦ ଟଙ୍କା ପେନ୍‌ସନ ପାଆନ୍ତେ ।

ମହାପାତ୍ରଙ୍କର ବଡ଼ ଇଚ୍ଛା, ସେ କିପରି ସରପଞ୍ଚଟାଏ ହେବେ । ତେଣୁ କୌଣସି ଗୋଟିଏ ଦଳକୁ ନ ଧରିଲେ, ସରପଞ୍ଚ ହେବା ମୁସ୍କିଲ୍ । ବିଶେଷ କରି ଆଜିକାଲି ଯୁଗରେ ସ୍ୱାଧୀନପାର୍ଥୀଙ୍କର ଅସ୍ତିତ୍ୱ ବୋଲି କିଛି ନାହିଁ । ଯଦି ଦଳର ପ୍ରାର୍ଥୀ ହେବେ, ଉପରୁ କିଛି ମିଳିବାର ବି ଆଶା ଅଛି । ତେଣୁ ମହାପାତ୍ରେ ଗୋଟିଏ ଦଳକୁ ଧରିବା ଆଶାରେ ଗୋବିନ୍ଦ ଦାଶଙ୍କୁ ଧରି, ଭୁବନେଶ୍ୱର ଦୌଡ଼ିଲେଣି । ଦାଶେ ବଡ଼ ଚାଲାକ୍ ଲୋକ । ମହାପାତ୍ରଙ୍କ ଠାରୁ କିଛି ପାଇବା ଆଶାରେ, ସେ ମହାପାତ୍ରଙ୍କର ବେଶ୍ ପ୍ରଶଂସା କରିବାରେ ଲାଗିଛନ୍ତି । ସତେ ଯେପରି ମହାପାତ୍ରଙ୍କ ଛଡ଼ା ଯୋଗ୍ୟ ଲୋକ ଆଉ ସେ ଖଣ୍ଡମଣ୍ଡଳରେ କେହି ନାହିଁ । ଦାଶେ କହିଲେ – ମନ୍ତ୍ରୀଙ୍କୁ ତୁମ ନା' ମୁଁ ଶୁଣାଇ ଦେଇଛି ଓ ତୁମ ବିଷୟରେ ବହୁତ କିଛି କହିଛି ।

ହେଲେ ଏବେ କଲେଜ ପାଠପଢ଼ି ମଧୁମିଶ୍ର ପୁଅଟା ଗାଁରେ ଉତ୍ପାତ ଆରମ୍ଭ କରିଦେଇଛି । ସେ ପୁଣି କୁଆଡ଼େ ସରପଞ୍ଚ ହେବ, ମେଞ୍ଚଡ଼ ଟୋକାଟା ।

ମହାପାତ୍ରେ ମଧୁମିଶ୍ର ପୁଅକଥା ଶୁଣି ଟିକିଏ ବ୍ୟସ୍ତ ହୋଇପଡ଼ିବା ଭଳି ଜଣାଗଲା । ସତରେ ଟୋକାଟା ବଡ଼ ଚାଲାକ । ଗାଁର ଲୋକଗୁଡ଼ାକ ତା' ପାଖକୁ ଦୌଡୁଛନ୍ତି । ବିପଦ, ଆପଦରେ ଟୋକାଟା ରାତି ଅଧରେ ଘରେ ଆସି ହାଜର ହେଉଛି । ତେବେ ନାତି ଟୋକାଟାକୁ ବୁଝାଇଦେଲେ ଚଳିବ । ସେହି ଆଶାରେ ଦାଶଙ୍କୁ କହିଲେ –''ବୁଝିଲ ଦାଶ ଆପଣେ, ଟୋକାଟା କିଛି ଖରାପ ନୁହେଁ । ତେବେ ତାକୁ ମୁଁ ବୁଝାଇଦେଲେ ସେ ବୁଝିଯିବ । ନାହିଁ ଯଦି ୫/୨୫ ଦବାକୁ ହୁଏ, ତା'ପାଇଁ ଖର୍ଚ୍ଚ କରିବା । ଦାଶେ ୫/୨୫ କଥାଟା ଶୁଣି ହସଟାଏ ହସି କହିଲେ - ହଇଓ ମହାପାତ୍ରେ, ଆଜି କାଲି ଯୁଗରେ ଶହ, ହଜାର ଯେଉଁଠି ଗଗନରେ ଉଡୁଛି ତୁମେ ୫/୨୫ ଦେଲେ କିଏ ଶୁଣିବ ହେ ? ଦବ ଯଦି ଭଲ କରି ପୁଳାଏ ଦେଲେ, ଆମେସିନା ବୁଝାଇ, ଶୁଝାଇ କିଛି କାମଟାଏ କରିବା । ତା' ଛଡ଼ା ସରପଞ୍ଚ ହେବା ପାଇଁ କିଛି ପଇସା କାଢ଼ିବା ଦରକାର । ଲୋକେ ପରା ୨୫/୫୦ ହଜାର ଯାଏଁ ଖରଚ କରୁଛନ୍ତି ।

Digitized by srujanika@gmail.com

ମହାପାତ୍ରଙ୍କ ମନ ଟିକିଏ ଦବି ଗଲା । ହଜାର ସେ ତ ଖର୍ଚ୍ଚ କରିପାରିବେ 'ନି ? ତାଙ୍କର ଘରଣୀ ବଡ଼ ରକ୍ଷୁଣୀ । ଏଥିପାଇଁ ସେ ତ ପଇସାଟିଏ ଦବନି । କ'ଣ କହି ଆଣିଲେ ଦବ ସେ କଥା ମହାପାତ୍ରେ ଚିନ୍ତା କରି ବସିଲେ । ନେତା ହେବା ପାଇଁ କ'ଣ ଲୋକେ ଏତେ ଗୁଡ଼ାଏ ଖରଚ କରୁଛନ୍ତି ? – ଏ ପ୍ରଶ୍ନ ତାଙ୍କର ମନ ରାଜ୍ୟକୁ ଅସ୍ଥିର କରିପକାଇଲା ।

ଭାଗ୍ୟକୁ ଗୋବିନ୍ଦ ଦାଶ ହାବୁଡ଼ରେ ପଡ଼ିଯାଇଛନ୍ତି ସେ - ଅବସ୍ଥା ନାକେଦମ ହୋଇଗଲାଣି । ଭୁବନେଶ୍ୱର ଦୌଡୁଛନ୍ତି - ମନ୍ତ୍ରୀଙ୍କର ଦେଖା ନାହିଁ । କୋଉଠି ସେ ମନ୍ତ୍ରୀ ରହୁଛନ୍ତି - ତାଙ୍କର ଠିକଣା ତ ଦାଶେ ତାଙ୍କୁ ଦଉ ନାହାନ୍ତି । ଏଣୁ ତେଣୁ କହି ଗୁଡ଼ାଏ ଭଣ୍ଡାଉଛନ୍ତି ସିନା ପ୍ରକୃତ କାମ କିଛି ହଉ ନାହିଁ । ଦେବେ ଦିଅଁଙ୍କୁ ଦେଖିବାକୁ ହେଲେ, ପୂଜାରୀକୁ ସନ୍ତୁଷ୍ଟ କରିବା ତ ଦରକାର । ସେଥିପାଇଁ ମହାପାତ୍ରେ ଆଖି ବୁଜି ପ୍ରାୟ ଟଙ୍କା ୫ ଶହଟି ଶ୍ରାଦ୍ଧ କରି ସାରିଲେଣି ।

ନିର୍ବାଚନରେ ଠିଆ ହେଲେ ଯେ କେତେ କ'ଣ ଦରକାର । ଲୋକ, ଘୋଡ଼ା ଗାଡ଼ି, ଟଙ୍କା, ପଇସା ସବୁ କଥା ଦରକାର । ତେବେ ନେତା ହେବା ନିଶାଟା ମହାପାତ୍ରଙ୍କୁ ଏପରି ଘାରିଛି ଯେ, ସେ ଯେପରି ହେଲେ ସରପଞ୍ଚଟାଏ ହେବେ । ସେଥିପାଇଁ ବାରଦ୍ୱାର ଶୁଣ୍ଢିପିଣ୍ଡା ହେଉଛନ୍ତି । ତେବେ କୌଣସି ଗୋଟିଏ ଦଳ ମହାପାତ୍ରଙ୍କ ନାଁ ତ ଧରୁ ନାହାନ୍ତି । କିଏ କହୁଚି ଜନତା ଦଳ, କିଏ କଂଗ୍ରେସ ଦଳ ଆଉ କିଏ କହୁଚି କମ୍ୟୁନିଷ୍ଟ । ଯଦି କୌଣସି ଦଳ ତାଙ୍କୁ ଟିକଟ ନ ଦିଏ ସେ ନିଶ୍ଚିତ ଭାବରେ ଗୋଟିଏ ଦଳକୁ ଧରିବେ । କମ୍ୟୁନିଷ୍ଟ ହୁଅନ୍ତୁ ବା ଯେ କେହି ହୁଅନ୍ତୁ – ସେ ନିଶ୍ଚୟ ଲଢ଼ିବେ । ସରପଞ୍ଚ ପଦବୀଟା ନିଶ୍ଚିତ ଭାବରେ ତାଙ୍କ ପାଇଁ ଯେପରି ଏଥର ରଖାଯାଇଛି । ମହାପାତ୍ରେ ଭାବିଲେ କମ୍ୟୁନିଷ୍ଟମାନେ ଖୁବ୍ ଲଢୁଆ ଦଳ । ଏ ଟୋକାଗୁଡ଼ାକ ସବୁବେଳେ କମ୍ୟୁନିଷ୍ଟ, କମ୍ୟୁନିଷ୍ଟ ହଉଛନ୍ତି । ଆଉ ଲୋକଗୁଡ଼ାକ ? ପଇସା ଯୁଆଡ଼େ ଭୋଟବେଳେ ସେମାନେ ଯିବେ ସିଆଡ଼େ ।

ଆମେ ତ ପଇସା ଖର୍ଚ୍ଚ କରିବା । ହଗୁରୀ ବୋଉ କଥା ଶୁଣୁଛି କିଏ ? ସରପଞ୍ଚ ହେଲେ କେତେ ମାନ, ସମ୍ମାନ ମିଳିବ । ମନ୍ତ୍ରୀ ଆସିଲେ, ଆଗ ସରପଞ୍ଚକୁ ଡାକିବେ । ମାଛ ଚାଷରୁ ଯାହା ଆଦାୟ ହବ - ସବୁ ସରପଞ୍ଚର । ଦେଖୁନା ଆମ ଗାଁର ଗଣେଶ ପ୍ରଧାନ, ୨ ଥର ସରପଞ୍ଚ ହୋଇ, କିପରି କୋଠା, ବାଡ଼ି ତୋଳି ଦେଲା । ତା' ବାଦେ ବ୍ଲକକୁ ଯାହା ମିଳିବ, ସରପଞ୍ଚ ନ ଜାଣି କିଛି ହବନି । ଟଙ୍କାଟା ଖଟେଇବା । ଦେଇଥିଲେ ପାଇ ।

ଏ ଗୋଟାଏ ଜୁଆଖେଳ - ହେଲେ ପୁଷମାସୀ ନ ହେଲେ .....? ସର୍ବନାଶ ଶବ୍ଦଟା ମହାପାତ୍ରଙ୍କର ତୁଣ୍ଡକୁ ଆସୁ ଆସୁ ଅଟକିଗଲା ।

ନାଁ, ସର୍ବନାଶ କାହିଁକି ହବ ? ଲକ୍ଷ୍ମୀ ତ ସବୁବେଳେ ତାଙ୍କ ଉପରେ ସଦୟ ଦୃଷ୍ଟି ଢାଳି ଆସିଛନ୍ତି ।

Digitized by srujanika@gmail.com

ନିର୍ବାଚନ ପାଇଁ ପ୍ରାର୍ଥୀ ପତ୍ର ଦାଖଲ କରିବାକୁ ଟୋକା ମାନଙ୍କୁ ସାଙ୍ଗରେ ଧରି - ମହାପାତ୍ରେ ବାହାରି ପଡ଼ିଲେ ସେ ଆଜି କମ୍ୟୁନିଷ୍ଟ ଦଳର ପ୍ରାର୍ଥୀ । ଏ ଟୋକାଗୁଡ଼ାକ ପ୍ରଥମେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ଜିତାଇଦେବେ ବୋଲି କହିଥିଲେ । ସେଥି ପାଇଁ ତ ବେଶ୍ କିଛି ନେଇଗଲେ । କାହିଁ, ତାଙ୍କର ସାଙ୍ଗ ମଧୁ ମିଶ୍ର ପୁଅଟା ପୁଣି ଛିଡ଼ା ହେଲା କିମିତି ? ସେ ପୁଣି ଆଉ ଗୋଟିଏ କମ୍ୟୁନିଷ୍ଟ ଦଳରୁ । ଏ ବାଁ ଡାହାଣ ଦଳ କ'ଣ ମହାପାତ୍ରେ କିଛି ବୁଝିପାରୁନଥିଲେ । ତାଙ୍କର ଲାଲ ଝଣ୍ଡା ତ ୟାଙ୍କର ଲାଲ ଝଣ୍ଡା । ସମସ୍ତେ ତ ଗରୀବମାନଙ୍କୁ ଧନୀ କରିଦେବେ ବୋଲି କହୁଛନ୍ତି । ତେବେ ଏ ସଂଘର୍ଷ କାହିଁକି ? ମହାପାତ୍ରେ ବାଁ ନା ଡାହାଣରେ କିଛି ବୁଝିପାରୁ ନଥାନ୍ତି । ଘର, ଘର ପ୍ରଚାର କରିଗଲାବେଳେ, ଲୋକେ ସାମନାରେ କିଛି ନ କହୁଥିଲେ ହେଁ ପଛରେ .... ମୁରୁକି, ମୁରୁକି ହସୁଥାନ୍ତି ।

ମହାପାତ୍ରେ କହୁଥାନ୍ତି — ମୁଁ ଗରୀବଙ୍କ ପାଇଁ ଲଢ଼ିବାକୁ ଆସିଛି । ତାଙ୍କ ପାଇଁ ଭାଷଣ ଦେଉଛି । ମୋ ନାଁ ଖବରକାଗଜରେ ବାହାରିଥିବା କଥା ତୁମେ ମାନେ ସବୁ ଜାଣ । ସବୁ ସଭା, ସମିତିରେ ତୁମେମାନେ ମୋତେ ଦେଖିଛ । କଂଗ୍ରେସ, ଜନତା, ଜନସଂଘ ସବୁ ଦଳର ସଭାରେ ମୁଁ ଯୋଗ ଦେଇଆସିଛି । ଏବେ ମୁଁ କମ୍ୟୁନିଷ୍ଟ । ମୋତେ ଆପଣମାନେ ଭୋଟ ଦିଅନ୍ତୁ । ଯଦି ସେମିତି ଭୋଟ ନ ଦେବେ - ନୋଟ ନିଅନ୍ତୁ । ଆପଣମାନେ ଯାହା ଚାହିଁବେ, ତା' ମୁଁ ଦେବି । ସ୍କୁଲ୍ ଘର ତିଆରି କରିଦେବି । ଭାଗବତ ଟୁଙ୍ଗୀ ତିଆରି କରି ଦେବି । ଗାଁରେ ଡାକ୍ତରଖାନା ବସାଇଦେବି । ଆପଣମାନେ ମୋତେ ଭୋଟ ଦିଅନ୍ତୁ ।

ଦେଖୁ ଦେଖୁ ଏ ଟୋକାଗୁଡ଼ାକ ମହାପାତ୍ରଙ୍କୁ ଛାଡ଼ି ମଧୁମିଶ୍ର ପୁଅ ପଛରେ ବୁଲିବାର ଦେଖା ଗଲାଣି । ମହାପାତ୍ରେ ବ୍ୟସ୍ତ ହୋଇ ପଡ଼ୁଛନ୍ତି, କିନ୍ତୁ ଆଶା ଛାଡ଼ି ନାହାନ୍ତି । ତାଙ୍କର ବିଶ୍ୱାସ ସେ ନିଶ୍ଚୟ ଜିଣିବେ । ଲୋକମାନଙ୍କୁ ସେ ଯଥେଷ୍ଟ ଦେଲେଣି । ଗୋବିନ୍ଦ ଦାଶଟା ଏତେବେଳକୁ ତା' ପଚରେ ବୁଲିଲାଣି । ଏ ପରା କଂଗ୍ରେସ ? କମ୍ୟୁନିଷ୍ଟଙ୍କ ପଛରେ ବୁଲୁଛି କିମିତି ? ମନ୍ତ୍ରୀଙ୍କୁ ନିଶ୍ଚୟ କହି, ଏହାର କାମଟା ଦେଖିବି । ମହାପାତ୍ରେ ରକ୍ତ ଚାଉଳ ଚୋବାଇ ହେଉଥାନ୍ତି ।

ଭୋଟ ଗଣତି ଚାଲିଛି । ମହାପାତ୍ରେ ଏହା ଭିତରେ ଅସଲ ସୁନା ଫସଲି ଜମି ୫ ମାଣ ବିକି ସାରିଛନ୍ତି ।

ଗଣତି ସରିଲା ବେଳକୁ ଦେଖାଗଲା - ମଧୁମିଶ୍ରଙ୍କ ପୁଅ ପାଇଛି ୯ଶହ ଓ ମହାପାତ୍ରେ ମାତ୍ର ୬୪ଟି । ହତବାକ୍ ହୋଇ ମହାପାତ୍ରେ ବସିପଡ଼ିଲେ । ନେତା ହେବା ସ୍ୱପ୍ନ ସବୁଦିନ ପାଇଁ ତାଙ୍କ ମନରୁ ଲିଭିଗଲା ।

* * *

Digitized by srujanika@gmail.com

ଜଗନ୍ନାଥଙ୍କ ରାଣ

ଜଗନ୍ନାଥଙ୍କୁ ସାକ୍ଷୀ ରଖି ବା ରାଣ ପକାଇ ବହୁ ପାପରୁ ତ୍ରାହି ମିଳିଯାଏ । ଭୁଲ୍‌ଟାଏ କରି ଯଦି ଜଗନ୍ନାଥଙ୍କ ରାଣ ପକାଇ ଦିଆଯାଏ ତା'ହେଲେ ସେଇଟା ଠିକ୍ ବୋଲି ଧରି ନିଆଯାଏ । ଏଇ ଜଗନ୍ନାଥ ଜଗତର ଠାକୁର ସମସ୍ତଙ୍କ ଦିଅଁ । ତେଣୁ ସେ ସବୁ ମାଫ କରିଦେବେ – ଏଇ ବିଶ୍ୱାସ ନେଇ ଠକମାନେ ଜଗନ୍ନାଥଙ୍କୁ ନିଜ ବାଡ଼ି ତଳ ହଳିଆ ବୋଲି ଧାରଣା କରିଥାନ୍ତି । କିନ୍ତୁ ଲୋକନାଥଙ୍କ କ୍ଷେତ୍ରରେ କଥାଟା ଅଲଗା । ସେ ଜଗତର ନାଥ, ବ୍ରହ୍ମା, ବିଷ୍ଣୁ, ମହେଶ୍ୱରଙ୍କର ତିନିପଟରୁ ଏ ମଧ୍ୟ ପଟେ ।

ଯାଙ୍କ ରାଣ ପକାଇ ପାର ହେବା ବଡ଼ କଷ୍ଟ । କାରଣ ତାଙ୍କ ବେକର ସାପଟାକୁ ଦେଖିଲେ ବଡ଼ ଡର ଲାଗେ । ତେଣୁ ଲୋକନାଥ ବା ଦେବ, ଦେବ ମହାଦେବଙ୍କ ନାଁରେ ରାଣ ପକାଇବାଟାକୁ ସାଧାରଣ ଲୋକେ ଭାରି ଡରନ୍ତି । ଭୋଳାନାଥ ଯଦି ରାଗି ଯିବେ ଏକାଥରକେ ମହାତାଣ୍ଡବର ସୃଷ୍ଟି ହେବ । ତାକୁ ସମ୍ଭାଳିବ କିଏ ?

ତେଣୁ ଏ ଦୁହିଁଙ୍କ ଭିତରୁ ଜଗନ୍ନାଥ ହେଲେ ସମସ୍ତଙ୍କର ଠାକୁର । ଭାରୀ ଦେହ ଘଷିଆ ହୋଇଗଲେଣି । ତାଙ୍କ ପ୍ରତି ଆଉ କାହାର ଡର ଭୟ ନାହିଁ । ଏ ଗୌରଚନ୍ଦ୍ରିକା ଉପସ୍ଥାପନ କରିବାର ଅର୍ଥ ହେଲା - ବିବେକାନନ୍ଦ ବାବୁ ଝିଅକୁ ବାହା ଦେବାକୁ ଜଗନ୍ନାଥଙ୍କୁ ସାକ୍ଷୀ ରଖି, ପୁଣି ବିବାହ ପ୍ରସ୍ତାବକୁ ଭାଙ୍ଗିଦେବା, ତାଙ୍କ ପାଇଁ ବଡ଼ ଅପରାଧ ନ ହେଲେ ମଧ୍ୟ ଗାଁ ଲୋକଙ୍କ ପ୍ରତି ବଡ଼ ଅପମାନିଆ କଥାଟା ପରି ମନେ ହେଲା । ବରକୁ ଦେଖି ଝିଅ ରାଜି ନୁହଁ । ରାଜି ଯଦି ନୁହଁ, ସେ କଥା ଆଗରୁ ସ୍ଥିର କରି ନଥିଲ କାହିଁକି ? ବରକୁ ନ ଦେଖି, ଘର ନ ଦେଖି କିମିତି ନିର୍ବନ୍ଧ ଟାଏ କରି ପକାଇଥିଲ କି ହୋ ବାବୁ ?

ଲୋକଟା ସିନା ଭଲ ବୋଲି କିଛି ନ କହି ଚାଲିଗଲା - ହଉ ସେ ଜଗନ୍ନାଥ ବୁଝିବେ । ଯେ ସତ୍ୟ କରିଛି ସେ ଭାଙ୍ଗିଛି । ସେଥିରେ ଆମର ଯାଏ ଆସେ କେତେ ? ପୁଅ ଥିଲେ ତ କନ୍ୟା ନିଶ୍ଚୟ ମିଳିବ ଏ କଥା କହି ବରପକ୍ଷର ଲେକେ ସିଧା ସିଧା କିଛି ପାଟିତୁଣ୍ଡ ନ କରି ଚାଲିଗଲେ । ଭାରି ଉତ୍ତମ ଲୋକ ସେମାନେ ।

ବିବେକାନନ୍ଦବାବୁ ଏପରି ଅବିବେକୀ କାମ କରିବେ ବୋଲି କାହାର ବିଶ୍ୱାସ ନଥିଲା । ଗାଁର ବଡ଼ ଲୋକ ଭାରୀ ନାମଜାଦା । କଥାରେ ଅଛି ସ୍ୱର୍ଗକୁ ନିଶୁଣି ନାହିଁ କି ବଡ଼ ଲୋକକୁ ଉତ୍ତର ନାହିଁ । କୋଉ ମଳି ମୁଣ୍ଡିଆ ଘର ହୋଇଥିଲେ ଏବକୁ ଗାଁଟା ଖାଲି ପଡୁଥାନ୍ତା, ଉଠୁଥାନ୍ତା । ଆଜି, କାଲି ବାପା ମାଆଙ୍କ କଥାକୁ କୋଉ ପିଲା

Digitized by srujanika@gmail.com

ମାନୁଛନ୍ତି କି ? ଯେତେ କଳିକାଳ ହେଲେ ମଧ୍ୟ । କଥା ଗୁଡ଼ାକ କାହାର ମନକୁ ପାଉ ନଥାଏ ।

ବିବେକାନନ୍ଦ ବାବୁଙ୍କ ଝିଅ ଡାକ୍ତର । ଡାକ୍ତର ପାଠ ପଢ଼ିଛି, ଗୋଟିଏ ଓଭରସିଅରଟାକୁ ଇଞ୍ଜିନିୟର କହି ବାହା କରାଇ ଦେଉଥିଲେ ।

ଓଭରସିଅରଟା କ'ଣ ଦିନେ ଇଞ୍ଜିନିୟର ହୁଅନ୍ତା ନି, ତେଣିକି ଚିଫ୍ ଇଞ୍ଜିନିୟର୍ ହେବା କଥା ତ ଆମେ ଜାଣିନୁ । ଜଣେ ଯୁବକ, ଯେ କି ବିଶ୍ୱବିଦ୍ୟାଳୟରେ ଉଚ୍ଚ ଡିଗ୍ରୀ ହାସଲ କରିଛି, ସମସ୍ତଙ୍କ ଆଗରେ ଲମ୍ବା, ଚଉଡ଼ା ଭାଷଣଟିଏ ବାଢ଼ି ବସିଲା । ବରଜୁ ପାନ ଦୋକାନ, ଗୋଟାଏ ରାଜନୀତିର ଆଡ୍‌ଡା, ସେଠାକୁ ସମାଜ, ପ୍ରଜାତନ୍ତ୍ର ବେଳେ ବେଳେ ଆଶା ପତ୍ରିକାରୁ ଖଣ୍ଡେ ଅଧେ ଆସେ । ତେଣୁ ସେତକ ପଢ଼ିବା ପାଇଁ, ଆଉ ଦେଶର ହାଲଚାଲ ଓ ରାଜନୀତି ଚର୍ଚ୍ଚା କରିବା ପାଇଁ ଲୁଙ୍ଗି ପିନ୍ଧା, ମାଗୁର ନିଶିଆ ଟୋକା ଗୁଡ଼ାକ ବେଶ୍ ଭିଡ଼ ଜମାନ୍ତି । ସେମାନେ ଯେତେବେଳେ ଡିଙ୍ଗିଶାଳରୁ, ଢେଙ୍କାନାଳ ପର୍ଯ୍ୟନ୍ତ କଥା ହୁଅନ୍ତି, ବିବେକାନନ୍ଦ ବାବୁଙ୍କ ଝିଅଟା ସେଥିରୁ ବାଦ ପଡ଼ନ୍ତା କିମିତି ? ତୁମେ ଡାକ୍ତର ହେଲେ ତୁମ ଘରେ । ଜଗନ୍ନାଥପୁର ଗାଁଟା ତୁମ ପାଇଁ ବଦନାମ ହେଲା କି ନାହିଁ – ଏ କଥା ଯୁବକ ବନ୍ଧୁ ଦୃଢ଼ ଭାବରେ ଯୁକ୍ତି ତର୍କରେ ଉପସ୍ଥାପନ କଲେ ।

ଜଗନ୍ନାଥ ପୁର ଜଗନ୍ନାଥଙ୍କ ନାମରେ ଗାଁଟି ! ଶିକ୍ଷିତ ଗାଁଟିଏ । ପ୍ରତି ଘରେ ଜଣେ ଜଣେ ଗ୍ରାଜୁଏଟ୍ । ବ୍ରାହ୍ମଣିଆ ଗାଁଟିଏ ହୋଇଥିବାରୁ ଅଧିକାଂଶ ଚାକିରିଆ । ଯେଉଁ ବେକାର ଯୁବକ କେତେଟା ଉଚ୍ଚଶିକ୍ଷା ପାଇ କିରାଣୀ କାମ ପାଇଁ ଧାଡ଼ି ଲଗାଇଛନ୍ତି ସେମାନଙ୍କ ଭିଡଟା ବରଜୁ ପାନ ଦୋକାନରେ ବେଶ୍ ଜମେ । ବରଜୁ ମଧ୍ୟ ଏଇଥିରୁ ବେଶ୍ ଫାଇଦା ଉଠାଏ । ସିଗାରେଟ୍ ଭିତରେ ଗଞ୍ଜେଇ ପୁରାଇ ବିକିବା ବରଜିଆର ଗୋଟିଏ ଲାଭଜନକ ବ୍ୟବସାୟ, ଦେଶୀ ମଦ ବିକିବାଠୁଁ ଲାଭଜନକ ବ୍ୟବସାୟ ଆଉ କିଛି ନାହିଁ । ତେଣୁ ଖଟିଟା ବେଶ୍ କେମିତି ଜମୁ ତା'ର ବେଶ୍ ଇଚ୍ଛା । ଟୋକାଗୁଡ଼ାକ ଏ ଯେଉଁ ଅନ୍ୟାୟ ବିବେକାନନ୍ଦବାବୁ କଲେ ତା'ର ଗୋଟିଏ କିମିତି ବଦଲା ନେବେ ଉପାୟ ଚିନ୍ତା କରୁଥାନ୍ତି । ବିବେକାନନ୍ଦବାବୁ କିମିତି ଝିଅ ବିବାହ କରିବ ସେ ବିଷୟରେ ଗୋଟିଏ ତୋଫାନ୍ ଆଲୋଚନା ଛଳରେ ବହିଗଲା । ତେବେ ଏ କଥା ଯାଇ ବିବେକାନନ୍ଦବାବୁଙ୍କୁ କହିବ କିଏ ? ସେତ ଗାଁର ପ୍ରତିପତ୍ତିଶାଳୀ ଲୋକ । ପୁରୀ ଏସ୍.ପି. ଥିଲେ । ଏବେ ଚାକିରୀରୁ ଅବ୍ୟାହତି ନେଇ ଗାଁରେ ରହି ହିତକର କାମ କରିବାକୁ ଆଗେଇ ଆସିଛନ୍ତି । ଝିଅ ସୁଷମା ଡାକ୍ତରୀ ପାଶ୍ କରି ଗାଁରେ ଅଛି ଏ ପର୍ଯ୍ୟନ୍ତ ଚାକିରି ପାଇନି । ତେବେ ପ୍ରସୂତି ବିଭାଗରେ ସ୍ନାତକୋତ୍ତର ଡିଗ୍ରୀଟାଏ ହାସଲ କରି – ସେ ଘରେ ବ୍ୟବସାୟ କରିବ କିମ୍ବା ଚାକିରି କରିବ କିଛି ସ୍ଥିର କରିନାହିଁ । ଝିଅଟି ଭାରୀ ଭଲ । ବିପଦ ଆପଦରେ ରାତି ଅଧରେ ଠିଆ ହୁଏ ତା' ନାଁରେ କିଏ

Digitized by srujanika@gmail.com

କହିବ ? ତେବେ ଅନ୍ୟାୟ ଟା ତ ଅନ୍ୟାୟ । ଅନ୍ୟାୟଟା ନ୍ୟାୟ ବୋଲି କହିବା ଠିକ୍ ହେବ ନାହିଁ । ଟୋକାଙ୍କ ଭିତରେ କେତେଟା ବାମପନ୍ଥୀ ଚିନ୍ତାଧାରାର ଟୋକା ଅଛନ୍ତି । ସେମାନେ ଅନ୍ୟାୟର ପ୍ରତିବାଦ କରନ୍ତି । ସେମାନେ ନିର୍ବନ୍ଧ ବେଳେ ଭୋଜି ଖାଇବାକୁ ଯାଇଛନ୍ତି । ଗାଁର ସବୁ ଲୋକଙ୍କୁ ବିବେକାନନ୍ଦବାବୁ ନିର୍ବନ୍ଧକୁ ଡାକିଥିଲେ । ଖୁବ୍ ଜାକଜକମରେ ନିର୍ବନ୍ଧଟା କରିଥିଲେ । ଲୋକେ ଭାବିଲେ ନିର୍ବନ୍ଧରେ ଯଦି ଏମିତି ଭୋଜି ବାହା ବେଳେ ଭୋଜିରେ ଗାଁଟା ବୋଧେ ଭରିଯିବ । ତେବେ ଏମିତି ଗୋଟାଏ ପରିସ୍ଥିତି ସୃଷ୍ଟି ହେବ ବୋଲି କିଏ ଜାଣିନଥିଲା । କେତେକ କହିଲେ ଡାକ୍ତର ଝିଅଟାକୁ ଓଭରସିଅର ବର କ'ଣ କଥାଟା ମନକୁ ପାଉଛି । ଆଉ କେତେକ କହିଲେ ଓଭର୍‌ସିଅର୍ ହେଉ ନହେଲେ ପିଅନ ହେଉ ଯେତେବେଳେ ଜଗନ୍ନାଥଙ୍କୁ ସାକ୍ଷୀ ରଖାଯାଇ ଫାଇନାଲ୍ କରାଗଲା ସେଇଟାହିଁ ଫାଇନାଲ୍ । ତୁମେ ଯେତେ ଯାହା କୁହ ବି ପଛକେ ଏ ଭୁଲ୍‌କୁ କ୍ଷମା ଦିଆଯାଇ ନ ପାରେ । ଗୋଟିଏ ହିମାଳୟାନ୍ ବ୍ଲଣ୍ଡର । ବିବେକାନନ୍ଦବାବୁ ତାଙ୍କ ସ୍ତ୍ରୀଙ୍କ କଥାରେ ପଡ଼ି କଥାଟାକୁ ସିନା ଅନ୍ୟପ୍ରକାର କରିଦେଲେ, ତେବେ ତାଙ୍କ ମନମାନିଲା ନାହିଁ । ଜଗନ୍ନାଥଙ୍କ ପାଖକୁ ଯାଇ ଭୋଗ ରାଗ ଇତ୍ୟାଦି କରାଇ ବେଶ୍ ପ୍ରାୟଶ୍ଚିତ କରାଇଲେ । ବ୍ରାହ୍ମଣଭୋଜନ ମଧ୍ୟ ଗାଁରେ ଦେଲେ । ଏ ଟୋକାଗୁଡ଼ାଙ୍କର ମଧ୍ୟ ଆଉଥରେ ଭୋଜି ଖାଇବାର ପାଳି ପଡ଼ିଲା । ଭଦ୍ରଲୋକ ସେ । ଯେତେ ହେଲେ ସେ ନୈଷ୍ଠିକ ବ୍ରାହ୍ମଣ । ତାଙ୍କର ଦୋଷ ଜଗନ୍ନାଥ ନିଶ୍ଚୟ ମାଫ୍ କରିଦେଇଥିବେ । ଏ କଥା ମଧ୍ୟ ଆଲୋଚନା ହୋଇଗଲା । ଭୋଜି ଖାଇ ସାରି, ରାଗରେ, ଯେଉଁ ମାନେ ସାପ ପରି ଫଣା ଟେକି ଫଁ ଫଁ ହଉଥିଲେ, ଗଦ ସୁଙ୍ଘିବାର ପରବର୍ତ୍ତୀ ଅବସ୍ଥା ଆସିଗଲା ସେମାନଙ୍କର । ତା'ଛଡ଼ା ଗୋଟାଏ କ୍ଳବ୍ ଘର କରିବାକୁ ବିବେକାନନ୍ଦବାବୁ କୁଆଡ଼େ ପ୍ରତିଶ୍ରୁତି ଦେଇଦେଲେ । ସବୁଠାରୁ ଯେଉଁ ଯୁବକଟି ବେଶୀ ସମାଲୋଚନା କରୁଥିଲା ତା'ର ଭଉଣୀର ପ୍ରସବ ବେଦନା ସମୟରେ, ଡାକ୍ତର ସୁଷମା ଯେପରି ସେବା କରି ତା'ର ଜୀବନ ବଞ୍ଚାଇଲା ତାହା ମୁଖ୍ୟ ଆଲୋଚ୍ୟ ବିଷୟ ହୋଇଉଠିଲା । ଜଗନ୍ନାଥଙ୍କୁ ସାକ୍ଷୀ ରଖି ନିର୍ବନ୍ଧ କଥାଟା ଓ ନିର୍ବନ୍ଧ ଭାଙ୍ଗିବାଟା ବରଜୁ ଦୋକାନ ସାମ୍ନାରେ ଏକାବେଳକେ ସଂଗତ ହୋଇଗଲା । ଦିନେ ଦେଖା ଗଲା ବିବେକାନନ୍ଦବାବୁ ମିସ୍ତ୍ରୀ ଡକାଇ ଗାଁ ମୁଣ୍ଡ ତାଙ୍କ ଯାଗାରେ କିଛି ଗୋଟିଏ ଘର ତୋଳିବା ପାଇଁ ମାଟି ଖୋଳା ଲଗାଇଥାନ୍ତି । ଏ ଖବର ବିଦ୍ୟୁତ୍ ପ୍ରବାହ ପରି ଗାଁ ଗଣ୍ଡାରେ ଖେଳି ଗଲା । ପ୍ରଚାରିତ ମୂଳ ବିଷୟ ବସ୍ତୁ ହେଲା ୪ଦିନ ତଳେ ବିବେକାନନ୍ଦ ବାବୁ କୁଆଡ଼େ ସ୍ୱପ୍ନ ଦେଖିଲେ । ସ୍ୱପ୍ନରେ ଜଗନ୍ନାଥ କହିଲେ –"ତୁ ଯେଉଁ ଭୁଲ୍ କରିଛୁ, ସେଥିରୁ ରକ୍ଷା ପାଇବା ପାଇଁ ମନ୍ଦିର ତିଆରି କର । ନଚେତ୍ ତୋର କେବଳ ସର୍ବନାଶ ହେବନି, ଗାଁଟା ଯାକ ଧ୍ୱଂସ ହୋଇଯିବ । ଖବରଟା ବିବେକାନ୍ଦ ବାବୁଙ୍କ କାନକୁ ଆସିଲା । ସେ ଟୋକାଗୁଡ଼ାକୁ ଡକାଇ ପଠାଇଲେ । ଏଇମାନେ ଗାଁର ଭବିଷ୍ୟତ । ବିବେକାନନ୍ଦ କହିଲେ ଆଜି ଗୋଟାଏ ଭୋଜିର ମୁଁ

Digitized by srujanika@gmail.com

ଆୟୋଜନ କରୁଛି । ଗାଁ ପୋଖରୀରୁ ମାଛ ଧରା ହେବ । ଠାକୁରାଣୀଙ୍କୁ ଭୋଗ ଦିଆ ହେଲାପରେ ପଂକ୍ତି ଭୋଜନ । ତାଙ୍କର ନାତି ଲେଖା କେତେଟା ଟୋକା କହିଲେ ପୁଲିସ୍ ଚାକିରୀ କରି ଯେଉଁ ପାପ ଅର୍ଜିଛ ସେଥିରୁ ରକ୍ଷା ପାଇବା ପାଇଁ କ'ଣ ଠାକୁରାଣୀଙ୍କୁ ପୂଜା କରୁଛନ୍ତି ଅଜା । ଭୋଜି ଦବତ ରାମପକ୍ଷୀର ବନ୍ଦୋବସ୍ତ ହେଉ ।

ବିବେକାନନ୍ଦବାବୁ ହସି ହସି କହିଲେ – ଦୁଇଟା ପାପ ମୁଁ କରିଛି । ଜଗନ୍ନାଥଙ୍କୁ ସାକ୍ଷୀ ରଖି ଶପଥ ଭାଙ୍ଗିଛି । ଦ୍ୱିତୀୟ ପାପ ହେଲା ପୋଲିସ୍ ଚାକିରୀ କରି ମୁଁ ଅନ୍ୟାୟ କରିଛି । ପ୍ରଥମ ପାପ ପାଇଁ ପ୍ରାୟଶ୍ଚିତ କ୍ଲବ ଘର, ତାପରେ ଛତରା ଟୋକାମାନଙ୍କ ପାଇଁ, ଦ୍ୱିତୀୟ ପାପର ପ୍ରାୟଶ୍ଚିତ ଗୋଟିଏ ପ୍ରସୂତି ଭବନ ଏ ଅଞ୍ଚଳର ଲୋକମାନଙ୍କ ପାଇଁ, ତେଣୁ ଏ ଯେଉଁ ମୂଳଦୁଆ ଖୋଳା ଚାଲିଛି ମାଧବ ସେବାପାଇଁ ଓ ତୁମ ମାନଙ୍କୁ ଭଲକରି ମଣିଷ କରି ଗଢ଼ିବା ପାଇଁ । ଯାହାକୁ ଦେଖି ଜଗନ୍ନାଥ ନିଜେ ନୀଳଚକ୍ରର ଆଡୁଆଳରେ ରହି ଆମ୍ଭମାନଙ୍କୁ ଅଶୀର୍ବାଦ କରିବେ ।

* * *

Digitized by srujanika@gmail.com

ଦେଶ ପ୍ରେମ

ରାମଲିଙ୍ଗ ପୋଖରୀ ହୁଡ଼ାର ସିମେଣ୍ଟ ବେଞ୍ଚ ଉପରେ ବସି ପାଞ୍ଚଜଣ ବୃଦ୍ଧଙ୍କର ଘମାଘୋଟ ଆଲୋଚନା ଚାଲିଥାଏ । ଆଲୋଚନାର ବିଷୟବସ୍ତୁ ହେଲା, ଜୀବନର ଅବଶିଷ୍ଟ ସମୟ ଦେଶ ସେବାରେ ବିନିଯୋଗ କରିବା । ତେଣୁ ଯେଉଁମାନଙ୍କର ଚାକିରୀ ସମୟରେ ଜନସାଧାରଣଙ୍କ ସହିତ ବିଲ୍‌କୁଲ୍ ସମ୍ପର୍କ ନଥିଲା, ସେମାନେ ବର୍ତ୍ତମାନ ସାଧାରଣ ଲୋକଙ୍କ ସହିତ ମିଶି, କିପରି ଦେଶ ପାଇଁ କିଛି କରିବେ, ସମସ୍ତଙ୍କୁ ସେଇ ଗୋଟାଏ ନିଶା ପାଗଳ କରିଛି । ତେଣୁ ବର୍ତ୍ତମାନ ସେମାନେ ବିଭିନ୍ନ କ୍ଲବର ସଭ୍ୟ, ସଭାପତି, ସଭା ସମିତିକୁ ରିତିମତ ଧାଁ ଦୌଡ଼ ଲଗାଇଛନ୍ତି । ଏଇ ବୁଢ଼ାମାନେ ପ୍ରାୟ ସମବୟସ୍କ । ବୟସ ୭୦ରୁ ଅଧିକ । ଯେତେବେଳେ ଯୁଆଡ଼େ ଏମାନେ ଯାଆନ୍ତି ଏକାଠି ଯାଆନ୍ତି । ତେଣୁ ଟୋକାମାନେ ଏମାନଙ୍କୁ ପଞ୍ଚୁପାଣ୍ଡବ ବୋଲି ଥଟ୍ଟାରେ ଡାକନ୍ତି । ଯେତେ ଥଟ୍ଟା କଲେ ମଧ୍ୟ, ଏମାନେ ଆଜିକାଲି କଥାଟାକୁ ଗୁରୁତ୍ୱ ନ ଦେଇ, ଅଜା-ନାତି ହିସାବରେ ସବୁକିଛି ସହି ଯାଉଛନ୍ତି । ଉଦ୍ଦେଶ୍ୟ ଦରକାର ପଡ଼ିଲେ, ଏ ଟୋକାଗୁଡ଼ାକ କର୍ମରେ ଆସିବେ । ସମସ୍ତଙ୍କ ଦୃଷ୍ଟି ଚେୟାର୍‌ମ୍ୟାନ ପଦବୀଟା ଉପରେ । କିମିତି ଗୋଟାଏ କାଉନସିଲର ହୋଇଗଲେ, ଚେୟାର୍‌ମ୍ୟାନ ହେବାଟା ବିଶେଷ କିଛି କଷ୍ଟକର କାମ ହବନି । ତେଣୁ ଯେ ଯେଉଁଠି ପାରିଲା, ସେଇଠି ଯାଇ ଉପସ୍ଥିତ ହୋଇଯାଅନ୍ତି । ଭୋଜି ଭାତରେ ଏମାନେ ଯେପରି ନିଜର ହୋଇ ବୁଝାସୁଝା କରନ୍ତି, ତାହା ଦେଖି ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗେ । ବୟସ୍କମାନଙ୍କ ଭିତରେ ରାମ ବାବୁ ୭୫କୁ ଟପିବେ । ବାକୀ ଅନ୍ୟମାନେ ୬୮ ରୁ ୭୦ ଭିତରେ । ତେଣୁ ଏହାଙ୍କୁ ସମସ୍ତେ ପ୍ରଥମ ପାଣ୍ଡବ ବୋଲି ଡାକନ୍ତି । ରାମବାବୁ ଚାକିରୀକାଳ ଭିତରେ ଯଦିଓ ଜଣେ ଉଚ୍ଚପଦସ୍ଥ ଅଫିସର ଥିଲେ, ସେମିତି କିଛି ବିଶେଷ ଦୁର୍ନୀତିଗ୍ରସ୍ତ ନୁହନ୍ତି । ରାମବାବୁ ତଥାପି ପାଖାପାଖି ୫୦ ଲକ୍ଷ ଟଙ୍କାରୁ କିଛି କମ୍ ସମ୍ପତ୍ତି କରି ନାହାନ୍ତି । ଯାହାକି ଅନ୍ୟମାନଙ୍କ ତୁଳନାରେ ବହୁତ କମ୍ । ଅନାଦି ବାବୁ ଜଣେ ଅବସରପ୍ରାପ୍ତ ଇଂଜିନିୟର୍ । ତା' ପୁଣି ପୂର୍ତ୍ତ ବିଭାଗର । ସେ ତ ଟଙ୍କା ନିଶ୍ଚୟ ଖାଇବେ । ପି.ଡବ୍ଲ୍ୟୁ.ଡି ବିଭାଗର ଅନ୍ୟ ନାମ ହେଲା Plunder without danger. ସେ ଯେତେ ଖାଇଲେ ମଧ୍ୟ ସମସ୍ତଙ୍କୁ ସନ୍ତୁଷ୍ଟ କରିଥିବାରୁ, ଭିଜିଲାନ୍ସ ତାଙ୍କ ଘର ଭିତରେ ପଶିପାରି ନାହାନ୍ତି । ଏ ହେଲେ ଦ୍ୱିତୀୟ ପାଣ୍ଡବ ।

ତୃତୀୟ ପାଣ୍ଡବ ପୋଲିସ୍ ଅଫିସର । ଏ ଥିଲେ ପୋଲିସ୍ । ରାଧାନାଥଙ୍କ ଭାଷାରେ ବିନା ମେଘରେ ଏ ବାବୁ କୁଳିଶ ସୃଜି ପାରୁଥିଲେ । ତେଣୁ ତାଙ୍କର ନିଶ ବି'ପଟକୁ ଦେଖିଲେ, ଏବେ ମଧ୍ୟ ଅନେକଙ୍କର ପିଳେହି ପାଣି ହୋଇଯାଏ । ଖାଇବା, ଖୋଇବାରେ ଏ ସିଦ୍ଧହସ୍ତ । ତେଣୁ ଡି.ଆଇ.ଜି.ରୁ ଅବସର ନେଇଛନ୍ତି । ସମ୍ପତ୍ତି କଥା

Digitized by srujanika@gmail.com

ନ କହିବା ଭଲ । ଏ ହେଲେ ତୃତୀୟ ପାଣ୍ଡବ । ଚତୁର୍ଥ, ପଞ୍ଚମ ପାଣ୍ଡଙ୍କ କ୍ଷମତାକୁ ବିଚାରକୁ ନେଲେ ଏମାନେ ୩ ପାଣ୍ଡବଙ୍କ ତୁଳନାରେ ଟିକିଏ କମ୍ । ଜଣେ ଅଧ୍ୟକ୍ଷ ଓ ଅନ୍ୟଜଣେ ସେକେଣ୍ଡାରୀ ଏଜୁକେସନ୍ ବୋର୍ଡ଼ର ସେକ୍ରେଟାରୀ । ପଇସା କମେଇ ନାହାନ୍ତି କହି ପାରିବେନି । ଅଧ୍ୟକ୍ଷ ମହୋଦୟ କଲେଜ ପାଣ୍ଠି ଆତ୍ମସାତ୍ ଅଭିଯୋଗରେ ଦଣ୍ଡିତ ହେବାକୁ ଯାଉଥିବା ବେଳେ, ତାଙ୍କ ଭିଣୋଇ ଶିକ୍ଷା ବିଭାଗ ମନ୍ତ୍ରୀ ଥିବାରୁ, ସେ ଅଳ୍ପକେ ବର୍ତ୍ତିଗଲେ । ଆଉ ବୋର୍ଡ଼ ସେକ୍ରେଟାରୀ ପ୍ରଶ୍ନପତ୍ର ବିକ୍ରିବଟାରୁ ଯାହା ପାଇଛନ୍ତି ତା' କମ୍ ବୋଲି କିମିତି ବା କହିବେ । କିଏ ଶହେ ଖାଇଲେ କିଏ ପଚାଶ, ବାକି ସବୁ ୨୫ ରୁ ୩୦ ଭିତରେ ।

ଏହି ମହାପୁରୁଷମାନେ ବର୍ତ୍ତମାନ ଦେଶପ୍ରେମୀ ହେବା ପାଇଁ ବଡ଼ ବ୍ୟାକୁଳ ହୋଇପଡ଼ିଛନ୍ତି । ନିକଟରେ ପ୍ରଥମ ପାଣ୍ଡବଙ୍କୁ ହାର୍ଟ ଆଟାକ୍ ହୋଇଥିଲା । ମରୁ ମରୁ ବଞ୍ଚିଗଲେ । ତୃତୀୟ ପାଣ୍ଡବ ପୋଲିସ୍ ବାବୁ ପାରାଲିସିସ୍ ବେମାରୀରେ ପଡ଼ି ନିକଟରେ ଉଠିଛନ୍ତି । ଚତୁର୍ଥ ପାଣ୍ଡବ ଶ୍ୱାସରୋଗୀ । ଧଇଁ ପେଲି ହଉଛନ୍ତି । ଦ୍ୱିତୀୟ, ପଞ୍ଚମ ଅପେକ୍ଷାକୃତ ଭଲସ୍ୱାସ୍ଥ୍ୟ ଥିଲେ ମଧ୍ୟ ରକ୍ତଚାପ ରୋଗୀ । ଡାକ୍ତର କହିଛନ୍ତି ବିଶେଷ କିଛି ନ ଭାବି ଶାନ୍ତିରେ ଦିନ କାଟିବାକୁ ।

ପଞ୍ଚପାଣ୍ଡବମାନେ ଶୁଣିବାକୁ ପାଇଲେ, ମ୍ୟୁନିସିପାଲିଟିର ଆୟ ପ୍ରାୟ ଦଶକୋଟି ଟଙ୍କା । ୨ କୋଟି ଟଙ୍କା ସରକାରୀ ଅନୁଦାନ । ଅକ୍ଟ୍ରାଇ ଟିକସରୁ ଆୟ କେତେ ଯେ କ'ଣ ତା'ର ସୁମାରି ନାହିଁ । ତେଣୁ ଦୃଷ୍ଟିଟା ଚେୟାର୍‌ମ୍ୟାନ ହବା ପାଇଁ । ଖର୍ଚ୍ଚ ହବ କେତେ ? ୧୦ ଲକ୍ଷ ଖର୍ଚ୍ଚ କଲେ ୫ବର୍ଷରେ ତାର ତିନିଗୁଣ କାହିଁକି ନ ପାଇବା ।

ସୁଲୁସୁଲିଆ ପବନଟା ମନଟାକୁ ସମସ୍ତଙ୍କର ପ୍ରଫୁଲ୍ଲିତ କରିଦେଲା । ଏଥିପାଇଁ ରାମବାବୁ ଭିତରେ ଭିତରେ ଟୋକାମାନଙ୍କୁ ଭୋଜିଭାତ ଦେଇ କରାୟତ କରିସାରିଲେଣି । ତୃତୀୟ ପାଣ୍ଡବ କହିଲେ - ଶୁଣୁଛି ଆପଣ ଚେୟାର୍‌ମ୍ୟାନ ହବା ପାଇଁ ଆଶାୟୀ । ଆପଣଙ୍କ ହାର୍ଟଆଟାକ୍ ହୋଇଥିଲା । ଆପଣ ଜାଣନ୍ତି ଦ୍ୱିତୀୟ ଥର ଆଟାକ୍ ହେଲେ ସର୍ବନାଶ । ଛାଡ଼ନ୍ତୁ । ଭଗବାନ କରନ୍ତୁ କିଛି ନ ହେଉ । ଆପଣ ସେ ସବୁ ପାଇଁ ଆଉ ଆଗ୍ରହ ପ୍ରକାଶ କରନ୍ତୁ ନାହିଁ । ଆପଣଙ୍କର ବିଶ୍ରାମ ନିହାତି ଦରକାର । ତୃତୀୟ ପାଣ୍ଡବଙ୍କର କଥାଟା ପ୍ରଥମ ପାଣ୍ଡବଙ୍କୁ ବାଧିଲା । ଏଥିପାଇଁ ସେ ବହୁତ ଲୋକଙ୍କୁ କହିସାରିଲେଣି । ଶାସକ ଦଳକୁ କହିଛନ୍ତି - ନିର୍ବାଚନରେ ପ୍ରାର୍ଥୀମାନଙ୍କର ସମସ୍ତ ଖର୍ଚ୍ଚ ସେ ତୁଲାଇବେ । ପ୍ରାୟ ସବୁ ଠିକ୍ ସରିଛି । ତେଣୁ ସେ ରାଗିଉଠିଲେ । ଖୁବ୍ ଚିତ୍କାର କରି ସେ ଯେତେବେଳେ କହି ଉଠିଲେ — ଦୟାକରି ବନ୍ଦ କରନ୍ତୁ । ଛାତି ଭିତରଟା ତାଙ୍କର କୋରି କୋରି ହୋଇଯାଉଥିଲା । ସେ କହିଲେ —"ତୁମେ ମୋ ରୋଗରୁ କ'ଣ ପାଇବ ? ତୁମେ ବହୁମୂତ୍ର ରୋଗୀ । ତୁମର କିଡ୍‌ନି ଖରାପ ହେବାକୁ ବସିଲାଣି । ତୁମେ ବିଶ୍ରାମ କର । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଖାଦ୍ୟ ଗ୍ରହଣ କର । ଅନ୍ୟ ପାଣ୍ଡବମାନେ ଏ ଦୁହିଁଙ୍କର ବଚସା ଶୁଣି ଗୋଟାଏ ଆପୋଷ ସମାଧାନକୁ ଆସିବାକୁ ଅନୁରୋଧ କଲେ ।

Digitized by srujanika@gmail.com

ଚତୁର୍ଥ ପାଣ୍ଡବ ଅଧକ୍ଷ ମହୋଦୟ କହିଲେ ମୁଁ ଗୋଟିଏ ପ୍ରସ୍ତାବ ଦଉଛି । ରାମବାବୁ ଚେୟାର୍‌ମ୍ୟାନ ଆଉ ଆମର ପୋଲିସ୍ ବାବୁ, ସେ ଭାଇସ୍ ଚେୟାର୍‌ମ୍ୟାନ ହୁଅନ୍ତୁ ।

ତୃତୀୟ ପାଣ୍ଡବ ଏ ପୋଷ୍ଟଟା ପ୍ରତି ଆଗ୍ରହୀ ନଥିଲେ । ସେ କହିଲେ ଯଦି ହେବି ଚେୟାରମ୍ୟାନ ହେବି । ହଉ ଆପଣ ଯଦି ଶାସକ ଦଳକୁ ଧରିଛନ୍ତି, ମୁଁ ବିରୋଧୀ ଦଳକୁ ଧରିବି । ଆମ ଦୁହିଁଙ୍କ ଭିତରେ ଲଢ଼େଇଟା ହେଉ । ଯେ ଜିଣିବ - ସେ ଶାସନଗାଦି ଦଖଲ କରିବ । କିନ୍ତୁ ମନେରଖନ୍ତୁ ଆପଣ ଚେୟାର୍‌ମ୍ୟାନ ହେଲେ ଆପଣଙ୍କ ଦୁର୍ନୀତି ମୁଁ ପଦାରେ ପକାଇ ଦେବି । ସଭା ସମିତିରେ କହିବି – ଚେୟାର୍‌ମ୍ୟାନ୍ କୋଟି କୋଟି ଟଙ୍କା ଆତ୍ମସାତ୍ କରିଛନ୍ତି । ବୁଝି ବିଚାରି କାମ କରନ୍ତୁ । ଆମ ପାଞ୍ଚଜଣଙ୍କ ଭିତରୁ ଜଣକୁ ଆସନ୍ତୁ ସମସ୍ତେ ବାଛିବା । ତାଙ୍କୁ ଆମେ ଚେୟାର୍‌ମ୍ୟାନ କରିବା । ସମସ୍ତେ ମିଶି ତାଙ୍କୁ ସବୁ ପ୍ରକାର ସାହାଯ୍ୟ କରିବା । ଯାହା ଆଦାୟ ହେବ ତାକୁ ସମସ୍ତେ ବାଣ୍ଟିକୁଣ୍ଟି ନେବା । ପଞ୍ଚମ ପାଣ୍ଡବଙ୍କର କଥାଟା ମନକୁ ପାଇଲା । ଦ୍ୱିତୀୟ ପାଣ୍ଡବ କହିଲେ ଦେଶପ୍ରେମଟା ବର୍ତ୍ତମାନ ମ୍ୟୁନିସିପାଲ୍‌ଟିର ପାଣି ଉପରେ ହିଁ ରହିଗଲା । ଆପଣମାନେ ସବୁ ଭୁଲ କରୁଛନ୍ତି । କାହିଁକି ଏ ସବୁ ଚିନ୍ତା । ଜୀବନସାରା ପାପ କରି ଆଜି ଟିକିଏ ରାମନାମ ନେବାକୁ ଯାହା ଆପଣମାନେ ଚିନ୍ତା କରୁ ନାହାନ୍ତି, ତା'ଠାରୁ ଦୁଃଖଦାୟକ କଥା କ'ଣ ଥାଇପାରେ । କାହା ପାଇଁ ଏ ଧନ, କାହିଁକି ଏ ଧନ ? ଆଖି ବୁଜିଲେ କେହି କାହାର ନୁହଁନ୍ତି । ମୁଁ ପ୍ରସ୍ତାବ ଦେଉଛି ଦେଶ ପ୍ରେମ ଛାଡ଼ି ରାମ ନାମ ସଂକୀର୍ତ୍ତନ କରିବା ଆସନ୍ତୁ । ସକାଳେ, ସନ୍ଧ୍ୟାରେ, ରାତ୍ରିରେ ଯେତେବେଳେ ପାଇବା ପ୍ରଭୁଙ୍କର ନାମ ନେବା । ମୁଁ ଆପଣଙ୍କର କୌଣସି କଥାରେ ଏକମତ ନୁହେଁ । ଜୀବନରେ ବହୁତ ପାପ କରିଛି । ଆଉ ପୁଣି ଆପଣମାନଙ୍କର କଥାରେ ପଡ଼ି ପାପ ଅର୍ଜିବି । ମୁଁ ଯାଉଛି - ବିଦାୟ ! ଦ୍ୱିତୀୟ ପାଣ୍ଡବ ତାଙ୍କର ବକ୍ତବ୍ୟ ଶେଷ କରି ଏକମୁହାଁ ହୋଇ ଚାଲିଗଲେ । ଯେ ଯେତେ ଡାକିଲେ ମଧ୍ୟ କାହାରି କଥା ତାଙ୍କର କର୍ଣ୍ଣ ଗହ୍ୱରରେ ପ୍ରବେଶ କଲାନାହିଁ । ଦୂରରୁ ଭାସି ଆସୁଥିଲା – ଟୀକା ଗୋବିନ୍ଦଚନ୍ଦ୍ରର ସେହି ପଦ୍ୟାବଳୀ । ବୁଢ଼ାଟିଏ ଖଞ୍ଜଣି ବଜାଇ, ଗାଇ ଗାଇ ଆସୁଥିଲା –

"ଭଜୁକିନା ରାମ ନାମରେ କୁମର/ଭଜୁକିନା ରାମ ନାମ । ଭଜି ନପାରିଲେ କୁଳ ଚନ୍ଦ୍ରମାରେ, ବାନ୍ଧି ନେବ କାଳ ଯମରେ କୁମର ।"

ବୁଢ଼ାଟି ସମସ୍ତଙ୍କ ପାଖକୁ ଆସି – "କିଛି ଖାଇନି ବାବା, ଅନ୍ନ ମୁଠିକ ମିଳୁ' କହିଲା ବେଳେ ସମସ୍ତେ ସମସ୍ତଙ୍କର ମୁହଁକୁ ଚାହିଁ ପଇସାଟିଏ ନ ଦେଇ ବୁଢ଼ାର କଦର୍ଯ୍ୟ ରୂପ, ଦେହରୁ ଦୁର୍ଗନ୍ଧ ବାହାରୁଥିବା ଦେଖି ନାକରେ ହାତ ଦେଇ, ସେ ସ୍ଥାନ ଛାଡ଼ି ଯେ ଯାହା ଗୃହକୁ ପଳାୟନ କଲେ ।

* * *

Digitized by srujanika@gmail.com

ଇତି ମଧୁ ମିଶ୍ର ଉପାଖ୍ୟାନମ୍

ଢେଙ୍କେଡାରେ ମୁରୁଜ ଦଉ ଦଉ ମଧୁ ମିଶ୍ରଙ୍କର ସ୍ତ୍ରୀ ବିରକ୍ତ ହୋଇ କହି ଉଠିଲେ –"ପୁଅ ତ ଆସି ଦରବୁଢ଼ା ହେଲାଣି, ତାକୁ ଆଉ କେବେ ବାହା କରିବ ? ମୋର କ'ଣ ଆଉ ବଳ, ବୟସ ଅଛି ଯେ, ସାରାଜୀବନ ତୁମମାନଙ୍କୁ ରାନ୍ଧି, ବାଢ଼ି ପରଶୁଥିବି ?"

ସେତେବେଳକୁ ମିଶ୍ରେ ସ୍ନାନ ସାରି ପଇତା ଗଣ୍ଠି ପକାଉଥିଲେ । ତା'ପରେ ସନ୍ଧ୍ୟା ତର୍ପଣ । ଆଜି ଆଶ୍ୱିନ ଅମାବାସ୍ୟ । ମହାଳୟା ଶ୍ରାଦ୍ଧ । ମିଶ୍ରଙ୍କ ସ୍ତ୍ରୀ ବଡ଼ ଅଭିମାନୀ । କଥା କଥାକେ ତାଙ୍କର ଆଖିରୁ ଧାରାଶ୍ରାବଣ ଛୁଟେ । ମିଶ୍ରେ ବଡ଼ ଅକଡ଼ିଆରେ ପଡ଼ିଗଲେ । ସତକଥା । ପୁଅକୁ ଆସି ୩୨ ହେଲା, ଆଉ କେବେ ବାହା ହବ । ଗତ ସନ୍ଧ୍ୟାରେ, ହାଟ ସାରି ଫେରିଲାବେଳକୁ ଚନ୍ଦ୍ର ମହାପାତ୍ରଙ୍କ ସହିତ ଦେଖା ହୋଇଥିଲା । ମହାପାତ୍ରେ ମିଶ୍ରଙ୍କର ହିତାକାଂକ୍ଷୀ । ସେବି ସେଇକଥା କହିଥିଲେ ହଇରେ ମଧୁ, କୁନାର ବାହାଘର କ'ଣ କରିବୁନି ? ଏଇଟା କ'ଣ ତୋତେ ସୁନ୍ଦର ଦିଶୁଛି ।

ମିଶ୍ରେ ପୁରୁଣାକାଳିଆ ଲୋକ ହେଲେ ମଧ ଆଧୁନିକତା ତାଙ୍କ ପାଖରେ କିମିତି କିନା ଟିକିଏ ପଶି ଯାଇଥିଲା । ସେ ସମୟରେ ବ୍ରାହ୍ମଣମାନେ ନିଶ ନ ରଖୁଥିଲେ ବି, ମିଶ୍ରେ ଭଲ ଆଖି ଦୃଶିଆ ନିଶ ହଳେ ରଖିଥିଲେ । ସେଥିପାଇଁ ସେ କମ୍ ସମାଲୋଚନାର ଶରବ୍ୟ ହୋଇ ନାହାନ୍ତି । ପଡ଼ିଶାଘର ରଘୁ ଭାଇନା ଓରଫ ରଘୁ ମିଶ୍ରେ, ମଧୁ ମିଶ୍ରଙ୍କ ନିଶହଳକୁ ଦେଖି ସମାଲୋଚନା କରି କହନ୍ତି ହଇରେ ମଧୁ, ତୁ କ'ଣ ଶିଖାୟବୌଷଠ ପରିବର୍ତ୍ତେ ନିଶାୟବୌଷଠ କହିବୁ । ସେତେବେଳେ ମଧୁ ମିଶ୍ରଙ୍କର ଲୁଙ୍ଗିପିନ୍ଧା ଗାଁରେ ବେଶ୍ ଚହଳ ସୃଷ୍ଟି କରିଥିଲା । ତେଣୁ ସେ ଯୁବକମାନଙ୍କ ପାଇଁ ଆଧୁନିକତାର ଏକ ଆଦର୍ଶ ରୂପେ ପରିଗଣିତ ହେଉଥିଲେ । ବ୍ରାହ୍ମଣ ଶାସନ । ରକ୍ଷଣଶୀଳ ବ୍ରାହ୍ମଣ ସମାଜର ଚିନ୍ତାଧାରାକୁ ମିଶ୍ରେ ଟୋକାମାନଙ୍କ ଆଗରେ କଠୋର ସମାଲୋଚନା କରୁଥିଲେ । ତେଣୁ ଗାଁର ବ୍ରାହ୍ମଣମାନେ ମନେ ମନେ ମିଶ୍ରଙ୍କ ଉପରେ ରକ୍ତଚାଉଳ ଚୋବାଇ ହଉଥିଲେ । ମିଶ୍ରେ କହୁଥିଲେ – ଜାତି ବୋଲି କିଛି ନାହିଁ । ପରାଶର ମୁନି ମତ୍ସ୍ୟଗନ୍ଧାକୁ ବାହା ହୋଇଥିଲେ । ବ୍ୟାସଦେବ ତାଙ୍କର ପୁଅ । ବ୍ରାହ୍ମଣ ବୋଲି ଗୋଟିଏ ଜାତି କ'ଣ ? ବ୍ରାହ୍ମଣ ଶବ୍ଦର ବ୍ୟାଖ୍ୟା କରି ସେ କହନ୍ତି –"ବ୍ରହ୍ମଃ ଜାନାତି ଇତି ସଃ ବ୍ରାହ୍ମଣଃ ।" ଏଇ ତଥାକଥିତ ପଇତାଧାରୀଙ୍କ ଭିତରୁ, କେତେଜଣ ବ୍ରହ୍ମକୁ ଚିହ୍ନିଛନ୍ତି ? ଏମାନେ ଯଦି ଚିହ୍ନି ନାହାନ୍ତି ତେବେ ବ୍ରାହ୍ମଣ ବୋଲାଇବେ କାହିଁକି ? ଏସବୁ କଥା, ସେ ବଡ଼ ସୁନ୍ଦର ଭାବରେ ଟୋକାମାନଙ୍କ ଆଗରେ ଉପସ୍ଥାପିତ କରନ୍ତି ।

Digitized by srujanika@gmail.com

ତେଣୁ ସନ୍ଧ୍ୟାବେଳେ, ଭାଙ୍ଗ ବଟାଚାଲିଥିବା ବେଳେ, ଟୋକାମାନଙ୍କ ସହିତ ତାଙ୍କର ଖୁବ୍ ଜମେ ।

ଏଇସବୁ କଥା କହି କହି, ସେ ଜଣେ ସଂସ୍କାରବାଦୀ ରୂପରେ ପରିଚିତ ହୋଇଗଲେଣି । ପରିଣତ ବୟସରେ ଉପନୀତ ହୋଇଥିବାରୁ, ମିଶ୍ରଙ୍କୁ ଆଉ କିଏ ସେମିତି କିଛି ସମାଲୋଚନା କରନ୍ତିନି । ବରଂ ଟୋକାଗୁଡ଼ାକ କିଛି ଯଦି ଅକସ୍ମାତ୍ ଭୁଲ୍ କରି ବସନ୍ତି, ବାପା, ମାଆ ଅର୍ଥାତ୍ ନନା, ବୋଉ ଶାସନ କଲାବେଳେ, ସେମାନେ ମଧୁ ମିଶ୍ରଙ୍କର ଉଦାହରଣ ଦେଇ ସେମାନଙ୍କୁ ଗାଳି ଦିଅନ୍ତି । ବୟସରେ ବଡ଼ ହୋଇଥିବା ଲୋକେ, ମଧୁ ମିଶ୍ରଙ୍କୁ ଗାଳି ଦେଇ କହନ୍ତି ସେ ଅଲେପେଇସିଆ ଗାଁଟାକୁ ନଷ୍ଟ କରି ଦେଲା, ଏ ଟୋକା ଗୁଡ଼ାଙ୍କର ମୁଣ୍ଡ ଖାଇଗଲା ।

ଏମିତି ଗାଳି ମିଶ୍ରେ ତାଙ୍କ ଜୀବନରେ ବହୁତ ଶୁଣିଛନ୍ତି । ସେ ବର୍ତ୍ତମାନ କଂସାରି ଘରର ପାରା ହେଇ ଗଲେଣି ଏ କୁଲା ଢ଼ାଉଁ ଢ଼ାଉଁକୁ ସେ ଖାତିରି କରିବେ କାହିଁକି ?

ମିଶ୍ରେ ବହୁ କୁଟୁମ୍ବୀ । ସେତେବେଳେ ସିନା ଆଶୀର୍ବାଦ ମିଳୁଥିଲା, ଧନ, ଜନ ଗୋପଲକ୍ଷ୍ମୀ ବଢୁ । କିନ୍ତୁ ଆଜିକାଲି ତ କାଳ ଓଲଟା । ଏବେ ଜନ ଆଉ ଦରକାର ନାହିଁ ଖାଲି ଧନ ଲୋଡ଼ା । ଲକ୍ଷ୍ମୀଙ୍କୁ ଯଦି ଜଣେ ଯେ କୌଣସି ଉପାୟରେ ସ୍ୱାଗତ କରି ଆଣିପାରିଲା, ତା'ର ବାହାଦୂରୀ ଖୁବ୍ ବେଶୀ । ସେ କରିତକର୍ମା । ତା'ର ଜୟଗାନ ଚାରିଆଡ଼େ ଶୁଣାଯାଏ ।

ପରିବାର ନିୟନ୍ତ୍ରଣ ଯୋଜନା ଚାଲୁହେବା ପୂର୍ବରୁ, ମିଶ୍ରଙ୍କର ୧୩ଟି ଜୀବିତ ସନ୍ତାନ ଥିଲେ । ଆଉ ୬ଟି ଯମଦ୍ୱାରା ନିମନ୍ତ୍ରିତ ହୋଇ ସେ ପୁରକୁ ଚାଲି ଯାଇଥିଲେ । ନଇଲେ ମିଶ୍ରେ, ଅଠରନଳା ସହିତ ସଙ୍ଗାତ ବାନ୍ଧିବାକୁ ସମସ୍ତ ପରିକଳ୍ପନା କରିସାରିଥିଲେ ।

କିନ୍ତୁ ଏସବୁ ସତ୍ତ୍ୱେ, ମିଶ୍ରେ କୌଣସି ଥିଲେ ହାରିଯାଇ ନାହାନ୍ତି । ତାଙ୍କର ପୁଅ, ଝିଅ ସମସ୍ତେ ଶିକ୍ଷିତ । ବିଶ୍ୱବିଦ୍ୟାଳୟର ଉଚ୍ଚ ଡିଗ୍ରୀଧାରି । ଯେଉଁଥିପାଇଁ ସେ ଅଞ୍ଚଳରେ ସେ ବେଶ୍ ନାମଜାଦା । ଏତେଗୁଡ଼ିଏ ପିଲାଙ୍କର ଲାଳନ, ପାଳନ ଦାୟିତ୍ୱ ମିଶ୍ରାଣୀଙ୍କ ଉପରେ ପଡ଼ିଥିବାରୁ, ବୃଢ଼ୀ ବୟସରେ ସେ ବେଶ୍ ଚିଡ଼ା ପ୍ରକୃତିର ହୋଇପଡ଼ିଛନ୍ତି । ହେବାଟା ବି ସ୍ୱାଭାବିକ ।

ତାଙ୍କ ଜୀବନରେ ସବୁଠାରୁ ଦୁଃଖ ରୂପେ ଦେଖା ଦେଇଛି ମିଶ୍ରାଣୀଙ୍କର ବଡ଼ ପୁଅର ପ୍ରେମ ବିବାହ । ଜଣେ ଇତର ଜାତିର ଝିଅ ଆସିଥିବାରୁ, ମିଶ୍ରାଣୀ ବଡ଼ ଚିନ୍ତିତ । ତେଣୁ ସେ ସବୁ ଦାୟିତ୍ୱ ନିଜ ହାତକୁ ନେଇଛନ୍ତି । କୁଳର ବୋହୂଟିଏ ନହେଲେ, ସାତ ପୁରୁଷ ଯେ, ଅହିନର୍କରେ ପଡ଼ିବେ, ଏ କଥା ମିଶ୍ରାଣୀଙ୍କୁ ଖୁବ୍ ବାଧୁଛି । ଘରେ ମା' ଦୁର୍ଗା ବିଜେ ହୋଇଛନ୍ତି । ତାଙ୍କର ପୂଜା, ପାର୍ବଣରେ, ଶ୍ରାଦ୍ଧ, ମଉଳାରେ କୁଳର ବୋହୂଟିଏ ନିହାତି ଦରକାର । ତେଣୁ ମିଶ୍ରାଣୀ ଲଗେଇଛନ୍ତି – ଅତି ଶୀଘ୍ର ଦ୍ୱିତୀୟର

Digitized by srujanika@gmail.com

ବାହାଘର ସ୍ଥିର କର । ଆଉ କଥା କଥାକେ ସେ ମିଶ୍ରଙ୍କୁ ଉଲୁଗୁଣା ଦେଇ ନିନ୍ଦା କରୁଛନ୍ତି, ତାଙ୍କର ସଂସ୍କାରବାଦକୁ । ତାଙ୍କରି ଯୋଗୁଁ, ପୁଅର ମୁହଁ ବଢ଼ିଗଲା, ସେ କୁଳକୁ ଚାଲିଗଲା, ଏଇକଥା ବାରମ୍ବାର କହି, ସେ ମିଶ୍ରଙ୍କୁ ଅସ୍ତବ୍ୟସ୍ତ କରିପକାଇଲେଣି ।

ମିଶ୍ରେ ବସି ଭାବିଲେ – କରିବେ କ'ଣ ? ତାଙ୍କ ବେଳର ତ କଥା ହେଉନି । ସେତେବେଳେ ନନା, ବୋଉ ଯାହା ଠିକ୍ କରୁଥିଲେ, ସେଇଟା ହିଁ ବେଦର ଗାର ଥିଲା । ଆଜିକାଲିକାର ଟୋକାଗୁଡ଼ାଙ୍କୁ ତ ବୁଝାଇ ହଉନି । ସେମାନେ କନ୍ୟା ମନୋନୀତ କରିବେ । ଯେ ଦି' ପଇସା କମଉଛି, ତା'ର ଭାଉ ବେଶୀ । ତେଣୁ କରିବେ କ'ଣ ? ବଡ଼ ଗୋଲକ ଧନ୍ଦାରେ ପଡ଼ିଗଲେ ।

ମିଶ୍ରଙ୍କର ଦ୍ୱିତୀୟ ପୁଅ, ବେଶ୍ ଦି' ପଇସା କମଉଚି । ଚେହେରା ବି ସୁନ୍ଦର । ତେଣୁ ତା'ର ମନମୁତାବକ ପାତ୍ରୀ ହବା ଦରକାର । ଯଦି ମନକୁ ନପାଇବ ସିଧା କଥା ଫିଙ୍ଗିଦେଇ କହିବେ –''ତୁମେ ବାହା ହୋଇ ପଡ଼ । ମୋତେ ସେ କଥା କୁହନି ।''

ତେଣୁ ବୋହୂ ଖୋଜିବାକୁ ମିଶ୍ରେ ୧୦/୧୨ ଜାଗା ଯାଇ ବେଶ୍ ଅପମାନିତ ହୋଇ ସାରିଲେଣି ।

ମିଶ୍ରେ ବିଚାରିଲେ – ଜାତି, ଗୋତ୍ରରୁ ଝିଅଟିଏ ଆଣିଲେ, ବୁଢ଼ୀ ମନଖୁସି । ଆଉ ନବା, ଦବା, କଥା ଛାଡ଼ । ସେ ଯେତେବେଳେ ବାହା ହେଉଥିଲେ, ସେତେବେଳେ ମିଶ୍ରାଣୀ ଯାହା ଆଣିଥିଲେ । ସେତେବେଳର ଟଙ୍କା ୨ ଶହରୁ ବେଶୀ ହବନି ।

ଆଜିକାଲି ତାଲିକା ଦେଖିଲେ, ଆଖି ଖୋସି ହୋଇଯାଉଛି । ଝିଅଟା କଳା ହେଲେ କ'ଣ ହେଲା, ଗଢ଼ଣ ସୁନ୍ଦର ହେଇଥିଲେ ଯଥେଷ୍ଟ । ଯେ ଝିଅ ଜନ୍ମ କରିଛି, ସେ କ'ଣ ଝିଅକୁ ମନ ଖୁସି କରି ପଠାଇବନି । ତେଣୁ ସେ କେତେ ଜାଗାରେ 'ହଁ' କରିଦେଇ, ଶେଷକୁ ପୁଅଠାରୁ ନାସ୍ତି ବଚନ ଶୁଣି, ବଡ଼ ଅପମାନିତ ବୋଧ କଲେଣି । ଆଉ କୁଆଡ଼େ ବୁଲିବେ ? ଏ ବୁଢ଼ୀଟା କିଛି ବୁଝୁନି – ମିଶ୍ରେ ମନେ ମନେ ବଡ଼ ବିରକ୍ତ ହେଉଥିଲେ । କିନ୍ତୁ ଭରସି କିଛି କହିପାରୁ ନଥିଲେ । ଯଦି କିଛି କହନ୍ତି, ସେଇ କଥାଟା ଓଲଟି ଆସି ତାଙ୍କୁ ଏପରି ପ୍ରହାର ଦେବ ଯେ, ସେଥିରେ ସେ ଅଥୟ ହୋଇ ପଡ଼ିବେ ବରଂ ନିରବ ରହି ଯିବାଟା ସବୁଠାରୁ ଶ୍ରେୟସ୍କର ।

ପୁଅ ମଧ୍ୟ ୮/୧୦ ଜାଗାରେ କନ୍ୟା ଦେଖିଲାଣି । ତା'ର କୋଉଟାକୁ ପସନ୍ଦ ହେଉନି । ମିଶ୍ରାଣୀ ହାଣ୍ଡିଶାଳରୁ ପାଟି କରି ଉଠିଲେ କ'ଣ କାନକୁ ଶୁଭୁଛି । ମୁଁ ଆଉ ଏତେ କାମ କରିପାରିବିନି । ଯଦି ମାଘ ମାସ ଭିତରେ ବୋହୂ ନ ଆଣ, କଥା କିଛି ଭଲ ହବନି । ବାର ମାଇପେ, ମୋତେ ଉଠେଇ, ବସେଇ ଦେଉ ନାହାନ୍ତି । ଝିଅମାନଙ୍କ ଜଞ୍ଜାଳ ତୁଟେଇ ନେଇ, ନିଶ୍ଚିନ୍ତ ହୋଇଗଲେ, କ'ଣ କାମ ସରିଗଲା ? ପୁଅଟାକୁ

Digitized by srujanika@gmail.com

ଶାସନ ନ କରି, ଏପରି ମୁହଁ ବଢ଼େଇ ଦେଇ ଯେ, ସେ କଲା କ'ଣ ?

ପଇତା ଖିଅଟା ଏହା ଭିତରେ ଏମିତି ଭାବରେ ଅଡୁଆ ହୋଇଯାଉଛି, ଯେ ଗୋଟିଏ ଗଣ୍ଠି ଖୋଲିଲେ ଆଉ ଗଣ୍ଠିଟିଏ ପଡ଼ିଯାଉଛି । ଏଣେ ବୁଢ଼ୀର ଗର୍ଜନ ।

ମିଶ୍ରେ ବଡ଼ ପାଟିରେ କହିଲେ – ବୋହୂ ଦେଖିବା କାମ ମୋ ଦେଇ ଆଉ ହବନି । ତୁମେ ମା, ପୁଅ ଯାଇ ସବୁ ଠିକ୍ କର । ନିର୍ବନ୍ଧ ମଧ ମୁଁ କରିବିନି । ଜଗନ୍ନାଥଙ୍କୁ ସାକ୍ଷୀ ରଖି, ତ୍ରିବାର ସତ୍ୟ କରିସାରିବା ପରେ ତୁମ ପୁଅର ମନ ଫେରେ କ'ଣ ହୋଇଯିବ ଯେ, ଶେଷକୁ ଏ ବୟସରେ ବିଷ ଖାଇ ଆତ୍ମହତ୍ୟା କରିବାକୁ ମୋତେ ପଡ଼ିବ ।

ହାଣ୍ଡିଶାଳରୁ ମିଶ୍ରାଣୀ ମୁରୁଜ ଷଢ଼େଇଟା ଧରି ମିଶ୍ରଙ୍କ ପାଖକୁ ଧପେଇ ଆସିଲେ । କ'ଣ କହିଲ – "ମୁଁ ମାଇପିଟିଏ ହେଇ କନ୍ୟା କ'ଣ ଦେଖିବି ? ତା' ପାଇଁ କ'ଣ ଝିଅ ଜନ୍ମ ହୋଇ ନାହାନ୍ତି ବୋଲି ତୁମେ ଭାବୁଛ ।

ଏବେ ମିଶ୍ରଙ୍କ ମୁହଁରେ ଶୁଷ୍କ ହସଟିଏ ଖେଳିଗଲା । ମିଶ୍ରେ ଆଉ ସପ୍ତମକୁ ନଉଠି, ଟିକିଏ ଗେହ୍ଲେଇ ହୋଇ କହିଲେ ବସ । ମୁଁ ଗୋଟିଏ ପ୍ରସ୍ତାବ ମନେ ମନେ ଠିକ୍ କରିଛି ।

ମିଶ୍ରାଣୀ ଆନନ୍ଦରେ ପାଖରେ ବସି ପଚାରିଲେ – କୋଉଠି ଭଲ କନ୍ୟାଟିଏ ଦେଖିଛ କହିଲ ? ମିଶ୍ରେ କହିଲେ ଅଛି । ତା' ପାଇଁ କନ୍ୟା ନିଶ୍ଚୟ ବ୍ରହ୍ମା ସର୍ଜନା କରିଛନ୍ତି । ସେଥିପାଇଁ ଅନ୍ୟକୌଣସି ପ୍ରସ୍ତାବ କାର୍ଯ୍ୟକାରୀ ହୋଇପାରୁନି । ତୁମେ ତ ଜାଣିଛ, ମହାନ୍ତି ସାହି ହରି ମହାନ୍ତି ଝିଅକୁ । ଦୁହେଁ କଟକରେ ଏକାଠି ପଢୁଥିଲେ । ଝିଅଟା ତ ଆମ ଘରକୁ କେତେଥର ଆସି ତୁମ ପୁଅ ସହିତ ଘଣ୍ଟା, ଘଣ୍ଟା ଧରି ଫୁସୁରୁ ଫାସର ହୁଏ । କ'ଣ ସେ କଥାବାର୍ତ୍ତା ହୁଅନ୍ତି – ତୁମେ କେବେ ପଚାରିନ ଯେ, ହଇରେ ପୁଅ କ'ଣ ଏତେ କଥାବାର୍ତ୍ତା ହଉଛୁ ? ତେବେ ମୁଁ ଭାବୁଛି – ୟା ମୁଣ୍ଡରେ କ'ଣ ସେ ଝିଅଟା ବସା ବାନ୍ଧି ରହିଗଲା କି ?

କ'ଣ କହିଲ – ପୁଣି ଅନ୍ୟ ଜାତିର ଝିଅଟିଏ ଆଣିବାକୁ ବସିଛ ? ଆହା, ସେମିତି କାହିଁକି ହଉଚ । କଥାଟା ପୁଅ ପାଖରୁ ଆଗ ବାହାର କର । ସେ ଡାଆଣୀକୁ ଦେହରୁ ଛଡ଼ାଇଲା ପରେ, ଅନ୍ୟ କଥା ଦେଖିବ । ବଡ଼ ଗମ୍ଭୀରା ହୋଇ ମଧ୍ଯ ମିଶ୍ରେ, ମିଶ୍ରାଣୀକୁ କହିଲେ । ଏ କଥା ଶୁଣି, ମିଶ୍ରାଣୀ ବଡ଼ ଚିନ୍ତାରେ ପଡ଼ିଗଲେ । ତା' ମଧ ସତ ହୋଇପାରେ । ଯଦି ଗୋଟିକ ପରେ ଗୋଟିଏ ପୁଅ, ଏମିତି ବାଟ ଧରନ୍ତି, ତା' ହେଲେ ସେ କରିବେ କ'ଣ ? ତେବେ ପୁଅକୁ ଆଜି ପଚାରିବେ । ସେ ଝିଅଟା ତ ଗାଁରେ ରହୁନି । ଏ ଟୋକା ଘରକୁ ଆସିଲେ ତ ଦିନକରୁ ଦି' ଦିନ ନ ରହି ଚାଲିଯାଉଛି । ତା' ହେଲେ ଭିତରେ କ'ଣ କିଛି ହେଲାଣି କି ? ମିଶ୍ରାଣୀ ବଡ଼ ଚିନ୍ତାରେ ପଡ଼ିଗଲେ ।

ଏ ସମୟରେ ମହାନ୍ତି ସାହିର, ଯଦୁଆ ବୋଉ ବଡ଼ ପାଟିରେ ଡାକିଲା –

Digitized by srujanika@gmail.com

ସାଆନ୍ତାଣୀ, ଟିକିଏ ଶୁଣିବ । ମିଶ୍ରାଣୀ ନାହିଁ ବୋଲି ମନା କରି ଦଉଥିଲେ, କିନ୍ତୁ ଯଦୁଆ ବୋଉ, ତାଙ୍କୁ ଏମିତି ଭାବରେ ଆସିବାକୁ ଅନୁରୋଧ କଲା, ଶେଷରେ ମଧ୍ୟ ମିଶ୍ରେ, ମିଶ୍ରାଣୀଙ୍କୁ ଯିବା ପାଇଁ ବାଧ କଲେ ।

ଯଦୁଆ ବୋଉ କହିଲା – ସାଆନ୍ତାଣୀ କି କାମରେ ଏତେ ବ୍ୟସ୍ତ ହୋଇପଡ଼ିଛ୍ନ୍ତି ଯେ, ଟିକିଏ ଶୁଣି ଯିବାକୁ ତର ହଉନି । ମିଶ୍ରାଣୀ କହିଲେ – କାହିଁକି ସେ କଥା କହୁଛୁ, ଯଦୁଆ ବୋଉ । ଆଜି ମହାଳୟା ଶ୍ରାଦ୍ଧ । ବେଳ ଆସି କେତେ ହେଲାଣି ଦେଖୁନୁ, ପିଣ୍ଡ ଆଉ କେତେବେଳେ ପଡ଼ିବ । ଯଦୁଆ ବୋଉ, ମୁରୁକି, ମୁରୁକି ହସୁଥିଲା । ମିଶ୍ରାଣୀ ଚିଡ଼ି ଉଠି ପଚାରିଲେ – ''କାହିଁକି ଏମିତି ଡାକୁଥିଲୁ ଲୋ, କଥା କ'ଣ କହୁନୁ ।'' ଯଦୁଆ ବୋଉ କହିଲା –''ସାଆନ୍ତାଣୀ ଯଦି କିଛି ଖରାପ ନଭାବ କଥାଟିଏ କହିବି ।'' ଯଦୁଆ ବୋଉ ମୁଖ ବିକୃତ କରି ଯେପରି ଭାବରେ କହିଲା, ମିଶ୍ରାଣୀଙ୍କର ଦେହରୁ ହଇକ ଶୁଖିଗଲା ।

ଯଦୁଆ ବୋଉ କହିଲା – ''ସାଆନ୍ତାଣୀ ତୁମର ପରା ଅଶୌଚ । ଆଉ ଶରାଧ କରିବ କ'ଣ ? ମୋର କ'ଣ ଅଶୌଚ ଲୋ – ମିଶ୍ରାଣୀ ଗର୍ଜିଉଠିଲେ । ଏଇ ସମୟରେ ମିଶ୍ରେ ଆସି ଶୁଣୁଥିଲେ । ଯଦୁଆ ବୋଉ କହିଲା – କୁନା ସାଆନ୍ତ, ହରି ମହାନ୍ତିର ଝିଅ ରେବ ସାତଦିନର ପିଲାଟିଏ ଧରି କଟକରୁ ସକାଳେ ଫେରିଛନ୍ତି । ତୁହେଁ ହରି ମହାନ୍ତି ଘରେ ଅଛନ୍ତି । ଆଉ ଶରାଧ କିମିତି ହବ କହିଲ ? ସେ ପରା କୁନା ସାଆନ୍ତଙ୍କର ପୁଅ । ଏ କଥା ଶୁଣି ମିଶ୍ରାଣୀ, ମିଶ୍ରଙ୍କ ମୁହଁକୁ ଚାହୁଁଥିଲେ । ମିଶ୍ରେ, ମିଶ୍ରାଣୀଙ୍କ ମୁହଁକୁ । କେତେବେଳେ ଯଦୁଆ ବୋଉ ପାଖ ଛାଡ଼ି ଚାଲିଯାଇଛି, ସେ କଥା କାହାକୁ ଜଣା ନାହିଁ ।

* * *

Digitized by srujanika@gmail.com

ଆଖି

"ସୈୟାଁ ଲେ ଗୟେ ଜିୟା, ତେରୀ ପହେଲି ନଜର"–

ଏ ଗୀତଟା ଟ୍ରାଞ୍ଜିଷ୍ଟରରୁ ଶୁଣୁ, ଶୁଣୁ, ବିଚରା କବିଙ୍କ ଉପରେ, ମୋ ହୃଦୟ କନ୍ଦରରୁ ଧନ୍ୟବାଦର ସୁଅ ଅଜାଡ଼ି ହୋଇପଡ଼ିଲା ।

"ବୁରି ନଜର ବାଲେଁ ତେରା ମୁହଁ କାଲା" ଟ୍ରକର ପଛରେ ଏଇ ଯେଉଁ ହିତୋପଦେଶ ଲେଖା ହୋଇଥାଏ, ଏ ବାକ୍ୟଟି ଆବିଷ୍କାର କରିବା ଲୋକକୁ ମୁଁ ସୁକ୍ରିୟା ଅଦା ନ କରି ରହିପାରୁ ନାହିଁ ଅର୍ଥାତ୍ ଧନ୍ୟବାଦ ଜଣାଇବାକୁ ବାଧ ହେଉଛି ।

ବାସ୍ତବିକ୍ 'ନଜର' ଶବ୍ଦଟା ଗୋଟିଏ ଅନର୍ଥକାରୀ ଶବ୍ଦ । ଏଥିରୁ ସବୁ ଅନର୍ଥର ସୃଷ୍ଟି । ନଜରର ସୃଷ୍ଟି ଆଖିରୁ । ତେଣୁ ଆଖି ହେଲା ସବୁ ଅନର୍ଥର ମୂକସାକ୍ଷୀ ।

ଏ ଆଖିର ଗୋଟିଏ ସମ୍ମୋହନକାରୀ ଶକ୍ତି ଅଛି, ଯାହାଦ୍ୱାରା ଅନ୍ୟ ଲୋକକୁ ଆୟତ କରି ହୁଏ । ଯାହାକୁ ଇଂରାଜୀ ଗପରୁ ଜାଣିଥିଲି, ଜଣେ ବାଳିକାର ଆଖିର ଅଦ୍‌ଭୂତ ଶକ୍ତି ଯୋଗୁଁ ସବୁ ଓଲଟ ପାଲଟ ହୋଇଯାଉଥିଲା । ଦେବ, ଦେବ ମହାଦେବ ଚାହିଁ ଦେଲାରୁ ମଦନ ଭସ୍ମ ହୋଇଯାଇଥିଲା । ତେଣୁ ଆପଣମାନେ ବିଚାର କରନ୍ତୁ - ଏ ଆଖିର କି ଅପୂର୍ବ ଶକ୍ତି ରହିଛି । ମୋର ବନ୍ଧୁମାନେ ମୋ ସାମାନାରେ ନ କହିଲେ ମଧ, ମୋ ପଛରେ କହିବାର ଶୁଣିଛି — ଏ ସବୁ ଆଖିର ଦୋଷ । ଯାହା ହେଉ ମୁଁ ପୂରାପୂରି ରକ୍ଷା ପାଇଗଲି ମୋର ଦୋଷ ଦୁଇ ଆଖି ଯୋଗୁଁ ।

ଗାଁ, ଗହଳିରେ ଏଣ୍ଡୁରି ପିଠା ନସିଝି ସେମିତି ପିଠଉ ହୋଇରହିଯାଏ, ଜଣ, ଜଣକର ଆଖିର ଦୋଷ ଯୋଗୁଁ । ଆଖି ମଧ ଭିନ୍ନ ଭିନ୍ନ ରକମର ଭାଷା କହିପାରେ । ତେଣୁ କବିମାନେ ଆଖିର ଭାଷା ଉପରେ ବେଶୀ ଗୁରୁତ୍ୱ ଦିଅନ୍ତି ।

ଆଗରୁ ମୁଁ କହିଛି — ମୋ ଆଖି ଗୋଟାଏ ଖରାପ ଆଖି । ତେଣୁ ମୁଁ କେତେବେଳେ ଆଖି ବନ୍ଦ କରି ରହେତ, ବେଳେ ବେଳେ ମୁହଁ ତଳକୁ କରିଦିଏ । କାରଣ ଆଖିଟାକୁ ସଂଯତ କରିବା ପାଇଁ ମୁଁ ଗୋଟିଏ ସାଧନା ଆରମ୍ଭ କରିଦେଇଛି ।

କଥାଟା ହେଲା — ମୋ ଆଖିର ସମ୍ମୋହନ ଶକ୍ତି ଯୋଗୁଁ କେତେଟା ଝିଅ ମୋ ପ୍ରତି ଆକୃଷ୍ଟ ହୋଇପଡ଼ିଥିଲେ । ମୁଁ ସେମାନଙ୍କ ପ୍ରତି କୌଣସି ବିକାରଗ୍ରସ୍ତ ଚିନ୍ତା ପରିପ୍ରକାଶ ନ କଲେ ମଧ, ଏଗୁଡ଼ାକ ମୋ ପଛରେ କାହିଁକି ଯେ ଗୋଡ଼ାନ୍ତି, ସେ କଥା ମୁଁ ମଧ ବୁଝିପାରେନା ।

ଏଥିପାଇଁ ବଦନାମର ଟୀକା କମ୍ ମୁଁ ନାଇନି । ହେଲେ ମୁଁ ନାଚାର । ସ୍କୁଲ୍, କଲେଜରେ ପଢ଼ିବାବେଳୁଁ ଏ ସୁନାମଟା ମୋ ପଛରେ ଲାଗିଛି । ହେଲେ ମୁଁ ଥରେ

Digitized by srujanika@gmail.com

ଆପଣମାନଙ୍କୁ କହିଛି — ମୋ ଚରିତ୍ରରେ କୌଣସି କଳଙ୍କ ନାହିଁ । ମୁଁ ଏକାବାରକେ ନିଷ୍କଳଙ୍କ । ତଥାପି ମୋ ପରି ଚନ୍ଦ୍ରରେ, ଏ ଝିଅଗୁଡ଼ାକ ତୁଚ୍ଛାକୁ କଳଙ୍କର ଗାର ଟାଣି ଦେଇଛନ୍ତି ।

ସେପରି କିଛି ମୋର ସୁନ୍ଦର ଚେହେରା ନାହିଁ । ପାଠ ପଢ଼ାରେ ସେମିତି କିଛି ମୋର ନାଁ ନଥିଲା । ତଥାପି ମୁଁ ଯେ ଗୋଟାଏ ଖରାପ ଚରିତ୍ରର ଲୋକ — ଏ କଥା ସମସ୍ତଙ୍କ ତୁଣ୍ଡରେ ସବୁବେଳେ ଦୋହରେଇ ହେଉଥାଏ । ସ୍ତ୍ରୀଙ୍କୁ ମୋର ଏଥିପାଇଁ ବହୁତ କୈଫିୟତ୍ ଦେବାକୁ ପଡ଼ିଛି । ଯେତେବେଳେ ସେ ମୋର ଅତୀତ କଥା ଗୁଡ଼ାକୁ ନେଇ ପ୍ରଶ୍ନବାଣ ମାରି ମୋତେ ଘାୟଲ କରିପକାନ୍ତି, ଦେହ ମୁଣ୍ଡ ଛୁଇଁ ଶେଷରେ ସେ ଆଖିଟାକୁ ଛୁଇଁ ମୋର ସତ୍ୟତା ପ୍ରତିପାଦନ କରିବାକୁ ବାଧ ହୁଏ ।

ସ୍ତ୍ରୀ ମଧ ମୋ ପ୍ରତି ସତର୍କ ଦୃଷ୍ଟି ରଖିଥାନ୍ତି । ମୋର ବ୍ୟବହାରରେ ସେ ଅତ୍ୟନ୍ତ ତୁଷ୍ଟ । ମୁଁ ସିନେମା ଦେଖେନି, କି ସେମିତି ରଙ୍ଗଳିଆ ନୁହେଁ । ସେ ମୋତେ ଓଲଟା ପ୍ରଶ୍ନ କରନ୍ତି — ହବାଏ, ତୁମେ ତ ଗୋଟାଯାକ ସାଧୁ । ଏ ଲୋକଗୁଡ଼ାକ ତୁମକୁ ନ ସହିପାରି ଖାଲି ବଦନାମ କରୁଛନ୍ତି । ତାଙ୍କ ଶ୍ରୀମୁଖରୁ ଏଇ କେତୋଟି ପ୍ରଶଂସା ସୂଚକ ଶବ୍ଦଗୁଚ୍ଛ ଶୁଣି, ମୁଁ ପ୍ରଭୁଙ୍କୁ ଶତ ଧନ୍ୟବାଦ ଦେଲି । ଯେ ଯାହା କହନ୍ତୁ ପଛକେ, ହେ, ପ୍ରଭୁ ମୋ ସ୍ତ୍ରୀଙ୍କର ମୋ ପ୍ରତି ସୁଦୃଷ୍ଟି ଥାଉ । ଥରେ ଥରେ ମୁଁ ତାଙ୍କୁ ମୋ ନିର୍ଦ୍ଦୋଷ ପ୍ରମାଣ କରିବାକୁ ଯାଇ, ମୋ ଆଖିର ଦୋଷ କଥା କହିଛି । ସେ କିନ୍ତୁ କଥାଟାକୁ ମୋଟେ ବିଶ୍ୱାସ କରି ନାହାନ୍ତି । ସେ କହନ୍ତି — କାହିଁ ତୁମ ଆଖିରେ ତ ମୁଁ କିଛି ଦୋଷ ଦେଖିପାରୁନି । ଏ ଧାଡ଼ିକ ଶୁଣି ମୁଁ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଶତ ନମସ୍କାର କରୁଛି । ହେ ପ୍ରଭୁ, ହେ ଅନ୍ତର୍ଯ୍ୟାମୀ, ମୋର ଅନ୍ତର କଥା ତୁମେ ହିଁ ବୁଝି, ତାଙ୍କୁ ଭଲ କରି ବୁଝାଇ ଦେଇଛ । ତେଣୁ ମୋ ସ୍ତ୍ରୀଙ୍କ ଦୃଷ୍ଟିରେ ମୁଁ ଯେତେବେଳେ ଖାଣ୍ଟି ସୁନା, ଅନ୍ୟ ଯେ ଯେତେ କହିଲେ ମଧ, ମୋର ଯାଏ, ଆସେ କ'ଣ ? ସବୁ ସିନା ସେ କହନ୍ତି — ତଥାପି ଆମ ଘରକୁ କୌଣସି ଯୁବତୀ, ତାଙ୍କର ବାନ୍ଧବୀ ଆସିଲେ, ସେ ବାହାନା କରି ତାଙ୍କୁ ପଠାଇ ଦିଅନ୍ତି, ନଚେତ୍ ମୋତେ କୌଣସି ଫରମାସ୍ କରି ବାହାରକୁ ପଠାଇ ଦିଅନ୍ତି । ସେ ବା ମୁଁ ଘରୁ ବାହାରିଗଲେ, ଯେପରି ତାଙ୍କ ପିଣ୍ଡରେ ପ୍ରାଣ ପଶେ ।

ଦିନେ ଭରସି, ମୁଁ ତାଙ୍କୁ ପଚାରିଲି - ହଇଓ, ତୁମେ ତ ମୋତେ ଖୁବ୍ ଭଲ ସାର୍ଟିଫିକେଟ୍‌ମାନ ଦଉଚ, ଅନ୍ୟ ସ୍ତ୍ରୀଲୋକ ଆମ ଘରକୁ ଆସିଲେ, ମୋତେ ବାହାରକୁ ପଠାଇ ଦେବାକୁ, ତୁମର ଡର ସହୁ ନାହିଁ କାହିଁକି ?

ଉତ୍ତର ଦେବାକୁ ତାଙ୍କର ତୁଣ୍ଡରେ ଯେପରି ଭାଷା ନ ଥିଲା ପରି ମୁଁ ଉପଲବ୍ଧି କଲି ।

ଥରେ ଗୋଟିଏ ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ସେ ଓ ମୁଁ ବସିଥିଲୁ । ପ୍ରେକ୍ଷାଳୟରୁ

Digitized by srujanika@gmail.com

ଆଲୋକ ଲିଭିଗଲା ପରେ ଜଣେ ଯୁବତୀ ଆସି ମୋ ପାଖ ସିଟ୍‌ରେ ବସିପଡ଼ିଲେ । ସେଥିପ୍ରତି ମୋ ସ୍ତ୍ରୀଙ୍କ ଦୃଷ୍ଟି ନାହିଁ । ସେ ସିନେମା ଦେଖିବାରେ ବ୍ୟସ୍ତ ।

ଯୁବତୀଟି କେତେବେଳେ ମୋତେ ଦେଖୁଛି, ତା' ବି ମୁଁ ଜାଣେନି । କାହିଁକି ସେ ମୋତେ ଅନଉଥିଲା, ସେ କଥା ମୁଁ କହିପାରିବିନି, ମୁଁ ଭାବୁଛି ମୋ ବିଷୟରେ ସେ କିଛି ବୋଧେ ଶୁଣିଥିଲା । ମୋ ଆଖି କେତେବେଳେ ତାଙ୍କ ଆଖିରେ ମିଶିଯାଇଛି, ଏକଥା ଲକ୍ଷ୍ୟ କରିଛନ୍ତି ମୋର ଧର୍ମପତ୍ନୀ । ସିନେମା ଦେଖା ସେଇଠି ଶେଷ । ମୋ ହାତ ଧରି, ସେ ଭିଡ଼ିଭିଡ଼ି ସିନେମା ହଲରୁ ମୋତେ ବାହାରକୁ ଏକା ନିଃଶ୍ୱାସକେ ଟାଣି ନେଇ ଆସିଲେ । ଅର୍ଥଟା ମୁଁ ବୁଝିପାରୁଥାଏ, ସେ ବି ବେଶ୍ ବୁଝିସାରିଥିଲେ ।

ଗୋଟାଏ ଧମକି ଦେଇ କହିଲେ – ଚାଲ, ଘରକୁ ଚାଲ । ମୁଁ ମନା କରିବା ସତ୍ତ୍ୱେ, ସେ ଯେ ମୋତେ ବଳାତ୍କାର କରି ସିନେମା ଦେଖିବାକୁ ଆଣିଥିଲେ, ସେଥିପାଇଁ ତାଙ୍କର ଆଉ କିଛି କହିବାର ନଥିଲା । ଖାଲି ଏତିକି କହିଲେ – ତୁମ ଆଖିର ଦୋଷ କିଛି ନାହିଁ, ସବୁ ତୁମର ଦୋଷ । ଏତେ ସାର୍ଟିଫିକେଟ୍ ତାଙ୍କର, ଏଇ ଗୋଟିକ ବାକ୍ୟରେ, ଯେପରି ସବୁ କ୍ୟାନ୍‌ସେଲ୍ ହୋଇଗଲା ।

* * *

Digitized by srujanika@gmail.com

ସାହିତ୍ୟ ସଭା

ପଞ୍ଚାନନ ପୁରୋହିତ ଖାଲି ଏ ଅଞ୍ଚଳର ନୁହଁନ୍ତି, ଆଖପାଖ ଅଞ୍ଚଳରେ ଜଣେ ଗାଉଁଲି କବି । ସେ ପ୍ରାୟ ୧୫/୨୦ ଖଣ୍ଡ ଚଟି ବହି ପୁସ୍ତକ ଆକାରରେ ଛାପିଥିବେ । ଯାହା ଦାମ୍ ୨୦ ପଇସାରୁ ଏକ ଟଙ୍କା ପର୍ଯ୍ୟନ୍ତ ହେବ । ସେ ବହିଗୁଡ଼ିକ ଶିବ ଜଣାଣି, ମନପବନ ଚଉତିଶା, ଜେମାଦେଇ କାନ୍ଦ, ଯୌତୁକ ଯୁଇରେ ବଧୂହତ୍ୟା ପ୍ରଭୃତି । ପୁରୋହିତ ହାରମୋନିଅା ଖଣ୍ଡେ ହାତରେ ଝୁଲାଇ ଯାନିଯାତ୍ରାରେ ତାଙ୍କର ବହିର ଗୀତ ଗୁଡ଼ିକ ଗାଇ, ବିକ୍ରିବଟା କରନ୍ତି ଓ ଏଥିରୁ ତାଙ୍କ ମୁଦ୍ରଣ ଖର୍ଚ୍ଚ ବାଦେ, ବେଶ୍ ଦି' ପଇସା ମିଳେ । କବି ପୁରୋହିତ ବେଶ୍ ସୁରସିକ । ତାଙ୍କର ସୁନ୍ଦର ଚେହେରାକୁ, କସ୍‌ମେଟିକ୍ ସୁଗନ୍ଧ, ତାଙ୍କୁ ନାରୀ ଚିତ୍ତଚୋରା କୁଖ୍ୟାତିରେ କଳୁଷିତ କରାଇଛି । ପୁରୋହିତ କବି ଯେତେବେଳେ ସେ ମହାକବି କାଳିଦାସ ପ୍ରଭୃତିଙ୍କ ଆଦର୍ଶକୁ ଛାଡ଼ିପାରନ୍ତେ କିପରି ? ଏଥିପାଇଁ ସେ ଯେ କମ୍ ଅପମାନିତ, ଲାଞ୍ଛିତ ବେଳେବେଳେ ମୁଷ୍ଟିକା ଘାତ ଖାଇ ତାଙ୍କ ଦେହଟା ଗୋଧି ଚମ ପରି ବହଳା କରିଛନ୍ତି । ତାହା କାହାକୁ ଅଛପା ନାହିଁ । ଅବଶ୍ୟ ଆଜିକାଲି ସେ ଆଉ ସେ ସବୁ ସୁଗୁଣର ଅଧିକାରୀ ନୁହଁନ୍ତି । ପ୍ରୌଢ଼ତ୍ୱରୁ ବାର୍ଦ୍ଧକ୍ୟ ତାଙ୍କୁ ଛୁଇଁବାକୁ ବସିଲାଣି ।

ପୁରୋହିତ ସମ୍ବାଦପତ୍ରରୁ ପଢୁଛନ୍ତି, ଅମୁକେ କବିଙ୍କୁ ସମ୍ବର୍ଦ୍ଧିତ କରାଗଲା ତାଙ୍କୁ ଅମୁକ ପଦବୀରେ ମଣ୍ଡନ କରାଗଲା । ତାଙ୍କୁ ଅମୁକ ପଦବୀର ମଣ୍ଡନ କରାଗଲା । ତେବେ ସେ ବା' କାହିଁକି, ଏଭଳି ପଦବୀର ଅଧିକାରୀ ହେବେ ନାହିଁ । ନରମାନଙ୍କ ମଧ୍ୟରେ କବି ଜନ୍ମ ଶ୍ରେଷ୍ଠ । କବିମାନଙ୍କ ମଧ୍ୟରେ ସୁକବିଟିଏ ହେବା ଦୁର୍ଲ୍ଲଭ । ସେ କ'ଣ ଦୁର୍ଲ୍ଲଭ କବିମାନଙ୍କ ମଧ୍ୟରେ ଗଣ୍ୟ ହେବେନି ? ଏଇ ଚିନ୍ତା ତାଙ୍କୁ ସବୁବେଳେ ବ୍ୟସ୍ତ କରି ପକାଇଲା । କିମିତି ହେବ ? କେଉଁ ପଦବୀଟି ତାଙ୍କ ପାଇଁ ଉପଯୁକ୍ତ ହେବ । ଭାବି, ଭାବି ସେ ସ୍ଥିର କଲେ, ସେ ତାଙ୍କ ବନ୍ଧୁ ଚତୁରାନନ ମହାରଣାଙ୍କୁ ସାକ୍ଷାତ କରି, ତାଙ୍କ ଆଗରେ ଏ ପ୍ରସ୍ତାବ ବାଢ଼ିବେ । ଚତୁରାନନ ମହାରଣାଙ୍କୁ ପଞ୍ଚାନନ ପୁରୋହିତ କବି କରାଇଛନ୍ତି । ସେ ନିଶ୍ଚୟ ପଞ୍ଚାନନକୁ ସମର୍ଥନ କରିବେ । ତେଣୁ ଗୋଟିଏ ସାହିତ୍ୟ ସଭା ହେବା ଦରକାର । ସେ ସଭାରେ ସାନ, ବଡ଼, ସବୁ କବିଙ୍କୁ ନିମନ୍ତ୍ରଣ କରି ଆଣିବାକୁ ହେବ । ଲୋକଯଦି ଦୁଇଶହ ନ ହୁଅନ୍ତି, ଆଉ ସମ୍ବାଦ ପତ୍ରମାନଙ୍କରେ ଖବରଟା ପ୍ରକାଶ ନ ପାଏ, ତା' ହେଲେ ସଭା କରି ଲାଭ କ'ଣ ?

କଥାଟାକୁ କିପରି ସେ ଚତୁରାନନ ବାବୁଙ୍କ ଆଗରେ ପ୍ରକାଶ କରିବେ ସେହି ଚିନ୍ତାରେ ତାଙ୍କର ସମୟ ବିତିଲା । ନିଜେ ପଦବୀଟିଏ ନେଇ ଅନ୍ୟମାନଙ୍କୁ ନ ଦେଲେ

Digitized by srujanika@gmail.com

ସେମାନେ ସମର୍ଥନ କାହିଁକି କରିବେ । ତେଣୁ ଚତୁରାନନ ମହାରଣାଙ୍କୁ ମଧ ପଦବୀଟିଏ ଦବାକୁ ହେବ । ଚତୁରାନନ ବାବୁ ଜଣେ ସ୍ୱଚ୍ଛଳ ବ୍ୟକ୍ତି । କବିତା ପ୍ରକାଶ କରିବା ପାଇଁ ସେ ବହୁ ଅନାମଧେୟ ପତ୍ରିକାମାନଙ୍କୁ ଅଜସ୍ର ଅର୍ଥ ଦେଇଛନ୍ତି । ତେଣୁ ପ୍ରଥମେ ତାଙ୍କୁ ଉପାଧି କଥା କହିବା ପରେ, ନିଜ କଥାକୁ ଉତ୍‌ଥାପନ କରିବାକୁ ମନେ ମନେ ସ୍ଥିର କରି ପୁରୋହିତେ ଚତୁରାନନ ମହାରଣାଙ୍କ ଗୃହ ଅଭିମୁଖେ ଗମନ କଲେ ।

ମହାରଣା ବହୁ ଦିନ ପରେ ପୁରୋହିତ ବାବୁଙ୍କୁ ଦେଖି କୁଶଳ ପୁଚ୍ଛା କଲେ । ସମସ୍ତ ବିଷୟ ଅବଗତ ହୋଇ ସେ ବହୁ କଷ୍ଟରେ ସ୍ୱୀକୃତିଟାଏ ଦେଲେ । ପୁରୋହିତ ଖର୍ଚ୍ଚର ଗୋଟିଏ ଟିପ୍ପଣୀ ପେଶ୍ କଲେ । ଆଉ ଦୁଇଶହ କବିଙ୍କୁ ଭୂରୀ ଭୋଜନରେ ଆପ୍ୟାୟିତ କରିବା ଦାୟିତ୍ୱ ଅର୍ପଣ କଲେ ।

ମହାରଣା ବାବୁ ସବୁ କଥାକୁ ରାଜି ହୋଇ, ନିମନ୍ତ୍ରଣ ପତ୍ର ଛାପିବା, ଦିନ ସ୍ଥିର କରିବା, ସମୟ, ସ୍ଥାନ ସବୁ ଭାର ପୁରୋହିତଙ୍କ ଉପରେ ନ୍ୟସ୍ତ କରି ଗୋଟିଏ ନମସ୍କାର ପକାଇ ଘର ଭିତରକୁ ଯିବାକୁ ଉଦ୍ୟତ ହୁଅନ୍ତେ, ପୁରୋହିତ ବାବୁ ତାଙ୍କ ମନ କଥା ମହାରଣାଙ୍କ ଆଗରେ ପ୍ରକାଶ କଲେ । ଖାଲି ମହାରଣା ବାବୁଙ୍କୁ ଉପାଧିଟାଏ ଦେଲେ ଲୋକେ ଖରାପ ଭାବି ପାରନ୍ତି । ସେ ବି ଜଣେ ନାମଜାଦା କବି । ତାଙ୍କୁ ମଧ ଉପାଧିଟାଏ ମିଳିବା ଦରକାର । ମହାରଣା ବାବୁ କଥାଟା ଶୁଣି ଖର୍ଚ୍ଚଟା ୨ ଜଣଙ୍କ ଭିତରେ ସମାନ ଭାବରେ ବଣ୍ଟନ କରିବାକୁ ପ୍ରସ୍ତାବ ଦିଅନ୍ତେ ପୁରୋହିତ ବାବୁ ଅତି କଷ୍ଟରେ ରାଜି ହୋଇ ବିଦାୟ ନେଇ ଆସିଲେ ।

ଦିନସ୍ଥିର ହୋଇ ସାହିତ୍ୟ ସଭାର ଆୟୋଜନ ସରିଲା । ଭୋଜିଭାତର ମଧ ବନ୍ଦୋବସ୍ତ ହେଲା । ସଭାକୁ ପ୍ରାୟ ୨ଶହ କବି ନିମନ୍ତ୍ରିତ ହେଲେ । ସଭାରେ ଆଲୋଚନାର ବିଷୟବସ୍ତୁ ହେଲା – କବିମାନଙ୍କ ଭିତରେ ଶ୍ରେଣୀ ବିଭାଗକୁ ଦୂର କରିବାକୁ ହେବ । ଏ ବିଷୟରେ ପ୍ରସ୍ତାବ ଗୃହୀତ କରାଇ ସରକାର, ମନ୍ତ୍ରୀ ଓ ସାହିତ୍ୟ ଏକାଡ଼େମୀକୁ ପଠାଇବାକୁ ହେବ । ସଭାକୁ ଜଣେ ନାମଜାଦା କବିଙ୍କୁ ନିମନ୍ତ୍ରଣ କରାଗଲା ଓ ତାଙ୍କ ଦ୍ୱାରା ପଦବୀ, ଅଙ୍ଗବସ୍ତ୍ର, ଅଭିନନ୍ଦନ ପତ୍ର ଦେବାର ଦାୟିତ୍ୱ ନ୍ୟସ୍ତ କରାଗଲା ।

ଚତୁରାନନ ମହାରଣା ଓ ପଞ୍ଚାନନ ପୁରୋହିତ ଘରେ ବସି ଦୁଇଟି ପଦବୀ ସ୍ଥିର କଲେ । ମହାରଣା ହେବେ କବି ତିଳକ, ପୁରୋହିତ ହେବେ କବି ବଲ୍ଲଭ ।

ଏ କଥା ଗୋପନ ରଖିବାକୁ ସ୍ଥିର ହୋଇଥିଲେ ହେଁ, ପୁରୋହିତ ତାଙ୍କ ଧର୍ମପତ୍ନୀଙ୍କ ଆଗରେ କଥାଟା ପ୍ରକାଶ କରିଦେଲେ । ତାଙ୍କ ସ୍ତ୍ରୀ ତାଙ୍କର ବାନ୍ଧବୀ ..... ଏମିତି ଚତୁର୍ଦ୍ଦିଗକୁ କଥାଟା ବ୍ୟାପିଗଲା - ତୁଣ୍ଡ ବାଇଦ ସହସ୍ର କୋଶ ନ୍ୟାୟରେ । ଅଭିନନ୍ଦନ ପତ୍ର ନିଜେ ପୁରୋହିତ ଲେଖିଥିଲେ । ଗାଁର ଶିକ୍ଷିତ ଯୁବକମାନେ ସାହିତ୍ୟ

Digitized by srujanika@gmail.com

ସଭାର ପ୍ରକୃତ ଉଦ୍ଦେଶ୍ୟ ବୁଝିପାରିଲେ । ଦୁଇଟା ମୂର୍ଖ ଅପଗଣ୍ଡଙ୍କୁ ସମ୍ମାନିତ କରାଯାଉଥିବା ଶୁଣି କିପରି ସଭାକୁ ଭଣ୍ଡୁର କରିବାକୁ ହେବ, ଏଥିପାଇଁ ଟୋକାମାନଙ୍କ ମଧ୍ୟରେ ଭାବେଣି ପଡ଼ିଲା । ଜଣେ କବି ଢେମାଦେଇ କାନ୍ଦ ଲେଖି ଯଦି ସମ୍ମାନିତ ହୁଏ, ଅନ୍ୟ ଜଣେ ଯେଉଁ କବିତା ଲେଖେ ତାହା ଯଦି କବିତା ପଦବାଚ୍ୟ ନୁହେଁ, ତଥାପି ଏ ଦୁଇଜଣଙ୍କୁ କିପରି ପଦବୀ, ଅଙ୍ଗବସ୍ତ୍ରରେ ସମ୍ମାନିତ କରାଯିବ, ଏହା କବି କୂଳ ପ୍ରତି ଅପମାନ ନୁହେଁ କି ? ଶିକ୍ଷିତ ଯୁବକମାନେ ସ୍ଥିର କଲେ ଏମାନଙ୍କୁ ଭଲ କରି ସଭାସ୍ଥଳରେ ଅପମାନ ଦେଇ ଛାଡ଼ିବାକୁ ହେବ । ନଚେତ୍ ଏ ଅଞ୍ଚଳର ବଦନାମ ଛଡ଼ା ଅନ୍ୟ କିଛି ଲାଭ ହେବ ନାହିଁ । ସଭାକୁ ଯିବା ପାଇଁ ପୁରୋହିତ ସମସ୍ତ ପ୍ରକାର ସୁବାସିତ ଦ୍ରବ୍ୟ ବ୍ୟବହାର କରି, ସୁନ୍ଦର ପରିଧାନରେ ଆଭୂଷିତ ହୋଇଯିବାକୁ ଉଦ୍ୟତ ହେବା ବେଳେ ତାଙ୍କର ସ୍ତ୍ରୀ ଯିବାକୁ ବାଧା ଦେଲେ । ସେ କହିଲେ ଯଦି ଭଲ ଦଶା ଅଛି ସଭାକୁ ନ ଯାଇ ଘରେ ବସ । ତୁମେ ଗୋଟିଏ କି କବି ଯେ କବିବଲ୍ଲଭ ଉପାଧି ମଣ୍ଡିତ୍ ହୋଇ ସଭାରେ ସମ୍ମାନିତ ହେବ । ଏ ଟୋକାମାନେ ତୁମ ଢେମାଦେଇ କାନ୍ଦ ସ୍ୱରରେ ଗୀତ ଭାଙ୍ଗି ତୁମକୁ ଅପମାନ ଦେବାକୁ ବସିଛନ୍ତି । ମହାରଣା ମଧ୍ୟ ଆସୁ ନାହାନ୍ତି । ଅନ୍ୟ କବିମାନେ ଆସିବେ ସାହିତ୍ୟ ସଭା ହେବ । ତୁମେ କଥା ନ ବୁଝି ଏଥିଗୁଡ଼ାକ ବରବାଦ କଲ, ତାକୁ ଭୂତ ଖାଇବେ । ପଞ୍ଚାନନ ବାବୁଙ୍କର ମନେପଡ଼ିଲା ସେ ସନ୍ଧ୍ୟା ବେଳେ ନଈକୂଳରୁ ଆସୁଥିବା ବେଳେ ଏ ଟୋକାଗୁଡ଼ାକ ଚିଡ଼ୁଲେଇ ନାନା କଥା ତାଙ୍କୁ ଉପହାସ ଛଳରେ କହୁଥିଲେ । ''ଆଗୋ, ଢେମାଦେଇ କାନ୍ଦ କବି ଆସିଲେରେ, ଫୁଲମାଳଟା ଦେବ ଆସ ।' ଏ କଥାକୁ ସେ ସେତେବେଳେ ଗୁରୁତ୍ୱ ଦେଇନଥିଲେ । ବର୍ତ୍ତମାନ ସେ କଥାତାଙ୍କ କର୍ଣ୍ଣ ଗହ୍ୱରରେ ବାରମ୍ବାର ପ୍ରତିଧ୍ୱନିତ୍ୱ ହେଲା । ପୁରୋହିତ ବାବୁ ଆଉ ସଭାକୁ ଗଲେ ନାହିଁ । ମହାରଣା ବାବୁ ମଧ୍ୟ ଖବର ପଠାଇଲେ ସଭାକୁ ନ ଆସିବା ପାଇଁ । ଏତେ ବଡ଼ ଯୋଜନାଟାଏ ତାଙ୍କର ପଣ୍ଡ ହୋଇଯିବା ଦେଖି ସେ ହତାଶରେ ଖଟ ଉପରେ ଶୋଇପଡ଼ିଲେ । ସାହିତ୍ୟ ସଭା ଯଥାବିଧି ପାଳିତ ହେଲା । କବି ଶିରୋମଣି ଉପାଧିରେ ବିଶିଷ୍ଟ କବି ସୀତାରାମ ରଥଙ୍କୁ ସମ୍ମାନିତ କରାଯାଇଥିଲା ଓ ସଭାପତିତ୍ୱ କରିଥିଲେ ସେହି ଗ୍ରାମର ଯୁବକବି ଓଡ଼ିଆରେ ଏମ୍.ଏ. କରିଥିବା ଯୁବକ, ମହାରଣା ବାବୁଙ୍କ ସୁପୁତ୍ର ଶ୍ରୀ ତ୍ରିବିକ୍ରମ ମହାରଣା ।

* * *

Digitized by srujanika@gmail.com

ଲଭ୍ ମ୍ୟାରେଜ୍

ତର୍କବାଚସ୍ପତି ପଣ୍ଡିତ ଶିରୋମଣି ବାଣୀକିଙ୍କର ଶର୍ମାଙ୍କର ପୁଅ, ଆଜି ଲଭ୍ ମ୍ୟାରେଜ୍ କରିଛି, ଏ ଖବରଟା କୃପାସିନ୍ଧୁପୁର ଗାଁରେ ବିଜୁଳି ବେଗରେ ଖେଳିଗଲା । ଖବରଟା ସମସ୍ତେ ଜାଣିଗଲେଣି, କିନ୍ତୁ ସତ କି ମିଛ, ଏଇଟା ଭଲଭାବରେ ଜଣାପଡ଼ି ନଥିବାରୁ ସମସ୍ତଙ୍କ ମୁହଁରେ ୧୪୪ ଧାରାଟା ଜୋର୍ ଜବରଦସ୍ତ ଲାଗୁ କରାଯାଇଛି ।

ପଣ୍ଡିତଙ୍କର ଏକମାତ୍ର ପୁତ୍ର ବିପ୍ରଚରଣ, କଟକରେ ପାଠ ପଢୁଥିଲା । ଖିରଷ୍ଟାନୀ ସାହିରେ କୁଆଡ଼େ ରହୁଥିଲା । ତା'ର ପଡୋଶୀ ଝିଅଟି କୁଆଡ଼େ ତା'ର ସହପାଠିନୀ । ଦୁହେଁ ପୁଣି ଏକାଠି, ଗୋଟିଏ ଘରେ ପଢ଼ନ୍ତି । ଯାହା ହବାର କଥା ହେଇଚି । ନିଆଁ ପାଖରେ ଘିଅ । ହୁତୁ ହୁତୁ ହୋଇ ଜଳି ଉଠିଛି । ବାହା ହୁଅନ୍ତାନି ତ, ଆଉ କ'ଣ କରନ୍ତା ?

ତା'ର ବାପା, ମାଆ ମାନେ ଝିଅଟିର ବାପା, ମାଆ ଉଚ୍ଚ ହାକିମ । ଜଣେ ମାଜିଷ୍ଟ୍ରେଟ୍ ତ ଜଣେ ମହିଳା କଲେଜ ପ୍ରିନ୍‌ସିପାଲ୍ । କଥାଟା ଯେତେବେଳେ ଏତେ ଦୂର ଆଗେଇଗଲାଣି, ସେମାନେ କ'ଣ ସହଜରେ ଛାଡ଼ିଦେବେ ? ବାହା ନ ହୋଇଥିଲେ, ପୁଅ ଜେଲଖାନା ଭିତରେ ଚକି ପେଷିଥାନ୍ତା । ପଣ୍ଡିତ ଶର୍ମା ସେତେବେଳେ ବାଧ ହୋଇ ଝିଅ ସାଙ୍ଗରେ ବାହା କରାଇ ଦେଇଥାନ୍ତେ ।

କୃପାସିନ୍ଧୁପୁର ଗାଁ ମଣ୍ଡପ ଉପରେ ଆଲୋଚନା ଚାଲିଛି । ଆଲୋଚନାରେ ଅଂଶ ଗ୍ରହଣ କରିଛନ୍ତି – ମିଙ୍କୁ ମିଶ୍ରେ, ଅତରଛ ଷଡ଼ଙ୍ଗୀ, ଭେଙ୍ଗା ମହାପାତ୍ରେ । ଏମାନେ ସବୁ ନୈଷ୍ଠିକ ବ୍ରାହ୍ମଣ । ଗାଁର ମୁଖିଆ । ମହାପାତ୍ରଙ୍କ ବଂଶଧର ଗଜପତିଙ୍କର ରାଜଗୁରୁ ଥିଲେ । ଘରର ଇଷ୍ଟଦେବୀ ଦୁର୍ଗା ଠାକୁରାଣୀ, କୁଆଡ଼େ ରାଜଗୁରୁଙ୍କ କଥାରେ, ଉଠ୍, ବସ୍ ହେଉଥିଲେ । ଦିନକର କଥା । ରାଜା କହିଲେ – ରାଜଗୁରୁ ମହାଶୟ ଆଜି ପୂର୍ଣ୍ଣିମା, ରାଜଗୁରୁ ମୁହଁରେ ହାତ ରଖି ହଠାତ୍ କହିପକାଇଲେ, ମଣିମା ଏ କି କଥା କହୁଛନ୍ତି – ଆଜି ପରା ଅମାବାସ୍ୟା । ରାଜା ଆଶ୍ଚର୍ଯ୍ୟ ହୋଇଗଲେ । ପୌଷ ପୂର୍ଣ୍ଣିମାରେ ବଡ଼ଦେଉଳରେ ଶ୍ରୀ ଜଗନ୍ନାଥଙ୍କର ପୁଷ୍ୟାଭିଷେକ ଉତ୍ସବ । ସେଥିପାଇଁ ରାଜଗୁରୁଙ୍କୁ ଖବର ପଠାଯାଇଥିଲା ।

ରାଜା ଆଶ୍ଚର୍ଯ୍ୟ ହୋଇ ପଚାରିଲେ – ଆପଣଙ୍କର ମସ୍ତିଷ ବିକୃତି ଘଟି ନାହିଁ ତ, ରାଜଗୁରୁ ମହାଶୟ ! ଯଦି ଆପଣଙ୍କର କଥା ସତ ନ ହୁଏ – ଶେଷ ପରିଣତିକୁ ଅପେକ୍ଷା କରି ରହନ୍ତୁ ।

ରାଜଗୁରୁ ନିଜର ସମ୍ମତି ଜଣାଇ ନଅରରୁ ବିଦାୟ ନେଲେ । ତା'ପରେ ଠାକୁରାଣୀଙ୍କ ନିକଟରେ ମନ୍ତ୍ରପାଠ, ପୂଜା ଭୋଗର ଆୟୋଜନ । ପୂର୍ଣ୍ଣିମାର ଜହ୍ନ ରହିଲେ ବନ୍ଦୀ ହୋଇ ହାଣ୍ଡି ଭିତରେ ।

Digitized by srujanika@gmail.com

ଅମାବାସ୍ୟା ହେଲା । ରାଜଗୁରୁ ଜିଣିଲେ । କିନ୍ତୁ ଦେବୀଙ୍କର ଅଭିଶାପ – ତୋ କୁଳରେ ପୁତ୍ର ସନ୍ତାନ ହେବେନି । ତେଣୁ ମହାପାତ୍ର ବଂଶରେ ସମସ୍ତେ ପୋଷିଆ ପୁଅ । ନିଜେ ମହାପାତ୍ରେ ମଧ୍ୟ ପୁଅ ହୋଇ ଆସିଛନ୍ତି । କିନ୍ତୁ ବଂଶଗାରିମା ନେଇ ସେ ନିଜକୁ ଖୁବ୍ ବଡ଼ ମନେ କରନ୍ତି । ଯିଏ ଯାହା କହୁଥିଲେ ମଧ୍ୟ, ତର୍କବାଚସ୍ପତିଙ୍କ ଆଗରେ କାହା କୁଣ୍ଠରୁ କଥା ସ୍ଫୁରେନି । ଯାହା ହେଉ ତର୍କବାଚସ୍ପତିଙ୍କ କାନକୁ କଥାଟା ଯାଇନି । କହିବାକୁ ସାହସ ଅଛି କାହାର ? ବିପ୍ର ତ ଦଶଦିନ ଗାଁରେ ରହି ଦିନ ପାଞ୍ଚଟା ହେଇନି, କଟକ ଫେରିଯାଇଛି । ପଣ୍ଡିତେ ଜାଣିବେ ବା କୁଆଡ଼େ ?

କଥାଟା କିନ୍ତୁ ଜଣାପଡ଼ିଲା – ଅପର୍ତ୍ତି ନନ୍ଦଙ୍କ ପୁଅ ହଗୁରା କଟକରେ ସିନେମା ହଲ ଭିତରେ ଯେତେବେଳେ ଏ ଦୁଇଜଣଙ୍କୁ ଲଗାଲଗି ହୋଇ ବସିଥିବାର ଦେଖିପକାଇଲା, ସେ ଆସି ନ କହିଥିଲେ କିଏ କ'ଣ ଜାଣିଥାନ୍ତା ?

ତେଣୁ ଗାଁରେ ଗୋଟାଏ ଆଲୋଡ଼ନ ଖେଳି ଯାଇଛି । ତର୍କବାଚସ୍ପତି ବାଣୀକିଙ୍କର ଶର୍ମା ଭାରି ନୈଷ୍ଠିକ ବ୍ରାହ୍ମଣ । ଛ' ହାତିଆ ମଣିଷ । ତମ୍ଭା ପରି ଦେହଟାରେ, ବଗପକ୍ଷୀ ପରି ପଇତାଖିଅ ଗୁଡ଼ାକ ବେଶ୍ ଝକ୍‌ମକ୍ କରୁଥାଏ । ଆଉ କପାଳରେ ଚନ୍ଦନର ଚିତାକୁ ଦେଖିଲେ, ସତେ ଯେପରି କେଉଁ ଦେବପୁରୁଷ ମର୍ତ୍ତ୍ୟକୁ ଓହ୍ଲାଇ ଆସିବା ପରି ଜଣାଯାଏ । ତର୍କ ବାଚସ୍ପତିଙ୍କର ମୁକ୍ତିମଣ୍ଡପ ପଣ୍ଡିତ ସଭାରେ ଭାରି ନାଁ । କୌଣସି ଅବ୍ୟବସ୍ଥା ଦେଖାଗଲେ, ସେ ତା'ର ମୀମାଂସା ବତାଇ ଦିଅନ୍ତି । ଶ୍ରାଦ୍ଧ, ସଂସ୍କାର, ବିବାହ, ବ୍ରତ, ଅଶୌଚାଦି କର୍ମରେ ଯଦି କିଛି ବ୍ୟାଘାତ ଦେଖାଦିଏ, ବାଚସ୍ପତିଙ୍କ ସିଦ୍ଧାନ୍ତକୁ ସମସ୍ତେ ଶିରୋଧାର୍ଯ୍ୟ କରି ମାନି ନିଅନ୍ତି ।

ପୁରୁଷ ପେଟରେ କଥାଟା ଯେତେ ଗୋପନ ରହେ, ସ୍ତ୍ରୀମାନଙ୍କ ପେଟରେ ରହିପାରେନି । ଗୋପନ କଥାଟିକୁ ଅନ୍ୟକୁ କହି, ବାରରାଣ ପକାଇ ଅନ୍ୟକୁ ନ କହିବାକୁ ପରାମର୍ଶ ଦେଇ, ସେହି ଏକା ରାଣ ପକାଇ ସ୍ତ୍ରୀଲୋକମାନେ କଥାଟାକୁ ଅନ୍ୟମାନଙ୍କ ଆଗରେ ପ୍ରଘଟ କରିଦିଅନ୍ତି । ଏମିତି ରାଣପକା ଗୁମର କଥାଟା ହଠାତ୍ ତର୍କବାଚସ୍ପତିଙ୍କ ପତ୍ନୀ ସୁଗୁଣା ଦେବୀଙ୍କ ମକର କାନରେ ପଡ଼ିଗଲା । ଯେତେ ରାଣ ପକାଇ ତାଙ୍କୁ ବାନ୍ଧି ରଖାଯାଇଥିଲେ ମଧ୍ୟ ଓଳେଇ ଗାଈ ପଘା ଛିଣ୍ଡାଇ ଓଦା ଖାଇବାକୁ ଗଲା ଭଳି, ମକରଙ୍କର ପେଟରେ କଥାଟା ରହି ନ ପାରି, ତର୍କବାଚସ୍ପତି ପତ୍ନୀଙ୍କ ଆଗରେ ବାନ୍ତି ହୋଇଗଲା । ପତ୍ନୀ ସୁଗୁଣା ଦେବୀ ଏ ସମ୍ବାଦରେ ଖୁବ୍ ଆଘାତ ପାଇଲେ ସତ କିନ୍ତୁ ପତିଦେବଙ୍କୁ ଯେ କଥାଟା କିପରି କହିବେ, ଚିନ୍ତା କରିପାରିଲେ ନାହିଁ । ତର୍କବାଚସ୍ପତି କ୍ଷଣକୋପୀ । କଥାଟା ଶୁଣି କଟକ ଯାଇ ପୁଅ ଉପରେ ଗାଳିରୂପକ ବୋମାଗୁଡ଼ାକୁ ଯଦି ବର୍ଷଣ କରିପକାନ୍ତି, ଫଳରେ ପୁଅ ଘରକୁ ନଆସେ, ତା' ହେଲେ କଥା ଶେଷ । ଏଇ ଚିନ୍ତା ତାଙ୍କ ମନକୁ କ୍ଷତବିକ୍ଷତ କରିପକାଇଲାଣି । କାହାକୁ କହିବେ ? ଷୋଳଶାସନ ଭିତରେ ଏ ଶାସନର ଖୁବ୍ ନାଁ । ସେଥିରେ ତର୍କବାଚସ୍ପତିଙ୍କ ନାଁ ବେଶ୍ ଡାକବଜା । ତାଙ୍କର କୁଳାଙ୍ଗାର ପୁଅ ଏମିତି ଗୋଟାଏ

Digitized by srujanika@gmail.com

କରିପକାଇବ, ଏକଥା ସ୍ୱପ୍ନରେ ସୁଦ୍ଧା ପତ୍ନୀ ସୁଗୁଣା ଦେବୀ ଭାବି ନଥିଲେ । ତାଙ୍କର ମନକୁ ଗୋଟିଏ କଥା ଛୁଇଁଲା । ପୁଅ ଯଦି ନିକଟରେ ବାହା ହୋଇଥାଏ, ସେ ତ ଦଶଦିନ ପର୍ଯ୍ୟନ୍ତ ଘରେ ରହିପାରନ୍ତାନି । ସେମିତି କୌଣସି ଲକ୍ଷଣ ସେତ ତା' ମୁହଁରେ ଦେଖି ନାହାନ୍ତି । ତେବେ କଥାଟା ଜଣାପଡ଼ିବ କିମିତି ?

ହଗୁରାକୁ ଡକେଇବାକୁ ସୁଗୁଣା ଦେବୀ ମନେ ମନେ ସ୍ଥିର କଲେ । ଚଣ୍ଡାଳ ଦେଖିଲା ତ ଦେଖିଲା, କଥାଟାକୁ ପ୍ରଘଟ ନ କରି ଯଦି ମୋ ପାଖକୁ ଆସିଥାନ୍ତା ଖହେ, ଦୁଇଶହ ଦେଇ ମୁହଁଟାକୁ ବନ୍ଦ କରିଦେଇଥାନ୍ତି । ବାହା ହେଲା ତ ହେଲା, ହିନ୍ଦୁଜାତିର ଝିଅଟିଏ ବାହା ହୋଇଥିଲେ କେଡ଼େ ଭଲ ହୋଇନଥାନ୍ତା । ଛାଡ଼, ବ୍ରାହ୍ମଣ ଝିଅ କିଏ ପଚାରେ । ଖିରସ୍ତାନୀ ଝିଅଟିକୁ ଘରକୁ ଆଣିବା ତ ସମ୍ଭବ ନୁହେଁ ? ଏ ବାପ ଶୁଣିଲେ, ଠିଆରେ ଫାଡ଼ି ପକାଇବେ । ସୁଗୁଣା ଦେବୀ ମନେ ମନେ କାକଟପୁର ମଙ୍ଗଳାକୁ ସ୍ମରଣା କଲେ । ମା' ଯଦି କଥାଟାକୁ ମିଛ କରାଇଦେବେ, ସେ ଭୋଗରାଗ କରିଦେ, କଳାକାଛେଣୀ ଦେବେ, ମାନ୍ଦଣା କରିବେ । ସବୁ ମାନସିକଗୁଡ଼ାକ ତାଙ୍କ ମନରାଜ୍ୟରେ ଆଙ୍କି ହୋଇ ରହିଗଲା । ଶେଷରେ ହଗୁରା କଥା ସେ ଦେଖିବେ । ବାଚସ୍ପତିଙ୍କୁ କହି ହଗୁରା ଓ ତା' ନନା, ବୋଉ ସମସ୍ତଙ୍କୁ ଏ ଗାଁରୁ ବିଦା କରିଦେବେ । ସୁଗୁଣା ଦେବୀଙ୍କର ଭାବନାର ଅନ୍ତ ନାହିଁ । ସେ ଚିନ୍ତାରେ ଖାଇବା ପିଇବା ଛାଡ଼ିଦେଲେଣି । ଗାଁ ପୋଖରୀକୁ ସେ ଆଉ ପାଣି ଆଣିବାକୁ ଯାଉ ନାହାନ୍ତି । ଯିବେ ବା କିମିତି ? ଏ ମାଇପିଗୁଡ଼ାକଙ୍କର ଟାହି, ଟାପରା ଶୁଣିଲେ, କିଏ କ'ଣ ଦେହ ଧରି ରହିପାରିବ ?

ବିପ୍ରକୁ ସେ କାହା ହାତରେ ଡକାଇବେ ? ବୋଉ ପାଖରେ ବିପ୍ର ନିଶ୍ଚୟ ସବୁକଥା ଖୋଲି କହିଦେବ । ତା' ହେଲେ ସେ କ'ଣ କଟକ ଯିବେ ? ଏମିତି କେତେ କ'ଣ ଭାବି ଭାବି ସୁଗୁଣା ଦେବୀ କୂଳ କିନାରା ପାଇଲେ ନାହିଁ ।

ଦେଖୁ ଦେଖୁ ଚିନ୍ତାରେ ତାଙ୍କ ଦେହ ତାତିରେ ଖଇ ଫୁଟିବାକୁ ଲାଗିଲା । ତର୍କବାଚସ୍ପତି ଚିନ୍ତାମଗ୍ନ । ବଇଦ ଦେଖୁଛନ୍ତି । ଖୁବ୍ ନାମକରା ବଇଦ । ସାକ୍ଷାତ ଧନ୍ୱନ୍ତରୀ । ପୁଅକୁ ସେ ଡକାଇଥାନ୍ତେ, ପରୀକ୍ଷା ଯେ ମୁଣ୍ଡ ଉପରେ । ଏତେ ଗୁଡ଼ାଏ ଟଙ୍କା ଖର୍ଚ୍ଚ କରି ସେ ପଢ଼ାଉଛନ୍ତି । ପରୀକ୍ଷା ସମୟରେ ପୁଅ ମନରେ ଆଘାତ ଦେବାକୁ ତର୍କବାଚସ୍ପତି ଉଚିତ ମନେ କଲେନି । ଜ୍ୱର ତ ହୋଇଛି । ଛାଡ଼ିଯିବନିକି । ଯଦି ବିଷମ ଜ୍ୱରକୁ ଧରେ ତା' ହେଲେ ଅବସ୍ଥା ସାଂଘାତିକ ।

ବାଚସ୍ପତି ପଚାରିଲେ ବିପ୍ରର ବୋଉ ! କାହିଁକି ତୁମକୁ ଜ୍ୱର ହେଲା କହିଲ ? ମଶାରୀ ଟାଣି ତ ଶୋଉଚ । ଫୁଟାପାଣି ପିଉଚ । ଜ୍ୱର ହେବାର କିଛି କାରଣ ତ ମୁଁ ଦେଖିପାରୁନି । ବଇଦ ତ ରୋଗର ନିଦାନ କରିପାରୁ ନାହାନ୍ତି । କହୁଛନ୍ତି — ତାଙ୍କର କିଛି ହେଇନି । କ'ଣ, କୋଉଠି ଡରିଲ କି ? ହରିରାଜପୁର ରଣାକୁ ଡକାଇବି ?

Digitized by srujanika@gmail.com

ସୁଗୁଣା ଦେବୀ କହିଲେ କଥାଟିଏ କହିବି, ତୁମେ ରାଗିବନି ତ ? ଏ କଥା ଶୁଣି, ବାଚସ୍ପତିଙ୍କ ଉତ୍କଣ୍ଠା ଦ୍ୱିଗୁଣିତ ହୋଇଗଲା । ସେ ରାଣ ପକାଇ ସୁଗୁଣା ଦେବୀଙ୍କୁ କହିଲେ –''ବିପ୍ରର ବୋଉ, ତୁମେ କହ, ମୁଁ ମୋଟେ ରାଗିବିନି । ତୁମେ କିମିତି ଭଲ ହୋଇଯିବ, ଏହା ମୋର ଏକମାତ୍ର ଚିନ୍ତା ।''

ସୁଗୁଣା ଦେବୀ କହିଲେ –''ତୁମେ ତ ପୁରାଣ ଶାସ୍ତ୍ର ପଢ଼ିଛ । କୋଉ ଋଷି ପୁଣି କେଉଟ ଝିଅ ମତ୍ସ୍ୟଗନ୍ଧାକୁ ବାହା ହୋଇଥିଲେ । ଆଉ କୋଉ ମୁନି ହରିଜନ କନ୍ୟାକୁ ପତ୍ନୀରୂପେ ଗ୍ରହଣ କରିଥିଲେ ? ତାଙ୍କର ଜାତି ଯାଇ ନଥିଲା । ତୁମେ ରାଣ ପକାଇ କହତ ହିନ୍ଦୁ ଧର୍ମ ଛଡ଼ା ଏ ଦେଶରେ ଆଉ କ'ଣ କୋଉ ଧର୍ମ ଥିଲା ? ପଛରେ ଏଇ ଲୋକଗୁଡ଼ାକ ଖ୍ରୀଷ୍ଟିଆନ୍, ପଠାଣ ହେଲେ । ମୁଁ ଯାହା କହୁଛି ସତ ନା ? ପ୍ରଶ୍ନ ଉପରେ ପ୍ରଶ୍ନ କରି ଚାଲିଲେ ସୁଗୁଣା ଦେବୀ ।

କଥାଟାକୁ ବୁଝି ନପାରି ତର୍କବାଚସ୍ପତି ସୁଗୁଣା ଦେବୀଙ୍କୁ ପ୍ରବୋଧନା ଦେଇ କହିବାକୁ ଲାଗିଲେ –''ତୁମେ କଥାଟା ଖୋଲି କହୁନା କାହିଁକି ?''

ବ୍ରାହ୍ମଣ ପୁଅ ଯଦି ଅନ୍ୟ ଧର୍ମର କନ୍ୟା ଗ୍ରହଣ କରେ, ସେ କ'ଣ ଜାତିରେ ରହିପାରିବନି ? ପୁନର୍ବାର ପ୍ରଶ୍ନ କଲେ ସୁଗୁଣା ଦେବୀ ।

ତର୍କବାଚସ୍ପତି କହିଲେ –''ନିଶ୍ଚୟ ରହିପାରିବ । ନିଜର ପ୍ରୌଢ଼ି ଦେଖାଇବାକୁ ଯାଇ ସେ କହିଲେ –''ମୁଁ ତ ପଠାଣ ଝିଅକୁ ବ୍ରାହ୍ମଣ ସହିତ ବାହା କରାଇ ତାକୁ ହିନ୍ଦୁ କରାଇପାରିଛି ।

ସୁଗୁଣା ଦେବୀଙ୍କ ମୁହଁରେ ହସ ଫୁଟି ଉଠିଲା । ସେ ପୁନର୍ବାର ପ୍ରଶ୍ନ କଲେ, ଖିରସ୍ତାନୀ ଝିଅ ବ୍ରାହ୍ମଣକୁ ବାହା ହେଲେ ?

ନିଶ୍ଚୟ ହିନ୍ଦୁ ହୋଇପାରିବ – ବିପ୍ରର ବୋଉ । ସବୁକିଛି ତର୍କବାଚସ୍ପତି ଦ୍ୱାରା ସମ୍ଭବ ।

ସୁଗୁଣା ଦେବୀଙ୍କ ଦେହରୁ ଗମ୍ ଗମ୍ ଝାଳ ବୋହିବାକୁ ଲାଗିଲା । ସେ ଆନନ୍ଦ ଗଦ୍‌ଗଦ୍ ହୋଇ କହିପକାଇଲେ, ମୋ ଦେହରେ ହାତ ଦିଅ । ଜ୍ୱର ମୋର କିମିତି ଛାଡ଼ିଗଲା । ତୁମ କଥା ଶୁଣି ମୋ ଦେହରେ ଯୋଉ ଭୂତଟା ଥିଲା, କିଳିକିଳା ରଡ଼ି ଛାଡ଼ି ପଳାଇଲା ।

ତର୍କବାଚସ୍ପତି ସୁଗୁଣା ଦେବୀଙ୍କ ଦେହରେ ହାତ ପକାଇ ଦେଖିଲେ, ସତକୁ ସତ ଜ୍ୱରଟା ଛାଡ଼ିଯାଇଛି । ଅତି ଆଶ୍ଚର୍ଯ୍ୟର ସହ ସେ ପ୍ରଶ୍ନ କଲେ –''ତୁମକୁ ମୋ ରାଣ, କଥାଟା ଖୋଲି କହ । ମୁଁ ମୋଟେ ରାଗିବିନି । ତୁମ ଦେହ ଭଲ ହୋଇଗଲା, ତାହା ହିଁ ମୋ ପାଇଁ ଯଥେଷ୍ଟ ।

ସୁଗୁଣା ଦେବୀ ପାଖକୁ ଲାଗିଆସି ହସି ହସି କହିଲେ, ବିପ୍ର ବାହା ହୋଇଛି

Digitized by srujanika@gmail.com

– ଗୋଟିଏ ଖିରସ୍ତାନୀ ଝିଅକୁ । ତୁମେ କ'ଣ ତାକୁ ଘରେ ରଖିବନି ? ବାଚସ୍ପତି ଶର୍ମା ସୁଗୁଣା ଦେବୀଙ୍କ କାନ୍ଧ ଉପରେ ହାତ ରଖି, କାନ ପାଖରେ କହିଲେ –''ଯଦି ସମସ୍ତଙ୍କ ପାଇଁ ମୁଁ ଉପାୟ ବାହାର କରୁଛି, ମୋ ପୁଅ ପାଇଁ କ'ଣ କରିବିନି ? ଏଥିପାଇଁ ଚିନ୍ତା କରୁଛ କାହିଁକି ? ଗୋଟିଏ ବୋଲି ପୁଅ ମୋର । ତାକୁ କେମିତି ଛାଡ଼ିଦେବି । କି କଥା କହୁଛ ବିପ୍ରର ବୋଉ ! ସେ ଝିଅଟିକୁ ଗୋଟିଏ ବ୍ରାହ୍ମଣ ଝିଅ କରି, ତା'ର ଗୋତ୍ରରେ ବାହା କରାଇଦେବା । ଗୋବରପାଣି ଗିଲାସେ ପିଆଇ, ଦେହସାରା ଗୋବର ବୋଳି ଗଙ୍ଗାଜଳରେ ସ୍ନାନ କରାଇଦେଲେ, ତା'ର ଖିରସ୍ତାନୀ ଗନ୍ଧ ଏକାବେଳକେ ଛାଡ଼ିଯିବ ।

ସୁଗୁଣା ଦେବୀ କହିଲେ –''ହଇଓ, ଇଂଗ୍ରାଜୀରେ କ'ଣ ଗୋଟେ ୟାକୁ କହୁଚନ୍ତି, ମୋ ତୁଣ୍ଡରେ ପଇଟୁନି । ମୁରୁକି ହସଟାଏ ହସି ବାଚସ୍ପତି କହିଲେ, ବୁଝିଲ ବିପ୍ରର ବୋଉ ଏ ବାହାଘରକୁ ଇଂଗ୍ରାଜୀରେ କହନ୍ତି –'ଲଭ ମ୍ୟାରେଜ୍' । ସୁଗୁଣା ଦେବୀ ହସୁଥିଲେ, ତାଙ୍କ ସହ ସମତାଳରେ ହସି ଉଠିଲେ ତର୍କବାଚସ୍ପତି ବାଣୀକିଙ୍କର ଶର୍ମା ।

* * *

Digitized by srujanika@gmail.com

ରାଧା

ଯମୁନାକୂଳରେ କଦମ୍ବମୂଳରେ ରାଇ କିଶୋରୀ ଆଜି ଏକାକିନୀ । ହାତରେ ମୋହନର ବଂଶୀ । ଆଖିରେ ଆଖିଏ ଲୁହ । ଅନ୍ତରର କୋହକୁ ଚାପି ରଖିବାକୁ ଚେଷ୍ଟା କଲେ ରାଇ । ଦୂର ଦିଗ୍‌ବଳୟକୁ ଏକଲୟରେ ଚାହିଁ ରହିଛନ୍ତି ସେ । ଆଜି କୋକିଳର କୂଜନ ନାହିଁ । ବନାନୀର ନିସ୍ତବ୍‌ଧତା, ରାଧାଙ୍କର ମନକୁ ବ୍ୟାକୁଳ କରି ତୋଳୁଛି । ଗତକାଲି ଏହି ସ୍ଥାନ ଗୋପାଙ୍ଗନାଙ୍କର କ୍ରନ୍ଦନରେ ଦୁଃଖାଭିଭୂତ ହୋଇଉଠିଥିଲା । କାହ୍ନୁଙ୍କ ଗହଣରେ ଅଜସ୍ର ଗୋପନାରୀ, ତାଙ୍କୁ ପ୍ରଶ୍ନବାଣରେ ବ୍ୟଥିତ କରି ପକାଉଥିଲେ । କିନ୍ତୁ କାହ୍ନୁ କି ଉତ୍ତର ଦେବେ ? ସେ ଗୋପପୁର ଛାଡ଼ି ମଥୁରା ଯିବାକୁ ଚାହୁଁ ନଥିଲେ । ସେ ଆଜି ଯିବାକୁ ବାଧ୍ୟ । ମାମୁଁଙ୍କର ନିମନ୍ତ୍ରଣ ତାଙ୍କୁ ନିଶ୍ଚୟ ରକ୍ଷା କରିବାକୁ ହେବ । କିନ୍ତୁ ରାଧା ? ସେ ଦୂରରେ ରହି ଲକ୍ଷ୍ୟ କରୁଥାନ୍ତି । କାହ୍ନୁଙ୍କର ଦୃଷ୍ଟି ରାଧାଙ୍କ ଉପରେ ନିପତିତ ହେଲା । ସତରେ, ସେ କ'ଣ ମୋତେ ଭୁଲିଯିବେ ? କାହିଁ ସେ ତ ମୋତେ ଡାକୁ ନାହାନ୍ତି । ରାଧାଙ୍କ ମନରେ ଅଭିମାନର ସହସ୍ର ଦଂଶନ । ରାଧା ଭାବୁଥାନ୍ତି — ସେ କାହ୍ନୁଙ୍କୁ ଯାଇ ରାଣ ଦେଇ ପଚାରିବେ, କହ କାହ୍ନୁ — ତୁମେ କ'ଣ ତୁମର ରାଧାକୁ ଛାଡ଼ି ସତରେ ଚାଲିଯିବ ?

ଏଇ କାହ୍ନୁକୁ ନେଇ ରାଧା ମସ୍ତକରେ ଶତ ଅପବାଦର ଟୀକା ନାଇଛନ୍ତି । ତଥାପି ସେ କାହ୍ନୁକୁ ଛାଡ଼ିପାରି ନାହାନ୍ତି । ଜୀବନର ପ୍ରତ୍ୟେକ ତନ୍ତ୍ରୀରେ କାହ୍ନୁହିଁ ବିରାଜମାନ । କେତେ ରାସକେଳୀ, ଏଇ କଦମ୍ବମୂଳରେ । ରାସରଜନୀର ପ୍ରତ୍ୟେକ ପ୍ରହରକୁ ସେ ଉପଭୋଗ କରିଛନ୍ତି ଶ୍ୟାମ ସାଙ୍ଗରେ କେଳି କୁଞ୍ଜରେ । କୃଷ୍ଣ ବିନା ରାଧା କ'ଣ ବଞ୍ଚିପାରିବ ? ନିଜର ଭାଗ୍ୟକୁ ଶତ ଧିକ୍‌କାର କଲେ ରାଇ ବିନୋଦିନୀ ।

କୃଷ୍ଣ ବଡ଼ କପଟିଆ । ରାଇଙ୍କର ଚିନ୍ତାରାଜ୍ୟରେ ଅତୀତ ସ୍ମୃତିର ଏକ ଝଲକ ହଠାତ୍ ଦେଖାଦେଲା । ''ମୋ ପ୍ରତି ସେ କ'ଣ କମ୍ କପଟ କରିଛନ୍ତି । ବିଶାଖା ସାଙ୍ଗରେ —'ଛି, ଛି, ସେ ଗୁଡ଼ାକ କ'ଣ ତୁଣ୍ଡରେ ଧରାଯାଏ । ଏଇ କୃଷ୍ଣ ଦିନେ ମୋତେ ଭୁଲିଯାଇଥିଲେ । ମୁଁ ସେଇଦିନୁଁ ଶପଥ କରିଥିଲି — ତାଙ୍କର ମୁହଁ ଆଉ ଦେଖିବିନି । କେତେଦିନ ଅଭିମାନରେ କଥା କହି ନଥିଲି । ନୀଳ ଶାଢ଼ୀ, ନୀଳ ଚୂଡ଼ି ପିନ୍ଧି ନ ଥିଲି । କିନ୍ତୁ ସେତ ରହିପାରି ନଥିଲେ । କେତେ ବାହାନା କରି ମୋ ପାଖକୁ ଆସିଥିଲେ । କାଚରା ବେଶ ଖୁବ୍ ସୁନ୍ଦର ତାଙ୍କୁ ମାନୁଥିଲା । ମୁଁ କିନ୍ତୁ ତାଙ୍କ ସେ ବେଶରେ ଚିହ୍ନିପାରି ନଥିଲି ।''

ସେହି ଶ୍ୟାମ, ମୋତେ ଆଜି ପଦେ କହୁନାହାନ୍ତି । ମୋତେ ଦେଖିଲେ ପାଖକୁ ନ ଡାକି, ମୁରୁକି ହସି, ମୁହଁ ଫେରାଇ ନେଲେ କାହିଁକି ? ରାଧା ଦୁଇ ହାତପାପୁଲିରେ ମୁହଁକୁ ଲୁଚାଇଦେଇ, କହିଁ କହିଁ କାନ୍ଦିବାକୁ ଲାଗିଲେ ।

Digitized by srujanika@gmail.com

ସମସ୍ତେ କହନ୍ତି କାହ୍ନୁ ଅନ୍ତର୍ଯ୍ୟାମୀ । ସେ କ'ଣ ତାଙ୍କର ଅନ୍ତର କଥା ଜାଣିପାରୁ ନାହାନ୍ତି ? ରାଧା ହାତ ଠାରି ଲଳିତାଙ୍କୁ ଡାକିଲେ ।

ଲଳିତା କିନ୍ତୁ ରାଧାଙ୍କୁ ଲକ୍ଷ୍ୟ କରି ନାହାନ୍ତି । ତାଙ୍କର ମନରେ ଅଜସ୍ର କୋହ । କାହ୍ନୁ ଗୋପ ଛାଡ଼ି ମଥୁରା ଚାଲିଯିବେ ।

ରଙ୍ଗ ସଭା । ରାଜା କଂସ ନିମନ୍ତ୍ରଣ ପଠାଇଛି ନନ୍ଦରାଜାଙ୍କ ନିକଟକୁ । ଲକ୍ଷେ ଭାର, ପଦ୍ମ ପୁଷ୍ପ ଉପହାର ଦେବା ପାଇଁ ଚିଟାଉ ଲେଖିଛି ।

କାଳିନ୍ଦୀରେ ଲକ୍ଷେ ଭାର ପଦ୍ମ ଫୁଲର ଅଭାବ ନାହିଁ । କାଳିନାଗର ଦାଉରେ ଏତେ ଫୁଲ ତୋଳିବ କିଏ ?

ଦିନେ କାହ୍ନୁ କାଳି ନାଗର ଦର୍ପ ଦଳନ କରିଥିଲେ । କାଳି ନାଗ ସହିତ ଯୁଦ୍ଧ କରି, ତାକୁ ନିଜର ବଶ୍ୟତା ସ୍ୱୀକାର କରାଇଥିଲେ । ରାଧା ଭାବୁଥିଲେ କଂସର ନିମନ୍ତ୍ରଣ କଥା । ମନେପକାଇ ତାଙ୍କର ଛାତି ଭିତରଟା ଥରି ଉଠିଲା । ଏଇ କଂସ କୁଆଡ଼େ କାହ୍ନୁଙ୍କର ମାମୁଁ ! କାହ୍ନୁକୁ ମାରିବା ପାଇଁ ସେ ବକା, ଶକଟା ପ୍ରଭୃତି ଅସୁରଙ୍କୁ ପଠାଇଥିଲା । ପୂତନା ରାକ୍ଷସୀକୁ ପଠାଇ କ୍ଷୀର ସାଙ୍ଗରେ ବିଷଦେଇ ପ୍ରାଣ ନେବାକୁ ବସିଥିଲା । ତା'ରି ପାଖକୁ କାହ୍ନୁ ଯିବେ । ଯଦି ଜୀବନରେ ମାରିଦିଏ ? ରାଧାଙ୍କର ଦେହ ଥରିବାକୁ ଲାଗିଲା । ରାଧା ଚେତା ହରାଇ ବସିଲେ । ଚେତା ଫେରିବାରୁ ରାଧା ଦେଖିଲେ, କାହ୍ନୁଙ୍କର କୋଳରେ ମଥା ରଖି ସେ ଶୋଇଛନ୍ତି । ଲଳିତା, ବିଶାଖା ପ୍ରଭୃତି ସଖୀବୃନ୍ଦ ମୃଦୁ ବ୍ୟଜନ କରୁଛନ୍ତି । ରାଧାଙ୍କର ଆଖି କୃଷ୍ଣଙ୍କ ଆଖି ସହିତ ଏକାକାର ହୋଇଗଲା । ପାଖରେ ସମସ୍ତଙ୍କୁ ଦେଖି ଲଜ୍ଜାରେ ତାଙ୍କ ମୁହଁ ଲାଲ ପଡ଼ିଗଲା ।

କାହ୍ନୁ ପଚାରିଲେ – ରାଇ ! ଦେହ କ'ଣ ଭଲ ନାହିଁ ? ତା' ହେଲେ ଏଠାକୁ ଆସିଲ କାହିଁକି ?

ରାଧାଙ୍କର ମନରାଜ୍ୟରୁ ରାଗ, ଅଭିମାନ ସବୁକିଛି ଅପସରିଗଲା । ଉତ୍ତର ନଦେଇ ଖାଲି ବସି ରହିଲେ ।

ସମୟ ଗଡ଼ି ଯାଉଛି । ଅଦୂରରେ ଅକ୍ରୁର, ବଳରାମ ରଥରେ କୃଷ୍ଣଙ୍କୁ ଅପେକ୍ଷା କରି ରହିଛନ୍ତି । ବଳରାମ ଡାକିବେ ବା କିମିତି ? ସେ ଜାଣନ୍ତି ଗୋପାଙ୍ଗନାଙ୍କ ସହିତ ତାଙ୍କର ସମ୍ପର୍କ । ବିଳମ୍ବ ନ କରି ରଥକୁ ଫେରି ଆସିବାକୁ ଅକ୍ରୁର ଇଙ୍ଗିତ ଦେଲେ । କୃଷ୍ଣ ପ୍ରକୃତିସ୍ଥ ହେଲେ – ନିଜର ଅନିଚ୍ଛାସତ୍ତ୍ୱେ । ସେ ଗୋପୀଗଣଙ୍କ ନିକଟରୁ ବିଦାୟ ନେବାକୁ ବାଧ ହେଲେ । କିନ୍ତୁ ରାଧା, କୃଷ୍ଣଙ୍କ ପଛେ ପଛେ ଚାଲିଲେ ଲଜ୍ଜା, ମାନ, ମହତ୍ତ୍ୱକୁ ଭ୍ରୁକ୍ଷେପ ନ କରି ।

Digitized by srujanika@gmail.com

ରଥ ଆଗରେ ରାଧା ପାଗଳୀଙ୍କ ପରି ଠିଆ ହୋଇଗଲେ । ସେ ରଥକୁ ପାଦେ ଆଗକୁ ଛାଡ଼ିବାକୁ ନାରାଜ । କୃଷ୍ଣ ରଥରୁ ଓହ୍ଲାଇ ରାଧାଙ୍କ ନିକଟକୁ ଆସିଲେ । ରାଧା କାନ୍ଦୁଥାନ୍ତି, ସତେ ଯେପରି ଶ୍ରାବଣର ବାରିଧାରା ତାଙ୍କ ଆଖିରୁ ଝରି ଆସୁଥାଏ । କୃଷ୍ଣ ସାନ୍ତ୍ୱନା ଦେବାକୁ ଚେଷ୍ଟା କଲେ । ରାଧାଙ୍କର ଜିଦ୍ ଯଦି ଫେରି ଆସିବ, ତୁମର ବଂଶୀଟିକୁ ମୋ ପାଖରେ ରଖିଦେଇ ଯାଅ । କୃଷ୍ଣ ନିରୂପାୟ । ରାଧାଙ୍କର ମନରେ ଆତ୍ମପ୍ରତ୍ୟୟ ଫେରାଇ ଆଣିବା ପାଇଁ ସେ ତାଙ୍କର ବଂଶୀଟିକୁ ରାଧାଙ୍କୁ ବଢ଼ାଇଦେବାକୁ ବାଧ ହେଲେ । ରାଧା, ବଂଶୀଟିକୁ ଧରି କଦମ୍ବମୂଳରେ ଏକଲୟରେ କୃଷ୍ଣ ଯିବାପଥକୁ ଚାହିଁ ରହିଛନ୍ତି । ମୋହନର ବଂଶୀ ଆଉ ରାଧା, ରାଧା ବୋଲି ଡାକୁନି । ରାଧା ଭାବିଲେ – ଏ ବଂଶୀଟା ଥାଇ ବା ଲାଭ କ'ଣ ? ଯମୁନାଜଳକୁ ଫିଙ୍ଗିଦେବାକୁ ମନସ୍ଥ କଲେ । ପରମୁହୂର୍ତ୍ତରେ ତାଙ୍କ ଭାବନାରେ ପରିବର୍ତ୍ତନ ହେଲା । ଏଇ ବଂଶୀ ତାଙ୍କ ପାଇଁ ସବୁକିଛି । ତାକୁ ସେ କ'ଣ ହାତଛଡ଼ା କରିଦେଇପାରିବେ ? ରାଧା ବଂଶୀଟିକୁ ନିଜ ବୁକୁରେ ଚାପି ଧରିଲେ । ସାଥିହରା କପୋତିଟି ଦୂର ଦିଗ୍‌ବଳୟର ସୀମାରେଖା ଟପି ହଠାତ୍ କୁଆଡ଼େ ଅଦୃଶ୍ୟ ହୋଇଗଲା ।

* * *

Digitized by srujanika@gmail.com

ଶେଷ ପ୍ରହର

ଜ୍ୟୋତ୍ସା ବିଧୌତ ଧରଣୀ । ଯମୁନାର ନୀଳ ଜଳରାଶି ମଳୟ ସ୍ପର୍ଶରେ ଲହରୀ ତୋଳି ଚାଲିଛନ୍ତି । ଜ୍ୟୋତ୍ସ୍ନା ଓ ଯମୁନା ପରସ୍ପର ଅତି ଅନ୍ତରଙ୍ଗ ।

ଏହି ଜ୍ୟୋତ୍ସ୍ନା ବିଧୌତ ରାକା ରଜନୀରେ ରାଇ ବିନୋଦିନୀ ଯମୁନାକୂଳରେ କଦମ୍ବମୂଳରେ ଶ୍ରୀକୃଷ୍ଣଙ୍କ ସାଙ୍ଗରେ ଅଭିସାର ରଚୁଥିଲେ । ଯମୁନାକୂଳ, କଦମ୍ବମୂଳ କାହ୍ନାର ବଂଶୀସ୍ୱନ, ଷୋଳସହସ୍ର ଗୋପୀଗଣଙ୍କ ପ୍ରାଣରେ ଆହ୍ଲାଦ ସୃଷ୍ଟି କରୁଥିଲା ।

ସେହି ଯମୁନାକୂଳ ପୁରାଣ ପ୍ରସିଦ୍ଧ, ଆଉ ବି ଇତିହାସ ପ୍ରସିଦ୍ଧ । ତାର ତଟଦେଶରେ ଠିଆ ହୋଇଛନ୍ତି ଦିଲ୍ଲୀ ଅଧିଶ୍ୱରୀ ରେଜିୟା ସୁଲତାନା । ପାଖରେ ଦେହରକ୍ଷୀ ୟାକୁତ୍ । ନିସ୍ତବ୍ଧ ରାତ୍ରିର ନିରବତା ଭଙ୍ଗ କରି, କୋକିଳ କୂଜନର ଗୋଟିଏ ଲହରୀ ବନ, ପ୍ରାନ୍ତରରେ ଉନ୍ମାଦନା ସୃଷ୍ଟି କରୁଥିଲା । ରେଜିୟା କହି ଉଠିଲେ ୟାକୁତ୍ ! ରେଜିୟା ବଜ୍ରଠାରୁ କଠିନ । ତା'ର ନାଁ ଶୁଣିଲେ ଶତ୍ରୁମାନେ ଥରହର ହୁଅନ୍ତି । ତୁମେ ନିଜେ ତ ଦେଖିଲ, ଆୟାଜ୍, ଲାହୋରର ଶାସକ, ଯୁଦ୍ଧ ଘୋଷଣା କରି ମଧ୍ୟ ମୁଁ ଆସିବା ଖବର ପାଇ ରାଜ୍ୟ ଛାଡ଼ି ପଳାୟନ କଲା । ଗୁଜୁରାଟର ବିଦ୍ରୋହୀ ଶାସକ, ମୋ ଆସିବା ଶୁଣି ଭୟରେ ଆତ୍ମହତ୍ୟା କଲା ।

ଛୋଟ ଅନୁରୋଧଟିଏ ରଖିବନି ୟାକୁତ୍ ? ମୁଁ ନାରୀ । ସୁଲତାନାର ସମସ୍ତ ଗୌରବ ପାଇ ମଧ୍ୟ ମୁଁ ଆଜି ଅତିମାତ୍ରାରେ ଦୁର୍ବଳା । ମୋର ସମସ୍ତ ଗର୍ବ, ଦମ୍ଭ, ଅଭିମାନ ମାଟିରେ ମିଶିଯିବାକୁ ବସିଛି । ସେଦିନ ଦରବାରରେ ସର୍ବସମକ୍ଷରେ ତୁମେ ମୋର ପ୍ରେମଭିକ୍ଷା କରିଥିଲ । ତୁମର ସାହସ ଦେଖି ମୁଁ ସ୍ତବ୍ଧ ହୋଇଯାଇଥିଲି । ତୁମେ ଦରବାରରେ ସ୍ପଷ୍ଟ ଭାବରେ କହିଥିଲ ମୋର ନାମ ଜଲାଲୁଦିନ ୟାକୁତ୍ । ମୁଁ ଚାହେଁ ସୁଲତାନାଙ୍କର ପାଣିଗ୍ରହଣ । ସଭାସଦବର୍ଗ ଗର୍ଜିଉଠିଲେ । ଅମୀର, ଓମରାହ, ମନ୍ତ୍ରୀ, ସେନାପତି ଓ ବିଶିଷ୍ଟ ରାଜନ୍ୟମଣ୍ଡଳୀ କ୍ଷୁବ୍ଧ ହୋଇ ଚିତ୍କାର କରିଥିଲେ —" ଏହାର ଶିରଚ୍ଛେଦ କର । ୟାକୁତ୍ କୁର୍ନିସ କରି କହି ଉଠିଲା ସୁଲତାନା ସେହି ଆଦେଶ ନ ଦେଇ ମସ୍ତବଡ଼ ଭୁଲ କରିଛନ୍ତି । ମୁଁ ଜାଣେ ଆପଣଙ୍କ ସାମାନରେ ଠିଆ ହୋଇ, କଥା କହିବା ମୋର ଧୃଷ୍ଟତା ଛଡ଼ା ଅନ୍ୟ କିଛି ହୋଇ ନପାରେ । ଆପଣ ଚାହିଁଲେ ଏବେ ମଧ୍ୟ ମୋର ଶିରଚ୍ଛେଦନ କରିପାରନ୍ତି । ଆପଣଙ୍କର ଏ ଦୁର୍ବଳତା ଦେଖି ମୋ ଛାତି ଥରି ଉଠୁଛି । ଯାହାଙ୍କର ମୁଁ ଦିନେ ପ୍ରଣୟପ୍ରାର୍ଥୀ ଥିଲି, ତାଙ୍କର ଦୁର୍ବଳତା ଉପଲବ୍ଧି କରି ମୋ ଦେହରେ କମ୍ପନ ସୃଷ୍ଟି ହେଉଅଛି । କାହିଁକି ଆପଣ ମୋର ଶିରଚ୍ଛେଦ ନ କରି, ଉଆସର ରକ୍ଷୀ ରୂପରେ ନିଯୁକ୍ତ କଲେ ? ଆପଣଙ୍କର ଟିକଏ ସାନିଧ୍ୟ ଲାଭ କରିବା ପାଇଁ ଶତ ଶତ ଅମୀର, ରାଜନ୍ୟବର୍ଗ ପାଗଳ ହୋଇଉଠିଛନ୍ତି । ମୋତେ

Digitized by srujanika@gmail.com

ଯେପରି ଆପଣ ଭଲ ପାଉଛନ୍ତି, ତାକୁ ଲକ୍ଷ୍ୟ କରି ସାରାଦେଶ ବିଦ୍ରୋହୀ ହୋଇଉଠିଛି । ଆପଣଙ୍କର ସାବତ ଭାଇ ବହରାମ୍ ସିଂହାସନ ପାଇଁ ଚକ୍ରାନ୍ତ କରୁଛି । ସେ ଚକ୍ରାନ୍ତର ପୁରୋଧା ଇଡଗିନି । ଯେଉଁ ଯୁବକଟିକୁ ଆପଣ ଦୟା ପରବଶ ହୋଇ କର୍ମରେ ନିଯୁକ୍ତ କରିଥିଲେ, ଆପଣଙ୍କୁ ପାଇବା ପାଇଁ ସେ ମଧ ପାଗଳ । ଆପଣଙ୍କ ନାମରେ ସେ ଅପବାଦ ରଟୁଛି । ଆପଣ ଭୁଲ କରୁଛନ୍ତି ସୁଲତାନା । ଏ ଦୁର୍ବଳତା ଆପଣଙ୍କ ପକ୍ଷେ ଶୋଭା ପାଏନା ।

ହଠାତ୍ ରେଜିୟାଙ୍କର ସ୍ୱପ୍ନ ଭାଙ୍ଗିଗଲା । ଠିକ୍ ଏମିତି ଜଣେ ଯୁବକ ଇସ୍କାନ୍ଦାରର ବାହୁବେଷ୍ଟନୀ ମଧ୍ୟରେ ସେ ଦିନେ ଆବଦ୍ଧ ହୋଇଥିଲେ । କିନ୍ତୁ ଅପବାଦ ଭୟରେ ସେ ତାକୁ ମୃତ୍ୟୁ ଗହ୍ୱରକୁ ନିକ୍ଷେପ କରିଥିଲେ । ସେହି ରେଜିୟା ଆଜି ଏତେ ଦୁର୍ବଳ କାହିଁକି ? ସେ ୟାକୁତ୍‌କୁ ଭଲ ପାଇଛନ୍ତି । ନାରୀ ଚାହେଁ ପୁରୁଷର ସାନ୍ନିଧ । ଏହା ସୃଷ୍ଟିର ଚିରନ୍ତନ ସତ୍ୟ ।

ୟାକୁତ୍ ବନ୍ଦୀଥିବା ସମୟରେ ଥରେ ନିଶର୍ଦ୍ଧରେ ବନ୍ଦୀଶାଳା ମଧ୍ୟକୁ ପ୍ରବେଶ କରିଥିଲେ ରେଜିୟା । ୟାକୁତ୍ ଖାଦ୍ୟ ଗ୍ରହଣ କରି ନଥିବାରୁ ସେ ବ୍ୟସ୍ତ ହୋଇପଡ଼ିଥିଲେ ।

ୟାକୁତ୍ ରେଜିୟାଙ୍କର ଅନୁଗ୍ରହକୁ ପ୍ରତ୍ୟାଖ୍ୟାନ କରିଥିଲା ।

ୟାକୁତ୍ କହିଥିଲା, ବେଗମ୍ ସାହେବା, ମୁଁ କେବେ କାହାର ଅନୁଗ୍ରହ ଆଶା କରେ ନାହିଁ । ମୁଁ ଚାହେଁ, ଦିଲ୍ଲୀଶ୍ୱରୀର ହୃଦୟ । କେବଳ ସୁଲତାନା ହିଁ ମୋର କାମ୍ୟ । ରେଜିୟା ଉତ୍ତରରେ କହିଥିଲେ –''ସିଂହାସନକୁ ବାଦ ଦେଇ ସୁଲତାନାଙ୍କର ସ୍ଥାନ କାହିଁ ? ତୁମକୁ ଯଦି ମୋ ହୃଦୟରେ ସ୍ଥାନ ଦିଏ, ମୋ ଭାଇମାନେ ବିଦ୍ରୋହ କରିବେ ।''

ସୁଲତାନାର ଜନ୍ମ ରାଜ୍ୟଶାସନ ପାଇଁ, କାହାର ହୃଦୟ ଜୟ କରିବାକୁ ନୁହେଁ । ରାଜ୍ୟରେ ମୁଁ ବିବାହ ବନ୍ଦ କରି ଦେଇଛି । ମୋର ଆଦେଶ ଅମାନ୍ୟ କଲେ – ସଜା କାରାଦଣ୍ଡ । ଏ ପ୍ରସ୍ତାବରୁ ଦୂରେଇ ଯିବାକୁ ସେ ୟାକୁତ୍‌କୁ ଅନୁରୋଧ କରିଥିଲେ । କିନ୍ତୁ ଆଜି ୟାକୁତ୍‌ର ଏ ପରିବର୍ତ୍ତନ କାହିଁକି ? ନିଜେ ଦିଲ୍ଲୀ ଅଧିଶ୍ୱରୀ ସ୍ୱଇଚ୍ଛାରେ ତା' ହାତରେ ଧରା ଦେଇଛି । ରାଜ୍ୟ, ସିଂହାସନ ନିନ୍ଦା, ଅପବାଦକୁ ଭ୍ରୂକ୍ଷେପ ନ କରି ସେ ଚାହିଁଛି ୟାକୁତ୍ ଠାରୁ ଟୋପାଏ ସ୍ନେହ । ରେଜିୟା ଅଧୀର ହୋଇଉଠୁଛନ୍ତି । ରାତ୍ରିର ବିଦାୟ ଆଗତ ପ୍ରାୟ । ବିଳମ୍ବ ଘଟିଲେ ଦିଲ୍ଲୀସାରା କଳଙ୍କ ରଟିପାରେ । ସେ ୟାକୁତ୍‌କୁ ବୁଝାଇବାକୁ ଚେଷ୍ଟା କରୁଛନ୍ତି । ରେଜିୟାଙ୍କର ଦେହ କମ୍ପି ଉଠିଲା । ୟାକୁତ୍‌କୁ କାତର ଦୃଷ୍ଟିରେ ସେ ଚାହିଁ ରହିଲେ । କିନ୍ତୁ ୟାକୁତ୍ ବଜ୍ରଠାରୁ କଠିନ । ସେ ଜାଣେ ଏ ଦୁର୍ବଳତା, ରେଜିୟାଙ୍କ ପାଇଁ ଏକ ଅଶନି ସଙ୍କେତ । କାଳବୈଶାଖୀର ରୁଦ୍ର ରୂପକୁ ମନେ ମନେ ସ୍ମରଣ କଲା ୟାକୁତ୍ ।

Digitized by srujanika@gmail.com

ସେ ବିଦ୍ରୋହର ସମସ୍ତ ସୁରାକ୍ ପାଇସାରିଛି । ହେରାମକୁ ସିଂହାସନରେ ବସାଇବାକୁ ଓମରାହ, ଅମୀର, ରାଜନ୍ୟମଣ୍ଡଳୀ ଷଡ଼ଯନ୍ତ୍ର କରିବା, ସେ ନିଜେ ଶୁଣିପାରିଛି । ସୁଲତାନାଙ୍କର ମତିଭ୍ରମ ଘଟିଛି । ଦିଲ୍ଲୀଶ୍ୱରୀଙ୍କୁ ଭଲ ପାଇବାର ଅର୍ଥ ନୁହେଁ ସେ ସିଂହାସନ ଚ୍ୟୁତା ହୁଅନ୍ତୁ । ତାଙ୍କର ଆସନକୁ ଦୃଢ଼ କରିବା ପାଇଁ ସେ ଜୀବନ ଦେବାକୁ ବଦ୍ଧ ପରିକର । ଆର୍ଯ୍ୟାବର୍ତ୍ତର ସନ୍ତାନ ସେ । ତୁର୍କୀର ସେ କ୍ରୀତଦାସ ନୁହେଁ । ନମକ ହାରାମୀ ତା'ଦ୍ୱାରା କେବେ ହୋଇନପାରେ । ସମ୍ମୁଖରେ ଯମୁନାର ଶାନ୍ତମୂର୍ତ୍ତି । ଝିଙ୍କାରୀର ଝିଂ, ଝିଂ, ଶବ୍ଦ ବେଳେ ବେଳେ ନିରବତାକୁ ଭଙ୍ଗ କରି, ଭୟଙ୍କର ଭାବାବେଶ ସୃଷ୍ଟି କରୁଥାଏ ।

ଯାକୁତ୍ ଭାବୁଛି । କାଳ ବିଳମ୍ବ ନ କରି ସୁଲତାନାଙ୍କୁ ଉଆସ ଭିତରକୁ ଫେରାଇ ନେବାକୁ ହେବ । ଲାହୋର ଗୁଜରାଟର ବିଦ୍ରୋହ ଦମନ ପରେ ଅମୀର, ଅମାତ୍ୟବର୍ଗ ଆଜିକାଲି ରେଜିୟାଙ୍କୁ ବିଶେଷ କୁର୍ନିସ୍ କରୁଛନ୍ତି । ଚାରିଆଡ଼େ ତାଙ୍କର ଜୟଧ୍ୱନି । ଦୀପ ତେଜି ଉଠି, ହଠାତ୍ ଲିଭିଗଲା ପରି ଏ ତାଙ୍କର ପରାଜୟର ଶେଷ ଆଭାସ ନୁହେଁ ତ ?

ଯାକୁତ୍ ଶିହରୀ ଉଠିଲା । ରେଜିୟାଙ୍କର ବାରମ୍ବାର ପ୍ରେମ ନିବେଦନ । ପ୍ରେମ ନିକଟରେ ଆଜି ସେ ହାର ମାନିଛନ୍ତି । ଗୋଟାଏ ପ୍ରସ୍ତରମୂର୍ତ୍ତିରୁ, ପ୍ରେମର ମନ୍ଦାକିନୀ ସତରେ ଯେପରି ଝରି ଆସୁଛି । ପଚିଶ ବର୍ଷ ଜୀବନରେ ଯୌବନର ସ୍ତମିତ ପ୍ରବାହ । ରେଜିୟା ଖୋଦାଙ୍କ ଉଦ୍ଦେଶ୍ୟରେ ଦୁଇ ହସ୍ତ ପ୍ରସାରଣ କଲେ । ଆଲ୍ଲାଙ୍କୁ ପ୍ରାର୍ଥନା କଲେ, ସେ ଯେପରି ଏ ମିଳନକୁ ଆଶୀର୍ବାଦ କରନ୍ତୁ ।

ରେଜିୟା କାତର ଦୃଷ୍ଟିରେ ଯାକୁତ୍‌କୁ ଚାହିଁଲେ । ଆଖିରେ ତାଙ୍କର ଶତ କାମାଗ୍ନିର ଝଲକ । ସେ ଖାଲି ଚାହୁଁଛନ୍ତି ଯାକୁତ୍‌ର ବିଶାଳ ବକ୍ଷରେ ଥରେ ମାତ୍ର ନିଜକୁ ହଜାଇ ଦବାକୁ ।

ଏ ମଣିଷଟା ଏତେ ନିଷ୍ଠୁର କାହିଁକି ? ରେଜିୟାଙ୍କ ମନରେ ହଜାର ପ୍ରଶ୍ନ । କାହିଁକି ସେ ମୋ ପ୍ରେମ ନିବେଦନକୁ ପ୍ରତ୍ୟାଖାନ କରୁଛି ? ତା'ର ଅସ୍ପର୍ଦ୍ଧା ପାଇଁ, ତା'ର ଶିରଚ୍ଛେଦ କରିବାକୁ ସେ ପ୍ରସ୍ତୁତ ହେଲେ । ନାରୀ ଯେତେବେଳେ ତା'ର ଅଭିଷ୍ଟ ସାଧନ କରିପାରିନି; ସେ ସିଂହିଠାରୁ ଆହୁରି ଭୟଙ୍କର ହୋଇ ଉଠେ ।

"ଭୀରୁ, ନପୁଂସକ, କାପୁରୁଷ ତୁମେ ଜାଣ ମୁଁ ଇଚ୍ଛାକଲେ ଏଇ ମୁହୂର୍ତ୍ତରେ ତୁମର ଶିରଚ୍ଛେଦ କରିପାରେ ?"

"ଜାଣେ ବେଗମ୍ ସାହେବା ମୁଁ ସୁଲତାନାଙ୍କର ଗୁଲାମ । ଗୁଲାମର ଜନ୍ମ ଅନ୍ନଦାତ୍ରୀଙ୍କର ସେବା କରିବାକୁ । ତାଙ୍କର ହୃଦୟ ସେବା କରିବାକୁ ନୁହେଁ ।" ରେଜିୟା ଆହତ ବାଘୁଣୀ ସଦୃଶ ଭୟଙ୍କର ହୋଇଉଠିଲେ । ଯାକୁତ୍‌ର ଗାଲରେ ଗୋଟାଏ

Digitized by srujanika@gmail.com

ଶକ୍ତ ଚାପୁଡ଼ା ପ୍ରହାର କଲେ । ଉଭୟେ ନିରବ । କିନ୍ତୁ ପର ମୁହୂର୍ତ୍ତରେ ରେଜିୟା ଭାଙ୍ଗିପଡ଼ିଲେ । ତାଙ୍କର ଚକ୍ଷୁ ଯୁଗଳରୁ ଅବାରିତ ଧାରାରେ ଅଶ୍ରୁର ପ୍ଲାବନ ହେଲା । ସେ ୟାକୁତ୍‌ର ପାଦ ତଳେ ମୁଣ୍ଡ ରଖି ଛୋଟ ପିଲାଟି ପରି କାନ୍ଦି ଉଠିଲେ ।

ରାତ୍ରୀର ଶେଷ ପ୍ରହର । ସୁଲତାନା ଆସନ୍ନ । ଧୀର ନମ୍ର ସ୍ୱରରେ ୟାକୁତ୍ ରେଜିୟାଙ୍କୁ ବୁଝାଇ ଉଠାଇବାକୁ ଚେଷ୍ଟା କଲା । ରେଜିୟା ତା' ସ୍କନ୍ଧରେ ଭରା ରଖି ଠିଆ ହେଲେ । ଆରକ୍ତ ଚକ୍ଷୁରେ ହସ୍ତଯୋଡ଼ି ସେ ୟାକୁତ୍‌କୁ କହିଲେ - ମୋତେ କ୍ଷମା କରିଦିଅ । ମୁଁ ତୁମକୁ ଭୁଲ ବୁଝିଥିଲି ।

ଆଜି ୟାକୁତ୍ ନାହିଁ, କି ରେଜିୟା ନାହାନ୍ତି । ଜଣେ ବୀରା ନାରୀ, ଯେକି ହିନ୍ଦୁସ୍ଥାନରେ ନିର୍ମମ, କଠୋର ଶାସନ ପ୍ରତିଷ୍ଠା କରି, ଇତିହାସରେ ଅମର ହୋଇପାରିଥିଲେ, ତାଙ୍କ ଜୀବନର ଦୁର୍ବଳ ମୁହୂର୍ତ୍ତର ପୃଷ୍ଠାଟିକୁ ମଧ୍ୟ ଇତିହାସ ଲିପିବଦ୍ଧ କରିବାକୁ ଭୁଲି ନାହିଁ ।

* * *

Digitized by srujanika@gmail.com

ଅଭିନୟ

କ୍ରିକେଟ ଖେଳ ଝୁଙ୍କଟା ହରପ୍ରସନ୍ନ ବାବୁଙ୍କର ଏତେ ବଢ଼ିଯାଇଥିଲା ଯେ, ସେଥିପାଇଁ ହାକିମ ଠାରୁ ସେ ତିନି, ତିନିଥର ତାଗିଦ୍ ପାଇସାରିଲେଣି । ତେବେ ଖେଳ ଦେଖିବାର ନିଶା ଏବେ ତାଙ୍କୁ ଅତିମାତ୍ରାରେ ବ୍ୟତିବ୍ୟସ୍ତ କରିପକାଇଲା । ଶୁକ୍ରବାର ଖେଳଟା କିମିତି ଦେଖିବେ, ସେଥିପାଇଁ ସେ ବୁଦ୍ଧି ଖଟାଇବାକୁ ଆରମ୍ଭ କଲେ ।

କିରାଣୀ ଜୀବନରେ ଦରମାରୁ କାଟି କଳା, ଧଳା ଟି.ଭି. ସେଟଟିଏ ସେ ନିକଟରେ କିଣିଛନ୍ତି । ତା’ ଆଗରୁ ଖେଳ ଦେଖିବା ପାଇଁ ସେ ପଡୋଶୀ ମୁରାରୀ ବାବୁଙ୍କ ଘରକୁ ଯାଉଥିଲେ । ଏ ଖେଳଟା କେତେବେଳେ ରାତି ୪ଟା ଓ ଦିନ ୧୨ଟା ତ କେତେବେଳେ ୩ଟାରେ ଆରମ୍ଭ ହେଉଛି । ବିଶେଷକରି ଭାରତ ବିପକ୍ଷରେ ଯେଉଁଦିନ ଖେଳ ହେବ, ଯଦି ସେ ଖେଳରେ ଭାରତ ଜିଣେ, ପରିଣତ ବୟସରେ ମଧ୍ୟ ସେ ଆନନ୍ଦରେ ନାଚି ପକାନ୍ତି । କପିଳଦେବ, ଚେତନ ଶର୍ମା, ରୋଜର ବିନ୍ନିଙ୍କର ବୋଲିଂର ସଫଳତାକୁ ସେ ନିଜର ବୋଲି ଭାବନ୍ତି । ଆଝାରୁଦ୍ଦିନ୍, ଗାଭାସ୍କର, ଭେଙ୍ଗ ସରକାର, ସନ୍ଦିପ୍ ପାଟିଲ୍‌ଙ୍କର ବ୍ୟାଟିଂ ସମୟରେ ଚୌକା, ଛକାଗୁଡ଼ାକ ଦେଖି, ସେ ଏତେ ଜୋରରେ ପାଟି କରନ୍ତି ଯେ, ତାଙ୍କ ଘରର ଲୋକେ ସେଥିପାଇଁ ତାଙ୍କ ଉପରେ ବିରକ୍ତ ହୋଇ, ଗାଳି କରିବାକୁ ଆରମ୍ଭ କଲେଣି । ବିଶେଷ କରି ତାଙ୍କର ପତ୍ନୀ ଦୁର୍ଗାଦେବୀ, ସାକ୍ଷାତ ସ୍ୱର୍ଗାଦେବୀ ସଦୃଶ, ଯେତେବେଳେ ଝିଅମାନଙ୍କର ବାହାଘର ନେଇ, ନାନା ପ୍ରଶ୍ନବାଣରେ ତାଙ୍କୁ କ୍ଷତ, ବିକ୍ଷତ କରିପକାନ୍ତି, ସେତେବେଳେ ସେ କିଛି ସମୟ ନିରବତା ଅବଲମ୍ବନ କରନ୍ତି । ପୁଣି ଚୌକା, ଛକାବେଳକୁ ଅବସ୍ଥା ପୂର୍ବବତ୍ । ତେଣୁ ତାଙ୍କ ଘରଣୀ କୁକୁର ଲାଙ୍ଗୁଡ଼ ସହିତ ତାଙ୍କର ପ୍ରକୃତିର ବେଶ୍ ଗୁଡ଼ାଏ ଉଦାହରଣ ଦିଅନ୍ତି ।

ହରପ୍ରସନ୍ନ ବାବୁ ଉପାୟଟିଏ ଚିନ୍ତା କରିବାକୁ ଲାଗିଲେ – କେମିତି ଶୁକ୍ରବାର ଦିନଟା ଛୁଟି ନେବେ । ଖେଳ ୩ଟାବେଳକୁ ଆରମ୍ଭ ହେବ । ଯଦି ଭାରତ ବ୍ୟାଟିଂ କରେ, ଅଫିସ୍ ଛାଡ଼ିବା ବେଳକୁ ୫ଟା ହୋଇଯାଇଥିବ ସେତେବେଳକୁ ଖେଳ ୨ ଘଣ୍ଟା ସରିଯାଇଥିବ । କିଏ କେତେ ଚୌକା ବାଡ଼େଇ ଥିବେ, ବା କିଏ ଶୂନ ରନ୍‌ରେ ଆଉଟ ହୋଇଯାଇଥିବ, ଏ କଥା ଭାବି ଭାବି ସେ ବଡ଼ ଚିନ୍ତିତ ହୋଇପଡୁଥିଲେ ।

ହାକିମ୍‌ଟା ମଧ୍ୟ ବଡ଼ ନିରଙ୍କୁସ ଲୋକ । ଘରେ ୨ଟା ଟି.ଭି. ଥାଇ ମଧ୍ୟ ଖେଳ ନ ଦେଖି ଅଫିସ୍‌କୁ ସିଧା ଚାଲି ଆସିବ । ବିଶେଷକରି ଖେଳ ଦିନ ହରପ୍ରସନ୍ନ ବାବୁଙ୍କୁ ଫାଇଲ୍ ଦେଖିବା ବାହାନାରେ ଥରକୁ ଥର ପିଅନ ହାତରେ ଡକାଇ ପଠାଇବ ।

Digitized by srujanika@gmail.com

କେହି ଅଫିସ୍‌ରୁ ଯେମିତି ଛୁଟି ନ ନିଅନ୍ତି, ସେଥିପାଇଁ ହାକିମ୍ ସର୍କୁଲାର ବୁଲାଇ ଦେଇଛି । ସେ ଜାଣିଛି, ସେ ଦିନ ଅଫିସ୍‌ରେ ଉପସ୍ଥିତି ସଂଖ୍ୟାଟା ଶହେରୁ ୩୫କୁ କମି ଆସିବ । ସେଦିନର ଛୁଟିଟା ଛୁଟିରେ ଗଣା ନ ଯାଇ, ଅବୈତନିକ ବୋଲି ଧରି ନିଆଯିବ । ଏମିତି ୩ଟା ଅବୈତନିକ ଛୁଟି ଯଦି ପଡ଼େ, ଏ ଯମ ତାଙ୍କୁ ଗୋଟାକ ସାରା ଗିଳି ପକେଇବ । ଏବେ ଗୋଟାଏ କି ଆଇନ ହେଲା ବାଧ୍ୟତାମୂଳକ ଅବସର ଗ୍ରହଣ । ହରିବାବୁ ବିଚରା – ତା'ର ଦୋଷ କ'ଣ ? ଅଫିସ୍‌କୁ ଟିକିଏ ଡେରିରେ ଆସେ । ବାତରୋଗୀ । ସହଜେ ଚାଲିପାରେନି । ରିକ୍‌ସାରେ ଆସିବାକୁ ପାଖରେ ବା ସମ୍ବଳ କାହିଁ ? ତେଣୁ ଯେଉଁ କଷ୍ଟରେ ସେ ଅଫିସ୍‌ରେ ଆସି ପହଞ୍ଚେ, ମା' ଗଙ୍ଗେଇଙ୍କ ଛଡ଼ା ତା'ର ଅନ୍ୟ କିଏ ସାକ୍ଷୀ ନାହିଁ । ସେଥିପାଇଁ ୨୫ରୁ ୩୦ ମିନିଟ୍ ସାମାନ୍ୟ ବିଳମ୍ବ । ହଜାରେ ଥର କୁହାଗଲା, ଡାକ୍ତରୀ ସାର୍ଟିଫିକେଟ୍‌ଟା ୧୦/୨୫ ଖର୍ଚ୍ଚ କରି ଦାଖଲ କରିଦେଇଥିଲେ ପୁରାପୁରି ମାଫ୍ । ଲୋକଟା ବଡ଼ କଞ୍ଜୁସ୍ । ପଇସାଟିଏ ଖର୍ଚ୍ଚ କରିବନି । ଶେଷରେ ୮ବର୍ଷ ଥାଉ ଥାଉ ଚାକିରୀ ଖଣ୍ଡି ଚାଲିଗଲା । ହାକିମଟା କଡ଼ା ମିଜାଜର ହେଲେ କ'ଣ ହବ, ଟିକିଏ ଆଲୁଦୋଷ ଅଛି । ସେ ଷ୍ଟେନୋକୁ ନେଇ ତା' ନାଁରେ ବାରକଥା । ଯୁବତୀ ଷ୍ଟୋନଟିକୁ ଏ ବୁଢ଼ା ଛାଡ଼ିବାକୁ ନାରାଜ । ତେବେ ତା' ମୁହଁରେ କହିବାକୁ ବା କାହାର ସାହସ ଅଛି । ସମସ୍ତଙ୍କ ପାଖରେ କିଛି ନା କିଛି ଆଲୁ ଦୋଷ । ଏ ବଡ଼, ବଡ଼ିଆମାନେ ଯାହା କରିବେ, ଭୁଲ୍ ହେଲେ ବି ଠିକ୍ । କାରଣ ଏମାନଙ୍କର ଦୋଷଗୁଡ଼ାକର ଚାରିଖୁଣ ମାଫ୍ ।

ସବୁ ଦୋଷ ଛିଡ଼ିବ ଏ ଗରିବ କିରାନୀ ବାପୁଡ଼ା ଉପରେ । ତେବେ ହେବ କ'ଣ ? ବୟସ ତ ତାଙ୍କର ପାଖାପାଖି ପଞ୍ଚାବନ । ଆଉ ୩ଟା ବର୍ଷ ବାକି ଅଛି । ହାକିମ୍ କଥା ଛଳରେ ଶୁଣାଇ ଦେଇସାରିଲେଣି – ହରପ୍ରସନ୍ନ ବାବୁ, କ୍ରିକେଟ୍ ଖେଳ ଦେଖିବ ତ – ସବୁଦିନ ପାଇଁ ଛୁଟି ନେଇଯାଅ । ଯଦି ତାହିଁ – ଏଇଟାର ସୁବନ୍ଦୋବସ୍ତ ଗୋଟିଏ କଲମ ଗାରକେ କରିଦେବି ।

ଚାକିରୀ ଛାଡ଼ି ଦେବାକୁ ହରପ୍ରସନ୍ନ ବାବୁ ବହୁତ ଥର ଭାବିଲେଣି । କିନ୍ତୁ ଯେଉଁ ଦୁର୍ଗାଦେବୀ ଘରେ ଅଛି, ଯଦି ଖଡ୍‌ଗହସ୍ତ କେବେ ହୋଇଯିବ, ପନିକିଟା ଖଣ୍ଡାର କାମ ତୁଲେଇ ଦେବ । ୩ଟା ଝିଅ ମୁଣ୍ଡ ଉପରେ ବୋଝ । ସବୁଆଡ଼କୁ ଚିନ୍ତା କରି, ହାକିମଙ୍କର ଗାଳିବର୍ଷଣଟାକୁ ସେ ବେଶ୍ ସୁନାପିଲା ପରି ସହିଯାନ୍ତି । ନ ସହି ବା ଅନ୍ୟ ଉପାୟ କ'ଣ ଅଛି ?

ଆଜି ମଙ୍ଗଳବାର । ରାତି ପାହିଲେ ବୁଧବାର । କିଛି ଚିନ୍ତା ନାହିଁ । ଗୁରୁବାର ଦିନଠୁଁ କିଛି ଗୋଟାଏ ବନ୍ଦୋବସ୍ତ ନ କଲେ ଦୁଇ ଦୁଇଟା ଆନ୍ତର୍ଜାତିକ ଟେଷ୍ଟ୍ ମ୍ୟାଚ୍ ଦେଖି ହବନି । ବୁଧବାରଠୁଁ କିଛି ଗୋଟାଏ ବନ୍ଦୋବସ୍ତ କରିବାକୁ ହବ । କାଖରେ ପିଆଜ ଜାକି ଖରାରେ ଘଣ୍ଟା ଘଣ୍ଟା ବସି, ଜ୍ୱର ରୋଗକୁ ନିମନ୍ତ୍ରଣ କରିବାକୁ ହେବ ।

Digitized by srujanika@gmail.com

ଏଇଟା ବା କିମିତି କରିବେ। ସାନ ପିଲାତ ନୁହନ୍ତି। ପୁଅ ଝିଅ ଯଦି ଦେଖନ୍ତି, ଆଗରେ କିଛି ନ କହିଲେ ମଧ୍ୟ, ମନେ ମନେ ହସିବେ। ବାପାଙ୍କର ଦୁର୍ବଳତା ସେମାନେ ବେଶ୍ ଜାଣନ୍ତି। ତେବେ କାକରରେ ଶୋଇ, ମୁଣ୍ଡରେ ଘିକୁଆଁରୀ ଘଷି ହେଇ ଯଦି ସର୍ଦ୍ଦି ସାଙ୍ଗେ ସାଙ୍ଗେ ଜ୍ୱରକୁ ଡାକି ଦିଆଯାଏ ବରଂ ଭଲ। ଗୋଟିଏ ଦିନ କାକରରେ ଶୋଇଲେ ଯେ ଜ୍ୱର ଚାଲିଆସିବ ବା ସର୍ଦ୍ଦି ଧରିନବ, ଏ କଥା ତ କହି ହବନି।

ତେବେ ଛୁଟି ମିଳିବ କେମିତି ? ଛୁଟି ନେଇ ଡାକ୍ତରୀ ସାର୍ଟିଫିକେଟ୍ ପଠାଇ ଦେଲେ, ଏ ଲୋକଟା ତ ବୋର୍ଡ୍‌କୁ ସିଧା ପଠାଇ ଦେବ – ଡାକ୍ତରୀ ପରୀକ୍ଷା ପାଇଁ। ଛୁଟି ମିଳିବାରେ କିଛି କଷ୍ଟ ହୁଅନ୍ତାନି, ଯଦି କ୍ରିକେଟ୍ ମ୍ୟାଚ୍‌ଟା ନଥାନ୍ତା। ହଉ ଟେଲିଭିଜନ୍‌ରେ ନ ଦେଖିଲେ କ'ଣ ହେଲା, ଟ୍ରାଞ୍ଜିଷ୍ଟରରେ ଅଫିସ୍‌ରେ କମେଣ୍ଟ୍ରି ଶୁଣିଲେ, ମନଟା କେତେ ହାଲୁକା ହୋଇଯାଆନ୍ତା। ଏ ଲୋକଟା କିରାନୀମାନଙ୍କୁ ଭଲ କରି ଚହ୍ନି ଦେଇଛି। ଅଫିସ୍‌କୁ ଟ୍ରାଞ୍ଜିଷ୍ଟର୍ ନ ଆଣିବାକୁ ଷ୍ଟ୍ରିକଟ୍ ନୋଟିସ୍ ବୋର୍ଡ଼୍‌ରେ ଝୁଲା ସରିଲାଣି। ହରପ୍ରସନ୍ନ ବାବୁ ଭାବିଲେ – ଏ ଲୋକଟାକୁ ଯଦି ରୋଗ ହୋଇଯାଆନ୍ତା, ଷ୍ଟେନୋକୁ କିଛିଟା କହି କରିହୁଅନ୍ତା। ଯଦି ଟୁର୍ ପ୍ରୋଗ୍ରାମ ପକାଇ ଦିଅନ୍ତା – ସମସ୍ତେ ରକ୍ଷା ପାଇଯାଆନ୍ତେ। ଅଫିସ୍ ସୁପରିଟେଣ୍ଡେଣ୍ଟଟା ଭାରି ଭଲ ଲୋକ। ସେ ବି ଖେଳ ଦେଖିବାକୁ ଛଟପଟ। ଏମିତି ଭାବି ଭାବି ବୁଧବାର ବି କଟିଗଲା। ଯାହା କରିବାକୁ ହବ, ଗୁରୁବାର ଦିନଟାରେ। ହରପ୍ରସନ୍ନ ବାବୁ ଜଣେ ଭଲ ଅଭିନେତା। ସମୟ ସମୟରେ ମିଛ କଥା କହି ସେ ଏପରି ଆଖିରୁ ଲୁହ ଗଡ଼ାଇ ପକାଇବେ ଯେ, ଲୋକେ ସତ ବୋଲି ଭାବି ସାହାଯ୍ୟ କରିବାକୁ ଆଗେଇ ଆସିବେ।

ଗୁରୁବାର ଦିନ ଅଫିସ୍‌ରେ ବସିଥାନ୍ତି ହରପ୍ରସନ୍ନ ବାବୁ। ମନରେ ଗଭୀର ଚିନ୍ତା। ମୁହଁଟା ତାଙ୍କର ଶୁଖିଯାଇଛି। ତାଙ୍କ ବିଷାଦଭରା ମୁହଁଟିକୁ ଦେଖି ସମସ୍ତଙ୍କର ମନରେ ନାନା ପ୍ରଶ୍ନ ଉଙ୍କି ମାରିଲାଣି। କିନ୍ତୁ ଅଫିସ୍ ସମୟ ଭିତରେ କଥାବାର୍ତ୍ତା କରିବାକୁ ମନା। ଯାହା କଥାବାର୍ତ୍ତା ହବ ୧-୩୦ରୁ ୨ଟା ଭିତରେ। ସେଇଟା ଖାଇବା ଛୁଟି। ଫାଇଲଟି ଧରି ହରପ୍ରସନ୍ନ ବାବୁ ଅଫିସର୍ ପାଖକୁ ଗଲେ। ଅଧଘଣ୍ଟାଏ ପର୍ଯ୍ୟନ୍ତ ଠିଆ ହୋଇଥାନ୍ତି। ଷ୍ଟେନୋକୁ ଡିକ୍ଟେସନ୍ ଡାକୁଥାନ୍ତି ବଡ଼ ହାକିମ। ସେ ଫାଇଲ୍ ଦେଖାଇବେ ବା କିମିତି ? ହଠାତ୍ କଚାଡ଼ି ହୋଇ ତଳେ ପଡ଼ିଗଲେ ହରପ୍ରସନ୍ନ ବାବୁ। ପେଟଟାକୁ ଜାବୁଡ଼ି ଧରି ସେ ଏମିତି ଭାବରେ ଗଡ଼ିଲେ, ଅଫିସରଙ୍କ ରୁମ୍‌ରେ କିରାନୀ ସବୁ ଜମା ହୋଇଗଲେ। କିଏ କହିଲା – ଆମ୍ବୁଲାନ୍‌ସ ଡାକ। ନିଜେ ହାକିମ ଗାଡ଼ି ଦେଇ ହରପ୍ରସନ୍ନ ବାବୁଙ୍କ ହସ୍‌ପିଟାଲ୍ ପଠାଇ ଦେଲେ। କିନ୍ତୁ ବାବୁ ଡାକ୍ତରଖାନା ନ ଯାଇ ଘରକୁ ଛୁଟିଲେ। ଘରୁ ୩ ଦିନ ପାଇଁ ପୁଅ କୀର୍ତ୍ତିଚନ୍ଦ୍ର ହାତରେ ଦରଖାସ୍ତଟିଏ ସିଧା ପଠାଇ ଦେଲେ ଅଫିସରଙ୍କ ନିକଟକୁ। ଏଥିପାଇଁ ସେ ୨ଶହ ଟଙ୍କା ତାଙ୍କର କିରାନୀ ବନ୍ଧୁ କେତେ ଜଣଙ୍କ ନିକଟରେ ବାଜି ରଖିଥିଲେ। ଯଦି ସେ ଛୁଟି ନେଇ

Digitized by srujanika@gmail.com

ଯାଇପାରିବେ – ଏମାନେ ସେତକ ଟଙ୍କା ତାଙ୍କୁ ଦେବେ । ଯଦି ଛୁଟି ନ ମିଳେ – ସେ ବାଜିରେ ହାରିଯାଇ ଟଙ୍କାତକ ଏ ବନ୍ଧୁମାନଙ୍କୁ ଦେଇଦେବେ ।

କ୍ରିକେଟ ଖେଳ ବେଶ୍ ଜମିଛି । କପିଳଦେବ କ୍ରିଜ୍‌ରେ ରହି ୯୮ ରନ କଲାଣି । ଆଉ ୨ଟି ରନ୍‌ରେ ଶହେ ପୂର୍ତ୍ତି । ଗୋଟାଏ ଚୌକା ପିଟନ୍ତା କି – ? ହରପ୍ରସନ୍ନ ବାବୁ ଆନନ୍ଦରେ କୁରୁଳି ଉଠୁଥିଲେ । ବନ୍ଧୁମାନେ ଏ ସମୟରେ ଆସି ପହଞ୍ଚିଗଲେ । ହରପ୍ରସନ୍ନ ବାବୁ ଆନନ୍ଦରେ ବସିବାକୁ ଆସନ ଦେଇ ଟଙ୍କା ପାଇଁ ହାତ ବଢ଼ାଇ ଦେଲେ । ବନ୍ଧୁମାନେ ହାକିମଙ୍କର ଗୋଟାଏ କାରଣଦର୍ଶାଅ ନୋଟିସ୍‌ର କପି ହରପ୍ରସନ୍ନ ବାବୁଙ୍କ ହାତରେ ବଢ଼ାଇ ଦେଇ – ୨ଶହ ଟଙ୍କା ପାଇଁ ଦୁଇପଟୁ ଦୁଇଟି ହାତ ଲମ୍ବାଇ ଦେଲେ । କଥା କ'ଣ କି, ହରପ୍ରସନ୍ନ ବାବୁ ହାକିମଙ୍କ ଗାଡ଼ିରେ ଡାକ୍ତରଖାନା ନ ଯାଇ, ଘରକୁ ଆସିବାମାତ୍ରେ ଛୁଟି ଦରଖାସ୍ତ ପଠାଇ ଦେଇଥିବାରୁ – ହାକିମ ରାଗି, କାହିଁକି ତୁମକୁ ଅବସର ନ ଦିଆଯିବ, କାରଣ ପଚାରିଛନ୍ତି ।

ନୋଟିସ୍‌ଟି ପଢ଼ି ହରପ୍ରସନ୍ନ ବାବୁ କାଠ ପିତୁଳିଟିଏ ପରି ବସି ରହିଲେ । ସତେ ଯେପରି କୌଣସି ସାଧୁ ସମାଧିସ୍ଥ ହୋଇଛନ୍ତି ।

✳ ✳ ✳

Digitized by srujanika@gmail.com

ରାଶିଫଳ

ଖବର କାଗଜଟା ଉପରେ ଆଖି ବୁଲାଉ ବୁଲାଉ ସୀତାକାନ୍ତ ବାବୁ ହଠାତ୍ ରାଗି ଉଠିଲେ । ରାଗିବାର କାରଣ ଆଉ କିଛି ନଥିଲା – ସାପ୍ତାହିକ ରାଶିଫଳ ପ୍ରକାଶନ ଓ ତା'ର ଗଣନାକୁ ପଢ଼ି । କୁମ୍ଭ ରାଶିରେ, ଏ ସପ୍ତାହଟାରେ ଗୋଟିଏ ଦିନ ହେଲେ ଭଲରେ କଟିବନି ବୋଲି କୋଉ ଜ୍ୟୋତିଷ ପଣ୍ଡିତଟା ଗଣନା କରି ୩ ଧାଡ଼ି, ଲେଖି ପକାଇଛି । ସମୁଦାୟ ୭ଧାଡ଼ି ଭିତରୁ ନାରୀଙ୍କ ପାଇଁ ଦି' ଧାଡ଼ି, ଆଉ ଛାତ୍ରଙ୍କ ପାଇଁ ପୁଣି ଦି'ଧାଡ଼ି । ସୀତାକାନ୍ତ ବାବୁଙ୍କ ଭାବନାରେ ସମ୍ପାଦକ ଗୁଡ଼ାକ ଦୋଷୀ ସାବ୍ୟସ୍ତ ହୋଇଉଠିଲେ । କାହିଁକି ଯେ, ଏମାନେ ଗୁଲିଖଟି ଗପଗୁଡ଼ା ଛାପି, ଲୋକଙ୍କର ସରଳ ମନକୁ ଜଟିଳ କରି ପକାଉଛନ୍ତି । ଏହା ଦ୍ୱାରା ମଣିଷର ମନ ଯେ କେତେ ଭାରାକ୍ରାନ୍ତ ହୋଇଉଠୁଛି, ତା' ଏ ସବୁ ଜ୍ୟୋତିଷମାନେ ବୁଝିବେ କୁଆଡ଼ୁ ? ଗୁଡ଼ାଏ ଲୋକଙ୍କର ମନକୁ ପଙ୍ଗୁ, ଅଥର୍ବ କରିଦେଇ ଏମାନେ ଦେଶର କି ଉପକାର ସାଧନ କରୁଛନ୍ତି ? ବାରଟା ରାଶିଚକ୍ର । ସେଥିକୁ ଭାରତବାସୀଙ୍କ ସଂଖ୍ୟା ୧୫୦ କୋଟି । ଗୋଟିଏ ରାଶିକୁ ୮ କୋଟି କରି ଜନସଂଖ୍ୟା ପଡ଼ିଲା । ଏ ସମସ୍ତଙ୍କର ଭାଗ୍ୟ ୩ ଧାଡ଼ିରେ ଲିପିବଦ୍ଧ ହୋଇଗଲା ? ହାଏରେ ଦୁର୍ଭାଗା ଦେଶ । ଏବେ ମଧ ଏ ଦେଶର ଲୋକ ଗୁଡ଼ାକ ଜ୍ୟୋତିଷ ଗଣନା ମାନୁଛନ୍ତି । ସବୁଠାରୁ ଦୋଷୀ ହେଲେ ଏ ଦେଶର ଜ୍ୟୋତିଷ ଗଣକମାନେ । ସରକାର କି ପୁଲିସ୍ ଏମାନଙ୍କ ପ୍ରତି କିଛି ଶାସ୍ତି ବିଧାନ କରୁନି କାହିଁକି ? ଆଉ ଏ ସମ୍ବାଦପତ୍ର ଗୁଡ଼ାକ ଉପରେ ଯଦି ଠକେଇ ଅଭିଯୋଗରେ, ମାନେ ଚାରିଶବିଶ୍ ଦଫାରେ କେଶଟିଏ କରି ଦିଆଯାଏ, ଏ ଧରଣର ରାଶିଫଳରୁ ଫାଇଦା ଉଠାଉଥିବା ଖବର କାଗଜଗୁଡ଼ାକ ଆପେ ଆପେ ବନ୍ଦ ହୋଇଯାଆନ୍ତା । ଠିକ୍ ଆରଘରେ ରୋଷେଇରେ ବ୍ୟସ୍ତ ଥିଲେ, ପତ୍ନୀ କ୍ଷଣପ୍ରଭା ଦେବୀ । କଥାଗୁଡ଼ାକ ସୀତାକାନ୍ତ ବାବୁଙ୍କର, ତାଙ୍କ କାନରେ ଠକ୍ ଠକ୍ କରି ବାଜୁଥିଲା । ସୀତାକାନ୍ତ ବାବୁ ଯେ କ୍ଷଣକୋପୀ, ଏ କଥା ଭଲକରି ଜାଣନ୍ତି ସେ । ଆଉ ସେ ବି ଜାଣନ୍ତି, ସ୍ୱାମୀଙ୍କର ରାଗଟା କ୍ଷଣସ୍ଥାୟୀ । ଜୀବନର ୩୦ଟି ବର୍ଷ ସୀତାକାନ୍ତ ବାବୁଙ୍କ ସାଙ୍ଗରେ ଯେତେବେଳେ କଟାଇ ସାରିଛନ୍ତି ସେ କ'ଣ ୟାଙ୍କର ଭଲ କରି ନାଡ଼ି ଚିପି ନାହାନ୍ତି ? ସମ୍ବାଦପତ୍ର ଉପରେ ଗାଳି ବର୍ଷଣ କରୁ କରୁ ହଠାତ୍ ସୀତାକାନ୍ତ ବାବୁଙ୍କର ମୁଣ୍ଡରେ ଜୁଟିଗଲେ କ୍ଷଣପ୍ରଭା ଦେବୀ । ଅଧଘଣ୍ଟାକ ଆଗରୁ ଚା' ପାଇଁ ବରାଦ କରି ମଧ ଏ ପର୍ଯ୍ୟନ୍ତ ଡମ କପେ ଚା' ଆସିପାରିନି । ଏଇଟା ହେଲା କ୍ଷଣପ୍ରଭାଙ୍କର ବଡ଼ ଅପରାଧ । ଚା' କପରେ ଝଡ଼ଟା ସୃଷ୍ଟି ନ ହୋଇ, ତୁଚ୍ଛାରେ ତୁଚ୍ଛାରେ ତାହା ହୋଇଗଲା । ଏ କଥାଟା ତାଙ୍କୁ ଆଉରି ଅସ୍ଥିର କରିପକାଇଲା । ସୀତାକାନ୍ତ ବାବୁ, ଗର୍ଜନ କରି ଉଠିଲେ – ହଇଏ ଶୁଣୁଛ । ମଲଣି ନା ଗଲଣି ।

Digitized by srujanika@gmail.com

କ୍ଷଣପ୍ରଭା ଦେବୀ ସେହି ଗର୍ଜନକୁ ବଳି ଆହୁରି ଜୋର୍‌ରେ ଗର୍ଜି ଉଠି ପ୍ରବେଶ କରି କହିଲେ – ମରିନି କି କୁଆଡ଼େ ଯାଇନି । ତୁମକୁ ଡାକ୍ତର ପରା ମନା କରିଛନ୍ତି - ଚା' ନ ଖାଇବାକୁ । ସେଇଥିପାଇଁ ମୁଁ ଚାହା ନ କରି, ଝଟ ଝଟ ରୋଷେଇ ସାରି ଦଉଛି । ଠିକ୍ ୯ଟାରେ ଖାଇଦେଇ ବିଶ୍ରାମ କର ତୁମେ ତ ଜାଣ, ସକାଳୁ କପେ ଚା' ନ ଖାଇଲେ – ତୁମକୁ କ'ଣ ଯେ କହିବି । ତୁମେ ମୋ ସ୍ୱାସ୍ଥ୍ୟକୁ ଦ୍ୱାହିଦଉଚ । ହଉ, ଯାହା କରୁଛ କର । ଅଭିମାନଭରା କଣ୍ଠରେ ସୀତାକାନ୍ତ ବାବୁ ମୁହଁଟାକୁ ଫଣ ଫଣ କରି ବସି ରହିଲେ । ଏଣେ କ୍ଷଣପ୍ରଭାଙ୍କର ଆନନ୍ଦ କହିଲେ ନସରେ । ପାଟି କରି ସୀତାକାନ୍ତ ବାବୁଙ୍କର ମୁହଁଟାକୁ ବନ୍ଦ କରି ଦେଇଥିବାରୁ – ସେ ମନେ ମନେ କୁରୁକୁରୁଥାନ୍ତି । କାରଣ ସେ ଜାଣନ୍ତି – ଏ ବଦ୍‌ମିଜାଜ୍ ବୁଢ଼ାକୁ ଜବାବ ନ ଦେଲେ ଦିନଯାକ ଅଶାନ୍ତିରେ କଟାଇବେ । 'କ୍ଷଣପ୍ରଭା ଦେବୀ ପାଖରେ ଠିଆ ହୋଇଥାନ୍ତି । କିନ୍ତୁ କାହାକୁ କିଛି କହୁ ନଥାନ୍ତି । କ୍ଷଣପ୍ରଭାଙ୍କର ଦୃଷ୍ଟିଟା ପଡ଼ିଗଲା – ଖବର କାଗଜରେ ପ୍ରକାଶିତ ରାଶିଫଳ ଉପରେ । ହଇଏ ଆଜି କି ବାର – ପ୍ରଶ୍ନକଲେ କ୍ଷଣପ୍ରଭା । 'ଶନିବାର' । ଓଃ, ସେଇଥିପାଇଁ ରାଶିଫଳ ବାହାରିଛି । କାହିଁ କାଗଜଟା ଦେଲ । ରାଶିଫଳ ଉପରେ ଆଗ ଆଖିଟାକୁ ପକାଇଦିଏ । ରାଶିଫଳ ନାଁ ଶୁଣି ସୀତାକାନ୍ତ ବାବୁ ରକ୍ତ ଚାଉଳ ଚୋବାଇ ହଉଥାନ୍ତି । ପାଖକୁ ଲାଗି ବସିପଡ଼ି, କାନ୍ଧଟା ଉପରେ ହାତରଖି କ୍ଷଣପ୍ରଭା କହିବାକୁ ଲାଗିଲେ – ବୁଝିଲ ବାବୁଲାର ବାପ, ଗତଥର ଯାହା ଲେଖାଥିଲା, ସବୁଗୁଡ଼ାକ ଅକ୍ଷରେ ଅକ୍ଷରେ ସତ । କି ଗଣନା ହେ । କୋଉଠି ସେ ଲୋକଟା ରହୁଚି । ତାକୁ ଟିକଏ ଘରକୁ ଡାକନ୍ତିନି । ମୋ କୋଷ୍ଠୀଟା, ତୁମ କୋଷ୍ଠୀଟା ଦେଖି ଦିଅନ୍ତା । ବୁଝିଲ, ଗତଥର ଲେଖାଥିଲା ନାରୀମାନେ ଆଭରଣ ଯୁକ୍ତା ହେବେ । ତୁମେ ମୋ ରାଣ ପକାଇ କହିଲ – କେତେଥର କହିନି ବନାରସୀ ଖଣ୍ଡେ ଆଣିବାକୁ । ଶୁଣିଥିଲ । କିନ୍ତୁ ବୁଧବାରଦିନ, କେମିତି ମୁଁ ନ କହୁଣୁ ନେଇ ଆସିଲ । ସୀତାକାନ୍ତ ବାବୁ ନିଦା ବିଷ୍ଟୁଟି ପରି ବସିଥାନ୍ତି । ହଁ କି ନା କିଛି କହୁନଥାନ୍ତି । କ୍ଷଣପ୍ରଭା ଗଛ ଝାଡ଼ିଲା ପରି, ସୀତାକାନ୍ତ ବାବୁଙ୍କୁ ପରସ୍ତେ ହଲେଇ ଦେଲେ । ଆରେ ସେମିତି କ'ଣ ହଉଚ ଅଭିମାନ ମିଶା ଗଳାରେ ଉତ୍ତର ଦେଲେ ସୀତାକାନ୍ତ । ଆଉ କ'ଣ ଲେଖାଥିଲା ଜାଣ – ନାରୀମାନେ ପତି ସୋହାଗିନୀ ହେବେ । ହଇଏ ବାବୁଲାର ବାପ ଗତ ରବିବାର ଦିନ ତୁମେ ଚିଡ଼ିଚିଡ଼ି ସ୍ୱଭାବଟାକୁ ସୁଟ୍‌କେଶରେ ବନ୍ଦ କରିଦେଇ, କେତେ ଆଦରରେ ମୋତେ ସାଙ୍ଗରେ ଧରି ନନ୍ଦନକାନନ ବୁଲେଇ ଆଣି ନଥିଲ । ଆଉ ରାତିରେ ଖାଇ ବସିବାବେଳେ ସୀତାକାନ୍ତ ବାବୁଙ୍କ ମୁହଁକୁ ଦେଖି, ମୁରୁକି ହସି ପଣତକାନିରେ ମୁହଁଟାକୁ ଲୁଚେଇ ଦେଲେ ।

କ୍ଷଣପ୍ରଭାଙ୍କ ମୁହଁରୁ ରାଶିଫଳର ପ୍ରଶଂସା ଶୁଣି ସୀତାକାନ୍ତ ବାବୁ ଧୈର୍ଯ୍ୟହରା ହୋଇପଡ଼ିଲେ । କ୍ଷଣପ୍ରଭାଙ୍କୁ ଏମିତି ଜୋର୍‌ରେ ଧକ୍‌କାଟେ ଦେଲେ ଯେ, ସେ ଖଟ ଉପରୁ ତଳକୁ ଗଡ଼ିପଡ଼ିଲେ । କାଗଜକୁ ଚାରି ଟୁକୁରା କରି କ୍ଷଣପ୍ରଭାଙ୍କ ମୁହଁକୁ ଫୋପାଡ଼ି

Digitized by srujanika@gmail.com

ଦେଇ କହିଲେ – ପଢ଼, ତୁମର ନିଆଁରଡ଼ ଯାହାସବୁ ଲେଖାଅଛି ସବୁତକ ପଢ଼ିନିଅ ।

କ୍ଷଣପ୍ରଭା ତଳେ ପଡ଼ିଗଲେ – ସେଥିପାଇଁ ତାଙ୍କର କିଛି ଦୁଃଖ ନଥିଲା । କାଗଜଟାକୁ ଯେପରି ଭାବରେ ଚିରି, ତାଙ୍କ ମୁହଁକୁ ଫିଙ୍ଗାଗଲା, ସେଇଟା ହେଲା ତାଙ୍କ ପାଇଁ ଚରମ ଅପମାନ । କ୍ଷଣପ୍ରଭା ଦେବୀ ହଠାତ୍ ରୋଷେଇ ଘରକୁ ପଶିଯାଇ ଝାଡୁମୁଠାଟା ଧରି ଆଗରେ କାଳୀ ଠାକୁରାଣୀଙ୍କ ପରି ଠିଆହୋଇଗଲେ । ସତେ ଯେପରି ସେ ବର୍ତ୍ତମାନ ସୃଷ୍ଟି ସଂହାର କରିବାକୁ ବସିଛନ୍ତି । ଏ ଅବସ୍ଥାରୁ ତାଙ୍କୁ ରକ୍ଷା କରିବେ ଏକମାତ୍ର ସ୍ୱାମୀ ଦେବ ଦେବ ମହାଦେବ । ସୀତାକାନ୍ତ ବାବୁ କ୍ଷଣପ୍ରଭାଙ୍କୁ ଭଲ ଭାବରେ ଚିହ୍ନିଛନ୍ତି । ପିଠିରେ ଦି' ପାହାର ଯେ ନ ବସିଯିବ, ଏ କଥା ବା କିଏ କହିବ । ତେବେ ରୋଗରୁ ଉଠିଥିବାରୁ ମା' କ୍ଷଣପ୍ରଭା ଆଉ କିଛି ଘାତ, ପ୍ରତିଘାତ ନକରି, କାଳୀମୂର୍ତ୍ତି ଧାରଣ କରି ଠିଆ ହୋଇଥାନ୍ତି ।

ନିରବତା ଭଙ୍ଗକରି କ୍ଷଣପ୍ରଭା କହି ଉଠିଲେ – ଯାଅ, ଶୀଘ୍ର କାଗଜ ଖଣ୍ଡେ କିଣି ଆଣ । ନଇଲେ ଯାହା ହେବ, ପରେ ସେଥିପାଇଁ ଅନୁଶୋଚନା କରିବ । ଦେହ ଖରାପ ଅଛି ବୋଲି ଆଜି ଛାଡ଼ିଦେଲି । ହଇଓ ବାବୁ – ତୁମକୁ ରାଶିଫଳ ଯଦି ଭଲ ନ ଲାଗୁଛି, ପଢୁଛ କାହିଁକି ? ପଢ଼ି, ଗୋଟାଏ ଶାସ୍ତ୍ରର ସମାଲୋଚନା କରୁଛ କାହିଁକି ? ଜ୍ୟୋତିଷ ଶାସ୍ତ୍ର କ'ଣ ମିଛ । ସ୍ୱାମୀ ଯେ ଅତି ମାତ୍ରାରେ ସ୍ତୈଣ, ସେ କଥା କ୍ଷଣପ୍ରଭା ଭଲକରି ଜାଣନ୍ତି । ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ତାରା ଯଦି ମିଛ ତା' ହେଲେ ତୁମେ କହିପାର ଜ୍ୟୋତିଷ ଶାସ୍ତ୍ର ମିଛ । ସୀତାକାନ୍ତ ବାବୁ ଖାଲି, ବଲ ବଲ କରି କ୍ଷଣପ୍ରଭାଙ୍କ ମୁହଁକୁ ଚାହିଁଥାନ୍ତି । କିଛି ଯଦି କହନ୍ତି – ତା' ହେଲେ ସର୍ବନାଶ । ଯେତେ ମୁହଁରେ ଟାଣ ଦେଖାଇଲେ ମଧ୍ୟ – ଦେହି ପଦପଲ୍ଲବ ମୁଦାରମ୍ ନକଲେ, ତାଙ୍କର ରାତିଟା କଟେନି । ସୀତାକାନ୍ତ ବାବୁଙ୍କର କୋପ, କ୍ଷଣପ୍ରଭାଙ୍କର ଭୈରବୀ ମୂର୍ତ୍ତି ଆଗରେ, ଜୋକ ମୁହଁରେ ଲୁଣ ସଦୃଶ ହୋଇଗଲା ।

ନରମ ଗଳାରେ ସେ କ୍ଷଣପ୍ରଭାଙ୍କ ରାଗକୁ ଶାନ୍ତ କରିବାକୁ ଯାଇ କହିଲେ – ତୁମେ ମୋତେ ବୁଝିବାକୁ ଚେଷ୍ଟା କଲନି କ୍ଷଣପ୍ରଭା, ଏଇଟା ହିଁ ମୋର ଅବଶୋଷ ରହିଗଲା । ପ୍ରକୃତ ସତ କଥାଟା ମୁଁ କହୁଥିଲି ।

ସତ କହୁଥିଲ ନା ନିଆଁରଡ଼ କହୁଥିଲ । ରାତିଟା ପାହୁ ନ ପାହୁଣୁ, ତୁମର ସ୍ୱଭାବଟାକୁ ଆରମ୍ଭ କରିଦେଲ । ଯାଅ, କାଗଜଟା କିଣି ଆଣ ।

ସୀତାକାନ୍ତ ବାବୁ ଯିବାକୁ ଉଦ୍ୟତ ହେଲାବେଳେ – କ୍ଷଣପ୍ରଭା ମନେ ମନେ ହସୁଥାନ୍ତି । କ୍ଷଣପ୍ରଭାଙ୍କୁ ସନ୍ତୁଷ୍ଟ କରିବାକୁ ଯାଇ, ସେ ପାଖକୁ ଆସି ପଚାରିଲେ – ଖାଲି କାଗଜ ନା ଆଉ କ'ଣ ଆଣିବି ? କ୍ଷଣପ୍ରଭାଙ୍କର ଭୈରବୀମୂର୍ତ୍ତି ସୀତାକାନ୍ତ ବାବୁଙ୍କ କଥାରେ ସୌମ୍ୟମୂର୍ତ୍ତି ଧାରଣ କଲା । ସେ ପାଖକୁ ଆସି କହିଲେ – ୫ଟା

Digitized by srujanika@gmail.com

ଟଙ୍କାର ତାମ୍ପଡ଼ା ଶୁଖୁଆ ଆଣିବ । ଏ କଥା ଶୁଣି ସୀତାକାନ୍ତ ବାବୁଙ୍କ ପିତ୍ତଘରେ ରାଗଟା ଚଢ଼ିଗଲା ।

କି ଅଲକ୍ଷଣୀ ମାଇକିନିଆ ତୁମେ ହେ । ଶନିବାରଟାରେ ତାମ୍ପଡ଼ା ଶୁଖୁଆ ଗିଳିବ । କ୍ଷଣପ୍ରଭା କିଛି କହିବା ପୂର୍ବରୁ ଲଟେରୀ ବିକିବା ପିଲାଟା ଆସି କହିଲା, ମା' ଲଟେରୀ ଫୁଟିଛି — ଆନନ୍ଦରେ କ୍ଷଣପ୍ରଭା କହିଲେ ଶୁଣିଲ, ମାସିକ ରାଶିଫଳ ବହିଟେ ନେଇ ଆସିବ ।

'କେତେ ଟଙ୍କାରେ ପୁଅ' — ଅତିଶୟ ଆଗ୍ରହ ପ୍ରକାଶ କରି କ୍ଷଣପ୍ରଭା ଦେବୀ ପଚାରିଲେ ।

ପାଞ୍ଚଟଙ୍କା ମା' — ଲଟେରୀ ଟୋକଟା ମୁହ୍‌କୁନ୍ଦି ହସଟାଏ ହସି ଉତ୍ତର ଦେଲା । ହଉ, ଫୁଟିଲା ତ ? ରାଶିଫଳ କ'ଣ ମିଛ ଲେଖିଥିଲା । ଆଉ ଦୁଇଟା ଧନଲକ୍ଷ୍ମୀ ଲଟେରୀ ଟିକଟ ଦେ ତ ପୁଅ — କ୍ଷଣପ୍ରଭା ଲଟେରୀ ଟୋକା ଉଦ୍ଦେଶ୍ୟରେ କହିଲେ । କିଏ କହିବ — ଆସନ୍ତା ଥର ପାଞ୍ଚଟା, ପାଞ୍ଚ ଲକ୍ଷ କାହିଁକି ନ ହେବ ? ସୀତାକାନ୍ତ ବାବୁ ଏ ଧରଣର କଥୋପକଥନରେ ଧୈର୍ଯ୍ୟହରା ହୋଇପଡୁଥିଲେ । କିଛି ନ କହି ସେ ଯେତେବେଳେ ବାହାରକୁ ବାହାରି ପଡ଼ିଲେ, କ୍ଷଣପ୍ରଭା ଦେବୀ ତାଙ୍କ କାନ୍ଧ ଚାଦରଟା ଟାଣି ଧରି ରଡ଼ି ପକାଇଲେ — ମୁଁ ସକାଳେ ଦେଇଥିବା ସେ ୨ଟା ଟଙ୍କା ଦେଲ । ଲଟେରୀ ଟୋକାକୁ ଦେବି । ସୀତାକାନ୍ତ ବାବୁ ଗର୍ଜନ ଛାଡ଼ି କହିଲେ — ଲଟେରୀ କିଣିବାକୁ ଫଟା କଉଡ଼ି ଦେବିନି । ରାଗ ଗରଗର ହୋଇ ପାଦ ବଢ଼ାଇବାବେଳେ ଝୁଣ୍ଟିପଡ଼ି ଏମିତି ଗୋଟାଏ କଚଡ଼ା ଖାଇଲେ, କ୍ଷଣପ୍ରଭାଙ୍କର ମନରେ ବିକଳ ଟିକିଏ ହେଲାନି । ଓଲଟି ଲଟେରୀ ଟୋକାଟା ସାଙ୍ଗରେ ତାଳ ମିଶାଇ ଖେଁ, ଖେଁ କରି ହସି ଉଠିଲେ । 'ପାଗଳ, ଫଳ ପାଇଲ' ବ୍ୟଙ୍ଗୋକ୍ତି କରି, ଲଟେରୀ ଟୋକାକୁ କହିଲେ ଥା' ମୁଁ ପଇସା ନେଇ ଆସୁଛି ।

* * *

Digitized by srujanika@gmail.com

ପୁରସ୍କାର

ଭାତ ବାଢୁ ବାଢୁ ସ୍ତ୍ରୀ ମୋର ହଠାତ୍ ଗୋଟାଏ ପ୍ରଶ୍ନ ଉତ୍‌ଥାପନ କରି ବସିଲେ – 'କଥାଟିଏ ପଚାରିବି; ଠିକ୍ ଠିକ୍ ଉତ୍ତର ଦେବନା ।'' ଏ କଥା ଶୁଣି ହାଲକ ମୋର ଶୁଖିଗଲା । କାରଣ ଖାଇବା ସମୟରେ ସେ ଏଣୁ ତେଣୁ ଆଜେ ବାଜେ ପ୍ରଶ୍ନଗୁଡ଼ାଏ ପଚାରି ପରିସ୍ଥିତିକୁ ଏମିତି ଜଟିଳ କରିଦିଅନ୍ତି – ଶେଷକୁ ଭାତଥାଳି ଫୋପାଡ଼ିବା ପର୍ଯ୍ୟନ୍ତ କଥା ଯାଏ । ତେଣୁ ତାଙ୍କର ପ୍ରଶ୍ନ – ମୋ ପାଇଁ ଅଦିନ ଝଡ଼ ସୃଷ୍ଟି କରିପାରେ, ଏହି ଭୟରେ ଚିତ୍କାର କଲି – ଯେତେ ପ୍ରଶ୍ନ ପଚାରିବାକୁ ଅଛି, କ'ଣ ଏଇ ଖାଇବା ସମୟରେ ? ପଛରେ ପଚାରିଲେ କ'ଣ ହବନି ?

ମୋର ଚିତ୍କାର ଶୁଣି ସ୍ତ୍ରୀ ଖୁବ୍ ଶଙ୍କିଗଲେ । କିଛି ନ କହି ପଙ୍ଖା କରିବାକୁ ଲାଗିଲେ । ଯାହାହେଉ ଖାଇବା ପର୍ବଟା ସୁରୁଖୁରୁରେ ଚାଲିଲା । ପାଣି ପିଇବାବେଳକୁ, ଆଉ ସମ୍ଭାଳି ନ ପାରି ଅଭିମାନଭରା କଣ୍ଠରେ କହିଲେ – କିଛି ନ ଶୁଣି, ନ ବୁଝି ତୁମେ ଖାଲି ରାଗୁଛ । ଏଥିରେ ରାଗିବାର କ'ଣ ଅଛି । ଏଇ ପୁରସ୍କାର କଥା । ଆଜି ଖବର କାଗଜରେ ପଢ଼ିଲି, ତୁମ ସାଙ୍ଗ ଜଣେ, ଯେ ଆମ ଘରେ ବହୁତ ଥର ଖାଇଛନ୍ତି, ସେଇ ହରିବାବୁ ନଗଦ ହଜାରେ ଟଙ୍କା, ଶାଲ, ସାର୍ଟିଫିକେଟ୍ ସବୁ ପାଇଲେ ବୋଲି 'ଆଶା' ପତ୍ରିକାରେ ବାହାରିଛି । ଲେଖା ଲେଖି କରିବାକୁ ତୁମେ ମୋ ଆଗରେ ତାଙ୍କୁ କେତେ ଥର ନ କହିଛ । ତୁମ ଶିଷ୍ୟ ପୁରସ୍କାର ପାଇଲେ, ଅଥଚ ଗୁରୁଙ୍କୁ କେହି ପଚାରିଲେନି ।

କଥାଟା ରହିଲା, ପୁରସ୍କାର ପାଇଁ ଯେତେ ନୁହେଁ; ନଗଦ ହଜାରେ ଟଙ୍କା ଉପରେ । ପତ୍ରିକାରେ ଟଙ୍କାଟା ଲେଖା ହୋଇ ନଥିଲେ, ସ୍ତ୍ରୀ ମୋର ସେ ପୁରଷ୍କାର ଉପରେ ଗୁରୁତ୍ୱ ଦିଅନ୍ତେ ନାହିଁ । ଗମ୍ଭୀର ହୋଇ ମୁଁ ପଚାରିଲି – ଏବେ ତୁମେ କ'ଣ କହୁଚ ?

କୋଉଠି ଏ ପୁରସ୍କାର ସବୁ ମିଳୁଛି, କିଏ ୟା'କୁ ଦଉଚି, ତୁମେ ଟିକେ ଅନୁସନ୍ଧାନ କରନ୍ତନି । ଆଜିକାଲି ଧରାଧରି ନ କଲେ କ'ଣ ହଉଚି । କେତେ ଦିନର ତୁମେ ପୁରୁଣା ଲେଖକ । ଲେଖି ଲେଖି ବାଳ ପାଚିଲା । ତୁମକୁ କିଏ ହେଲେ ପଚାରିଲେନି । ତୁମେ ଭୁବନେଶ୍ୱର ବା କଟକରେ ରହିଥିଲେ, ଏତେବେଳକୁ ପୁରସ୍କାର ଗୁଡ଼ାକ ମାଳ ମାଳ ହୋଇ ତୁମ ବେକରେ ଝୁଲୁଥାନ୍ତା । ଗୋଟାଏ ନିଃଶ୍ୱାସରେ ସ୍ତ୍ରୀ ମୋର ତାଙ୍କ ବକ୍ତବ୍ୟ ଶେଷ କରିଦେଲେ ।

କି ସାନ୍ତ୍ୱନା ଯେ ଦେବି – କୂଳ କିନାରା ପାଇଲିନି । ୪୦ ବର୍ଷ ହେଲା ଲେଖୁଛି

Digitized by srujanika@gmail.com

ମୁଁ, ଅଥଚ କିଏ ହେଲେ ମୋତେ ପଚାରୁ ନାହାନ୍ତି । କାହାକୁ କହିବି । ପୁରସ୍କାରଟା କ'ଣ ଲେଖକର କୃତିତ୍ୱ ପାଇଁ ଏକମାତ୍ର ମାନଦଣ୍ଡ ? ଯେ ପୁରସ୍କାର ପାଉନି, ସେ କ'ଣ ଲେଖକ ପଦବାଚ୍ୟ ନୁହେଁ ?

କିଛି ସମୟ ନିରବତା ପରେ ସ୍ତ୍ରୀ ପୁଣି କହି ବସିଲେ – ଏ ଲୋକଗୁଡ଼ାକ ବଡ଼ ପାତର ଅନ୍ତରିଆ । ଖାଲି ମୁହଁ ଦେଖା କାରବାର । ଏମାନେ ତାଙ୍କ ଲୋକଙ୍କୁ ହିଁ ପୁରସ୍କାର ଦଉଥିବେ, ଅନ୍ୟମାନଙ୍କ କଥା ଚିନ୍ତାକୁ ଆଣିବେନି । ଏତିକି କହି ମନକୁ ସାନ୍ତ୍ୱନା ଦେଇ, ସେ ଅନ୍ୟ କାମରେ ବାହାରି ଗଲେ । ଯାହା ହେଉ, ରକ୍ଷା ମିଳିଗଲା ଭାବି ଆଶ୍ୱସ୍ତିର ନିଃଶ୍ୱାସଟିଏ ମାରିଲି ।

ତେବେ ଗୋଟିଏ କଥା ମନକୁ ଆସିଲା । ବଡ଼ ବଡ଼ ଲେଖକମାନେ – ଧରନ୍ତୁ କାଳିଦାସ, ଭବଭୂତି, ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟଙ୍କ ପର୍ଯ୍ୟନ୍ତ ଯେତେ କବିଥିଲେ ସେମାନେ କ'ଣ ଏଇପରି ଶସ୍ତା ପୁରସ୍କାର ପାଉଥିଲେ ? ସେତେବେଳର ରାଜ ଅନୁଗ୍ରହ, ସେମାନେ ନିଶ୍ଚୟ ପାଉଥିଲେ । ଗୁଣର ଆଦର ଥିଲା । କିନ୍ତୁ ଆଜି (?) ଗୁଣୀକୁ ପଚାରେ କିଏ । ଭାଗ୍ୟ ଆଉ ଯୁଗଧର୍ମ ଉପରେ ବାରମ୍ବାର ଦୋଷ ଦେବାକୁ ଲାଗିଲି । [illegible]ଙ୍କର ଧରାଧରି କରିବା କଥାଟା ମଧ୍ୟ ମନରୁ ପାସୋରି ହେଲାନି । ତେବେ କାହାକୁ ଧରିବାକୁ ହବ ? ମନ୍ତ୍ରୀ, ସେକ୍ରେଟାରୀ, ସାହିତ୍ୟ ଏକାଡ଼େମୀ ସଭାପତି, ସମ୍ପାଦକ ନା ତାଙ୍କର ବୋଲକରାମାନଙ୍କୁ । ମନଟା ଅଥୟ ହୋଇଉଠିଲା – ପୁରସ୍କାର ପାଇବାଟା ନିହାତି ଦରକାର । ବହୁଦିନର ଲେଖକ ମୁଁ, ତେଣୁ ପୁରସ୍କାରଟା ଯେପରି ମୋର ନିହାତି ପ୍ରାପ୍ୟ ।

ଭାଗ୍ୟକୁ ସେଦିନ କେତେ ଜଣ ବନ୍ଧୁ ବସିଥିବା ସମୟରେ, ଜଣେ ବନ୍ଧୁ ବ୍ୟଙ୍ଗୋକ୍ତି ଛଳରେ କହିଲେ – ହଇଓ ଭାଇ, ସବୁବେଳେ ତ ଖାଲି ଲେଖୁଛ, ପୁରସ୍କାରଟିଏ ତ ତୁମକୁ କିଏ ହେଲେ ଦଉନି ? ତାଙ୍କର କହିବା ଅର୍ଥ ଯେତିକି ମୁଁ ହୃଦ୍‌ବୋଧ କଲି, ମୋ ଲେଖାଗୁଡ଼ାକ ସେତେ ଭଲ ନୁହଁ ।

ହୋଇପାରେ । ତାଙ୍କୁ ଭଲ ହୋଇ ନପାରେ, ମୋତେ କିନ୍ତୁ ଭାରି ଭଲ । ଯେଝା ସ୍ୱାମୀ ତାକୁ କନ୍ଦର୍ପ ପରି । ମୋ ଲେଖାଗୁଡ଼ିକୁ, ମୁଁ ଲେଖିସାରି ପଢ଼ି ସାରିଲା ପରେ - କାହାକୁ ରମ୍ୟରଚନା, ତୀର୍ଯ୍ୟକଦୃଷ୍ଟି, ନିଅାଁଖୁଣ୍ଟା, ଚଡ଼ୁକାଠି ବୋଲି ନାମକରଣ କରିଥାଏ । ମୁଁ ମନେ ମନେ ଭାବେ, ମୁଁ ଜଣେ ବଡ଼ ଲେଖକ ।

ଏ ବଡ଼ ସାନ ତଉଲ କରିବା ଲୋକ, ଏ ଦେଶରେ ଖୁବ୍ ଅଭାବ । ଏ ଦେଶରେ ବିତ୍ତ ଖୁବ୍ ପ୍ରାଧାନ୍ୟ ବିସ୍ତାର କରେ । ଯାହା ପାଖରେ ଅର୍ଥ ଅଛି, ତା'ର ଖାତିରି ବେଶୀ । ଲେଖା ତା'ର ଭଲ ନ ହୋଇଥିଲେ ମଧ୍ୟ, ସେ ଜଣେ ଶ୍ରେଷ୍ଠ ଲେଖକ । ଏପରି ଅବସ୍ଥାରେ ମୋତେ ପଚାରୁଛି କିଏ ?

Digitized by srujanika@gmail.com

ଗୋଟାଏ ଅନୁଷ୍ଠାନର ପୁରସ୍କାର ଘୋଷିତ ତାଲିକାରେ, ଜଣେ ଲେଖକଙ୍କର ଲେଖାକୁ ସର୍ବଶ୍ରେଷ୍ଠ ଲେଖା ବୋଲି ଛାପି ଦିଆଗଲା । ମୋ ପାଖରେ ବସିଥିବା ୨/୪ ଜଣ ବନ୍ଧୁ ମୋତେ କାଗଜଟି ଦେଖାଇ ପଚାରିଲେ – ହଇଓ, ଏ କେବେ ଠାରୁ ଲେଖକ ହେଲେଣି ? ୟାଙ୍କୁ ପୁରସ୍କାର କ'ଣ ? ସେମାନଙ୍କର ଉଦ୍ଦେଶ୍ୟ ମୋତେ ଲକ୍ଷ୍ୟ କରିଥିଲା – ପୁରସ୍କାରଟା ତୁମେ ପାଇଥା'ନ୍ତ । ବନ୍ଧୁଜଣକ ମୋର ବହୁତ ତାରିଫ୍ କଲେ – ଆଉ ସାଙ୍ଗେ ସାଙ୍ଗେ ଆଜିର ଯୁଗର ନିନ୍ଦା କଲେ । ଏ ସବୁ ଶୁଣି ଶୁଣି ମୁଁ ବଡ଼ ବିବ୍ରତ ହୋଇପଡ଼ିଲି । ହଠାତ୍ ମନକୁ ଆସିଲା – କୌଣସି ନା କୌଣସି ସଂସ୍ଥାର ସଭାପତିଟିଏ ହୋଇଯିବା ଦରକାର । କାହିଁକି ନା – ଗୋଟିଏ ସାହିତ୍ୟ ସଂସ୍ଥାର ସଭାପତି ବିନା ଦ୍ୱିଧାରେ, କୌଣସି ଲଜ୍ଜା, ସଙ୍କୋଚକୁ ଭ୍ରୂକ୍ଷେପ ନ କରି ତାଙ୍କର ସଂସ୍ଥା ଦ୍ୱାରା ବିପୁଳ ସମ୍ବର୍ଦ୍ଧନା ପାଇଲେ । ତା' ସାଙ୍ଗେ ସାଙ୍ଗେ ମାନପତ୍ର, ଉପଢୌକନ, ନଗଦ ୫ ହଜାର ପୁରସ୍କାର ପାଇଲେ । ତେଣୁ କୌଣସି ସଂସ୍ଥାର ମୁଖ୍ୟ ନ ହେଲେ, କେହି କାହାକୁ ପଚାରିବେନି । ଏଥିପାଇଁ ବହୁତ ଚିନ୍ତା କରି, ଗୋଟିଏ ସାହିତ୍ୟ ସଂସ୍ଥାର ସଭ୍ୟ ହେଲି । ପ୍ରତି ଆସରରେ ଯୋଗ ଦେଇ କବିତା, ପ୍ରବନ୍ଧ, ଗଳ୍ପ ପାଠ କଲି । ବେଳେବେଳେ ଟୋକାମାନଙ୍କୁ ଜଳଖିଆରେ ଆପ୍ୟାୟିତ କଲି, ମନରେ ଦୃଢ଼ ଆଶା ରଖି ଆସନ୍ତା ବର୍ଷ ନିର୍ବାଚନରେ ସଭାପତି ଆସନଟା ପାଇଗଲେ, ପୁରସ୍କାର ପାଇବାରେ କୌଣସି ପ୍ରତିବନ୍ଧକ ରହିବନି । ଥରେ ପୁରସ୍କାର ପାଇବା କଥା ସମ୍ବାଦପତ୍ରରେ ଘୋଷଣା ହୋଇଗଲେ ପ୍ରଦେଶ, କେନ୍ଦ୍ରବାଲାଏ ମୋତେ ସାଙ୍ଗେ ସାଙ୍ଗେ ପୁରସ୍କାର ଦେଇ ଦେବେ । ସେଥିପାଇଁ ସମସ୍ତଙ୍କର ମନଧରି ଚଳିଲି ।

ଯେଉଁ ଦିନ ସାଧାରଣ ବୈଠକରେ କର୍ମକର୍ତ୍ତା ନିର୍ବାଚନ ହବା କଥା, ମୋର ପ୍ରସ୍ତାବକ ଓ ସମର୍ଥକଙ୍କୁ କିଏ ନ ଦେଖିଲା ପରି ଆଖିଟିଏ ମାରି ଦେଲି । କିନ୍ତୁ ଆଶ୍ଚର୍ଯ୍ୟର କଥା – ସଭାପତି ଠିଆ ହୋଇ ଆସନ୍ତା ବର୍ଷର କର୍ମକର୍ତ୍ତାଙ୍କର ନାମ ତାଲିକା ଘୋଷଣା କରିଦେଲେ । ବିପୁଳ କରତାଳିରେ ସଭ୍ୟମାନେ ସମର୍ଥନ ଜଣାଇ ଦେଲେ । ସଭା ସାଙ୍ଗ ହେଲା କହି ସଭାପତି ତାଙ୍କ ନେଲିଆ ଆମ୍ବାସଡ଼ର ଗାଡ଼ିରେ କିଛି ନ କହି ଚାଲିଗଲେ । କିଛିକ୍ଷଣ ସମସ୍ତଙ୍କ ମୁହଁକୁ ମୁଁ ଚାହିଁଲି । ମୋର, ସମର୍ଥକମାନେ ମୋତେ ନ ଦେଖିଲା ପରି ଉଠି ଚାଲିଗଲେ । ଆଉ ବିରୋଧୀଙ୍କର ଟାହି ଟାପରା କଥା ନ ଲେଖିବା ଭଲ । ମୁହଁ ମୋର ରାଗ ଓ ଲାଜରେ ରଙ୍ଗ ପଡ଼ିଗଲା । ତେବେ ଏତିକି ଆନନ୍ଦ ଲାଗିଲା – ମୋର ୨ ଜଣ ଦୃଢ଼ ସମର୍ଥକ, କର୍ମକର୍ତ୍ତା ତାଲିକାରୁ ବାଦ୍ ପଡ଼ିଗଲେ । କଥା ହେଲା କ'ଣ କି – ଦିନକ ଆଗରୁ ମୋର ସମର୍ଥକମାନଙ୍କୁ କେନ୍ଦୁଝରରେ ମୋ ଘରଠାରେ ଛୋଟିଆ ଗୋଟିଏ ଭୋଜିର ଆୟୋଜନ କରିଥିଲି । ଏ ଭୋଜି ପାଇଁ ମୋ ସ୍ତ୍ରୀ ସବୁଠାରୁ ବେଶି ପରିଶ୍ରମ କରିଥିଲେ । ନିଜେ ଆଗନ୍ତୁକମାନଙ୍କୁ ପରଶି, ତାଙ୍କୁ ପେଟପୁରା ଖୁଆଇ, ସେମାନଙ୍କର ମନକୁ କିଣୁ ଥିଲେ । ମୋର ପ୍ରସ୍ତାବକ ସମର୍ଥକ ଠିକ୍ ରହିଥିଲେ । ଠାକୁରାଣୀଙ୍କ ହଲପ ଦିଆ

Digitized by srujanika@gmail.com

ହୋଇ, ସବୁ ବିଷୟ ଗୋପନ ରଖିବାକୁ ନିୟମ ହୋଇଥିଲା । ଅସଲ କଥାଟା ଘରକୁ ଫେରିବା ବାଟରେ ମୋର ସମର୍ଥକ ୨ ଜଣ ଖୋଲି କହିଦେଲେ । ମୋର ପ୍ରସ୍ତାବକ, ସମର୍ଥକମାନେ ସଭାପତିଙ୍କୁ ଭେଟି ଆମର ସବୁ ଗୋପନୀୟ ତଥ୍ୟକୁ ପ୍ରକାଶ କରିଦେଲେ । ସେଥିପାଇଁ ବେଶ୍ ଦୁଇ ପଇସା ବି ପାଇଲେ । ସଭାପତି ତାଙ୍କ ଆମ୍ବାସଡ଼ର୍ କାରରେ ସମସ୍ତଙ୍କୁ ଡକାଇ ସେଦିନ ରାତିରେ ଯେଉଁ ଖାନା ପିନାର ବନ୍ଦୋବସ୍ତ କଲେ, ସଭ୍ୟମାନେ ତ ଚାଲିପାରିଲେ ନାହିଁ, ଲେମ୍ଭ ଚାପି ଚାପି ଲଙ୍ଗଳା ମୁକୁଳା ହୋଇ ଶେଷରେ ଘରେ ଆସି ପହଞ୍ଚିଲେ ।

ନିର୍ବାଚନର ସପକ୍ଷ ପବନଟା ତା’ ଆର ଦିନ ମୋ ବିପକ୍ଷରେ ବହିଲା । ବିଭଶାଳୀ ଲୋକଙ୍କ ସହିତ ଲଢ଼ିବା ଗୋଟେ ଅଭିଶାପ ମନେ କଲି । ଘରେ ଆସି ପହଞ୍ଚିଲାବେଳକୁ ଘରଣୀ କୁଆଡ଼େ ଥିଲେ, ଗୋଟାଏ ଲମ୍ଫରେ ମୋ ପାଖରେ ପହଞ୍ଚି — ପଚାରିଲେ କ’ଣ ଆମର ଛିଡାପଟ ନା ?

ଛତାବାଡ଼ି ଦି’ଟା ଯାକ ତାଙ୍କ ଉପରକୁ ଫୋପାଡ଼ି ଦେଇ, ବିରକ୍ତିରେ ତୁମ ମୁଣ୍ଡ ଗଣ୍ଡି କହି, ମୋ ଗମ୍ଭୀରା ଭିତରକୁ ପଶିଯାଇ କବାଟଟା ଭିତରୁ କଳିଦେଲି ।

ନିର୍ବାଚନ ସମୟ କଥାଗୁଡ଼ାକ ମୋ ମୁଣ୍ଡ ଉପରେ ଶକ୍ତ ଆଘାତ ମାରୁଥିଲେ ।

ପୁରସ୍କାର ପାଇବା ଆଶା ଖାଲି ଆଶାରେ ହିଁ ରହିଗଲା ।

* * *

Digitized by srujanika@gmail.com

ଜୟନ୍ତୀ ଉତ୍ସବ

ଶ୍ୟାମସୁନ୍ଦର ବାବୁ ନିଜର ଜନ୍ମଦିନ ମନେଇବା ପାଇଁ ବଡ଼ ଆଗ୍ରହୀ ହୋଇପଡ଼ିଲେ । ଜନ୍ମଦିନ ମନେଇବ କିଏ ? ସାଧାରଣତଃ ବିଶିଷ୍ଟ ଲୋକମାନଙ୍କର, ଯେଉଁମାନଙ୍କର କୌଣସି କ୍ଷେତ୍ରରେ କିଛି ନା କିଛି ସୁନାମ ଥାଏ, ସମାଜ, ଦେଶ ଜାତି ଯାହାଙ୍କର ସେବା, ତ୍ୟାଗକୁ ସ୍ମରଣ କରିବା ପାଇଁ କିଛିଟା ଖୋରାକ୍ ପାଇଥାଏ, ସେମାନଙ୍କର ଜନ୍ମଉତ୍ସବ ଲୋକେ ମନାନ୍ତି । ଯେଉଁମାନେ ସଚ୍ଚୋଟ, ସାହିତ୍ୟସେବୀ, ଦେଶସେବୀ, ପରକୁ ଅନୁସରଣ, ଅନୁକରଣ କରନ୍ତି ନାହିଁ, କାହାର ଅମଙ୍ଗଳ ପାଞ୍ଚନ୍ତି ନାହିଁ, ଦଲାଲ୍ ସାଜନ୍ତି ନାହିଁ, ଚାଟୁବାକ୍ୟ କହନ୍ତି ନାହିଁ, ସେମାନେ ସାଧାରଣତଃ ଗରିବ ଶ୍ରେଣୀଭୁକ୍ତ । ସତ୍ୟ, ନ୍ୟାୟରେ ଚାଲିଲେ ଖାଇବାକୁ ମିଳେ ନା – ଏ ହେଲା ଯୁଗଧର୍ମ । ତେଣୁ ଏପରି କ୍ଷେତ୍ରରେ, ଏହି ଶ୍ରେଣୀର ସମାଜ ସ୍ୱୀକୃତ ବ୍ୟକ୍ତିମାନଙ୍କ ପାଇଁ ଚାନ୍ଦା, ଭେଦାର ଯୋଗାଡ଼ ହୁଏ । ଲୋକେ ସ୍ୱତଃପ୍ରବୃତ୍ତ ହୋଇ ସେମାନଙ୍କର ଜନ୍ମଉତ୍ସବ ଆଡ଼ମ୍ବରରେ ପାଳନ କରିଥାନ୍ତି । କିନ୍ତୁ ଶ୍ୟାମବାବୁଙ୍କ କ୍ଷେତ୍ରରେ କଥାଟା ଅଲଗା । ଶ୍ୟାମବାବୁଙ୍କର ସମାଜ ପ୍ରତି ନା ଅଛି କିଛି ଅବଦାନ, ନା ଦେଶ ପାଇଁ କିଛି ତ୍ୟାଗ ।

କଥା କ'ଣ କି – ଏହା ଭିତରେ ଜଣେ, ଦୁଇଜଣଙ୍କର ଜୟନ୍ତୀଉତ୍ସବ ହୋଇସାରିଛି । ଶ୍ୟାମବାବୁ ଚିନ୍ତା କଲେ – ଏହିମାନଙ୍କର ସମାଜ ପ୍ରତି ଅବଦାନ କ'ଣ ? ଶ୍ୟାମବାବୁ କଥାଟାକୁ ଗଭୀର ଭାବରେ ଅନୁଧ୍ୟାନ କଲେ । ସେମାନଙ୍କର ଭିତରୁ ଜଣେ ସ୍ୱାଧୀନତା ସଂଗ୍ରାମୀ । ସ୍ୱାଧୀନତା ପୂର୍ବରୁ ଯେଉଁମାନେ କଂଗ୍ରେସ ଆନ୍ଦୋଳନରେ ଯୋଗ ଦେଇଥିଲେ ବା ପୁଲିସ୍ ଠାରୁ ଆନ୍ଦୋଳନ ପାଇଁ କିଛିଟା ନିର୍ଯ୍ୟାତନା ପାଇଥିଲେ, ସେମାନେ ସବୁ ମହାନ୍ ଦେଶପ୍ରେମୀ । ସେମାନଙ୍କୁ ବହୁତ ସୁବିଧା ମିଳୁଛି । ପେନ୍‌ସନ୍, ରେଳଗାଡ଼ାରେ ରିହାତି ପ୍ରଭୃତି ଆହୁରି ଅନେକ କିଛି । ସେମାନେ ଯାହା କହୁଛନ୍ତି – ତାକୁ ଜଣେ ମେସିହା (ସ୍ୱର୍ଗଦୂତ) ପରି ଆଜିକାଲିର ଟୋକାଗୁଡ଼ାକ ଗ୍ରହଣ କରି ନେଉଛନ୍ତି । କାରଣ, ସେମାନେ କେବେ ସ୍ୱାଧୀନତା ଆନ୍ଦୋଳନ ଦେଖି ନାହାନ୍ତି । ଯାହା ଖାଲି ଯାଠୁଁ ତାଠୁଁ ଶୁଣିଛନ୍ତି । ଖଦଡ଼ ପିନ୍ଧୁଛନ୍ତି, କିନ୍ତୁ ସୂତାକାଟି ଜାଣିନାହାନ୍ତି । କଂଗ୍ରେସର କୁଜିନେତା ସାଜିଛନ୍ତି । ପ୍ରକୃତ ସଚ୍ଚୋଟ ସ୍ୱାଧୀନତା ସଂଗ୍ରାମୀ, ଆଜିକାଲି ଦେଖିବାକୁ ବିରଳ । ସେମାନଙ୍କ ଭିତରୁ ଅଧିକାଂଶ ସ୍ୱର୍ଗବାସୀ । ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଶୁଣାଇବାକୁ କିଏ ଅଛି ? ଯେ ଯାହା କହିଲା - ମିଛକୁ ସତ କରି, ତିଳକୁ ତାଳ କରି, ଏଗୁଡ଼ାକ ଏମାନେ ଆଈମା' କାହାଣୀ ପରି ମନ, କାନ ଦେଇ ଶୁଣିଲେ । ସାତତାଳ ପାଣି ଭିତରେ ସିନ୍ଦୁକ, ସିନ୍ଦୁକ ଭିତରେ ସୁନାଫରୁଆ, ସୁନାଫରୁଆ ଭିତରେ ବୁଢ଼ୀ ଅସୁରୁଣୀର ଜୀବନ ନାଟିକା ରହିବାପରି,

Digitized by srujanika@gmail.com

ସେମାନେ ଯେଉଁ ସବୁ କଥାଗୁଡ଼ାକ କହନ୍ତି, ତାହା କେତେ ସତ, କେତେ ମିଛ, ତାହା ସେହିମାନଙ୍କୁ ଜଣା ।

ଶ୍ୟାମସୁନ୍ଦର ବାବୁ ଚିନ୍ତା କଲେ ଅମୁକ ସ୍ୱାଧୀନତା ସଂଗ୍ରାମୀ ତ ଭୁଲ୍‌ରେ ଜେଲ୍ ଯାଇ ନାହାନ୍ତି, ତାଙ୍କ ବିରୁଦ୍ଧରେ ସମ୍ବାଦପତ୍ରରେ ବହୁ ଆକ୍ଷେପ କରାଯାଇଛି, ତଥାପି ସେ ସ୍ୱାଧୀନତା ସଂଗ୍ରାମୀ ବୋଲାଉଛନ୍ତି ଓ ଲୋକେ ବି ତାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି । ଏ ଲୋକଗୁଡ଼ାକ ସତରେ କେଡ଼େ ବୋକା, ସେ କଥା ଭାବି ଶ୍ୟାମସୁନ୍ଦର ବାବୁ ମନେ ମନେ ବହେ ହସିଲେ । ସେ ସ୍ଥିର କରି ନେଲେ, ଏହାଙ୍କର ଯେତେବେଳେ ଜନ୍ମଉତ୍ସବ ପାଳନ କରାଗଲା, ମୋର ହବନି କାହିଁକି ? ଦେଖିବି, କିମିତି ହବନି । ଅଲବତ୍ ହବ । ଯେ, ବିରୋଧ କରିବ, ତା' ଜିଭ ଓପାଡ଼ି ଆଣିବି । ତେବେ ସେ ଯାହା ହେଉ ନା କାହିଁକି – ଏଥିପାଇଁ ସୂତ୍ରଧର ଆବଶ୍ୟକ । ଶ୍ୟାମସୁନ୍ଦର ବାବୁ ସେପରି ଜଣେ ଦୁଇଜଣଙ୍କ କଥା ଚିନ୍ତା କରି, ସେମାନଙ୍କ ପାଖକୁ ଖବର ପଠାଇଲେ । ସେମାନଙ୍କୁ ଭେଟି ତାଙ୍କର ମନକଥା କହିଲେ । ସେ ଲୋକମାନେ ଶ୍ୟାମବାବୁଙ୍କୁ ଭଲ ଭାବରେ ଜାଣନ୍ତି । ମନେ, ମନେ ସେମାନେ ପାଟିରୁ ଲାଳ ଗଡ଼ାଇ ବସିଲେ ଯାହା ହେଉ, ବୁଢ଼ା ଏତେ ଦିନକେ ଯନ୍ତାରେ ପଡ଼ିଲା । ଗୋଟାଏ ଲମ୍ବା ତାଲିକା ଶ୍ୟାମବାବୁଙ୍କ ଆଗରେ ଥୋଇ ଦିଆଗଲା ।

ଦୁଇଶହ ଭଦ୍ରବ୍ୟକ୍ତିଙ୍କ ପାଇଁ ଭୁରି ଭୋଜନ । ଜଣକ ପିଛା ୨୫ ଟଙ୍କା ହିସାବରେ ହେଲେ, ଜମାକୁ ୫ ହଜାର ଟଙ୍କା ଅନ୍ନଧ୍ୱଂସରେ ଖର୍ଚ୍ଚ ହେବ । ସେଥିରେ ଆମିଷ ଓ ନିରାମିଷ ଦୁଇପ୍ରକାର ବ୍ୟୟ ବରାଦ । ଆମିଷାଶୀଙ୍କ ପାଇଁ ଚିକେନ୍, ମଟନ୍, ବିରିଆନି, ଆଉ ୩ ପ୍ରକାର ସୁମିଷ୍ଟ ବ୍ୟଞ୍ଜନ ଓ ପୁଡ଼ିଂ । ଆଉ ଶାକାହାରୀଙ୍କ ପାଇଁ ୧୦ ପ୍ରକାର ବ୍ୟଞ୍ଜନ, ମିଠା, ପାୟସ୍, ପଲାଉର ବନ୍ଦୋବସ୍ତ ହୋଇଅଛି । ଶ୍ୟାମସୁନ୍ଦର ବାବୁ ହସି ଉଠିଲେ । ଏଗୁଡ଼ାକ ଭାବିଛନ୍ତି, ମୋତେ ତଳିତଲାନ୍ତ କରିଦେବେ । ସେ ଶାକାହାରୀ । ଗୀତାର ଉପାସକ । ଭଗବାନ ନିଜେ ସାତ୍ତ୍ୱିକ ଆହାରର ବରାଦ କରିଥିଲାବେଳେ, ଏ ରାକ୍ଷସଗୁଡ଼ାକ ତାମସିକ ଖାଦ୍ୟ ପ୍ରତି ଦୃଷ୍ଟି ବଳାଇଛନ୍ତି । ମୁଁ ବଞ୍ଚି ଥାଉ ଥାଉ କସ୍ମିନ୍‌କାଳେ ଏ ଧରଣର ଖାଦ୍ୟ ଖୁଆଇ ଦେବି ନାହିଁ । ଆୟୋଜକମାନଙ୍କ ତାଲିକାକୁ ବାଦ୍ ଦେଇ ସେ ଗୋଟିଏ ହିସାବ କଲେ । - ସବୁ ଅନ୍ନ, ଘୃତ, ଡାଲି, ୨ଟି ବ୍ୟଞ୍ଜନ, ଦହି ଓ ଯଦି ସୁବିଧା ହୁଏ ଦୁଇଟ ଲେଖାଏଁ ପାମ୍ପଡ଼ । ଏଥିରେ ଅତି ବେଶିରେ ଖଚ ହେବ ୭ ଶହ ଟଙ୍କା । ଆଉ ଗୋଟିଏ ଆଇଟମ୍ ଅଛି ଆମୋଦପ୍ରମୋଦ । ଆୟୋଜକଙ୍କ ଯୋଜନାରେ ଏହା ବାଇଜୀ ନୃତ୍ୟ । ବ୍ୟୟ ବରାଦ ୪ ହଜାର ଟଙ୍କା । ଆରେ ରାମ ରାମ ରାମ ! ଏଗୁଡ଼ାକ ଏ ବୁଢ଼ା ବଅସରେ ମୋତେ ବଦନାମ୍ କରିବାକୁ ଭୁଲି ନାହାନ୍ତି । ଲୋକଗୁଡ଼ାକର ଚିନ୍ତାଧାରାକୁ ନିନ୍ଦା କରିବା ସଙ୍ଗେ ସଙ୍ଗେ ସେ ମନେ ମନେ ସ୍ଥିର କଲେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନର

Digitized by srujanika@gmail.com

ଆୟୋଜନ କରିବାକୁ । କଳିଯୁଗ ନାମ ଜପନ, ମୁକ୍ତି ପାଇଁ ଏକମାତ୍ର ପନ୍ଥା । ତେଣୁ ତାଙ୍କ ନିର୍ମିତ ଦେଉଳ ଆଗରେ ସେ ଅଷ୍ଟପ୍ରହରୀ କୀର୍ତ୍ତନ କରାଇବେ । ଗାୟକ, ବାୟକ ମାତ୍ର ୨୦ ଜଣ । ୧୦ ଟଙ୍କା ଜଣକୁ ପାରିଶ୍ରମିକ ଭାବରେ ଖର୍ଚ୍ଚ କଲେ ମାତ୍ର ୨ ଶହ ଟଙ୍କା । ଡାକବାଜି ଯନ୍ତ୍ରଟାଏ ଲଗାଇଦେଲେ ଆଖପାଖ ଲୋକେ ଶୁଣି ତରିଯିବେ । ଏହାଠାରୁ ଆଉ ପୁଣ୍ୟ କିଛି ନାହିଁ । କୀର୍ତ୍ତନବାଲାଙ୍କର ଖାଦ୍ୟ ବଗଡ଼ା ଚାଉଳ ଭାତ, ଡାଲମା ଓ ଜଳଖିଆ ଉପମା ବନାଇ ଦେଲେ ଅତି ବେଶୀ ହେଲେ ୨ ଶହ ଟଙ୍କା । ହାରମନି, ଖୋଳ, କରତାଳ, ଗିନି, ବଂଶୀର ମଧୁର ଧ୍ୱନି, ତା' ସାଙ୍ଗକୁ କ'ଣ ବାଇଜି ନାଚ ଆସିବ ? ସଭା ପରେ ଖାଦ୍ୟ ପରିବେଷଣ । ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଷ୍ଟପ୍ରହରୀ ନାମ ସଂକୀର୍ତ୍ତନ । ଏ ଆୟୋଜକମାନଙ୍କୁ ପାନେ ଖୋଇବା ଉଦ୍ଦେଶ୍ୟରେ, ସେ ତାଙ୍କର ଗୋଟାଏ ବଜେଟ୍ ପ୍ରସ୍ତୁତ କଲେ ।

ପ୍ରଥମେ ପ୍ରଥମେ ଶ୍ୟାମସୁନ୍ଦର ବାବୁ ଏ ଆୟୋଜକମାନଙ୍କ ପାଇଁ ଜଳଖିଆ, ନବାତପଣାରେ ଅତିଥି ସତ୍କାର କରୁଥିଲେ । ଜଳଖିଆ ଲୋଭରେ ୨/୩ ଜଣ ବଦଳରେ ଏ ସଂଖ୍ୟା ଯେତେବେଳେ ୧୦ ଜଣକୁ ଧାପ ଦେଲା, ଶ୍ୟାମସୁନ୍ଦର ବାବୁ ଭାବିଲେ, ଏବେ ତୁମମାନଙ୍କ ପାନେ ଦେବି । କ'ଣ ବୋପା ଧନ ଥୁଆ ହୋଇଛି ଯେ, ଗେଫି ଚାଲିଥିବ । ଶ୍ୟାମସୁନ୍ଦର ବାବୁ ପ୍ରଥମେ ଅତି ନମ୍ର ହୋଇ ହାତଯୋଡ଼ି କହୁଥିଲେ ଆପଣମାନେ ଆସୁଥାନ୍ତୁ ଏଇପରି ଖାଇ ଯାଉଥାନ୍ତୁ । କିନ୍ତୁ ଦେଖାଗଲା କିଛିଦିନ ପରେ ଶ୍ୟାମବାବୁ ଆୟୋଜକମାନଙ୍କୁ ଜଳଯୋଗ ପରିବର୍ତ୍ତେ, ଖାଲି ଗ୍ଲାସେ ଲେଖାଏଁ ଥଣ୍ଡା ପାଣିରେ ଆପ୍ୟାୟିତ କରିବାକୁ ଲାଗିଲେ । ତା' ଫଳରେ ଦେଖାଗଲା ଆୟୋଜକଙ୍କ ସଂଖ୍ୟା ପୂନର୍ବାର ୨/୩ କୁ କମିଆସିଲା । ପୁଣି ଏହି ୨/୩ ଜଣ ଆୟୋଜକଙ୍କୁ ଦେଖିବା କ୍ଷଣି ସେ ଏମିତି ମୁଖ ବିକୃତ କଲେ ଯେ, ସେ ୨/୩ ଜଣ ମଧ ଆସିବା ଛାଡ଼ି ଦେଲେ । ଶ୍ୟାମସୁନ୍ଦର ବାବୁ ଆସ୍ୱସ୍ତିର ନିଃଶ୍ୱାସ ମାରିଲେ ।

ଶ୍ୟାମସୁନ୍ଦର ବାବୁଙ୍କର ମସ୍ତକକୁ ଆଶୁ ବୁଦ୍ଧି ହଠାତ୍ ପ୍ରବେଶ କଲା । ସେ ଭାବିଲେ ଏ ହେଲା ପ୍ରଚାରର ଯୁଗ । ବିନା ପ୍ରଚାରରେ ଲକ୍ଷେ ଟଙ୍କା ଖର୍ଚ୍ଚ କଲେ ମଧ ତାହା ମୂଲ୍ୟହୀନ । ତେଣୁ ପ୍ରଚାର ମାଧମଟାକୁ ଯଦି ସନ୍ତୁଷ୍ଟ କରି ଦିଆଯାଏ, ତେବେ ତାଙ୍କର ଲକ୍ଷ୍ୟ ସାଧିତ ହୋଇଯିବ । ପନ୍ଦର ଶହ ଟଙ୍କାରେ କାମ ଶେଷ । ଏ ଅପଦାର୍ଥ ଗୁଡ଼ାକ କିଛି ମୋଟା ଅର୍ଥ ମାରି ନେବା ଉଦ୍ଦେଶ୍ୟରେ ୧୫୦୦ ଜାଗାରେ ୦ ଟାଏ ଅଧିକା ବସାଇ ୧୫, ୦୦୦ କରିପକାଇଛନ୍ତି । ତେଣୁ ନିରାଡ଼ମ୍ବର ଭାବରେ, ସମ୍ବାଦପତ୍ର ବାଲାଙ୍କୁ ଧରି ଯଦି କିଛି ଖାନାପିନା ଦିଆଯାଏ, ତାଙ୍କର ଉଦ୍ଦେଶ୍ୟ ସାଧିତ ହୋଇଯିବ । ସଭା ସମିତିରେ ୫/୨୫ ଜମା ହୋଇଥିଲେ ମଧ ୧୦ ହଜାର ବୋଲି ଲେଖା ହେଉଛି । କିଏ ଦେଖୁଛି କିଏ ହିସାବ କରୁଛି ? ଏଇଟା ହେଲା ପ୍ରକୃତ ଉପାୟ ।

ଶ୍ୟାମ ସୁନ୍ଦର ବାବୁ କାହାକୁ କିଛି କହିଲେନି । ତାଙ୍କର ସାଙ୍ଗସାଥି ଅନ୍ତରଙ୍ଗ

Digitized by srujanika@gmail.com

ପ୍ରେସ୍‌ବାଲାଙ୍କୁ ଧରି ଲୋକ ୫୦ଟା ଭିତରେ ସବୁ କାମ ସାରିଦେଲେ । ଦିନେ ସକାଳୁ ସମ୍ବାଦପତ୍ରରେ ପ୍ରଥମ ପୃଷ୍ଠା ମଣ୍ଡନ କରି ବଡ଼ ବଡ଼ ଅକ୍ଷରରେ ବାହାରିଲା –

"ବିଶିଷ୍ଟ ସମାଜସେବୀ ଦାନବୀର, ଦେଶପ୍ରାଣ ଶ୍ୟାମବାବୁ ଓରଫ୍ ଶ୍ୟାମସୁନ୍ଦର ମହାପାତ୍ରଙ୍କର ଜନ୍ମ ଉତ୍ସବରେ ଶହ ଶହ ବିଶିଷ୍ଟ ବ୍ୟକ୍ତିଙ୍କର ଯୋଗଦାନ । ସକାଳେ ବିଭିନ୍ନ ଅନୁଷ୍ଠାନ ତରଫରୁ ପୁଷ୍ପମାଲ୍ୟାର୍ପଣ । ସାୟଂକାଳୀନ ସଭାରେ ତାଙ୍କୁ 'ଦେଶପ୍ରାଣ' ଉପାଧିରେ ଭୂଷିତ କରାଗଲା । ଶ୍ୟାମସୁନ୍ଦର ଉଚ୍ଚ ବିଦ୍ୟାଳୟ ଓ ସେବା ସଦନ ପାଇଁ ଦାନବୀର ଶ୍ୟାମବାବୁଙ୍କର ଏକ ଲକ୍ଷ ଟଙ୍କା ଦାନ ଘୋଷଣା ।"

ସେଦିନଠାରୁ ଶ୍ୟାମବାବୁ ତାଙ୍କ ନାଁ ଆଗରେ ଅତି ସହଜରେ ଦେଶପ୍ରାଣ ବିଶେଷଣଟା ଯୋଡ଼ି ଦେଇ ଖୁବ୍ ଆତ୍ମସନ୍ତୋଷ ଲାଭ କଲେ । ସେବା ସଦନ, ଉଚ୍ଚବିଦ୍ୟାଳୟ ଖାଲି ଘୋଷଣାରେ ହିଁ ରହିଗଲା । ଉତ୍ସବର ପୂର୍ବତନ ଆୟୋଜକମାନେ ପରସ୍ପର ମୁହଁକୁ ଚାହିଁ କୁହା କୁହି ହେଲେ – ବୁଢ଼ା ବଡ଼ ଚାଲାକ । ଆମ ସମସ୍ତଙ୍କୁ ଠକି ଦେଲା ।

* * *

Digitized by srujanika@gmail.com

ସ୍ୱର୍ଗପ୍ରାପ୍ତି

ମଲା ଖବରଟା ସମ୍ବାଦପତ୍ର ପୃଷ୍ଠା ମଣ୍ଡନ କଲେ, ମରିବା ଲୋକର ସ୍ୱର୍ଗପ୍ରାପ୍ତି ହେଲା ବୋଲି ଲୋକେ ମନେ କରନ୍ତି । ତେଣୁ ଯେନ, କେନ ପ୍ରକାରେଣ ଖବରଟା ବାହାରିବା ପାଇଁ, ଲୋକଙ୍କଠାରେ ପ୍ରବଳ ଆଗ୍ରହ ଦେଖାଦିଏ । ସେପରି ଲୋକ ହୋଇନଥିଲେ, ଖବରକାଗଜରେ ତାଙ୍କ ମଲା ଖବରଟା ବାହାରିଲା କିମିତି ? ଅମୁକ ଲୋକ ଜଣେ ଧର୍ମପରାୟଣ, ସମାଜସେବୀ ଥିଲେ । ତାଙ୍କ ମୃତ୍ୟୁରେ ଏ ଅଞ୍ଚଳବାସୀ ବ୍ୟଥିତ । ଯଦି ହରତାଳ ବା ଶୋକ ସଭାଟିଏ ପ୍ରକାଶ ପାଏ, ଅଫିସ୍, ସ୍କୁଲ୍ ଆଦି ବନ୍ଦ ହୋଇଥିବା ଖବର ପ୍ରକାଶ ପାଏ, ତା' ହେଲେ ସ୍ୱର୍ଗଠାରୁ ଉଚ୍ଚରେ ଯଦି କିଛି ସ୍ଥାନ ଥାଏ, ମୃତ ବ୍ୟକ୍ତି ସେହି ସ୍ଥାନର ଅଧିକାରୀ ହୁଅନ୍ତି ।

ପ୍ରଚାରଧର୍ମୀ ଯୁଗରେ ଏ ଭଳି ପ୍ରଚାର କମ୍ ଦେଖାଯାଏ ନାହିଁ । ପ୍ରଥମ ଥର ସମ୍ବାଦ ମାଧ୍ୟମରେ ନିଜ ଶୋକୋଚ୍ଛ୍ୱାସ ବୁହାଇ, ବାର୍ଷିକ ଶ୍ରାଦ୍ଧ ବେଳକୁ ସେହି ଲୋକକୁ, ନିଜର ଲୋକଙ୍କ ଠାରୁ ସାଧାରଣ ପର୍ଯ୍ୟନ୍ତ ଭୁଲି ଯିବାର ଦେଖାଯାଏ । ଏ ତ ସାଧାରଣ ଲୋକଙ୍କ କଥା । ମହାମାନବ ମହାତ୍ମା ଗାନ୍ଧୀଙ୍କୁ ତ ଏ ଲୋକେ ମାରିଲେ, ପ୍ରଥମେ ଦିନକେତେ କୁମ୍ଭୀର କାନ୍ଦଣା କଲେ, ତାଙ୍କ ନାଁକୁ ସମ୍ବଳ କରି ଭୋଟ ବୈତରଣୀ ପାର ହେଲେ, ତାଙ୍କ ଆଦର୍ଶ ଅହିଂସାକୁ, ହିଂସାରେ ପରିଣତ କରି ତାଙ୍କ ଶ୍ରାଦ୍ଧବାର୍ଷିକୀ ପାଳିଲେ । ତେଣୁ ଏ ଲୋକଗୁଡ଼ାକର ଚାରିଖୁରାକୁ ଦଣ୍ଡବତ୍ ।

ଏ ଅଞ୍ଚଳର ଏପରି ଜଣେ ମହାପୁରୁଷଙ୍କର, ହଠାତ୍ ଆକସ୍ମିକ ମୃତ୍ୟୁ ହୋଇଗଲା । କିଏ କହନ୍ତି, ସେ ବିଷପାନ କରି ଆତ୍ମହତ୍ୟା କଲେ, ଆଉ କିଏ କହନ୍ତି, ଅତ୍ୟଧିକ ମଦ୍ୟପାନ କରାଇ, ତାଙ୍କୁ କେତେକ ମାରିଦେଲେ । ତେବେ କୋଉ କଥାଟା ଠିକ୍ ଜଣାପଡ଼ିଲାନି । ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଯାହା ଜଣାଗଲା, ଅତିମାତ୍ରାରେ ଭୟଭୀତ ହୋଇ, ତାଙ୍କର ହାର୍ଟ ଫେଲ୍ ହେଲା ।

ଲୋକଟି ବେଶ ପ୍ରତିପତ୍ତିଶାଳୀ । ମନ୍ତ୍ରୀଙ୍କ ଠାରୁ ବଡ଼ ହାକିମ୍ ପର୍ଯ୍ୟନ୍ତ ତାଙ୍କ ଦୁଆରେ ପ୍ରଥମେ ହାଜର ହୁଅନ୍ତି । ୨୦ ବର୍ଷ ତଳେ, ତାଙ୍କ ଚୁଲିମୁଣ୍ଡରେ ବିଲେଇ ଯାଇଟିଙ୍କ କରୁଥିବା କଥା ଲୋକେ କହୁଥିଲେ । କେଉଁ ଗ୍ରହ, କେଉଁ ଘରେ ତାଙ୍କର ସେତେବେଳେ ରହିଗଲେ କେଜାଣି ତାଙ୍କର ମୂତ୍ରରେ ଦୀପ ଜଳିବା କଥା ଲୋକେ କୁହନ୍ତି ।

ଏ ଭଳି ଜଣେ ମହାପୁରୁଷ ଯେ କି ଜଣେ ସମାଜବାଦୀ, ପରୋପକାରୀ, ସ୍କୁଲ୍, ଡାକ୍ତରଖାନା ସ୍ଥାପନ କରିଛନ୍ତି ; ତାଙ୍କର ଏଭଳି ଶୋଚନୀୟ ମୃତ୍ୟୁ ଖବର ନ ବାହାରିବା ଯୋଗୁଁ, ତାଙ୍କର କେତେଜଣ ନିଜର ଲୋକ ବ୍ୟସ୍ତ ହୋଇପଡ଼ିଲେ । ଅମୁକ

Digitized by srujanika@gmail.com

କାଗଜବାଲାଙ୍କୁ ଏତେ ଟଙ୍କା ଦିଆ ହୋଇଥିଲା । ସେ ବାହାର କଲାନି । କାହିଁକି ବାହାର କଲାନି – ଚାଲ ତାକୁ ଦେଖିଦେବା, କେତେ ଜଣ କୁହାକୁହି ହେଲେ । ମହାପୁରୁଷଙ୍କର ବଡ଼ ପୁଅ, ଯେ କି ବାପାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ, ସୁରାକୁ ଜଳବତ୍ ଏକମାତ୍ର ପାନୀୟ ପରି ସେବନ କରିଥାନ୍ତି, ସେ ବିଶେଷ ଖପ୍‌ପା ହୋଇଉଠିଲେ ।

ଏତେ ବଡ଼ ସମାଜସେବୀ ତାଙ୍କର ଏ ଦୁର୍ଦ୍ଦଶା ହେଲା କାହିଁକି ? ଅତିମାତ୍ରାରେ ଭୟଭୀତ ହୋଇ ପ୍ରାଣତ୍ୟାଗ କରିବା କଥାଟା – ପ୍ରକୃତରେ କେତେଦୂର ସତ; ତାହା ଏ ପର୍ଯ୍ୟନ୍ତ ରହସ୍ୟାବୃତ୍ତ ହୋଇ ରହିଅଛି ।

ସମାଜସେବୀ ଜଣକ, ଜଣେ ନୀଚ ଜାତି ସ୍ତ୍ରୀକୁ ରକ୍ଷିତା କରି ରଖିବା ପରଠାରୁ, ତାଙ୍କର ଭାଗ୍ୟୋଦୟ ହୁଏ । ଏ କଥା ନିଶ୍ଚିତ ଯେ ଯାହାର ଖାଇବାକୁ ନଥିଲା, ସେ ଏତେ ବଡ଼ ବିଶାଳ ସମ୍ପତ୍ତିର ଅଧିକାରୀ ହୋଇପାରିଲା କିପରି ?

କେତେକ କହନ୍ତି ସେ ବ୍ରାହ୍ମଣ ହୋଇ ମଧ୍ୟ, ତା଼ରୋଟି ଚୋରା ମଦ ଭାଟିର ମାଲିକ ଥିଲେ । ନେପାଳରୁ ଯେଉଁ ଅଫିମ୍ ଚୋରାରେ ଆସେ, ତାକୁ ଏହି ଭଦ୍ରଲୋକ ରଖନ୍ତି ଓ ସେଥିରୁ ଯଥେଷ୍ଟ ଫାଇଦା ଉଠାଇଥିବା କଥା ଲୋକେ କୁହନ୍ତି । ଏପରିକି ଜଣେ ଏ ଧରଣର ବ୍ୟବସାୟୀକୁ କେତୋଟି ଲକ୍ଷ ଟଙ୍କା ଦେବା ପରେ, ବାଟରେ ତାକୁ ମରାଇ ସେ ଅର୍ଥ ହରଣଚାଳ କରିବା କଥା କାହାକୁ ଅଜଣା ନାହିଁ । ତା' ଛଡ଼ା କଣ୍ଟ୍ରାକ୍ଟରୀ କରି ସେ ଆଜି ସ୍ପେଶାଲ କ୍ଲାସ୍‌ର ଗୌରବ ଅର୍ଜି ଥିଲେ । ତେଣୁ ଏ ବିଶାଳ ସମ୍ପତ୍ତିକୁ ସେ ଯେ ଲହୁ, ଲୁହାଣ କରି କମାଇଥିଲେ, ଏ କଥା ସ୍ୱୀକାର କରାଯାଇ ପାରିବ ନାହିଁ । ତେବେ ଏତିକି କୁହାଯାଇପାରେ, ଏ ଅଞ୍ଚଳର ରାଜନୀତିକୁ ନିୟନ୍ତ୍ରଣ କରୁଥିବା ଯୋଗୁଁ, ମନ୍ତ୍ରୀ, ଏମ୍.ଏଲ୍.ଏ. ସମସ୍ତେ ତାଙ୍କର ଆଙ୍ଗୁଳି ନିର୍ଦ୍ଦେଶକୁ ଅପେକ୍ଷା କରିଥାନ୍ତି । ରାଜନୀତିରେ ଅଜସ୍ର ଅର୍ଥ ଫିଙ୍ଗି, ସେ କୋଟି, କୋଟି ଆଦାୟ କରନ୍ତ ବିଭିନ୍ନ ଉପାୟରେ । ତାଙ୍କର ଅଙ୍କ ସଙ୍ଗିନୀ ୨/୩ ରେ ସୀମିତ ନଥିଲେ । ପ୍ରଦେଶର ବିଭିନ୍ନ ଅଞ୍ଚଳରେ ତାଙ୍କର ଯେଉଁ ଘର ଦ୍ୱାର ସବୁଥିଲା, ସବୁଠି ଗୋଟିଏ, ଦୁଇଟି ସେ ସ୍ତ୍ରୀ ଲୋକଙ୍କୁ ନିଜର ସେବା ପାଇଁ ମହଜୁଦ୍ କରିଥିଲେ ।

ଏଭଳି ଜଣେ ମହାପୁରୁଷଙ୍କର ଯେତେବେଳେ ପରଲୋକ ହେଲା, ଏ ଖବରଟା ବାହାରିବା ନିହାତି ଦରକାର ଥିଲା । ତାଙ୍କ ବିୟୋଗରେ ଦୋକାନ, ବଜାର ସବୁ ବନ୍ଦ ହୋଇଗଲା । ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ନୁହେଁ, ଗୁଣ୍ଡାମାନଙ୍କର ଭୟରେ । ଶୋକସଭାରେ ଯେଉଁମାନେ ତାଙ୍କର ସ୍ମୃତିଚାରଣ କଲେ, ସେମାନେ ଅନ୍ୟ କେହି ନ ଥିଲେ, ତାଙ୍କର ମଦଭାଟି ଓ ବିଭିନ୍ନ ବ୍ୟବସାୟରେ କାମ କରୁଥିବା ଗୁଣ୍ଡା ଓ ଚାକରବାକର । ଏମାନଙ୍କୁ ନେଇ ଗାଁର ମୁଖିଆ ସରପଞ୍ଚ ଶୋକ ସଭାଟିଏ କରିବାକୁ ବାଧ୍ୟ ହେଲେ, ପିଠିରେ ତାଳ ଗୋଟମା ବସିବା ଭୟରେ ।

Digitized by srujanika@gmail.com

ସବୁ ହେଲା ସତ, ସମ୍ବାଦ ପତ୍ରରେ ମୃତ୍ୟୁ ଖବର ପ୍ରକାଶ ନ ପାଇବାଟା ବିଚରା ସାମ୍ବାଦିକ ପାଇଁ ବଡ଼ ପ୍ରମାଦରେ ପରିଣତ ହେଲା । ଯେଉଁ ମନ୍ତ୍ରୀ, ଏମ୍.ଏଲ୍.ଏ. ସେ ବଞ୍ଚିଥିବାବେଳେ, ଖବର ପଠାଇଲେ ହାଜର ହେଉଥିଲେ, ସେମାନେ ଶଙ୍ଖୋଳି ନ ଆସିବାରୁ, କଥାଟା ଅତି ମାତ୍ରାରେ ଗୁରୁତ୍ୱର ହୋଇପଡ଼ିଲା ।

ବିଚାରା ମହାପୁରୁଷ ସ୍କୁଲ୍ ବସାଇଥିଲେ, ଦେଉଳ ତୋଳିଥିଲେ, ରାସ୍ତାଘାଟ, ଡାକ୍ତରଖାନା ସବୁକିଛି କରିଥିଲେ, ତା' ସତ୍ତ୍ୱେ ତାଙ୍କ ମୃତ୍ୟୁରେ କେତେଜଣ ଦେଉଳରେ ନଡ଼ିଆ ଭାଙ୍ଗିବାର ଦେଖାଗଲା ।

ଏ ସବୁର ବିଷମ ପରିଣତି ହେଲା, ଯେତେବେଳେ ସ୍ଥାନୀୟ ସାମ୍ବାଦିକଙ୍କୁ ରାତି ଅଧରେ ଘରୁ ଟାଣିଆଣି ନିସ୍ତୁକ ପ୍ରହାର କରାଗଲା ଓ ସେ ମରିଗଲେଣି ଭାବି, ତାଙ୍କୁ ଘୋଷାରି ଘୋଷାରି କିଆ ଗୋହିରୀରେ ଫିଙ୍ଗା ଯାଇଥିଲା । ଯାହା ହେଉ ବ୍ଲକ୍ ଜିପ୍ ସେହିବାଟ ଦେଇଯିବା ସମୟରେ, ବିଚାରା ସାମ୍ବାଦିକଙ୍କୁ ଦେଖି ପ୍ରାଥମିକ ଚିକିତ୍ସା କଲାପରେ, କଟକ ପଠାଇ ଦିଆଗଲା ।

ଏ ଖବର ପ୍ରଚାରିତ ହେଲା – ପ୍ରତି ଖବରକାଗଜରେ, ମୃତବ୍ୟକ୍ତିର ସମସ୍ତ ଗୁଣ ସହିତ । ପୋଲିସ୍ ସାହେବ ଲଟଣ ଧରି ଯେତେବେଳେ ମୃତ ବ୍ୟକ୍ତିର ପୁଅର ଗାଲରେ ଦି'ଟା ଶକ୍ତ ଚାପୁଡ଼ା କଷି ଦେଲେ, ସେତେବେଳେ ବାବୁଙ୍କର ମଦ ନିଶା ଏକା ମାଡ଼କେ ଛାଡ଼ିଗଲା ।

ଆସେମ୍ବ୍ଲିରେ ଯେତେବେଳେ କେଉଁ ରାଜନୈତିକ ନେତା କେତେ ଟଙ୍କା, କେଉଁ ସମୟରେ ମହାପୁରୁଷଙ୍କ ଠାରୁ ନେବା ଖବରଟା ପ୍ରକାଶ ପାଇଗଲା, ସମ୍ପୃକ୍ତ ମନ୍ତ୍ରୀଙ୍କ ଇସ୍ତଫା ଦାବୀରେ ଆସେମ୍ବ୍ଲିରେ ହଇଚଇ ସୃଷ୍ଟି ହେଲା ।

ଯେଉଁ ସାମାନ୍ୟ ମୃତ୍ୟୁ ଖବରଟା ପ୍ରକାଶ ନ ପାଇବା ଯୋଗୁଁ, ଏତେ ବଡ଼ ଆଲୋଡ଼ନ ସୃଷ୍ଟି ହୋଇ, ସମ୍ବାଦପତ୍ରରେ ପ୍ରତିଦିନ ଏ ମହାପୁରୁଷଙ୍କ ବିଷୟରେ ପ୍ରକାଶ ପାଇଲା, କେତେକ କହିଲେ, ଯାହା ହେଉ ଲୋକଟା ପୁଣ୍ୟବନ୍ତ – ପ୍ରତିଦିନ କିଛି ନା କିଛି ଖବର ତା' ନାଆଁରେ ପ୍ରକାଶ ପାଉଛି । ତେଣୁ ଆଉ ଦୁଃଖ କରିବାର କିଛି ନାହିଁ ।

ସାମ୍ବାଦିକ ଜଣକ ୨୫ ଦିନ ଚେତା ହରାଇ, ସ୍ନାୟୁଶଲ୍ୟ ବିଭାଗରେ ଚେତା ଫେରି ପାଇ ଯେତେବେଳେ ଭଲ ହୋଇ ଗାଁକୁ ଫେରନ୍ତି, ଗାଁର ଯୁବକମାନେ ଗୋଟାଏ ବଡ଼ ଶୋଭାଯାତ୍ରାରେ ତାଙ୍କୁ ପାଛୋଟି ନେଲେ । ସାମ୍ବାଦିକଙ୍କର ଜିନ୍ଦାବାଦ, ମହାପୁରୁଷଙ୍କର ମୁର୍ଦ୍ଦାବାଦ ଧ୍ୱନିରେ ଆକାଶ ପଡ଼ିଲା, ଉଠିଲା । ସେତେବେଳକୁ ଗୁଣ୍ଡା ଓ ତାଙ୍କର ମଦ୍ୟପ ପୁତ୍ର ଜେଲ୍ ହାଜତରେ ଭର୍ତ୍ତି ହୋଇସାରିଥାନ୍ତି । ଗୋଟିଏ ସାଧାରଣ ସଭାରେ ମୃତ ମହାପୁରୁଷଙ୍କ ନାଁରେ ଯେଉଁ କୀର୍ତ୍ତି ସବୁ ନାମିତ ହୋଇଥିଲା, ସେହି ଅନୁଷ୍ଠାନ ପଛରୁ ତାଙ୍କ ନାଁକୁ ଚିରଦିନ ପାଇଁ ବିଦା କରି ଦିଆଗଲା ।

Digitized by srujanika@gmail.com

ସଭାରେ ସ୍ଥାନୀୟ ଏମ୍.ଏଲ୍.ଏ. ଓ ମନ୍ତ୍ରୀ ମହୋଦୟ ଉପସ୍ଥିତ ହୋଇ ମହାପୁରୁଷଙ୍କ ମୃତ୍ୟୁରେ ଆନନ୍ଦ ପ୍ରକାଶ କରିବାକୁ ଲାଗିଲେ । ଆତଙ୍କବାଦ ପରିବର୍ତ୍ତେ ଶାନ୍ତି ସ୍ଥାପିତ ହୋଇଥିବାରୁ ଓ ଏଥିପାଇଁ ଏମ୍.ଏଲ୍.ଏ.ଙ୍କ ଅନ୍ତରାଳରେ ପ୍ରଚ୍ଛନ୍ନ ହାତ ରହିଥିବାରୁ, ଲୋକେ ସନ୍ତୋଷ ପ୍ରକାଶ କଲେ । ହତ୍ୟା ଅଭିଯୋଗକୁ ପୋଲିସ୍ ଓ ଡାକ୍ତର ଚପାଇ ଦେଇଥିବାରୁ ପୋଲିସ୍‌ଙ୍କ ପ୍ରତି ବିଦ୍ରୂପ ଉପହାସ କରି ଧନ୍ୟବାଦ ଜ୍ଞାପନ କରାଗଲା । ସମ୍ପୃକ୍ତ ଡାକ୍ତର ଏକ ଅଖ୍ୟାତ ପଲ୍ଲିକୁ ସ୍ଥାନାନ୍ତରିତ ହେଲେ ।

ତେଣୁ ମୃତ୍ୟୁ ସମ୍ବାଦର ଯେ ଗୁରୁତ୍ୱ ଖୁବ୍ ବେଶୀ ରହିଛି, ତାହା ଜନସାଧାରଣ ଭଲଭାବରେ ଅବଗତ ହୋଇପାରିଲେ । ସବୁଠାରୁ ଭଦ୍ର ଲୋକଙ୍କର ବେଶୀ ସ୍ୱର୍ଗପ୍ରାପ୍ତି ହେଲା, ଯେତେବେଳେ ସବୁ ଅଞ୍ଚଳରୁ ରକ୍ଷିତାମାନେ ଏକତ୍ରିତ ହୋଇ, ସମ୍ପତ୍ତି ପାଇବା ପାଇଁ ମହାପୁରୁଷଙ୍କ ଦ୍ୱାରରେ ଧାରଣା ଦେବାକୁ ଆରମ୍ଭ କଲେ ।

* * *

Digitized by srujanika@gmail.com

ବଦଳି

ଗାଁର ଦୁର୍ନୀତି ନିରାକରଣରେ ଗୋଟାଏ ଯୋଜନା ଗାଁର ଦାଦା ବୁଲୁ ଓସ୍ତାଦର ମୁଣ୍ଡରେ ଢୁକିଗଲା । ଏ କଥାଟା ସେ ଯାଇ ସରପଞ୍ଚ କାନରେ ପକାଇଦେଲା । କାରଣ ସରପଞ୍ଚର ସେ ଡାହାଣ ହାତ । ସରପଞ୍ଚ ଯାଇ ସମିତି ଚେୟାର୍‌ମ୍ୟାନ୍‌ଙ୍କୁ ଜଣା କରିଦେଲେ । ଚେୟାର୍‌ମ୍ୟାନ୍ ବିଧାୟକଙ୍କ ପାଖରେ କଥାଟା ପକାଇଦେଲେ । ଏ ସମସ୍ତେ ଜଣ ଜଣକର ଡାହାଣ ହାତ । ଭୋଟ ବୈତରଣୀ ପାର ହେଲାବେଳେ, ବୁଲୁ ଓସ୍ତାଦ ନେତା ହିସାବରେ ପ୍ରଥମ ସ୍ଥାନ ଅଧିକାର କରିଥାଏ । ତେଣୁ ବୁଲୁ ଯେତେବେଳେ ପ୍ରସ୍ତାବଟାଏ ଦେଇଛି କଥାଟାର ଗୁରୁତ୍ୱ ଖୁବ୍ ବେଶୀ ।

ଏ ଦୁର୍ନୀତି ନିରାକରଣ ଯୋଜନାଟା ଆରମ୍ଭ ହେଲା ସପ୍ଲାଇ ଇନସପେକ୍ଟର ରାମବାବୁଙ୍କ ଉପରେ ଦାଉ ସାଧିବା ପାଇଁ । ରାମବାବୁ ଜଣେ ସଚ୍ଚୋଟ ଅଫିସ୍‌ର । ପ୍ରତି ଗାଁକୁ ସମବଣ୍ଟନ ନୀତିରେ ସେ କଂଟ୍ରୋଲ୍ ଡିଲ୍‌ରମାନଙ୍କୁ ମାଲ୍ ସପ୍ଲାଇ କରନ୍ତି । ମାଲ ସମାନଭାବରେ ସମସ୍ତଙ୍କୁ ମିଳୁଛି କି ନାହିଁ ତାହା ସେ ତଦାରଖ କରନ୍ତି । ଗୋଟିଏ କେଜି ତିନି ଏପଟ, ସେପଟ ହୋଇଥିଲେ, ଦୋକାନୀର ଲାଇସେନ୍‌ସ କାଟିଦେବାକୁ ସେ ସୁପାରିଶ କରି ଅଫିସ୍‌କୁ ଲେଖି ଦିଅନ୍ତି । ତାଙ୍କର ଡରରେ କଂଟ୍ରୋଲ୍ ଜିନିଷ ବାଟମାରଣା ହବାଟା ପ୍ରାୟ ବନ୍ଦ ହୋଇଯାଇଛି । କିନ୍ତୁ ବୁଲୁ ସବୁବେଳେ ରାମବାବୁଙ୍କୁ ଏ ସବୁ ନ କରିବାକୁ ପରାମର୍ଶ ଦିଏ । ଡିଲରମାନେ ବିଧାୟକ, ଚେୟାର୍‌ମ୍ୟାନ୍‌ଙ୍କୁ ତ ତାଙ୍କର ମାସିକିଆ ଚାନ୍ଦା ପୁଣି ଦେବେ ? ଏମିତି କଲେ, ଏଠାରେ ରହିବା ମୁସ୍କିଲ୍ ହୋଇପଡ଼ିବ ବୋଲି, ସେ ବହୁତ ଥର ଭୟ ଦେଖାଇଲାଣି । ତେଣୁ କିମିତିକା ହେଲେ ଗୋଟାଏ ସଂଘ ଗଢ଼ି, ତା'ର ସଭାପତି ହୋଇ, ସରକାରଙ୍କର ମନ୍ତ୍ରୀଙ୍କ ପାଖରେ ଯାଇ ପହଞ୍ଚିଗଲେ, ଏ ବଦମାସ୍ ଗୁଡ଼ାକଙ୍କର ମଜା ଛାଡ଼ିଯିବ ବୋଲି, ସେ ଗୋଟାଏ ଯୋଜନା କରି ବସିଛି । ବୁଲୁ ମୂର୍ଖ ହେଲେ କ'ଣ ହବ, ତା'ର କେତେଟା ଶିକ୍ଷିତ ବ୍ରଦର ଅଛନ୍ତି । ସେମାନେ କି ଉପାୟ କଲେ ଏ ସଚ୍ଚୋଟ ଲୋକଗୁଡ଼ାକ ମୂଳପୋଛ ହୋଇଯିବେ, ତା'ର ସୁଚିନ୍ତିତ ପରିକଳ୍ପନା ସଭାଟା ରାତି ୧୦ଟା ବେଳେ ହରି ଶୁଣ୍ଢିର ଭାଟି ପଛପଟ ବରଗଛମୂଳେ ବସେ । ପୋଲିସ୍ ଅଫିସରଗୁଡ଼ାକ ଯାହାକୁ ଦେଖିଲେ ଡରି ବାଟ ଛାଡ଼ି ଦଉଛନ୍ତି, ଗୋଟାଏ ସପ୍ଲାଇ ଇନସ୍‌ପେକ୍ଟର ଯେ ତା' କଥା ମାନୁନି, ଏଇଟା ବୁଲୁ ପାଇଁ ଚିନ୍ତାର କାରଣ ହୋଇପଡ଼ିଛି । ରାମବାବୁଙ୍କୁ କେତେଟା ଅନ୍ୟଦଳର ଟୋକା ସମର୍ଥନ କରୁଛନ୍ତି, ଆଉ ସେ ବୁଢ଼ା, ସ୍କୁଲ୍‌ର ହେଡମାଷ୍ଟର ଏ ଅଞ୍ଚଳର ଗାନ୍ଧୀ ବୋଲି ଯାହାକୁ କହୁଛନ୍ତି, ସେ କୁଆଡ଼େ ହିମ୍ମତ ଦଉଛି ।

Digitized by srujanika@gmail.com

ହେଡ୍‌ମାଷ୍ଟରଟାକୁ ବଦଳି କରିଦେଲେ କଥା ସରନ୍ତାଣି । କିନ୍ତୁ ବିଧାୟକଟା ପୁଣି ତାକୁ ଡରୁଛି । ତା’ କଥାକୁ କୁଆଡ଼େ ମନ୍ତ୍ରୀ, ଉଚ୍ଚ ଅଫିସର ଖାତିରି କରୁଛନ୍ତି । ସେମାନେ କୁଆଡ଼େ ଏ ଲୋକଟାର ଛାତ୍ର । ଏ ହେଡମାଷ୍ଟରଟା ଆଉ ବର୍ଷକ ପରେ ଅବସର ନବ । ଆଉ ତା’ର ଚିନ୍ତା କରି ଲାଭ କ’ଣ – ଜଣେ ପରାମର୍ଶଦାତା ବୁଲୁକୁ ପରାମର୍ଶ ଦେଲେ । ତା’ ସାଙ୍ଗରେ ଲାଗିଲେ, ଲାଭ ତ କିଛି ହବନି ବରଂ ରାମବାବୁଟା ନଫା ଉଠାଇବ, ଏ କଥାଟା ବୁଲୁକୁ ଚେତାଇ ଦେଲେ । ତେବେ ରାମବାବୁ ଦୁର୍ନୀତିଗ୍ରସ୍ତ, ଏ କଥାଟା ପ୍ରଚାର ସାଙ୍ଗେ ସାଙ୍ଗେ ପ୍ରମାଣ ବି ଦରକାର । କୌଣସି ଡିଲର ହାତରେ ଟଙ୍କା ୫ ଶହ ଲାଞ୍ଚ ଦିଆଇ, ଭିଜିଲାନ୍‌ସ ଦ୍ୱାରା ଯଦି ଧରାଇ ଦିଆଯାନ୍ତା ତା’ ହେଲେ ଖୁବ୍ ଭଲ ହୁଅନ୍ତା । କିନ୍ତୁ ରାମ ବାବୁକୁ ଲାଞ୍ଚ ଯାଚିବ କିଏ ? ଯେ ଚା’ କପେ ଡିଲରମାନଙ୍କଠାରୁ ଖାଏନି, ତାକୁ ପୁଣି ୫ ଶହ ଟଙ୍କା କିଏ ବା ଲାଞ୍ଚ ଦେବ – ଏ ସବୁ ଭାବୁ ଭାବୁ ସମସ୍ତଙ୍କର ଅକଲ ଗୁଡ୍ଡୁମ୍ ହୋଇଗଲା ।

କଥାଟା ପକକା ହେଲା – ଦୁର୍ନୀତି ନିବାରଣୀ ସଂଘଟାଏ ଆଗ ଗଢ଼ାଯାଉ । ତା’ ପରେ ବିଧାୟକଙ୍କୁ ଯାଇ କହିବା । ଆଜିକାଲି ତ ତାଙ୍କର ଭାଉ ବେଶୀ । ବଦଳିଟା ଯେତେବେଳେ ତାଙ୍କ ହାତରେ ରହିଛି, ଇନ୍‌ସପେକ୍ଟରଟାକୁ ବଦଳି କରିବାକୁ କେତେ ଘଡ଼ି ଲାଗିବ ? କିନ୍ତୁ ଏ ବିଧାୟକଟା କ’ଣ ଶୁଣୁଛି । ଖାଲି କରିଦବା ବୋଲି କହୁଛି । ଗତବର୍ଷ ଜୁନ୍‌ମାସରୁ ଏ ବର୍ଷ ଜୁଲାଇ ମାସ ହେଲା । କାହିଁ ବଦଳିର ନାଁ ଗନ୍ଧ ତ ଉଠୁନି । ଏହା ଭିତରେ କେତେ ଯେ ବଦଳି ହୋଇଗଲାଣି – କିନ୍ତୁ ରାମବାବୁ ତ ବଡ଼ ଟାଣ ହୋଇ ବସିଛି । ଜଣେ କହିଲା – ହେଇ ନିର୍ବାଚନ ତ ନିକଟେଇ ଆସିଲାଣି – ଏଥର ଦେଖିବାନି, କିମିତି ନିର୍ବାଚିତ ହୋଇ ଆସିବ ଆଉ ଜଣେ କହିଲା – ଏବେ ନିର୍ବାଚନ କୋଉଠି ହବରେ – ଆଉ ତ ତିନି ବର୍ଷ ଅଛି । ତେବେ ଗୋଟାଏ କଥା ବିଚାରକୁ ନିଆଯାଉ । ରାମବାବୁ ବିରୁଦ୍ଧରେ ଗୋଟାଏ ଦସ୍ତଖତ ସଂଗ୍ରହ ଅଭିଯାନ ଚାଲୁ । ଯଦି ଡାହାଣ ହାତ, ବାଁ ହାତ, ୨ଟା ବୁଢ଼ା ଆଙ୍ଗୁଠି ସବୁଯାକ କାମରେ ଆମେ ଲଗାଇ ଦେଇ ୩ଶହ ଦସ୍ତଖତ, ଟିପଚିହ୍ନ ସଂଗ୍ରହ କରି ପଠାଇଦବା । ତା’ ଛଡ଼ା ବିଧାୟକଙ୍କର ଗୋଟାଏ ସୁପାରିଶ ସହିତ ସିଧା ଦୁର୍ନୀତି ନିବାରଣୀ ସଂଘର ସଭାପତି ଯାଇ ମନ୍ତ୍ରୀଙ୍କର ପାଖରେ ଦରଖାସ୍ତ ପେଶ୍ କରନ୍ତି, ଆଉ ବିଧାୟକ ଗୋଟିଏ ବ୍ୟକ୍ତିଗତ ଚିଠି ମନ୍ତ୍ରୀଙ୍କୁ ଲେଖିଦେବେ, ଏ ଆମ ଦଳର ଅତି ବିଶ୍ୱସ୍ତ ଲୋକ ବୋଲି, ତା’ ହେଲେ ଅର୍ଡ଼ର ଉପରୁ ଆସିଯିବ, ଏ କଥା କିଏ ଜାଣିବେନି, ଏ କାନରୁ ସେ କାନ ହବନି ।

ପ୍ରସ୍ତାବଟା ସମସ୍ତଙ୍କ ମନକୁ ବେଶ୍ ପାଇଲା । ଦସ୍ତଖତ ସଂଗ୍ରହ ଅଭିଯାନ ସେହିଠାରେ ହିଁ ଆରମ୍ଭ ହୋଇଗଲା । ଜଣେ, ଜଣେ ୩୦ଟି ଲେଖାଁଏ ଦସ୍ତଖତ ଓଡ଼ିଆ, ଇଂରେଜୀ, ହିନ୍ଦୀ, ଡାହାଣ ହାତରେ, ବାଁ ହାତରେ ଦେବା ପରେ ଟିପଚିହ୍ନ

Digitized by srujanika@gmail.com

ଆରମ୍ଭ ହୋଇଗଲା । ୩ଶହ କ'ଣ ୫ ଶହ ସଂଗ୍ରହ କରିବାକୁ ହେବ । ଦେଖିବା, ଏଥର ରାମବାବୁ କିମିତି ହଟିବନି । ଦସ୍ତଖତ ସଂଗ୍ରହ କାମଟା ସବୁ ସବୁ ରାତି ୩ଟା ବାଜିଗଲା । ଦସ୍ତଖତ ପାଖକୁ ଗାଁ ନାଁ ଲେଖି ଦିଆଗଲା । ତା' ପରେ ସୁରାପାନର ସମସ୍ତ ବନ୍ଦୋବସ୍ତ ହରି ଶୁଣ୍ଡି ସାଙ୍ଗେ ସାଙ୍ଗେ କରିଦେଲା । ହରି ଶୁଣ୍ଡି ନାଁରେ ଯେତେ ଦରଖାସ୍ତ ହେଲେ ମଧ୍ୟ, ବୁଲୁର ଛତ୍ରଛାୟା ତଳେ ରହିଥିବାରୁ ସେ ନିରାପଦ । ତା'ର ମଦଭାଟି ପୋଲିସ୍ ନା ଅବକାରୀ ବିଭାଗ ଦ୍ୱାରା କେବେ ହେଲେ ତଦାରଖ ହୁଏ ନାହିଁ । ଯେତେ ଦରଖାସ୍ତ ଯାଉଛି – ସବୁ ଚିରି ଫିଙ୍ଗି ଦିଆହେଉଛି । ତେଣୁ ହରି ଶୁଣ୍ଡି ମଦ ଆଉ ଅର୍ଥ ଏ ଦଳଟାକୁ ଭଲ କରି ଯୋଗାଇ ଦିଏ । ତେଣୁ ମଉଜ, ମଜଲିସ୍ ପାଇଁ ଯାହା ଦରକାର ବିଚାରା ହରି ସେତକ ବିନା ଦ୍ୱିଧାରେ ଦେଉଥିବାରୁ ଆଜି ଏମାନେ ଏ ଅଞ୍ଚଳର ବେଶ୍ ପ୍ରତିପତ୍ତିଶାଳୀ ଦଳଭାବରେ ବେଶ୍ ପରିଚିତ ।

ଦରଖାସ୍ତଟି ଧରି ବୁଲୁ ବିଧାୟକଙ୍କ ପାଖକୁ ଗଲା । ଏ ଅଞ୍ଚଳରେ ଯା' ଭିତରେ ଛୋଟ, ବଡ଼ ହୋଇ କେତେଗୁଡ଼ିଏ ଚୋରୀ ହୋଇଗଲାଣି । ଏ ସବୁକୁ ବୁଲୁ ଯେ ଉତ୍ସାହିତ କରୁଛି, ଏ କଥା କାହାକୁ ଅଛପା ନାହିଁ । ତେଣୁ ବିଧାୟକଙ୍କର ବୁଲୁ ଉପରେ ଟାଗ । ଏ ଲୋକଟା ଯୋଗୁଁ ଦଳ ଯେ ବଦନାମ ହଉଛି, ସରକାରଙ୍କର ଗୁପ୍ତଚର ବିଭାଗ ରିପୋର୍ଟ ଦେଇ ସାରିଲେଣି । ତେଣୁ ଏ ଭଳି ଅସାମାଜିକ ଯୁବକମାନଙ୍କୁ ଜାତୀୟ ନିରାପତ୍ତା ଆଇନରେ ଗିରଫ୍ କରିବାକୁ ସରକାର ଯେ ଚିନ୍ତା କରୁଛନ୍ତି ଏ କଥା ବିଧାୟକଙ୍କୁ ଅଛପା ନୁହେଁ । ବୁଲୁ ପ୍ରଥମେ ଦରଖାସ୍ତଟି ବିଧାୟକଙ୍କୁ ବଢ଼େଇ ଦେଲା । ବିଧାୟକ ଭଲ ରୂପେ ଦରଖାସ୍ତଟିକୁ ଦେଖିଲେ । ଅମୁକ ଲୋକ ତ ଅମୁକ ଗାଁର ନୁହଁ – ତୁମେ ତା'ର ଦସ୍ତଖତ ଆଣିଲ କିପରି ? ବହୁ ପ୍ରଶ୍ନରେ ବୁଲୁକୁ ଅସ୍ତବ୍ୟସ୍ତ କରି ପକାଇଲେ ।

ବୁଲୁର ଦୁର୍ଭାଗ୍ୟକୁ ପୋଲିସ ଅଫିସରଟା ବଦଳି ହୋଇଯାଇଛି । ଦୁର୍ନୀତି ନିବାରଣୀ ସଂଘର ସଭ୍ୟମାନଙ୍କୁ ଜବତ୍ କରିବା ପାଇଁ ସରକାର ଜାଣି ଶୁଣି ଜଣେ କଡ଼ା ଅଫିସରଙ୍କୁ ପଠାଇଛନ୍ତି । ବୁଲୁ ପୋଲିସ୍ ଅଫିସରଙ୍କୁ କାହିଁକି ବଦଳି କରାଗଲା ବୋଲି ବିଧାୟକଙ୍କ ଉପରେ ଅଭିଯୋଗ ଫର୍ଦ୍ଦଟିଏ ଆଗତ କଲା ।

ବିଧାୟକଙ୍କ ଯୋଗୁଁ ଏ ଅଞ୍ଚଳର କୌଣସି ଉନ୍ନୟନ କାମ ହୋଇପାରୁନି ବୋଲି ଦୃଢ଼, ଅଭିଯୋଗ ଉପସ୍ଥାପିତ କରିବା ସଙ୍ଗେ ସଙ୍ଗେ ଯଦି ଏ ସପ୍ତାଇ ଇନ୍ସପେକ୍ଟର୍ ରାମବାବୁ ବଦଳି ନ ହୁଏ, ପରିଣତି କିଛି ଭଲ ହେବନି କହି ଦି' ଚାରି ପଦ କଡ଼ା, କଡ଼ା କଥା ଶୁଣାଇ ଦେଲା ।

କାହା ଯୋଗୁଁ ସେ ବିଧାୟକ, ସେ କଥା ମଧ୍ୟ ଟିକିଏ ଚେତେଇ ଦେଲା । ଦରଖାସ୍ତରେ ସୁପାରିଶ କରି ଦି' ପଦ ନ ଲେଖିଦେଲେ, ସେ ଘରୁ ଉଠିବନି ବୋଲି, ଜିଦ୍ ଧରି ବସିଲା । ୨ ଦିନ ତଳେ ଗଡ଼ମଧୁପୁର ଗାଁର ଚୋରୀ ସହିତ ବୁଲୁ ଯେ

Digitized by srujanika@gmail.com

ସଂଶ୍ଳିଷ୍ଟ ଏକଥା ଚୋର, ଚୋରୀମାଲ ସହ ଧରାପଡ଼ି, ଥାନାରେ ବୟାନ ଦେବା ବେଳେ, ନିଜେ ଇନ୍‌ସ୍‌ପେକ୍ଟର ବୁଲୁକୁ ଗିରଫ କରିବାକୁ ବାହାରି ପଡ଼ିଲେ । ଯେତେବେଳେ ଶୁଣିଲେ, ସେ ବିଧାୟକଙ୍କ ପାଖରେ ଅଛି, ସିଧା ଯାଇ ସେଠି ହାଜର ହେଇଗଲେ ।

ବୁଲୁ ବିଧାୟକଙ୍କ ଉପରେ ଗାଳି ବର୍ଷଣ କରୁଥାଏ । ସବୁପ୍ରକାର ଦୁର୍ନୀତିର ଉତ୍ସବୋଲି ସେ ତାଙ୍କୁ ଅବିହିତ କରୁଥାଏ । ଇନ୍‌ସପେକ୍ଟର ବୁଲୁର ଅଭିଯୋଗ ଶୁଣୁଥାନ୍ତି । ଯେତେବେଳେ କାହିଁକି ଜଣେ ସୁଦକ୍ଷ ଥନା ଇନସପେକ୍ଟରଙ୍କୁ ବଦଳି କରାଯାଇ ଗବଗାଣ୍ଡୁମାନଙ୍କୁ ଏ ଅଞ୍ଚଳକୁ ଅଣାଗଲା ବୋଲି ଅଭିଯୋଗ କରେ, ସେତେବେଳେ ଇନ୍‌ସପେକ୍ଟର୍ ମହଣକିଆ ଚାପୁଡ଼ାଟାଏ ତା' ଗାଲରେ ବସାଇଦେଲେ । ଚୋର, ବଦମାସ, ତୁ ପୁଣି ନେତା ସାଜିଛୁ — ଇନ୍‌ସପେକ୍ଟର ରାଗରେ ଗର୍ଜିଉଠିଲେ । ବୁଲୁ ଓ ତା'ର ବ୍ରଦରମାନେ ଜାଣିପାରିଲେନି, ଏ ସବୁ କ'ଣ ହୋଇଯାଇଛି । ଇନସପେକ୍ଟର୍ ସଙ୍ଗେ ସଙ୍ଗେ ଏ ଦଳଟାକୁ ଆରେଷ୍ଟ କରିବାକୁ ନିର୍ଦ୍ଦେଶ ଦେଲେ । ବିଧାୟକ ମୁରୁକି, ମୁରୁକି ହସୁଥାନ୍ତି । ଉପସ୍ଥିତ ଭଦ୍ରବ୍ୟକ୍ତିମାନେ କରତାଳି ଦ୍ୱାରା ଇନସପେକ୍ଟର୍‌ଙ୍କର ଆଶୁ କାର୍ଯ୍ୟାନୁଷ୍ଠାନର ଉଚ୍ଚ ପ୍ରଶଂସା କଲେ ।

ଦୁର୍ନୀତି ନିବାରଣୀ ସଂଘର ଦୁର୍ନୀତିଗ୍ରସ୍ତ ସଭାପତି ଓ ସଭ୍ୟମାନଙ୍କ ଗିରଫ ପରେ ରାମବାବୁ ହେଡ୍‌ମାଷ୍ଟରଙ୍କୁ କହିଲେ — ସବୁ ଆପଣଙ୍କ ଯୋଗୁଁ ହେଲା ସାର୍ ।

''ଏମାନଙ୍କ ପାଇଁ ଆଉ ଜାମିନ୍ ନାହିଁ ।'' — ହେଡ୍‌ମାଷ୍ଟର୍ ଛୋଟିଆ ହସଟିଏ ହସି, ସ୍କୁଲ୍ ଭିତରକୁ ଚାଲିଗଲେ ।

* * *

Digitized by srujanika@gmail.com

ଝଡ଼ର ଶେଷ

''ପ୍ରତ୍ୟେକ ଜିନିଷର ଗୋଟାଏ ନିର୍ଦ୍ଦିଷ୍ଟ ସୀମା ଅଛି'' – ଗର୍ଜିଉଠିଲା ଦେବାଶିଷ । ହଠାତ୍ କଥାରେ ପୂର୍ଣ୍ଣଛେଦ ଟାଣିବାକୁ ଯାଇ ସୁହାସିନୀ କହିଲା – ମନର ? ମନର ଗୋଟିଏ କ'ଣ ନିର୍ଦ୍ଦିଷ୍ଟ ସୀମା ଅଛି ? ଦେବାଶିଷ ଚୁପ୍ ହୋଇଗଲା । ସେ ଜାଣେ – ସୁହାସିନୀକୁ ଯେତେ କହିଲେ ମଧ, ସେ ବୁଝିବା ଝିଅ ନୁହେଁ । ତେଣୁ କହି କିଛି ଲାଭ ନାହିଁ । ବର୍ଷାଟାର ବେଗ ଖୁବ୍ ବଢ଼ିଯାଇଥାଏ । ବାହାରେ ବତାସୀ ପବନଟା ସାଇଁ, ସାଇଁ ପିଟୁଥାଏ । ସକାଳୁ ସ୍ୱାମୀ, ସ୍ତ୍ରୀଙ୍କ ଭିତରେ ଖୁବ୍ ଉଚ୍ଚବାଚ ହୋଇ ସାରିଲାଣି । ବାକୀ ଅଛି ଖାଲି ଗୋଟାଏ ଫଇସଲା । ଦେବାଶିଷ ଜାଣିବାକୁ ଚାହେଁ ସୁହାସିନୀର ଇଚ୍ଛା କ'ଣ ? ଜଣକ ପାଖରେ ରହି, ଅନ୍ୟ ସଙ୍ଗରେ ସ୍ୱଚ୍ଛନ୍ଦରେ ବୁଲିବାଟାକୁ ସେ କିପରି ବରଦାସ୍ତ କରିବ ? ଏଇ ପାଟିତୁଣ୍ଡ ଭିତରେ ସାନ ପିଲାଟା ମୂକ ପାଲଟିଯାଇଛି । ଆଜିକି ଦୀର୍ଘଦିନ ଧରି ଏପରି ପାଟିତୁଣ୍ଡ ଚାଲିଛି । ସେଥିରେ ସେ ପିଲାଟା ଖୁବ୍ ଅଭ୍ୟସ୍ତ ହୋଇଗଲାଣି ।

ଯତିନ – ଜଣେ ଆଭିଜାତ୍ୟ ସମ୍ପନ୍ନ ଯୁବକ । ସେ ଏ ସହରରେ ଉଚ୍ଚ ସରକାରୀ ଅଫିସର୍ ଭାବରେ ନିଯୁକ୍ତି ପାଇଛି । ଗାଡ଼ି, ଘୋଡ଼ା, ବ୍ୟାଙ୍କ ବାଲାନ୍ସ କୋଉଥିରେ ତା'ର ଅଭାବ ନାହିଁ । କଲେଜ ଜୀବନରେ ସୁହାସିନୀ ତା'ର ସହପାଠିନୀ ଥିଲା । ରୂପରେ ସେ ଥିଲା ଅନନ୍ୟା । ତାକୁ ଥଟ୍ଟାରେ କଲେଜର କେତେଟା ଛତରା ଟୋକା କଲେଜ୍ କୁଇନ୍ ବୋଲି ଡାକୁଥିଲେ । ବହୁ ଯୁବକ ତା'ର ସାନିଧ ପାଇଁ ପାଗଳ ହୋଇଉଠିଥିଲେ । ସେମାନଙ୍କ ଭିତରୁ ଜଣେ ଥିଲା ଯତିନ । ସେ ସୁହାସିନୀ ସହିତ ବିବାହ ପାଇଁ ପ୍ରସ୍ତାବ ବାଢ଼ିଥିଲା । କିନ୍ତୁ ସୁହାସିନୀ ରୋକ୍‌ଠୋକ୍ ମନା କରି ଦେଇଥିଲା । ଆଘାତ ପାଇ କଲେଜ ଛାଡ଼ି ଅନ୍ୟ କଲେଜକୁ ଚାଲିଯାଇଥିଲା ଯତିନ୍ ।

କିନ୍ତୁ ସୁହାସିନୀ ଥିଲା ଦେବାଶିଷ ପାଇଁ ପାଗଳ । ଦେବାଶିଷ ଜଣେ ମେଧାବୀ ଛାତ୍ର ଥିଲା । ତା'ର ବଳିଷ୍ଠ ଚେହେରା ସୁହାସିନୀକୁ ପାଗଳ କରିଥିଲା । କଲେଜ ନିର୍ବାଚନରେ ସେ ଦେବାଶିଷ ପାଇଁ ପ୍ରଚାର କରୁଥିଲା । ଦିନରାତି ଖୁବ୍ ପରିଶ୍ରମ କରି ସେ ସଭାପତି ନିର୍ବାଚନରେ ଦେବାଶିଷକୁ ଜିତାଇ ଦେଇଥିଲା । ତେଣୁ ଈର୍ଷାପରାୟଣ ଯୁବକମାନେ କଲେଜ କାନ୍ଥବାଡ଼ରେ ତାକୁ ଓ ଦେବାଶିଷକୁ ନେଇ ବହୁତ କିଛି ଲେଖିଥିଲେ । କୌଣସିଟିକି ଭ୍ରୁକ୍ଷେପ କରି ନଥିଲା ସୁହାସିନୀ ।

ସୁହାସିନୀ ଯେତେବେଳେ ତା'ର ମା'ଙ୍କ ଜରିଆରେ ଦେବାଶିଷ ସହିତ ବିବାହ ପ୍ରସ୍ତାବ ବାଢ଼ିଲା, ବାପା ବଡ଼ ଉତ୍ୟକ୍ତ ହୋଇପଡ଼ିଲେ । ଗୋଟାଏ ଗରିବ ଯୁବକ, ଯାହାର ଚାଳଘରଟି ଛଡ଼ା ଅନ୍ୟ କିଛି ସମ୍ବଳ ନାହିଁ, ତାଙ୍କ ଝିଅ ପୁଣି ସେମିତି ଘରେ

Digitized by srujanika@gmail.com

ବାହା ହେବ – ଏହା ତାଙ୍କ ପାଇଁ, ତାଙ୍କ ବଂଶ, କୁନିଆଦି ପାଇଁ ଘୋର ଅପମାନ ହେବ ଭାବି, ସେ ରୋକ୍‌ଠୋକ୍ ମନା କରିଦେଲେ । କିନ୍ତୁ ସୁହାସିନୀ ଥିଲା ତାଙ୍କର ଏକମାତ୍ର ଅଲିଅଳ କନ୍ୟା । ମା' ଭାବିଲେ ତାଙ୍କର ତ ଝିଅଟି ଛଡ଼ା ଅନ୍ୟ କେହି ନାହାନ୍ତି । ଯଦି ଘରଜ୍ୱାଇଁ ହୋଇ ରହେ ତା' ହେଲେ ଖୁବ୍ ଭଲ ହବ । ସେ ବାପାଙ୍କୁ ବାଧ କଲେ । ବିବାହ କାର୍ଯ୍ୟ ଶେଷ ହୋଇଗଲା । କିନ୍ତୁ ବିବାହ ପରେ ସୁହାସିନୀ ଅସୁଖୀ ହୋଇପଡ଼ିଲା । ଦେବାଶିଷର ବାପା ମା' ଭାଇ ଭଉଣୀ ସମସ୍ତେ ତାକୁ ଚିଡ଼ିଆଖାନାର ଜନ୍ତୁ ପରି ଦେଖାଗଲେ । ସେ ସେମାନଙ୍କୁ ଖୁବ୍ ଖରାପ ବ୍ୟବହାର କଲା । ଶେଷରେ ସେ ଦେବାଶିଷ ଆଗରେ ପ୍ରସ୍ତାବ ବାଢ଼ିଲା – ଚାଲ, ଆମେ ସହରକୁ ଚାଲିଯିବା । ଏଇଠି ମୁଁ ଚଳିପାରିବିନି । ଯଦି ତୁମେ ଅଲଗା ହୋଇ ରହିବାକୁ ନ ଚାହଁ, ମୋତେ ମୋ ବାପଘରକୁ ପଠାଇଦିଅ ।

ଦେବାଶିଷ ଜଣେ ଆଦର୍ଶବାଦୀ ଯୁବକ । ଚାକିରି ପାଇଲେ ସେ ଚାଲିଯିବ, ତା' ପୂର୍ବରୁ ନୁହଁ ବୋଲି ସୁହାସିନୀକୁ ଶୁଣାଇଦେଲା ।

ଆଜି ଦେବାଶିଷ ଅଧ୍ୟାପକ ଚାକିରୀଟିଏ ପାଇଛି । ସହରରେ ଘରଟିଏ ଭଡ଼ା ନେଇ ରହିଛି । ମୁ ଟାଙ୍କର ପ୍ରେମର ପ୍ରଥମ ସ୍ମାରକୀ ।

ମୁନ୍ନାକୁ ନେଇ ଦେବାଶିଷ ବହୁତ କିଛି କଳ୍ପନା କରିଛି । ମୁନ୍ନା ବଡ଼ ହେବ । ମଣିଷ ପରି ମଣିଷ ହେବ – ଏଇ ଆଶା ନେଇ ଯେ ବହୁତ ଭାବିଛି । କିନ୍ତୁ ସୁହାସିନୀ ? ତା'ର ପରିବର୍ତ୍ତନ ହେଲା କାହିଁକି ? ସେ ଆଜିକାଲି ଘରେ ରହୁନି । କୋଉ ବନ୍ଧୁଙ୍କ ସହିତ କାର୍‌ରେ ବୁଲୁଛି । ବହୁତ ରାତିକୁ ଫେରୁଛି । ଦେବାଶିଷର ପୌରୁଷ ଉପରେ ଏ ଯେ କଠୋର ଆଘାତ, ଭଲ ଭାବରେ ଉପଲବ୍ଧି କଲା ସେ । ତେଣୁ ବହୁତ ଥର ସୁହାସିନୀକୁ ସେ ସତର୍କ କରାଇ ଦେଇଛି । କିନ୍ତୁ ସୁହାସିନୀ ତା'ର କଥାକୁ ଭ୍ରୂକ୍ଷେପ କରିନି । ସେଦିନ ଖୁବ୍ ଡେରିରେ ଘରକୁ ଫେରିଥିଲା ସୁହାସିନୀ । ସେତେବେଳକୁ ରାତି ବାରଟା । ଦେବାଶିଷ କିଛି କହି ନଥିଲା । ବର୍ଷାଟା ୩ଦିନ ଧରି ଚାଲିଛି । ତା' ସାଙ୍ଗରେ ତୋଫାନ୍ । ଏ ଝଡ଼ବର୍ଷାରେ କୁଆ, କୋଇଲି, ବସା ଛାଡ଼ି ବାହାରୁ ନଥିବା ବେଳେ, ସୁହାସିନୀ ଯେ ରାତିଅଧରେ ଫେରୁଛି – ଏକଥା ସେ କେତେଦିନ ଆଉ ସହ୍ୟ କରିବ । ସକାଳୁ ଉଠି ଦେବାଶିଷ ପ୍ରଶ୍ନ କରିଥିଲା – ଧୈର୍ଯ୍ୟର ତ ଗୋଟିଏ ସୀମା ଅଛି ।

ମୁହଁ ତଳକୁ କରି ବସିଥିଲା ସୁହାସିନୀ । କ'ଣ ସେ କହିବ ? ସେ କ'ଣ ମନଖୋଲି କହିଦବ – ସେ ତାକୁ ଭଲ ପାଏନା ? ଯତିନ ତା'ର ସବୁକିଛି । ଏଇ ଯତିନ୍ ତା' ପାଇଁ ଏ ପର୍ଯ୍ୟନ୍ତ ବିବାହ କରିନି । ଯତିନ୍‌କୁ ଯେତେବେଳେ ସେ ପ୍ରଶ୍ନ କରିଥିଲା – ତୁମେ ବିବାହ କରୁନା କାହିଁକି ? ଯତିନ୍ କାନ୍ଦି ପକାଇଥିଲା । ଯତିନ୍ ଆଖିର ଲୁହ ସେଦିନ ତାକୁ ବିବ୍ରତ କରିଥିଲା । ସୁହାସିନୀ ଭାବିଲା, ଏ ଯତିନ୍ କେଡ଼େ

Digitized by srujanika@gmail.com

ଉଦାର, କେଡ଼େ ମହାନ୍ । ତା' ପାଇଁ ସେ ଆଜୀବନ ଅବିବାହିତ ହୋଇ ରହିଗଲା । କିନ୍ତୁ ଦେବାଶିଷ ଶିକ୍ଷିତ ହେଲେ କ'ଣ ହେବ – ଗୋଟାଏ ବ୍ରୁଟ୍ । ଆଜି ତା' ବାଟରେ ଦେଖାଦେଇଛି – ଏଇ ମୁନ୍ନା । ନ ହେଲେ କୋଉଦିନୁଁ ସେ ତାକୁ ଛାଡ଼ପତ୍ର ଦେଇ ସାରନ୍ତାଣି ।

ପ୍ରେମ ବିବାହଟାକୁ ଯେଉଁମାନେ ବିଶ୍ଳେଷଣ କରିଛନ୍ତି – ସେମାନଙ୍କ ମତରେ ଏହା ବେଶୀଦିନ ତିଷ୍ଠେନା । ସାମୟିକ ଉତ୍ତେଜନାରେ ଯେଉଁ ଭୁଲ୍‌ଟା ହୋଇଯାଏ କ୍ରମେ କ୍ରମେ ତାହା ବାରୁଦ ଗଦାରେ ପରିଣତ ହୁଏ । ଯେତେବେଳେ ବିସ୍ଫୋରଣ ଘଟେ – ସେଇଠି ଛାଡ଼ପତ୍ର, ଆତ୍ମହତ୍ୟା ନଚେତ୍ ଦ୍ୱିତୀୟ ଥର ପାଇଁ ବିବାହ ।

ଦେବାଶିଷ ମନେ ମନେ ଠିକ୍ କଲା, ସେ ସବୁଦିନ ପାଇଁ ସୁହାସିନୀ ନିକଟରୁ ବିଦାୟ ନେଇ ଚାଲିଯିବ । ବରଂ ସେଭଳି ଜୀବନ ତା' ପାଇଁ ଶ୍ରେୟସ୍କର । ସେ ଆଜି ସୁହାସିନୀ ଠାରୁ ଉତ୍ତର ଦାବୀ କରିଛି । ସେ ରହିବ ନା, ତା'ଠାରୁ ଅଲଗା ହୋଇଯିବ ।

ଉତ୍ତର ଦେଇନି ସୁହାସିନୀ । 'ମନ କିଛି ସୀମା ମାନେ ନା' ଏତିକି କହି ସେ ନିରବ ରହିଛି । ଦେବାଶିଷ ସ୍ଥିର କରି ନେଇଛି ସୁହାସିନୀ ନିଶ୍ଚିତ ଭାବରେ ତା' ଠାରୁ ଅଲଗା ହୋଇଯିବ । କାନ୍ଥରେ ଲୈଲା, ମଜନୁଙ୍କର ତୈଳଚିତ୍ର । ସୁହାସିନୀ ଆଖି ତା' ଉପରେ ନିବଦ୍ଧ ହୋଇଗଲା । ତା'ପରେ ସେ ମୁନ୍ନାକୁ ଚାହିଁଲା । ପିଲାଟା ପାଟିଗୋଳ ଶୁଣି ଖୁବ୍ ଡରି ଯାଇଛି । ମୁନ୍ନାର ଆଜି ଜନ୍ମଦିନ । ଗତବର୍ଷ ସେ ମୁନ୍ନାର ଜନ୍ମଦିନ ଖୁବ୍ ଯାକ୍‌ଜମକ୍‌ରେ ମନେଇଥିଲା । ଏ ବର୍ଷ ସେ ଖାଲି ଯତିନ୍‌କୁ ଖାଇବାକୁ ଡାକିଛି । ଦେବାଶିଷ ଗତବର୍ଷ ଛୁଟି ନେଇ, ତା'ର ବନ୍ଧୁମାନଙ୍କୁ ଚର୍ଚ୍ଚା କରିଥିଲା । କିନ୍ତୁ ଏ ବର୍ଷ କାହିଁ, ସେ ତ କିଛି କଲା ପରି ଜଣାପଡୁନି ।

ଯତିନ୍‌କୁ ନେଇ ଆଜି ତା' ଘରେ ତୁମୁଳ ଝଡ଼ର ସୃଷ୍ଟି । ଯତିନ୍ ଆସୁଛି – ତା' ପାଖକୁ ନାନା ବାହାନା କରି । ବାହାରେ ଝଡ଼, ତୋଫାନ୍‌ଟା କିଛି ପରିମାଣରେ ଥମି ଯାଇଛି । ରାସ୍ତାଟା ଜନଶୂନ୍ୟ । ଦିନ ୧୨ଟା ବାଜିବା ଉପରେ । ଯତିନକୁ ସେ ମଧ୍ୟାହ୍ନ ଭୋଜନକୁ ନିମନ୍ତ୍ରଣ କରିଛି । ଯତିନ୍ ଠିକ୍ ସମୟରେ ଆସି ପହଞ୍ଚିଯିବ । ସେ ତାକୁ କିପରି ଭାବରେ ସମ୍ବର୍ଦ୍ଧନା କରିବ ? ସେ କ'ଣ ଯତିନ୍ ମନରେ ଆଘାତ ଦେଇ, ତାକୁ ଫେରାଇ ଦେବ ? ଲୈଲା, ମଜନୁର ପ୍ରତିଛବି ତା' ଆଖି ଆଗରେ ସ୍ଥିର ହୋଇରହିଗଲା । ସେ ଭାବିଲା – ପ୍ରେମ ପାଇଁ ଆତ୍ମବଳୀ, ଇତିହାସର ବିଷୟବସ୍ତୁ ହୋଇ ରହିଅଛି । କିନ୍ତୁ ସେ କରୁଛି କ'ଣ ? ଦେବାଶିଷ ତ କିଛି ଖରାପ ଯୁବକ ନୁହେଁ ? ତେବେ ଅଯଥାରେ ଏ ଝଡ଼ର ସୃଷ୍ଟି ହୋଇଛି କାହିଁକି ?

ହଠାତ୍ କଲିଂ ବେଲ୍‌ର ଆବାଜ୍ ଶୁଣାଗଲା । ସୁହାସିନୀ ଉପରେ ଥାଇ ଦେଖିଲା, ଦୁଆର ମୁହଁରେ ଯତିନ୍ ଠିଆ ହୋଇଛି, ହାତରେ ଫୁଲତୋଡ଼ା । ଦେବାଶିଷ

Digitized by srujanika@gmail.com

ଉଠି ଯାଉଥିଲା । ସୁହାସିନୀ ହାତ ଧରି ପକାଇ କହିଲା – କ'ଣ ମୋ ଉପରେ ଖୁବ୍ ରାଗିଛ ? ସବୁ ମୋର ଭୁଲ । ଦୁଇ ହାତରେ ପାଦକୁ ଜାବୁଡ଼ି ଧରି ସେ କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା । ଆଖିର ଲୁହରେ ତା'ର ପାଦ ଦୁଇଟା ସତେ ଯେପରି ଧୋଇ ହୋଇ ଯାଉଥିଲା । କଲିଂ ବେଲ୍‌ଟା ଖୁବ୍‌ଜୋର୍‌ରେ ଗର୍ଜି ଉଠୁଛି । ସୁହାସିନୀ ଦୌଡ଼ିଯାଇ ଦୁଆର ନ ଖୋଲି କହିଲା – ଚାଲିଯାଅ । ସବୁଦିନ ପାଇଁ ଏ ଘର ତୁମକୁ ମନା । ଉପରକୁ ଆସି ଦେଖେ, ଦେବାଶିଷ ମୂକ ପାଲଟି ଯାଇଛି । ଯତିନ୍ ରାସ୍ତାରେ ଏକା ଚାଲି ଯାଉଥିଲା । ରାସ୍ତାକଡ଼ ନାଳକୁ ସେ ଆଣିଥିବା ଫୁଲତୋଡ଼ାଟା ଫିଙ୍ଗି ଦେଲା ।

ମୁହଁ ଫେରାଇ ଦେଖିଲା ସୁହାସିନୀ, ଦେବାଶିଷ ମୁନ୍ନାର ଗାଲରେ ଚୁମାଟିଏ ଦେଉଛି ।

ବାହାରେ ଝଡ଼ ଶେଷ ହୋଇ ଆସୁଥିଲା – ତା' ସାଙ୍ଗରେ ଦେବାଶିଷର ମନ ଆକାଶରୁ ଝଡ଼ଟା କ୍ରମେ କ୍ରମେ ଦୂରେଇ ଯାଉଥିଲା ।

* * *

Digitized by srujanika@gmail.com

ଆତ୍ମହତ୍ୟା

ଯୌତୁକ ନିବାରିଣୀ ସଂଘର ସମ୍ପାଦିକା ଶ୍ରୀମତୀ ସୁକାମିନୀ ଦେବୀ, ଶେଷରେ ଯୌତୁକ ରାକ୍ଷସର ଶିକାର ହୋଇ, ନିଜ ଦେହରେ କିରାସିନି ଢାଳି ଯେ ଆତ୍ମହତ୍ୟା କରିବେ, ଏ କଥା କିଏ ବା କାହିଁକି ବିଶ୍ୱାସ କରିବ ? ଦିନ ଦି' ପହରରେ, ଏକ ନିବୁଜ କୋଠରୀରେ ତାଙ୍କ ଶରୀର ହୁ, ହୁ, ଜଳୁଥିବା ସମୟରେ ପଡୋଶିନୀଙ୍କ ଦ୍ୱାରା ସେ ହାସ୍‌ପିଟାଲ୍‌କୁ ସ୍ଥାନାନ୍ତରିତ ହେଲେ ଓ ସେହିଠାରେ ସେ ଶେଷନିଃଶ୍ୱାସ ତ୍ୟାଗ କଲେ । ଏହି ଖବରଟା ସମ୍ବାଦପତ୍ର ପୃଷ୍ଠାମଣ୍ଡନ କରି ଯେତେବେଳେ ଦେଶସାରା ପ୍ରଚାର ହୋଇଗଲା, ସମସ୍ତେ ହତବାକ୍ ହୋଇଗଲେ । ଏଇ ସୁକାମିନୀ ଦେବୀ ଦେଶ ପାଇଁ ନ କରିଛନ୍ତି କ'ଣ ? ଯୌତୁକ ପ୍ରଥା ବିରୁଦ୍ଧରେ ତାଙ୍କର ଓଜସ୍ୱିନୀ ଭାଷଣ ବିପୁଳ ଜନତାକୁ ସ୍ତବ୍ଧ କରିଛି । ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ – ଜଣେ ଉଚ୍ଚଶିକ୍ଷିତା ମହିଳା, ତିନୋଟି ପୁତ୍ର ସନ୍ତାନର ଜନନୀ, ପୁଣି ସ୍ୱାମୀ ସୋହାଗିନୀ ସେ ପୁଣି ଆତ୍ମହତ୍ୟା କଲେ କାହିଁକି ? ଯେଉଁଲୋକ ଏଇ ଦମ୍ପତିଙ୍କୁ ରାସ୍ତାରେ ଯୋଡି ହୋଇଯାଉଥିବା ଦୃଶ୍ୟ ଦେଖିଛି, ସେ ମନେ ମନେ କହେ ସାକ୍ଷାତ୍ ଲକ୍ଷ୍ମୀନାରାୟଣ । ଆଉ ମଧ ଏହି ଯୋଡ଼ିକୁ ଶତ୍ରୁ ମଧ ଦଣ୍ଡେ ନ ଚାହିଁ ରହିପାରେନି । ସୁକାମିନୀଙ୍କର କିଛି ଅଭାବ ନଥିଲା । ଧନ, ମାନ, ଗୌରବରେ ସୁକାମିନୀ ଦେବୀଙ୍କ ପରିବାର ସହରରେ ଖୁବ୍ ନାଁ ଅର୍ଜି ଥିଲା । ସୁକାମିନୀ ଦେବୀ ଜାତି, ଜାତକ, ଯୌତୁକ ବିନା, ବିବାହ ସମ୍ପାଦନ ପାଇଁ ଗୋଟିଏ ଅନୁଷ୍ଠାନ ଗଢ଼ିଥିଲେ ଓ ସେ ନିଜ ହାତରେ ଏଇ ଧରଣର ବହୁ ବିବାହ କରାଇଥିଲେ । ତାଙ୍କର ସ୍ୱାମୀ ଓକିଲ ବସନ୍ତ ବାବୁ ବିନା ପଇସାରେ ଯୌତୁକ ଜନିତ ମକଦ୍ଦମାଗୁଡ଼ିକ ସ୍ତ୍ରୀ ସୁକାମିନୀଙ୍କ ଅନୁରୋଧରେ ମାଗଣାରେ ଲଢୁଥିଲେ, ଏଥିପାଇଁ ତାଙ୍କର ଯଥେଷ୍ଟ ସୁନାମ ବି ଥିଲା । ମୋଟାମୋଟି ଏ ପରିବାରଟି ଉପରେ ଜନସାଧାରଣଙ୍କର ବିଶେଷ ଶ୍ରଦ୍ଧା ଥିଲା । ବିଶେଷ କରି ସୁକାମିନୀ ଦେବୀଙ୍କ ସରଳ, ଅମାୟିକ ବ୍ୟବହାରରେ ସମସ୍ତେ ସନ୍ତୁଷ୍ଟ ଥିଲେ । ସେ ପୁଣି ଯୌତୁକ ଯୋଗୁଁ ଆତ୍ମହତ୍ୟା କରିବେ, ଖବରଟାକୁ କିଏ ଜଣେହେଲେ ବିଶ୍ୱାସ କଲେ ନାହିଁ । ସମସ୍ତଙ୍କ ମନରେ ଗୋଟିଏ କଥା – ମଣିଷ ଯେତେ ସୁଖରେ ଥିଲେ ମଧ, ତା' ମନରେ ନିଶ୍ଚିତ ଭାବରେ କିଛିଟା ମାନସିକ ଅଶାନ୍ତି ରହୁଛି । ସେଥିପାଇଁ ସେ ଆତ୍ମହତ୍ୟା କରୁଛି । ତା' ଛଡ଼ା ଆତ୍ମହତ୍ୟାଟା ଗୋଟାଏ ବ୍ୟାଧି । ସମସ୍ତେ କ'ଣ ଆତ୍ମହତ୍ୟା କରିପାରିବେ ? ମଣିଷ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇ, ଶୀତ, କାକର, ବର୍ଷାରେ ଗଛତଳେ ପଡ଼ିରହି, ବଞ୍ଚି ରହିବାକୁ ଭଲ ପାଉଛି ସିନା, ସେ କ'ଣ ଆତ୍ମହତ୍ୟା କରୁଛି ? ଯେତେବେଳେ ସୁକାମିନୀ ଦେବୀଙ୍କ ସ୍ୱାମୀ ଅଚଳାଚଳ ସମ୍ପତ୍ତିର ମାଲିକ, ୧୨ବର୍ଷ ବିବାହିତ ଜୀବନ ବିତାଇବା ପରେ, ସେ ଯୌତୁକ କଥା

Digitized by srujanika@gmail.com

ଉତ୍‌ଥାପନ କରିବା ଏକ ସମ୍ପୂର୍ଣ୍ଣ କପୋଳକଳ୍ପିତ କାହାଣୀ ଛଡ଼ା ଅନ୍ୟକିଛି ହୋଇନପାରେ ।

ଆଜି ଦେଶସାରା ସୁକାମିନୀ ଦେବୀଙ୍କ ଅକାଳ ମୃତ୍ୟୁରେ ଶୋକସଭାମାନ ଅନୁଷ୍ଠିତ ହେଉଅଛି । ଚଳିତବର୍ଷ ସାଧାରଣତନ୍ତ୍ର ଦିବସରେ ତାଙ୍କୁ 'ପଦ୍ମଶ୍ରୀ' ଉପାଧି ମିଳିଥାନ୍ତା । ବକ୍ତାମାନେ ଭାଷଣ ଦେବାବେଳେ, ସେମାନଙ୍କର କଣ୍ଠ ବାଷ୍ପ ରୁଦ୍ଧ ହୋଇ ଉଠୁଛି । କେତେକ ବକ୍ତା ଭାଷଣ ଆରମ୍ଭ କରିବାକୁ ଯାଇ, ପିଲାଙ୍କ ପରି କଇଁ କଇଁ ହୋଇ କାନ୍ଦି ଉଠୁଛନ୍ତି କିଛି କହି ନପାରି ମଞ୍ଚରୁ ଫେରି ଆସୁଛନ୍ତି । ସୁକାମିନୀ ଦେବୀଙ୍କ ମୃତ୍ୟୁ ରହସ୍ୟ ଉଦ୍‌ଘାଟନ କରିବାକୁ ପ୍ରସ୍ତାବମାନ ଗୃହୀତ ହେଉଅଛି ଓ ଏହାର ତଦନ୍ତ ଭାର କେନ୍ଦ୍ରତଦନ୍ତ ବ୍ୟୁରୋ ହାତରେ ନ୍ୟସ୍ତ କରିବାକୁ କେତେକ ବି ସ୍ୱର ଉଠାଇଲେଣି । ସୁକାମିନୀ ଦେବୀଙ୍କର ମୃତ୍ୟୁ ରହସ୍ୟ ନିଶ୍ଚିତ ଭାବରେ ଉଦ୍‌ଘାଟନ କରିବାକୁ ହେବ । ନାରୀଜାତି ସବୁବେଳେ ଆଉ ଅତ୍ୟାଚାରିତ ହୋଇ ରହିପାରିବ ନାହିଁ । ପୁରୁଷର ଅତ୍ୟାଚାରକୁ ଏ ଜାତି କାହିଁକି ଯେ ସବୁବେଳେ ବରଦାସ୍ତ କରି ରହିଥିବ ? ଯେତେବେଳେ ସୁକାମିନୀ ଦେବୀ ଡାକ୍ତରଖାନାର ସ୍ପେଶାଲ୍ କ୍ୟାବିନ୍‌ରେ ଆଡ଼ମିଟ୍ ହେଲେ, ଦେହ ତାଙ୍କର ଏପରି ଭାବରେ ଜଳିଯାଇଥାଏ ଯେ, ପୁଳା, ପୁଳା ମାଂସ ବାହାରକୁ ଓହଳିପଡ଼ିଥାଏ । ଆଖି ଦୁଇଟିକୁ ଛାଡ଼ିଦେଇ, ଚାରିଆଡ଼େ ଆବୁ ଭଳି ଫୋଟକାଗୁଡ଼ାକ ବାହାରି ପଡ଼ିଥାଏ । ଦେଖଣାହାରିମାନେ କହନ୍ତି, ଜଳୁଥିବା ସମୟରେ ପଡ଼ୋଶିନୀମାନେ ବାଲଟି, ବାଲଟି ପାଣି ତାଙ୍କ ଉପରକୁ ପକାଇଦେବା ଯୋଗୁଁ, ଫୋଟାକାଗୁଡ଼ାକ ବେଶୀ ହୋଇଗଲା । ମାଜିଷ୍ଟ୍ରେଟ ମୃତ୍ୟୁକାଳୀନ ଜମାନବନ୍ଦୀ ନେବା ପାଇଁ ଆସିଯାଇଥାନ୍ତି । ପାଖରେ ଠିଆ ହୋଇଥାନ୍ତି ପୋଲିସ୍ ଇନ୍‌ସପେକ୍‌ଟର । ମୁଣ୍ଡପଟକୁ ଡାକ୍ତରବାବୁ ଓ ପାଦତଳେ ସ୍ୱାମୀ ବସନ୍ତବାବୁ । ମାଜିଷ୍ଟ୍ରେଟ୍ ଯେତେବେଳେ ସୁକାମିନୀକୁ ପଚାରିଲେ, ଏ ଘଟଣା ପାଇଁ ଦାୟୀ କିଏ ? ସେତେବେଳେ ସେ କିଛି କହି ନପାରି ଚାରିଆଡ଼କୁ କରୁଣ ଦୃଷ୍ଟି ନିକ୍ଷେପ କଲେ । 'ମୁଁ', 'ମୁଁ' କହୁଥିବାବେଳେ ତାଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା । ବସନ୍ତବାବୁ ପିଲାଙ୍କ ପରି କାନ୍ଦି ଉଠିଥିଲେ, ଓ ତାଙ୍କ କାନ୍ଦ ଦେଖି ପାଖରେ ଥିବା ଲୋକମାନେ ଲୁହ ସମ୍ଭରଣ ନ କରି ରହିପାରିଲେ ନାହିଁ । ତେଣୁ ସୁକାମିନୀଙ୍କର ମୃତ୍ୟୁଟା ଗୋଟାଏ ରହସ୍ୟାବୃତ୍ତ ହୋଇ ରହିଗଲା ।

ରହସ୍ୟ ଉଦ୍‌ଘାଟନ କରିବା ପାଇଁ କିଛିଦିନ ପରେ ଯୌତୁକ ନିବାରିଣୀ ସଂଘର ଏକ ଜରୁରୀ ବୈଠକ ଆହ୍ୱାନ କରାଗଲା । କେତେକ ସଭ୍ୟା ଭିନ୍ନ ଭିନ୍ନ ମତାମତ ଦେବାକୁ ଲାଗିଲେ । ସଭାନେତ୍ରୀ, ସୁକାମିନୀଙ୍କ ସ୍ୱାମୀଙ୍କୁ କେନ୍ଦ୍ରକରି ଏକ ଦୀର୍ଘ ଭାଷଣ ଦେଲେ । ଏ ମୃତ୍ୟୁର କେନ୍ଦ୍ରବିନ୍ଦୁ ଯେପରି ସୁକାମିନୀଙ୍କର ସ୍ୱାମୀ ବସନ୍ତବାବୁ । କେତେକ ସଭ୍ୟା କହିଲେ — ବେଳେ ବେଳେ ସୁକାମିନୀ ଦେବୀ କଥା ପ୍ରସଙ୍ଗରେ

Digitized by srujanika@gmail.com

କହନ୍ତି, ବିବାହ ବେଦୀରେ ତାଙ୍କ ଭାଇ ସ୍କୁଟର୍‌ଟିଏ ଦେବେ ବୋଲି କହିଥିଲେ, କିନ୍ତୁ ବସନ୍ତ ବାବୁ ସେହି ବେଦୀ ଉପରେ ତାହା ଗ୍ରହଣ କରିବେ ନାହିଁ ବୋଲି ରୋକ୍ ଠୋକ୍ ମନା କରି ଦେଇଥିଲେ । ଆଉ କେତେକ ସଭ୍ୟା କଥା ଉପରେ କଥା ଯୋଡ଼ିବାକୁ ଯାଇ ସୁକାମିନୀଙ୍କର ଶାଶୁ ଏ ସମ୍ପର୍କରେ ଉଲୁଗୁଣା ଦେଉଥିବା କଥା ସୁକାମିନୀ ଉପଲବ୍ଧି କରିଛନ୍ତି ବୋଲି ହସି ହସି କହୁଥିଲେ । ଯାହା ଆଲୋଚନାରୁ ଜଣାଗଲା – ଏ ହତ୍ୟା ଘଟଣା ଯୌତୁକଜନିତ । ଏଥିପାଇଁ ଯୌତୁକ ନିବାରିଣୀ ସଂଘର କ'ଣ କିଛି କର୍ତ୍ତବ୍ୟ ନାହିଁ ? ଆଜି ସୁକାମିନୀଙ୍କ ପରି ଜଣେ ଆଦର୍ଶବାଦିନୀ ମହିଳା ଯେତେବେଳେ ଯୌତୁକର ଶିକାର ହେଲେ, ଦେଶରେ ଅନ୍ୟମାନଙ୍କର ଅବସ୍ଥା ହଉ ନଥିବ କ'ଣ ? କେତେକ ସଭ୍ୟା କହିଲେ, ମୃତ୍ୟୁର କେତେଦିନ ପୂର୍ବରୁ ସେ ଏକ ବୈଠକରେ ଯୋଗ ଦେଇ, କିଛି ନ କହି, ସମସ୍ତଙ୍କୁ ନମସ୍କାର କରି ଚାଲିଗଲେ । ଏହି ସଂଘର ସଭ୍ୟାମାନେ ପ୍ରତ୍ୟେକ, ପ୍ରତ୍ୟେକଙ୍କ କାନରେ କିଛି ନା କିଛି କହୁଥିବାର ଦେଖାଗଲା । ଏହା ଯୌତୁକଜନିତ ହତ୍ୟା, କେତେକ ଛାତିରେ ହାତ ରଖି, ଦମ୍ଭୋକ୍ତି ପ୍ରକାଶ କଲେ । ତେବେ ଏ ଘଟଣା ମାସେ ବିତିଯାଇଥିଲେ ମଧ୍ୟ, ପୋଲିସ୍ ଯେ କାହିଁକି ଏଥିପାଇଁ ନିଷ୍କ୍ରିୟ ସରକାର କାହିଁକି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଉ ନାହାନ୍ତି, ଏ କଥା ସମସ୍ତଙ୍କ ମନରେ କୁହେଳି ସୃଷ୍ଟି କଲା ।

ଏ କଥା ନିଶ୍ଚିତ ଯେ, ବସନ୍ତ ବାବୁ ଓ ତାଙ୍କ ପରିବାର ଏକ ଖ୍ୟାତନାମା ପରିବାର । ତାଙ୍କର ଦୁଇ ପୁରୁଷ ସ୍ୱାଧୀନତା ସଂଗ୍ରାମୀ ଥିଲେ । ସେଭଳି ଏକ ପରିବାର ଉପରେ ଅଯଥା କିଏ କାହିଁକି ଦୋଷାରୋପ କରିବ ? ଲୋକେ ତାଙ୍କ ଦୁଆରବାଟେ ଯିବାବେଳେ, ଧୂଳି ନେଇ ମୁଣ୍ଡରେ ବୋଳୁଥିବା ଦେଖାଯାଏ । ସ୍ୱାଧୀନତା ଆନ୍ଦୋଳନ ସମୟରେ ଗୋରା ସରକାର ତାଙ୍କର ବାପା, ଜେଜେବାପାଙ୍କୁ ମିଥ୍ୟା ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରି ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ । ତେବେ ଏଭଳି ପରିବାରରେ ଜଣେ ଯେ ଆତ୍ମହତ୍ୟା କଲା, ଏଇ କଥାଟାକୁ ସାଧାରଣ ଲୋକେ ବିଶେଷ ଗୁରୁତ୍ୱ ଦେଲେ ନାହିଁ । ଏଇ ଘଟଣା ଘଟିବାର କେତେ ଦିନପରେ ଯେତେବେଳେ ବସନ୍ତ ବାବୁ ସନ୍ଧ୍ୟା ସମୟରେ ତିନୋଟି ପିଲାଙ୍କୁ ଚଲେଇ ଚଲେଇ ରାସ୍ତାରେ ନେଉଥାନ୍ତି, ଲୋକଙ୍କ ଆଖିରୁ ଲୁହ ଝରିପଡ଼େ । କିଏ ଚକୋଲେଟ୍‌ଟେ ଦିଏ ତ କିଏ ଚୁମାଟିଏ । ଆଉ କିଏ କାଖେଇ ଖଣ୍ଡେ ବାଟ ନେଇଯାଏ । ସୁକାମିନୀ ଦେବୀଙ୍କ ମଦ୍ୟପ ଭାଇ ସୁବାଷ ବାବୁ ଘଟଣାରୁ ଫାଇଦା ଉଠାଇବା ପାଇଁ ଯେତେବେଳେ ଯୌତୁକ ନିବାରିଣୀ ସଂଘର ସଭାନେତ୍ରୀଙ୍କୁ ଚିଠି ଦ୍ୱାରା ଜଣାକଲେ – ସୁକାମିନୀର ହତ୍ୟା ପୁରାପୁରି ଯୌତୁକଜନିତ, ତାଙ୍କୁ କିରାସିନି ଢ଼ାଳି, ଜାଳି ହତ୍ୟା କରାଯାଇଛି, ସେତେବେଳେ ସମସ୍ତଙ୍କ ସନ୍ଦେହଟା ବରଫ ଭଳି ଜମାଟ ବାନ୍ଧିଗଲା । ଯୌତୁକ ନିବାରିଣୀ ସଂଘର ଜରୁରୀ ବୈଠକରେ ନିଷ୍ପତ୍ତି ନିଆଗଲା, ଏକ ଶୋଭାଯାତ୍ରା ସଭାନେତ୍ରୀଙ୍କ ନେତୃତ୍ୱରେ ବାହାରିବ । ସେହି ଶୋଭାଯାତ୍ରାଟି

Digitized by srujanika@gmail.com

ଜିଲ୍ଲାପାଳଙ୍କ ଅଫିସ୍ ନିକଟରେ ପହଞ୍ଚି ଏ ବିଷୟରେ ଆଶୁ ତଦନ୍ତ କରି ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବାକୁ ଦାବୀପତ୍ର ଉପସ୍ଥାପିତ କରିବ । ସାତ ଦିନ ଭିତରେ କାର୍ଯ୍ୟାନୁଷ୍ଠାନ ଗୃହୀତ ନହେଲେ, ଜିଲ୍ଲାପାଳଙ୍କ ଅଫିସ୍ ସମ୍ମୁଖରେ ସମସ୍ତ ସଭ୍ୟାଗଣ ସତ୍ୟାଗ୍ରହରେ ଯୋଗଦେବେ ।

ସଭାନେତ୍ରୀ ମନେ, ମନେ ଭାବିଲେ ବସନ୍ତବାବୁ ଯେପରି ନିଜକୁ ବିଶିଷ୍ଟ ଓ ସଚ୍ଚୋଟ ଭଦ୍ରଲୋକ ବୋଲି ଦେଖେଇ ହଉଚି, ଏହାଦ୍ୱାରା ତାକୁ ଭଲ କରି ପାନେ ଦିଆଯାଇ ପାରିବ ।

ଯେଉଁଦିନ ସୁକାମିନୀ ଦେବୀ ଆତ୍ମହତ୍ୟା କଲେ – ଘଟଣା ଘଟିବାର ୨ ଘଣ୍ଟା ପୂର୍ବରୁ ସ୍ୱାମୀ, ସ୍ତ୍ରୀଙ୍କ ଭିତରେ ଖୁବ୍ ବଚସା ହୋଇଥିଲା । ସେ ବଚସା ଅନ୍ୟ କିଛି ନଥିଲା – ଯୌତୁକ ନିବାରିଣୀ ସଂଘର ଅନୁଦାନ ବିଷୟରେ । ୨ ଲକ୍ଷ ଟଙ୍କା ଆତ୍ମସାତ୍‌ରେ ସମ୍ପାଦିକାଙ୍କର ଯେ ହାତ ନଥିଲା, ଯଦି ନଥିଲା ସେ କାହିଁକି ପ୍ରତିବାଦ କଲେନି, ଏଇ କଥା ନେଇ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଥା ଫିଙ୍ଗା, ଫିଙ୍ଗି ହୋଇଥିଲା । ବସନ୍ତ ବାବୁ କହିଥିଲେ ଯଦି ଅନ୍ୟାୟକୁ ପ୍ରତିବାଦ କରିପାରୁନ ତାହା ହେଲେ ବରଂ ଆତ୍ମହତ୍ୟା କରି ମରିବା ଉଚିତ । ଖଣ୍ଡିଏ ଚିଠିଚେ ପ୍ରାଞ୍ଜଳ ଭାବରେ ସୁକାମିନୀ ଦେବୀ କାହିଁକି ଆତ୍ମହତ୍ୟା କଲେ, ଅନୁଦାନ ଅର୍ଥ କିଏ, କି ପ୍ରକାରେ ଆତ୍ମସାତ୍ କରିଛନ୍ତି, ତାହା ଲେଖି ଯାଇଥିଲେ । ସେହି ଚିଠି ଖଣ୍ଡକ ମୃତ୍ୟୁର କେତେଦିନ ପରେ ପାଇ ଆଇ.ଜି.ଙ୍କ ପାଖକୁ ବସନ୍ତବାବୁ ପଠାଇ ଦେଇଥିଲେ । ଯୌତୁକ ନିବାରିଣୀ ସଂଘ ସଭାନେତ୍ରୀ ଜଣେ ପଦସ୍ଥ ଅଫିସରଙ୍କର ପତ୍ନୀ ହୋଇଥିବାରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହଜ ହେଉନଥିଲା । ଚିଠିଖଣ୍ଡକ ସରକାରଙ୍କୁ ବେଶ୍ ଖୋରାକ୍ ଯୋଗାଇ ଦେଲା ।

କାର୍ଯ୍ୟକ୍ରମ ଅନୁଯାୟୀ ଯେଉଁଦିନ ଶୋଭାଯାତ୍ରା ବାହାରିବା କଥା ସୁକାମିନୀଙ୍କର ସ୍ୱାମୀ ସିଧାସଳଖ ଯୌତୁକ ନିବାରିଣୀ ସଂଘ ଅଫିସ ଆଡ଼କୁ ଆଗେଇଲେ । ତାଙ୍କୁ ସଭାନେତ୍ରୀଙ୍କ ପାଖକୁ ଯିବାକୁ କୌଣସି ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ି ନଥିଲା । ଯଦିଓ ସଭାନେତ୍ରୀ ଅନ୍ୟମାନଙ୍କୁ ସେ ଆସିବାରେ ପ୍ରତିବନ୍ଧକ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବସନ୍ତବାବୁଙ୍କ ଧୀର, ଗମ୍ଭୀର ମୂର୍ତ୍ତି ସମସ୍ତଙ୍କ ମନରେ ଏକ ଅହେତୁକ ଆତଙ୍କ ସୃଷ୍ଟି କରୁଥିଲା । ବସନ୍ତବାବୁ ତ ଖାଲି ନିଜେ ଆସି ନଥିଲେ, ସାଙ୍ଗରେ ଆଣିଥିଲେ ମାତୃହରା ତାଙ୍କର ତିନୋଟି ସନ୍ତାନ ।

ସଭାନେତ୍ରୀ ପଚାରିଲେ – ଆପଣ ଏଠାକୁ ଆସିଲେ କାହିଁକି ? ଆପଣମାନେ ମୋ ସ୍ତ୍ରୀର ମୃତ୍ୟୁର ସୂତ୍ର ବାହାର କରିବାକୁ ଯେଉଁ ଆନ୍ଦୋଳନ ଚଳାଇଛନ୍ତି, ତାକୁ ଅଭିନନ୍ଦନ ଜଣାଇବାକୁ । ଆପଣମାନଙ୍କୁ ଅଶେଷ ଧନ୍ୟବାଦ । ବସନ୍ତବାବୁଙ୍କ ମୁହଁ ଆହୁରି ଗମ୍ଭୀର ହୋଇଉଠିଲା । ଏ ମୃତ୍ୟୁ ବିଷୟରେ ଆପଣ କିଛି ଜାଣନ୍ତି ? ଏଥିପାଇଁ

Digitized by srujanika@gmail.com

ଦାୟୀ କିଏ ? — ସଭାନେତ୍ରୀ ପ୍ରଶ୍ନ ପରେ ପ୍ରଶ୍ନ ପଚାରିବାକୁ ଲାଗିଲେ । ବସନ୍ତ ବାବୁ ଚିତ୍କାର କରି ଉଠିଲେ । ଏଥିପାଇଁ ଦାୟୀ ଆପଣ ଓ ଆପଣଙ୍କର ଯୌତୁକ ନିବାରିଣୀ ସଂଘ ସଭ୍ୟାଗଣ । ଏହି ତିନୋଟି ଅନାଥ ଶିଶୁଙ୍କୁ ମାତୃହରା କରିବା ମୂଳରେ ପ୍ରଥମ ଆସାମୀ ହେଉଛନ୍ତି — ଏ ଅନୁଷ୍ଠାନର ସଭାନେତ୍ରୀ । ସଞ୍ଜତ ହୋଇ କଥାବାର୍ତ୍ତା କରନ୍ତୁ ! ଦରକାର ପଡ଼ିଲେ ମୁଁ ପୋଲିସର ଆଶ୍ରୟ ନେଇପାରେ — ଗର୍ଜି ଉଠିଲେ ସଭାନେତ୍ରୀ । ସଭାନେତ୍ରୀଙ୍କର କଥାରେ ବସନ୍ତ ବାବୁ ପାଗଳଙ୍କ ପରି ହସିବାକୁ ଲାଗିଲେ । ବସନ୍ତ ବାବୁ କହିଲେ — ଯୌତୁକଜନିତ ହତ୍ୟା ଅଭିଯୋଗରେ ଆପଣ ମୋତେ ଦୋଷୀ ସାବ୍ୟସ୍ତ କରିବାକୁ ଚାହାନ୍ତି । କିନ୍ତୁ ଆପଣଙ୍କର କ'ଣ ମନେ ନାହିଁ, ଯୌତୁକଜନିତ ମକଦ୍ଦମା ଲଢ଼ି, କେଶ୍‌କୁ ଜୟଯୁକ୍ତ କରିବା ପାଇଁ ମୋର ପ୍ରାପ୍ୟ ଆପଣଙ୍କ ସଂଘ ଠାରୁ ନଗଦ ୨ ଲକ୍ଷ ଟଙ୍କା । କେତେ ଟଙ୍କା ଆପଣମାନେ ମୋତେ ଦେଇଛନ୍ତି ? ଆପଣମାନେ ମୋର ସ୍ତ୍ରୀର ସରଳତାକୁ ସୁଯୋଗ ନେଇ, ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅନୁଦାନ ଆତ୍ମସାତ୍ କଲେ । ଆପଣଙ୍କର ଏକମାତ୍ର ଅଭୟ, ଆପଣ ଜଣେ ପଦସ୍ଥ ଅଫିସରଙ୍କ ଧର୍ମପତ୍ନୀ । ସମୟ ଆସିବ । ସତ୍ୟ ଆପେ, ଆପେ, ପ୍ରକାଶ ପାଇବ । ଅପେକ୍ଷା କରନ୍ତୁ । ଆପଣଙ୍କର ପାପର ପ୍ରାୟଶ୍ଚିତ୍ତ କରିବା ପାଇଁ ସୁକାମିନୀ ଆତ୍ମହତ୍ୟା କଲା । ଅଥଚ ଆପଣ ସୁକାମିନୀର ଆତ୍ମହତ୍ୟାର ସୂତ୍ର ଖୋଜି ବାହାର କରିବା ପାଇଁ ବ୍ୟସ୍ତ ହୋଇପଡ଼ିଛନ୍ତି ? ଏହି ସମୟରେ ପୋଲିସ୍ ଅଫିସରମାନେ ଜିପ୍‌ରୁ ଓହ୍ଲାଇ ଯୌତୁକ ନିବାରିଣୀ ସଂଘର ଅଫିସ୍ ଗୃହକୁ ପ୍ରବେଶ କଲେ । ପୋଲିସ୍‌କୁ ଦେଖି, କେତେଜଣ କର୍ମକର୍ତ୍ତା ସଭ୍ୟ ପ୍ରାଣ ବିକଳରେ ପଛପଟ କବାଟ ଖୋଲି ସ୍ଥାନ ତ୍ୟାଗ କଲେ । ପୋଲିସ୍ ଅଫିସର ସଭାନେତ୍ରୀଙ୍କୁ ଗିରଫ୍ ପରୱାନା ଦେଖାଇଲେ । ହାତରେ ତାଙ୍କର ହାତକଡ଼ି ପିନ୍ଧାଗଲା । ଅନ୍ୟ ଯେଉଁମାନେ ନ ଯାଇ ପାରି ରହିଯାଇଥିଲେ, ସେମାନଙ୍କର ନାମ ପଢ଼ି ଜଣ,ଜଣକୁ ଗିରଫ୍ କରାଗଲା । ଏଇ ଅପରାଧିନୀ ମାନଙ୍କୁ ହାତକଡ଼ି ପିନ୍ଧାଇ ଯେତେବେଳେ ଜନପଥରେ ଚଲାଇ ଚଲାଇ ନିଆଯାଉଥିଲା, ଏ ଦୃଶ୍ୟ ଦେଖିବା ପାଇଁ ହଜାର ହଜାର ଲୋକ ଜମା ହୋଇଯାଇଥିଲେ, ବସନ୍ତବାବୁଙ୍କ ଗଳାରେ ଫୁଲମାଳ ସବୁ ଲମ୍ବିଗଲା । ଚାରିଆଡୁ ଶୁଭିଲା — ସମବେତ ଜନତାର କଣ୍ଠରୁ —

''ସୁକାମିନୀ ଦେବୀ ଅମର ରହେ,
ବସନ୍ତବାବୁ ଜିନ୍ଦାବାଦ୍ ''

* * *

Digitized by srujanika@gmail.com

ସ୍ମୃତି

ସାମନ୍ତ ଦୀନନାଥ ଖଟିଆଟି ଉପରେ ଶୋଇ ରହି ପ୍ରତିଚୀ ଗଗନରେ କାଶ୍ୟପେୟଙ୍କର ଅସ୍ତାଚଳଗାମୀ ଦୃଶ୍ୟ ଉପଭୋଗ କରୁଥିଲେ । ଏହିପରି ସେ ଆଜକୁ ଛ' ମାସ ଧରି ପ୍ରଭାକରଙ୍କର ଉଦୟ ଓ ଅସ୍ତର ଦୃଶ୍ୟ ଦେଖି ଆସୁଛନ୍ତି । ସୂର୍ଯ୍ୟାସ୍ତ ପରେ ଅନ୍ଧାର । ଏଇ ଅନ୍ଧାର ପାପର ପ୍ରତୀକ । ଆଉ ଆଲୋକ ପୁଣ୍ୟର । ଦୀର୍ଘ ୩୦ ବର୍ଷ ପରେ ସେ ତାଙ୍କର ଭିଟାମାଟିକୁ ଫେରି ଆସିଛନ୍ତି । ଜୀବନର ପଞ୍ଚସ୍ତରୀଟି ବର୍ଷ ସେ ଅତିବାହିତ କରି ସାରିଲେଣି । ବର୍ତ୍ତମାନର ପ୍ରତୀକ୍ଷା ଜୀବନ ସୂର୍ଯ୍ୟର ଅସ୍ତମିତ ହେବା ସମୟଟିକୁ ।

ଦୀନନାଥ ଏକ ଦୀର୍ଘଶ୍ୱାସ ନେଲେ । ଏହି ଶ୍ୱାସରେ ଭରି ରହିଥିଲା, ଜୀବନର ଦୁଃଖପୂର୍ଣ୍ଣ ଇତିହାସଗୁଡ଼ିକ । ଅତୀତର ସ୍ମୃତିଗୁଡ଼ିକ ମନଦର୍ପଣରେ ତାଙ୍କର ପ୍ରତିବିମ୍ବିତ ହେବାକୁ ଲାଗିଲା । ସେ ଥିଲେ କ'ଣ ? କିନ୍ତୁ — ହେଲା କ'ଣ ? ତୁଳିତଳ୍ପର ମୋହ ଛାଡ଼ି ସେ ସନ୍ୟାସୀ ହେଲେ, ପରିସ୍ଥିତିର ତାଡ଼ନାରେ । ଦୀନନାଥ ଭଗବାନ ବୁଦ୍ଧଙ୍କର କଥା ସ୍ମରଣ କଲେ । ଶାକ୍ୟମୁନି ଦିନେ ନିଶାର୍ଦ୍ଧରେ ପତ୍ନୀ ଯଶୋଧାରା, ପୁତ୍ର ରାହୁଳଙ୍କୁ ଛାଡ଼ି ଦେଇ ବନ ଗମନ କରିଥିଲେ — ସଂସାରର ସମସ୍ତ ଅଳୀକ କାମନା, ବାସନାକୁ ଜଳାଞ୍ଜଳି ଦେଇ । କିନ୍ତୁ ଦୀନନାଥଙ୍କ କ୍ଷେତ୍ରରେ ଏହା ଥିଲା ବିପରୀତ । ଦୀନନାଥଙ୍କର ପତ୍ନୀ ଚାରୁବାଳା, ଶିଶୁ ପୁତ୍ର ଦ୍ୱୟ ଦେବ ଦାସ, ବଙ୍କିମ, ତାଙ୍କୁ ନିଶାର୍ଦ୍ଧରେ ଏକାକୀ ଛାଡ଼ି ଦେଇ, କୁଆଡ଼େ ଯେ ଚାଲିଗଲେ, ତା'ର ପତ୍ତା ମିଳିଲାନି । ତେଣୁ ସେ ସଂସାରର ମୋହ, ମାୟାକୁ ଜଳାଞ୍ଜଳି ଦେଇ ସନ୍ୟାସ ଗ୍ରହଣ କଲେ । ଯେତେବେଳେ ଖବର ମିଳିଲା, ଚାରୁବାଳା ଓ ପୁତ୍ରଦ୍ୱୟ ବିଲାତରେ, ସେତେବେଳକୁ ସେ ହିମାଳୟ ପାଦଦେଶରେ ଋଷି, ମୁନି, ସନ୍ଥ, ସାଧୁଙ୍କ ସେବାରେ ଜୀବନ ଉତ୍ସର୍ଗ କରିସାରିଥିଲେ । ତା'ପରେ, ଦୀନନାଥ ପଛକୁ ଫେରି ନ ଚାହିଁ, ଆଗେଇ ଚାଲିଛନ୍ତି । ସନ୍ୟାସୀର ଦୀକ୍ଷା ନେଇ, ସେ ସମଗ୍ର ଭାରତବର୍ଷର ବହୁ ତୀର୍ଥ ଭ୍ରମଣ କରିଛନ୍ତି । ବହୁ ପୁରାଣ, ଶାସ୍ତ୍ର ଅଧ୍ୟୟନ କରି ଅଗାଧ ପାଣ୍ଡିତ୍ୟର ଅଧିକାରୀ ହୋଇଛନ୍ତି । ସାରା ଦେଶରେ ବହୁ ଶିଷ୍ୟ ତାଙ୍କର ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି ।

ତେବେ ଦୀନନାଥ ଗ୍ରାମକୁ ଫେରିଲେ କାହିଁକି ? ଜନ୍ମଭୂମି ପ୍ରତି ମମତା, ତାଙ୍କର କାମନା, ବାସନାର ଅଂଶ ବିଶେଷ ନୁହେଁ କି ? ଯଦି କୌଣସି ଯୁବକ କେବେ ତାଙ୍କୁ ଏଇ ପ୍ରଶ୍ନ କରେ — ସେ ବୁଝାଇ ଦିଅନ୍ତି, ଜନନୀ, ଜନ୍ମଭୂମି ସ୍ୱର୍ଗଠାରୁ ବଡ଼ । ଏହି ଠାରେ ମୃତ୍ୟୁ ହେଲେ ସ୍ୱର୍ଗପ୍ରାପ୍ତି ହୁଏ । ଯେଉଁ ମା' କୋଳରେ ସେ ଜନ୍ମ ହୋଇ, ତା'ର ପାଣି, ପବନ, ଧୂଳି, ମାଟିରେ ବଢ଼ି ମଣିଷ ହୋଇଛନ୍ତି, ତାକୁ ଭୁଲିଗଲେ,

Digitized by srujanika@gmail.com

ମା' ପ୍ରତି ଅନ୍ୟାୟ ହେବ ନାହିଁ ? ଏଇ ଗାଁ ମୁଣ୍ଡର ମଶାଣି ପଡ଼ିଆର ଝଙ୍କା ବରଗଛ ମୂଳେ ତାଙ୍କର ଯେ କେତେ ପିତୃପୁରୁଷ ଆରାମରେ ଶୋଇଯାଇଛନ୍ତି, ସେଇଠାରେ, ତାଙ୍କରି ପାଖରେ ଶୋଇ ରହିବାକୁ କାହାର ମନ ବା ନ ହବ ।

ସକାଳ, ସନ୍ଧ୍ୟାରେ ତାଙ୍କର ଆଶ୍ରମ କୁଡ଼ିଆରେ ଖୁବ୍ ଜନଗହଳି ହୁଏ । ଲୋକମାନେ ତାଙ୍କୁ ଶ୍ରଦ୍ଧାରେ ଯୋଗୀବାବା ବୋଲି ଡାକନ୍ତି । ସେ ଯେପରି ଚଳନ୍ତି ଦେବତା । ତାଙ୍କର ପାଦଧୂଳି ମୁଣ୍ଡରେ ମାରିଲେ, ରୋଗ ଭଲ ହୋଇଯିବ, ଏଇ ଧାରଣା ନେଇ ବହୁ ରୋଗୀ ତାଙ୍କ ଆଶ୍ରମରେ ଜମା ହୁଅନ୍ତି । ଦୀନନାଥ ତାଙ୍କ ପାଇଁ ପ୍ରାର୍ଥନା କରନ୍ତି । ସେ କହନ୍ତି – ପ୍ରାର୍ଥନା ହିଁ ମହୌଷଧି । ପ୍ରଭୁକୃପା ହିଁ ଅମୃତ । ଏହି କୃପା ଲାଭ ହେଲେ, ମୃତ ଜୀବିତ ହୁଏ । ମାରେ ହରି ରଖେ କୌନ୍ । ରଖେ ହରି ମାରେ କୌନ୍ । ଦୀନନାଥ ପ୍ରଭୁଙ୍କ ମହିମା ବର୍ଣ୍ଣନା କଲାବେଳେ, ଆନନ୍ଦରେ ତନ୍ମୟ ହୋଇପଡ଼ନ୍ତି । ତାଙ୍କ ଆଖିରୁ ଆନନ୍ଦାଶ୍ରୁ ଝରି ଆସେ । ସେ ପିଲାଙ୍କ ପରି କଇଁ କଇଁ ହୋଇ କାନ୍ଦନ୍ତି । ବୁଢ଼ା, ବୁଢ଼ୀମାନେ ତାଙ୍କ କାନ୍ଦ ଦେଖି କାନ୍ଦି ପକାନ୍ତି । ଉପସ୍ଥିତ ଯୁବକମାନେ ଏହି ଦୃଶ୍ୟର ଅର୍ଥ ବୁଝି ନପାରି, ପରସ୍ପରକୁ ଚାହାଁ ଚାହିଁ ହୁଅନ୍ତି । ତଥାପି ଆସନ୍ତି – ବାବାଙ୍କୁ ଦେଖିବା ଉଦ୍ଦେଶ୍ୟରେ । ଏହିଭଳି ଜଣେ ସନ୍ଥ ଗାଁ ମାଟିରେ ଯେ ଜନ୍ମ ହୋଇଛନ୍ତି, ଏହାଠାରୁ ବଳି ଭାଗ୍ୟ ଆଉ କ'ଣ ବା ହୋଇପାରେ ?

ଯେତେବେଳେ ଗାଁ ଲୋକେ ଦୀନନାଥଙ୍କର ଖାଦ୍ୟ, ପେୟ, ଭଲ, ମନ୍ଦ କଥା ପଚାରି ବୁଝନ୍ତି – ସେ ହସି, ହସି କହନ୍ତି, ମୁଁ ଖୁବ୍ ଭଲରେ ଅଛି ପିଲେ । ମୋ ପାଇଁ କେହି ଚିନ୍ତା କରନି । ମୋର ଆଉ ବେଶୀ ଦିନ ନୁହେଁରେ ବାବା । ଯେତେବେଳେ ସେ ଡାକିବେ, ସେତେବେଳେ ଏ ସ୍ଥାନରୁ ମୋର ଆସ୍ଥାନ ଉଠିଯିବ । ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କର ମୋହମୁଦ୍‌ଗୁରର ଶ୍ଳୋକଗୁଡ଼ାକ ସେ ମନେ, ମନେ ଗାଇ ବସନ୍ତି –

"ପୁନରପି ଜନମଂ, ପୁନରପି ମରଣମ୍
ପୁନରପି ଜନନୀ ଜଠରେ ଶୟନମ୍
ଭଜ ଗୋବିନ୍ଦଂ, ସ୍ମର ଗୋବିନ୍ଦଂ ଗୋବିନ୍ଦଂ ଭଜ ମୂଢ଼ ମତେ ।

ଏସବୁ ଶୁଣି ଗାଁ ଲୋକେ ବ୍ୟସ୍ତ ହୋଇପଡ଼ନ୍ତି । କିଏ, କିଏ କାନ୍ଦି କାନ୍ଦି କହନ୍ତି – ବାବା, ଆପଣ ଆମକୁ ଛାଡ଼ିଯାଆନ୍ତୁ ନାହିଁ ? ଏକଥା ଶୁଣି ଦୀନନାଥଙ୍କର ଦୁଇଓଠ ଭିତରୁ ସ୍ମିତ ହାସ୍ୟଟିଏ ଉଛୁଳି ପଡ଼େ । ସେ କହନ୍ତି – କୋ ଅହଂ । ମୁଁ କିଏ ? ମୋର କ'ଣ ବା ଅଛି ? ଦୁଇ ହାତ ଉପରକୁ ଟେକି କହନ୍ତି – ଏ ପୃଥିବୀ, ସାରା ସଂସାର ତା'ର ନିର୍ଦ୍ଦେଶର ଅପେକ୍ଷାରେ । ହରିଓଁ, ହରିଓଁ ତତ୍‌ସତ୍ । ଆଶ୍ରମରୁ ଲୋକମାନେ ଚାଲିଯିବା ପରେ ଯଦୁଆ ଅନୁନୟ, ବିନୟ ହୋଇ କହେ ସାଆନ୍ତେ – କ୍ଷୀର ଟିକିଏ ପିଅନ୍ତୁ । କିଛି ସମୟ ପରେ କମଳା ରସ ଟିକିଏ ଦେବି । କିଛି ଫଳ ଆଣିବି ?

Digitized by srujanika@gmail.com

ଦୀନନାଥ ଯଦୁଆକୁ ଚାହାନ୍ତି । ସାମାନ୍ୟ ଟିକିଏ ହସି ଦେଇ ନିରବ ରହନ୍ତି । ଯଦୁଆର ମନର ଇଚ୍ଛା, ସାଆନ୍ତେ ଯଦି ବେଶୀ କରି ଖାଇବେ, ତାଙ୍କ ଦେହ ଭଲ ହୋଇଯିବ, ସେ ବେଶୀଦିନ ବଞ୍ଚିବେ । ଯଦୁଆ ମନେ, ମନେ ଭାବେ – ଦେହରେ ହାଡ଼ ଛଡ଼ା, ମାଂସ ପଦେ ତ ନାହିଁ । ହାଡ଼ଗୁଡ଼ାକୁ ଚମଡ଼ା ଯାହା ଖାଲି ଘୋଡ଼େଇ ହୋଇଛି ।

ଏ ଯଦୁଆ ଯେତେବେଳେ ଅନାଥ ହୋଇ, ଗାଁ ଦାଣ୍ଡରେ ଭିଖ ମାଗି ବୁଲୁଥିଲା, ଦୀନନାଥ ତାକୁ ଘରେ ଆଣି ରଖିଥିଲେ । ଯଦୁଆକୁ ସେ ମଣିଷ କରିଥିଲେ । ବାହାଚୁଡ଼ା କରାଇ ଦେଇଥିଲେ । ଘରଦ୍ୱାର, ଜମିବାଡ଼ି ସବୁକିଛି ଯଦୁଆ ନାଁରେ ସେ ଲେଖାଇ ଦେଇଥିଲେ । ଯଦୁଆ ଖୁବ୍ ଭଲରେ ଅଛି । ୪ଟି ପୁତ୍ରକନ୍ୟାର ସେ ଜନକ । ସାଆନ୍ତ ଗାଁ ଛାଡ଼ି ଯିବା ପରେ, ଯଦୁଆ ପାଗଳ ହୋଇଯାଇଥିଲା । ଜଣେ ସାଧୁ କୁଆଡ଼େ ତାକୁ ଭଲ କରିଥିଲେ । ସାଧୁ ଜଣକ ତାକୁ କହିଥିଲେ – ତୋ ସାଆନ୍ତ ତୋ ପାଖକୁ ଫେରି ଆସିବେ । ତାଙ୍କର ଶେଷଜୀବନ ତୋ ପାଖରେ କଟିବ । ତୋର ଜୀବନ ମୋକ୍ଷ ହୋଇଯିବ ।

ଯଦୁଆ ସେ କଥାକୁ ମନେ ରଖିଛି । ବେଳେ ବେଳେ ରାତିରେ ନିଦ୍ରିତ ଅବସ୍ଥାରେ ଚମକି ଉଠେ । ସାଆନ୍ତ ଆସିଛନ୍ତି ବୋଲି ବିଳି ବିଳେଇ ହୁଏ । ତା' ସ୍ତ୍ରୀ ଏଥିପାଇଁ ତା' ଉପରେ ବିରକ୍ତ ହୁଏ । ସେଇ ସାଆନ୍ତ ଯେତେବେଳେ ଫେରି ଆସିଛନ୍ତି, ତାକୁ କୋଟିନିଧି ପାଇଲା ପରି ଲାଗୁଛି । ସେ ସାଆନ୍ତଙ୍କୁ ଛାଡ଼ି କୁଆଡ଼େ ଯାଉନି । ସାଧୁ କହିଛନ୍ତି – ତା'ର ସେବାରେ ସାଆନ୍ତ ସନ୍ତୁଷ୍ଟ ହେଲେ ତା' ଜୀବନ ମୋକ୍ଷ ହୋଇଯିବ । ତା'ର ଆଉ ପୁନର୍ଜନ୍ମ ହେବ ନାହିଁ ।

ସକାଳେ ଓ ସନ୍ଧ୍ୟାବେଳେ ଦୀନନାଥ ପ୍ରଭାକରଙ୍କୁ ପ୍ରାର୍ଥନା କରି ନମସ୍କାର କରନ୍ତି । ମୃତ୍ୟୁ ଯେପରି ସତ୍ୟ, ଏଇ ସୂର୍ଯ୍ୟ ମଧ୍ୟ ସେପରି ସତ୍ୟ । ସେ ତ ଭଗବାନ । ତେଣୁ ସତ୍ୟ ନ ହେବେ କାହିଁକି ? ଦୀନନାଥଙ୍କର ସ୍ମୃତିରେ ତାଙ୍କର ବାପା ଆସି ଦେଖାଦେଲେ । ଆଜିଯାଏଁ ସେ ତ କାହାରି କଥା ଭାବି ନାହାନ୍ତି । ନାସ୍ତିମାତା, ନାସ୍ତିପିତା, ନାସ୍ତିଭ୍ରାତା ସହୋଦର । ସନ୍ନ୍ୟାସୀର ମନରେ ଏ ସବୁ ଚିନ୍ତା ଆସୁଛି କାହିଁକି ? ଗତ ରାତିରେ ସ୍ୱପ୍ନରେ ତାଙ୍କ ବାପା ତାକୁ ଆଦରରେ ଡାକୁଥିଲେ । ଆଜିକାଲି ବାପା ଏତେ ମନେ ପଡ଼ୁଛନ୍ତି କାହିଁକି ? ପିତା ଧର୍ମ, ପିତା ସ୍ୱର୍ଗଃ, ପିତଃହି ପରମତପଃ । ଏଇ ବାପାଙ୍କ ପାଇଁ ସେ କମ୍ ପ୍ରାୟଶ୍ଚିତ କରି ନାହାନ୍ତି । ସେ ଜଣେ ଅଧମ ସନ୍ତାନ । ତାଙ୍କ ପାଇଁ ବାପା ଯେ ଅକାଳରେ ମୃତ୍ୟୁବରଣ କଲେ । ଆଜି କ'ଣ ସେ ତାଙ୍କରି ଅଭିଶାପ ଭୋଗୁଛନ୍ତି ? ମନରେ ସାନ୍ତ୍ୱନା ଆଣି କୁହନ୍ତି – ଏତ ତାଙ୍କରି ଆଶୀର୍ବାଦ । ଏଭଳି ଜୀବନ କେତେ ଜଣ ବା ବିତାଇଛନ୍ତି ? ତାଙ୍କରି ଯୋଗୁଁ, ଜଣେ ସାମାନ୍ୟ ନାରୀ ପାଇଁ, ତାଙ୍କ ପିତାଙ୍କର ଯେ ମୃତ୍ୟୁ ଏ କଥା ଭାବି ତାଙ୍କ ଆଖିରୁ ଲୁହ ଗଡ଼ି ଆସେ ।

Digitized by srujanika@gmail.com

ଯେତେବେଳେ ସେ କଲିକତାରେ ଅଧୟନ କରୁଥିଲେ, ହରିସନରୋଡ଼ରେ ସହପାଠିନୀ ଚାରୁବାଳାର ଘର । ସେ ଥିଲା ଖ୍ରୀଷ୍ଟଧର୍ମାବଲମ୍ବୀ ଜଣେ ବଙ୍ଗୀୟ ମହିଳା । ଦୀନନାଥଙ୍କର ଧକ, ତାକୁ ଆକୃଷ୍ଟ କରିଥିଲା । ସେ ତାକୁ ତା' ନିଜ ଆଡ଼କୁ ଆକୃଷ୍ଟ କରି ଆଣିଲା । ଦୀନନାଥ ସବୁକିଛି ଭୁଲିଗଲେ । ନିଷ୍ପତ୍ତି କଲେ ଚାରୁବାଳାକୁ ବିବାହ କରିବେ ? କିନ୍ତୁ ବାପା ଆଉ ସମାଜ, ତାଙ୍କୁ କ'ଣ ଗ୍ରହଣ କରିବେ ? ସେ କ'ଣ ଖ୍ରୀଷ୍ଟଧର୍ମ ଗ୍ରହଣ କରିବେ ? ନା, ତା ହୋଇପାରିବନି । ଚାରୁବାଳା ହିନ୍ଦୁ ନ ହବ କାହିଁକି ? ଯଦି ଚାରୁବାଳା ତାଙ୍କ କଥାରେ ରାଜି ହୁଏ – ତେବେ ସେ ବାପାଙ୍କୁ କହିବେ ।

ଦୀନନାଥ ବାପାଙ୍କୁ କହିବା ପାଇଁ ଗାଁକୁ ଆସିଲେ । ଦୁହେଁ ଖାଇବସିବା ସମୟରେ ଯେତେବେଳେ ତାଙ୍କ ବାପା ତାଙ୍କ ବିବାହ ପ୍ରସ୍ତାବ ଅନ୍ୟଠାରେ ଠିକ୍ ହୋଇସାରିଛି ଓ ତାଙ୍କୁ ବିବାହ କରିବାକୁ ହବ ବୋଲି କହିଲେ – ଦୀନନାଥଙ୍କ ମୁଣ୍ଡରେ ବଜ୍ର ପଡ଼ିଲା । କ'ଣ ସେ କହିବେ, ସ୍ଥିର କରିପାରିଲେ ନାହିଁ । ବାପାଙ୍କର ଉତ୍ତର ଦାବୀରେ ସେ ଏତିକି ମାତ୍ର କହିଲେ – ବାବା ମୁଁ ବିବାହ କରିସାରିଛି । କେଉଁଠି ? କେବେ ? ଏଇ ପ୍ରଶ୍ନ ପଚାରିବାକୁ ଗଲାବେଳେ, ବୃଦ୍ଧ ସାମନ୍ତ ବଳଦେବ ଚୌଧୁରୀ ମୂର୍ଚ୍ଛା ହୋଇ ତଳେ ପଡ଼ିଗଲେ ଓ ତାଙ୍କର ପ୍ରାଣବାୟୁ ଉଡ଼ିଗଲା । ଦୀନନାଥ ବାବାଙ୍କୁ ଧରି ପାଗଳଙ୍କ ପରି କାନ୍ଦିଲେ । ତା'ପରେ, ସେ ସ୍ଥିର କରି ନେଲେ, ଜୀବନରେ ଆଉ ବିବାହ କରିବେ ନାହିଁ । ବାପାଙ୍କ ପ୍ରତି କରିଥିବା ଅନ୍ୟାୟର ପ୍ରାୟଶ୍ଚିତ୍ତ ପାଇଁ, ସେ ସାରାଜୀବନ ଅବିବାହିତ ହୋଇ ରହିଯିବେ ।

ଦିନ ଗଡ଼ି ଚାଲିଲା । ଚାରୁବାଳା ଠାରୁ ଚିଠି ପରେ ଚିଠି, ଟେଲିଗ୍ରାମ ଆସିବାରେ ଲାଗିଲା । ଦୀନନାଥ କୌଣସିଟିର ଉତ୍ତର ଦେଲେ ନାହିଁ । ଉପାୟଶୂନ୍ୟ ହୋଇ ଚାରୁବାଳା ତା'ର ବାପା, ମାଆଙ୍କ ସହିତ ଦୀନନାଥଙ୍କ ଘରଠାରେ ଉପସ୍ଥିତ ହେଲା ।

ଦୀନନାଥଙ୍କର ଏ ମନୋଭାବରେ ଚାରୁବାଳା ପ୍ରତିହିଂସା ପରାୟଣା ହୋଇଉଠିଲା । ସେ ଠିକ୍ କଲା, ଦୀନନାଥଙ୍କୁ ଉଚିତ ଶିକ୍ଷା ଦେବ । ଚାରୁବାଳାର ବାପା ଦୀନନାଥଙ୍କୁ ବିବାହ ପାଇଁ ଅନୁରୋଧ କଲେ । ନୀରବ ହୋଇ ଶୁଣୁଥିଲା ଚାରୁବାଳା । ମା' କହିଲେ ବିବାହ ନ କଲେ, ସେ ଆଇନ ଅଦାଲତର ଆଶ୍ରୟ ନେବେ । କାରଣ ତାଙ୍କ ଝିଅ ଅନ୍ତଃସତ୍ତ୍ୱା । ତାଙ୍କ ପାଖରେ ଯଥେଷ୍ଟ ପ୍ରମାଣ ଅଛି । ଦୀନନାଥ ଉପାୟଶୂନ୍ୟ ହୋଇପଡ଼ିଲେ । ଏ ଖବର ସାରା ଗାଁରେ ବ୍ୟାପିଗଲା । ଲୋକ ଲଜ୍ଜାକୁ ଖାତିରି କରି ସେ ବିବାହରେ ରାଜି ହେଲେ । ହିନ୍ଦୁ ପଦ୍ଧତିରେ ବିବାହ ହୋଇଥିବା କଥା, କେତେଜଣଙ୍କ ଠାରୁ ଶୁଣିବାକୁ ମିଳେ ।

ଦୀନନାଥ ଚାରୁବାଳାଙ୍କୁ ନେଇ ଗାଁକୁ ଆସିଲେ । ପନ୍ଦର ଦିନ ଧରି ଖୁବ୍ ମଉଛବ ହେଲା । ଯେତେବେଳେ ଗାଁ ଲୋକେ ଜାଣିଲେ – ଚାରୁବାଳା ଖ୍ରୀଷ୍ଟିୟାନ୍,

Digitized by srujanika@gmail.com

ସେମାନେ ତୀବ୍ର ବିରୋଧ କଲେ । ଗାଁ ଛାଡ଼ି ଚାଲି ଯିବାକୁ ଲୋକେ ଜିଦ୍ ଧରିଲେ । ଦୀନନାଥ ବାଧ୍ୟ ହୋଇ କଲିକତା ଚାଲି ଆସିଲେ । ଚାରୁବାଳା କଲିକତା ଆସି ତା'ର ପୂର୍ବ ପ୍ରଣୟୀ ସାଇମନ୍ ସହିତ ସ୍ୱେଚ୍ଛାରେ ବିଚରଣ କଲା । ଦୁଇଟି ପୁତ୍ର ସନ୍ତାନ ଜନନୀର ଏ ଧରଣର ମନୋଭାବରେ ଦୀନନାଥ ଭାଙ୍ଗିପଡ଼ିଲେ । ଚାରୁବାଳା ବିବାହ ବିଚ୍ଛେଦ ପାଇଁ ପ୍ରସ୍ତାବ ଆଣିଲା । ଦୀନନାଥ ଅସମ୍ମତି ପ୍ରକାଶ କଲେ । ଦିନେ ନିଶାର୍ଦ୍ଧରେ ପୂର୍ବ କଳ୍ପିତ ଯୋଜନା ଅନୁଯାୟୀ ସାଇମନ୍ ସହିତ ପୁତ୍ର ସନ୍ତାନକୁ ଧରି ଚାରୁବାଳା ନିରୁଦ୍ଦିଷ୍ଟ ହୋଇଗଲା ।

ଦୀନନାଥ ହତାଶରେ ଗ୍ରାମକୁ ଫେରି ଆସିଲେ । ପୁନର୍ବିବାହ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ସମସ୍ତ ସମ୍ପତ୍ତି ବିକ୍ରି କରି କେତେକ ଯଦୁଆକୁ ଦେଇ, ଗ୍ରାମର ଉନ୍ନତି ପାଇଁ କେତେ ଦାନ କରି, ଅବଶିଷ୍ଟ ଧରି ଗାଁ ଛାଡ଼ି ଚାଲିଗଲେ । କୁଆଡ଼େ ସେ ଗଲେ ତାଙ୍କର ପତ୍ତା ମିଳିଲା ନାହିଁ ।

୩୦ ବର୍ଷ ପରେ ଦୀନନାଥ ଯେତେବେଳେ ଗାଁକୁ ଫେରିଲେ, ଖବରଟା ଘରେ, ଘରେ ବ୍ୟାପିଗଲା । ଦେଉଳ ମଣ୍ଡପରେ ସମସ୍ତେ ଜମା ହେଲେ । କେତେ ଅନୁରୋଧ କଲେ, ଘରକୁ ନେବା ପାଇଁ । ସେ କୋଉଠାକୁ ଯିବାକୁ ମନା କରିଦେଲେ । ତାଙ୍କର ଇଚ୍ଛାନୁଯାୟୀ ଗାଁ ମୁଣ୍ଡ ଆମ୍ବତୋଟାରେ ଆଶ୍ରମ ତିଆରି ହେଲା । ଦୀନନାଥଙ୍କର ସେଇ ହେଲା ଆଶ୍ରୟସ୍ଥଳ ।

ଆଜିକୁ ଚାରିଦିନ ହେଲା ଦୀନନାଥଙ୍କୁ ଜର । ଦେହରୁ ତାତି ଛାଡୁନି । ତୁଳସୀ ପାଣି ଛଡ଼ା ସେ ଅନ୍ୟ କିଛି ଗ୍ରହଣ କରୁ ନାହାନ୍ତି । ସଂକୀର୍ତ୍ତନ, ଗୀତା, ଭାଗବତ ପାରାୟଣରେ ଆଶ୍ରମ କମ୍ପିଉଠୁଛି । ସତରେ ଯେପରି ଗୋଟାଏ ମେଳା ଚାଲିଛି । ଏଥର ଡାକରା ଆସିଗଲା — ପୁରୁଖା ଲୋକମାନେ ଚିନ୍ତା କରିବାକୁ ଲାଗିଲେଣି । କିନ୍ତୁ ଦୀନନାଥ ମନେ, ମନେ ହରି ନାମ ଜପୁଥାନ୍ତି । ଖନି, ଖନି ତୁଣ୍ଡରେ କିଛି ପ୍ରବଚନ ଦେଉଥାନ୍ତି । ଦୀନନାଥ ଉପସ୍ଥିତ ଜନତାକୁ ହାତଯୋଡ଼ି କହିଲେ ଚାଲିଯିବା ପାଇଁ । ମୁଁ ଟିକିଏ ଶାନ୍ତିରେ ଜପ କରିବି । ଏ ଗହଳି ମୋତେ ଭଲ ଲାଗୁନାହିଁ । ଦୀନନାଥଙ୍କ କଥାରେ, ଅନିଚ୍ଛା ସତ୍ତ୍ୱେ ଲୋକେ ଚାଲିଗଲେ । ଯଦୁଆ ଟିକିଏ ଘରଆଡ଼େ ବୁଲିବାକୁ ବାହାରି ଗଲା । ସନ୍ଧ୍ୟା ଆଗତ ପ୍ରାୟ । ପ୍ରତିଚୀ ଗଗନରେ ଦିବାକର ଅସ୍ତାଚଳ ଗମନ କରିବେ । ଦୀନନାଥ ଆକାଶକୁ ଚାହିଁ ହାତ ଟେକିଲେ । ସେ ହାତ ସେପରି ରହିଯାଇଛି । ଯଦୁଆ ଆସି ଡାକିଲା — ସାଆନ୍ତେ ପଇଡ଼ ପାଣି ଟିକେ ଦେବି ? ସେ ଉତ୍ତର ଦେବାକୁ ଦୀନନାଥ ଆଉ ନଥିଲେ — ପ୍ରାଣପକ୍ଷୀ ତାଙ୍କର କେତେବେଳୁଁ ସେ ପୁରକୁ ଉଡ଼ିଯାଇଥିଲା ।

* * *

Digitized by srujanika@gmail.com

ଯଶୋଧାରା

କେତେ ବିନିଦ୍ର ରଜନୀ ପ୍ରତୀକ୍ଷାରେ ପାହି ଯାଇଛି । ସିଦ୍ଧାର୍ଥ ଫେରିଲେନି । ସତରେ ସେ କ'ଣ ଆଉ ଫେରିବେନି ? ମନକୁ ବାରମ୍ବାର ପ୍ରଶ୍ନ କରୁଥାନ୍ତି ଯଶୋଧାରା । ସ୍ୱାମୀଙ୍କର ଭାବପ୍ରବଣତାକୁ ସେ ଲକ୍ଷ୍ୟ କରିଛନ୍ତି । ଆଉ ବି ଲକ୍ଷ୍ୟ କରିଛନ୍ତି ଯେ, ସେ ତାଙ୍କୁ ଖୁବ୍ ଭଲପାନ୍ତି । ମାସ ପରେ ମାସ ବିତିଯାଇଛି । ନିଜ ଶୟନକକ୍ଷର ରତ୍ନପଲଙ୍କର ତଳ କାନ୍ଥରେ, ସେ ଗାରଟିଏ ଟାଣି ଦିଅନ୍ତି, କେବଳ ମାସ ଦିନକୁ ଲିପିବଦ୍ଧ କରିବା ପାଇଁ । ପ୍ରତୀକ୍ଷା ପରେ ପ୍ରତୀକ୍ଷା । ରାହୁଳ କାହିଁ । ୭ଟି ବର୍ଷରେ ପଦାର୍ପଣ କରିଛି ସେ । ଯଶୋଧାରା ଭାବିଲେ କେତେ ହତଭାଗ୍ୟ ଏ ଶିଶୁଟି । ପୁଣି ମନକୁ ଦୃଢ଼ କରି ପରମୁହୂର୍ତ୍ତରେ ଭାବିବାକୁ ଲାଗିଲେ – ରାହୁଳ ଖୁବ୍ ଭାଗ୍ୟବାନ । ଲୁମ୍ବିନୀ ସିଂହାସନର ଭାବୀ ଉତ୍ତରାଧିକାରୀ । ତା' ପାଇଁ ମୋତେ ବଞ୍ଚିବାକୁ ହେବ । ରାହୁଳକୁ କୋଳ କରି ନେଲେ ଯଶୋଧାରା । ଆଖିରୁ ଲୁହ ପୋଛିଦେଲେ । ଏଇତ ଠିକ୍ ବାପାଙ୍କ ପରି ମୁହଁ । ଆଖି ଦୁଇଟିରେ କିଛି ଫରକ ନାହିଁ । ହସ ଠିକ୍ ତ ମିଶି ଯାଉଛି – ବାପାଙ୍କର ହସ ସାଙ୍ଗରେ । ଏଇ ମୋର ସବୁକିଛି । ଯଶୋଧାରା ରାହୁଳଙ୍କୁ ଛାତିରେ ଭିଡ଼ି ଧରିଲେ ।

ଆକାଶର ଜହ୍ନଟା ବାଦଲ ପଣତରେ ମୁହଁଟାକୁ ସେତେବେଳେ ଘୋଡ଼ାଇ ପକାଉଥିଲା । ଅପଲକ ନୟନରେ ସେ ଆକାଶର ଜହ୍ନକୁ ଚାହିଁ ରହିଲେ । ଦିନେ ସିଦ୍ଧାର୍ଥ ଯଶୋଧାରାଙ୍କର ମୁହଁକୁ ଚାନ୍ଦର ମୁହଁ ସାଙ୍ଗରେ ତୁଳନା କରିଥିଲେ । ସେଇ ଚାନ୍ଦ ବୋଧହୁଏ, ଆଜି ସିଦ୍ଧାର୍ଥ ନଥିବାରୁ ମେଘପଣତରେ ମୁହଁଟା ଢ଼ାଙ୍କି ଦଉଚି । ସିଦ୍ଧାର୍ଥ ଘର ଛାଡ଼ି ଯିବାର ସାତବର୍ଷ ହୋଇଗଲା । ରାଜା ଶୁଦ୍ଧୋଧନଙ୍କ ମନରେ ଆନନ୍ଦ ନାହିଁ । ରାଜ୍ୟ ଶାସନ କରିବା ପାଇଁ ତାଙ୍କର ଆଗ୍ରହର ଅଭାବ । ସେ ଚିନ୍ତିତ ହୋଇପଡ଼ିଥାନ୍ତି ଯଶୋଧାରାଙ୍କ ପାଇଁ । ସ୍ୱାମୀ ପରିତ୍ୟକ୍ତା ନାରୀ । ତା'ର ଜୀବନରେ ବା କି ଆନନ୍ଦ ଅଛି ? ଶୁଦ୍ଧୋଧନ ବୋହୂଙ୍କର ଦୁଃଖରେ ଅତିମାତ୍ରାରେ ମ୍ରିୟମାଣ ହୋଇପଡ଼ିଲେ ।

ସିଦ୍ଧାର୍ଥର ଭାବାବେଶକୁ ଲକ୍ଷ୍ୟ କରି, ବିଷୟ ବାସନାରେ ମଜ୍ଜି ରହିବା ପାଇଁ ୧୯ ବର୍ଷ ବୟସରେ ସେ ତାଙ୍କୁ ବିବାହ କରାଇଥିଲେ । ନୃତ୍ୟ, ଗୀତ, ଭୋଗବିଳାସରେ ମଜ୍ଜି ରହିବା ପାଇଁ ସେ ସମସ୍ତ କିଛି ବନ୍ଦୋବସ୍ତ କରିଥିଲେ । କିନ୍ତୁ ସିଦ୍ଧାର୍ଥ କଲେ କ'ଣ ? ଏ ସବୁ ବନ୍ଧନ କ'ଣ ତାଙ୍କୁ ବାନ୍ଧି ରଖିପାରିଲା ? ନା ପାରିଲା ଯଶୋଧାରା, ନା ପୁତ୍ର ରାହୁଳ । ତେବେ କ'ଣ କହି ସେ ବୋହୂର ଭାରାକ୍ରାନ୍ତ ମନଟାକୁ ଲାଘବ କରାଇବେ ? ଚିନ୍ତାଗ୍ରସ୍ତ ଶୁଦ୍ଧୋଧନ । ସ୍ୱାମୀ ବିହୁନେ ନାରୀର ଜୀବନ

Digitized by srujanika@gmail.com

ନିଃସାର୍ଥକ । ସେ ଶାନ୍ତି ପାଇବ କେଉଁଠୁ ? ବିବାହ ପରେ, ମଧୁ-ଚନ୍ଦ୍ରିକାର କେତୋଟି ରାତି ଅତିବାହିତ ପରେ ସିଦ୍ଧାର୍ଥଙ୍କ ମନରେ ଭାବାନ୍ତର ଲକ୍ଷ୍ୟ କରି, ଯଶୋଧାରା ପ୍ରଶ୍ନ କରିଥିଲେ – ପ୍ରିୟତମ, ମୋତେ ପାଇ ତୁମେ କ'ଣ ସୁଖୀ ନୁହଁ ?

ସିଦ୍ଧାର୍ଥ ସେ ପ୍ରଶ୍ନର ଉତ୍ତର ଦେଇ ନଥିଲେ । କ'ଣ କହି ସେ ଯଶୋଧାରାର ମନକୁ ଭୁଲାଇବେ । ସିଦ୍ଧାର୍ଥ ଜାଣିଥିଲେ ଏ ଅଳୀକ ବନ୍ଧନ ତାଙ୍କ ପାଇଁ କେତେବେଳେ ହେଲେ ବାଧା ସୃଷ୍ଟି କରିପାରେନା ।

ସିଦ୍ଧାର୍ଥ ଭାବୁଥିଲେ – ଯଶୋଧାରା ମୋ ଜୀବନରେ ଦେଖାଦେଲେ କାହିଁକି ? ଜୀବନ ଯଦି ଜରା, ରୋଗ, ଶୋକରେ ଜର୍ଜରିତ, ତେବେ ଜୀବନରେ ଏ ସବୁ ବନ୍ଧନ କ'ଣ ପ୍ରକୃତରେ ଶାନ୍ତି ଆଣିପାରିବ ? କାମନାର ବିନାଶରେ ଶାନ୍ତିର ବିକାଶ । ସେ ଏ ବନ୍ଧନ ଛାଡ଼ି ଚାଲିଯିବେ । ଯଶୋଧାରାକୁ କ'ଣ କହି ସେ ସାନ୍ତ୍ୱନା ଦେବେ ? ଯଶୋଧାରା ଯଦି ଜାଣିବେ, ତାଙ୍କୁ କ'ଣ ଗୃହତ୍ୟାଗୀ ହେବାକୁ ଅନୁମତି ଦେବେ ?

ରାଜନବର ଉତ୍ସବ ମୁଖରିତ । ରାହୁଳର ଜନ୍ମ ଉତ୍ସବ ପାଇଁ ରାଜା ପାତ୍ର, ମନ୍ତ୍ରୀ, ସଭାସଦ୍‌ବର୍ଗରେ ପରିପୂର୍ଣ୍ଣ ରାଜନବର ସତେ ଯେପରି ଏକ ନୂତନ ଜୀବନଧାରଣା କରିଛି । ନୃତ୍ୟ, ଗାନର ସମାରୋହ । କିନ୍ତୁ ସିଦ୍ଧାର୍ଥ ? ଏ ସବୁ ପ୍ରତି ତାଙ୍କର ଭ୍ରୂକ୍ଷେପ ନାହିଁ । ନିଶାର୍ଦ୍ଧ । ନବର ଜନଶୂନ୍ୟ ହେଲା । ପୁଷ୍ପ ଶଯ୍ୟାରେ ଶୟନରତା ପତ୍ନୀ ଯଶୋଧାରା ଓ ପୁତ୍ର ରାହୁଳ ।

ସିଦ୍ଧାର୍ଥ ଭାବୁଛନ୍ତି ଏହି ସମୟ ହିଁ ପ୍ରକୃଷ୍ଟ ସମୟ । ସଂସାର ବନ୍ଧନରୁ ରକ୍ଷାପାଇବା ପାଇଁ ଗୃହତ୍ୟାଗ କରିବାକୁ ପଡ଼ିବ ।

ପତ୍ନୀ ଓ ପୁତ୍ରଙ୍କୁ ନିର୍ନିମେଷ ନୟନରେ ଚାହିଁ ରହିଲେ ସିଦ୍ଧାର୍ଥ । ପୁତ୍ର ରାହୁଳକୁ ସେ ଧରିବାକୁ ଚେଷ୍ଟା କଲେ । ବାତ୍ସଲ୍ୟ ପ୍ରେମରେ, ତାଙ୍କ ହୃଦୟ ପୁଣି ଉଚ୍ଛୁଳି ଉଠିଲା । ରାଜବାଟୀରେ ବିପୁଳ ଜନସମାଗମ । ଯଦି ଯଶୋଧାରାଙ୍କ ନିଦ୍ରାରେ ବ୍ୟାଘାତ ଦେଖାଦିଏ – ସେ ଘର ଛାଡ଼ି ଯିବେ ବା କିପରି ?

x x x x x x x x x x x x

ସିଦ୍ଧାର୍ଥ ଘରଛାଡ଼ି ଘୋର ଅରଣ୍ୟରେ ପ୍ରବେଶ କଲେ । ତା' ପରେ ଜନପଦ, ଗ୍ରାମ, ନଗର । ମସ୍ତକ ମୁଣ୍ଡନ କରି, ଗୈରିକବସନ ପରିଧାନ କଲେ । ସେ ସନ୍ନ୍ୟାସୀ । ନିର୍ବାଣ ପାଇଁ ତାଙ୍କର ଯାତ୍ରାର ଅୟମାରମ୍ଭ ।

ଏଣେ ଯଶୋଧାରା, ଅପେକ୍ଷା କରିଛନ୍ତି ତାଙ୍କର ପ୍ରିୟତମ ଫେରି ଆସିବେ । ରାତ୍ରି ଶେଷ ହେବାକୁ ବସିଲାଣି । ତ୍ରୟୋଦଶୀ ଜହ୍ନଟା ଅସ୍ତ ହୋଇ, ଅନ୍ଧାର ଛାଇଗଲାଣି । ଦାସୀ କହିଲା – ରାଣୀମା ! ଏମିତି ଯଦି ଆପଣ ଅନିଦ୍ରା ରହନ୍ତି – ଆପଣଙ୍କ ସ୍ୱାସ୍ଥ୍ୟ କ'ଣ ଆଉ ରହିବ ? ହସି ଉଠିଲେ ଯଶୋଧାରା । କହିଲେ –

Digitized by srujanika@gmail.com

ସ୍ୱାସ୍ଥ୍ୟ କାହାପାଇଁ ? ଯାହା ପାଇଁ ଆଜି ମୁଁ ବଞ୍ଚିଛି – ତାକୁ ନ ଦେଖିଲା ପର୍ଯ୍ୟନ୍ତ, ଏ ସ୍ୱାସ୍ଥ୍ୟ ରହି ବା ଲାଭ କ'ଣ ?

ଦେଖୁ, ଦେଖୁ ୭ଟି ବର୍ଷ ବିତିଗଲା । ସେ କ'ଣ କରୁଥିବେ । ଖାଉଥିବେ କ'ଣ ? ତୁଳିତଳ୍ପକୁ ତୁଚ୍ଛକରି, ଯେ ଚାଲିଗଲେ – ସେଠି ଆଉ ବଞ୍ଚି ରହିବାରେ ମୋର ବା ପ୍ରୟୋଜନ କ'ଣ ?

ଜଣେ ଦାସୀ ଆସି କହିଲା – ରାଣୀମା – ରାଜକୁମାର ଫେରି ଆସିଛନ୍ତି । ନଗରର ଶେଷ ଭାଗରେ ସେ ଆଜି ରହିଛନ୍ତି । ପ୍ରତ୍ୟୁଷରୁ ନବରକୁ ଆସିବେ । ରାଜା ସେଥିପାଇଁ ଖୁବ୍ ଆନନ୍ଦିତ । କିଏ ଆସିବେ – ଯଶୋଧାରା ଆକୁଳ କଣ୍ଠରେ ପ୍ରଶ୍ନକଲେ ? 'ରାଜକୁମାର' – ଅତି ବ୍ୟାକୁଳ ହୋଇ ପ୍ରଶ୍ନ କଲେ ଯଶୋଧାରା ଉତ୍ତର ପ୍ରତ୍ୟାଶାରେ । ''ହଁ ରାଣୀମା ରାଜକୁମାର । ସେ ତ ଖାଲି ଆସିନାହାନ୍ତି, ଶହ ଶହ ଶିଷ୍ୟ ତାଙ୍କ ସାଙ୍ଗରେ ଆସିଛନ୍ତି ।''

ଲୋକେ କହୁଛନ୍ତି ସେ ଭଗବାନ । ଯଶୋଧାରା ଆଖିରୁ ଲୁହ ପୋଛିଲେ । ଦାସୀକୁ ଲକ୍ଷ୍ୟ କରି କହିଲେ – ମୋ ଭଗବାନ ତା' ହେଲେ ମୋ ନିକଟକୁ ଫେରି ଆସୁଛନ୍ତି । ସମସ୍ତେ ଯାଅ – ଉଦ୍ୟାନରୁ ପୁଷ୍ପ ସବୁ ତୋଳି ଆଣ । ମୁଁ ମାଳା ଗୁନ୍ଥି ତାଙ୍କୁ ପିନ୍ଧାଇ ଦେବି । ଅନ୍ୟଜଣକୁ ଲକ୍ଷ୍ୟ କରି କହିଲେ – ତୁମେ ଶୟନ କକ୍ଷକୁ ସଜାଇଦିଅ । ଆଉ ମୁଁ ନିଜେ ତାଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିବି । ଯେଉଁ ଖାଦ୍ୟ ସେ ଭଲପାଆନ୍ତି – ସେହି ବ୍ୟଞ୍ଜନ ମୁଁ ନିଜ ହାତରେ ରାନ୍ଧିବି । ସେ ତ ଭଲ ଭାବରେ ଗଣ୍ଡେ ଖାଉ ନଥିବେ । ସମସ୍ତେ ତାଙ୍କ ମୁହଁକୁ ବଲ ବଲ କରି ଚାହୁଁଥାନ୍ତି । ଆରେ ଯାଅ, ଠିଆ ହୋଇ ରହିଲ କ'ଣ ? – ଯଶୋଧାରାଙ୍କର ସ୍ୱରରେ ବିରକ୍ତିଭାବ ଫୁଟିଉଠିଲା । ପ୍ରାଚୀ ବଳୟରେ ଅରୁଣିମାର ଝଲକ । ଗଗନ, ପବନ, ମୁଖରିତ ହୋଇଉଠିଲା – ବୌଦ୍ଧ ଶ୍ରମଣମାନଙ୍କ କଣ୍ଠସ୍ୱରରେ ।

'ବୁଦ୍ଧଂ ଶରଣଂ ଗଚ୍ଛାମି' ଯଶୋଧାରାଙ୍କ କର୍ଣ୍ଣ ଗହ୍ୱରରେ ସେ ସ୍ୱର ନିନାଦିତ ହେଲା । ପରିଚାରୀଙ୍କୁ ଆତୁର ହୋଇପଚାରିଲେ – ଏ କ'ଣ ଶୁଭୁଛି ? ନଗର କୋଳାହଳ କାହିଁକି ? ଜଣେ ଦାସୀ କହିଲା – ରାଜକୁମାର ଆସୁଛନ୍ତି । ଯଶୋଧାରା ବ୍ୟଗ୍ର ହୋଇଉଠିଲେ । ସେ ନିଜେ ଯାଇ ତାଙ୍କୁ ନବରକୁ ପାଛୋଟି ଆଣିବେ । କର୍ପୂର, ଚନ୍ଦନ ଜଳରେ ପଦ ପ୍ରକ୍ଷାଳନ କରିବେ । ଆଉ ଏ ଫୁଲର ହାରରେ କଣ୍ଠ ମଣ୍ଡନ କରିବେ । ତାଙ୍କର ହୃଦୟର ଦେବତା ଫେରିଆସିଛନ୍ତି । ପ୍ରଭୁ ତାଙ୍କ ଡାକ ଶୁଣିଛନ୍ତି । ସେ ରାହୁଳକୁ ଖୋଜିବାକୁ ଯାଇ, ଚତୁର୍ଦ୍ଦିଗକୁ ଦୃଷ୍ଟି ନିକ୍ଷେପ କଲେ । ରାହୁଳ ତ ଠିକ୍ ତାଙ୍କ ପରି । ତାଙ୍କ ପରି ମୁହଁ । ସତେ ଯେପରି ତାଙ୍କର ପ୍ରତିବିମ୍ବ । ପାଖରେ ଥିବା ପରିଚାରିକା ଉଦ୍ଦେଶ୍ୟରେ ଯଶୋଧାରା କହିଉଠିଲେ – ଯାଅ ରାହୁଳକୁ ନେଇ ଆସ । ଆମେ ଦୁହେଁ ତାଙ୍କ ନିକଟକୁ ଯିବୁ । ପରିଚାରୀମାନେ ଏକ ସ୍ୱରରେ କହିଲେ

Digitized by srujanika@gmail.com

— ରାହୁଳ ତାଙ୍କ ପାଖରେ । ତାଙ୍କ ପାଖରେ ? ମୋତେ ନ କହି ଚାଲିଗଲା ? ତା'ର ବୋଧେ ଧୈର୍ଯ୍ୟ ରହିଲା ନାହିଁ । ବାପାଙ୍କୁ ବହୁତ ଦିନୁଁ ନଦେଖି, ସେ ମନେ ମନେ ଝୁରି ହେଉଥିଲା । ଭଲ କରିଛି । ତା' ହେଲେ ଅପେକ୍ଷା କରୁଛ କାହିଁକି ? ଚାଲ, ଆମେ ସମସ୍ତେ ଯିବା । ଯଶୋଧାରା ଧୈର୍ଯ୍ୟହରା ହୋଇପଡ଼ିଲେ ।

ଶ୍ରମଣମାନଙ୍କ କଣ୍ଠସ୍ୱର, ନିକଟରୁ ନିକଟତର ହୋଇ ଆସିଲା । ''ବୁଦ୍ଧଂ ଶରଣଂ ଗଚ୍ଛାମି । ସଂଘ ଶରଣଂ ଗଚ୍ଛାମି । ଧର୍ମଂ ଶରଣଂ ଗଚ୍ଛାମି ।'' — ଧ୍ୱନିରେ ଗଗନ, ପବନ ପ୍ରକମ୍ପିତ ହେଲା । ରାଜା ଶୁଦ୍ଧୋଧନ ପୁତ୍ର ଗୌତମଙ୍କ ପାଖରେ ରହିଥିଲେ । ଆଉ ଥିଲେ ପୁତ୍ର ରାହୁଳ । ରାହୁଳ ଇଣ୍ଡିତ ମୁଣ୍ଡା ଗୈରିକ ବସନ ପରିହିତ । ପୁତ୍ରର ଅନୁରୋଧକୁ ଏଡ଼ାଇ ପାରିନାହାନ୍ତି ରାଜା ଶୁଦ୍ଧୋଧନ । 'ରାହୁଳ'କୁ ସେ ସନ୍ୟାସୀ ଦୀକ୍ଷା ଦେବାକୁ ରାଜି ହୋଇଯାଇଛନ୍ତି ।

ଯଶୋଧରା ଦୌଡ଼ି ଆସିଲେ । ଅଲୁଳାୟିତ କେଶରାଶି । ଆଖିରେ ଲୋତକର ପ୍ଲାବନ । ପାଦ ଧରି ପକାଇ, ଖାଲି କାନ୍ଦିବାକୁ ଲାଗିଲେ । ମୋତେ ଛାଡ଼ି କ'ଣ ଚାଲିଯିବ ? ନବରକୁ କ'ଣ ଆସିବ ନାହିଁ ? ଆଉ ରାହୁଳ, ସେ କ'ଣ ତୁମ ସାଙ୍ଗରେ ଚାଲିଯିବ । ତା' ହେଲେ ମୋତେ ନେଇଯାଅ । ଯଶୋଧାରାଙ୍କର ପ୍ରଶ୍ନର ନଶେଷ ନାହିଁ ।

ଗୌତମ ଯଶୋଧରାଙ୍କ ହାତ ଦୁଇଟି ଧରି ଉଠାଇ ଆଣି — ସମ୍ବୋଧନ କଲେ — ମାତା, ମୁଁ ସନ୍ୟାସୀ । ସନ୍ୟାସୀ ଜୀବନରେ ଘରକୁ ଫେରିଯିବା ସମ୍ଭବ ନୁହେଁ । ରାହୁଳ ମୋର ପଦାଙ୍କ ଅନୁସରଣ କରିଛି । ସେ ସ୍ୱଇଚ୍ଛାରେ ମୋ ସହିତ ଯିବା ପାଇଁ ରାଜି ହୋଇଛି । ପିତୃଦେବ ଆଜି ବୃଦ୍ଧ । ତାଙ୍କର ସେବା କରିବାକୁ ତୁମର ପ୍ରୟୋଜନ ବେଶୀ । ତୁମେ ନଗରରେ ରହି ତାଙ୍କର ସେବା କର । ସେଇଥିରେ ତୁମର ମୁକ୍ତି — ଏତିକି କହି ସିଦ୍ଧାର୍ଥ ଆଗକୁ ପାଦ ବଢ଼ାଇଲେ । ସିଦ୍ଧାର୍ଥଙ୍କର ଜୟଧ୍ୱନିରେ ଲୁମ୍ବିନୀ ନଗରୀ ପ୍ରତିଧ୍ୱନିତ ହେବାକୁ ଲାଗିଲା । ଆଉ ଯଶୋଧାରାଙ୍କର ହୃଦୟକନ୍ଦରରେ ପ୍ରତିଧ୍ୱନିତ ହେଲା — ମାତା, ମୁଁ ସନ୍ୟାସୀ, ସିଦ୍ଧାର୍ଥଙ୍କର ସେଇ କେଇ ପଦକ କଥା ।

ଯଶୋଧାରା ଏକ ଲୟରେ ସିଦ୍ଧାର୍ଥଙ୍କ ଚଲାପଥକୁ ଚାହିଁ ରହିଥିଲେ — ସେ ଅଦୃଶ୍ୟ ହେବା ପର୍ଯ୍ୟନ୍ତ ।

* * *

Digitized by srujanika@gmail.com

ମଦ୍ୟପ ସମ୍ମିଳନୀରେ

ନିଶା ନିବାରଣ ପ୍ରସ୍ତାବ

ଏଥି ମଧ୍ୟରେ ସମଗ୍ର ଜିଲ୍ଲାର ମଦ୍ୟପାମାନଙ୍କର ଏକ ସମ୍ମିଳନୀ ଯେ ହୋଇଗଲା, ଏ କଥା କେହି ଜାଣି ପାରିଲେ ନାହିଁ । ରୁଦ୍ଧ କକ୍ଷ ମଧ୍ୟରେ ୪ ଶତ ପ୍ରତିନିଧିଙ୍କର ସମାବେଶ କିଛି କମ୍ କଥା ନୁହେଁ । ଏ ସମ୍ମିଳନୀକୁ କୌଣସି ସାମ୍ବାଦିକ ନିମନ୍ତ୍ରିତ ହୋଇ ନଥିଲେ ।

ସମ୍ମିଳନୀରେ କୌଣସି ମାମୁଲି ବା ସାଧାରଣ ଲୋକ ପ୍ରତିନିଧିତ୍ୱ କରୁନଥିଲେ । ଏଥିରେ ପ୍ରତିନିଧିତ୍ୱ କରୁଥିଲେ ଭୂତମନ୍ତ୍ରୀ, ଏମ୍. ଏଲ୍. ଏ., ଲୋକ ସଭା ସଦସ୍ୟ, ଡାକ୍ତର, ଇଞ୍ଜିନିୟର୍, ଲେଖକ, କବି ଓ ଜିଲ୍ଲାର ବିଶିଷ୍ଟ ଜନସାଧାରଣ । ତେଣୁ ଏହି ସମ୍ମିଳନୀର ଗୁରୁତ୍ୱକୁ ସହଜରେ ଏଡ଼ାଇ ଦେଇ ହେବ ନାହିଁ ।

ଆଶ୍ଚର୍ଯ୍ୟର କଥା କୌଣସି ଯୁବ ସଭ୍ୟ ଏଥିପାଇଁ ନିମନ୍ତ୍ରିତ ହୋଇ ନଥିଲେ । ଯେଉଁମାନଙ୍କର ୨୫ ବର୍ଷରୁ ଊର୍ଦ୍ଧ୍ୱ ମଦ୍ୟପାନରେ ଅନୁଭୂତି ଅଛି, ଧରନ୍ତୁ ୪୫ ରୁ ୬୫ ବର୍ଷ ବୟସ୍କ ବ୍ୟକ୍ତିମାନେ ଏ ସମ୍ମିଳନୀରେ ଯୋଗଦେଇଥିଲେ ।

ମଦ୍ୟର କୁପ୍ରଭାବ ଯୋଗୁଁ ଯୁବ ସମାଜ ଆଜି ପଥଭ୍ରଷ୍ଟ । ତେଣୁ ସମ୍ପୂର୍ଣ୍ଣ ନିଶା ନିବାରଣ ଦେଶରେ ପୁନର୍ବାର ପ୍ରବର୍ତ୍ତନ କରାଇବା ଉଦ୍ଦେଶ୍ୟ ନେଇ, ସମ୍ମିଳନୀଟି ଆହୂତ ହୋଇଥିଲା । ଏହାର ଆବାହକ ଥିଲେ ଜଣେ ସ୍ୱାଧୀନତା ସଂଗ୍ରାମୀ, ଭୂତପୂର୍ବ ବିଧାନ ସଭା ସଦସ୍ୟ । ସେ ମଧ୍ୟ ଏ ସମ୍ମିଳନୀରେ ସଭାପତିତ୍ୱ କରିଥିଲେ । ସମ୍ମିଳନୀକୁ କେହି ମଦ୍ୟପାନ ନ କରି ଆସିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା । କିନ୍ତୁ ସେମାନଙ୍କ ମଧ୍ୟରେ ୮/୧୦ ପେଗ୍ ମଦ୍ୟପାନ କରିବା ବ୍ୟକ୍ତିଙ୍କ ଠାରୁ ଆରମ୍ଭ କରି ଗୋଟାଏ ଡ୍ରମ ମଦ୍ୟପାନ କରିବା ବ୍ୟକ୍ତିମାନେ ପ୍ରତିନିଧିତ୍ୱ କରୁଥିଲେ ।

ହଠାତ୍ ଏ ସମ୍ମିଳନୀ ଆହୂତ ହେଲା କାହିଁକି, ଏ ବିଷୟରେ ଜଣେ ସାମ୍ବାଦିକ, ଯେ କି ଜଣେ ପ୍ରତିନିଧି ଥିଲେ ; ତାଙ୍କ ଠାରୁ ଶୁଣିବାକୁ ମିଳିଲା, ଆଉ ମଧ୍ୟ ଶୁଣିବାକୁ ମିଳିଲା ନିଶା ନିବାରଣ ପ୍ରସ୍ତାବ ଗୃହୀତ ହୋଇପାରିଲା ନାହିଁ ।

ଆବାହକ ଜଣକ ଗାନ୍ଧୀ ଯୁଗର ଜଣେ ସ୍ୱାଧୀନତା ସଂଗ୍ରାମୀ । ଦେଶ ପାଇଁ ସେ ବହୁବାର କାରାବରଣ କରିଛନ୍ତି । ଲୋକେ ତାଙ୍କୁ ସେ ଅଞ୍ଚଳର ଚଳନ୍ତି ଗାନ୍ଧୀ ବୋଲି କହୁଥିଲେ । ଗାନ୍ଧୀଙ୍କର ରଚନାତ୍ମକ କାର୍ଯ୍ୟକ୍ରମ ନିଶା ନିବାରଣ ସଂଗ୍ରାମରେ

Digitized by srujanika@gmail.com

ସେ ଜଣେ ସୈନିକ ଥିଲେ । ବିଦେଶୀ ମଦ ଦୋକାନ ଆଗରେ ପିକେଟିଂ କରି, ସେ ଜେଲ୍‌ଦଣ୍ଡ ଭୋଗ କରିଛନ୍ତି । ତେଣୁ ପ୍ରଥମ ନିର୍ବାଚନରେ ତାଙ୍କୁ ପ୍ରତିଦ୍ୱନ୍ଦିତା କରିବାକୁ କେହି ସାହସ କରି ନଥିଲେ । ଲୋକମାନଙ୍କର ସେ ବେଶ୍ ବିଶ୍ୱାସଭାଜନ ଥିଲେ । ଦେଶ ସ୍ୱାଧୀନ ହେଲା । ସ୍ୱାଧୀନ ଭାରତର ସେ ଥିଲେ ପ୍ରଥମ ବିଧାୟକ । ଗାନ୍ଧିଜୀଙ୍କର ମୃତ୍ୟୁପରେ, ତାଙ୍କର ସମସ୍ତ ରଚନାତ୍ମକ କାର୍ଯ୍ୟକ୍ରମର ମୃତ୍ୟୁ ଘଟିଲା । ତ୍ୟାଗୀମାନେ ଭୋଗୀ ହୋଇଗଲେ । ସୁରା ପରେ ସାକୀ ପ୍ରତି ତାଙ୍କର ମନ ବଳିଲା । ଜଣେ ତରୁଣୀର ପ୍ରେମରେ ଛଟପଟ ହୋଇ, ଥିବା ସମ୍ମାନଟିକୁ ହରାଇ ବସିଲେ । ସେ ତରୁଣୀଟି କିଛିଦିନପରେ ୟାଙ୍କୁ ଛାଡ଼ି ଅନ୍ୟ ସାଙ୍ଗରେ ପଳାୟନ କଲା । ପୁନର୍ବାର ନିର୍ବାଚନ ପାଇଁ ଏ ଯେତେବେଳେ ପ୍ରାର୍ଥୀ ହେବାକୁ ଚାହିଁଲେ, ପ୍ରଦେଶ ନିର୍ବାଚନ କମିଟି ଏହାଙ୍କର ପ୍ରାର୍ଥୀତ୍ୱର ବିରୋଧ କଲା । ଶେଷରେ ହାଇକମାଣ୍ଡର ଦ୍ୱାରସ୍ଥ ହୋଇ ପୂର୍ବ ତ୍ୟାଗ କଥା ସେମାନଙ୍କୁ ମନେ ପକାଇ ଦେଇ, ଏ ଟିକଟଟି ପାଇଲେ ସତ, ସବୁ ନିର୍ବାଚନ ମଣ୍ଡଳୀରେ ୟାଙ୍କ ଦଳ ଜିଣିଲା ସିନା, କିନ୍ତୁ ଏ ଭଦ୍ର ବ୍ୟକ୍ତିଙ୍କର ଡିପୋଜିଟ୍ ଟଙ୍କାଟି ବୁଡ଼ିଗଲା । ସବୁ ଚାଲିଗଲା କିନ୍ତୁ ମଦ ୟାଙ୍କୁ ଛାଡ଼ିପାରିଲା ନାହିଁ । ଯେଉଁଦିନ ମଦ୍ୟପ ପୁତ୍ରଟି, ଏହାଙ୍କ କଥାର ବିରୋଧ କରି, ଛୁରିକା ଘାତରେ ହସପିଟାଲ୍‌ର ବିଛଣା ଧରାଇ ଦେଲା, ସେଦିନ ଏହାଙ୍କର ଚେତା ପଶିଲା । ତେଣୁ ନିଶା ନିବାରଣ ପାଇଁ ଏହାଙ୍କର ବ୍ୟଗ୍ରତା । ଆନନ୍ଦର କଥା, ଭଦ୍ରବ୍ୟକ୍ତି ସମ୍ପୂର୍ଣ୍ଣ ନିଶାତ୍ୟାଗ କରିଛନ୍ତି । ତେଣୁ ସେ କେତେକ ବନ୍ଧୁଙ୍କୁ ଧରି ନିଶା ନିବାରଣ ପାଇଁ, ସରକାରଙ୍କ ଉପରେ ପ୍ରଭାବ ପକାଇବା ଉଦ୍ଦେଶ୍ୟରେ ଦୀର୍ଘ ୪ ମାସ ପରିଶ୍ରମ କରି, ଏ ସମ୍ମିଳନୀଟି ଡାକିଥିଲେ ।

ସଭାପତି ସମ୍ମିଳନୀର ଉଦ୍ଦେଶ୍ୟ ବୁଝାଇ ଦେବାପରେ, ସମ୍ପୂର୍ଣ୍ଣ ନିଶା ନିବାରଣ ପାଇଁ ଏକ ପ୍ରସ୍ତାବ ଆଗତ କଲେ । ଏ ସମ୍ପର୍କରେ ସମ୍ୟକ ଆଲୋକପାତ କରିବା ପାଇଁ ସେ ପ୍ରତିନିଧିମାନଙ୍କୁ ଅନୁରୋଧ କଲେ ।

ଜଣେ ଡାକ୍ତର ପ୍ରତିନିଧି ପ୍ରଥମେ ଏ ପ୍ରସ୍ତାବକୁ ସମର୍ଥନ କରିବାକୁ ଯାଇ କହିଲେ ମୁଁ ବିନା ମଦ୍ୟପାନରେ ଅପରେସନ୍ ଟେବୁଲ୍‌କୁ ଯାଉ ନ ଥିଲି । ମଦ୍ୟପାନ କରିବା ଦ୍ୱାରା ମୋର ମସ୍ତିଷ ସ୍ଥିର ରହୁଥିଲା । ତେଣୁ ଯଥେଷ୍ଟ ସୁନାମ ଅର୍ଜନ କରିଥିଲି । ମୁଁ ସ୍ୱୀକାର କରୁଛି ମଦ୍ୟପାନ ଏକ ଘୃଣ୍ୟ ସମାଜ ବିରୋଧୀ କାର୍ଯ୍ୟ । ନିଶା ନିବାରଣର ମୁଁ ପକ୍ଷପାତୀ । କିନ୍ତୁ ସରକାର କ'ଣ ନିଶା ନିବାରଣ କରିବେ ? ଏଥିରେ ମୁଁ ସମ୍ପୂର୍ଣ୍ଣ ସନ୍ଦିହାନ । ଆପଣ ଦେଖନ୍ତୁ —''ସିଗାରେଟ୍ ପାନ ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ ।'' — ଏହା ନୀତିଗତ ଭାବରେ ସିଗାରେଟ୍ ଖୋଳ ବା ଡବା ଉପରେ ଲେଖାଯାଇଛି । ଆପଣମାନେ ମେଡିକାଲ୍ ବୁଲେଟିନ୍ ପଢୁନାହାନ୍ତି । ଗଳା ଓ ଫୁସ୍‌ଫୁସ୍ କ୍ୟାନ୍‌ସର୍ ରୋଗ ପାଇଁ ଧୂମ୍ରପାନ ଏକମାତ୍ର କାରଣ । ସରକାର କରୁଛନ୍ତି କ'ଣ ? ଏହା କ'ଣ ବନ୍ଦ କରିପାରନ୍ତେ ନି ? ଅସମ୍ଭବ । ଏଥିରୁ ଆଦାୟ ହେଉଥିବା ରାଜସ୍ୱ, ଅନ୍ୟ

Digitized by srujanika@gmail.com

କେଉଁଠାରୁ ମିଳିବା ସମ୍ଭବ ନୁହେଁ । ସେହିପରି, ମଦ୍ୟ ବିକ୍ରୀ ଲାଇସେନ୍‌ସରୁ ଯେତେ ରାଜସ୍ୱ ଆଦାୟ ହେଉଛି, ତାହା ଅନ୍ୟ କେଉଁଠାରୁ ମିଳିବା ସମ୍ଭବ ନୁହେଁ । ତେଣୁ ଏଥିପାଇଁ ଆପଣମାନେ ବିଚାର କରନ୍ତୁ, ମଦ ଛାଡ଼ିଦେଲେ, ବିଶେଷ କରି ମୋର ପକ୍ଷାଘାତ ରୋଗ ହୋଇଯିବ । ତଥାପି ଆପଣଙ୍କ ଅନୁରୋଧ ରକ୍ଷାକରି, ମୁଁ ସକାଳୁ ଏ ପର୍ଯ୍ୟନ୍ତ ମଦ୍ୟ ସ୍ପର୍ଶ କରି ନାହିଁ । କିନ୍ତୁ ମୁଁ ଆଉ ପାରିବିନି । ମୋର ଦେହ, ହାତ ଥରୁଛି । ସଭାପତିଙ୍କ ଅନୁମତି ନେଇ ମୁଁ ମଦ୍ୟପାନ କରିବାକୁ ବାଧ୍ୟ ହେଉଅଛି । ସେ ପକେଟ୍‌ରୁ ବୋତଲଟି ବାହାର କରି ସର୍ବ ସମକ୍ଷରେ ଢକ ଢକ କରି ବୋତଲଟି ଖାଲି କରିଦେଲେ ।

ତାଙ୍କୁ ଦେଖି ଅନ୍ୟମାନେ ପକେଟରୁ ବା ପେଟତଳୁ ବୋତଲଟି ମାନ କାଢ଼ି ପିଇବାକୁ ଲାଗିଲେ ।

ଜଣେ ପ୍ରତିନିଧି କହିବାକୁ ଲାଗିଲେ – ସଭାପତି ମହୋଦୟ ଯେଉଁ ପ୍ରସ୍ତାବଟି ଆଗତ କରିଛନ୍ତି – ବାସ୍ତବିକ ତାହା ଅଭିନନ୍ଦନୀୟ । ଋଷିଆ ଦେଶ କଥା ବିଚାର କରନ୍ତୁ । ମଦ୍ୟପାନ ଉପରେ ସରକାର ନିଷେଧାଦେଶ ଜାରି କରିଛନ୍ତି । ବର୍ତ୍ତମାନ ୬୦୦ ମଦ ତିଆରି କାରଖାନା ଫଳରସ କାରଖାନାରେ ପରିଣତି ହେଲାଣି । ଆହୁରି ହେବ । 'ଭୋଡକା' ବ୍ୟବହାର ନିଷିଦ୍ଧ କରାଯାଇଛି । ଯୁବ ସମାଜ ମଦ୍ୟପାନ କରି ସେ ଦେଶରେ ପଥଭ୍ରଷ୍ଟ ହୋଇଗଲେ । ଋଷ ଦେଶରେ ସପ୍ତାହକୁ ୫ ଦିନ କାମ କରିବାକୁ ପଡ଼େ । ଦେଖାଗଲା ସୋମବାର ଦିନ ଅଫିସର୍ ଉପସ୍ଥାନ ସଂଖ୍ୟା କମିବାରେ ଲାଗିଛି । ତା'ର କାରଣ ହେଲା ରବିବାରର ନିଶା ସୋମବାରକୁ ସମ୍ପୂର୍ଣ୍ଣ ଛାଡ଼ିପାରିନି । କଳ, କାରଖାନାରେ କାମ ମାନ୍ଦା । ସରକାରଙ୍କର ଏ ପଦକ୍ଷେପକୁ ଋଷ ଜନସାଧାରଣ ସ୍ୱାଗତ କରୁଛନ୍ତି ।

ମୁଁ ମଧ୍ୟ ସ୍ୱାଗତ କରୁଛି । କିନ୍ତୁ ଏ ଦେଶରେ ଏହା ହେବା କ'ଣ ସମ୍ଭବ ? ଯଦି ଗାନ୍ଧିଜୀ ବଞ୍ଚିଥାନ୍ତେ ଏ ଲୋକମାନେ ତାଙ୍କୁ ବୁଝାଇ ଶୁଝାଇ ମଦ ପିଆଇ ସାରନ୍ତେଣି । ଯାହା ହେଉ ସେ ଗୁଳିଖାଇ ମରିଯାଇ ନାହାନ୍ତି ଯେ, ତରି ଯାଇଛନ୍ତି ।

ଆପଣମାନେ ବିଚାର କରନ୍ତୁ – ଯୌତୁକ ବିରୋଧୀ ଆଇନ ଗାନ୍ଧିଜୀଙ୍କର ଜନ୍ମଦିନଠାରୁ କଡ଼ାକଡ଼ି ଭାବରେ ପାଳନ କରାଯାଉଛି । ଏ ଆଇନକୁ ମାନିବେ କେତେ ଜଣ ?

ଜଣେ ପ୍ରତିନିଧି, ସେ ନିଶ୍ଚୟ ତେଲୁଗୁ ଭାଷୀ ହୋଇଥିବେ, ଆନ୍ଧ୍ର ମୁଖ୍ୟମନ୍ତ୍ରୀ ରାମାରାଓଙ୍କର ପ୍ରଶଂସାରେ ଶତମୁଖ ହୋଇଉଠିଲେ । ସେ କହିଲେ – ତେଲୁଗୁ ଦେଶମ୍ ଦଳ ଆଜି ଦେଶରେ ନୂତନ କ୍ରାନ୍ତି ସୃଷ୍ଟି କରିଛି । ସମ୍ପତ୍ତିରେ ପୁଅ, ଝିଅର ସମାନ ଅଧିକାର ସାବ୍ୟସ୍ତ କରି ଯୌତୁକ ପ୍ରଥାର ବିଲୋପ ସାଧନ ଘଟାଇଛି ।

Digitized by srujanika@gmail.com

ରାମାରାଓ ସାକ୍ଷାତ୍ ରାମଚନ୍ଦ୍ରତ୍ତୁ। ରାମଚନ୍ଦ୍ରଙ୍କର ଅବତାର । ରାଜୀବ ଗାନ୍ଧୀ କରିବେ କ'ଣ ? ସେ କ'ଣ ନିଶା ନିବାରଣ କରିପାରିବେ ? ସେ ପରା ନିଶାପାନ କରନ୍ତି । ଥରେ ଯଦି ଜଣେ ନିଶାର ସ୍ୱାଦ ଚାଖିଛି — ସେ କ'ଣ ତାକୁ ସହଜରେ ଛାଡ଼ିପାରିବ ? ଆପଣମାନେ କ'ଣ ଛାଡ଼ିପାରିବେ ? ଦେଖନ୍ତୁ — ଜଣକୁ ଦେଖି, ଆପଣମାନେ ଲୁଚାଇଥିବା ମଦ ବୋତଲରୁ ଆକଣ୍ଠ ପାନ କଲେଣି । ଏ ସମ୍ମିଳନୀ ଖାଲି ବନ୍ଧୁମିଳନରେ ପରିଣତ ହେବ । ଅନ୍ୟ ଜଣେ କହିବାକୁ ଉଠି ତାଙ୍କର ସ୍ୱଭାବ ସୁଲଭ ଭଙ୍ଗୀରେ ଅନର୍ଗଳ ବକ୍ତୃତା ଦେବାକୁ ଆରମ୍ଭ କଲେ — ମୁଁ ବ୍ରାହ୍ମଣ । କିନ୍ତୁ ମୁଁ ଆଜି ଚଣ୍ଡାଳ । ମୁଁ ମଦ୍ୟପାନ କରୁଛି । ଆଗେ ଚଣ୍ଡାଳମାନେ ଏହା ପାନ କରୁଥିଲେ । ଏହାର ପ୍ରତିବାଦ କରିବାକୁ ଯାଇ ଜନୈକ ପ୍ରତିନିଧି କହି ଉଠିଲେ — ମୁଁ ଏହାର ପ୍ରତିବାଦ କରୁଛି । ବେଦ, ପୁରାଣ ଯୁଗକୁ ଆପଣମାନେ ଫେରିଯାଆନ୍ତୁ । ଦେବତାମାନେ ସୋମରସ ପାନ କରୁଥିଲେ । ସୋମରସର ଅର୍ଥ କ'ଣ ନବାତ ପଣା ? ବଂ ଭୋଲେ ଶିବଶମ୍ଭୁ ଗଞ୍ଜେଇ ଭୋଳରେ ମଶାଣି ଯାକ ବୁଲୁଥିଲେ । ତ୍ରିନାଥ ମେଳାରେ ଗଞ୍ଜାଇ ପୂଜା ପ୍ରଧାନ ସ୍ଥାନ ଅଧିକାର କରିଛି । ଆପଣମାନେ ନିଶା ନିବାରଣ ପାଇଁ ଏଠାରେ ଜମା ହୋଇଛନ୍ତି । ଆପଣଙ୍କ କଥା ଏଠି ଶୁଣୁଛି କିଏ ? ଅଧାଅଧି ପ୍ରତିନିଧି ମଦ ନିଶାରେ ଘୁଙ୍ଗୁଡ଼ି ମାରିଲେଣି । ମୁଁ ସମ୍ପୂର୍ଣ୍ଣ ନିଶା ନିବାରଣର ବିରୋଧ କରୁଛି । ଜଣେ ପ୍ରୌଢ଼, ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାଷଣରେ ଶୁଣ୍ଢିମାନେ ମଦ ବ୍ୟବସାୟ ଛାଡ଼ି ଦେଇଥିବାରୁ ଦୁଃଖ ପ୍ରକାଶ କଲେ । ଶୁଣ୍ଢିମାନେ ତାଙ୍କର କୌଳିକବୃତ୍ତି ବ୍ରାହ୍ମଣମାନଙ୍କ ହାତରେ ଟେକି ଦେଇ, ଅନ୍ୟ ଧନ୍ଦାର ଆଶ୍ରୟ ନେଇଥିବାରୁ ସରକାର ସେମାନଙ୍କ ପ୍ରତି ସମ୍ବେଦନଶୀଳ ହେବାକୁ ସେ ଦାବୀ କରିଥିଲେ ।

ଲାଇସେନ୍‌ସ୍ ହୋଲ୍‌ଡ଼ରମାନେ ମଦରେ ଅତ୍ୟଧିକ ପାଣି ମିଶାଇ ଲାଭଖୋରୀ ମନୋବୃତ୍ତିର ଆଶ୍ରୟ ନେଇଥିବାରୁ ସରକାରଙ୍କ ନିକଟରେ ଏହି ସମ୍ମିଳନୀ କଠୋର କାର୍ଯ୍ୟାନୁଷ୍ଠାନ କରିବାକୁ ଦାବୀ କରିଥିଲା । ଦେଶୀ ମଦକୋଠୀ ସବୁ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଥିବାରୁ ସେ ସବୁକୁ ଜନଗହଳି ମଧ୍ୟକୁ, ପରିଷ୍କାର ପରିଚ୍ଛନ୍ନ ଜାଗାରେ ରଖିବା ପାଇଁ ଅନ୍ୟ କେତେକ ପାଟି ତୁଣ୍ଡ କଲେ । ଦଳେ ମଦ ସପକ୍ଷରେ ତ ଅନ୍ୟ ଦଳେ ମଦ ବିପକ୍ଷରେ ଯୁକ୍ତି ବାଢ଼ୁ ବାଢ଼ୁ ତାହା ଧସ୍ତାଧସ୍ତିରେ ପରିଣତ ହେଲା । କେତେକ ପ୍ରତିନିଧି ରକ୍ତାକ୍ତ ହୋଇପଡ଼ିଲେ ।

ସଭାପତି ଉପାୟହୀନ ହୋଇ ଶେଷରେ ସମସ୍ତଙ୍କର ଅଲକ୍ଷ୍ୟରେ ସଭା କକ୍ଷତ୍ୟାଗ କଲେ ଓ ସମ୍ମିଳନୀ କିଏ କାହିଁକି ଡାକିଲା, ତାକୁ ଧର ବୋଲି ଦଳେ ପାଟି କରିବା ବେଳକୁ ସଭାପତି ଅଦୃଶ୍ୟ ହୋଇଯାଇଥିଲେ ।

* * *

Digitized by srujanika@gmail.com

ସମ୍ବିତ୍

ପରାଜୟର ଗ୍ଲାନି ଭିତରେ ବଞ୍ଚି ରହିବାଟାକୁ ଜନ୍ମେଜୟ ଘୃଣା କରୁଥିଲା । କାହିଁକି ସେ ବଞ୍ଚି ରହିବ ? ଏଇଟା ଥିଲା – ତା' ପାଇଁ ଏକ ପ୍ରଶ୍ନବାଚୀ । ସେ ତା'ର ଅନ୍ତରାତ୍ମାକୁ ଏଥିପାଇଁ ବହୁ ପ୍ରଶ୍ନ କରିଛି । କିନ୍ତୁ ଉତ୍ତର ସନ୍ତୋଷଜନକ ପାଇନି ।

ନାରୀ ଚରିତ୍ର ଅନୁଧ୍ୟାନ କରିବା ତା' ପକ୍ଷରେ ସହଜ ନଥିଲା । କାରଣ ସେ ଥିଲା ସରଳ ବିଶ୍ୱାସୀ । ସରଳତାର ଦ୍ୱାହି ଦେଇ ଜଟିଳତା, ପ୍ରବଞ୍ଚନାକୁ ସେ ଘୃଣା କରୁଥିଲା । ତେଣୁ ସେ ତା' ସ୍ତ୍ରୀକୁ ରୋକ୍‌ଠୋକ୍ ଶୁଣାଇ ଦେଇଥିଲା ମିଛ ନ କହିବା ପାଇଁ । ମିଛ କିଏ ବା ନ କହୁଛି । ଆଜିକାଲି ଜୀବନ ଯାତ୍ରା ପାଇଁ ମିଛଟା ଏକ ରକମ ଗୋଟାଏ ପାଥେୟ ହୋଇପଡ଼ିଛି । ସତ କହିଲେ – ଖାଇବାକୁ ମିଳେନା ।

ଜନ୍ମେଜୟ ହାରିଯାଇଛି । ସେଥିପାଇଁ ତା' ଜୀବନର ସରଳତା କ'ଣ ଦାୟୀ ? ସେ ଅନ୍ୟର ଦୁଃଖ ଦେଖିଲେ ସହିପାରେନି । ଆଖି କୋଣରେ ଲୁହ ତା'ର ଆପେ ଆପେ ଜକେଇ ଆସେ । ସେଥିପାଇଁ ସେ ସୀତାକାନ୍ତ ବାବୁଙ୍କର ଅନୁରୋଧ, କାକୁତି, ମିନତିକୁ ପ୍ରତ୍ୟାଖ୍ୟାନ କରିପାରିଲା ନାହିଁ । ବିବାହ ନ କରିବା ପାଇଁ ସେ ସଂକଳ୍ପବଦ୍ଧ ଥିଲା । କିନ୍ତୁ ବୃଦ୍ଧ ସୀତାକାନ୍ତ ବାବୁ - ତା'ର ସଂକଳ୍ପକୁ ଭଙ୍ଗ କରିଦେଲେ ।

ଅନାମିକା ତା'ର ଧର୍ମପତ୍ନୀ । ହାରିବାଟା ତା'ର ଅନ୍ୟ କାହା ପାଖରୁ ନୁହେଁ, ସୁନ୍ଦରୀ, ସୁଶ୍ରୀ, ତରୁଣୀ ଅନାମିକା ନିକଟରୁ । ଅନାମିକାକୁ ସେ ବିଶ୍ୱାସ କରିଥିଲା । ଯଦିଓ କିଛିଟା ଆଭାସ, ସେ ଅନାମିକା ଚରିତ୍ର ସମ୍ପର୍କରେ ପାଇଥିଲା, ସେଥିପାଇଁ ସେ ଭ୍ରୂକ୍ଷେପ କରି ନଥିଲା ।

ଜନ୍ମେଜୟ ଭାବେ – ନାରୀମାନଙ୍କର ସମସ୍ତ ଗୌରବ, ମାନ, ସମ୍ମାନ ଏଇ ପୁରୁଷ ଜାତିଟାହିଁ ଧ୍ୱଂସ କରିଦିଏ । ତେଣୁ ନାରୀର ଚରିତ୍ର ପାଇଁ ପୁରୁଷ ହିଁ ଦାୟୀ ।

ଅନାମିକାକୁ ସେ ବିଶ୍ୱାସରେ - ବିଷ ମିଶାଇ ପାରିବ ଅନାମିକା, ଏଇଟା ତା'ର ଧାରଣାର ବାହାରେ ଥିଲା ।

ଅକାଶରେ ମେଘ – ଝିପି ଝିପି ବର୍ଷାରେ ରାଜପଥଟା ଧୋଇ ହୋଇ ନିର୍ମଳ ଦେଖାଯାଉଛି । ଆକାଶରେ ସୂର୍ଯ୍ୟର ଆଗମନୀର ପର୍ବ । ସେ ରାତିଟା ସାରା ଶୋଇପାରିନି । ଅପେକ୍ଷା କରିଛି ଅନାମିକାକୁ । ସେ ଅନାମିକାକୁ ତ କିଛି କହିନି । ସେ ଚାଲିଗଲା କାହିଁକି ? ମଣିଷ ଭୁଲ କରେ । ଏଇ ଭୁଲ୍‌କୁ ପୁଣି ଅନ୍ୟ ଜଣେ ମଣିଷ କ୍ଷମା ଦିଏ, ଯେପରି ହତ୍ୟାକାରୀ ଖଲାସ୍ ହୋଇଯାଏ, ନ୍ୟାୟ ବିଚାରାଳୟର ପ୍ରମାଣ ବିହୀନ ଦୋଷୀ ଆସାମୀ ପରି । ସେ ଅନାମିକାକୁ କ୍ଷମା ଦେଇଥାନ୍ତା । କିନ୍ତୁ ଏତେ

Digitized by srujanika@gmail.com

ବଡ଼ ଅପରାଧ କରି, ଅନାମିକା କ'ଣ ପୁଣି ତା' ପାଖରେ ମୁହଁ ଦେଖାଇପାରନ୍ତା ? ସେ ପାଇଛି ଶୁଭ୍ରାଂଶୁକୁ । ଶୁଭ୍ରାଂଶୁକୁ ନେଇ ତା'ର ଚରିତ୍ର ଦିନେ କଳଙ୍କିତ ହୋଇଉଠିଥିଲା । ତେଣୁ ତା'ର ଫେରିବାଟା, ଜନ୍ମେଜୟ ଆଗରେ ଏକ ପ୍ରଶ୍ନ ରୂପରେ ଦେଖା ଦେଇଥିଲା । ଜନ୍ମେଜୟ ରାସ୍ତାକୁ ଚାହିଁଛି । ଅନାମିକା କାଳେ ଫେରିଆସିପାରେ ।

ଜନ୍ମେଜୟ ଭାବିଲା – ତା'ର ଦୋଷ କ'ଣ ? ଅନାମିକା ତାକୁ ବହୁବାର ଦୋଷୀ କରିଛି । ସେ ଗୋଟାଏ ଅପଦାର୍ଥ ବୋଲି ଧିକ୍କାର କରିଛି ।

ବିଶ୍ୱବିଦ୍ୟାଳୟର କୃତୀଛାତ୍ର ଜନ୍ମେଜୟ । ଦର୍ଶନ ବିଭାଗର ଅଧ୍ୟାପକ । ଭାବନା ରାଜ୍ୟରେ ମୁକ୍ତ ବିହଙ୍ଗ ପରି ସେ ଘୂରିବୁଲେ । ବହି ତା'ର ଜୀବନର ସାଥୀ । ଏହିପରି କେତେ ରାତି ସେ ବହି ପଢ଼ାରେ କଟାଇ ଦେଇଛି । ଅନାମିକାର ଅନୁରୋଧ ରକ୍ଷା କରିନି ।

ଅନାମିକା ଭାବେ – ଏପରି ଗୋଟାଏ ଲୋକକୁ ସେ ବିବାହ କଲା କାହିଁକି ? ବହି ଯାର ଜୀବନସାଥୀ – ତା'ର ବିବାହରେ ପ୍ରୟୋଜନ କ'ଣ ?

ସେ ଶୁଭ୍ରାଂଶୁକୁ ବହୁଥର କହିଥିଲା – ବହୁ ଦୂରକୁ ଚାଲିଯିବାକୁ । ଜୀବନ ଦେଇ ଶୁଭ୍ରାଂଶୁକୁ ସେ ଭଲ ପାଇଥିଲା । କିନ୍ତୁ ଶୁଭ୍ରାଂଶୁ ଏତେ ଶୀଘ୍ର ବିବାହ କରିବାକୁ ମନା କରିଦେବା ଫଳରେ ତା' ଜୀବନରେ ଦେଖାଦେଲା ଜନ୍ମେଜୟ । ଜନ୍ମେଜୟକୁ ପାଇ ସେ ତ ସୁଖୀ ନୁହେଁ । ତେବେ ଏ ଭଳି ଲୋକଟା ସହିତ ଜୀବନ କଟାଇବା ଜଙ୍ଗଲରେ ରୋଦନ କରିବା ସହିତ ସମାନ ।

ବାପାଙ୍କର ପ୍ରସ୍ତାବକୁ ସେ ପ୍ରତ୍ୟାଖ୍ୟାନ କରି ପାରିଲା ନାହିଁ । ବାପାଙ୍କର କରୁଣ ମିନତିକୁ ଏଡ଼ାଇ ଦେବା ତା' ପକ୍ଷରେ ସହଜ ନଥିଲା ଏଇ ବାପା, ତା' ପାଇଁ କେତେ କଷ୍ଟ ସହି ନାହାନ୍ତି ।

ଶୁଭ୍ରାଂଶୁ ଓ ଅନାମିକାକୁ କେନ୍ଦ୍ର କରି ସହର କାନ୍ଥ, ବାଡ଼ର ପ୍ରାଚୀରପତ୍ରକୁ, ତା'ର ବାପା ଅଧରାତିରେ ଚୂନବାଲିଟି ଓ ଝାଡ଼ୁଣୀ ଧରି ବହୁଥର ଲିପି ଆସିଛନ୍ତି । ତଥାପି ସେ ତାକୁ କିଛି କହି ନାହାନ୍ତି । ଅନାମିକା ରାଜି ହେଲା ଜନ୍ମେଜୟକୁ ବିବାହ କରିବା ପାଇଁ ।

ବିବାହର ଗୋଟିଏ ବର୍ଷ ସୁରୁଖୁରୁରେ କଟିଗଲା । ଜନ୍ମେଜୟ ଅନାମିକା ସ୍ୱେଚ୍ଛାଚାରିଣୀ ମନୋଭାବକୁ ଯଦି ଖୁବ୍ ଘୃଣା କରୁଥିଲା, ତଥାପି ପ୍ରତିବାଦ କରି ନଥିଲା । କିନ୍ତୁ ଦିନପରେ ଦିନ ତା'ର ଅନାମିକା ପ୍ରତି ଘୃଣା ଜନ୍ମିଲା । ସେ ଏକରକମ ତା' ନିକଟରୁ ଦୂରେଇ ଯିବାକୁ ଚେଷ୍ଟା କଲା ।

Digitized by srujanika@gmail.com

ହଠାତ୍ ଦିନେ ତା' ଘରେ ଆବିର୍ଭାବ ହେଲା ଶୁଭ୍ରାଂଶୁ । ଶୁଭ୍ରାଂଶୁକୁ କେନ୍ଦ୍ରକରି ସେ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ କରିଥିଲା । କିନ୍ତୁ ଉତ୍ତର ପାଇଥିଲା ଭାଇ ବୋଲି । କିଛି କହି ନଥିଲା ଜନ୍ମେଜୟ । ଜନ୍ମେଜୟ ସୀତାକାନ୍ତ ବାବୁଙ୍କୁ ଚିଠି ଲେଖିଲା । ଉତ୍ତର ପାଇଲା .... ସେ ଲୋକଟାକୁ ଘରକୁ ଆସିବାକୁ ଦିଅନା । ଚିଠିଟି ଦେଖାଇଥିଲା ଜନ୍ମେଜୟ । କିନ୍ତୁ ଅନାମିକା ବିଦୃପ କରିଥିଲା । କହିଥିଲା ତୁମ ପରି ସନ୍ଦେହୀ ଲୋକ ପାଖରେ ମୁହୂର୍ତ୍ତେ ରହିବା ଉଚିତ ନୁହେଁ ।

ପାପ, ପୁଣ୍ୟର ବିଶ୍ଳେଷଣ କରିଥିଲା ଅନାମିକା । ସବୁ ମୂକଙ୍କ ପରି ଶୁଣୁଥିଲା ଜନ୍ମେଜୟ । ଶୁଭ୍ରାଂଶୁ, ସହରରେ ଅନାମିକାର ଉପସ୍ଥିତି ଖବର ପାଇ ଆସିଛି । ତା' ପାଇଁ ସେ ଅବିବାହିତ ରହିଛି ବୋଲି ପ୍ରକାଶ କରିଛି । ସାରାଜୀବନ ତା'ର ପ୍ରେମର ସ୍ମୃତିକୁ ପାଥେୟ କରି, ଜୀବନଟା ବିତାଇ ଦେବାକୁ ପ୍ରତିଜ୍ଞା କରିବା କଥା ପ୍ରକାଶ କରିଛି ଶୁଭ୍ରାଂଶୁ ।

ଅନାମିକା ଶୁଭ୍ରାଂଶୁକୁ ଆସିବାକୁ ମନା କରିବାକୁ ଚେଷ୍ଟା କରିପାରିନି । କାରଣ ସେ ଚାହେଁ ନାରୀ, ଯେପରି ପୁରୁଷର ସାନିଧ ପାଇ ବଞ୍ଚି ରହେ, ସେପରି ପୁରୁଷ ବି ବଞ୍ଚି ରହୁ । ଜନ୍ମେଜୟ ଗୋଟାଏ ଅପଦାର୍ଥ । ପୁସ୍ତକ କୀଟ । ତେଣୁ ଅନାମିକା ତା' ପାଇଁ କ'ଣ ଦରକାର । ସେ ସ୍ଥିର କଲା ଚାଲିଯିବ । ଦୁହେଁ ଚାଲିଯିବେ ବହୁ ଦୂରକୁ । ବାପା ମନ ଦୁଃଖ କରିବେ । କରନ୍ତୁ । ସେ ଯେ ଜଳୁଛି – ବାପା ତ ଜଳୁ ନାହାନ୍ତି ।

ଜନ୍ମେଜୟ ଗୋଟାଏ ବହି ପାଇଁ କଲେଜରୁ ଘରକୁ ଫେରିଆସିଛି । ଦେଖୁଛି ଅନାମିକା ଶୁଭ୍ରାଂଶୁର ବାହୁବନ୍ଧନ ଭିତରେ । କିଛି ନ କହି ଫେରିଯାଇଛି ଜନ୍ମେଜୟ । ମଥାଟା ତା'ର ଘୂରି ଯାଇଛି । କ'ଣ କରିବ ସେ ଭାବି ପାରିନି । କୌଣସି ମତେ କ୍ଳାସ୍‌ଗୁଡ଼ିକୁ ସାରି ଦେଇ ଫେରିଆସିଛି ।

ଆସି ଦେଖୁଛି – ଅନାମିକା ନାହିଁ । ତା' ହେଲେ କୁଆଡ଼େ ଗଲା ? ସତରେ କ'ଣ ଅନାମିକା ଚାଲିଗଲା, ଶୁଭ୍ରାଂଶୁ ସାଥୀରେ ? ତଥାପି ସେ ଅପେକ୍ଷା କରିଛି । ଅନାମିକା ଫେରିବ । ଆକାଶରେ ମେଘ । କିନ୍ତୁ ମନରେ ତା'ର – ଜଳନ୍ତା ନିଆଁର ଝଲକ । ରାତି ପାହିଯାଇଛି । ସେ ତା'ର ସମ୍ବିତ୍ ହରାଇ ଦେଇଛି ।

ଟେଲିଗ୍ରାମ ।

ପୋଷ୍ଟମ୍ୟାନଟା ଚିତ୍କାର କଲା । ଜନ୍ମେଜୟ ସମ୍ବିତ୍ ଫେରିଯାଇ ଯେତେବେଳେ ଟେଲିଗ୍ରାମଟା ଉପରେ ନଜର ପକାଇଲା – ଲେଖା ଥିଲା ।

ମୁଁ ଅନ୍ୟତ୍ର ଚାଲିଯାଉଛି । ମୋତେ ଭୁଲିଯାଅ । – ଅନାମିକା ।

* * *

Digitized by srujanika@gmail.com

ଲୁଣ

ଡାଲି, ତରକାରୀରେ ପ୍ରଥମେ ଲୁଣ ପରିମାଣଟା କମ କରାଯାଇ, ଯେତେବେଳେ ପୁରାପୁରି ଅଲଣାକୁ ଚାଲିଆସିଲା, ସେତେବେଳେ ରସାନନ୍ଦ ବାବୁ ଧୈର୍ଯ୍ୟହରା ହୋଇପଡ଼ିଲେ । ପ୍ରଥମେ, ପ୍ରଥମେ ସେ କିଛି ପରିମାଣରେ ତରକାରୀରେ ଲୁଣ ମିଶାଇ, ସ୍ତ୍ରୀଙ୍କର ଅସାବଧାନତା ହେତୁ, ଏହା ବୋଧେ ଘଟୁଛି ବୋଲି ଭାବୁଥିଲେ । ବୟସାଧିକ ହେତୁ, ସ୍ତ୍ରୀଙ୍କର ବୋଧେ ଲୁଣ ପକାଇବାରେ ସ୍ମୃତିବିଭ୍ରମ ଘଟୁଥିବାର ଆଶଙ୍କା କରି, ସେ ବଡ଼ ଝିଅ ଗୁଣସୁନ୍ଦରୀକୁ ରୋଷେଇ ଭାର ନ୍ୟସ୍ତ କରିଥିଲେ । ଗୁଣସୁନ୍ଦରୀ ଭଲ ରାନ୍ଧେ । ସେ ମଧ ଦିନ କେତେଟା ସୁନ୍ଦର ସୁସ୍ୱାଦୁ ବ୍ୟଞ୍ଜନ ତିଆରି କଲା । ଏବେ କ'ଣ ହେଉଛି କେଜାଣି, ତା' ବୋଉ ପରି ପ୍ରଥମେ କମ୍ ଲୁଣ, ଶେଷରେ ଅଲଣା ତରକାରୀ ପରିଶିବାକୁ ଆରମ୍ଭ କଲାଣି । କାହାକୁ କହିବେ ? କହିଲେ ଶୁଣୁଛି କିଏ ? ଦି' ଜଣ ଯାକ ଗୋଟିଏ ଉତ୍ତର ଦେଉଛନ୍ତି, ଆଜି କାଲିକାର ଭେଜାଲ୍ ଯୁଗରେ ଲୁଣଗୁଡ଼ାକ ଭେଜାଲ୍ ହୋଇଗଲାଣି । ତେଣୁ ଲୁଣରୁ ଲୁଣ ଅଂଶଗୁଡ଼ାକ କମିବାରେ ଲାଗିଛି ।

ରସାନନ୍ଦ ବାବୁଙ୍କର ଲୁଣ ପ୍ରତି ବେଶୀ ଆଗ୍ରହ । ସେ ଭାତରେ ଲୁଣ ଗୋଳାଇ ଖାଆନ୍ତି । ଲେମ୍ବୁ ଗୋଟାଏ ଚିପୁଡ଼ି, ଲୁଣ ୨ ଚାମଚ ଭାତରେ ଗୋଳାଇ ଖାଇବାଟା ତାଙ୍କର ନିତିଦିନିଆ ଅଭ୍ୟାସ । କିନ୍ତୁ ଏବେ ଯେ ଭାତ କଥା ଛାଡ଼, ଡାଲି, ତରକାରୀରେ ଲୁଣ ଦେଖିବାକୁ ସପନ ହେଲାଣି । ଅସଲ କଥାଟା ହେଲା, ତାଙ୍କର ଧର୍ମପତ୍ନୀ ଲୁଣର କୁପ୍ରଭାବଟା, ତାଙ୍କର ଗୋଦାବରୀ ପାଖରୁ ଶୁଣି ଆସିଥିଲେ । ଗୋଦାବରୀଙ୍କ ଭାଇ, ଲୁଣ ଖାଇ ପରିସ୍ରା ରୋଗରେ ଆକ୍ରାନ୍ତ ହୋଇ, ଶେଷକୁ ଦେହ, ହାତ ଫୁଲି ବଡ଼ କଷ୍ଟପାଇ ପ୍ରାଣତ୍ୟାଗ କଲେ ।

ବୟସାଧିକ ଲୋକ, ଅର୍ଥାତ୍ ଷଷ୍ଠୀପୂର୍ତ୍ତି ହେବା ଲୋକମାନେ ଲୁଣ ଯଦି ବିଲ୍‌କୁଲ୍ ଛାଡ଼ିଦେବେ, ତା'ହେଲେ ସେମାନେ ଦୀର୍ଘାୟୁ ହୋଇପାରିବେ । ତାଙ୍କୁ ହୃଦରୋଗ, ରକ୍ତଚାପ ରୋଗ ମୋଟେ ହେବ ନାହିଁ ଏକଥା ରସାନନ୍ଦ ବାବୁଙ୍କର ସ୍ତ୍ରୀ ମହିଳା ସମିତିର ଏକ ବୈଠକରେ ଜଣେ ଲେଡ଼ିଡାକ୍ତର କହୁଥିବାର ଶୁଣି ଆସିଥିଲେ । ସ୍ୱାମୀ ତାଙ୍କର ଲବଣାସକ୍ତ । ଭାତରେ ଲୁଣ ଗୋଳାଇ ଖାଇବାର ଯାହାର ଅଭ୍ୟାସ, ତା'ର ଲୁଣ ଅଭ୍ୟାସଟା କିମିତି ଛଡ଼ାଇବେ, ସେଥିପାଇଁ ସେ ବଡ଼ ଚିନ୍ତିତ ହୋଇପଡ଼ିଲେ । ସେ କଥା ମଧ ତାଙ୍କର ସୁପୁତ୍ରୀ ଗୁଣସୁନ୍ଦରୀ ଆଗରେ ବୟାନ କଲେ । ବାପାଙ୍କର ଲୁଣ ଅଭ୍ୟାସଟା କିମିତି ଛଡ଼ାଯିବ, ସେଥିପାଇଁ ମା' ଝିଅ ବଡ଼ ଚିନ୍ତିତ ହୋଇପଡ଼ିଲେ ।

Digitized by srujanika@gmail.com

ରସାନନ୍ଦବାବୁଙ୍କୁ ୬୫ ପାଖାପାଖି ହେଲାଣି । ତଥାପି ତାଙ୍କର ସ୍ୱାସ୍ଥ୍ୟ ଅତୁଟ ରହିଛି । ଗୋଟିଏ ହେଲେ ଦାନ୍ତ ପଡ଼ି ନାହିଁ । ମୁଣ୍ଡର ବାଳ ମଧ୍ୟ ପାଚି ନାହିଁ । ତାଙ୍କୁ କିଏ ହେଲେ ବୁଢ଼ା ବୋଲି କହିବ ନାହିଁ । ଏବେ ମଧ୍ୟ ସେ ଅନାୟାସରେ ଦଶକୋଶ ରାସ୍ତା ଖାଲିପାଦରେ ଚାଲିଯାଇ ପାରିବେ । ତେବେ ଯଦି ଲୁଣ ଜନିତ ରୋଗ ଗୁଡ଼ାକ ତାଙ୍କୁ ଆକ୍ରମଣ କରେ ଯଥା ରକ୍ତଚାପ ରୋଗ, ମୂତ୍ରାଶୟ ବିକାର ଇତ୍ୟାଦି, ତାହା ହେଲେ ସର୍ବନାଶ । ଗୁଣସୁନ୍ଦରୀ ତ ହାତକୁ ଦି' ହାତ ହୋଇନାହିଁ । ଆଉ ୩ଟା ଟୋକା ସେ ସବୁତ ସ୍କୁଲ୍, କଲେଜ୍‌ରେ ପଢୁଛନ୍ତି । ଏମାନେ କେବେ ମଣିଷ ହେବେ, ଏମାନଙ୍କୁ ବା କିଏ ମଣିଷ କରାଇବ, ଏ ବିଷୟ ଭାବି ଭାବି ରସାନନ୍ଦ ବାବୁଙ୍କର ସ୍ତ୍ରୀଙ୍କୁ ଭୋକ ହେଲାନି କି ନିଦ ହେଲାନି । ସେ ମଧ୍ୟ ଭରସି, ସ୍ୱାମୀଙ୍କୁ ଲୁଣ ଛାଡ଼ିବାକୁ କହିପାରୁନଥାନ୍ତି । ଆଉ କାହାକୁ କହିଲେ, ସେ ଯଦି ପରାମର୍ଶ ଦେଇ ଲୁଣଟା ଛଡ଼ାଇ ପାରନ୍ତେ, ରସାନନ୍ଦ ବାବୁଙ୍କ ପତ୍ନୀ ତାଙ୍କ ନିକଟରେ ସାରା ଜୀବନ କୃତଜ୍ଞ ହୋଇ ରହନ୍ତେ । କାହାକୁ ଏ କଥା ସେ କହିବେ ? ରସାନନ୍ଦବାବୁ ସେ ଅଞ୍ଚଳର ଡ଼ାକବଜା ଲୋକ । ତାଙ୍କର ବହୁତ ଖାତିରି ଅଛି । ଲୋକେ ଭଲ, ମନ୍ଦ ତାଙ୍କଠୁଁ ବୁଝୁଥିଲେ, ତାଙ୍କୁ ପୁଣି ବୁଝାଇବ କିଏ ? ସେ ତ ବଡ଼ ବିଦ୍ୱାନ ଆଉ ଜ୍ଞାନୀ । ତେବେ କାହାକୁ କିଛି ନ କହି, ସେ ଡାଲି ତରକାରୀରୁ ଲୁଣ ପରିମାଣଟା କିଛିଟା କମ୍ କରି, ଶେଷକୁ ବିଲ୍‌କୁଲ୍ ବନ୍ଦ କରାଇ ଦେଲେ । ମୂତ୍ରଯୁକ୍ତ ଜନିତ ରୋଗ କଥା ଚିନ୍ତାକରି, ବିଶେଷ କରି ତାଙ୍କ ଗୋଦାବରୀ ଯେପରି ଭାବରେ ଭାଇଙ୍କର ରୋଗଜନିତ ଯନ୍ତ୍ରଣା ଓ ତାଙ୍କର କୁରୂପ କଥା ବର୍ଣ୍ଣନା କରିଥିଲେ, ଗୋଟିକ ପରେ ଗୋଟିଏ ହୋଇ ତାଙ୍କ ଆଖି ଆଗରେ ନାଚିବାକୁ ଲାଗିଲା । ତରକାରୀ ବା ଖାଦ୍ୟ ସାମଗ୍ରୀରେ ଲୁଣ ସିନା ମା' ଝିଅ ମିଶି ବନ୍ଦ କରାଇଦେଲେ, ହେଲେ ଯେତେବେଳେ ସେ ଭାତରେ ଲୁଣ ଗୋଳାଇବାକୁ ଆରମ୍ଭ କରନ୍ତି ରସାନନ୍ଦ ବାବୁଙ୍କର ସ୍ତ୍ରୀ ଗୋଟାଏ ଅତର୍କ୍କାନିଆ ଚିତ୍କାର କରନ୍ତି । ରସାନନ୍ଦ ବାବୁ ଖାଇବେ ଆଉ କ'ଣ, ଭାତଥାଳି ଛାଡ଼ି ସ୍ତ୍ରୀଙ୍କ ପାଖକୁ ଦୌଡ଼ିଆସନ୍ତି । ଏଇଭଳି କେତେଦିନ ଗୁଣସୁନ୍ଦରୀର ବୋଉ ଚିତ୍କାର ଛାଡ଼ି, ଛାଡ଼ି ଶେଷକୁ ଶଯ୍ୟାଶାୟୀ ହୋଇପଡ଼ିଲେ ।

ରକ୍ତଚାପ ରୋଗରୁ ମୁକ୍ତ କରିବାପାଇଁ ସିନା ତାଙ୍କୁ ସ୍ତ୍ରୀ ଲୁଣ ଖାଇବାକୁ ମନା କରି ନପାରି, ଏ ଭଳି ଉପାୟ ସେ ଚିନ୍ତା କରୁଥିଲେ । ଶେଷକୁ ସେ ରକ୍ତଚାପ ରୋଗଗ୍ରସ୍ତ ହୋଇପଡ଼ିଲେ । ଡାକ୍ତରୀ ଔଷଧ କାଟୁ ନ କରିବା ଯୋଗୁଁ ଯେତେବେଳେ, ରସାନନ୍ଦ ବାବୁ ଏଥିପାଇଁ ଅନ୍ୟ କ'ଣ ଉପାୟ ଅଛି ବୋଲି ତାଙ୍କର ସ୍ତ୍ରୀଙ୍କ ଆଗରେ ଡାକ୍ତରଙ୍କୁ ପ୍ରଶ୍ନ କଲେ – ଡାକ୍ତର ଏକା ନିଃଶ୍ୱାସକେ କହିପକାଇଲେ, ପଥ୍ୟ ଏଥିପାଇଁ ମୁଖ୍ୟ ଚିକିତ୍ସା । ବିଶେଷ କରି ଖାଦ୍ୟରେ ଲୁଣ ଓ ତେଲ ବିଲ୍‌କୁଲ୍ ଛାଡ଼ିଦେଲେ, ତାଙ୍କର ରକ୍ତଚାପ ରୋଗ କମିଯିବ । ସେତେବେଳେ ରସାନନ୍ଦ ବାବୁଙ୍କର ସ୍ତ୍ରୀଙ୍କ ଓଠରେ ହସ ଫୁଟି ଉଠିଲା । ରସାନନ୍ଦବାବୁ କାରଣ ବୁଝିନ ପାରି ସ୍ତ୍ରୀଙ୍କର ପ୍ରସନ୍ନତା

Digitized by srujanika@gmail.com

ଦେଖି, ଆଶ୍ଚର୍ଯ୍ୟ ହୋଇପଚାରିଲେ କଥା କ'ଣ ମୋତେ ତୁମେ ଆଗେ ଖୋଲି କହିଲ ? ତୁମର ରୋଗ ତ କିଛି ନଥିଲା, ତୁମକୁ ଏ ରୋଗ ଆସିଲା କାହିଁକି ? ରସାନନ୍ଦ ବାବୁଙ୍କ ସ୍ତ୍ରୀ ରାଣ ପକାଇ ଗୋଟିଏ ଅନୁରୋଧ ଜଣାଇଲେ, ଆଉ ଦେହ ଛୁଇଁ ଶପଥ କରିବାକୁ ଜିଦ୍ ଧରି ବସିଲେ ।

ବାଧ୍ୟ ହୋଇ ଶେଷରେ ରସାନନ୍ଦ ବାବୁ ତାଙ୍କ ସ୍ତ୍ରୀଙ୍କ କଥାରେ ସମ୍ମତି ପ୍ରଦାନ କଲେ ।

ଶେଷରେ କଥା ହେଲା – ସାରାଜୀବନ ପର୍ଯ୍ୟନ୍ତ ସ୍ୱାମୀ, ସ୍ତ୍ରୀ ନୁହେଁ ଆଉ ଲୁଣ ଖାଇବେ ନାହିଁ ।

ରସାନନ୍ଦ ବାବୁ କଥାଟା ଏବେ ବୁଝିପାରି ସ୍ତ୍ରୀ, ତାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଯାଇ, ଯେଉଁପ୍ରକାର ଅଲୁଣା ତରକାରୀ ଓ ନିଜେ ରକ୍ତଚାପ ରୋଗର ଶିକାର ହେଲେ, ସେଥିପାଇଁ ତାଙ୍କ ସ୍ତ୍ରୀଙ୍କର ମୂର୍ଖାମୀକୁ ଧିକ୍କାର କରି ନ ପାରି, ସ୍ତ୍ରୀଙ୍କ ପ୍ରତି ସ୍ନେହର ପ୍ରତିନିଦର୍ଶନ ସ୍ୱରୂପ, ସାରାଜୀବନ ଲୁଣ ଛାଡ଼ିବାକୁ ବାଧ୍ୟ ହେଲେ ।

* * *

Digitized by srujanika@gmail.com

ମେରିଆ

ମେରିଆ ଭାବୁଛି । ନିମିଷକ ମଧ୍ୟରେ ଏ ସବୁ କ'ଣ ହୋଇଗଲା, କାହିଁକି ଏ ସବୁ ହେଲା, ତା'ର କୂଳ କିନାରା ସେ ପାଇ ପାରୁ ନାହିଁ । କାଲି ଯେଉଁମାନେ ଭାଇଥିଲେ, ଆଜି ସେମାନେ ସବୁ ଶତ୍ରୁ ହେଲେ କିପରି ? ୪ଦିନ ହେଲା ସେ ଜଳଗ୍ରହଣ କରି ନାହିଁ । ପିଲାମାନଙ୍କୁ ସାହି, ପଡ଼ିଶା ଡାକିହାକି ଯାହାସବୁ ଦେଇ ଯାଉଛନ୍ତି । ସେ ଆଶାଶୂନ୍ୟ ହୋଇପଡ଼ିଛି । ଚାରିଆଡ଼କୁ ଚାହିଁଲେ ଅନ୍ଧାର, ଅନ୍ଧାର ଦେଖାଯାଉଅଛି । କ'ଣ କରିବ ? ସରକାର ସାହାଯ୍ୟ ଦେବେ ବୋଲି ଘୋଷଣା କରିଛନ୍ତି । ଏଇ କେତେଟା ଟଙ୍କା ତା'ର ଉଜୁଡ଼ା ସଂସାରକୁ କ'ଣ ଫେରାଇ ଆଣିବ । ଯୋସେଫ୍ ଥିଲା ସେ ଅଞ୍ଚଳର ମୁଖିଆ । ସମସ୍ତଙ୍କର ସୁଖ, ଦୁଃଖରେ ସେ ଆଗଭର ହୋଇ ବାହରିପଡ଼େ । ଗାଁରେ କାହିଁକିବା ସାଂପ୍ରଦାୟିକ ଗୋଳମାଳ ଲାଗି ସାରନ୍ତାଣି ।କେବଳ ଯୋସେଫ୍ ଯୋଗୁଁ ସେତକ ଏ ପର୍ଯ୍ୟନ୍ତ ହୋଇପାରିନାହିଁ । ଦଳେ ଟୋକା ଏବେ ଖୁବ୍ ଉତ୍ପାତ୍ ଆରମ୍ଭ କରି ଦେଇଛନ୍ତି । କେତେଦିନ ତଳେ ଚର୍ଚ୍ଚ ଫାଦର୍‌ଙ୍କୁ ସେମାନେ ପିଟିଥିଲେ । ଫାଦର୍ ଆହତ ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରୀତ ହୋଇଥିଲେ । ଲୋକେ ସେଇଦିନୁ ଉତ୍ୟକ୍ତ ହୋଇପଡ଼ିଲେଣି । ଗାଁରେ ହିନ୍ଦୁ ମନ୍ଦିର ୩ଟା ଅଛି । ଖ୍ରୀଷ୍ଟିଆନ୍ ସମ୍ପ୍ରଦାୟ ଚାହିଁଥିଲେ, ବହୁତ କିଛି ଗୋଳମାଳ କରି ସାରନ୍ତେଣି । ହେଲେ ଯୋସେଫ୍ ସମସ୍ତଙ୍କୁ ଶାନ୍ତ କରାଇଥିଲା । ସମସ୍ତଙ୍କୁ ବୁଝାଉଥିଲା, ଭାଇ କାହିଁକି ଏ ଗୋଳମାଳ । କେଉଁ ଆବହମାନ କାଳରୁ, ଆମେ, ଭାଇ, ଭାଇ ପରି ଚଳି ଆସୁଥାଉଁ । ଆଜି ଆମ ଭିତରେ କିଏ ଜଣେ ବିଷ ମଞ୍ଜି ବୁଣି ଦେଇଛି । ସେଇଟା ତା' ପାଇଁ ଲାଭ, ଆମ ପାଇଁ କ୍ଷତି । କାହିଁକି ଆମେ ଅନ୍ୟର କଥା ଶୁଣି, ଉତ୍ୟକ୍ତ ହୋଇପଡ଼ିବା । ଆମର କ୍ରସ ଚିହ୍ନକୁ ସେମାନେ ଲିଭାଇ ଦେଇ, ସେଠାରେ ତ୍ରିଶୂଳ ଆଙ୍କିଛନ୍ତି । ଆଙ୍କନ୍ତୁ । ସେମାନେ ଦିନେ ତାଙ୍କର ଭୁଲ୍ ବୁଝିପାରିବେ ।

କନ୍ଧମାଳ ଜିଲ୍ଲାର ଆଦିବାସୀ ଗାଁ ସୁଜନପୁର । ସେଠାରେ ଅଧିବାସୀ ଆଦିବାସୀ ଅତି ସରଳ ପ୍ରକୃତିର । ସେମାନେ ଦୁଇଓଳା ମୁଠାଏ ପେଟ ପୁରାଇ କିମିତି ଖାଇବେ, ତାହା ତାଙ୍କର ଏକମାତ୍ର ଚିନ୍ତା । ହେଲେ କ'ଣ ସେତିକି ମିଳୁଛି । ସାହୁକାର ଫସଲ ଅମଳ ବେଳକୁ ଠିକ୍ ପହଞ୍ଚିଯାଇ ସବୁ ଲୁଟି ନେଉଛି । ପୁଣି ସାହୁକାରକୁ ହାତ ନ ପତେଇଲେ, ବର୍ଷକ ଚଳିବା କଷ୍ଟ । କେବେ ମାଣ୍ଡିଆ ଜାଉ, ସଲପ ରସ, ବଣ ଜଙ୍ଗଲର ଶିକାର ମାଂସ ସେମାନଙ୍କ ପାଇଁ ଅମୃତ । ତାକୁଇ ଖାଇ ସେମାନେ ବେଶ୍ ଆନନ୍ଦରେ ଦିନ କାଟିଦିଅନ୍ତି । ବର୍ଷକ ଛ'ଋତୁ ନାନା ଜାନି, ଯାତ୍ରାରେ ଗାଁଟା ଆନନ୍ଦରେ ଭରି ଉଠେ । ପୁଷ ପୁନିଅଁ ଠାରୁ, ଖ୍ରୀଷ୍ଟମାସ ପ୍ରଭୃତି ନାନା

Digitized by srujanika@gmail.com

ପର୍ବପର୍ବାଣୀ ହୁଏ । ସେଥିରେ ସମସ୍ତେ ଅଂଶଗ୍ରହଣ କରନ୍ତି । ଏ ଧର୍ମଚିନ୍ତା କେବେତ କାହାକୁ ଘାରି ନଥିଲା । ଆଦିବାସୀମାନେ ମାଟି ମା'କୁ ତାଙ୍କର ଇଷ୍ଟ ରୂପେ ପୂଜା କରନ୍ତି । ଦିଅଁ, ଦେଉଳ କଥା । ଏଇ କେତେ ବର୍ଷ ହେଲା ୩ଟା ମନ୍ଦିର ଗଢ଼ାଯାଇଛି । ଲୋକଙ୍କୁ ହିନ୍ଦୁ ଧର୍ମ ଆଡ଼କୁ ଆକୃଷ୍ଟ କରିବା ପାଇଁ, ନାନା ଜାନି ଯାତ୍ରାର ସୃଷ୍ଟି ।

ଖ୍ରୀଷ୍ଟିଆନ୍ ଧର୍ମ ଏ ଶହେ ବର୍ଷ ହେଲା ସେ ଗାଁରେ ପ୍ରବେଶ କରିଛି । ସେତେବେଳେ ଅଧିକାଂଶ ଲୋକ ଖ୍ରୀଷ୍ଟିଆନ୍ ଧର୍ମ ଗ୍ରହଣ କରିଥିଲେ । କିଏ ଜଣେ ଗୋରା ପାଦ୍ରୀ ସାହେବ, ତାଙ୍କ ଗାଁକୁ ପ୍ରଥମ ଥର ପାଇଁ ଆସିଥିଲେ । ସେ ଭାରୀ ଦୟାଳୁ ଥିଲେ । ଗାଁ ଲୋକଙ୍କର ସୁଖ, ଦୁଃଖ ବୁଝୁଥିଲେ । ସେମାନେ ରୋଗ ବୈରାଗରେ ପଡ଼ିଲେ, ତାଙ୍କୁ ଔଷଧ ଦେଉଥିଲେ । କାହାର ଶିଙ୍ଘାଣି ପୋଛି ଦେଉଥିଲେ ତ, କାହାକୁ ଲୁଗା ପିନ୍ଧାଇ ଦେଉଥିଲେ । କେଇଟା ବର୍ଷରେ ସେ ଗାଁର ଦେବତା ହୋଇଗଲେ । ଲୋକେ ତାଙ୍କୁ ଖୁବ୍ ମାନିଲେ । ସେ ଯିଶୁଖ୍ରୀଷ୍ଟଙ୍କ କଥା କହିଲେ । ଲୋକେ ମନକାନ ଦେଇ ଶୁଣିଲେ । ତା'ପରେ, ପରେ, ଲୋକେ ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିଲେ । ଗାଁର ଅଧେଲୋକ ଖ୍ରୀଷ୍ଟଧର୍ମାବଲମ୍ବୀ ହୋଇଗଲେ । ନୂଆ କରି ଚର୍ଚ୍ଚ ଗଢ଼ାହେଲା । ସୁଜନପୁର ଗାଁର ନକସା କ୍ରମେ, କ୍ରମେ ବଦଳିବାକୁ ଲାଗିଲା । କେଉଁଠି ସ୍କୁଲ ଘରଟିଏ ହେଲା ତ, କେଉଁଠି ଅସ୍ଥାୟୀ ଡାକ୍ତରଖାନାଟିଏ । ଯେଉଁ ସମୟରେ ଏହି ଆଦିବାସୀମାନଙ୍କୁ, ତଥାକଥିତ ଭଦ୍ର ସମାଜ ଘୃଣା କରୁଥିଲେ, ସେତେବେଳେ ଏଇ ସାହେବ, ସେମାନଙ୍କର ନିକଟରେ ପହଞ୍ଚିଥିଲେ । ସ୍ୱାଧୀନତା ଆସିଲା । ଦେଶ ସ୍ୱାଧୀନ ହେଲା । ଗାଁ ଗଣ୍ଡାର ଉନ୍ନତି ହେଲା । ନିର୍ବାଚନ ହେଲା । ନିର୍ବାଚନ ପରେ ପରେ ଗାଁରେ ଅଶାନ୍ତି ଦେଖାଦେଲା । ଏଇ ନିର୍ବାଚନ ଖେଳ, ଆଜି ଦେଶରେ କାଳ ହୋଇ ଦେଖାଦେଇଛି । ଆଜି ହିନ୍ଦୁ, ମୁସଲମାନ୍, ଖ୍ରୀଷ୍ଟିଆନ୍ଙ୍କ କଥା ଚିନ୍ତା କରାଯାଉଛି ।

ମେରିଆ ଭାବୁଥିଲା, ସେ ଦିନ ଯୋସେଫ୍ ତା' କଥା ମାନି, ସେ ମେଳି ଭାଙ୍ଗିବାକୁ ନ ଯାଇଥାନ୍ତା, ତା'ର କିଛି ହୋଇନଥାନ୍ତା । ଯୋସେଫ୍ ତା' କଥା ଶୁଣିଲା ନାହିଁ । ରାତି ଅଧରେ ଗୋଳମାଳ, ଚିତ୍କାର, ସ୍ଲୋଗାନ ଶୁଣି, ସେ ସମ୍ଭାଳି ପାରିଲା ନାହିଁ । ମାରିଆକୁ ଉଠାଇ କହିଲା, ଦେଖେ, ଆମ ଲୋକମାନେ ନିଜ ଭିତରେ ହାଣ କାଟ ହେଉଛନ୍ତି । କିଏ ମଲାଣି, କେତେ ଘର ପୋଡ଼ିଗଲାଣି, ତାହାର ଠିକଣା ନାହିଁ । ଏଇ ସମୟରେ ମୁଁ ଯଦି ନ ପହଞ୍ଚେ, ତା' ହେଲେ ଗାଁଟା ଧ୍ୱଂସ ହୋଇଯିବ ।

ମେରିଆ କହିଲା – ସେ ଯାହା ହଉଚି ହଉ । ଏବେ ଲୋକେ ରକ୍ତମୁଖା ହୋଇପଡ଼ିଛନ୍ତି । ସେମାନେ ତୁମ କଥା ଶୁଣିବେ ନାହିଁ । ତୁମ ପ୍ରତି ବିପଦ ପଡ଼ିପାରେ । ଶୁଣିଥିଲି, ଲୋକେ କହୁଥିଲେ, ତୁମେ ଉପରେ ସେମାନଙ୍କର ରାଗ । ତୁମକୁ ଶେଷ କରିଦେବାକୁ .... କିଛି କହି ପାରିଲା ନାହିଁ ମେରିଆ । ତା' ଆଖିରୁ ଲୁହ ଦି'ଧାର

Digitized by srujanika@gmail.com

ବୋହି ଆସିଲା । ଯୋସେଫ୍ ମେରିଆକୁ ଖୁବ୍ ବୁଝାଇଥିଲା । କିଛି ଭାବ ନାହିଁ ବୋଲି ବରାଭୟ ଦେଇଥିଲା । ତାକୁ ବିଶ୍ୱାସ କରିଯାଇଥିଲା ମେରିଆ । ଯୋସେଫ୍ ଆଖିପିଛୁଳାକେ ଛୁଟିଗଲା ମେଳି ଜାଗାକୁ ।

ହିନ୍ଦୁ, ଖ୍ରୀଷ୍ଟିଆନ୍ ଭେଦାଭେଦ ସୃଷ୍ଟି ହେବା ଏଇ ୬ ବର୍ଷ ଭିତର କଥା । କିଏ ଜଣେ ସ୍ୱାମୀ ଏ ଗାଁକୁ ଆସିଥିଲେ । ସେ ଲୋକମାନଙ୍କୁ କହିଲେ – ଏ ଦେଶ ହିନ୍ଦୁମାନଙ୍କର । ଏଠାରେ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ରଖାଇ ଦିଆଯିବ ନାହିଁ । ସେ ଘୋଷଣା କଲେ, ତୁମେ ହିନ୍ଦୁ ହୋଇଯାଅ, ସବୁ ସୁବିଧା ତୁମେ ପାଇବ । ଅନ୍ନ, ବସ୍ତ୍ର କେଉଁଥିରେ ଅଭାବ ହେବ ନାହିଁ । ସରକାର ତୁମ କଥା ବୁଝିବେ । ଇଂରେଜମାନେ ଥିଲେ ଯେ, ଖ୍ରୀଷ୍ଟଧର୍ମ ପ୍ରଚାର କରିଗଲେ । ବର୍ତ୍ତମାନ ସେମାନେ ଚାଲିଗଲେଣି, ସ୍ୱାଧୀନ ଦେଶରେ, ଆଉ ଖ୍ରୀଷ୍ଟିଆନ୍‌ମାନେ ରହିବେ କାହିଁକି ? ଯେଉଁମାନେ ଖ୍ରୀଷ୍ଟଧର୍ମରେ ରହିବାକୁ ଚାହଁ, ସେମାନେ ଦେଶ ଛାଡ଼ି ଚାଲିଯାଅ । ନଚେତ ଦେଶଦ୍ରୋହୀ ଭାବରେ ଗଣତି ହେବ । ଶୁଣାଗଲା, କେତେ ଜଣ ଖ୍ରୀଷ୍ଟିଆନ୍ ହିନ୍ଦୁ ହୋଇଗଲେ । ତାଙ୍କୁ ମୁଣ୍ଡନ କରାଯାଇ, ବୈଦିକ ରୀତିରେ ହିନ୍ଦୁ ଧର୍ମକୁ ପୁଣି ଫେରାଇ ନିଆଗଲା । ସେମାନଙ୍କୁ ଗୀତା, ଭାଗବତ କଥା କୁହାଗଲା, କିନ୍ତୁ ରକ୍ଷଣଶୀଳ ହିନ୍ଦୁମାନେ, ସେମାନଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରାଇ ଦେଲେ ନାହିଁ । ସେମାନେ ଏ ଧର୍ମର, ନା ସେ ଧର୍ମର ହୋଇପାରିଲେ ନାହିଁ । ସେମାନଙ୍କ ମଧ୍ୟରେ ବିଦ୍ରୋହ ଦେଖାଦେଲା । ସେମାନେ ପୁଣି ଖ୍ରୀଷ୍ଟଧର୍ମକୁ ଫେରିଆସିବାକୁ ଚାହାନ୍ତି । ସେମାନେ ଆଜି ସବୁପ୍ରକାର ଅସ୍ଥିରତା ସୃଷ୍ଟି କରାଇଛନ୍ତି ।

ଯୋସେଫ୍ ଧର୍ମାନ୍ତରୀକରଣକୁ ବିରୋଧ କରି ନଥିଲା । ସେ କହିଥିଲା, ଯାହାର ଇଚ୍ଛା, ସେ ଖ୍ରୀଷ୍ଟଧର୍ମରେ ରହୁ । ନଚେତ୍ ଯେ ଯେଉଁ ଧର୍ମ ଗ୍ରହଣ କରିବାକୁ ଚାହୁଁଛି ସେ ଧର୍ମକୁ ଚାଲିଯାଅ । ଏଇ କଥାକୁ କେତେକ ଖ୍ରୀଷ୍ଟିଆନ୍ ବିରୋଧ କରିଥିଲେ । ସେମାନେ ଯୋସେଫ୍‌ର କାର୍ଯ୍ୟକଳାପ, କଥାବାର୍ତ୍ତାକୁ ପସନ୍ଦ କରି ନଥିଲେ । ସେମାନେ ଭାବୁଥିଲେ ଯୋସେଫ୍ ତାଙ୍କର ପ୍ରଧାନ ଶତ୍ରୁ । କିନ୍ତୁ ଯୋସେଫ୍ ଏ ସବୁକୁ ଭ୍ରୂକ୍ଷେପ କରିନଥିଲା । ସେ ହସି ଦେଇ କହୁଥିଲା, ଆରେ କିମିତି ବଞ୍ଚିବା ସେ କଥା ଚିନ୍ତାକର । ଏ ଧର୍ମ, ଫର୍ମରୁ ତୁମକୁ ମିଳିବ କ'ଣ ?

ମେରୀ ମାତାଙ୍କର ପର୍ବର ୪ଦିନ ପୂର୍ବର କଥା । ହଠାତ୍ ଚର୍ଚ୍ଚର କ୍ରସ୍‌କୁ ଭାଙ୍ଗି ଦିଆଯାଇ, ଏକ ତ୍ରିଶୂଳ ଲଗାଇ ଦିଆଯାଇଛି । ମେରୀମାତାଙ୍କ ପର୍ବକୁ ଗ୍ରାମବାସୀ କି ହିନ୍ଦୁ, କି ମୁସଲମାନ୍ ଅତି ଭକ୍ତି ସହକାରେ ପାଳନ କରନ୍ତି, ସମସ୍ତେ ଏକାଠି ହୋଇ କ୍ୟାଣ୍ଡେଲ୍ ଶୋଭାଯାତ୍ରାରେ ଯୋଗଦେଇ, ମେରୀ ମାତାଙ୍କର ଜୟଗାନ କରନ୍ତି । ଆଜି ଏ କଣ ହେଲା ? ଚର୍ଚ୍ଚର କ୍ରସ୍ ଭାଙ୍ଗିଲା କିଏ ?

ଖ୍ରୀଷ୍ଟିଆନ୍ ଯୁବକମାନେ ଉତ୍ୟକ୍ତ ହୋଇଉଠିଲେ । ନା, ଏ ସବୁ ଆମେ ଆଉ

Digitized by srujanika@gmail.com

ସହ୍ୟ କରିବୁ ନାହିଁ । ଆମେ ତ ତାଙ୍କର ମନ୍ଦିର ଭାଙ୍ଗୁ ନାହୁଁ । ତେବେ ଆମ ଉପରେ ଏ ଆକ୍ରମଣ କାହିଁକି ? ଯୋସେଫ୍ କହିଲା ଥୟଧର । ଆସ ସମସ୍ତେ ପୋଲିସ୍କୁ ରିପୋର୍ଟ କରିବା ଜିଲ୍ଲାପାଳକୁ ଟେଲିଗ୍ରାମ କରି ଜଣାଇବା । ଆମେ ସଂଖ୍ୟାଲଘୁ । ଆମକୁ - ସରକାର ନିଶ୍ଚୟ ସୁରକ୍ଷା ଦେବେ ।

ଯୁବକମାନେ ଉତ୍ୟକ୍ତ ହୋଇପଡ଼ିଲେ । ଏ ସୁରକ୍ଷା ଆମେ ଚାହୁଁନା । କେତେଦିନ କିଏ ଆମକୁ ସୁରକ୍ଷା ଦେବ । ଆମେ ଯଦି ଆମ ନିଜକୁ, ଆମ ଧର୍ମକୁ ରକ୍ଷା ନ କରିବା, ତା' ହେଲେ ଆମେ ବଞ୍ଚି କରି ଲାଭ କ'ଣ ? ଆମେ କାହାର କଥା ଶୁଣିବୁ ନାହିଁ । ଯେ ଯାହା କହୁ, ଆମେ ଆମ ନିଜକୁ ରକ୍ଷା କରିବୁ । ଯାହା ହୋଇଯିବ ପଛକେ, ଆମେ ଆମ ଧର୍ମକୁ ନିଶ୍ଚୟ ରକ୍ଷା କରିବୁ ।

ଯୋଶେଫ୍ ହତାଶ ହୋଇ ଫେରିଆସିଲା । ତା' ଆଖି ଆଗରେ ଭବିଷ୍ୟତର ବିଭତ୍ସ ଦୃଶ୍ୟ ଗୁଡ଼ିକ ନାଚି ଉଠିଲା । ନିଶ୍ଚୟ ସାମ୍ପ୍ରଦାୟିକ ସଂଘର୍ଷ ହେବା ସୁନିଶ୍ଚିତ । କେତେ ଯେ ଅକାରଣରେ ପ୍ରାଣବଳୀ ଦେବେ, ସେ କଥା ଭାବି ସେ ଶିହରୀଉଠିଲା । ଘର ପିଣ୍ଡାରେ ବସିଛି, ମେରୀଆ ଆସି କହିଲା – ଏଠାରେ ବସି କ'ଣ କରୁଛ ? ଆସ ଖାଇବ ଆସ । ଯୋଶେଫର ମେରୀଆ କଥା ପ୍ରତି ନିଘା ନାହିଁ । ସେ ଭାବୁଛି, ଆଗାମୀ ଅନ୍ଧକାରମୟ ଭବିଷ୍ୟତ କଥା । ମେରିଆ କହିଲା – କ'ଣ ଆଜି ଖାଇବ ନାହିଁ । ଯୋଶେଫ୍ କହିଲା – ଯା' ତୁ ଖାଇନେ । ମୁଁ ପରେ ଖାଇବି । ମେରିଆ କିନ୍ତୁ ଯୋସେଫ୍କୁ ଛାଡ଼ିଲା ନାହିଁ । ନା' ଆସ, ଆମେ ଦୁହେଁ ମିଶି ଖାଇବା । ତୁମେ ସବୁକଥା ଭୁଲିଯାଅ । ଯାହା ହେବକୁ ଥିବ, ହେବ, ତୁମେ ଯଦି ନ ଆସିବ, ମୁଁ ତୁମେ ସହିତ କେବେ କଥା ହେବିନାହିଁ ।

ଯୋସେଫ୍ ମେରିଆକୁ ଦେଖିଲା । ଏ ମେରିଆକୁ ନେଇ ସେ ତା'ର ସୁଖର ସଂସାର ଗଢ଼ିଛି । ଯେତେବେଳେ ସେ ଯୁବକ, ଏ ମେରିଆକୁ ଭଲ ପାଇ ବସିଲା । ମେରିଆ ବାପା, ମା'ଙ୍କର କଥାକୁ ଖାତିରି ନ କରି, ସେ ମେରିଆକୁ ରାତି ଅଧରେ ତା' ଘରକୁ ନେଇ ଆସିଥିଲା । ଏଇ ମେରିଆକୁ ନେଇ ଗ୍ରାମସଭା ବସିଥିଲା । ମେରିଆ କହିଥିଲା, ସେ ଯଦି ଯୋସେଫ୍କୁ ବିବାହ ନ କରିବ, ବିଷ ଖାଇ ଆତ୍ମହତ୍ୟା କରିବ । ଚର୍ଚ୍ଚ ଫାଦର୍ ଏ କଥାରେ ହସ୍ତକ୍ଷେପ କରିଥିଲେ । ମେରିଆର ବାପା ମା'କୁ ବହୁତ ବୁଝାଇ ଥିଲେ । ଶେଷରେ ମେରିଆର ବାପା, ମା'ଙ୍କର ସନ୍ମତିରେ ଚର୍ଚ୍ଚରେ ତା'ର ବିବାହ ସମ୍ପନ୍ନ ହୋଇଥିଲା । ସେହିଦିନୁଁ ମେରିଆ ତା'ର ସବୁକିଛି । ମେରିଆର ଦୁଇଟି ପୁଅ । ଏଇମାନଙ୍କୁ ନେଇ ଯୋସେଫ୍‌ର ସଂସାର । ସେ ଯାହା କମାଏ, ସେଥିରେ ସେମାନେ ସୁଖରେ ଚଳିଯାନ୍ତି । ଯୋସେଫ୍ ଏ ପର୍ଯ୍ୟନ୍ତ ମଦ୍ୟପାନ କରିନାହିଁ । ଜଣେ ଆଦର୍ଶବାଦୀ ଯୁବକଭାବେ, ସେ କି ହିନ୍ଦୁ, କି ଖ୍ରୀଷ୍ଟିୟାନ୍ ସମସ୍ତଙ୍କର ଅତି ଆପଣାର ।

ଆଜି ମଲେ କାଲିକି ଦି ଦିନ । କିଏ କ'ଣ ମୁଣ୍ଡାଇ ନେଇଯିବ, ମଲାଯାତ୍ରା

Digitized by srujanika@gmail.com

ବେଳେ ନିଜ ସାଙ୍ଗରେ । ଯୋସେଫ୍ କହେ, ଜଣେ ଯଦି ମୃତ୍ୟୁ କଥା ଚିନ୍ତା କରୁଥାନ୍ତା, ସେ ଆଉ ପାପ କଥା ଭାବିପାରନ୍ତା ନାହିଁ। ଏ ମାୟାବନ୍ଧନରେ ସମସ୍ତେ ଯେତେବେଳେ ଛଟ୍‌ପଟ ହେଉଛନ୍ତି, ସମସ୍ତଙ୍କ ଚିନ୍ତାରାଜ୍ୟରେ ଅଛି ସେ ଅମର । ସବୁଦିନ ଏ ସଂସାରରେ ସେ ହିଁ ରହିଥିବ ।

ମେରିଆ ପଚାରିଲା, ବହୁତ ବେଳୁଁ ମୁଁ ତୁମକୁ ଅପେକ୍ଷା କରିଛି । କ'ଣ ଭାବୁଛ ? କାହିଁକି ଭାବୁଛ ? ଆସ, ଖାଇବ । ଏଇ କେତେଦିନ ହେଲା, ଆମେ ଦୁହେଁ ମିଶି ଏକାଠି ଖାଇନାହେଁ ।

ଯୋସେଫ୍ କହିଲା – ହଁ ମେରିଆ, ଚାଲ । ଆଜି ଏକାଠି ଖାଇବା । ଏ ଗାଁକୁ ସମସ୍ତ ଅଶାନ୍ତି ଦୂର ହେବା ପାଇଁ, ଆମେ ପ୍ରଭୁଙ୍କୁ ପ୍ରାର୍ଥନା କରି,ଏକାଠି ଖାଇବା ।

ମେରିଆ ସେଇ କଥା ଭାବୁଛି । ଆଜି ଗାଁର ଅର୍ଦ୍ଧେକ ଘର ପୋଡ଼ିଯାଇଛି । କେବଳ ଚାରି ଘର ଛଡ଼ା । ଲୋକେ ଦୁଃଖ, ଯନ୍ତ୍ରଣାରେ ଛଟପଟ ହେଉଛନ୍ତି । ଯଦି ସେ ଦିନ ଖ୍ରୀଷ୍ଟିଆନ୍ ଯୁବକମାନେ ମନ୍ଦିର ବେଢ଼ାରେ ଗୋ ମାଂସ ପକାଇ ନଥାନ୍ତେ, ଏତେବେଡ଼ ଗଣ୍ଡଗୋଳ ହୋଇନଥାନ୍ତା । ଯୋସେଫ୍ ଯେତେ ମନାକଲା, ସେମାନେ ତା' କଥା ଶୁଣିଲେ ନାହିଁ। ଶେଷକୁ ତା'ର ଶେଷ ପରିଣତି ହେଲା, ଗୃହଦାହ, ହତ୍ୟା । କେତେ ଯେ ନିରୀହ ପ୍ରାଣ ଏ ସଂଘର୍ଷରେ ଟଳିପଡ଼ିଲା ।

ଯୋଶେଫ୍ ଶୋଇଛି । ହଠାତ୍ ଚିତ୍କାର ଶୁଭିଲା । ଯୋସେଫ୍ ଠିଆହୋଇପଡ଼ିଲା । ସେ ଚିତ୍କାର ଶୁଣି, ମେରିଆର ନିଦ ଭାଙ୍ଗିଯାଇଛି । ସେ ଉଠି ଠିଆ ହୋଇଛି । ଯୋସେଫ୍ ଉଠିପଡ଼ିବାର ଦେଖି, ସେ ତାକୁ ଶୋଇ ପଡ଼ିବାକୁ ଅନୁରୋଧ କରିଥିଲା। ଯୋଶୋଫ୍ କହିଲା – ଶୁଣିପାରୁଛ । ଏ ଚିତ୍କାର, ଏ ଗୃହଦାହରେ କାଠ, ବାଉଁଶ ଫୁଟା ଠୋ, ଠା ଶବ୍ଦ । ମୁଁ ଏଠାରେ ଶୋଇବି । ଭୀରୁ, କାପୁରୁଷଙ୍କ ପରି ମୁଁ ଶୋଇ ପାରିବିନାହିଁ ମେରିଆ ! ମୋତେ ଯିବାକୁ ଦିଅ । ଯୋସେଫ୍ ମେରୀଆର କଥା ଶୁଣି ନଥିଲା । ସେ ତୀର ବେଗରେ ଛୁଟି ଯାଇଥିଲା ।

ଯୋସେଫ୍ ଚାଲିଯିବା ପରେ, ହତ୍‌ବାକ୍ ହୋଇପଡ଼ିଲା ମେରୀଆ । ଦାଣ୍ଡଦୁଆରେ ସେ ଠିଆ ହୋଇ ଖାଲି ଚିତ୍କାର ଶୁଣୁଥିଲା । କିଛି ସମୟପରେ ଚାରିଜଣ ଲୋକ, ଯୋସେଫ୍‌କୁ ଟେକି ଆଣି ଘର ଭିତରେ ଶୁଆଇ ଦେଲେ । ରକ୍ତ ଜୁଡୁବୁଡୁ ଦେହଟା ଖାଲି ପଡ଼ି ରହିଥିଲା । ଯୋସେଫ୍‌ର ପ୍ରାଣପକ୍ଷୀ ଆତତାୟୀର ଗୁଳିରେ ପିଞ୍ଜରା ଛାଡ଼ି ଉଡ଼ିଯାଇଥିଲା ।

ଏହା ଭିତରେ ବହୁତ କିଛି ହୋଇଗଲାଣି । ଗାଁ ସାରା ପୋଲିସ୍ ଛାଇ ହୋଇଗଲେ । କେତେ ଲୋକ ଗିରଫ୍ ଭୟରେ ଗାଁଛାଡ଼ି ବଣ ଜଙ୍ଗଲ୍‌କୁ ଚାଲିଗଲେଣି । ଯୋସେଫ୍‌ର ଶବ ପୋଷ୍ଟମର୍ଟମ ପରେ କବର ଦିଆସରିଲାଣି । ମେରିଆ ସବୁ

Digitized by srujanika@gmail.com

ଦେଖୁଛି, କାହାକୁ କିଛି କହୁନାହିଁ । ସେ ସେଇ ଦାଣ୍ଡ ବାରଣ୍ଡାଟିରେ ବସି ରହୁଛି । ସରକାର ମୃତାହତଙ୍କ ପାଇଁ ଅନୁଦାନ ରାଶି ଘୋଷଣା କରି ସାରିଲେଣି । ଜିଲ୍ଲା କଲେକ୍ଟର କେତେବେଳେ ଆସି ମେରିଆ ପାଖରେ ଠିଆ ହୋଇଛନ୍ତି ଅନୁଦାନ ଅର୍ଥ, ତାକୁ ହସ୍ତାନ୍ତର କରିବା ପାଇଁ । କିନ୍ତୁ ସେ ଯେ ମୂକ । ଜିଲ୍ଲା କଲେକ୍ଟର ବହୁତ କହୁଛନ୍ତି । କାଗଜରେ ଦସ୍ତଖତ ଦେବା ଲାଗି ବହୁତ ଥର କହିଲେଣି । ଏହି ସମୟରେ ଜଣେ ସ୍ତ୍ରୀଲୋକ । ତା'ର ସାନପୁଅଟିକୁ ତାକୁ ଧରେଇ ଦେଲା । ପିଲାଟି କାନ୍ଦିଉଠିଲା । ତା' ସାଙ୍ଗରେ ମେରିଆ ବି କାନ୍ଦି ଉଠିଲା । ଜିଲ୍ଲାପାଳ ଟଙ୍କା ଧରାଇ ଦେଇ, କାଗଜରେ ଦସ୍ତଖତ କରି ଚାଲିଗଲେ । ପିଲା ଦୁଇଟି ଅସ୍ଥିର ହୋଇ କାନ୍ଦିଉଠିଲେ । ମେରିଆ ଆଖିର ଲୁହ ପୋଛିଲା – ମୁଁ ବଞ୍ଚିବି । ତୁମ ମାନଙ୍କ ପାଇଁ ବଞ୍ଚିବି । ତୁମମାନଙ୍କ ଭିତରେ ମୁଁ ଯୋସେଫ୍‌କୁ ସବୁବେଳେ ଦେଖିପାରିବି । ମେରିଆ ପିଲା ଦୁଇଟିକୁ ଛାତିରେ ଭିଡ଼ି ଧରିଲା ।

* * *

Digitized by srujanika@gmail.com

ସାକ୍ଷାତ୍‌କାର

ମନୋରଞ୍ଜନ ବାବୁ କିଛି କିଛି କବିତା ଲେଖନ୍ତି । କେତୋଟି ଗଳ୍ପ ମଧ୍ୟ ବିଭିନ୍ନ ପତ୍ର, ପତ୍ରିକାରେ ତାଙ୍କର ପ୍ରକାଶିତ । ତାଙ୍କର କବିତା କୌଣସି ନାମଜାଦା ପତ୍ରିକାରେ ପ୍ରକାଶିତ ନ ହେଲେ ମଧ୍ୟ, ସ୍ଥାନୀୟ ପତ୍ର, ପତ୍ରିକାରେ ପ୍ରକାଶିତ ହେବାପାଇଁ, ସେ କାଗଜ, କାଳି ବାବଦକୁ ମଧ୍ୟ କିଛି ଅର୍ଥ ଦେଇଥାନ୍ତି । ସେ ଯାହା ହେଉ, କବି ବୋଲି ତାଙ୍କ ନାମ ପୂର୍ବରୁ ଏହି ଶବ୍ଦଟି ବ୍ୟବହାର ନହେଲେ, ସେ ଅତ୍ୟନ୍ତ ଦୁଃଖ ଅନୁଭବ କରନ୍ତି । କବି ହୋଇ ଜନ୍ମ ଲାଭ କରିବା, ସହଜ କଥା ନୁହେଁ । ପୂର୍ବଜନ୍ମର ପ୍ରାରବ୍ଧ କର୍ମର ଫଳ, ନଚେତ୍ ଭଗବାନଙ୍କର ଆଶୀର୍ବାଦ ନହେଲେ, ଜଣେ କବି ହୋଇପାରେ ନାହିଁ । ତେଣୁ ଜଣେ କବିକୁ ଏ ଜାତି ସମ୍ମାନ ଦେଇ ଜାଣେ ନାହିଁ ବୋଲି, ସେ ଗଭୀର ଦୁଃଖ ପ୍ରକାଶ କରନ୍ତି, ଓ ନିଜର ଭାବନାକୁ ବକ୍ତୃତା ଛଳରେ ସେ ବିଭିନ୍ନ ସଭା, ସମିତିରେ ପ୍ରକାଶ କରିଥାନ୍ତି ।

ମନୋରଞ୍ଜନ ବାବୁ ଭାବନ୍ତି, ତାଙ୍କର କବିତାବଳୀକୁ ମନେ ରଖିବା ପାଇଁ, କିଛି ଉଦ୍ୟମ ହେବା ଦରକାର । ତେଣୁ ସେ ବହୁବାର, ବହୁ ପୁସ୍ତକ ପ୍ରକାଶକଙ୍କର ଦ୍ୱାରସ୍ଥ ହେଲେଣି, କବିତା ପୁସ୍ତକଟିଏ ପ୍ରକାଶ କରିବା ପାଇଁ । କିନ୍ତୁ ଆଜିକାଲିର ପ୍ରକାଶକମାନେ କବିତା ପୁସ୍ତକଟିଏ ଛାପିବାକୁ ମୋଟେ ଆଗ୍ରହ ପ୍ରକାଶ କରନ୍ତି ନାହିଁ । ତେଣୁ ବହୁତଥର ପ୍ରକାଶକ ବନ୍ଧୁମାନଙ୍କୁ ସେ ପ୍ରସ୍ତାବ ଦେଇ ସାରିଲେଣି, ଯାହା କାଗଜ ଖର୍ଚ୍ଚ ହେବ, ସେତକ ଅର୍ଥ ନିଜ ପକେଟ୍‌ରୁ ବହନ କରିବେ । ସେ ପ୍ରସ୍ତାବକୁ ପ୍ରକାଶମାନେ ଗ୍ରହଣ କରିବାକୁ ଅନିଚ୍ଛୁକ । ତାଙ୍କର ମନରେ ପ୍ରଶ୍ନ, ତାଙ୍କର କବିତା କ'ଣ ନିମ୍ନମାନର ? ସେ ତ ବହୁତ ପ୍ରସିଦ୍ଧ କବିଙ୍କର କବିତା ପଢ଼ିଛନ୍ତି । ଯେଉଁମାନେ ପ୍ରସିଦ୍ଧି ଲାଭ କରିଛନ୍ତି, ସେମାନଙ୍କର କବିତା ପଢ଼ି ସେ ମନେ, ମନେ ହସନ୍ତି । ଆରେ, ଏ କ'ଣ ଗୋଟେ କବିତା ? ଅଥଚ ଏଇ କବିତାକୁ କିପରି ସ୍ୱୀକୃତି ମିଳିଯାଉଛି । ତାଙ୍କର କବିତା ତ ଏହାଠାରୁ ଅତି ଉଚ୍ଚକୋଟୀର । ଏ କବିତା ପ୍ରକାଶ କରିବା ପାଇଁ ପ୍ରକାଶମାନେ ଆଗ୍ରହୀ କାହିଁକି ନୁହନ୍ତି ?ଆଜିକାଲିର ଦୁର୍ବୋଧ କବିତା ଗୁଡ଼ିକର ସେ ଯଥେଷ୍ଟ ସମାଲୋଚନା କରନ୍ତି । ଏହି ଛନ୍ଦହୀନ କବିତା ସବୁ, ନା ପଦ୍ୟ, ନା ଗଦ୍ୟ କେଉଁ ପଦବାଚ୍ୟ ହେବ, ତାହା ସେ ବୁଝିପାରନ୍ତି ନାହିଁ ।

ବେଳେ,ବେଳେ ସେ ମନେ ମନେ ଦୁଃଖ ପ୍ରକାଶ କରନ୍ତି, କବି ହୋଇ ଜନ୍ମଲାଭ୍ କରିବାର ଅର୍ଥ କ'ଣ ? ଯଦି କବିଟିକୁ କୌଣସି ଦିଗରୁ ସ୍ୱୀକୃତି ନ ମିଳିଲା, ତା'ହେଲେ କବିତା ଲେଖି ସେ ସମୟ ଅପଚୟ କରିବେ କାହିଁକି ? ଡାଫୋଡ଼ିଲ୍ କବିତା ଲେଖି ଉଇଲିୟମ୍ ଓ୍ୱାର୍ଡ୍‌ସ୍‌ଓ୍ୱର୍ଥ ଶ୍ରେଷ୍ଠ କବିର ଆସନ ପାଇଗଲେ । ଦୁବଘାସର

Digitized by srujanika@gmail.com

ବର୍ଣ୍ଣନାରେ କି ବା ବିଶେଷତ୍ୱ ରହିଛି । ତଥାପି ସେ ହେଲେ ପୃଥିବୀର ଶ୍ରେଷ୍ଠକବି । ଅଥଚ କବିସୂର୍ଯ୍ୟ, ଉପେନ୍ଦ୍ରଭଞ୍ଜ ପ୍ରଭୃତି ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କବିବୃନ୍ଦ, ପୃଥିବୀର ଶ୍ରେଷ୍ଠ କବି ହୋଇପାରିଲେ ନାହିଁ । ମନୋରଞ୍ଜନ ବାବୁଙ୍କ ଅନ୍ତରର ଦୁଃଖ ବୁଝିବ ବା କିଏ ? ନିଜେ ବହି ଛପାଇବେ । କିନ୍ତୁ ସେ ବହି ଯଦି ବିକ୍ରି ନହୁଏ । ତା' ହେଲେ ସେ ସବୁ ଘରେ ରଖି ସେ ବା କରିବେ କ'ଣ ?

ମନୋରଞ୍ଜନ ବାବୁ ଭାବନ୍ତି, କ'ଣ କଲେ ସେ ପ୍ରତିଷ୍ଠିତ କବିଟିଏ ହୋଇପାରିବେ । ଏଥିପାଇଁ କାହାକୁ ଧରିବାକୁ ହେବ । ଅମୁକ କବି ସାହିତ୍ୟ ଏକାଡେ଼ମୀ ପୁରସ୍କାର ପାଇଗଲେ । ଖବରକାଗଜରୁ ପଢ଼ି ସେ ଅତିମାତ୍ରାରେ ମର୍ମାହତ ହୋଇପଡ଼ନ୍ତି । ସେ ତ ସେ କବିଙ୍କୁ ଭଲ କରି ଜାଣନ୍ତି । ତାଙ୍କର କବିତାରେ କ'ଣ ବା ଅଛି ? ତାଙ୍କର ଗୋଟିଏ ବଡ଼ ପଦବୀ ରହିଛି, ସେ ଜଣେ ଅଧ୍ୟାପକ । ତା'ଛଡ଼ା ତାଙ୍କର ଅନ୍ୟ କିଛି ବିଶେଷତ୍ୱ ନାହିଁ । ତା' ହେଲେ ଖାଲି ଅଧ୍ୟାପକମାନେ କ'ଣ ସାହିତ୍ୟ ଏକାଡେ଼ମୀ ପୁରସ୍କାର ପାଇବେ, ଅନ୍ୟମାନେ ନୁହନ୍ତି । ସେ ଶୁଣିଛନ୍ତି, ଉପରମହଲରେ ଧରାଧରି କଲେ, ଲୋକମାନେ ସ୍ୱୀକୃତି ପାଇପାରୁଛନ୍ତି । ସେ କାହାକୁ ବା ଧରାଧରି କରିବେ ? ତାଙ୍କର ତ ସେପରି କୌଣସି ଲୋକ, ଉପରମହଲରେ ଥିବା, ସେ ଜାଣନ୍ତି ନାହିଁ । କବିମାନେ ସେମନାଙ୍କ ନାମକୁ ପ୍ରତିଷ୍ଠିତ କରିବାପାଇଁ, ନିଜର ସାହିନାମକୁ ମଧ୍ୟ ସେମାନଙ୍କ ନାମରେ ନାମିତି କରିପକାଉଛନ୍ତି । ସେଥିରେ ସାହିବାସିନ୍ଦାଙ୍କ ସ୍ୱୀକୃତି ନଥାଉ ପଛକେ, ତାଙ୍କର ପରବାଏ ନାହିଁ । କେତେକ ମଧ୍ୟ ନିଜର ପ୍ରତିମୂର୍ତ୍ତି ସ୍ଥାପନ କରି ପକାଉଛନ୍ତି, ଛକ ଜାଗାମାନଙ୍କରେ, ନିଜର ନାମକୁ ଚିରସ୍ମରଣୀୟ କରି ରଖିଛନ୍ତି । ଅତୀତ କଥା ତାଙ୍କର ମନେପଡ଼େ । ବ୍ୟାସ କବି ଫକୀର ମୋହନ ଓଡ଼ିଶାର ଏକମାତ୍ର ଗାଳ୍ପିକ ଓ ଔପନ୍ୟାସିକ ହୋଇ, ଯଥେଷ୍ଟ ପ୍ରତିଷ୍ଠା ପାଇ ମଧ୍ୟ, କାଳେ ତାଙ୍କର ମୃତ୍ୟୁପରେ ତାଙ୍କୁ କିଏ ମନେ ରଖିବ କି ନାହିଁ ସେଥିପାଇଁ ଚିନ୍ତିତ ହୋଇପଡ଼ିଥିଲେ । ସେ ତାଙ୍କର ପ୍ରତିମୂର୍ତ୍ତିଟିଏ ତିଆରି କରି, ନିଜ ଗ୍ରାମ ମଲ୍ଲିକାସପୁରରେ ସ୍ଥାପନ କରି ଯାଇଥିଲେ । ସଂଜୀବ ରେଡ଼ି, ବିଖ୍ୟାତ କଂଗ୍ରେସ ନେତା, ଆନ୍ଧ୍ରପ୍ରଦେଶର ମୁଖ୍ୟମନ୍ତ୍ରୀ ଥିବାବେଳେ, ବିଜୟୱାଡ଼ା ସହରରେ ଜୀବିତାବସ୍ଥାରେ ଗୋଟିଏ ନିଜର ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିଟିଏ ସ୍ଥାପନ କରିଥିଲେ । ତାଙ୍କର ଜୀବିତାସ୍ଥାରେ କେତେକ ଦୁର୍ବୃତ୍ତ ତାଙ୍କର ପ୍ରତିମୂର୍ତ୍ତିଟିକୁ ମଧ୍ୟ ଭାଙ୍ଗିଦେଇଥିଲେ । ତେଣୁ ପ୍ରତିଷ୍ଠିତ ବ୍ୟକ୍ତିମାନେ, ପ୍ରତିଷ୍ଠାପାଇବା ପାଇଁ, ତାଙ୍କର ସ୍ମୃତିକୁ ଚିରସ୍ମରଣୀୟ କରି ରଖିବାପାଇଁ, ଯଦି ଏପରି କାମ ସବୁ କରିବାକୁ ପଛାଉ ନାହାନ୍ତି, ସେ କାହିଁକି କିଛି ତାଙ୍କ ପାଇଁ ନ କରିବେ ? ଏ ପ୍ରଶ୍ନ ତାଙ୍କୁ ବାରମ୍ବାର ବ୍ୟଥିତ କରିବାକୁ ଲାଗିଲା ।

ତାଙ୍କ ମନକୁ ଗୋଟିଏ କଥା ଛୁଇଁଲା, ଯଦି କୌଣସି ସମ୍ବାଦପତ୍ରରେ ତାଙ୍କର

Digitized by srujanika@gmail.com

ସାକ୍ଷାତକାରଟିଏ ଛପାଯାଇପାରନ୍ତା, ତାହା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ, ଏକାଡେ଼ମୀର ଦୃଷ୍ଟିଆକର୍ଷଣ ବି କରିପାରନ୍ତା । ତେଣୁ କାଳବିଳମ୍ବ ନ କରି ସଂପୃକ୍ତ ପତ୍ରିକାର ଗ୍ରାମାଞ୍ଚଳ ପ୍ରତିନିଧିଙ୍କ ସହିତ ସେ ସମ୍ପର୍କ ସ୍ଥାପନ କଲେ ।

ପତ୍ରିକାର ପ୍ରତିନିଧି କିଛି ବୁଝିନପାରି, ତାଙ୍କୁ ଏଣୁ, ତେଣୁ ଗୁଡ଼ାଏ ପ୍ରଶ୍ନ କଲେ, ଯାହା କବି ମନୋରଞ୍ଜନ ବାବୁଙ୍କ ମନରେ ବହୁତ ଆଘାତ ଆଣିଥିଲା । ସାମ୍ବାଦିକ ଜଣଙ୍କ ତାଙ୍କୁ ପ୍ରଥମେ ପ୍ରଶ୍ନ କଲେ, ଆପଣ କେତୋଟି କବିତା ଲେଖିଛନ୍ତି, ତାହା କୋଉ, କୋଉ ପତ୍ରିକାରେ ପ୍ରକାଶିତ, ସେଗୁଡ଼ିକ ମୋତେ ପ୍ରଥମେ ଦେଖାନ୍ତୁ । ମନୋରଞ୍ଜନବାବୁ, ଯେଉଁ ପତ୍ରିକାଗୁଡ଼ିକ ଦେଖାଇଲେ, ସାମ୍ବାଦିକ ଜଣକ ତାସଲ୍ୟ କଲାପରି କହିଲେ, ଏହି ପତ୍ରିକାଗୁଡ଼ିକ କ'ଣ ପତ୍ରିକା ପଦବାଚ୍ୟ । ଆପଣ ନୂଆକରି କଲମ ଚାଳନା କରୁଛନ୍ତି, ଲେଖାଗୁଡ଼ି ଆପଣଙ୍କର ସେତେ ଉନ୍ନତଧରଣର ନୁହେଁ, ଆପଣ କାହିଁକି ପ୍ରତିଷ୍ଠା ଅର୍ଜନ କରିବା ପାଇଁ ଏତେ ବ୍ୟସ୍ତ ହୋଇପଡ଼ୁଛନ୍ତି । ବହି ଦୁଇ ଚାରିଖଣ୍ଡ ପ୍ରକାଶ କରନ୍ତୁ, ତା'ପରେ ଦେଖିବା । ଦିନ ଆସିବ, ଆପଣଙ୍କ ପାଖକୁ ସମ୍ବାଦପତ୍ରର ପ୍ରତିନିଧିମାନେ ଆପେ, ଆପେ ଆସି, ଆପଣଙ୍କର ସାକ୍ଷାତକାର ଛାପିବେ । ଦେଖନ୍ତୁ, ଆପଣଙ୍କର ସାକ୍ଷାତକାର ଛାପିବାରେ ମୋର କୌଣସି ଆପତ୍ତି ନାହିଁ, ତେବେ ଛାପିସାରିବା ପରେ, ମୁଁ ଯେଉଁ ଆଲୋଚ଼ନୀୟ ପରିସ୍ଥିତିର ସମ୍ମୁଖୀନ ହେବି, ସେଥିରେ ମୋର ଚାକିରୀରେ ଆଞ୍ଚ ଆସିପାରେ । କ୍ଷମା କରିବେ, ଆଉ ଦୁଇବର୍ଷ ଯାଉ, ମୁଁ ଆପଣଙ୍କ ପାଇଁ କିଛିନା କିଛି ଗୋଟାଏ ବନ୍ଦୋବସ୍ତ କରିଦେବି । ଏହିସବୁ କଥା ଶୁଣି, ତାଙ୍କ ମନ ବିଷପିତା ହୋଇଗଲା । ମୋର ପ୍ରତିଭାକୁ ଏ ଭଳି ଅଳପେଇଷାମାନେ କାହିଁକି ଯେ ଗ୍ରହଣ କରୁନାହାନ୍ତି, ତାହା ତାଙ୍କ ମନକୁ ବିଚଳିତ କରିପକାଇଲା । କିଛିଦିନ ପରେ ତାଙ୍କର ଜଣେ ଜ୍ଞାତି ସମ୍ପର୍କୀୟ ପୁତୁରା ସହିତ ସାକ୍ଷାତ ହେଲା । ଶୁଣିବାକୁ ପାଇଲେ, ସେ କଟକରେ କୌଣସି ସମ୍ବାଦପତ୍ର ଅଫିସ୍‌ରେ କାମ କରୁଛି । ତାଙ୍କ ମନରେ ଆଶାର ସଞ୍ଚାର ହେଲା । ହରିର ପୁଅ ଭଗିଆ ଯେତେବେଳେ ସମ୍ବାଦପତ୍ର ଅଫିସ୍‌ରେ କାମ କରୁଛି, ସାକ୍ଷାତକାର ହୁଏତ ଛାପିବାରେ ତାଙ୍କର କୌଣସି ଅସୁବିଧା ହେବନାହିଁ । ଭଗିଆ କେବେ ଆସିବ, ତା'ର ସେ ଅନୁସନ୍ଧାନ କଲେ । ଭଗିଆର ନନାଙ୍କ ସହିତ ଏ ସମ୍ପର୍କରେ ମଧ୍ୟ ଆଲୋଚନା କଲେ । ତାଙ୍କର ନନାଙ୍କ ଅର୍ଥ ତାଙ୍କର କୁଟୁମ୍ବର ଭାଇ ହରିଶଙ୍କରର ପରାମର୍ଶ ଅନୁସାରେ, ସେ ହଜାରଟି ଟଙ୍କା ବି ସଂଗ୍ରହ କଲେ । ହରିଶଙ୍କର ପରାମର୍ଶ ଦେଲେ, ବିନା ଅର୍ଥରେ ଆଜିକାଲି କୌଣସି କାମ ହେବା ଅସମ୍ଭବ । ମନୋରଞ୍ଜନ ବାବୁ ବି ପରିସ୍ଥିତିକୁ ଉପଲବ୍ଧି କରୁଛନ୍ତି । ଯେକୌଣସି ମତେ ପ୍ରତିଷ୍ଠିତ ପତ୍ରିକାରେ ସାକ୍ଷାତକାରଟିଏ ପ୍ରକାଶ ପାଇବା ନିହାତି ଜରୁରୀ । ଭଗିଆ ତା'ର ନନାଙ୍କର ଚିଠିପାଇ ମନୋରଞ୍ଜନ ବାବୁଙ୍କ ଘରକୁ ଦୌଡ଼ିଲା । ମନୋରଞ୍ଜନବାବୁ ଆନନ୍ଦରେ ଏତେ ଉଲ୍ଲସିତ ହୋଇପଡ଼ିଲେ ଯେ, ସତେ ଯେପରି ସେ କୋଟିନିଧି ପାଇଗଲେ । ବୟସ ୬୦ ଉପରେ ହେଲାଣି ।

Digitized by srujanika@gmail.com

ବନ୍ଧୁ ଥାଉ, ଥାଉ କିଛି ଗୋଟିଏ ହେବା ଦରକାର । ଭଗିଆକୁ ଯେପରି ସେ ଚର୍ଚ୍ଚା କଲେ, ନିଜ ଭାଇକୁ କେବେ ସେ କରିନଥିବେ । ଭଗିଆ ସାକ୍ଷାତକାର ନେବାକୁ ଯାଇ ପଚାରିଲା – ତୁମେ କ'ଣ ବଜାରକୁ ସଉଦା ପତ୍ର କରିବାକୁ ଯାଅ । ମନୋରଞ୍ଜନ ବାବୁ ଭାବିଲେ, ବଜାର ସଉଦା କରିବାଟା ବୋଧେ ଗୋଟିଏ ନୀଚ କାମ । ସେ ହଠାତ୍ କରିଦେଲେ – ମୁଁ କାହିଁକି ବଜାର କରିବାକୁ ଯିବି, ଚାକର, ବାକର ଥାଉ, ଥାଉ, ସେ ସବୁ ମୁଁ କେବେ କରିନାହିଁ । କବିତା ଲେଖିବା ପାଇଁ ଆପଣଙ୍କର ପ୍ରେରଣାଦାତା କିଏ ? ମନୋରଞ୍ଜନ ବାବୁ ଭାବିଲେ, ଯଦି ଭଗିଆର ନନାର ନାଁଟା ସେ କହିଦିଅନ୍ତି, ତା'ହେଲେ, ଭଗିଆ ଅତିଶୀଘ୍ର ସାକ୍ଷାତକାରଟାକୁ ଛାପିଦେବ । ମନୋରଞ୍ଜନ ବାବୁଙ୍କର ଉତ୍ତର ଶୁଣି ଭଗିଆ ମନେ, ମନେ ହସୁଥିଲା । ନିକଟରେ କୋଉ କବିଙ୍କର କବିତା ବହି ପଢ଼ିଛ ପ୍ରଶ୍ନର ଉତ୍ତରରେ କହିଲେ – ମୁଁ କେତେ କବିଙ୍କର କବିତା ପଢ଼ିଛି । କାହା କଥା କହିବି, ତେବେ ମନବୋଧ ଚଉତିଶାଟି ମୋତେ ବେଶ୍ ଭଲ ଲାଗିଲା । କବି ନ ହୋଇଥିଲେ କ'ଣ ହୋଇଥାନ୍ତେ ? ତା'ର ଉତ୍ତରରେ ମନୋରଞ୍ଜନ ବାବୁ କହିଲେ, କବି ହେବାପାଇଁ ମୁଁ ପୃଥିବୀକୁ ଆସିଛି, ମୁଁ ନିଶ୍ଚୟ କବି ହେବି । ଆଉ କ'ଣ ହୋଇଥାନ୍ତି । ସେ କଥା ସେହି ଭଗବାନଙ୍କୁ ଜଣା । ମୁଁ କିପରି କହିବି ? ଭଗିଆର ପତ୍ରିକାରେ ସାକ୍ଷାତକାର ଛପାହେବ, ଏହିପରି ବର୍ଷ, ବର୍ଷ ଅପେକ୍ଷା କଲାପରେ, ମନୋରଞ୍ଜନବାବୁଙ୍କର ପ୍ରାଣବାୟୁ ଟିକ ଉଡ଼ିଗଲା । ଭଗିଆ ଥିଲା ସେ ପ୍ରେସ୍‌ର ଗୋଟିଏ ଅଧସ୍ତନ କର୍ମଚାରୀ, ଅର୍ଥ ନାଇଟ୍ ୱାଚର୍ । ତା'ର କଥାକୁ ଶୁଣନ୍ତା ବା କିଏ ?

* * *

Digitized by srujanika@gmail.com

କାଳିଆ

ବୟସ ବଢ଼ିଚାଲିଛି । ଶିଶୁରୁ ବୃଦ୍ଧ ଏଇ ସମୟର ବୃଦ୍ଧି କେତେ ଅନୁଭୂତିର ଛାପ ମନୁଷ୍ୟ ମନରେ ଆଙ୍କି ଦେଇଥାଏ । ଆଜି ଯେ ଯୁବକ, ସେ କ'ଣ ବୃଦ୍ଧ ବୟସର କଥା ଚିନ୍ତା କରୁଛି । ସେ ଭାବୁଛି ଏହି ଅଖଣ୍ଡ ଯୌବନ, ସେ ଅନନ୍ତକାଳ ପର୍ଯ୍ୟନ୍ତ ଉପଭୋଗ କରିଚାଲିଥିବ । ଦିନେ ଯେ ବୃଦ୍ଧତ୍ୱ ତାକୁ ଗ୍ରାସିଯିବ, ଏହି ଚିନ୍ତା ଯଦି ତା' ମନରେ ଥାଆନ୍ତା, ସେ କେବେ ଭୁଲ କାମ କରନ୍ତା ନାହିଁ । କିନ୍ତୁ ମନୁଷ୍ୟ ଏହା ଭୁଲିଯାଇ, ଜୀବନରେ ଯେଉଁ ଭୁଲ୍ କରି ବସେ, ବୃଦ୍ଧତ୍ୱ ପ୍ରାପ୍ତି ସଙ୍ଗେ, ସଙ୍ଗେ, ଯେତେବେଳେ ତା'ର କୃତକର୍ମର ଅନୁଶୋଚନା କରେ, ସେତେବେଳେ ତା' ପାଖରେ ଆଉ କିଛି ନଥାଏ । ନା ବୟସ, ନା ଯୌବନ, ଅଖଣ୍ଡ କ୍ଷମତା ନା ପ୍ରତିପତ୍ତି । ସେ ଯେତେବେଳେ ପ୍ରତ୍ୟେକ କାର୍ଯ୍ୟ ପାଇଁ, ଅନ୍ୟ ଉପରେ ନିର୍ଭର କରେ, ସେତେବେଳେ ତା'ପାଖରେ କେହି ନଥାନ୍ତି ।

କାଳିଆର ଅବସ୍ଥା ଆଜି ସେହିପରି । ସେ ବାର୍ଦ୍ଧକ୍ୟ ପ୍ରାପ୍ତି ହୋଇଛି । ଗୋଡ଼, ହାତ ଚଳୁନାହିଁ । ଶୁଣିବାରେ ସେ ଶୁଣିବାକୁ ଅକ୍ଷମ । କିଏ ଜଣେ ଧରିଲେ, ସେ ଉଠବସ ହେବ । ତା' ପାଖରେ ତ କେହି ଆଜି ନାହାନ୍ତି । ନା' ପୁତ୍ର, ନା' କନ୍ୟା, ସ୍ତ୍ରୀ ବି ବହୁଦିନ ହେଲା ଏ ସଂସାର ଛାଡ଼ି ଚାଲିଗଲାଣି । ତା'ର ଏ ବୟସରେ, ଏ ଅବସ୍ଥାରେ ତାକୁ ଦେଖିବ କିଏ ? କାଳିଆ ଦୀର୍ଘଶ୍ୱାସ ପକାଏ । ଅତୀତ କଥା ଭାବିଲେ, ତା' ଦେହ ଶୀତେଇ ଉଠେ । ସେଦିନର କାଳୁ ସର୍ଦ୍ଦାର, ଆଜି ବଳ ବୟସହୀନ କାଳିଆ । ଯାବଜ୍ଜୀବନ କାରାଦଣ୍ଡ ଭୋଗି କାଳିଆ ଗାଁକୁ ଫେରିଛି ।

କାଳିଆ ପିଣ୍ଡାଟି ଉପରେ ବସି ଭାବୁଛି । ସମ୍ପତ୍ତି ହୋଇ ତା'ର ଘରଖଣ୍ଡିକ । ଯିଏ ତା'ର ସେବା କରିବ, ତା'ର ସୁଧ, ଶ୍ରାଦ୍ଧ କରିବ, ସେ ଏ ଘରଟିକୁ ଭୋଗିବ । ଏକଥା ସେ ବହୁ ଲୋକଙ୍କ କାନରେ ଶୁଣାଇ ଦେଲାଣି । ସମସ୍ତେ ଶୁଣୁଛନ୍ତି ସିନା ଭରସି କହି ପାରୁନାହାନ୍ତି, ''ଆଗ ଲେଖାଇଦେ, ପରେ ଯେଉଁକଥା'' —ଏଇ କଥା ତାକୁ କେଇଜଣ ମଧ୍ୟ କହି ସାରିଲେଣି । ଘର ଖଣ୍ଡି ଲେଖାଇ ଦେଲାପରେ, ତା'ର ସେବା ଯଦି ସେମାନେ ନ କରିବେ, ସେ କାହାକୁ କହିବ । ଏହି ଦ୍ୱନ୍ଦ୍ୱ ଭିତରେ କାଳିଆ ଦିନ କାଟୁଛି । ତେବେ ଗାଁର କେତେଜଣ ଦୟାଳୁ ଲୋକ, ତା'ର ଏ ଅବସ୍ଥା ଦେଖି, ମୁଠେ ଖାଇବାକୁ ଆଣି ଦେଇଯାଉଛନ୍ତି । କାଳିଆର ନଥିଲା କ'ଣ ? ତା'ର ସ୍ତ୍ରୀ ତା'ର ପୁଅ, ଝିଅ ସମସ୍ତେ ଥିଲେ । କାଳିଆ ଏତେ ଦୁର୍ଦ୍ଦାନ୍ତ ଥିଲା, ସବୁବେଳେ ପୋଲିସ୍ ତା' ଘର ଉପରେ ଚଢ଼ାଉ କରୁଥିଲା । ଆଜି ଅମକ ଜାଗାରେ ଚୋରୀ, କାଳିଆର ହାତ ନିଶ୍ଚୟ ଥିବ । କାଳିଆର ଚୋରୀ ଭିନ୍ନ ପ୍ରକାରର । ସେ ଚୋରୀ

Digitized by srujanika@gmail.com

କରିବା ଆଗରୁ ଯାହା ଘର ଚୋରୀ ହେବ, ତାକୁ ଇସାରା ଦେଇ ସାରିଥାଏ । ଠିକ୍ ସମୟରେ ତା'ର ଦଳ, ବଳ ଧରି ଚୋରୀ କରେ । ପ୍ରତିରୋଧ କଲେ, ସେଦିନ ୨/୩ ଜଣଙ୍କର ମୃତ୍ୟୁ ସୁନିଶ୍ଚିତ । ପୋଲିସ୍ ସହଜରେ କାଳିଆକୁ ଧରିପାରୁ ନଥାନ୍ତି । ତା'ର ଗୋଟିଏ ଭଲ ଗୁଣ, ସେ ଧନୀ ଘରୁ ଚୋରୀ କରେ, ଗରୀବଙ୍କ ମଧ୍ୟରେ କେତେ ଅଂଶ ବାଣ୍ଟି ଦିଏ । ତେଣୁ କେତେକ ଗରିବ ଶ୍ରେଣୀର ଲୋକ, ତାକୁ ବି ଭଲ ପାଉଥାନ୍ତି । ପୋଲିସ୍ ଆସିବା ଖବର ଜଣାଇ ଦିଅନ୍ତି । କାଳିଆ ପୋଲିସ୍ ଆଖିରେ ଧୂଳି ଦେଇ ଚାଲିଯାଏ । କାଳିଆ ନାଁରେ ଅନ୍ତତଃ ଦଶଟି ଡକେଇତି, ୫ଟି ହତ୍ୟା, ୮ଟି ନାରୀ ଧର୍ଷଣ ଅପରାଧ ପୋଲିସ୍ ପାଞ୍ଜିରେ ପଞ୍ଜିକରଣ ହୋଇ ରହିଛି । କାଳିଆକୁ ଧରି ନପାରି, ପୋଲିସ୍ ତା' ଘର ଉପରେ ଆକ୍ରମଣ କରେ । ତା'ର ସ୍ତ୍ରୀକୁ ନାନା ପ୍ରକାର ଅଭଦ୍ର ଭାଷାରେ ଗାଳିଗୁଲଜ କରେ । କାଳିଆର ସ୍ତ୍ରୀ, ସମ୍ପୂର୍ଣ୍ଣ ତା'ଠାରୁ ଅଲଗା । ସେ କାଳିଆର କୌଣସି ଅପକର୍ମକୁ ସମର୍ଥନ କରେ ନାହିଁ । ଏ ଅପରାଧମୂଳକ କାମ ନ କରିବା ପାଇଁ, ସେ ବହୁତ ନେହୁରା ହୁଏ । 'ଆସ, ମୂଲଲାଗି ବଞ୍ଚିବା, ସେଥିରେ ଅଛି ଶାନ୍ତି । କିନ୍ତୁ କାଳିଆ ତା' ସ୍ତ୍ରୀର କଥାକୁ ହସରେ ଉଡ଼ାଇ ଦିଏ । ପୋଲିସ୍ ଯେତେବେଳେ କାଳିଆ ସ୍ତ୍ରୀକୁ ମାରଧର କରିବା ପାଇଁ ଉଦ୍ୟକ୍ତ ହୁଏ, ଗାଁର ସ୍ତ୍ରୀଲୋକମାନେ ଏକଜୁଟ୍ ହୋଇ ତା'ର ପ୍ରତିବାଦ କରନ୍ତି । ଦିନକର ଘଟଣା, ପୋଲିସ୍ କାଳିଆର ଖବର ଜାଣିବା ପାଇଁ, ତା'ର ସ୍ତ୍ରୀକୁ ଥାନାକୁ ଧରିନେଇଥାଏ । ଘରେ ଦୁଇଟି ଶିଶୁ ସନ୍ତାନ । ମା'ର ଅବର୍ତ୍ତମାନରେ ସେମାନେ କାନ୍ଦି, ଅସ୍ତ ବ୍ୟସ୍ତ ହୋଇପଡୁଥାନ୍ତି । ଯେତେ ଯେ ବୁଝାଇଲେ ମଧ, କାହାର କଥା ଶୁଣୁନଥିଲେ । ଗାଁର ସ୍ତ୍ରୀଲୋକମାନେ, ଏକଜୁଟ୍ ହୋଇ ଥାନାରେ ପହଞ୍ଚିଲେ । ଶହ ଶହ ସ୍ତ୍ରୀ ଲୋକଙ୍କୁ ଦେଖି ଥାନାବାବୁ, ଘଟଣା କ'ଣ ପଚାରି ବୁଝିବାରେ, କଳିଆ ସ୍ତ୍ରୀର ମୁକ୍ତି ପାଇଁ ସେମାନେ ଆସିଛନ୍ତି ବୋଲି କହିଲେ । ଯେଉଁ ସ୍ତ୍ରୀ ନିର୍ଦ୍ଦୋଷ, ତା' ପ୍ରତି ଦଣ୍ଡବିଧାନ ସେମାନେ ସହିବେ କିପରି ? ଥାନାବାବୁ, ଶେଷରେ ବାଧ ହୋଇ ତା'ର ସ୍ତ୍ରୀକୁ ଛାଡ଼ି ଦିଅନ୍ତି ।

ମୂଲ ଲାଗି ପେଟ ପୋଷୁଥିବାରୁ, କାଳିଆର ସ୍ତ୍ରୀ ପ୍ରତି ସମସ୍ତଙ୍କର ମମତା ଥାଏ । କିନ୍ତୁ କାଳିଆ, ପୋଲିସ୍ ଆଖିରେ ଧୂଳିଦେଇ, କେଉଁ ଅଗମ୍ୟ ବଣ, ଜଙ୍ଗଲ୍‌ରେ କାଳ କାଟୁଥାଏ ।

ଯଦି ସାଧାରଣଙ୍କର ସାହାଯ୍ୟ ଥାଏ, ଜଣେ ଦୋଷୀକୁ ଧରିବା କଷ୍ଟକର ହୁଏ । ପୋଲିସ୍ କାଳିଆକୁ ଧରି ନପାରିଥିବା ଯୋଗୁଁ, ବିଧାନସଭାଠାରୁ, ସମ୍ବାଦ ପତ୍ର ଦ୍ୱାରା ସମାଲୋଚିତ ହେଲେଣି । କିନ୍ତୁ କାଳିଆ ନିର୍ଦ୍ଦିଷ୍ଟ ସ୍ଥାନରେ ରହୁନଥିବା ଯୋଗୁଁ, ସେମାନେ ତାକୁ ଧରିବାରେ ସକ୍ଷମ ହେଉନଥାନ୍ତି ।

ଖାଇବାକୁ ନ ପାଇ, ନାନା ରୋଗବ୍ୟାଧିରେ ପୀଡ଼ିତ ହୋଇଗଲାଣି କାଳିଆର

Digitized by srujanika@gmail.com

ସ୍ତ୍ରୀ । କାଳିଆର ପୁଅ ଆଉ ଝିଅଙ୍କ ଅବସ୍ଥା କହିଲେ ନ ସରେ । ଜଣେ ସହୃଦୟ ବ୍ୟକ୍ତି କାଳିଆର ପୁଅ ଶ୍ୟାମକୁ, ତା' ଘରର ଏ ଅବସ୍ଥା ଦେଖି, ସାଙ୍ଗରେ କଲିକତା ନେଇଗଲେ । ଆଉ ଝିଅଟି, ସେ ମା'ର ସେବା ଯତ୍ନ କରୁଥାଏ । ସାହି, ପଡ଼ିଶା, ଗାଁଲୋକମାନେ ଯଥାସମ୍ଭବ ସାହାଯ୍ୟ କରୁଥାନ୍ତି । କେତେକ ଯୁବକ ତା'ର ଏ ଅବସ୍ଥା ଦେଖି, ସରକାରଙ୍କୁ ଲେଖିଲେ କାଳିଆର ସ୍ତ୍ରୀକୁ କିଛି ଆର୍ଥିକ ସାହାଯ୍ୟ ଦେବାପାଇଁ ଯାହାର ସ୍ୱାମୀ, ଜଣେ ଦୁର୍ଦ୍ଧାନ୍ତ ଡାକୁ, ଯେ ପୋଲିସ୍ ଓ ପ୍ରଶାସନର ମୁଣ୍ଡବଥା ସାଜିଛି, ତାକୁ କ'ଣ ସାହାଯ୍ୟ ଦିଆଯାଇପାରେ ? ଜଣେ ଡାକୁର ସ୍ତ୍ରୀ କ'ଣ ଦେବୀ ହୋଇପାରେ । ତା'ର ସ୍ୱାମୀର ଅପକର୍ମ ପାଇଁ ସେ କ'ଣ ଦାୟୀ ନୁହେଁ ? କାଳିଆ କ'ଣ ତାକୁ ଲୁଣ୍ଠିତ ଅର୍ଥରୁ କିଛି ଦେଉ ନଥିବ ? ସେଥିରେ ତ ସେ ବଞ୍ଚିଯାଇପାରିବ ? କିନ୍ତୁ କାଳିଆର ସ୍ତ୍ରୀ ଯେ କାଳିଆଠାରୁ ସମ୍ପୂର୍ଣ୍ଣ ଭିନ୍ନ, ତା' ସରକାର, ବା ପୋଲିସ୍ ଜାଣିବାକୁ ଚେଷ୍ଟା କରିବେ କାହିଁକି ?

କାଳିଆକୁ ଜୀବନ୍ତ ବା ମୃତ ଅବସ୍ଥାରେ ଧରି ଆଣିବା ପାଇଁ ସରକାର ଲକ୍ଷେ ଟଙ୍କା ପୁରସ୍କାର ଘୋଷଣା କରିଛନ୍ତି । କାଳିଆ ଯଦି ଧରାହୁଏ, ତା' ଉପରେ ଯେଉଁ ନରହତ୍ୟା ଅଭିଯୋଗ ମାନ ରହିଛି, ସେ କ'ଣ ସେଥିରୁ ଖସିଯାଇପାରିବ । ଫାସୀ ଖୁଣ୍ଟିର ରସି ଯେ ତାକୁ ଅପେକ୍ଷା କରି ରହିଛି, ତା ବା ନ ଜାଣେ କିଏ ?

କାଳିଆର ସ୍ତ୍ରୀ ରୋଗଗ୍ରସ୍ତା ହୋଇ ଶେଷରେ ମୃତ୍ୟୁବରଣ କଲା । ତା'ର ଝିଅଟିକୁ ଲୋକମାନେ ଅନାଥାଶ୍ରମକୁ ପଠାଇଦେଲେ । ଚାନ୍ଦା, ଭେଦା କରି ତା'ର ଶବ ସତ୍କାର କରାଗଲା । ତା'ର ଶବ, ଶୋଭାଯାତ୍ରାରେ, ନିଜ ଗାଁ ଓ ଆଖପାଖ ଗାଁର ସହସ୍ର ଲୋକ ଯୋଗଦେଇ, ଯେପରି ନିଜ କୋହପ୍ରକାଶ କରୁଥିଲେ,ତାକୁ ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ଯେ ଭଲକାମ କରେ, ତାକୁ ଲୋକେ ନିଶ୍ଚୟ ଆଦର କରନ୍ତି, ଏଇ କଥା, କାଳିଆ ସ୍ତ୍ରୀର ଶୋଭାଯାତ୍ରା ପ୍ରମାଣ କରିଦେଲା ।

କାଳିଆ ଯେତେବେଳେ ଜଙ୍ଗଲ ଭିତରେ, ତା' ସ୍ତ୍ରୀର ମୃତ୍ୟୁ କଥା ଶୁଣିଲା, ତା' ଘରକୁ ଆସିବାକୁ ତା'ର ମନ ଛଟପଟ ହେଲା । ସେ ଆସିବ କିପରି ? କାଳେ ତା'ର ସ୍ତ୍ରୀକୁ ଦେଖିବାକୁ ଆସିବ, ସେଥିପାଇଁ ଚାରିଆଡ଼େ ସାଦା ପୋଲିସ୍‌ଙ୍କର କଡ଼ାପ୍ରହରା । କାଳିଆ ଶେଯରେ ଶୋଇ ତା'ର ସ୍ତ୍ରୀ କଥା ଭାବୁଥିଲା । ସତରେ ସେ କେତେ ଭଲ ନଥିଲା । ଚୋରୀ, ଅପରାଧ ନ କରିବା ପାଇଁ, ସେ ତ ତାକୁ ବହୁତ ବୁଝାଇ ଥିଲା । ପିଲାଙ୍କ ମୁଣ୍ଡ ଛୁଆଁଇବାଠାରୁ, କେତେ ଯେ ରାଣ, ନିୟମ ନ ପକାଇଥିଲା । ସେ କଲା କ'ଣ ? ସେ ଘରକୁ ଯିବ । ତା'ର ଦୁଇଟି ପିଲା, ସେ କ'ଣ କରୁଥିବେ ? ସେମାନେ କୁଆଡ଼େ ଯିବେ । କାଳିଆ ଶେଯରେ ଶୋଇ କାନ୍ଦିବାକୁ ଲାଗିଲା । ସେ ଭାବିଲା, ସେ ପୋଲିସ୍ ଆଗରେ ଆତ୍ମସମର୍ପଣ କରିବ । ଅନ୍ତତଃ, ସେ ପିଲାଦୁଇଟିକୁ ବଞ୍ଚାଇବା ପାଇଁ, ସେ ସରକାରଙ୍କୁ କ୍ଷମାଭିକ୍ଷା କରିବ ।

Digitized by srujanika@gmail.com

ଭବିଷ୍ୟତରେ ଆଉ ଭୁଲ୍ ନ କରିବା ପାଇଁ, ସେ ଚୁକ୍ତିପତ୍ର ଲେଖାଇଦେବ । ତେବେ ତା' କ'ଣ ଶୁଣିବ କିଏ ? ଲଙ୍କାରେ ପୁଣି ରାମ ଶବ୍ଦ । କାଳିଆ ମନରେ ପୁଣି ଅନୁତାପ । ସେ ନିଷ୍ପତ୍ତି କଲା, ତା'ର ପିଲା ଦୁଇଙ୍କୁ ବଞ୍ଚାଇବ । ତା'ର ସ୍ତ୍ରୀର ଶବ ଶୋଭାଯାତ୍ରା ଦେଖି, ସେ ଖୁବ୍ ଖୁସୀ ହୋଇଗଲା । ଯାହାହେଉ, ତା'ର ଆତ୍ମକୁ ମୁକ୍ତି ମିଳିଗଲା । ଜଣଙ୍କ ପାଇଁ ଯଦି ସମସ୍ତଙ୍କ ଆଖିରେ ଲୁହ, ତା'ର ମୁକ୍ତି ସୁନିଶ୍ଚିତ, ଏଇ କଥା ସେ ଲୋକଙ୍କ ମୁହଁରୁ ଶୁଣିଥିଲା ।

କାଳିଆ ସ୍ଥିର କଲା ଆଉ କାଳବିଳମ୍ବ ନ କରି, ସେ ପୋଲିସ୍ ନିକଟରେ ଆତ୍ମସମର୍ପଣ କରିବ । ନିଜକୁ ଭଲ ମଣିଷ କରି ଗଢ଼ିବ । ତା ପୁଅ ଶ୍ୟାମ, ଝିଅ ମଲ୍ଲି ପାଇଁ ସେ ସବୁକିଛି କରିବ ।

ସମସ୍ତଙ୍କୁ ହତବାକ୍ କରି, ଦିନେ କାଳିଆ ପୋଲିସ୍ ଷ୍ଟେସନ୍‌ରେ ହାଜର ହେଲା । କାଳିଆକୁ ଦେଖି ପୋଲିସ୍‌ମାନେ ଖୁବ୍ ଖୁସୀ ହୋଇଗଲେ । ତା'ର ଧରାପଡ଼ିବାର ଖବରକୁ ନେଇ, କେତେ କାହାଣୀ ଗଢ଼ାହୋଇଗଲା ।

* * *

Digitized by srujanika@gmail.com

ସମ୍ବର୍ଦ୍ଧନା

କବିଭୂଷଣ ବିଶ୍ୱମ୍ଭର ବାବୁ ଶୂନ୍ୟ ଆକାଶକୁ ଚାହିଁ ଭାବୁଥିଲେ । ଦିନେ ଏଇ ପ୍ରାଣପକ୍ଷୀଟି ପଞ୍ଜୁରୀ ଖୋଲି ଶୂନ୍ୟ ଆକାଶରେ ଉଡ଼ିଯିବ । କେଉଁଠିକି ଯିବ, କେଉଁଠି ରହିବ, ତାହା ତ ଏ ପର୍ଯ୍ୟନ୍ତ କେହି କହି ନାହାନ୍ତି । ସତରେ ଦୈହିକ ମୃତ୍ୟୁ ପରେ ପ୍ରାଣ କେଉଁଠାକୁ ଯାଏ ? ସ୍ୱର୍ଗକୁ ନା ନର୍କକୁ । ଏ ସବୁ ଭାବୁ, ଭାବୁ ସନ୍ଧ୍ୟା ହେବାକୁ ବସିଲାଣି । ବିଶ୍ୱମ୍ଭର ବାବୁ ଏଥିପାଇଁ ବହୁ ପୁରାଣ, ଶାସ୍ତ୍ର ଯେ ପଢ଼ିନାହାନ୍ତି, ଏହା ନୁହେଁ । କିନ୍ତୁ କୋଉ ଗୋଟିଏ ପୋଥିରୁ ହେଲେ, ସେ କୌଣସି ସିଦ୍ଧାନ୍ତ ପାଇ ନାହାନ୍ତି । କବି ଭୂଷଣ ବିଶ୍ୱମ୍ଭର ବାବୁ, ତାଙ୍କର ଯୁବକ ଅବସ୍ଥାରୁ କବିତା ଲେଖା ଆରମ୍ଭ କରିଥିଲେ । ଅଦ୍ୟାବଧି ସେ ହଜାରେ ସରିକି କବିତା ଲେଖି ସାରିଛନ୍ତି । ସେଥି ମଧ୍ୟରୁ ଅଧିକାଂଶ କବିତା ପତ୍ର, ପତ୍ରିକାରେ ସ୍ଥାନିତ ହୋଇସାରିଛି । କେତୋଟି କବିତା ସଂକଳନ ମଧ୍ୟ ପୁସ୍ତକ ଆକାରରେ ପ୍ରକାଶ ପାଇ ସାରିଛି ।.ତାଙ୍କର କବିତା ଆଧୁନିକଧର୍ମୀ ନୁହେଁ । ପୁରାଣ, ଛାନ୍ଦ, ଚୌପଦୀ ସ୍ୱରରେ ସେ ତାଳ, ଲୟକୁ ଆଧାର କରି କବିତା ରଚନା କରିଥାଆନ୍ତି । ଦାସକାଠିଆ, ପାଲା ଗାୟକମାନେ ତାଙ୍କର କବିତା, ଅଭିନୟ ବେଳେ ଗାଇଥାଆନ୍ତି । ସତେ ଯେପରି ସେ ହେଉଛନ୍ତି ଆଧୁନିକ ଯୁଗର କବିସମ୍ରାଟ, କବିସୂର୍ଯ୍ୟ ବା ଗୋପାଳକୃଷ୍ଣ । ବେଶ୍ ରସସ୍ରାବୀ ତାଙ୍କର କବିତା । ଥରେ ଗୋଟିଏ ସାଧାରଣ ସଭାରେ ତାଙ୍କର କବିତାଟିଏ ସ୍ୱାଗତ ଗୀତିକାରେ ସ୍ଥାନପାଇଥିଲା । କବିତାଟି ଥିଲା ଦେଶାତ୍ମକବୋଧକ । ସଭାରେ ସଭାପତିତ୍ୱ କରୁଥିବା ଭଦ୍ରବ୍ୟକ୍ତି ଜଣେ ସାହିତ୍ୟାନୁରାଗୀ । ସେ କହି ଉଠିଥିଲେ, 'ବନ୍ଦେ ଉତ୍କଳ ଜନନୀ' କବିତା ପରେ, ଏହା ହେଉଛି ଏକ ଅନବଦ୍ୟ ରଚନା । ଯେଉଁଥିପାଇଁ ସେ ଭାବବିହ୍ୱଳ ହୋଇ ବିଶ୍ୱମ୍ଭର ବାବୁଙ୍କୁ ସେହି ସଭାରେ କବିଭୂଷଣ ଉପାଧିଟିଏ ଦେଇ ପକାଇଥିଲେ । ସମସ୍ତ ସମ୍ମାନ ମଧ୍ୟରେ ଏହି କବିଭୂଷଣ ଉପାଧିଟି ହେଲା, ତାଙ୍କ ପାଇଁ ଶ୍ରେଷ୍ଠ ସମ୍ମାନ । ଏହାକୁ ସେ ବିଶେଷଣ ରୂପେ ତାଙ୍କର ନାମର ପଛରେ ବ୍ୟବହାର କରିଥାନ୍ତି ।

ବିଶ୍ୱମ୍ଭର ବାବୁ ଆଜି ବୃଦ୍ଧ । ଜୀବନ ସଂଗ୍ରାମରେ ବୁଡ଼ି ରହି ସେ ମଧ୍ୟ ସାହିତ୍ୟ ସାଧନା କରିଥିଲେ । ଆଠଟି ସନ୍ତାନର ଜନକ ସେ । ସେଥିରୁ ୬ଟି ତାଙ୍କର ପୁଅ, ଅନ୍ୟ ଦୁଇଟି କନ୍ୟା । ଏମାନଙ୍କୁ ଉଚ୍ଚଶିକ୍ଷା ଦେଇ, ସେ ଯୋଗ୍ୟ କରିସାରିଛନ୍ତି । ବର୍ତ୍ତମାନ ଭାରତୀୟ ସଂସ୍କୃତିର ଯୌଥ ପରିବାର କଥା ସ୍ମରଣ କରି ସେ ଦୀର୍ଘଶ୍ୱାସ ପକାନ୍ତି । ସେ ଯୁଗର ଶ୍ରବଣ କୁମାର ମାନଙ୍କ କଥା ସ୍ମରଣ କରନ୍ତି । ପିତୃଭକ୍ତିର କେତେ ଯେ କାହାଣୀ ସେ ନ ପଢ଼ିଛନ୍ତି, ଏପରି ନୁହେଁ, ତେବେ ଆଜିକାଲିର ପିତୃଭକ୍ତି କଥା ସେ ସ୍ମରଣ କରନ୍ତି । ତାଙ୍କ ଗାଁର ହରିଆ ଓରଫ୍ ହରି ମହାପାତ୍ରଙ୍କ କଥା ତାଙ୍କର

Digitized by srujanika@gmail.com

ମନେ ପଡ଼େ । ହରିଆ ତାଙ୍କର ସହପାଠୀ । ବୋଉ ତା'ର ବୈଧବ୍ୟ ବ୍ରତ ପାଳନ କରି, କେତେ କଷ୍ଟ ସହି, ହରିଆକୁ ମଣିଷ କରି ନଥିଲା । କିନ୍ତୁ କ'ଣ ହେଲା ? ବୋଉ ତା'ର ହାତକୁ ଦୁଇହାତ କରିଦେବା ପରେ, ମାଇପ କଥାରେ ବୋଉ ଉପରେ ଆରମ୍ଭ ହେଲା ନିର୍ଯ୍ୟାତନା । ସତେ ମାଇପ ଯେପରି ତା'ର ସବୁ କିଛି । ବୋଉକୁ ଖାଇବାକୁ ନ ଦେଇ, ବାରହିନସ୍ତା କରି ବୋଉ ମଲାପରେ, ସେ ମହାଆଡ଼ମ୍ବରରେ ବୋଉର ଦଶାହ କର୍ମ ସମାପନ କରିଥିଲା । ଯେତେ ହେଲେ ସେ ଥିଲା ବୁଢ଼ୀର ଏକମାତ୍ର ସନ୍ତାନ । ଏକୋଇରବଳା ବିଶିକେସନ । ତା'ର ଦଶାହରେ ସେ ସମସ୍ତ ଗ୍ରାମବାସୀଙ୍କୁ ଭୁରିଭୋଜନରେ ଆପ୍ୟାୟିତ କରିଥିଲା । ଲୋକେ ଧନ୍ୟ, ଧନ୍ୟ କହିଲେ । ଏଭଳି ସୁପୁତ୍ର କୋଟିକରେ ଗୋଟିଏ ବୋଲି କେହି, କେହି କହୁଥିବାର ଶୁଣାଗଲା । ଯେଉଁ ପୁଅ, ବୋଉର ଜୀବଦଶାରେ ଭଲ କରି ଗଣ୍ଡିଏ ଖାଇବାକୁ ଦେଇନଥିଲା, ଭଲ କରି ଖଣ୍ଡିଏ ପିନ୍ଧିବାକୁ ଦେଇ ନଥିଲା, ସେ ପୁଣି ହେଲା ସୁପୁତ୍ର ।

କବିଭୂଷଣ ବିଶ୍ୱମ୍ଭର ବାବୁ ଏ କଥା ଭାବି, ହସିବାକୁ ଲାଗିଲେ । ଆଜିକାଲିର ଶ୍ରବଣକୁମାରମାନଙ୍କର, ପିତୃ, ମାତୃ ଭକ୍ତି, କୁମ୍ଭମେଳାରେ ପିତା, ମାତାଙ୍କୁ ନିରାଶ୍ରୟ କରି, ଛାଡ଼ି ଚାଲିଯିବା ଖବର ପଢ଼ି ସେ ମର୍ମାହତ ହୋଇପଡ଼ିଲେ । ସେ ଦିନ କ'ଣ ଥିଲା, ଆଜି କ'ଣ ହେଲା ? ବୁଢ଼ାବଅସଟା ବାସ୍ତବରେ ବଡ଼ ଅଲୋଡ଼ା ସମୟ । ଏ ସମୟରେ ବୁଢ଼ାମାନେ ପରିବାର, ସମାଜ ଉପରେ ଏକ ବୋଝ ହୋଇ ଦେଖାଦିଅନ୍ତି । ଦିନେ ଯେଉଁମାନେ ହିରୋ ଥିଲେ, ସେମାନେ ବାର୍ଦ୍ଧକ୍ୟକୁ ଆସିଗଲେ ଜିରୋ ହୋଇଯାଆନ୍ତି । ସେମାନଙ୍କର କୌଣସି କଥା, ଗ୍ରହଣଯୋଗ୍ୟ ହୁଏ ନାହିଁ । ଯେଉଁମାନେ ଦିନେ ପରିବାରର ମୁଖ୍ୟ ଥିଲେ, ସେମାନେ ବୃଦ୍ଧାବସ୍ଥାରେ ଗୌଣ ହୋଇଯିବା ଯୋଗୁଁ ଦୁଃଖରେ ଭାଙ୍ଗିପଡ଼ନ୍ତି । ଆଉ ଯେଉଁମାନେ ଏଇ ବୃଦ୍ଧଙ୍କ ଉପରେ ଜୁଲମ୍ ଆରମ୍ଭ କରିଦିଅନ୍ତି, ସେମାନେ ଯେ ଦିନେ ବୃଦ୍ଧ ହବାକୁ ଯାଉଛନ୍ତି, ଏ କଥା ଏକାବେଳେକେ ମନଭିତରୁ ପାସୋରି ଦିଅନ୍ତି ।

କବିଭୂଷଣ ଭାବନ୍ତି, ଜୀବନ ଅଳିକ । କେତେବେଳେ ଯେ ମୃତ୍ୟୁ ଉପସ୍ଥିତ ହୋଇଯିବ, ତାହା କିଏ ବା କହିପାରିବ ? ତେବେ ମନୁଷ୍ୟ ଭୁଲ୍ କରୁଛି କାହିଁକି ? ଭୁଲ୍ କରିବାଟା ସତେ ଯେପରି ତା'ର ଧର୍ମ । ସେ ଭୁଲ୍‌କୁ ସେ ସଂଶୋଧନ କରିବା କଥା, କେବେ ଚିନ୍ତା କରିପାରେ ନାହିଁ । ସେଇଥିପାଇଁ ଆଜି ଦେଶସାରା ଚାଲିଛି ଦୁର୍ନିତୀ । ଚାରିଆଡ଼େ କ୍ଷମତା ପାଇଁ କନ୍ଦଳ । ସେଥିପାଇଁ କେତେ ହଣା କଟା । କ୍ଷମତା ନିଶାରେ ମଣିଷ ଏତେ ଦୂର ମଜି ଯାଇଛି ଯେ, ସେ ମୃତ୍ୟୁକଥା ଚିନ୍ତା କରିପାରୁନାହିଁ । ଆଜି ଯେ ତୁଳିତଳ୍ପ ଶଯ୍ୟାରେ, କାଲି ତା'ର ଶେଷ ଶଯ୍ୟା ମଶାଣିଭୂଇଁ, ଏହାହିଁ ଚିର ସତ୍ୟ । ରାମନାମ ସତ୍ୟ ହୈ, ଔର୍ ସବ୍ କୁଛ୍ ଝୁଟା ହୈ । ସେହି ରାମ ନାମ କେତେ ଜଣ ବା ଉଚ୍ଚାରଣ କରୁଛନ୍ତି ?

Digitized by srujanika@gmail.com

ବିଶ୍ୱମ୍ଭର ବାବୁ ଭାବନା ରାଜ୍ୟରେ ଏତେ ଦୂର ବୁଡ଼ିଯାଇଥିଲେ ଯେ, ନାତି ତାଙ୍କର କେତେବେଳୁଁ ତା'କପ ଧରି ଠିଆ ହୋଇ, ଦି, ଚାରିଥର ଡାକିଲାଣି, ସେଥିପ୍ରତି ତାଙ୍କର ନିଘା ନାହିଁ, ନାତିକୁ ଦେଖି ସେ ପ୍ରକୃତିସ୍ଥ ହୋଇଉଠିଲେ । ନାତି କହିଲା - ଜେଜେ, ଆଜିପରା ତୁମକୁ ସମ୍ବର୍ଦ୍ଧନା ଦିଆଯିବ । ସନ୍ଧ୍ୟା ହେଲାଣି, କେତେବେଳେ ସଭାକୁ ଯିବ ? ବିଶ୍ୱମ୍ଭର ବାବୁ ଭାବିଲେ ସତ ତ, ତାଙ୍କୁ ଯେପରି ହେଲେ ଯିବାକୁ ହବ । ନାତିକୁ ସମୟ ଅଛି କହି - ବିଦାୟ କରି ଦେଲେ । କାରଣ ତାଙ୍କର ଆଖିଥିଲା, ସମ୍ବର୍ଦ୍ଧନା ଦେବା ପାଇଁ, ତାଙ୍କୁ ଯେପରି ହେଲେ, ସେମାନେ ନେବାର ବନ୍ଦୋବସ୍ତ କରିବେ । ଜୀବନରେ ସେ ଅନେକଥର ସମ୍ବର୍ଦ୍ଧିତ ହୋଇଛନ୍ତି । ତେବେ ତାଙ୍କର ଏତିକି, ଆତ୍ମସନ୍ତୋଷ, ସମ୍ବର୍ଦ୍ଧିତ ହେବା ପାଇଁ, ସେ କେବେ କାହା ଆଗରେ ପଦେ କହିନାହାନ୍ତି । ଏଇ ଯେଉଁ ଲବି ସବୁ ଚାଲିଛି, ସମ୍ମାନ ପାଇବା ପାଇଁ, ତା'ର ସେ ଧାର ଧାରନ୍ତି ନାହିଁ । ବିଶ୍ୱମ୍ଭରବାବୁ ଭାବନ୍ତି, ଅମୁକ ଲୋକ ସାହିତ୍ୟ ଏକାଡେ଼ମୀ ପୁରସ୍କାର ପାଇଲା । ତାଙ୍କ ତୁଳନାରେ ତା'ର ସେପରି କିଛି ଯୋଗ୍ୟତା ନଥିଲା ? କି ବା କବିତା ସେ ଲେଖିଛି ? ସେ କବିତା ଗୁଡ଼ିକ କ'ଣ କବିତା ପଦବାଚ୍ୟ ? ତଥାପି ସେ ତ ସାହିତ୍ୟ ଏକାଡେ଼ମୀ ପୁରସ୍କାର ପାଇ ପାରିଲା ? ନିଶ୍ଚିତ ଭାବରେ ତା' ପାଇଁ କିଏ ଜଣେ ଲବି କରିଥିବ ।

ବିଶ୍ୱମ୍ଭର ବାବୁଙ୍କର କିଏ ବା ଅଛି ? ଉପର ମହଲ ବା ତଳମହଲରେ ତାଙ୍କର ତ କେହି ଜଣାଶୁଣା ଲୋକ ନାହିଁ । ସାହିତ୍ୟ ଏକାଡେ଼ମୀ ପୁରସ୍କାର ପାଇଥିଲେ, ସେ ପେନ୍‌ସନ୍ ପାଇଁ ଦରଖାସ୍ତ ଖଣ୍ଡିଏ କରିପାରିଥାନ୍ତେ । ସେତକ ଭାଗ୍ୟରେ ନାହିଁ । ଏ ସମ୍ବର୍ଦ୍ଧନାରୁ କ'ଣ ବା ସେ ପାଇବେ ? ଏପରି ହଜାରେ ସମ୍ବର୍ଦ୍ଧନା ପାଇଲେ କ'ଣ, ପେନ୍‌ସନ୍ ମିଳିପାରିବ ? ସେଥିପାଇଁ ସରକାରୀ ସ୍ୱୀକୃତି ଲୋଡ଼ା । ବିଶ୍ୱମ୍ଭର ବାବୁ ହାତଘଣ୍ଟାକୁ ଚାହିଁଲେ । ଆରେ ସଭା ସମୟ ତ ହୋଇଗଲାଣି । କେହି ଜଣେ ହେଲେ ତ ଡାକିବାକୁ କି ନେବାକୁ ଆସିଲେ ନାହିଁ, ତେବେ ସେ ଯିବେ କିପରି ? ରିକ୍ସାରେ ଗଲେ, ଯିବା ଆସିବା କୋଡ଼ିଏ ଟଙ୍କାରୁ କମ୍ ହବ ନାହିଁ । ଏ କୋଡ଼ିଏ ଟଙ୍କା ଆସିବ କୁଆଡୁ ? ପ୍ରତିଦିନ ଔଷଧ ଖର୍ଚ୍ଚ ଅଛି । ପିଲାମାନେ ଯାହା ହାତ ଖର୍ଚ୍ଚ ଦଉଛନ୍ତି, ତା'ତ ଔଷଧ କିଣାକୁ ନିଅଣ୍ଟ । ତେବେ ସେ କାହାକୁ କହିବେ, ରିକ୍ସା ଖଣ୍ଡେ ଠିକ୍ କରିଦେବା ପାଇଁ ।

ବିଶ୍ୱମ୍ଭର ବାବୁ ମନେ, ମନେ ସ୍ଥିର କଲେ, ଚାଲିକରି ଗଲେ କୋଡ଼ିଏ ମିନିଟର ବାଟ । ତା' ହେଲେ ଗୋଟିଏ, ଗୋଟିଏ ଚାଲିଯିବା ଭଲ । ତେବେ ଏ ରାସ୍ତାର ଟ୍ରାଫିକ୍‌କୁ ତାଙ୍କର ଭୟ । ଗାଡ଼ି, ଘୋଡ଼ା, ଯେପରି ରାସ୍ତାରେ ଛୁଟିଛି, ଯଦି କିଛି ଅଘଟଣ ଘଟିଯାଏ, ତା' ହେଲେ ଘରେ ଯେଉଁ ଗାଳି, ପରାଭବ ଶୁଣିବେ, ତାହା ଅବର୍ଣ୍ଣନୀୟ । ଯଦି ମୃତ୍ୟୁ ହୋଇଗଲା, ତା' ତ ସ୍ୱାଗତ ଯୋଗ୍ୟ । କିନ୍ତୁ ମୃତ୍ୟୁ ନହୋଇ,

Digitized by srujanika@gmail.com

ଯଦି ଗୋଡ଼ବା ହାତଟାଏ ଭାଙ୍ଗିଗଲା କଷ୍ଟ ଭୋଗ କରିବା ବଡ଼ ଦୁଃଖଦାୟକ । ଯାହା ହେବ ପଛକେ ହେଉ, ସେ ଯିବେ । ନାତି ଟୋକାଟା ତାଙ୍କ ସାଙ୍ଗରେ ଯିବାକୁ ବସିଛି । ରିକ୍ସା ତ ନାହିଁ, ତାକୁ ନେବେ ବା କିପରି ?

ଶେଷରେ ବିଶ୍ୱମ୍ଭରବାବୁ ସଭାସ୍ଥଳରେ ଉପସ୍ଥିତ ହେଲେ । କର୍ମକର୍ତ୍ତାମାନେ ତାଙ୍କୁ ଦେଖି ଆନନ୍ଦରେ କରତାଳି ଦେଲେ । ସଭାସ୍ଥଳ କରତାଳି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଲା । ବିଶ୍ୱମ୍ଭର ବାବୁ, ଆନନ୍ଦରେ ଆତ୍ମହରା ହୋଇଗଲେ ।

ସମ୍ବର୍ଦ୍ଧନା ସଭାରେ, ବକ୍ତାମାନେ ତାଙ୍କର ଭୂୟସୀ ପ୍ରଶଂସା କରିବାକୁ ଲାଗିଲେ । ମାନପତ୍ର, ଅଙ୍ଗବସ୍ତ୍ର ଆଚ୍ଛାଦିତ ହୋଇ ସଭା ଶେଷରେ ସେ ଯେତେବେଳେ ଘରକୁ ଫେରିବାକୁ ବସିଲେ, ସେ କିପରି ଯିବେ, କେହି ଜଣେ ହେଲେ କର୍ମକର୍ତ୍ତା, ଚିନ୍ତା କଲେ ନାହିଁ, ଯେ, ଯାହାକାର୍ଯ୍ୟରେ ଲାଗିପଡ଼ିଲେ, ସତେ ଯେପରି, କାରଟିଏ ଅପେକ୍ଷା କରି ରହିଛି ବିଶ୍ୱମ୍ଭର ବାବୁଙ୍କୁ ନେଇଯିବା ପାଇଁ । ବିଶ୍ୱମ୍ଭର ବାବୁ ଚାରିଆଡ଼କୁ ଚାହିଁଲେ । କେହି ନ ଦେଖିଲାପରି, ସେ ସିଧା, ସିଧା ଗୃହାଭିମୁଖେ ପ୍ରତ୍ୟାବର୍ତ୍ତନ କଲେ । ମଝିବାଟରେ ଆକାଶ ମେଘାଚ୍ଛନ୍ନ ହୋଇପଡ଼ିଲା । ବିଶ୍ୱମ୍ଭର ବାବୁ ଜୋର୍‌ରେ ପାଦ ପକାଇବାକୁ ଲାଗିଲେ । ଠିକ୍ ଘରପାଖରେ ହେବା ବେଳକୁ, ମୂଷଳଧାରାରେ ବର୍ଷା ହେବାକୁ ଲାଗିଲା । ପାହାଚ ଉପରେ ଚଢ଼ିଲାବେଳକୁ ସେ ଦେଖିବାକୁ ପାଇଲେ, ମାନପତ୍ରରେ ଯାହା ସବୁ ଲେଖାଥିଲା, ପାଣିରେ ତା' ଧୋଇହୋଇ ଯାଇଛି । ଦୀର୍ଘଶ୍ୱାସଟିଏ ପକାଇ, ସେ ଧୀରେ ଧୀରେ ଗୃହମଧ୍ୟକୁ ପ୍ରବେଶ କଲେ ।

* * *

Digitized by srujanika@gmail.com

ଆନ୍ଦୋଳନ

ଆନ୍ଦୋଳନ କରି କରି ମଧୁ ମିଶ୍ରଙ୍କର ସାରାଜୀବନଟା ଯେ କଟିଗଲା, ତା' କିଏ ନ ଜାଣେ । ସେ ଆନ୍ଦୋଳନ ଥିଲା ନିଆରା । ଗାନ୍ଧିଜୀଙ୍କ ଡାକରାରେ ସେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ଲୁଣ ମରା ଆନ୍ଦୋଳନ, ବିଦେଶୀ ଦ୍ରବ୍ୟ ବର୍ଜନ, ମଦ ବିରୋଧି ଆନ୍ଦୋଳନ ଏମିତି କେତେ ଆନ୍ଦୋଳନରେ ସେ ଭାଗ ନେଇ ଜେଲ୍‌ଦଣ୍ଡ ଭୋଗିଛନ୍ତି । ସ୍ୱାଧୀନତା ଆନ୍ଦୋଳନରେ ସେତେବେଳେ ଯେଉଁ କେତେଜଣ ଲହୁ, ଲୁହାଣ ହୋଇ ଦେଶମାତୃକା ପାଇଁ ପ୍ରାଣବଳୀ ଦେବାକୁ ବଦ୍ଧପରିକର ନେଇଥିଲେ, ସେମାନଙ୍କର ତ୍ୟାଗକୁ ଦେଶବାସୀ ଭୁଲି ନାହାନ୍ତି । ସେ ସମୟର ସ୍ୱଧୀନତା ସଂଗ୍ରାମୀ ତ ପ୍ରାୟ ମୃତ୍ୟୁବରଣ କଲେଣି । ଆଙ୍ଗୁଠିରେ ଗଣିଲାପରି ଏ ରାଜ୍ୟରେ ମଧୁମିଶ୍ରଙ୍କ ପରି ଯେଉଁ କେତେଜଣ ବଞ୍ଚିଛନ୍ତି, ସେମାନଙ୍କ ମଧ୍ୟରୁ ମଧୁମିଶ୍ର ଜଣେ । ଏବେ ମଧ ସେ ଚରଖାରେ ସୂତା କାଟୁଛନ୍ତି । ଲୋକେ ଆଦରରେ ତାଙ୍କୁ ଏ ଅଞ୍ଚଳର ଗାନ୍ଧୀ ବୋଲି କହନ୍ତି ।

''ଯାହା ବାପା ଚଢ଼େ ଘୋଡ଼ା, ତା' ପୁଅ ଥୋଡ଼ା, ଥୋଡ଼ା'' ଏଇ ଆପ୍ତବାକ୍ୟକୁ କାର୍ଯ୍ୟରେ ପରିଣତ କରିଛନ୍ତି ମଧୁମିଶ୍ରଙ୍କ ପୁଅ ଜଗନ୍ନାଥ । ଜଗନ୍ନାଥ ଛାତ୍ର ଜୀବନରୁ ଆନ୍ଦୋଳନ କରି ବେଶ୍ ସୁନାମ ଅର୍ଜିଲାଣି । ତା'ର ଆନ୍ଦୋଳନ ଶିକ୍ଷା ସାହିତ୍ୟକୁ ନେଇ । ମାଟ୍ରିକ୍ ପରୀକ୍ଷାରେ ଟେଷ୍ଟ ପରୀକ୍ଷା ଉଠାଇ ଦିଆଯାଉ । ଯେଉଁମାନେ ପରୀକ୍ଷା ଦେବେ, ସେମାନଙ୍କୁ ଫେଲ୍ କରାନଯାଉ । ଏଥିପାଇଁ ସେ କେତେଥର ପିଲାମାନଙ୍କୁ ମତାଇ ପରୀକ୍ଷା ବର୍ଜନ କରାଇଲାଣି । ତା'ର ଶିକ୍ଷକମାନଙ୍କ ଉପରେ ଖୁବ୍ ରାଗ । ଏଇ ଶିକ୍ଷକମାନେ ଘରୋଇ ଟ୍ୟୁସନ୍ କରି, ଶିକ୍ଷା କ୍ଷେତ୍ରରେ ଦୁର୍ନିତୀ ପ୍ରବେଶ କରାଇଛନ୍ତି । ଯେଉଁମାନେ ଏମାନଙ୍କ ନିକଟରେ ଟ୍ୟୁସନ୍ କରିବେ, ସେମାନେ ଉଚ୍ଚ ନମ୍ବର ରଖି ପାସ୍ ହେବେ । ଜଗନ୍ନାଥ ଏ ସବୁ ଦେଖି ସହି ପାରେ ନା । ଧନୀ ପିଲାମାନେ ଟ୍ୟୁସନ୍ ପାଇଁ ପଇସା ଦେଇପାରନ୍ତି । ଗରୀବ ପିଲାମାନେ ପଇସା ଆଣିବେ କେଉଁଠୁ, ଯେଉଁଠି ଦିନରାତି ବଞ୍ଚିବା ପାଇଁ ସଂଗ୍ରାମ, ସେଠାରେ ଏ ଶିକ୍ଷକମାନେ ପାଠ ପଢ଼ାଇବା ପାଇଁ ପଇସା ମାଗୁଛନ୍ତି । ଏକଥା କ'ଣ ସରକାର ଜାଣୁ ନାହିଁ । ଆଜିକାଲି ଘରୋଇ ଟ୍ୟୁସନ୍ କରି ଶିକ୍ଷକମାନେ ବେଶ୍ ଦି' ପଇସା କମେଇ, କୋଠା ବାଡ଼େଇଲେଣି । ଏ କ'ଣ ଅନ୍ୟାୟ ନୁହେଁ ? ଏଥିପାଇଁ ଯଦି ଆନ୍ଦୋଳନ କରାଯାଏ, ତା' ହେଲେ ଆପତ୍ତି ରହିଲା କେଉଁଠି ?

ସ୍କୁଲ୍‌ର ଶିକ୍ଷକମାନେ ଜଗନ୍ନାଥ ଉପରେ ଖୁବ୍ ଖପା । ଖାଲି ତା' ନିଜ ଗାଁ ସ୍କୁଲ୍‌ର ଶିକ୍ଷକ ନୁହନ୍ତି, ସେ ଅଞ୍ଚଳର ଶିକ୍ଷକମାନେ ଏ କୁଳାଙ୍ଗାର ଉପରେ ଖଡ୍ଗ

Digitized by srujanika@gmail.com

ହସ୍ତ । ଏ କଥା ମଧୁମିଶ୍ରଙ୍କର କାନକୁ ମଧ ଗଲାଣି । କେତେଜଣ ଶିକ୍ଷକ, ମଧୁମିଶ୍ରଙ୍କୁ ଆସି ପୁଅର କାର୍ଯ୍ୟକଳାପକୁ ବନ୍ଦ କରାଇବାକୁ ତାଙ୍କ ଉପରେ ଜୋର୍ ପକାଇଲେଣି ।

ମଧୁମିଶ୍ରେ ଏଥିପାଇଁ ବଡ଼ ଚିନ୍ତିତ । ତାଙ୍କ ସମୟର ଆନ୍ଦୋଳନ, ଏ ସମୟର ଆନ୍ଦୋଳନକୁ ସେ ପସନ୍ଦ କରୁ ନାହାନ୍ତି । ଗୁରୁଙ୍କୁ ଯେଉଁ ବେଦରେ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ରୂପେ ବର୍ଣ୍ଣନା କରାଯାଇଛି, ସେଠାରେ ଗୁରୁଙ୍କୁ ଅପମାନ ଦେବା, ତାଙ୍କ ଚିନ୍ତା, ଚେତନାର ବାହାରେ । ଏଇ କଥା ସେ ଜଗନ୍ନାଥର ବୋଉକୁ ବି କହିଲେଣି । ନିଜେ ମଧ କଡ଼ା ଭାଷାରେ, ଏ ସବୁ ଆନ୍ଦୋଳନରୁ ନିବୃତ୍ତ ହେବାକୁ ଜଗନ୍ନାଥକୁ କହିଲେଣି ।

ଜଗନ୍ନାଥ ଆଜି, କାଲି ଘରେ ପିଲାମାନଙ୍କୁ ଆସି କଥାବାର୍ତ୍ତା ହେବାକୁ ମନା କରିଦେଇଛି । ଗାଁ ଦେଉଳ ମଣ୍ଡପରେ ଯାହା ଆଲୋଚନା କରିବା କଥା, ସେଇଠାରେ ହେବ । ଅମୁକ ଶିକ୍ଷକ, ଛାତ୍ରୀ ପ୍ରତି ଅସଦ୍‌ଆଚରଣ କଲା, ତା' ପ୍ରତି ଦଣ୍ଡବିଧାନ କରିବାକୁ ହେବ । ଏହା କ'ଣ ଅନ୍ୟାୟ ନୁହେଁ । ଛାତ୍ରୀ କିଏ କନ୍ୟା କିଏ ? ତେଣୁ ପାଠ ପଢ଼ାଇବା ବାହାନାରେ, ଅସହାୟା ଝିଅଟି ପ୍ରତି ଅସଦ୍‌ଆଚରଣ କରିବ ? ତୁମେ କାହିଁକି ଶିକ୍ଷକ ହୋଇଛ ? ଏ ପଦବୀ ତୁମ ପାଇଁ ପ୍ରଯୁଜ୍ୟ ନୁହେଁ । କିନ୍ତୁ ମଧୁମିଶ୍ର କହନ୍ତି, ଦେଖେ ପୁଅ, ତୁ ଏ ସବୁ ଆନ୍ଦୋଳନ ଛାଡ଼ି ପାଠପଢ଼ାରେ ମନ ଦିଏ । ଭଲ ପାଠ ପଢ଼ିଲେ ଭଲ ଚାକିରୀ ପାଇବୁ । ମୁଁ ତ ସାରାଜୀବନ ଆନ୍ଦୋଳନ କରି, କରି ଆଜି ଯେଉଁ ଫଳ ଭୋଗୁଛି, ତା' କ'ଣ ତୁ ଜାଣୁ ନାହୁଁ ? ତୁମ ଆନ୍ଦୋଳନ, କେଉଁଥିପାଇଁ ? ପରୀକ୍ଷା ବନ୍ଦ କରିବା ପାଇଁ ? ଶିକ୍ଷକଙ୍କୁ ବଦନାମ କରିବା ପାଇଁ ? ଏଇ କ'ଣ ଆଜିକାଲି ଶିକ୍ଷାର ମହତ୍ୱ । ଦେଖେ ଜଗୁ, ଭବିଷ୍ୟତରେ ଯଦି ତୁ ମୋ କଥାର ଅବାଧ ହେଉ, ତା' ହେଲେ ତୁ ମନେ ରଖିଥିବୁ, ତୋ ନନା ତୋ ପାଇଁ ମରିଯାଇଛି । ଯଦି ମୋର ମୃତ ଦେହ ଉପରେ ଚାଲି, ତୁ ସ୍କୁଲ୍‌ରେ ଆନ୍ଦୋଳନ କରିବାକୁ ଚାହୁଁ, ସେଥିକୁ ମୋର କିଛି ଆପତ୍ତି ନାହିଁ ।

ଜଗନ୍ନାଥ ନନାଙ୍କୁ କ'ଣ କହି ବୁଝାଇବ, ତା' ଜାଣିପାରେ ନାହିଁ । ନନାଙ୍କୁ ସେ ଖୁବ୍ ଭକ୍ତି କରେ । ଯେଉଁଠାରେ ଅଞ୍ଚଳର ଲୋକେ ତାଙ୍କୁ ଗାନ୍ଧୀ ବୋଲି ପୂଜା କରନ୍ତି, ସେ ନ କରିବ କିମିତି ? ଏ ପର୍ଯ୍ୟନ୍ତ ସେ ତ କୌଣସି ଆଦର୍ଶରୁ ବଞ୍ଚିତ ହୋଇନାହାନ୍ତି । ସତ୍ୟର ପରମ ପୂଜାରୀ । ଯେ, ଜୀବନରେ ଥରେ ହେଲେ ମିଛ କହିନାହାନ୍ତି । ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର । ଜଗନ୍ନାଥ ଖଟରେ ଶୋଇ ରହି ନନାଙ୍କ କଥାକୁ ଭାବୁଥିଲା । ନନାଙ୍କ ଯୁଗରେ ଶିକ୍ଷକମାନେ, ସେଇ ଆସନ ଗ୍ରହଣ କରିଥିଲେ । କିନ୍ତୁ ଆଜିକାଲି ଏମାନଙ୍କୁ ଭକ୍ତି କରିବ କିଏ ? ଯେଉଁମାନେ ସାହେବୀ ବେଶରେ, ସିଗାରେଟ୍ ଟାଣି ସ୍କୁଲ୍‌କୁ ପାଠ ପଢ଼ାଇବାକୁ ଆସୁଛନ୍ତି, ପାଠ ନ ପଢ଼ାଇ, କିଛି ଡାକିଦେଇ, କ୍ଲାସ୍ ପିରିଅଡ଼ରେ ଢୁଳୁରାଉଛନ୍ତି, ଘଣ୍ଟା ବାଜିଲା

Digitized by srujanika@gmail.com

ମାଡ୍ରେ, କ୍ଲାସ୍ ଛାଡ଼ି ବାହାରି ଯିବାକୁ ଯେଉଁମାନେ ଦରମା ବୃଦ୍ଧି ପାଇଁ ଆନ୍ଦୋଳନର ପନ୍ଥା ଧରୁଛନ୍ତି । ମାସ, ମାସ ଧରି ପାଠ ନ ପଢ଼ାଇ, ପିଲାଙ୍କୁ ବାଳୁଙ୍ଗା କରୁଛନ୍ତି, ଏମାନଙ୍କୁ ସେ କ'ଣ ଶିକ୍ଷକ ବୋଲି ଭକ୍ତି କରିବ ? ଜଗନ୍ନାଥ ମନରେ ଅନେକ ପ୍ରଶ୍ନ । ନନାଙ୍କ କଥା ତା' କାନରେ ବାରମ୍ବାର ପ୍ରତିଧ୍ୱନିତ ହେଉଛି । ମୋର ମୃତ ଦେହ ଉପରେ ଯଦି ଯିବାକୁ ଚାହୁଁ, ତା'ହେଲେ ଆନ୍ଦୋଳନ କର । ନନାଙ୍କ ମୃତ ଦେହ । ସେ ସହିପାରିବ କିପରି ? ଯେଉଁ ନନାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ, ସେ ଏ ପର୍ଯ୍ୟନ୍ତ ମିଛ କହି ନାହିଁ, ତାଙ୍କ କଥାକୁ ଅବାଧ କରିବ କିପରି ? ରାତି ପାହିଲେ ଛାତ୍ର ଧର୍ମଘଟ । ଏ ଧର୍ମଘଟ ଡକରା ସେ ଦେଇଛି । ପିଲାମାନେ ତାକୁ ଦେବତା ପରି ଭକ୍ତି କରନ୍ତି । ହିରାର ଝିଅ ଉପରେ ଅତ୍ୟାଚାର । ପୁରା ଯୌବନ ଏ ପର୍ଯ୍ୟନ୍ତ ତାକୁ ଛୁଇଁ ନାହିଁ । କିଶୋରୀ ସେ, ଟିଉସନ୍ କରିବା ବାହାନାରେ ତା' ଉପରେ ଧର୍ଷଣ ଉଦ୍ୟମ । ମିନିର ଲୁହ, କଇଁ କଇଁ କାନ୍ଦ, ତା' ଆଗରେ ଅଭିଯୋଗ, ଗୋଟିଏ ପରେ ଗୋଟିଏ ତା' ଆଖି ଆଗରେ ନାଚି ଯାଉଛି । ସେ ପ୍ରତିଶୋଧ ନେବ । ସେ ଶିକ୍ଷକଙ୍କୁ ପୋଲିସ୍ ହାଜତରେ ଭର୍ତ୍ତି ନ କରିବା ପର୍ଯ୍ୟନ୍ତ ତା'ର ନିଦ ନାହିଁ । ଏଣେ ନନା । ସେ ତ କିଛି ବୁଝୁ ନାହାନ୍ତି । ସେ କହନ୍ତି, ତୁ ଅନ୍ୟାୟ ବିରୁଦ୍ଧରେ ସଂଗ୍ରାମ କର । ମୁଁ ଆପତ୍ତି କରିବି ନାହିଁ । କିନ୍ତୁ ଶିକ୍ଷକଙ୍କ ବିରୁଦ୍ଧରେ ଆନ୍ଦୋଳନକୁ ସେ ବରଦାସ୍ତ କରିବେ ନାହିଁ । ସ୍କୁଲ୍‌ରେ ପ୍ରଧାନ ଶିକ୍ଷକ ଚିନ୍ତିତ । ଆଜି ଛାତ୍ର ଧର୍ମଘଟ, ସଂପୃକ୍ତ ଶିକ୍ଷକ ଫେରାର୍ ହୋଇଯାଇଛନ୍ତି । ତାଙ୍କୁ ଧରାଇନଦେବା ପର୍ଯ୍ୟନ୍ତ ଏ ଛାତ୍ର ଧର୍ମଘଟ ଅବ୍ୟାହତ ରହିବ । ସେ କ'ଣ ଏ ବିଷୟରେ ପୋଲିସ୍‌ରେ ରିପୋର୍ଟ କରିବେ ? ଏ ପିଲାମାନେ ଯଦି କ୍ଲାସ୍‌ରେ ଚେୟାର୍, ବେଞ୍ଚ୍ ଭାଙ୍ଗିଦିଅନ୍ତି । ସ୍କୁଲ୍ ଅଫିସ୍ ଲୁଟ କରନ୍ତି — ତା' ହେଲେ ତାକୁ ରକ୍ଷା କରିବ କିଏ ? ଚିନ୍ତାମଗ୍ନ ହୋଇ ପଡ଼ିଛନ୍ତି ସ୍କୁଲ୍‌ର ପ୍ରଧାନ ଶିକ୍ଷକ ।

ରାତି ପାହିଆସିଛି । ସାରାରାତି ଜଗନ୍ନାଥକୁ ନିଦ ନାହିଁ । କ'ଣ କରିବ ? ଆନ୍ଦୋଳନକୁ ବନ୍ଦ କରିଦେବ । ସତକଥା, ଏଇ ଅନ୍ଦୋଳନ ଦ୍ୱାରା, ପିଲାମାନଙ୍କର ପାଠପଢ଼ା ଯେ କେତେ ନଷ୍ଟ ନ ହଉଚି, ତା' ମଧ୍ୟ ଚିନ୍ତା କରିବା କଥା । ଖଟିଆ ଉପରେ ଜଗନ୍ନାଥ ବସିଥିଲା । ଭାବନାର କୂଳ କିନାରା ନାହିଁ । ସମୟ ଗଡ଼ିଚାଲିଛି । ଘଣ୍ଟାରେ ଆସି ଆଠଟା ବାଜିଲାଣି । ଆଉ ଦୁଇଘଣ୍ଟା ପରେ ସ୍କୁଲ୍ ଖୋଲିବ । ଜଗନ୍ନାଥକୁ ନ ଦେଖି, ଯଦି ପିଲାମାନେ, ଆନ୍ଦୋଳନ ଛାଡ଼ି, ପାଠ ପଢ଼ାରେ ଯୋଗଦିଅନ୍ତି, ତା'ହେଲେ ତାକୁ ଭବିଷ୍ୟତରେ ଆଉ କେହି ମାନିବେ ନାହିଁ । ତେବେ ଏ ପରିସ୍ଥିତିରେ ସେ କରିବ କ'ଣ ଚିନ୍ତା କରିପାରିଲା ନାହିଁ । ବୋଉ ଆସି ଡାକିଲେ, କିରେ ନ'ଅଟା ବାଜିଲାଣି, କ'ଣ ସ୍କୁଲ୍‌କୁ ଆଜି ଯିବୁ ନାହିଁ । ନନା କହିଲେ, ଯଦି ଦେହ ଭଲ ନାହିଁ, ସେ ନ ଯାଉ । ଏଇ ସମୟରେ ଛାତ୍ର କଣ୍ଠରୁ ସ୍ଲୋଗାନ୍ ଶୁଭିଲା — ଆମର ନେତା ଜଗନ୍ନାଥ । ଛାତ୍ର ଆନ୍ଦୋଳନ ଜିନ୍ଦାବାଦ୍ । ଚରିତ୍ରହୀନ ଶିକ୍ଷକଙ୍କୁ

Digitized by srujanika@gmail.com

ଚାକିରୀରୁ ବରଖାସ୍ତ କର । ସ୍ଲୋଗାନ୍‌ର ସ୍ୱର ତୀବ୍ରରୁ ତୀବ୍ରତର ହୋଇଉଠିଲା । ନନା ଆସି ଜଗନ୍ନାଥ ପାଖରେ କେତେ ବେଳୁ ଠିଆହୋଇଛନ୍ତି, ସେଥି ପ୍ରତି ତା'ର ଦୃଷ୍ଟି ନାହିଁ । ନନା କହିଲେ ଜଗା, ଯା, ପିଲାମାନେ ତୋତେ ଡାକୁଛନ୍ତି । ଜଗନ୍ନାଥ କାନ୍ଦୁଥିଲା, ନା ନାନା, ମୁଁ ଯିବି ନାହିଁ । ଆପଣଙ୍କର ଶବ ଉପରେ ମୁଁ କେବେ ଚାଲିଯାଇ ପାରିବି ନାହିଁ ।

ମଧୁମିଶ୍ରେ କହିଲେ — ମୁଁ ସବୁ ଶୁଣିଲି । ଜଣେ ଛାତ୍ରୀ ପ୍ରତି ବଳାତ୍କାର ଉଦ୍ୟମ । ଏ ତ ଅତି ନିନ୍ଦନୀୟ କଥା । ତୋତେ ଅନ୍ୟାୟ ବିରୁଦ୍ଧରେ ଲଢ଼ିବାକୁ ହବ । ମୁଁ ତତେ ଭୁଲ୍ ବୁଝିଥିଲି । ଯା ଜଗା, ପିଲାମାନେ ଡାକୁଛନ୍ତି, ଯଦି ଅନ୍ୟାୟପାଇଁ ଜୀବନ ଦେବାକୁ ପଡ଼େ, ତା' ହେଲେ ସେଥିରୁ ତୁ ପଛଘୁଞ୍ଚା ଦେବୁ ନାହିଁ ।

ଜଗନ୍ନାଥ ଲୁହ ପୋଛୁଥିଲା । ତା' ମନରେ ଆନନ୍ଦର ସୀମା ନାହିଁ । ନନାଙ୍କର ପଦଧୂଳି ନେଇ, ସେ ପିଲାମାନଙ୍କ ଭିତରକୁ ପଶିଗଲା । ପିଲାମାନେ ତାକୁ ଟେକି ଧରିଲେ । ଜଗନ୍ନାଥ ଆଗରେ ଯାଉଥିଲା । ପିଲାମାନେ ପଛରେ । ସ୍ଲୋଗାନ୍ ଶୁଭୁଥିଲା — ଅନ୍ୟାୟ ସହିବୁ ନାହିଁ । ଛାତ୍ର ଏକତା ଜିନ୍ଦାବାଦ୍ ।

ମଧୁମିଶ୍ରେ ଠିଆହୋଇ ଛାତ୍ର ଆନ୍ଦୋଳନକୁ ଲକ୍ଷ୍ୟ କରୁଥିଲେ, ଆଉ ତାଙ୍କର ସୁପୁତ୍ର ଜଗନ୍ନାଥକୁ ।

* * *

Digitized by srujanika@gmail.com

ପ୍ରଶ୍ନ ???

ଗୋଟିଏ ନାଟକ ପ୍ରତିଯୋଗିତାରେ ନାଟକଟିଏ ମଞ୍ଚସ୍ଥ ହେଲାପରେ, ନାଟକର କର୍ମକର୍ତ୍ତାମାନେ ପ୍ରଶ୍ନମଞ୍ଚର ବନ୍ଦୋବସ୍ତ କରି ନାଟକର ଲେଖକ ଓ ନିର୍ଦ୍ଦେଶକଙ୍କୁ କେତେଗୁଡ଼ିଏ ପ୍ରଶ୍ନ ପଚାରି, ନାଟକ ସମ୍ପର୍କରେ ଦର୍ଶକର ସନ୍ଦେହମୋଚନ କରୁଥାନ୍ତି । ସେଇପରି ମୋର ଗୋଟିଏ ନାଟକ, ପ୍ରଶ୍ନମଞ୍ଚର ସମ୍ମୁଖୀନ ହୋଇଥିଲା । ନାଟକଟି ଆଜିକାଲିର ଦୁର୍ନିତୀ ସମ୍ପର୍କରେ ରଚିତ । ନାଟକର କେତେକ ଚରିତ୍ର ନାନା ଦୁଷ୍କର୍ମରେ ଲିପ୍ତ ରହି, ଶେଷରେ ପ୍ରାୟଶ୍ଚିତ ସ୍ୱରୂପ ଭଗବାନଙ୍କର ନାମ କୀର୍ତ୍ତନ କରି, ପ୍ରଭୁଙ୍କର ଶରଣାପନ୍ନ ହୋଇଥାନ୍ତି । ଦୁଷ୍କର୍ମଟି ଥିଲା ଅନ୍ୟରାଜ୍ୟକୁ ଯୁବତୀଚାଲଣ ଓ ଯୁବତୀମାନଙ୍କୁ ପ୍ରଲୋଭିତ କରାଇ ନାନା ଯୌନ କର୍ମରେ ଲିପ୍ତ କରାଇବା । ଏହି ଯୁବତୀମାନଙ୍କୁ ସମାଜର ବଡ଼ପଣ୍ଡାମାନେ, ଯଥା ମନ୍ତ୍ରୀ, ବଡ଼ ବଡ଼ ଅଫିସର, ପୋଲିସ୍, ବ୍ୟବସାୟୀ ଗୋଷ୍ଠୀ, ରାଜନୈତିକ ନେତା ମାନେ ନାନା କୁକର୍ମରେ ଲିପ୍ତ କରାନ୍ତି ଓ ନିଜର ସ୍ୱାର୍ଥକୁ ଚରିତାର୍ଥ କରାନ୍ତି । ଅଥଚ ଏଇମାନେ ନାରୀ କଲ୍ୟାଣ, ଚରିତ୍ରବତ୍ତା ସମ୍ପର୍କରେ ଭାଷଣମାନ ଦେଇ, ଲୋକଙ୍କଠାରୁ ବାହାବା ଆଦାୟ କରନ୍ତି । ପ୍ରଶ୍ନକର୍ତ୍ତା ମୋତେ ପ୍ରଶ୍ନ କଲେ – ଏତେ ସବୁ ଦୁର୍ନିତୀ ଥାଉ, ଥାଉ କେବଳ ସେକ୍ସ ସମ୍ପର୍କୀୟ ଦୁର୍ନିତୀକୁ ଆପଣ ନାଟକରେ ସ୍ଥାନ ଦେଲେ କାହିଁକି ?

ମୋର ଉତ୍ତର ହେଲା, ବହୁତ କିସମର ଦୁର୍ନିତୀ ରହିଅଛି । ଚରିତ୍ର ହିଁ ମନୁଷ୍ୟର ଶ୍ରେଷ୍ଠ ସମ୍ପଦ । ଯାହାର ଚରିତ୍ର ନାହିଁ, ସେ ଯେତେ ଭଲ ହେଲେ ମଧ, ତାହାର ମୂଲ୍ୟ କିଛି ନାହିଁ । ଚରିତ୍ର ହିଁ ମନୁଷ୍ୟକୁ ମାପିବାକୁ ଏକ ମାପକାଠି । ସେହି ଚାରିତ୍ରିକ ଦୁର୍ନିତୀ ଆଜି ସମାଜକୁ କଳୁଷିତ କରିଅଛି । ଭାରତୀୟ ସଂସ୍କୃତିକୁ ଅବଲୁଣ୍ଠିତ କରାଯାଉଅଛି । ତାହାର ବିରୁଦ୍ଧରେ ପ୍ରତିବାଦର ସ୍ୱରତୋଳନ ହୋଇଅଛି ଏହି ନାଟକର ମାଧ୍ୟମରେ । ସଂକ୍ଷେପରେ କହିବାକୁ ଗଲେ ଏହି ଅକଥିତ ବଡ଼ ପଣ୍ଡାମାନଙ୍କୁ ଏହି ନାଟକରେ ଅଙ୍ଗୁଳି ନିର୍ଦ୍ଦେଶ କରାଯାଇଅଛି । ପାଶ୍ଚାତ୍ୟ ସଭ୍ୟତାରେ ଚାରିତ୍ରିକ ଦୋଷକୁ ସାଧାରଣ କ୍ଷେତ୍ରରେ ବିଶେଷ ପ୍ରାଧାନ୍ୟ ଦିଆଯାଉନଥିଲେ ମଧ ଶାସନ କ୍ଷେତ୍ରରେ, ଉଚ୍ଚ ପଦପଦବୀରେ ଯେଉଁମାନେ ଅଧିଷ୍ଠିତ, ସେମାନଙ୍କ ଦୋଷକୁ, ଧର୍ତ୍ତବ୍ୟ ଅପରାଧ ରୂପେ ବିବେଚିତ କରାଯାଇ, ସେମାନଙ୍କୁ ସେମାନଙ୍କର ପଦବୀରୁ ବହିଷ୍କାର କରାଯାଇଅଛି ଆଜି ଭାରତବର୍ଷରେ ସାଧାରଣଙ୍କଠାରୁ ଆରମ୍ଭ କରି ନେତୃବୃନ୍ଦ ତଥା ପ୍ରଶାସନିକ ଅଫିସରମାନଙ୍କ ମଧ୍ୟରେ ଯେପରି ନୈତିକ ସ୍ଖଳନ ଘଟୁଅଛି, ତାହା ଅତିମାତ୍ରାରେ ଉଦ୍‌ବେଗଜନକ ହୋଇପଡ଼ିଅଛି । ତେଣୁ କିଛିଟା ସମାଜକୁ ଦିଗ୍‌ଦର୍ଶନ ଦେବା ମୋର ଉଦ୍ଦେଶ୍ୟ, ଯାହାକୁ ମୁଁ ନାଟକ ମାଧ୍ୟମରେ ପ୍ରତିଫଳନ କରାଇଅଛି ।

Digitized by srujanika@gmail.com

ଦର୍ଶକମାନଙ୍କ ମଧ୍ୟରୁ ଏହି ନାଟକ ସମ୍ପର୍କରେ ପ୍ରଶ୍ନ ପଚାରିବାକୁ କର୍ମକର୍ତ୍ତାମାନେ ମଞ୍ଚରୁ ଆହ୍ୱାନ୍ ଜଣାଇଥିଲେ । ସେହି ଆହ୍ୱାନ୍‌ର ଜବାବ ଦେବାକୁ ଯାଇ, ଜଣେ ଛାତ୍ର ସଂସଦର ସଭାପତି ବଡ଼ ଉତ୍‌କ୍ଷିପ୍ତ ହୋଇ, ନାଟକର ସଂଳାପ ଉପରେ, ମୋତେ ଆଘାତ କରିବାକୁ ଚେଷ୍ଟା କଲେ । ତାଙ୍କର ମୁଖ୍ୟ ଅଭିଯୋଗ ହେଲା ସଂଳାପ ମାଧ୍ୟମରେ ଆପଣ ଗାନ୍ଧୀ, ନେହେରୁଙ୍କୁ ସମାଲୋଚନା କଲେ କାହିଁକି ? ସଂଳାପଟି ଥିଲା –''ଏ ଯୁଗରେ ମନୁଷ୍ୟ ଯେତେ ଦେବତୁଲ୍ୟ ହେଲେ ମଧ, ମୃତ୍ୟୁ ପରେ, ସେ ଅବହେଳିତ । ତାକୁ କିଏ ପଚାରେ ନାହିଁ । ଯେପରି ଗାନ୍ଧୀ, ନେହେରୁଙ୍କୁ ଏ ଜାତି ପଚାରୁ ନାହିଁ । ତାଙ୍କୁ ସମସ୍ତେ ଭୁଲିଯିବାକୁ ବସିଲେଣି । କିଛି ଶହ ବର୍ଷ ପରେ ସେ ମଧ ଇତିହାସ ପୃଷ୍ଠାରୁ ଲିଭିଯିବେ ।

ଯୁବକ ବନ୍ଧୁ, କ୍ରୋଧରେ ଫାଟି ପଡୁଥିଲେ । ଏ ସବୁ ମନ୍ତବ୍ୟ କେବଳ ଦେଶଦ୍ରୋହୀଙ୍କର କାମ । ଦେଶଦ୍ରୋହୀମାନେ ଦେଶରେ ନାନା ଉତ୍‌ପାତ କରି ଚାଲିଛନ୍ତି । ସେମାନେ ହିଁ କେବଳ ଗାନ୍ଧୀ, ନେହେରୁଙ୍କୁ ସମାଲୋଚନା କରୁଅଛନ୍ତି । ତାଙ୍କର କହିବାର ଉଦ୍ଦେଶ୍ୟ ହେଲା, ଗାନ୍ଧୀ, ନେହେରୁଙ୍କର ବିରୁଦ୍ଧରେ କିଛି କହିବାଟା ଗୋଟାଏ ଧର୍ତ୍ତବ୍ୟ, ଜଘନ୍ୟ ଅପରାଧ ।

କିଛି ସମୟ ମୁଁ ଚିନ୍ତା କଲି । ଆଜିର ଯୁବପୀଢ଼ି ଯେ ଗାନ୍ଧୀ, ନେହେରୁଙ୍କୁ ଭୁଲି ନାହାନ୍ତି, ତାହା ମୋତେ ବଡ଼ ଆଶ୍ଚର୍ଯ୍ୟ ଲାଗିଲା । ମୁଁ ଅଥଚ ଗାନ୍ଧୀଙ୍କୁ ଦର୍ଶନ କରିବାର ସୁଯୋଗ ପାଇଛି । ନେହେରୁ, ଶାସ୍ତ୍ରୀଜୀ, ପଟେଲ୍, ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସ୍ୱଚକ୍ଷୁରେ ଦର୍ଶନ କରି, ତାଙ୍କର ଭାଷଣ ଶୁଣି, ଚକ୍ଷୁ, କର୍ଣ୍ଣକୁ ପବିତ୍ର କରିଅଛି । ଗାନ୍ଧୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ, ସୁତାକାଟି, ଖଦଡ଼ ଲୁଗା ବହୁବର୍ଷ ପର୍ଯ୍ୟନ୍ତ ମୁଁ ପରିଧାନ କରିଅଛି । ତେବେ ମୋର ବର୍ତ୍ତମାନ ଭୁଲ୍ ରହିଗଲା କେଉଁଠି ? ମୁଁ ତ ଜଣେ ଗାନ୍ଧୀଜୀଙ୍କର ଏବେ ମଧ ପରମ ଭକ୍ତ । ସତ୍ୟ, ନ୍ୟାୟ ପଥରୁ ଏବେ ମଧ ମୁଁ ବିଚ୍ୟୁତ ନୁହେଁ । ଦେଲବୋଇ ଗାନ୍ଧୀ ସେବାଗ୍ରାମ ସମ୍ମିଳନୀରେ ମୁଁ ଜଣେ ଥିଲି ସ୍ୱେଚ୍ଛାସେବୀ । ତେବେ ମୁଁ କ'ଣ ଅନ୍ୟାୟ କରିଛି, ତାକୁ ଖୋଜିବାକୁ ଚେଷ୍ଟା କଲି । ଉତ୍ତର ତ ସହଜେ ମଥାକୁ ଯୁଟେ ନାହିଁ । ଏଥିପାଇଁ କିଛି ସମୟ ଆବଶ୍ୟକ । ମୁଁ ଉତ୍ତର ଦେବାକୁ ଆରମ୍ଭ କଲି – ଆପଣମାନେ ଗାନ୍ଧୀଜୀ, ଶାସ୍ତ୍ରୀଜୀଙ୍କୁ ମନେ ରଖିଛନ୍ତି ? ଯେତେବେଳେ ସମଗ୍ର ଦେଶବାସୀ, ରାଜ୍ୟବାସୀ ଜାତିର ଜନକଙ୍କୁ ଭୁଲିଯିବାକୁ ବସିଲେଣି, ସେତେବେଳେ ଆପଣ ଯେ ମନେ ରଖିଛନ୍ତି, ସେଥିପାଇଁ ମୁଁ ବହୁତ ଆନନ୍ଦ ଅନୁଭବ କରୁଅଛି । ଆପଣମାନେ ସେମାନଙ୍କୁ ମନେରଖନ୍ତୁ ଓ ଅନ୍ୟମାନଙ୍କୁ ମନେ ରଖିବାକୁ କୁହନ୍ତୁ ଏହା ମୋର ନିବେଦନ । ତେବେ ଖାଲି ଗାନ୍ଧିଜୀଙ୍କୁ ମନେ ରଖିଦେଲେ, କ'ଣ ସବୁ ସମାସ୍ୟାର ସମାଧାନ ହୋଇଯିବ ? ଗାନ୍ଧୀଜୀଙ୍କର ଆଦର୍ଶକୁ ଆପଣ ମନେ ରଖିଛନ୍ତି ତ ? ଆପଣମାନେ ଆଜି ପାଶ୍ଚାତ୍ୟ

Digitized by srujanika@gmail.com

ସଭ୍ୟତାରେ ନିଜକୁ ଏପରି ଭାବେ ମଜାଇ ଦେଇଛନ୍ତି, ଭାଷାରେ, ଖାଦ୍ୟ, ପେୟରେ, ଚାଲି, ଚଳଣିରେ, ତାହା ଦେଖିଲେ, ଆପଣ ଭାରତୀୟ ବୋଲି ମନେହୁଏ ନାହିଁ । ଗାନ୍ଧିଜୀଙ୍କର ପ୍ରଥମ ବାଣୀ ଥିଲା ନିଶାବର୍ଜନ । ଆପଣମାନେ ନିଶା ବର୍ଜନ କରିଛନ୍ତି ? ମୁଁ ଆପଣଙ୍କୁ କହୁନାହିଁ, ଆପଣଙ୍କର ଯୁବସମାଜ, ଏ ଦେଶବାସୀ । ଏ ଦେଶର ନେତୃବୃନ୍ଦ, ଶାସକବୃନ୍ଦ, କେତେ ଜଣ ନିଶା ରାକ୍ଷସ କବଳରୁ ମୁକୁଳିତ ? ଆଜି, ଗାଁ, ଗାଁରେ ମଦବନ୍ୟା ଛୁଟିଛି । ମଦ ଆଜି ଘରେ, ଘରେ କୁଟୀର ଶିଳ୍ପରେ ପରିଣତ ହୋଇଅଛି । ସରକାର ଲଜ୍ଜାହୀନ ଭାବେ ରାଜ୍ୟରେ ମଦ ନିଗମ ସୃଷ୍ଟି କରିଛନ୍ତି । ଏ କ'ଣ ଥିଲା ବାପୁଜୀ, ଶାସ୍ତ୍ରୀଜୀ, ନେହେରୁଜୀଙ୍କର ଆଦର୍ଶ । ଯେଉଁମାନେ ଆଜି ସେମାନଙ୍କର ଆଦର୍ଶକୁ ଜଳାଞ୍ଜଳି ଦେଇଛନ୍ତି, ସେମାନେ ଗାନ୍ଧୀ, ନେହେରୁଙ୍କୁ ମନେରଖି ଲାଭ କ'ଣ ?

ଆପଣମାନଙ୍କ ମଧ୍ୟରୁ କେତେଜଣ ସତ୍ୟର ଉପାସକ । କେତେଜଣ ସତ୍ୟବଚନ କହନ୍ତି । ମିଥ୍ୟା ପ୍ରତିଶ୍ରୁତିରେ ଆଜି ନେତାମାନେ ଗରୀବ, ନିଷ୍ପେଷିତ ଜନସାଧାରଣଙ୍କୁ ଠକିବାରେ ଲାଗିଛନ୍ତି । ସେମାନେ ଗାନ୍ଧିଜୀଙ୍କୁ ମନେ ରଖିଛନ୍ତି କେବଳ ନିର୍ବାଚନ ଜିତିବା ପାଇଁ । ସଭା, ସମିତିରେ ଗାନ୍ଧୀଜୀଙ୍କ ନାଁ ବହୁବାର କହୁଛନ୍ତି । ଏମାନେ କିନ୍ତୁ କରୁଛନ୍ତି କ'ଣ ? ଏହାର ଉତ୍ତର ଆପଣ ଦେଇପାରିବେ ? ଗାନ୍ଧିଜୀଙ୍କୁ ଏପରି ମନେରଖିବାର ଅର୍ଥ କ'ଣ ? ମୋର ଉତ୍ତର ଶୁଣି ଦର୍ଶକମାନଙ୍କ ଦୃଷ୍ଟି, ପ୍ରଶ୍ନକର୍ତ୍ତାଙ୍କ ଉପରେ ଆବଦ୍ଧ ହେବାକୁ ଲାଗିଲା । ପ୍ରଶ୍ନକର୍ତ୍ତା କ'ଣ ଆଉ ପଚାରିବେ, କିଛି ସ୍ଥିର କରିପାରୁନଥାନ୍ତି ।

ମୋର ମନରେ ବାରମ୍ବାର ପ୍ରଶ୍ନ ଉଠୁଥାଏ, ସମାଜ ଆଜି କ'ଣ ହେବାକୁ ଯାଉଅଛି । ଦେଶର ଅବସ୍ଥା ଦେଖିଲେ, ଆଖିରୁ ଲୁହ ବୋହି ଆସୁଅଛି । ଅନାହାର ମୃତ୍ୟୁ, ନାରୀ ନିର୍ଯ୍ୟାତନା, ହତ୍ୟା, ଏତ ନିତିଦିନିଆ ଖବର । ସମ୍ବାଦପତ୍ରମାନେ ଆଜିକାଲି ତାଙ୍କର କର୍ତ୍ତବ୍ୟ ସୁଚାରୁରୂପେ ପାଳନ କରୁଅଛନ୍ତି । ଯେଉଁଠି ଅନ୍ୟାୟ ଦେଖାଦେଉଛି, ଗଣମାଧ୍ୟମ ତାହା ପ୍ରକାଶ କରି ତା'ର ଦୃଢ଼ ପ୍ରତିବାଦ କରୁଅଛି । ଗାନ୍ଧୀଜୀତ ଅନ୍ୟାୟର ପ୍ରତିବାଦ କରୁଥିଲେ । ତେବେ ନୀରିହ ଜନତା ଅନ୍ୟାୟର ପ୍ରତିବାଦ କରୁ ନାହିଁ କାହିଁକି ? ଶାସନ କଳକୁ ବଦଳାଇ ଦେଉ ନାହାନ୍ତି କାହିଁକି ? ମୋର ମନ ହେଉଥିଲା, ଭଦ୍ରବ୍ୟକ୍ତିଙ୍କୁ ଏହି ସବୁ ବିଷୟକୁ ଆଧାରିତ କରି କେତୋଟି ପ୍ରଶ୍ନ ପଚାରିବାକୁ । ନୂଆ ହୋଇ କଲେଜ ୟୁନିୟନ୍‌ର ସଭାପତି ଯେତେବେଳେ ସେ ହୋଇଛନ୍ତି, ସଭା, ସମିତିରେ ତାଙ୍କର କରିସ୍ମା ତ ସେ ନିଶ୍ଚୟ କିଛି ଦେଖାଇବେ । ମୁଁ ଭାବିଲି ବୋଧହୁଏ, ଏହା ତାଙ୍କର ସ୍ଥିତିକୁ ଓ ଗତିବିଧିକୁ ପ୍ରମାଣିତ କରିବା ପାଇଁ, ମୋ ପ୍ରତି ପ୍ରଶ୍ନ କରିବାର ଉଦ୍ଦେଶ୍ୟ ଥିଲା । ଆଉ ଅଧିକ ପ୍ରଶ୍ନ ପଚାରିବାକୁ ପ୍ରଶ୍ନକର୍ତ୍ତାଙ୍କ ପାଖରେ କିଛି ନଥିଲା । ଆଉ ମଧ ମୁଁ ଶୁଣିବାକୁ ପାଇଲି, ପ୍ରଶ୍ନକର୍ତ୍ତା ପ୍ରଚୁର ମଦ୍ୟପାନ

Digitized by srujanika@gmail.com

କରିଥିଲେ । ମଦ୍ୟ ଉପରେ ମୋର ବକ୍ତବ୍ୟକୁ ସେ ଖାଲି ଶୁଣୁଥିଲେ ସିନା, ନିଜେ ରାହା ଅନ୍ୱେଷଣ କରି କିପରି ପ୍ରେକ୍ଷାଳୟ ଛାଡ଼ି ଚାଲିଯିବେ, ତା'ର ସୁଯୋଗ ଉଣ୍ଡୁଥିଲେ । କାରଣ ଦର୍ଶକଙ୍କ ଦୃଷ୍ଟି ସେତେବେଳେ ତାଙ୍କ ଉପରେ କ୍ରମେ, କ୍ରମେ କେନ୍ଦ୍ରୀଭୂତ ହେବାକୁ ବସିଲାଣି, ଆଉ ଦର୍ଶକଙ୍କ ମଧ୍ୟରୁ କେତେକ ତାଙ୍କୁ ପ୍ରଶ୍ନ ପଚାରିବାକୁ ଉଦ୍ୟତ ହେଲେଣି । ଏହି ସମୟରେ ତାଙ୍କର ଦୁଇଜଣ ବନ୍ଧୁ, ତାଙ୍କୁଣି, ଟାଣି ପ୍ରେକ୍ଷାଳୟ ବାହାରକୁ ନେଇଗଲେ । କିନ୍ତୁ ତାଙ୍କ ମୁଖ ନିଃସୃତ ମଦ ଗନ୍ଧ, ପ୍ରେକ୍ଷାଳୟର ପରିବେଶକୁ ପ୍ରଦୂଷିତ କରିବା ସଙ୍ଗେ, ସଙ୍ଗେ ସେ ଚାଲିଗଲେ ମଧ୍ୟ ପ୍ରେକ୍ଷାଳୟରୁ ଅପସରି ନଥିଲା । ମୁଁ କେବଳ ସେହି ଯୁବକଙ୍କୁ ଲକ୍ଷ୍ୟ କରୁଥିଲି ଏମାନେ ଯଦି ଆଜି ଗାନ୍ଧୀ, ନେହେରୁଙ୍କର ସଚ୍ଚା ଭକ୍ତ ହୋଇଯାଆନ୍ତେ, ଦେଶରୁ ଦୁର୍ଦ୍ଦିନ ନିଶ୍ଚୟ ଦୂର ହୋଇଯାଆନ୍ତା ।

* * *

Digitized by srujanika@gmail.com

ସେବା

"ଆପଣମାନଙ୍କର ମୁଁ କି ସେବା କରିପାରେ ?" – ଆଗନ୍ତୁକମାନଙ୍କ ଉଦ୍ଦେଶ୍ୟରେ ସ୍ମିତହାସ୍ୟର ରେଖାଟିଏ ମୁଖମଣ୍ଡଳରେ ଟାଣି ଯୋଡ଼ହସ୍ତରେ ଅନୁନୟ, ବିନୟ ସହକାରେ ଯୋଗାଣ ବିଭାଗ ଅଫିସର ମହାବାହୁ ଶର୍ମା ପୁଛା କଲେ ।

ଆଗନ୍ତୁକମାନେ ଅନ୍ୟ କେହି ନଥିଲେ ସେମାନେ ଥିଲେ ସ୍ଥାନୀୟ ବିରୋଧିଦଳର ନେତୃବୃନ୍ଦ । 'ଆଜି ସମ୍ବର୍ଦ୍ଧନା ଉତ୍ସବ' – ଏକଥା କ'ଣ ଆପଣଙ୍କୁ ପାଣିଦଣ୍ଡ ବାବୁ କହିନାହାନ୍ତି ? ତାଙ୍କ ଉପରେ ଏ ସମସ୍ତ ଦାୟିତ୍ୱ ଥିଲା । ଗତ ରାତିରେ ସେ ଆମକୁ କହିଲେ – ବାବୁ ମହାବାହୁଙ୍କୁ ଦେଖାକରିବ, ମୁଁ ତାଙ୍କୁ କହିଛି ସେ ସମସ୍ତ ବନ୍ଦୋବସ୍ତ କରିଦେବେ ।

'ସମ୍ବର୍ଦ୍ଧନା ଉତ୍ସବ' – କାହାର ଆଜ୍ଞା । ଏ ସମ୍ବର୍ଦ୍ଧନା ଉତ୍ସବରେ ଶାସକଦଳର ସଭାପତିଙ୍କର ଅବଦାନ କ'ଣ ? ଆଜି ସକାଳେ ସେ ମୋ ପାଖକୁ ଆସିଥିଲେ । ସ୍ପଷ୍ଟ କହିଯାଇଛନ୍ତି – ଯେ କେହି ଲୋକ ଆସିଲେ ପଇସାଟିଏ ତାଙ୍କୁ ଦବ ନାହିଁ । ଏ କଥା ଅତି ବିନୟ ସହକାରେ ମହାବାହୁ ଶର୍ମା ଓରଫ୍ ଯୋଗାଣ ବିଭାଗ ଅଫିସର ସମସ୍ତଙ୍କୁ ଜଣାଇ ଦେଲେ । ଏ କଥା ଶୁଣି ସମସ୍ତଙ୍କ ମୁହଁ କଳାକାଠ ପଡ଼ିଗଲା । ଲୋକଟା କେଡେ ବଦ୍‌ମାସ । ଆଗରୁ ମନା କରି ଦେଇଥିଲେ, ଅନ୍ୟକିଛି ବିକଳ୍ପ ବନ୍ଦୋବସ୍ତ କରାଯାଇପାରିଥାନ୍ତା । ଏବେ ହବ କ'ଣ ? ମହାବାହୁ ଶର୍ମା ଯେପରି କହିଲାଣି – ସେ ଆଉ ପଇସାଟିଏ ନ ଦିଏ । ଏ ସଭାପତି ପାଣିଦଣ୍ଡବାବୁ କେଡ଼େ ହାରାମି । ଆମ ସାଙ୍ଗରେ ଖେଳ ଖେଳୁଛି । ଦେଖିବା, ଏ କିମିତି ଆମ ପାଖରୁ ଖସିଯିବ – ଜଣେ ଆଗନ୍ତୁକ ନେତା କ୍ରୋଧଭରା କଣ୍ଠରେ ଧମକି ଶୁଣାଇ ଦେଲେ । କାହାର ସମ୍ବର୍ଦ୍ଧନା ଉତ୍ସବ । ଆପଣମାନେ କହିଲେ ନାହିଁ । ମୁଁ ସେଥିପାଇଁ କି ସେବା କରିପାରେ ? ଶର୍ମାଙ୍କର ପ୍ରଶ୍ନରେ ଜଣେ ଆଗନ୍ତୁକ କହିଲେ – ସେବା ନୁହେଁ ଆଜ୍ଞା, ନେବା ପାଇଁ ଆମ୍ଭେମାନେ ଆସିଛୁ । ସେମାନେ ତ ଆପଣଙ୍କ ନିକଟରୁ ସବୁବେଳେ ନେଉଛନ୍ତି । ଆମେ ତ ଏଇମାତ୍ର ଆସିଲୁ ।

କଥାଟାକୁ ଠିକ୍ ଭାବରେ ଠଉରେଇ ନେଲେ ମହାବାହୁ ଶର୍ମା । ଆଉ ମଧ୍ୟ ସେ ଭଲ କରି ବୁଝିନେଲେ ପାଣିଦଣ୍ଡବାବୁ କାହିଁକି ପଇସାଟିଏ ନ ଦେବାକୁ ପରାମର୍ଶ ଦେଇଗଲେ । ଏବେ ସେ କରିବେ କ'ଣ ? ଯଦି ଦେବେ, ତା'ହେଲେ ପାଣିଦଣ୍ଡ ବାବୁଙ୍କର ବିଷଦୃଷ୍ଟିରେ ପଡ଼ିବେ । ଶାସକ ଦଳର ନେତା ମନ୍ତ୍ରୀମାନେ ତାଙ୍କର ଖାସ୍ ନିଜର ଲୋକ । ଏଭଳି ପରିସ୍ଥିତିରେ କ'ଣ ଯେ କରାଯିବ ସେ କିଛି ବୁଝିପାରିଲେ ନାହିଁ । ଏଭଳି କଥାବାର୍ତ୍ତା ଚାଲିଥିଲା ବେଳେ ପିଅନ୍ ଟୋକାଟା ଲିମ୍ବା ବୋତଲ

Digitized by srujanika@gmail.com

ଗୁଡ଼ାକ ଠପ୍‌ଠାପ୍ ଖୋଲି, ଜଣକ ପରେ ଜଣକ ହାତକୁ ବଢ଼ାଇ ଦେଇଗଲା । ମହାବାହୁ ଶର୍ମ୍ମା ଅନୁନୟ ସହକାରେ କହିଲେ – ଯଦି କିଛି ଗରମ ଦରକାର, ତା'ହେଲେ ତା'ର ବନ୍ଦୋବସ୍ତ କରିବା । ଆଗନ୍ତୁକମାନଙ୍କ ଭିତରୁ ଜଣେ ହସି, ହସି କହିଲେ ଏ ଥଣ୍ଡା, ଗରମରେ ଚଳିବ ନାହିଁ, ଶର୍ମ୍ମାବାବୁ କିଛି ଷ୍ଟ୍ରଙ୍ଗ ଡ୍ରିଙ୍କର ବନ୍ଦୋବସ୍ତ ହେଉ । ମହାବାହୁ ଶର୍ମ୍ମା ହସି ହସି କହିଲେ – ଆଜ୍ଞା, ଏ ଷ୍ଟ୍ରଙ୍ଗ୍ ବାଲାଏ ହେଲେ ଶାସକ ଦଳର ଲୋକ । ଆପଣମାନେ ସବୁବେଳେ ନରମ ମାନେ ସଫ୍ଟ ଡ୍ରିଙ୍କ୍ ଚାହାନ୍ତି । ଆପଣ କ୍ଷମତାକୁ ଆସିଲେ, ଷ୍ଟ୍ରଙ୍ଗ୍ ଡ୍ରିଙ୍କର ଆପେ, ଆପେ ବନ୍ଦୋବସ୍ତ ହୋଇଯିବ । ସମାଜବାଦୀ ଫୋରମ୍‌ର ସେକ୍ରେଟାରୀ କହିଲେ – ଦେଖନ୍ତୁ ଶର୍ମ୍ମା ବାବୁ ଆମର ସମୟର ଖୁବ୍ ଅଭାବ । ଆଜି ପୂର୍ବୟୁରୋପ ଦେଶରୁ ଜଣେ ବଳିଷ୍ଠ ପ୍ରତିନିଧି, ଆମ ସହରକୁ ଆସୁଛନ୍ତି । ୪ଟା ବେଳେ ସେ ଆସି ପହଞ୍ଚିବେ । ତାଙ୍କୁ ସମ୍ବର୍ଦ୍ଧନା ଦିଆହେବ । ତାଙ୍କର ଖାଦ୍ୟପେୟ, ମଞ୍ଚସଜ୍ଜା, ଆଲୋକ ସଜ୍ଜା, ମାଇକ୍ ପ୍ରଭୃତି ପାଇଁ ଟଙ୍କା ୫ ହଜାର ନିହାତି ଦରକାର । ପାଣିଦଣ୍ଡ ବାବୁ ଶାସକ ଦଳର ସଭାପତି, କେଡ଼େ ବଦମାସ୍ ଲୋକ, ଯାହା ଆପଣ ତ ଜାଣିଛନ୍ତି । ଆମକୁ ଆପଣଙ୍କ ପାଖରୁ ନେଇଯିବ ବୋଲି କହି, ଏବେ ସକାଳୁ ଆସି ମନା କରିଦେଇ ଯାଇଛି । ସମସ୍ତଙ୍କୁ ଲକ୍ଷ୍ୟ କରି କହିଲେ – ସେ ଯଦି ସଭାକୁ ଆସେ, ମଞ୍ଚ ଉପରେ ବସିବା ପାଇଁ ତାକୁ ଦବ ନାହିଁ । ଜନତାଜନାର୍ଦ୍ଦନର ସଭାପତି, ଆମ ଦଳର ସଭାପତି ଓ ଅନ୍ୟମାନଙ୍କୁ ତଳ ମଞ୍ଚରେ ବସାଇବ । ତାକୁ ଏମିତି ପାନଟାଏ ଦେବା ଯେ, ସେ ସବୁଦିନକୁ ମନେ ରଖିଥିବ । ଦେଖିବା, ଦୁର୍ନିତୀ କରି କେତେଦିନ ଆଉ ସେ ତିଷ୍ଠି ରହିବ । ଆଉ ଜଣେ କହିଲେ – ବୁଝିଲେ ଶର୍ମ୍ମା ବାବୁ, ୫ ହଜାର ତ ଖୁବ୍ କମ୍ । ଦଶ ହଜାର ନହେଲେ କ'ଣ ହେବ ? ଆପଣ ଯଦି ଚାହିଁବେ, ଦଶହଜାରଟା କେତେ ଘଡ଼ି ?

ସଭାପରେ ସମ୍ବର୍ଦ୍ଧିତ ଭଦ୍ରବ୍ୟକ୍ତି ଓ ବିଶିଷ୍ଟ ଲୋକମାନଙ୍କୁ ଭୁରିଭୋଜନରେ ଆପ୍ୟାୟିତ ନ କଲେ, ଏ ସମ୍ବର୍ଦ୍ଧନର ମହତ୍ୱ ରହିବ କେଉଁଠି ?

ଚିନ୍ତାମଗ୍ନ ହୋଇ ପଡ଼ିଲେ ମହାବାହୁ ଶର୍ମ୍ମା । କ'ଣ କରିବେ ? ଏମାନେ ଯେ ଜଣେ, ଜଣେ ତୁଙ୍ଗ ନେତା । ଏଥର ଶାସକ ଦଳର ଅବସ୍ଥା ଯାହା, ସେଥିରେ ଶାସକଦଳ ସହଜରେ କ'ଣ ଭୋଟ ବୈତରଣୀ ପାର ହୋଇପାରିବେ ? ରାଜ୍ୟସଭାରେ ସମ୍ବିଧାନ ସଂଶୋଧନ ବିଲ୍ କାଟଖାଇଯିବା ପରେ, ଏଗୁଡ଼ିକଙ୍କର ଲୋକଙ୍କ ଆଗରେ ମୁହଁ ଦେଖାଇବାର ଆଉ ସତ୍ ସାହସ ନାହିଁ । ତେବେ ଏ ଯୋଗାଣ ଅଫିସର ବାବୁଟା ଯେ, ସମସ୍ତଙ୍କୁ ଖାଲି ଚାନ୍ଦା ଦେଉଥିବ, ସେପରି କିଛି ତ ଲେଖା ହୋଇନାହିଁ । ଶର୍ମ୍ମା ବାବୁ ତାଙ୍କୁ ମନା କରିଦେବେ, ଆଗକୁ ବିପଦ । କିଛି ଦେଇ ସବୁଦିନକୁ ମୁହଁ ବନ୍ଦ କରିଦେବା ନିହାତି ଦରକାର । ଯେଉଁମାନେ ବେଶୀ ଦୁର୍ନିତୀ କଥା କହୁଛନ୍ତି, ସେମାନଙ୍କୁ ଅନ୍ତତଃ ଦୁର୍ନିତୀର ଖାଇଟିଏ ଖୋଳି, ସେଥିରେ ଥରେ

Digitized by srujanika@gmail.com

ପକେଇ ଦବା ଦରକାର । ଏ ତ ଗୋଟାଏ ଭଲ ମୌକା । ସମୟ ଆସିଲେ, ଏମାନଙ୍କୁ ସହଜରେ କଥା ପଦେ କହିହବ ।

ମହାବାହୁ ଶର୍ମା ହାତଯୋଡ଼ି ଆରମ୍ଭ କଲେ — ପାଞ୍ଚହଜାର, ଦଶହଜାର ଟଙ୍କା ମୁଁ କେଉଁଠୁ ଦେବି, ଆପଣମାନେ କୁହନ୍ତୁ । ଆପଣମାନେ ସଭା, ସମିତିରେ ଆମ ବିରୋଧରେ ସବୁବେଳେ କହୁଛନ୍ତି । ମୁଁ ଲାଞ୍ଚ ନେଇ କୋଠା ପିଟିଲି ବୋଲି ଭିଜିଲେନ୍ସ କୁ ରିପୋର୍ଟ କରେଇଛନ୍ତି । ମୁଁ ତ ଆଉ କାହାଠାରୁ କିଛି ନେଉନାହିଁ । ଆପଣ କହିଲେ, ଶାସକବାଲାଏ ନଉଛନ୍ତି - ସେ କଥା ସତ । ସେମାନେ ନଉଛନ୍ତି — ମୁଁ ବି ନଉଛି । ମୁଁ ନ ନେଲେ ଚଳିବି କିମିତି ? ଆପଣଙ୍କୁ ଦେଲେ, ଅନ୍ୟଠାରୁ ଭରିଣା କରିବା ହବ । ଆପଣମାନେ ସଭା, ସମିତିରେ ଚିଲେଇବେ । ଆପଣମାନେ ଯେତେ କହନ୍ତୁ, ଏ ପରିସ୍ଥିତିରେ ମୁଁ କ'ଣ କରିପାରେ ? ଆପଣ ଯେଉଁ ଧନ ନେବେ, ତାହା ଦୁର୍ନିତୀ ନୁହଁ କି ? ସେଥିରେ ଆପଣମାନେ କ'ଣ ଅଂଶୀଦାର ହବାକୁ ଚାହାନ୍ତି ? ମହାବାହୁ ଶର୍ମାଙ୍କର କଥାରେ ସମସ୍ତଙ୍କର ଚେତା ପଶିଗଲା । କେହି କିଛି ନ କହିଲେ ମଧ୍ୟ, ଶାସକ ଦଳର ସଭାପତି ପାଣିଦଣ୍ଡ ବାବୁଟା ଚାରିଆଡ଼େ ଅପ ପ୍ରଚାର କରିବୁଲିବ । ଏପରିକି ସମ୍ବାଦପତ୍ରରେ ଖବରଟା ବାହାରି ଯାଇପାରେ । ଆଗରେ ନିର୍ବାଚନ । କ'ଣ କହି ଏମାନେ ଲୋକମାନଙ୍କୁ ସଫେଇ ଦେବେ । ଲକ୍ଷାଧିକ ଟଙ୍କା ଚୋରୀ କଲେ, ଯେଉଁ ଚୋର, କାକୁଡ଼ି ବାଡ଼ିରୁ କାକୁଡ଼ିଟେ ଚୋରୀକଲେ, ସେଇ ଚୋର । ବର୍ତ୍ତମାନ ହବ କ'ଣ ? ଏମାନେ ପାଣିଦଣ୍ଡବାବୁର କଥାକୁ ବିଚାରକରି ଏକାବେଳକେ ନିଶ୍ଚିତ ହୋଇଯାଇଥିଲେ । ନହେଲେ କାହାପାଖରୁ କିଛିଟା ସଂଗ୍ରହ କରିଥାନ୍ତେ । ମହାବାହୁ ଶର୍ମାଠାରୁ ନବାଟା ଅପରାଧ ଛଡ଼ା ଅନ୍ୟ କିଛି ନୁହେଁ । ପାଣିଦଣ୍ଡ ବାବୁକୁ ଦେଖେଇ, ସେମାନେ ଯାହା ଅସୁଲ କରିଥାନ୍ତେ, ସେ ଅଠା ତା' ମୁଣ୍ଡରେ ବୋଳା ହୋଇଥାନ୍ତା । ଏବେ ଚାଲାକି କରି ସେ ଖସିଗଲା । ଯେଉଁମାନେ ଆସିଥିଲେ । ନିରୋଡା ବିରୋଧିଦଳର ଲୋକଗୁଡ଼ାକ । ସଭା, ସମିତିରେ ଏମାନେ ତ ସବୁବେଳେ ମହାବାହୁ ଶର୍ମା ଉପରେ ଦୋଷଟା ଢ଼ାଳିଥାନ୍ତି । ଏବେ କରାଯିବ କ'ଣ ?

ଆଗନ୍ତୁକଙ୍କ ଭିତରୁ ଜଣେ କହିଲେ — ଧନ୍ୟବାଦ, ମହାବାହୁ ଶର୍ମା । ଆମେ ଆପଣଙ୍କଠାରୁ କୌଣସି ଚାନ୍ଦା ନେବୁ ନାହିଁ । ଗୋଟିଏ ପକ୍ଷରୁ ନିର୍ଦ୍ଦେଶ ଆସିଛି — ଦୁର୍ନିତୀ ବିରୁଦ୍ଧରେ କଡ଼ାକଡ଼ି ଭାବରେ ଆଲୋଚନା କରିବାକୁ ହେବ । ତେବେ ମନେରଖନ୍ତୁ ପଅରିଦିନ ସକାଳ ଦଶଟା ବେଳେ ଆପଣଙ୍କ ଅଫିସ୍ ଘେରାଉ ହବ । ଆପଣ କିରୋସିନ୍ ଡିଲର୍‌ମାନଙ୍କୁ ଦେଇ, ସେମାନଙ୍କୁ କଳାବଜାରରେ ବିକିବାକୁ ପ୍ରୋତ୍ସାହିତ କରିଥିବା କଥା, ୬ଜଣ ଡିଲର୍ ଆମକୁ ଲିଖିତ ଆକାରରେ ଜଣାଇଛନ୍ତି ।

ଏ କଥା ଶୁଣି ମହାବାହୁ ଶର୍ମା ଏପରି ଗୋଟାଏ ବିଦ୍ରୁପ ହସ ହସିଲେ ଯେ,

Digitized by srujanika@gmail.com

ସତେ ଯେପରି ଗୋଟାଏ ଚଡ଼କ ପଡ଼ିଗଲା । ମହାବାହୁ ବାବୁ ତାଚ୍ଛଲ୍ୟ କରି ଏମିତି ଉତ୍ତରଟିଏ ଦେଲେ ଯେଉଁଥିରେ ନେତାଙ୍କଣଙ୍କର ପିଳେହି ପାଣି ହୋଇଗଲା । ମହାବାହୁ ଶର୍ମା କହିଲେ – ବୁଝିଲେ ମହାଶୟେ, ଯେ ଢଙ୍ଗମୁଣା ପିନ୍ଧିଛି, ସେ କ'ଣ ପରିସ୍ରା କରିବାକୁ ବାଟ ରଖିନି । ଆପଣଙ୍କୁ ଲେଖାଇ ଦେବାଟା ସତ । ଆପଣଙ୍କୁ ଲେଖାଇ ଦେବା ପରେ, ସେମାନେ ଆମ ପାଖକୁ ଆସି, ଆପଣ ଆପଣଙ୍କ ଦଳର ଗୁଣ୍ଡାମାନଙ୍କୁ ନେଇ, ସେମାନଙ୍କୁ ଭୟଭୀତ କରାଇ, ସେମାନଙ୍କ ପାଖରୁ ଲେଖାଇ ନେଇଥିବା କଥା ପୋଲିସ୍‌ଥାନାରେ ରିପୋର୍ଟ କରିବାକୁ, ମୋ ଆଗରେ ଦେଇଯାଇଛନ୍ତି । ମୁଁ ଆପଣମାନେ ଯିବାପରେ, ଥାନାକୁ ସେ ସବୁ ବଡ଼ ହାକିମ ପାଖକୁ ପଠାଇଦେବା ପାଇଁ, ସବୁ ବନ୍ଦୋବସ୍ତ ହୋଇସାରିଲାଣି । ବୁଝିଲେ ଆଜ୍ଞା, ଆପଣମାନେ ଡାଳେ ଡାଳେ ଗଲେ, ଆମେ ସବୁ ପତ୍ରେ, ପତ୍ରେ ଯିବା ଲୋକ । ଆମ ହାତରେ ମନ୍ତ୍ରୀ ଅଛନ୍ତି, ସେ ମାସକୁ ୨୦ ହଜାର ଦଳ ପାଇଁ ଚାନ୍ଦା ନିଅନ୍ତି । ତେଣୁ ଏ ସବୁ ଫାଲ୍‌ତୁ କଥା ଆପଣମାନେ ନ କହି, ହେଇ ଧରନ୍ତୁ, ୩ ହଜାର ଟଙ୍କା, ତାହା ମୋର ଯତ୍‌କିଞ୍ଚିତ୍ ଦାନରୂପେ ଗ୍ରହଣ କରି ନିଅନ୍ତୁ । ଆଉ ମନେରଖିବେ, ଏ କଥାକୁ ମୁଁ ଟେପ୍ କରି ନେଇଛି । ସେଇଟାକୁ ଆମ ଶାସକ ଦଳର ଲୋକମାନେ ସଭା, ସମିତିରେ ବଜାଇ, ଆପଣଙ୍କୁ ପଦାରେ ପକାଇଦେବେ ।

ନେବା ପାଇଁ ଟଙ୍କା ଧରି, ସମସ୍ତଙ୍କର ମନ ଥିଲା କିଏ ଆଗ ହାତ ବଢ଼ାଇବେ, ସେ କଥା ଦେଖିବାକୁ, ସମସ୍ତେ ପରସ୍ପରର ମୁହଁକୁ ଚାହିଁ ରହିଲେ । ମହାବାହୁ ଶର୍ମା ନୋଟ ବିଡ଼ାଟିକୁ ହାତରେ ଧରି ଦଶମିନିଟ୍ ପର୍ଯ୍ୟନ୍ତ ଠିଆ ହୋଇରହିଲେ । ଶେଷରେ ତାଙ୍କ ତୁଣ୍ଡରୁ ବାହାରି ଆସିଲା – ଦୁର୍ନିତୀ ନ କରୁଛି କିଏ ? ଦୁର୍ନିତୀ ତ ଗୋଟିଏ ପ୍ରକାର ସେବା । ଏହାଦ୍ୱାରା ଆପଣଙ୍କର ଉପକାର ହେବ । ସମ୍ବର୍ଦ୍ଧନା ସଭା ହବ । ଏକଥା ଶୁଣି କାହା ତୁଣ୍ଡରୁ କିଛି କଥା ସ୍ଫୁରିଲା ନାହିଁ । ଯଦି ୩ ହଜାର ଟଙ୍କା ନନେଇ ଚାଲିଯିବେ, ତେବେ ଏତେ ଗୁଡ଼ାଏ ଟଙ୍କା କିଏ ବା ଦବ ? ଏଇ ଯେଉଁମାନେ ନେତା ଆଜି ସାଜିଛନ୍ତି, ସେମାନେ ଖାଲି ଲୋକମାନଙ୍କ ଠାରୁ ନେଇ, ନେଇ । କିଏ କେବେ କାହାକୁ କ'ଣ ଦେଇଛି ? ଖାଲି ମିଛ ପ୍ରତିଶ୍ରୁତି ଛଡ଼ା, ଲୋକେ ଏମାନଙ୍କଠାରୁ ଆଉ କିଛି ପାଇ ନାହାନ୍ତି । ଯେଉଁମାନେ ଯେତେବେଳେ କ୍ଷମତାକୁ ଆସିଛନ୍ତି, ସେମାନେ ଖାଲି ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇଛନ୍ତି । ତେବେ କିଏ ଟଙ୍କା ଧରିବ ? ମହାବାହୁ ଶର୍ମା ସମସ୍ତଙ୍କ ମୁହଁକୁ ଥରେ ଭଲ କରି ଚାହିଁଦେଲେ । ଏ ପରା ସମାଜବାଦୀ ଦଳର ଯୁବ କମିଟିର ସେକ୍ରେଟାରୀ । ମଦଭାଟିରୁ ରାଉତି ଚାନ୍ଦା ଅଦାୟ କରିବାରେ ଏ ସବୁବେଳେ ବ୍ୟସ୍ତ । ଆଖି ଦୁଇଟା ଏ ବାବୁଙ୍କର ଷ୍ଟ୍ରଙ୍ଗ ଡ୍ରିଙ୍କରେ, ବାଘର ଆଖିପରି ଦାଉ, ଦାଉ ଜଳୁଥାଏ । ଆଉ ଏ ଭଦ୍ରବ୍ୟକ୍ତି ପୂର୍ବତନ ବିଧାୟକ ଜନତାମଙ୍ଗଳ ସମିତିର ସଭାପତି । ବିଧାୟକ ଥିବାବେଳେ ଏ ଭଦ୍ରବ୍ୟକ୍ତି ୪ଖଣ୍ଡି ପକ୍କା ଘର ବନେଇଛନ୍ତି । ଆଉ ବାମପନ୍ଥୀ ସାମୁଖ୍ୟର ଏ ଭଦ୍ରଲୋକ ହେଉଛନ୍ତି ସେକ୍ରେଟାରୀ ଦେବରାୟ ।

Digitized by srujanika@gmail.com

ଶାସକ ଦଳକୁ ସମର୍ଥନ କରିବାକୁ ପ୍ରତିଶ୍ରୁତି ଦେଇ ଏ ମହାଶୟ ଓ ଏହାଙ୍କର ଦଳର ସଭ୍ୟମାନେ ମାସକୁ ୯ଟି ଲକ୍ଷଟଙ୍କା ମୁଖ୍ୟମନ୍ତ୍ରୀଙ୍କଠାରୁ ବକ୍‌ସିସ୍ ନେଉଥିଲେ । ଆଉ ଅନ୍ୟମାନେ କଥା ନ କହିବା ଭଲ । ସମସ୍ତଙ୍କ ପଛରେ କିଛି ନା କିଛି ଆଳୁଦୋଷ ଅଛି । କେତେବେଳେ ଆଗନ୍ତୁକ ନେତୃବୃନ୍ଦଙ୍କ ମଧ୍ୟରୁ ଅନାମଧେୟ ଜଣେ ଯୁବକ ମହାବାହୁ ଶର୍ମାଙ୍କ ହାତରୁ ଟଙ୍କା ତକ ଝାମ୍ପି ନେଇ ସ୍କୁଟର୍‌ରେ କୁଆଡ଼େ ଅନ୍ତର୍ଦ୍ଧାନ ହୋଇଗଲେ, ସେ କଥା ଭାବି ମନେ, ମନେ ହସୁଥିଲେ ମହାବାହୁ ଶର୍ମା । ଶର୍ମା ମହୋଦୟ କହିଲେ – ଏଥର ଆପଣମାନଙ୍କର କାମ ହୋଇଗଲା, ବିଦାୟ ନିଅନ୍ତୁ । ଆଜି ଯୋଗାଣ ବିଭାଗ ସେକ୍ରେଟାରୀ ୧୨ଟା ସମୟରେ ପହଞ୍ଚିବେ । ତାଙ୍କର ଖାଦ୍ୟ, ପେୟ, ଦାନ, ଦକ୍ଷିଣା ପାଇଁ ମୋତେ କିଛିଟା କାମ କରିବାକୁ ପଡ଼ିବ ।

ଉତ୍ତରକୁ ଅପେକ୍ଷା ନ କରି, ଶର୍ମାବାବୁ ଘରଭିତରକୁ ପଶିଯାଇ କବାଟକୁ ଆଉଜେଇ ଦେଲେ । ଏଥିରେ ନେତାମାନେ ଅପମାନ ବୋଧ କରିବା କଥା, କିନ୍ତୁ କାହାକୁ କ'ଣ ବା କହିବେ ? ଟଙ୍କା ଯେ ମିଳିଗଲା, ଏଇଟା ଥିଲା ସେମାନଙ୍କ ପାଇଁ ପରମ ଆନନ୍ଦ ।

ସମ୍ବର୍ଦ୍ଧନା ସଭା ଆରମ୍ଭ ହେବା ପୂର୍ବରୁ ଯେତେବେଳେ ଯୁବ ସମାଜବାଦୀ ଫୋରମ୍‌ର ସେକ୍ରେଟାରୀ ଅରମ୍ଭ କଲେ, ଆଜି ଏ ଯେଉଁ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଛି – ତାହା ଖୁବ୍ ସ୍ୱଳ୍ପ ସମୟ ଭିତରେ । ଯେଉଁ ଭାଇମାନେ ଆମ୍ଭମାନଙ୍କୁ ଆର୍ଥିକ ସାହାଯ୍ୟ, ସହଯୋଗ ଦେଇ ଏ ସଭାକୁ ସାଫଲ୍ୟ ମଣ୍ଡିତ କରିଛନ୍ତି - ସେମାନଙ୍କୁ ପ୍ରଥମେ ମୋର ହାର୍ଦ୍ଦିକ ଅଭିନନ୍ଦନ ।

ସେତେବେଳେ ଦର୍ଶକମାନଙ୍କ ଭିତରେ ୨ୟ ଧାଡ଼ିରେ ମହାବାହୁ ଶର୍ମା ବସି ନେତାଙ୍କର ଭାଷଣ ଶୁଣୁଥାନ୍ତି, ଯେତେବେଳେ ବକ୍ତାଙ୍କର ଆଖି ଶର୍ମା ମହାଶୟଙ୍କ ଉପରେ ପଡ଼ିଗଲା, ସେ ଚମକି ପଡ଼ିଲେ, ତାଙ୍କ ତୁଣ୍ଡରୁ ଭାଷା ଆସିଲାନି । ଶର୍ମାଜୀ ହାତଯୋଡ଼ି ସତେ ଯେପରି ତାଙ୍କୁ ଅଭୟ ପ୍ରଦାନ କରୁଥିଲେ ମିଛସତ କିଛି କହି ଯିବା ପାଇଁ ତାଙ୍କ ଭାବଭଙ୍ଗୀରୁ ଜଣପଡ଼ିଲା ମୋ ପାଇଁ ଚିନ୍ତା କରନି । ମୁଁ ତୁମ୍ଭମାନଙ୍କ ପରି ଜଣେ । ସେବା କରିବାକୁ ହେଲେ, ନିଜ ସହିତ ଅନ୍ୟମାନଙ୍କୁ ସେବା କରିବା ପାଇଁ ମୋ ଠାରୁ କିଛି ଆଦର୍ଶ ଗ୍ରହଣ କର ।

* * *

Digitized by srujanika@gmail.com

ରକ୍ତର ଡାକ

ଝିଅଟିକୁ ବାହାଦେଇ ଆପଣ ଖୁବ୍ ଭଲ କାମ କଲେ । ଜ୍ୱାଇଁଟି କରୁଛନ୍ତି କ'ଣ ? ଶୁଣିଥିଲି ପୋଲିସ୍ ଚାକିରୀ । ଆଉ ମଧ ଶୁଣିଲି – ପୁଅଟି କୁଆଡ଼େ ଅନ୍ୟ ଭାଷାଭାଷୀ ! ବିହାରୀ କି ଉତ୍ତର ପ୍ରଦେଶର ହେବେ ବୋଲି କିଏ ଜଣେ ମତେ କହିଲେ । କଥାଟିଏ ପଚାରିବି, କିଛି ମନ ଦୁଃଖ କରିବେନି ବିପ୍ରବାବୁ ? ଜ୍ୱାଇଁଟି ଆମ ଜାତିର ମାନେ ବ୍ରାହ୍ମଣ ନା ଇତର ଜାତିର ଲୋକ ? ଏକା ନିଶ୍ୱାସକେ କହିଯାଉଥିଲେ ବାଲ୍ୟବନ୍ଧୁ, ମଧୁସୂଦନ । କି ଉତ୍ତର ଯେ, ସେ ଦେବେ, ତା'ର କୂଳ, କିନାରା ପାଇଲେନି ବିପ୍ରବାବୁ । ମଧୁବାବୁଙ୍କ ପ୍ରଶ୍ନଗୁଡ଼ାକ ତାଙ୍କ ଦେହରେ ଶର ବିନ୍ଧିଲା ପରି ଫୋଡ଼ି ହୋଇଯାଉଥିଲା । ମଧୁବାବୁ ତାଙ୍କମନ କଥା ବୁଝି, ଆଉ ବେଶୀ କିଛି ପ୍ରଶ୍ନ ନ ପଚାରି ନମସ୍କାର କରି ବାହାରିଗଲେ । ମଧୁବାବୁ ଯିବାପରେ, ବିପ୍ରବାବୁ ଆଶ୍ୱସ୍ତିର ନିଶ୍ୱାସଟିଏ ମାରି ଘର ଆଡ଼େ ଯିବାକୁ ଉଦ୍ୟତ ହେଲେ । ଯାହାହେଉ ଲୋକଟା ଅଯଥାରେ ନାନାପ୍ରକାର ପ୍ରଶ୍ନଗୁଡ଼ାଏ କରି, ବିରକ୍ତ କରିପକାଉଥିଲା । ମଧୁବାବୁଙ୍କ ପରି ବହୁ ବନ୍ଧୁ, ବିପ୍ରବାବୁଙ୍କୁ ଝିଅ ବିଷୟରେ ଏଣୁ, ତେଣୁ ଗୁଡ଼ାଏ ପ୍ରଶ୍ନ କରନ୍ତି । କରିବାଟା ସ୍ୱାଭାବିକ । ଯେତେବେଳେ ସେମାନେ ସବୁ ହିତାକାଂକ୍ଷୀ, ତାଙ୍କ ଝିଅର ଖବର ଜାଣିବାକୁ ଆଗ୍ରହୀ ନ ହେବେ ବା କିପରି ? ଝିଅଟା ଯାଇ କ'ଣ ଖୁବ୍ ଭଲ ହେଲା ? ନିଜମନକୁ ପ୍ରଶ୍ନ କଲେ ବିପ୍ରବାବୁ । ଝିଅ ଜନ୍ମ କ'ଣ ଗୋଟିଏ ଅଭିଶାପ ? ଆଗକାଳରେ କେତେକ ଅଞ୍ଚଳରେ ଲୋକେ ଝିଅ ଜନ୍ମ ହେଲେ, ଝିଅକୁ ନେଇ ଗଙ୍ଗା ନଦୀରେ ଫିଙ୍ଗି ଦେଉଥିଲେ - ସେଇଟା କ'ଣ ଠିକ୍ ପନ୍ଥା ଥିଲା ? ଝିଅମାନେ କ'ଣ ଅଲୋଡ଼ା ? ସମାଜ ପାଇଁ, ସୃଷ୍ଟିପାଇଁ ତାଙ୍କର କ'ଣ ଆବଶ୍ୟକତା ନାହିଁ ? ଏମିତି ଗୁଡ଼ାଏ ଆଜେ, ବାଜେ ପ୍ରଶ୍ନ ତାଙ୍କ ମନରାଜ୍ୟକୁ ସବୁବେଳେ ବିବ୍ରତ କରି ପକାଉଥିଲା । ସପନା ଅର୍ଥାତ୍ ସ୍ୱପ୍ନକୁମାରୀ ତାଙ୍କର ଏକମାତ୍ର ଅଳିଅଳ କନ୍ୟା ଥିଲା । ଗେଲବସରରେ ବଢ଼ାଇ ନେଇଥିବାରୁ ଝିଅଟା ବେଶ୍ ଅଝଟ ଥିଲା । ପ୍ରତ୍ୟେକ କଥାକୁ ଜିଦ୍ ଧରୁଥିଲା । ପାଠ ପଢ଼ିବାକୁ ସ୍କୁଲ୍‌କୁ ପଠାଇଲେ, ସ୍କୁଲ୍ ନ ଯାଇ, ସାଙ୍ଗ ସାଥୀଙ୍କ ଘରେ ଲୁଚୁଥିଲା । ତେଣୁ ଅତି କଷ୍ଟରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସେ ଯାଇପାରିଥିଲା । ଗୁଣ ସାଙ୍ଗକୁ ରୂପବି ତଦ୍ରୂପ ଥିଲା । ବିପ୍ରବାବୁଙ୍କ ଚେହେରା, ରଙ୍ଗ ନେଇ ସେ ଜନ୍ମ ହୋଇଥିଲା । ସତେ ଯେପରି ବାପର ମୁହଁ । କିନ୍ତୁ ବାପର ବୁଦ୍ଧି ନଥିଲା । ତା' ପାଖରେ, ମା'ର ସମସ୍ତ କଦର୍ଯ୍ୟ ପ୍ରକୃତିକୁ ସେ ଅତି ସହଜରେ ଆୟତ୍ତ କରିପାରିଥିଲା । କୁତ୍ସିତ, କଦାକାର ରୂପ ସାଙ୍ଗକୁ କଦର୍ଯ୍ୟ ଗୁଣ ତା' ପାଇଁ ଥିଲା ଏକ ଅଭିଶାପ । ବିବାହ ବଜାରରେ କାଳିକନ୍ୟାଙ୍କର କାଟତି ଅତି କଷ୍ଟ । ମୋଟା ଯୌତୁକ ବିନିମୟରେ ହୁଏତ କେତେଟା ସରିଯାଇପାରନ୍ତି । କିନ୍ତୁ ବିପ୍ରବାବୁଙ୍କ ଆର୍ଥିକ ଅବସ୍ଥା

Digitized by srujanika@gmail.com

ସେତେ ସ୍ୱଚ୍ଛଳ ନଥିଲା । ଝିଅଟି ପାଇଁ ଯେଉଁ ଯୌତୁକର ଡିମାଣ୍ଡ ହୋଇଥାନ୍ତା, ତାକୁ ସେ ଭରିଣା କରିପାରିଥାନ୍ତେ କିପରି ? ଏଇ ଭଳି ତ କେତେ ଝିଅ, ଯୌତୁକ ଦାଉରେ ବାହା ନହୋଇପାରି, ବୁଢ଼ୀ ହେବାକୁ ବସିଲେଣି ସେମାନଙ୍କ କଥା ବିଚାର କରୁଛି କିଏ ?କେତେ ପରିବାରରେ, ଝିଅମାନେ ବାହା ହୋଇ ନପାରି ଏକ ସାଙ୍ଗରେ ଆତ୍ମହତ୍ୟା କରୁଥିବାର ବହୁଦୃଷ୍ଟାନ୍ତ ରହିଅଛି । ଏଭଳି ଅବସ୍ଥାରେ ଝିଅଟା ଯେ ଚାଲିଯାଇଛି, ତାହା ଏକରକମ ଭଲ ନୁହେଁତ ଆଉ କ'ଣ ? ଏଇଭଳି ଗୁଡ଼ାଏ ଭାବୁ, ଭାବୁ ରାସ୍ତାରେ ଗୋଟାଏ ବଡ଼ ପ୍ରଚାର ଗୋଷ୍ଠୀ ଆଗରେ ସେ ଯେ ପହଞ୍ଚିସାରିଲେଣି, ସେ କଥା ତାଙ୍କୁ ଜଣା ନଥିଲା । ବଡ଼ ଅକ୍ଷରରେ, ରଙ୍ଗବିରଙ୍ଗ ଚିତ୍ରରେ ଯାହା ଲେଖାଥିଲା, ତାହା ତାଙ୍କୁ ଆହୁରି ଆଶ୍ଚର୍ଯ୍ୟ କରିପକାଇଲା । ସରକାର ଲେଖିଛି – ୨୧ ବର୍ଷର ପୁଅକୁ ୧୮ ବର୍ଷର ଝିଅ, ବାହାହେବା ପାଇଁ ଉପଯୁକ୍ତ । ବିପ୍ରବାବୁ ଭାବିଲେ, କେତେଗୁଡ଼ାଏ ଗଞ୍ଜୁଡ଼ୁ, ବୋଧହୁଏ ଗଞ୍ଜେଇ ଟାଣି ଏହାକୁ ପ୍ରଚାର କରୁଛନ୍ତି । ହଇଓ ବାବୁ, ଝିଅ, ପୁଅ ବୁଢ଼ା, ବୁଢ଼ୀ ଆସି ହେଲେଣି ଯେ, ପାତ୍ର, ପାତ୍ରୀଟିଏ ମିଳୁନାହାନ୍ତି । ତୁମେ ପୁଣି ଲେଖିଛ କ'ଣ ? ଚାକିରୀ ଖଣ୍ଡିଏ ତୁମେ କାହାକୁ ଦେଇପାରିଲ ? ଚାକିରୀ ନଥିଲେ ଝିଅ ଦଉଛି କିଏ ? ବିପ୍ରବାବୁ ପୋଷ୍ଟରଟିକୁ ଭଲକରି ଦେଖିଲେ, ଆଉ ଥରେ ପଢ଼ିଲେ । ମନେ, ମନେ ବୁହାଏ ହସିଲେ । ପକେଟରୁ ନାସଦାନି ବାହାର କରି ଟିପେ କାଢ଼ି ପାଟିରେ ପକାଇ, ଘର ଆଡ଼କୁ ଆଗେଇଲେ । ଘରଭିତରକୁ ପଶିଯାଇ, ଛତା, ବାଡ଼ି ଥୋଇଦେଇ ସେ ଘରଣୀଙ୍କ ଉଦ୍ଦେଶ୍ୟରେ ଡାକ ଛାଡ଼ିଲେ – ହାଇଏ ସପନାର ବୋଉ, କ'ଣ କରୁଛ ? ଭିତରୁ ଉତ୍ତର ଆସିଲା ରନ୍ଧା ସରିଲାଣି, ଖାଇବ ଆସ । ବିପ୍ରବାବୁ ଭାବିଲେ ଖାଇବାଟା ନିହାତି ଦରକାର । ବଞ୍ଚିବାକୁ ହବଯେ । ତେବେ ମଧୁବାବୁଙ୍କ ତୁଣ୍ଡରୁ ବିଭିନ୍ନ ପ୍ରଶ୍ନଶୁଣି, ସେ ଏତେ ବ୍ୟସ୍ତ ହୋଇପଡ଼ିଲେ ଯେ, ତାଙ୍କୁ ଆଉ ଖାଦ୍ୟ ରୁଚୁନଥିଲା । ସେ ସ୍ଥିର କରିଥିଲେ, କିଛି ନ ଖାଇ ଶୋଇଯିବେ ।

ରନ୍ଧାଶାଳରୁ ପତ୍ନୀ ଲୁହା ଖଡ଼ିକାଟା ହାତରେ ଧରି ବିପ୍ରବାବୁଙ୍କ ପାଖକୁ ଛୁଟିଆସି ପରାମର୍ଶ ଦେଇ କହିଲେ – ଲୁଗାପାଲଟି ଗୋଡ଼ ହାତ ଧୋଉନ । ବେଳ ଆସି ମୁଣ୍ଡ ଉପରେ ହେଲାଣି, ଆଉ କେତେବେଳେ ଖାଇବ ? ପତ୍ନୀଙ୍କର କୌଣସି କଥାକୁ ଯେପରି ତାଙ୍କର ଭୃକ୍ଷେପ ନଥିଲା, ସେ ଖାଲି ଭାବୁଥିଲେ ତାଙ୍କ ଝିଅର କଥା । ଘରଣୀ ପୁନର୍ବାର ପ୍ରଶ୍ନ କଲେ ତୁମର ଆଜିକାଲି ହେଇଚି କ'ଣ ? କ'ଣ ଗୁଡ଼ାଏ ଏଣୁ, ତେଣୁ ଭାବୁଛ ? ହଜାରଥର କହିଲି – ଡାକ୍ତରଖାନା ଯାଇ ଡାକ୍ତରଙ୍କୁ ଦେଖାଅ ! କୌଣସି କଥାକୁ ଶୁଣୁନ । ସପନାର କଥା କ'ଣ ବୁଝିଲ ? ତାଙ୍କ ଗାଁ ଆଡୁ କିଏ ସବୁ ଆସିଛନ୍ତି ? ଝିଅଟା ଯାଇ ପାଞ୍ଚବର୍ଷ ହେଲା । କୋଉଠି ରହିଲା, କ'ଣ କରୁଛି, ବାପ, ଭାଇ ହେଇ କିଏ ଟିକିଏ ବୁଝିଲ ? ମୁଁ ମାଇପିଟେ କ'ଣ କରିବି ? ମୁଁ କ'ଣ ବାଣ୍ଡ, ମୁଣ୍ଡକୁ ଯାଉଛି ? ଭାଇମାନଙ୍କୁ କହିଲେ, ସେମାନେ ତ କଥାଟାକୁ

Digitized by srujanika@gmail.com

ଏ କାନରେ ପୂରାଇ ସେ କାନରେ ଛାଡ଼ିଦେଉଛନ୍ତି । ତୁମେ ଟିକିଏ ହେଲେ ଯାଅ । ଘରଣୀଙ୍କ କଥାରେ ସେ ଏତେ ବିରକ୍ତ ହୋଇପଡ଼ିଲେ ଯେ, ପଦେ ହେଲେ ଉତ୍ତର ଦେଲେ ନି । ଏଇ ମା'ତ ସବୁ ଅନର୍ଥର ମୂଳରେ ।

ବିପ୍ରବାବୁ ଭାବିଲେ – ସେ ଯାଇ ଟିକେ ଦେଖି ଆସିବକି ? କୁଆଡ଼େ ବା ଯିବେ ? ଏକେତ ଅର୍ଥର ଅଭାବ, ଦ୍ୱିତୀୟରେ ବୟସର ଆଧିକ୍ୟ । ଜ୍ୱାଇଁ ଯେଉଁ ଠିକଣା ଦେଇଥିଲେ, ସେ ଠିକଣାରେ ସେ ତ ୫ ଖଣ୍ଡ ଚିଠି ଦେଇ, ଉତ୍ତର ଖଣ୍ଡିଏ ପାଇଲେ ନି । ତେବେ ସେ ଯାଗା ଛାଡ଼ି କ'ଣ ଅନ୍ୟକେଉଁଠିକୁ ବଦଳି ହୋଇଗଲେ ? ଭାବନା ରାଜ୍ୟରେ ବୁଡ଼ିରହି ମଧ, ସେ କେତେବେଳେ ଗୋଡ଼, ହାତ ଧୋଇ, କୁଗାପାଇଟି, ଖାଇବା ଆସନରେ ଯେ ବସି ସାରିଲେଣି, ଏ କଥା ତାଙ୍କୁ ଜଣାଇ ନଥିଲା । ପତ୍ନୀ ଭାତଥାଳି ଆଣି ଥୋଇଦେବା ବେଳେ, ତାଙ୍କର ଚେତା ଫେରିଲା । ଖାଇବାକୁ ଇଛା ହେଲାନି । ଚଳୁକରି ଆସନରୁ ଉଠିଗଲେ । ଘରଣୀ ପାଟିକଲେ ହଇଏ ଉଠିଯାଉଛ କାହିଁକି ? ଖାଇସାରିବା ପରେ ଯାହା ଚିନ୍ତା କରିବ । କିନ୍ତୁ ବିପ୍ରବାବୁ କୌଣସି କଥା ନ ଶୁଣି, ଶୋଇବା ଘରକୁ ଚାଲିଗଲେ । ଝିଅଟା ଯେ ଆଜିକୁ ସାତଦିନ ଧରି ଖାଲି ଆଖି ଆଗରେ ନାଚୁଛି – ମୋର ଝିଅର – କ'ଣ ହେଲା କି ? କେତେ ଦିଅଁ, ଦେବତା କରି, କେତେ ରୋଗ, ବ୍ୟାଧିରୁ ବଞ୍ଚାଇ ସେ ତାକୁ ଏତୁଟିରୁ ଏତୁଟିଏ କରିଥିଲେ । ସେ ଝିଅ ଯେ କୁଆଡ଼େ ଗଲା, ସେ ସବୁ ଭାବି ସେ ଅସ୍ଥିର ହୋଇ ପଡ଼ିଲେ । ଆଖିକୋଣରେ ତାଙ୍କର ଲୁହ ଜକେଇ ଆସିଲା । ଶୋଇବା ଘର ଭିତରକୁ ଆସି, ପରିସ୍ଥିତିକୁ ଲକ୍ଷ୍ୟ କରୁଥିଲେ ଘରଣୀ । ସାନ୍ତ୍ୱନା ଦେବାକୁ ଯାଇ କହିଲେ – କାହିଁକି ମନଦୁଃଖ କରୁଛ ? ଝିଅ ମୋର ଖୁବ୍ ସୁଖରେ ଅଛି । ଏ ଲୋକଗୁଡ଼ାକର କଥାକୁ ବିଶ୍ୱାସ କରୁଛ କାହିଁକି ? ହେଇ ଗତ ସାଲ ଯେଉଁ ତା ଗାଁ ପାଖର ତୀର୍ଥଯାତ୍ରୀ ସବୁ ପୁରୀ ଆସିଥିଲେ, ସେମାନେ ମୋତେ କହୁଥିଲେ, ସପନା ଖୁବ୍ ଭଲରେ ଅଛି । ବିପ୍ରବାବୁ ଆଖିରୁ ଲୁହ ପୋଛିଲେ । ଖଟ ବାଡ଼ରେ ତକିଆକୁ ଆଉଜାଇ ଦେଇ, ସେ ଟିକିଏ ଲମ୍ବା ହୋଇ ଗଡ଼ିପଡ଼ିଲେ । ଯେତେ ସେ ସପନା କଥା ଭୁଲିଯିବାକୁ ଚେଷ୍ଟା କରୁଥିଲେ, ସପନା ତାଙ୍କ ଆଖି ଆଗରେ ସେତେ ନାଚି ଉଠୁଥିଲା । ବିପ୍ରବାବୁ ସମ୍ଭାଳି ପାରିଲେ ନାହିଁ । ପିଲାଙ୍କ ପରି କଇଁ, କଇଁ ହୋଇ କାନ୍ଦି ଉଠିଲେ ।

ତେଣେ ଘରଣୀ ତାଙ୍କର, ବିପ୍ରବାବୁ ଛାଡ଼ି ଯାଇଥିବା ଭାତ ସାଙ୍ଗକୁ ଡାଲି, ତରକାରୀ ଆଣି ଆକଣ୍ଠ ଭୋଜନ କଲେ । ବିପ୍ରବାବୁ ଭାବିଲେ – ଇଏ କ'ଣ ମା ? ଏଇ ମା' ପରା ଦଶମାସ, ଦଶଦିନ ଗର୍ଭରେ ଧରି ଝିଅକୁ ଜନ୍ମ କରିଥିଲେ । କାହିଁ ତା' ପାଇଁ ତ ତା' ମନରେ ମୋଟେ ଦୁଃଖ ନାହିଁ । ଝିଅ ଅସୁନ୍ଦରୀ ହେଲେ, କ'ଣ ହୋଇଯାଉଥିଲା, ମୋ ପାଖରେ ତ ଥା'ନ୍ତା । ମୁଁ ଯାହା ଖାଉଛି, ତା' ଖାଉଥାନ୍ତା । ତା' ଜୀବନ ଏ ମା' ବରବାଦ କରି ଦେଲା କାହିଁକି ? ଶୋଇବାକୁ ଚେଷ୍ଟା କଲେ

Digitized by srujanika@gmail.com

ବିପ୍ରବାବୁ । ନିଦ ଆସୁନି । ଶୋଇ ରହି ବିପ୍ରବାବୁ ସ୍ତ୍ରୀଙ୍କର ଗର୍ଜନ ଶୁଣିବାକୁ ପାଇଲେ । ଝିଅ ଖାଲି ଯେପରି ଯା'ଙ୍କର, ଆଉ ମୋର ଯେମିତି ଝିଅ ନୁହେଁ । ମୁଁ ହାରଟା ବନ୍ଧା ପକାଇ ଟଙ୍କା ଆଣୁଛି, ତୁମେ ସକାଳ ଗାଡ଼ିରେ ଯାଇ, ତାକୁ ସାଙ୍ଗରେ ଧରି ଚାଲିଆସ । ଏତକ ବିପ୍ରବାବୁଙ୍କୁ ଶୁଣାଇ ଦେଇ, ସେ ଯେପରି ଏକ ମହାନକର୍ତ୍ତବ୍ୟ ଶେଷ କରି ଦେଲାପରି, ନିଜ ଗମ୍ଭୀରାକୁ ଯାଇ ଆରାମ୍‌ରେ ଶୋଇପଡ଼ିଲେ ।

ବିପ୍ରଚରଣ ବାବୁ ପୁରୀ ସହରରେ ତାଙ୍କ ଯୌବନାବସ୍ଥାରୁ ଯାତ୍ରୀ ବ୍ୟବସାୟ କରି ବେଶ୍ ଦି' ପଇସା କମାଉଥିଲେ । ବୟସ ବୃଦ୍ଧି ସାଙ୍ଗକୁ, ସେ ବ୍ୟବସାୟ କରିବାକୁ ଆଉ ସକ୍ଷମ ହୋଇପାରିଲେ ନାହିଁ । ନିଜ ଘରଟିରେ ତୀର୍ଥଯାତ୍ରୀମାନଙ୍କୁ ସାମୟିକ ଆଶ୍ରୟ ଦେଇ, ସେଥିରୁ ଯାହା କିଛି ପାଉଥିଲେ, ସେଥିରେ ତାଙ୍କ ଗୁଜରାଣ ମେଣ୍ଟି ଯାଉଥିଲା ।

ଏଇ ସପନାର ବର, ଦିନେ ଜଣେ ତୀର୍ଥଯାତ୍ରୀ ଥିଲେ ଓ ବିପ୍ରବାବୁଙ୍କ ଘରେ ସାମୟିକ ଆଶ୍ରୟ ନେଇଥିଲେ । ସେତେବେଳେ ସପନା ସହିତ ତାଙ୍କର ଦେଖା । ପହିଲି ଦେଖାରେ ସେ ସପନାକୁ ନିଜର କରିନେଲେ । ଜଣେ ପ୍ରେମିକର ଦୃଷ୍ଟିରେ ସପନା ଥିଲା ଅନନ୍ୟା । ଏହି ସମ୍ପର୍କକୁ ଘନୀଭୂତ କରିଥିଲେ, ସପନାର ମାଆ, ବିପ୍ରବାବୁଙ୍କର ଧର୍ମପତ୍ନୀ । ଯେତେବେଳେ ବିପ୍ରବାବୁ ଏ କଥା ଜାଣିଲେ, ସେତେବେଳେ ତାଙ୍କ ମନରେ ଭୀଷଣ ପ୍ରତିକ୍ରିୟା ସୃଷ୍ଟି ହେଲା । ଜଣେ ଅପରିଚିତ ଯୁବକ, ଯାହାର ବଂଶ ମର୍ଯ୍ୟାଦା କାହାକୁ ଜଣାନାହିଁ, ସେଭଳି ଜଣେ ଯୁବକକୁ ସେ ଘରକୁ ଆସିବାକୁ ମନା କରିଦେଲେ ଓ ତା' ସାଙ୍ଗେ, ସାଙ୍ଗେ ତୀର୍ଥଯାତ୍ରୀମାନଙ୍କୁ ଆଉ ଘରେ ରଖିଲେ ନାହିଁ । ବିଦେଶାଗତ ଯୁବକ, ବିପ୍ରବାବୁଙ୍କ ପତ୍ନୀଙ୍କ ସାହାଯ୍ୟରେ ଘରକୁ ଆସନ୍ତି ଓ ସପନାକୁ ସାଙ୍ଗେ ନେଇ ଯିବାକୁ ପ୍ରସ୍ତାବ ଦିଅନ୍ତି । ସ୍ୱାମୀଙ୍କ କାନରେ କଥାଟା ପକାଇସାରିବାପରେ, ଯାହା କିଛି ସେ କହିବେ ବୋଲି ସପନାର ମା' ଉତ୍ତରଦିଅନ୍ତି । କିନ୍ତୁ ବିପ୍ରବାବୁ କନ୍ୟା ପାଇଁ ଉପଯୁକ୍ତ ପାତ୍ର ସନ୍ଧାନରେ ଥାଆନ୍ତି । ଘରଖଣ୍ଡି ବିକ୍ରୀ କରି ସେ ଝିଅକୁ ଭଲ ଘରେ ବାହା ଦେବାକୁ, ଏକରକମ ସ୍ଥିର କରିସାରିଥାନ୍ତି । କିନ୍ତୁ ସପନା ଯେ, ସେ ଯୁବକ ପ୍ରେମରେ ଉବୁଟୁବୁ ହେବାକୁ ବସିଲାଣି । ସପନା ଓ ଯୁବକ ସ୍ଥିରକଲେ, ଏକଥା ସେମାନେ ବିପ୍ରବାବୁଙ୍କୁ ଜଣାଇଦେବେ । ଯଦି ସେ ରାଜି ନ ହୁଅନ୍ତି ସେମାନେ ତାଙ୍କ ଆଗରେ ଘରଛାଡ଼ି ଚାଲିଯିବେ । ଏ କଥାରେ ସମ୍ମତି ଦେଇଥାନ୍ତି, ସପନାର ମା' ।

ବିପ୍ରବାବୁଙ୍କୁ ସପନା ଜଣାଇଦେଲା — ସେ ସେହି ଯୁବକଙ୍କୁ ହିଁ ବିବାହ କରିବ । ଅନ୍ୟ କାହାକୁ ନୁହେଁ । ବିପ୍ରବାବୁ ଏ କଥା ଶୁଣି ରାଗି ଉଠିଲେ, ଯୁବକକୁ ଘରୁ ବାହାର କରିଦେଇ, ଦୁଆର କିଳିଦେଲେ । ସପନା ଉପାୟହୀନା ହୋଇ, ନିଜ ଦେହରେ କିରୋସିନ୍ ଢାଳି ଆତ୍ମହତ୍ୟା କଲାବେଳେ, ରକ୍ଷା ପାଇ ଯାଇ, ବିକଳାଙ୍ଗ ରୂପ ଧାରଣ କଲା ।

Digitized by srujanika@gmail.com

ହସ୍‌ପିଟାଲ୍‌ର ଏକ ନିଭୃତ କୋଠରୀରେ ବିପ୍ରବାବୁ ସପନାର ଶଯ୍ୟାରେ ବସି ପ୍ରଶ୍ନ କଲେ — ମା' କ'ଣ ତୁ ଚାହୁଁ ? ଯୁବକଟି ପାଖରେ ଉପସ୍ଥିତ ଥିଲେ । ବିପ୍ରବାବୁଙ୍କ ପ୍ରଶ୍ନରେ ସପନା ଆଖି ଲୁହରେ ଭରିଗଲା । ବିପ୍ରବାବୁ କହିଲେ — ଯଦି ଏ ବିବାହରେ ତୁ ସୁଖୀ ମା', ମୁଁ ଆପତ୍ତି କରିବି କାହିଁକି ? ମୁଁ ଯାହା କରୁଥିଲି, ସବୁ ତୋର ମଙ୍ଗଳ ପାଇଁ । ଉପସ୍ଥିତ ଯୁବକଙ୍କୁ ପ୍ରଶ୍ନ କଲେ ବିପ୍ରବାବୁ — ଏ କୁତ୍ସିତ ଅବସ୍ଥାରେ ତୁମେ କ'ଣ ସପନାକୁ ପତ୍ନୀ ରୂପେ ଗ୍ରହଣ କରିବାକୁ ରାଜି ଅଛ ? ଯୁବକ ଉତ୍ତର ଦେଇଥିଲେ — ମୁଁ ସପନାକୁ ଗ୍ରହଣ କରିବାକୁ ରାଜି । ହସ୍‌ପିଟାଲ୍‌ରୁ ଭଲ ହୋଇ ଫେରିଆସିବା ପରେ ବିପ୍ରବାବୁ ବିବାହର ଆୟୋଜନ କଲେ । ଲୋକଲଜ୍ଜାରୁ ରକ୍ଷା ପାଇବା ପାଇଁ, ସାମାନ୍ୟ ଭୋଜିର ବନ୍ଦୋବସ୍ତ କରି, ସେ ବେଦୀରେ ମନ୍ତ୍ର ଉଚ୍ଚାରଣ ମଧ୍ୟରେ କନ୍ୟାଦାନକରି, ଯୁବକଙ୍କ ସାଥିରେ ସପନାକୁ ଏକାକୀ ବିଦାୟ ଦେଲେ । ସେହିଦିନଠାରୁ ତାଙ୍କ ମନରେ ସୁଖ କି ଆନନ୍ଦ ନଥିଲା । ସପନା ବିଷୟରେ ଯେ କେହି ପ୍ରଶ୍ନ କଲେ, ସେ ବିବ୍ରତ ହୋଇ ପଡୁଥିଲେ । ସପନା ଘରଛାଡ଼ି ଯିବାର ୫ ବର୍ଷ ହୋଇଗଲା । ବର୍ଷେ ପର୍ଯ୍ୟନ୍ତ ସପନା ଚିଠି ଦେଉଥିଲା । ବାପା, ଭାଇ, ମା'ଙ୍କ ମଧ୍ୟରୁ କେହି ଜଣେ ହେଲେ ଆସିବାକୁ ସେ ବହୁଥର ଅନୁରୋଧ କରିଥିଲା । କିନ୍ତୁ କେହି ନ ଯିବାରୁ ସେ ଚିଠି ଦେବା ବନ୍ଦ କରିଦେଲା ।

ସପନା ବିଦାୟ ଦେଲାପରେ ତା'ର ମା' ଆଶ୍ୱସ୍ତିର ନିଶ୍ୱାସ ମାରିଲେ । ସତେ ଯେପରି ଏକ ମସ୍ତବଡ଼ ବୋଝ ତାଙ୍କ ମୁଣ୍ଡରୁ ଓହ୍ଲାଇ ଦିଆଗଲା । କିନ୍ତୁ ବିପ୍ରବାବୁ, ଝିଅକଥା ଭାବି କ୍ଷୀଣ ହେବାକୁ ଲାଗିଲେ । ଯାନି, ଯାତ୍ରାରେ ଝିଅ ଘରର ଆଖପାଖ ଅଞ୍ଚଳରୁ ଯାତ୍ରୀମାନେ ପୁରୀକୁ ଆସିଲେ, ସେ ଲଜିଂ ହାଉସକୁ ଯାଇ ସପନାର କଥା ବୁଝିଆସନ୍ତି । ନାନାପ୍ରକାର କଥା ଶୁଣନ୍ତି । କେତେବେଳେ ଭଲ ତ କେତେବେଳେ ମନ୍ଦ ।

ତେବେ ବିପ୍ରବାବୁ ଏତିକି ଜାଣିବାକୁ ପାଇଲେ, ସପନା ତା' ସ୍ୱାମୀର ପ୍ରଥମ ସ୍ତ୍ରୀ ନଥିଲା । ତା' ସ୍ୱାମୀର ପ୍ରଥମ ସ୍ତ୍ରୀ, ସପନାର ଉପସ୍ଥିତି ସହ୍ୟ କରିପାରିନଥିଲା । ତାକୁ ଚାକରାଣୀ ପରି ଖଟାଉଥିଲା । ମା' ଭାଇଙ୍କ ପ୍ରରୋଚନାରେ ତା' ବରର ବହୁତ ପରିବର୍ତ୍ତନ ଘଟିଥିଲା । ସପନା ଉପରେ ସମସ୍ତ ଅତ୍ୟାଚାରକୁ ସେ ନୀରବରେ ସମର୍ଥନ ଜଣାଉଥିଲା ।

ଖବର ଗୁଡ଼ାକ ବିପ୍ରବାବୁଙ୍କୁ ଏତେ ବ୍ୟସ୍ତ କରି ପକାଇଥିଲା ଯେ, ସେ ଦୁଇବର୍ଷ ଧରି ଆଉ ଲଜିଂ ହାଉସ୍ ଯାଇ ନାହାନ୍ତି । କାହିଁକି ବା ଯିବେ ? ଏ ସବୁ ଶୁଣି କୋଉ ବାପାର ମନରେ ଧୈର୍ଯ୍ୟ ରହିବ ?

ବିପ୍ରବାବୁ ଭାବିଲେ — ସେ ଆଜିକୁ ସାତଦିନ ଧରି ସପନା କଥା ଏତେ ଭାବୁଛନ୍ତି କାହିଁକି ? ସପନା କ'ଣ ଖୁବ୍ କଷ୍ଟରେ ଅଛି ? ଯାହାକୁ ସେ ଏତେ ଆଦରରେ ବଢ଼ାଇଥିଲେ, ସେହି ଅଳିଅଳି ଝିଅ ସପନା କ'ଣ ତାଙ୍କ କଥା ଭାବୁଛି ?

Digitized by srujanika@gmail.com

ବିପ୍ରବାବୁ ଆଉ ଶୋଇପାରିଲେ ନାହିଁ । ମନଟାକୁ ବୁଝାଇବା ପାଇଁ ସେ ଦାଣ୍ଡ ପିଣ୍ଡାକୁ ଆସିଲେ । ସେ ଶୁଣିବାକୁ ପାଇଲେ – ସପନା ଯେପରି ତାଙ୍କୁ ଡାକୁଛି । ଅତି ଜୋର୍‌ରେ ଚିତ୍କାର କରି ଉଠିଲେ ବିପ୍ରଚରଣ ବାବୁ 'ସପନା' ବୋଲି । ଗଛକାଟିଲା ପରି ତଳେ କଚାଡ଼ି ହୋଇ ପଡ଼ିଗଲେ ।

ଚିତ୍କାର ଶୁଣି ଆର ପାଖରୁ ଲୋକେ ଦୌଡ଼ି ଆସିଲେ । ଘରଭିତରୁ ପତ୍ନୀ ବି ଦୌଡ଼ି ଆସିଲେ । ଲୋକମାନେ ଉଠାଇ ବସାଇଲେ । କିଏ କାନ ଫୁଙ୍କିଲା ତ, କିଏ ମୁହଁରେ ପାଣି ଛିଞ୍ଚିଲା । ଜଣେ ପଡ଼ୋଶୀ ଡାକ୍ତରଙ୍କୁ ନେଇ ଆସିଲେ । ତାଙ୍କର ପରୀକ୍ଷା କରି କହିଲେ – ସବୁ ଶେଷ ହୋଇଯାଇଛି । ସ୍ତ୍ରୀ ତାଙ୍କର ମଥାପିଟି କାନ୍ଦି ଉଠିଲେ । ପୋଷ୍ଟମ୍ୟାନ୍‌ଟା ଚିଠିଟାଏ ଧରି ହଠାତ୍ ପହଞ୍ଚିଲା । ବିପ୍ରବାବୁଙ୍କର ଜଣେ ବନ୍ଧୁ ଚିଠିଟା ଚିରି ପଢ଼ିଲେ । ଚିଠିଟି ହିନ୍ଦୀ ଭାଷାରେ ଲେଖାଥିଲା । ଚିଠିରୁ ବୁଝାଗଲା ସାତ ଦିନ ତଳେ ସପନା ଆତ୍ମହତ୍ୟା କରି ପ୍ରାଣତ୍ୟାଗ କରିଛି ।

ଭଦ୍ରଲୋକ ଜଣକ, ଉପସ୍ଥିତ ଲୋକଙ୍କ ଉଦ୍ଦେଶ୍ୟରେ କହିଲେ –

ଝିଅଟି ବାପକୁ ଡାକି ନେଇଗଲା ।

* * *

Digitized by srujanika@gmail.com

ବୁଢ଼ାମାଙ୍କଡ଼

ମଣିଷ ବୁଢ଼ା ହୋଇଗଲେ ପ୍ରକୃତିଛଡ଼ା ହୋଇଯାଏ । ତା'ର ଚିନ୍ତାଧାରାରେ ଭାରସମ୍ୟ ରହେନି । ସେ ବହୁତ କିଛି ଆଶାକରେ । ଯେତେବେଳେ ତାହା ପାଏନି, ମନ ତା'ର ବିଦ୍ରୋହୀ ହୋଇଉଠେ । ସ୍ତ୍ରୀ, ପୁଅ, ବୋହୂଙ୍କର ନିକଟରେ ସେ ପରାଧୀନ ହୋଇଯାଏ । ସେ ବିଚାର କରେ — ସମସ୍ତେ ତାକୁ ଯେପରି ପରିହାସ କରୁଛନ୍ତି । ତା'ର ସ୍ୱାଧୀନତାର ପ୍ରତ୍ୟେକ ତନ୍ତ୍ରୀକୁ ଛିନ୍ନଭିନ୍ନ କରି ପକାଉଛନ୍ତି । ଚାରିଆଡୁ ତା' ଉପରେ ଟେକା, ପଥର ବୃଷ୍ଟି ହେଉଛି, ଯେପରି ବୁଢ଼ାମାଙ୍କଡ଼କୁ ଗାଁର ଟୋକାମାନେ ଅସାମର୍ଥ୍ୟ ଦେଖି ଟେକା ମାଡ଼ କରନ୍ତି । ସେ ଡରେଇବା ପାଇଁ ଦାନ୍ତ ଦେଖାଏ । ଟୋକାମାନେ ଆହୁରି ଉତ୍ୟକ୍ତ ହୋଇ ପଥର ବୃଷ୍ଟି କରନ୍ତି । ବିଚରା ବୁଢ଼ାମାଙ୍କଡ଼ ମାଡ଼ ଖାଇ ଖାଇ ପ୍ରାଣଛାଡ଼ି ଦିଏ । ତ'ପରେ ଅଜାଡ଼ିପଡ଼େ ସମସ୍ତଙ୍କର ଅମାପ ଦୟା । ମାଙ୍କଡ଼ ପରା ପ୍ରଭୁ ରାମଚନ୍ଦ୍ରଙ୍କ ଦୂତ । ତେଣୁ ତା'ର ଶବକୁ ସତ୍କାର କରିବାକୁ ହବ । ଚନ୍ଦନକାଠ, ଗୁଆଘିଅ ଦରକାର ହୁଏ । ସାହି, ସାହି ବୁଲି ବୁଲି ଚାନ୍ଦା ଆଦାୟ ହୁଏ । ନାମ ସଂକୀର୍ତ୍ତନ କରି ବୁଢ଼ାମାଙ୍କଡ଼ର ଶବକୁ, ଟେକା ମାରି ମାରି ଜୀବନରେ ମାରିଦେଇଥିବା ଟୋକାମାନେ ପଟୁଆର କରି ନିଅନ୍ତି । ନଈକୂଳରେ ଶବ ସତ୍କାର ହୁଏ । ହରିବୋଲ, ହୁଳହୁଳି ଧ୍ୱନିରେ ସତ୍କାର ହେବା ସ୍ଥାନ ଉଚ୍ଛୁଳି ଉଠେ ।

ଅମୂଲ୍ୟ ରତ୍ନ ବାବୁ ବୁଢ଼ା ହୋଇଗଲେଣି । ବୁଢ଼ା ହେଲେଣି ସତ, କିନ୍ତୁ ଚଳତ୍ ଶକ୍ତିହୀନ ନୁହନ୍ତି । ମନରେ ତାଙ୍କର ଅସରନ୍ତି ଦୁଃଖ । ପିଲାମାନେ ତାଙ୍କୁ ପଚାରୁନାହାନ୍ତି । ଯେଉଁ ପିଲାମାନଙ୍କୁ ସେ ଏଡ଼ଟିକୁ, ଏତୁଟିଏ କରିଥିଲେ, ଦେହ, ପା' ଖରାପ ହେଲେ, ରାତି ଅନିଦ୍ରା ହୋଇ ଶେଯ ପାଖରେ ବସି ରହୁଥିଲେ, ଦିଅଁ, ଦେବତା ମନାସୁଥିଲେ, ନଖାଇ, ନ ପିଇ ସେମାନଙ୍କ ପାଠପଢ଼ାଉ ଥିଲେ, ସେମାନଙ୍କର ସୁଖ, ସ୍ୱାଚ୍ଛନ୍ଦ୍ୟ ପ୍ରତି ସର୍ବଦା ଦୃଷ୍ଟି ରଖୁଥିଲେ । ସେହି ପିଲାମାନେ ଆଜି ତାଙ୍କର ବାର୍ଦ୍ଧକ୍ୟର ଉପହାସ କରୁଛନ୍ତି, ତାଙ୍କ ଦୋଷ ଦୁର୍ବଳତାର ଦ୍ୱାହି ଦେଇ, ତାଙ୍କୁ ନାନା ପ୍ରଶ୍ନବାଣରେ ଜର୍ଜରିତ କରି ପକାଉଛନ୍ତି — ଏହା ତାଙ୍କ ପାଇଁ ଖୁବ୍ ଯନ୍ତ୍ରଣାଦାୟକ ଥିଲା । ତାଙ୍କର କଥା ଆଜି ସମସ୍ତଙ୍କ ନିକଟରେ ମୂଲ୍ୟହୀନ । ସେ ଯଦି କାହାପାଖକୁ କିଛି ଲେଖୁଛନ୍ତି, ସମସ୍ତେ ତାକୁ ଯାଞ୍ଚ କରିବାକୁ ଆଗେଇ ଆସୁଛନ୍ତି । ଯେଉଁ ପିଲା ଧାଡ଼ିଏ ଭଲ କରି ଲେଖିପାରେ ନାହିଁ ବୋଲି ସାତଥର ସାହିତ୍ୟରେ ଫେଲ୍ ହୋଇ ମାଟ୍ରିକ୍ୟୁଲେସନ୍ ପାସ୍ କରିପାରିନଥିଲା, ସେ କହେ ଏମିତି ଲେଖ । ନ ଲେଖିଲେ ଚିଠି ଚିରି ଦିଅ । ଚିଠି ନ ଚିରିଲେ ହାତରୁ କାଗଜ ଛଡ଼ାଇ ନେଇ, ଚିଠିକୁ ଚାରିଖଣ୍ଡି କରି ଚିରିଦିଆଯାଏ । ଅମୂଲ୍ୟ ବାବୁଙ୍କର

Digitized by srujanika@gmail.com

ସମସାମୟିକ ଅନୁକୂଳଚନ୍ଦ୍ର ବାବୁ । ଦୁହିଁ ବନ୍ଧୁଙ୍କର ଖୁବ୍ ଜମେ । ସନ୍ଧ୍ୟା ସମୟରେ ନଈକୂଳ ପଠାଉପରେ ବସି ଦୁହେଁ ଅତୀତ ଜୀବନର ସ୍ମୃତି ଚାରଣ କରନ୍ତି । ଅମୂଲ୍ୟବାବୁଙ୍କ ତୁଳନାରେ ଅନୁକୂଳ ବାବୁଙ୍କର ଅବସ୍ଥା ଖୁବ୍ ଭଲ । ତାଙ୍କର ଦୁଇ ପୁଅ । ସାକ୍ଷାତ ରାମ, ଲକ୍ଷ୍ମଣଙ୍କ ପରି । ଦୁଇଭାଇ ପରସ୍ପରକୁ ଖୁବ୍ ଭଲ ପାଆନ୍ତି । ଦୁଇ ଜଣଯାକ ଉଚ୍ଚ ପଦସ୍ଥ ଅଫିସର । ପିତୃ, ମାତୃ ଭକ୍ତ । ସେମାନେ ବାପା, ମା'ଙ୍କୁ ଦେବତା ତୁଲ୍ୟ ପୂଜା କରନ୍ତି । କିନ୍ତୁ ଅମୂଲ୍ୟବାବୁଙ୍କ କ୍ଷେତ୍ରରେ ଠିକ୍ ତା'ର ଓଲଟା । ଅନୁକୂଳ ବାବୁଙ୍କର ରାମ, ଲକ୍ଷ୍ମଣ ହେଲେ, ଏହାଙ୍କର ଭରତ, ଶତ୍ରୁଘ୍ନଙ୍କୁ ମିଶାଇ ଚାରିପୁଅ । ସମସ୍ତେ ଧୁରନ୍ଧର । ରୋଜଗାର କ୍ଷମ । ସମସ୍ତେ ନିଜ ସ୍ୱାର୍ଥ ପାଇଁ ବ୍ୟସ୍ତ । ବାପ, ମା'ଙ୍କୁ ପଚାରିବା ଦୂରେ ଥାଉ, ବାପ ଉପରେ ସମସ୍ତ ଦୋଷ ଲଦି ଦିଅନ୍ତି, ଅତୀତ କାର୍ଯ୍ୟକଳାପ ସିଂହାବଲୋକନ କରି ।

ମା' ପୁଅଙ୍କ ପଟିଆ ବାହାରେ । ସ୍ୱାମୀକୁ ଦୋଷଦିଏ । ଯୋଉ ସ୍ୱାମୀ ଦିନେ ତା' ଦୃଷ୍ଟିରେ କନ୍ଦର୍ପ ପରି ଥିଲା, ବୁଢ଼ା ହୋଇଯିବାରୁ ତାକୁ ମାଙ୍କଡ଼ ପରି ଦେଖାଗଲା । କଥା କଥାକେ ସେ ଅମୂଲ୍ୟବାବୁଙ୍କୁ ବୁଢ଼ାମାଙ୍କଡ଼ କହି ଗାଳିଦିଏ ।

ଦୁଇ ବନ୍ଧୁଙ୍କର ସେ ଦିନ ଭେଟ ହେଲା ନଈ ପଠାରେ । ଏହାଭିତରେ ଅନୁକୂଳ ବାବୁ ବହୁଦିନଧରି ବଡ଼ ପୁଅ ପାଖକୁ ଚାଲିଯାଇଥିଲେ । ବଡ଼ପୁଅ ଆଇ.ଏ.ଏସ୍. ଅଫିସର । ଜିଲ୍ଲା ହାକିମ । ତେଣୁ ଅନୁକୂଳବାବୁଙ୍କର ଭାଉ ଖୁବ୍ ବେଶୀ । ସମସ୍ତଙ୍କର ଆଦର । ପୁଅ ମଧ ଖୁବ୍ ଆଦର ଦେଖାଏ । ଭକ୍ତି କରେ । ବାପାଙ୍କ ପାଦତଳେ ସାଷ୍ଟାଙ୍ଗ ପ୍ରଣିପାତ ହୁଏ । ଯଦି କେହି ପଚାରେ ସେ କହେ ପିତା ସ୍ୱର୍ଗ, ପିତା ଧର୍ମ, ପିତାହିଁ ପରମ ତପ । ପିତାଙ୍କୁ ସନ୍ତୁଷ୍ଟକଲେ ଦେବତାମାନେ ସନ୍ତୁଷ୍ଟ ହୁଅନ୍ତି । ମା' ଆଦ୍ୟାଶକ୍ତି । ସେ କରୁଣାମୟୀ । ତା'ର ଅପାରକରୁଣା । ପୁଅ ପଛକେ ଖରାପ ହୋଇପାରେ, କିନ୍ତୁ ମା' କସ୍ମିନ୍‌କାଳେ ଖରାପ ହେବ ନାହିଁ । ଆଦି ଶଙ୍କରାଚାର୍ଯ୍ୟଙ୍କର ଦେବୀ କ୍ଷମାପରାଧନା ସ୍ତୋତ୍ରରୁ ଶ୍ଳୋକ ଆବୃତ୍ତି କରି କହେ – କୁପୁତ୍ର ଜାୟେତ, କ୍ୱଚଦପି କୁମାତା ନ ଭବତି । ତ୍ରେତୟା ଯୁଗରେ ଦଶରଥଙ୍କର ରାମ, ଲକ୍ଷ୍ମଣ ଦୁଇଟି ପୁଅ ଥିଲେ । ଦୁଇଜଣ ସାବତ ଭାଇ, ସାନଭାଇ ଲକ୍ଷ୍ମଣର ବଡ଼ ଭାଇ ରାମଙ୍କ ପ୍ରତି ସ୍ନେହ, ଭକ୍ତିର ପଟାନ୍ତର ନାହିଁ । ଦୁହେଁ ଥିଲେ ଅଭିନ୍ନ । ପୁରାଣରୁ ଏ ଜାତି କିଛିଟା ଶିଖିବା ଉଚିତ ଥିଲା । ବାପପ୍ରତି ପୁତ୍ରର ଭକ୍ତି ଓ କର୍ତ୍ତବ୍ୟ । ପିତାର ପୁତ୍ର ପ୍ରତି ସ୍ନେହ । ସ୍ତ୍ରୀର ସ୍ୱାମୀ ପ୍ରତି କର୍ତ୍ତବ୍ୟବୋଧ । କିନ୍ତୁ ଏ ମଣିଷ କ'ଣ କିଛି ଶିଖିଲା । ଭଲ ତ ଶିଖିଲାନି, ଖରାପ କିନ୍ତୁ । ରାବଣର ସୀତା ହରଣ । ଦେବରାଜ ଇନ୍ଦ୍ରର ପରସ୍ତ୍ରୀ ପ୍ରତି ଲୋଲୁପ ଦୃଷ୍ଟି । ନାରୀ ନିର୍ଯ୍ୟାତନା । ପିତା, ମାତାଙ୍କ ପ୍ରତି ଯାବତ ଦୁଃଖ - ଦାନବରାଜ କଂସର ପ୍ରତିମୂର୍ତ୍ତି । ଅନୁକୂଳ ବାବୁ ପୁଅମାନଙ୍କର ଗୁଣ, ଗାରିମା ବଖାଣୁଥିଲେ । ତାଙ୍କର ମତରେ ତାଙ୍କର ପୁଅ ଭଗବାନ ରାମଚନ୍ଦ୍ରଙ୍କଠାରୁ କୌଣସି ଗୁଣରେ କମ୍

Digitized by srujanika@gmail.com

ନୁହେଁ । ନାତିର ଏକୋଇଶିଆକୁ ସମବେତ ଅତିଥିମାନଙ୍କୁ ତାଙ୍କର ପୁଅ ତାକୁ ନେଇ କିପରି ପରିଚୟ କରାଇ ଦେଇଥିଲା ଓ ଆଗନ୍ତୁକ ଭଦ୍ରବ୍ୟକ୍ତିମାନେ କିପରି ତାଙ୍କର ପଦଧୂଳି ନେଇ ମସ୍ତକରେ ବୋଳିଲେ, ସେ କଥା କହି, ସେ ବେଶ୍ ଆମୋଦ ଅନୁଭବ କରୁଥିଲେ । ଆଉ ସାନପୁଅ, ଯେକି ଜଣେ ଭାରତୀୟ ଅର୍ଥ ବିଭାଗ ଅଫିସର, ଲାଞ୍ଚ ମୋଟେ ଛୁଏଁ ନାହିଁ, ସାଧୁ, ସତ୍ୟବାଦୀ, ଅମାୟିକ ବ୍ୟବହାରରେ ସମସ୍ତଙ୍କୁ ତୃପ୍ତି ପ୍ରଦାନ କରେ । ତା' କଥା କହିବା ବେଳେ ଅନୁକୂଳ ବାବୁ ତାକୁ ଧର୍ମରାଜ ଯୁଧିଷ୍ଠିର ସହିତ ତୁଳନା କରି ବେଶ୍ ଉଚ୍ଚ ସ୍ଥାନରେ ରଖୁଥିଲେ । ଅମୂଲ୍ୟ ରତ୍ନବାବୁ ବନ୍ଧୁଙ୍କର କଥା ମୂକଙ୍କପରି ଶୁଣି ଯାଉଥାନ୍ତି । ଜଣେ ତା'ର ପୁଅର ଖୁବ୍ ବଡ଼େଇ କରୁଛି । କିନ୍ତୁ ନିଜ ପୁଅଙ୍କ କଥା କ'ଣ ସେ କହିବେ ? ପୁଅମାନଙ୍କୁ କ'ଣ ତଳେ ପକାଇଦେବେ ? ବଡ଼ ପୁଅକୁ ରାକ୍ଷସ ରାବଣ ସହିତ ତୁଳନା କରିବେ, ମଝିଆକୁ କ'ଣ ବୋଲି କହିବେ, ଆଉ ସାନ ଦୁଇଜଣଙ୍କର କି ଗୁଣ ବର୍ଣ୍ଣନା କରିବେ ?

ଅନୁକୂଳ ବାବୁ ଦୀର୍ଘ ୨ ଘଣ୍ଟା କାଳ ତାଙ୍କ ପୁଅ କଥା ବଖାଣୁଥିବା ବେଳେ, ଅମୂଲ୍ୟ ବାବୁ ଧୈର୍ଯ୍ୟହରା ହୋଇପଡ଼ିଲେ । ସେ କହିବାକୁ ଆରମ୍ଭ କଲେ – ମୋ ଚାରୋଟି କ'ଣ କମ ? ସମସ୍ତେ ଗୁଣବାନ । ବଡ଼ ପୁଅ ଜଣେ ବିଖ୍ୟାତ ନେତା । ଅନୁକୂଳବାବୁ କହିଲେ – ଖୁବ୍ ଭଲ । ମୁଁ ଶୁଣୁଛି । ପିଲାଟିର ଖୁବ୍ ନାଁ ଅଛି । ହେଲେ ଟିକିଏ ଦୋଷ ରହିଯାଇଛି । ସେ କୁଆଡ଼େ ମଦ୍ୟପାନ କରେ । ଏ କଥା ଶୁଣି ଅମୂଲ୍ୟବାବୁଙ୍କର ମୁହଁ ଶୁଖିଗଲା । ସେ ବେଶ୍ ଟାଣପଣ ଦେଖାଇ କହିଲେ – ବୁଝିଲେ ଅନୁକୂଳ ବାବୁ, ଏଇଟା ପରା ଆଜିକାଲି ଯୁଗର ସଭ୍ୟତା । କିଏ ମଦ ନ ପିଉଛି କହିଲ ? ରାଜୀବ ଗାନ୍ଧୀ ପରା ବିଦେଶ ଯିବା ବେଳେ ତାଙ୍କ ଉଡ଼ାଜାହାଜ ସାରା ମଦ ବୋଝେଇ ହୋଇଯାଉଛି । ସେଇଟା କ'ଣ ଦୋଷ ଦୁର୍ବଳତା ତଳେ ଗଣାଯିବ ? ମଝିଆଁ ପୁଅଟି ମୋର ଗୋଟିଏ ରତ୍ନ । ଆପଣ ଧର୍ମ ଯୁଧିଷ୍ଠିରଙ୍କ ତୁଳନା ଦେଲେ, ସେ କିନ୍ତୁ ଏତେ ସତ୍ୟବାଦୀ, ତା' ପାଇଁ ପୁରାଣର କୌଣସି ବ୍ୟକ୍ତି ବିଶେଷଙ୍କର ଉଦାହରଣ ନିଆଯାଇପାରେନା । ମଝିଆଁ ତ ଜଣେ ବଡ଼ ଅଫିସର୍ । ସାନ ଯେପରି ବୁଦ୍ଧିମାନ, ତା' କଥା କ'ଣ କହିବି । ଏଇ ସମୟରେ ପାଖରେ ଥିବା ଆମ୍ବଗଛରେ ବସି ବୁଢ଼ାମାଙ୍କଡ଼ିଟିଏ ଆମ୍ବ ଖାଉଥିବା ଅବସ୍ଥାରେ, ଅମୂଲ୍ୟ ବାବୁଙ୍କ ଦୃଷ୍ଟି ତା' ଉପରେ ପଡ଼ିଗଲା । ସେ ତାଙ୍କୁ ଦାନ୍ତ ଦେଖାଇ ଖତେଇ ହେଲା । ସେଥିରୁ ଜଣାପଡୁଥିଲା, ସତେ ଯେପରି ସେ ତାଙ୍କର କଥାକୁ ଉପହାସ କରୁଥିଲା । ଅମୂଲ୍ୟବାବୁ ଆଉ କିଛି ନ କହି ନୀରବ ହୋଇଗଲେ ।

ଅନୁକୂଳବାବୁ କହିଲେ – ଚାଲ ରାତି ହୋଇଆସିଲାଣି । ସହଜେ ଆଖିକୁ ତ ଦେଖାଯାଉନାହିଁ । ଘରକୁ ଫେରିଯିବା । ଦୁଇ ବନ୍ଧୁ ଫେରନ୍ତା ବାଟରେ ପୁଅମାନଙ୍କ ବିଷୟରେ କିଛି କଥାବାର୍ତ୍ତା ହୋଇନାହାନ୍ତି । ମାତ୍ର ଅନୁକୂଳ ବାବୁ ଜାଣିଥିଲେ, ଅମୂଲ୍ୟ ବାବୁଙ୍କର କୀର୍ତ୍ତିଚନ୍ଦ୍ର ମାନଙ୍କର ଗୁଣଗାରିମା ।

Digitized by srujanika@gmail.com

ଘରେ ପହଞ୍ଚି ଅମୂଲ୍ୟ ବାବୁ – ଦାଣ୍ଡପିଣ୍ଡାରେ ବସି, ଗାମୁଛାରେ ମୁହଁ ହାତ ପୋଛିଲେ । ଭିତରୁ ପତ୍ନୀଙ୍କର ପାଟି ଖୁବ୍ ଜୋର୍‌ରେ ଶୁଭୁଥିଲା – ହେଇ ବୁଢ଼ାମାଙ୍କଡ଼ଟା ଫେରିଲାଣି । ରାତିରେ ତାକୁ ଖାଇବାକୁ ଦିଅନି । ନମରି ଯାହା ସେ ବଞ୍ଚିଛି । ଅମୂଲ୍ୟବାବୁ କଥାଟା ଠଉରେଇ ପାରିଲେ ନାହିଁ । ବୁଢ଼ୀ ପୁଣି ଗର୍ଜିଲା କାହିଁକି ? ସକାଳେ ସାନପୁଅ ଉପରେ ପାଟି କରିଥିବାରୁ, ସାନପୁଅ ଉଗ୍ରମୂର୍ତ୍ତି ଧରିଥିଲା । ଖୁବ୍ ବଚସା ହୋଇ, ସେ ଘରଛାଡ଼ି ଚାଲିଯାଇଥିଲେ । ଯିବେ ବା କୁଆଡ଼େ ? ଯେତେହେଲେ ଏ ଆକର୍ଷଣ କ'ଣ ଛାଡ଼ି ହେଉଛି ? ପିଲାଟାକୁ ଗାଳି ଦେଇଥିଲେ । ସେଇଟା ତ ତାଙ୍କର ଭୁଲ ନଥିଲା । ଅମୂଲ୍ୟବାବୁ ଭାବିଥିଲେ – ସେ ଚାଲିଯିବା ପରେ, ଘରେ ସମସ୍ତେ ବ୍ୟସ୍ତ ହୋଇପଡ଼ିଥିବେ । ତାଙ୍କୁ ଖୋଜା ଖୋଜି କରିଥିବେ । ସେଇଥିପାଇଁ ସେ କାହା ଘରକୁ ନଯାଇ, ମହାଦେବଙ୍କ ମନ୍ଦିରରେ ଏକ ଗମ୍ଭିରାରେ ଶୋଇ ପଡ଼ିଥିଲେ । ସଞ୍ଜହେବାରୁ ନଈକୂଳ ଆଡ଼େ ବୁଲି ଯାଇଥିଲେ । ପିଲାମାନେ ଆନନ୍ଦରେ ସ୍ୱାଗତ କରି ନେବେ ଭାବି, ସେ ଯେତେବେଳେ କାହାକୁ ନ କହି ପିଣ୍ଡା ଉପରେ ବସି ପଡ଼ିଲେ, ବୁଢ଼ୀର ହଠାତ୍ ଦୃଷ୍ଟି ପଡ଼ିଗଲା । ସେ ଗର୍ଜି ଉଠିଲା – ମାଙ୍କଡ଼ ବୁଢ଼ାଟା ଫେରିଆସିଲାଣିରେ । ସାନ ପୁଅ କଟୁରୀଟାଏ ଧରି ଦଉଡ଼ି ଆସି ଚିତ୍କାର କଲା ଶଳାର ମୁଣ୍ଡ, ଗଣ୍ଡି ଅଲଗା କରିଦେବି । ବଡ଼ଭାଇ ହାତ ଧରି ପକାଇକହିଲା – ଆରେ ହାଣିଦେଲେ, ଜେଲ୍‌କୁ ଯିବୁ । ବ୍ୟସ୍ତ କାହିଁକି ହଉଛୁ । ଶଳାକୁ ଖାଇବାକୁ ନ ଦେଲେ ଘରଛାଡ଼ି ଚାଲିଯିବନି ।

ଅମୂଲ୍ୟ ବାବୁଙ୍କର ଆଖିରୁ ଦୁଇଟୋପା ଲୁହ ଗଡ଼ି ଅସିଲା । ସେ ଠାଆ ଛାଡ଼ି, କୁଆଡ଼େ ଯେ ଚାଲିଗଲେ, ସେଇଦିନଠାରୁ ତାଙ୍କର ପତ୍ତା ମିଳିଲା ନାହିଁ ।

* * *

Digitized by srujanika@gmail.com

ନିର୍ବାଚନ

ନିର୍ବାଚନ ଲଢ଼ିବା ପାଇଁ ରାମବାବୁ ହଠାତ୍ ଏକ ନିଷ୍ପତ୍ତିରେ ପହଞ୍ଚିଗଲେ । ରାତିପାହିଲେ ପ୍ରାର୍ଥୀପତ୍ର ଦାଖଲର ଶେଷଦିନ । ନିର୍ବାଚନ ନ ଲଢ଼ିବାକୁ ସେ ନିଷ୍ପତ୍ତି କରିଥିଲେ, କିନ୍ତୁ ତାଙ୍କର ଚତୁର୍ଦ୍ଦିଗରେ ଘେରି ରହିଥିବା ଚାମଚା ବଳୟ ତାଙ୍କୁ ଏପରି ବ୍ୟତିବ୍ୟସ୍ତ କରିପକାଇଲେ ଯେ, ନ କରିବାକୁ ତାଙ୍କର ଆଉ ବାଟ ନଥିଲା ।

ରାମବାବୁ ଗତ ବିଧାନସଭାର ସଦସ୍ୟ ଥିଲେ । ଚଳିତ ନିର୍ବାଚନରେ ପାର୍ଟି ତାଙ୍କୁ ଟିକଟ ଦେଲାନାହିଁ । ରାମବାବୁ ସେଥିପାଇଁ କମ୍ ବନ୍ଦୋବସ୍ତ କରିନାହାନ୍ତି । ଦିଲ୍ଲୀଠାରୁ ଦୌଲତାବାଦ ପର୍ଯ୍ୟନ୍ତ ସେ ଚାରିଆଡ଼କୁ ଯାଇଛନ୍ତି । ପାର୍ଟିର ବଡ଼ପଣ୍ଡାମାନଙ୍କୁ ବହୁତ ଖୋସାମଦ୍ କରିଛନ୍ତି । କେହି ନ ଥିଲାବେଳେ ପାଦ ମଧ୍ୟ ଧରି ପକାଇଛନ୍ତି । ପାଦ ଧରିବାଟା ଆଜିକାଲି ଦୋଷ ବା ହୀନମନ୍ୟତା ବୋଲି ବିଚାର କରାଯାଉ ନାହିଁ କାରଣ କେବେ, କେଉଁଠି ବେଳ କାଳ ଭଣ୍ଡି ଭଗବାନ କୁଆଡ଼େ ଗଧର ପାଦ ଦୁଇଟାକୁ ନିଜ ଛାତିରେ ଭିଡ଼ି ଧରିଥିଲେ । ତେଣୁ ସାମାନ୍ୟ ମନୁଷ୍ୟ ଯଦି ମନୁଷ୍ୟର ପାଦ ଧରି ପକାଇଲା, ତାହା ମଧ୍ୟ କେହି ନ ଥିବା ବେଳେ, ସେତେବେଳେ ଦୋଷ ରହିଲା କେଉଁଠି ? ଭଗବାନଙ୍କର ଗଧପାଦଧରାକୁ ଉଦାହରଣ ଦେଇ ରାମବାବୁ ଲୋକଙ୍କୁ ବୁଝାଇ ଦିଅନ୍ତି । ରାମବାବୁ ଖାଲି ତ ତୋଷାମଦିର ଚରମ ସୀମାରେ ପହଞ୍ଚିଯାଇ ନଥିଲେ, ସେ ମଧ୍ୟ ପାର୍ଟି ଫଣ୍ଡ ପାଇଁ ବେଶ୍ କିଛି ପୁଞ୍ଜି ଯୋଗାଇ ଦେଇଥିଲେ । ରାମବାବୁ ଜାଣିଥିଲେ, ଏଥର ନିର୍ବାଚନରେ ତାଙ୍କ ଛଡ଼ା, ଆଉ କେହି ଟିକଟ ପାଇବା ସମ୍ଭବ ନୁହେଁ । ତେଣୁ ସେ ନାହିରେ ତେଲ ପକାଇ, ବେଶ୍ ଆରାମ୍‌ରେ ଶୋଇଯାଇ ଘୁଙ୍ଗୁଡ଼ି ମାରୁଥିଲେ ।

ରାମବାବୁଙ୍କର ଅଚିନ୍ତାର ମୁଖ୍ୟ କାରଣ ହେଲେ ଖୋଦ୍ ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀଙ୍କର ବିପଦ ବେଳେ ସେ ତାଙ୍କୁ ବେଶ୍ ସାହାଯ୍ୟ କରିଥିଲେ । ଏପରିକି ଅସନ୍ତୁଷ୍ଟ ଗୋଷ୍ଠୀର ନୋଟ୍‌ବିଡ଼ାକୁ ଗୋଇଠାମାରି, ସେ ମୁଖ୍ୟମନ୍ତ୍ରୀଙ୍କ ପଟକୁ ଆଉଜି ପଡ଼ିଥିଲେ । ତେଣୁ ମୁଖ୍ୟମନ୍ତ୍ରୀ ତାଙ୍କର ରକ୍ଷାକବଚ ଥିଲେ, ଏକଥା ସାରା ପ୍ରଦେଶର ଲୋକଙ୍କୁ ଜଣା । ମୁଖ୍ୟମନ୍ତ୍ରୀଙ୍କର କଥାକୁ ପ୍ରଧାନମନ୍ତ୍ରୀ ବେଶ୍ ଗୁରୁତ୍ୱ ଦେଉଥିଲେ । ଏକଥା ଜଣାପଡ଼ିଲା ଯେତେବେଳେ ସେ ଥରକୁ ଥର ଘୋଷଣା କରୁଥିଲେ, ଅମୁକ ପ୍ରଦେଶର ମୁଖ୍ୟମନ୍ତ୍ରୀ ଖୁବ୍ ନାମଜାଦା ଲୋକ । ସେ ଜଣେ କରିତ୍‌କର୍ମା । ଅସାଧ୍ୟକୁ ବେଶ୍ ସାଧ୍ୟ କରିଦେବେ । ମୁଖ୍ୟମନ୍ତ୍ରୀ ସେମିତି ଯାଦୁବିଦ୍ୟା ଦେଖାଇ ଥିଲେ । ସମସ୍ତେ ଭାବିଥିଲେ ମୁଖ୍ୟମନ୍ତ୍ରୀ ଯାହାଙ୍କ ନାଁକୁ ସୁପାରିଶ କରିଦେବେ, ସେ ନିଶ୍ଚୟ ଟିକଟ ପାଇଯିବ । କିନ୍ତୁ ଆଜିର କମ୍ପ୍ୟୁଟର ଯୁଗର କଥାଟା ଅନ୍ୟପ୍ରକାର ହୋଇଗଲା । କମ୍ପ୍ୟୁଟର ଯାହାକହୁଛି, ତାହା ଯେପରି ବେଦର ଗାର ।

Digitized by srujanika@gmail.com

ଯେତେବେଳେ ପ୍ରକାଶ ପାଇଗଲା ମୁଖ୍ୟମନ୍ତ୍ରୀଙ୍କର ଭାଇଙ୍କର ଶଳା ଟିକଟ ପାଇଲା ନାହିଁ । ସେତେବେଳେ ରାମବାବୁଙ୍କର ଚେତା ପଶିଲା । ଖାଲି ତାଙ୍କ ଶଳା ତ ନୁହେଁ, ତାଙ୍କର ସୁପାରିଶ ମୁତାବକ ଯେତେକ ନାଁ ଉପରକୁ ଯାଇଥିଲା, ସେଥିରୁ ୩ ଭାଗ ଲୋକଙ୍କର ନାଁ ନିର୍ବାଚନ ତାଲିକାରୁ କଟିଗଲା । ଏପରିକି ମୁଖ୍ୟମନ୍ତ୍ରୀଙ୍କର ମଧ କଟିଯାଇଥିଲା କମ୍ପ୍ୟୁଟର ବାବାଙ୍କ ଦୟାରୁ, କିନ୍ତୁ ପ୍ରଧାନ ମନ୍ତ୍ରୀଙ୍କ ଯୋଗୁଁ ତାଙ୍କ ନାଁଟା କଟୁ, କଟୁ ରହିଗଲା । ଗତ ନିର୍ବାଚନରେ ଯେତେ ଜଣ ଶାସକଦଳର ସଭ୍ୟ ବିଧାନସଭାକୁ ନିର୍ବାଚିତ ହୋଇଥିଲେ, ସେମାନଙ୍କର ସି.ସି.ଆର୍ ରେକର୍ଡ କୁଆଡ଼େ ଭଲ ନଥିଲା । ସମସ୍ତଙ୍କର ପଛରେ ୩/୪ଟା କରି ଆକ୍ଷୁଦୋଷ ଲାଗି ରହିଥିଲା ।

ରାମବାବୁଙ୍କ ଆକ୍ଷୁଦୋଷ କଥା ନ ଲେଖିବା ଭଲ । ସେ ସବୁଥିରେ ଧୁରନ୍ଧର ଥିଲେ । ୫ବର୍ଷ ବିଧାନ ସଭା ସଭ୍ୟ ପଦ ଅଳଂକୃତ କରି ସେ ରାଜଧାନୀରେ ୨ଟି କୋଠା, ନିଜ ସହରରେ ୨ଟି କୋଠା, ୫ଟି ଘରୋଇ ବସ୍, ୩ଟି ବିଦେଶୀ ଅବକାରୀ ଦୋକାନ, ୪ଟି କଣ୍ଟ୍ରୋଲ୍ ସପ୍, ୨ଟି ଔଷଧ ଦୋକାନ ତଥା ବଦଳି କରାଇବା ସ୍ଥଗିତ କରିବା, ପ୍ରଭୃତି ଲୋକଉନ୍ନତି ମୂଳକ କାମରେ ଅନ୍ୟୁନ ୭କୋଟି ଟଙ୍କାର ସମ୍ପତ୍ତିର ମାଲିକାନା ସତ୍ତ୍ୱ ସାବ୍ୟସ୍ତ କରିପାରିଥିଲେ । ସବୁଠାରୁ ଚାଞ୍ଚଲ୍ୟ ସୃଷ୍ଟି କଲା, ଯେତେବେଳେ ତାଙ୍କର ସରକାରୀ ବାସଭବନରୁ ତିନୋଟି ଗଣିକା, ଏମ୍.ଏଲ୍.ଏଙ୍କ ସହିତ ପୋଲିସ୍ ଦ୍ୱାରା ଗିରଫ ହୋଇ, ଥାନା ହାଜତ ମଣ୍ଡନ କଲେ । ସେଇଟାକୁ ରାମବାବୁ ସାମ୍ବାଦିକ ସମ୍ମିଳନୀ କରିଆରେ, ବିରୋଧି ଦଳର ଚକ୍ରାନ୍ତ ବୋଲି ଯେତେ ସାବ୍ୟସ୍ତ କଲେ, ତାଙ୍କର ପୁରୁଣା ଚରିତ୍ର ରେକର୍ଡକୁ ଅନୁଧାନ କରି ଲୋକେ ଜାଣିପାରିଲେ, କେଉଁଟା ସତ, କେଉଁଟା ମିଛ ।

ଯେତେବେଳେ ଏତେଗୁଡ଼ାଏ ରୋଜଗାର ପନ୍ଥା ଏ ରାଜନୀତି ବ୍ୟବସାୟରୁ ମିଳିପାରୁଛି, ତାକୁ ଛାଡ଼ିବାଟା ବଡ଼ କଷ୍ଟ । ଲୋକମାନଙ୍କୁ ଭୁଲାଇବା ଅତି ସହଜ । ଯେତେବେଳେ ଭାରତବର୍ଷର ୭୦ ଭାଗ ଲୋକେ, ଦାରିଦ୍ର୍ୟର ସୀମାରେଖା ତଳେ ଝୁଲୁଛନ୍ତି, ସେତେବେଳେ ଟଙ୍କା, ଏମାନଙ୍କର ନିଶ୍ଚୟ ମୁହଁବଙ୍କା କରିଦେବ । ତା'ଛଡ଼ା ଏ ନିର୍ବାଚନ ମଣ୍ଡଳୀରେ ତାଙ୍କର ଜାତିର ଲୋକେ ଅଧାରୁ ଅଧିକ ଅଛନ୍ତି । ଗୋଟାଏ ବ୍ରାହ୍ମଣଟାକୁ ଟିକଟ ମିଳିଛି । ସେ ତାଙ୍କ ଜାତିଲୋକ ମାନଙ୍କୁ ବୁଝାଇ ଦେଲେ, ବ୍ରାହ୍ମଣ ପ୍ରାର୍ଥୀ ବାଏଁ, ବାଏଁ ଉଡ଼ିଯିବ । ସେ ଯେଉଁ ଗୌରବ ଶ୍ରୀ ବିମଣ୍ଡିତ ହେବା କଥା, ତାହାହିଁ ହେବେ । ରାମବାବୁ ଭାବିଲେ –

ସେତେବେଳେ ଯେ ସରକାର ଗଢ଼ିବ, ତାକୁ ସମର୍ଥନଟା ଜଣାଇଦେଲେ, ଯେଉଁ କଚେଗୁଆ ବାରକୁ ସେଇ କଚେଗୁଆ ବାର । ରାମବାବୁ ଜାଣିଥିଲେ, ଏ ନିର୍ବାଚନରେ କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ କରିପାରିବ ନାହିଁ । ସମର୍ଥନ ଜଣାଇବାରେ ଆପତ୍ତି କ'ଣ ଅଛି ? ସେ ତ ଦଳ ବଦଳ କରୁନାହାନ୍ତି ଯେ, ଦଳ

Digitized by srujanika@gmail.com

ବିରୋଧି ଆଇନଟା ତାଙ୍କ ପ୍ରତି ଲାଗୁ ହୋଇଯିବ ? ରାମବାବୁ ଆଶ୍ୱସ୍ତିର ନିଶ୍ୱାସଟାଏ ମାରିଲେ । ସିଗାରେଟ୍ରୁ ଫୁଙ୍କାଏଟାଣି, ସେ ସମସ୍ତଙ୍କ କଥାକୁ ଶୁଣିବାକୁ ଲାଗିଲେ । କିଏ କହିଲା, ସେ ୩ ହଜାର ଭୋଟ କରାଇଦେବ । ଅମୁକ ସରପଞ୍ଚ କହିଲା ସେ ୨ ହଜାର ଭୋଟରୁ ଅଧିକ ଭୋଟ ଯୋଗାଡ଼ କରିଦେବ । ଭୋଟର ୨ଦିନ ଆଗରୁ ମଦଡବା ଓ ନୋଟ୍ବିଡ଼ା ଖୋଲିଦେଲେ, ସମସ୍ତେ ଭୁଲିଯିବେ । ଆଉଜଣେ କହିଲା – ଅମୁକ ଗାଁର ଦେଉଳ ମରାମତି କରିଦେଲେ ସେ ଗାଁର ୪ ହଜାର ଭୋଟ ତାଙ୍କ ହାତରେ । ଦେଉଳ ତିଆରି ଆରମ୍ଭ କରିଦେଇ, ଭୋଟ ସରିଲେ, ସବୁ କଥାକୁ ଆଖି ବୁଜିଦେଲେ କିଏ କ'ଣ କରିପକାଇବ କି ? କିଏ କହିଲା, ସ୍କୁଲ୍ ଘର ତିଆରି ତ କିଏ କହିଲା ଆଖଡ଼ା ଘର ତିଆରି, କାହାର ପୋଖରୀ ମରାମତି ଏସବୁ ହିସାବ କରି ଦେଖାଗଲା – ସର୍ବମୋଟ ଦିଆନିଆ, ଜନହିତକର କାମ ଇତ୍ୟାଦିରେ ୩ଲକ୍ଷଟି ଖର୍ଚ୍ଚ ହେବ । ୩ଲକ୍ଷ ଟଙ୍କା ଖର୍ଚ୍ଚ କରି ଯଦି ୫୦ ଲକ୍ଷ ଟଙ୍କା ମିଳିବ ସେଥିରେ ଆପତ୍ତି କ'ଣ ଅଛି ? ଗାଁ ଲୋକନାଥ ମନ୍ଦିରରୁ ପାଦୁକ, ବେଲପତ୍ର ଅଣାଗଲା । ସମସ୍ତଙ୍କୁ ଶପଥ କରାଇ, ଶପଥ କରିବା ଲୋକଙ୍କୁ କିଛିଟା ପାନୀୟ ଦେଇ ରାମବାବୁ ବିଦାୟ କରିଦେଲେ । ପ୍ରାର୍ଥୀପତ୍ର ଦାଖଲ ସୁରୁଖୁରୁରେ ସରିଗଲା । ପ୍ରାର୍ଥୀ ପତ୍ର ଦାଖଲ କରିବାକୁ ଗଲାବେଳେ, ବିରାଟ ପଟୁଆରରେ ରାମବାବୁଙ୍କ ଜୟଗାନ କରି ଯେପରି ସବ୍କଲେକ୍ଟରଙ୍କ ଅଫିସ୍କୁ ନିଆଗଲା, ସେଥିରେ ଲୋକେ ଆଶ୍ଚର୍ଯ୍ୟ ହୋଇଗଲେ । ସମସ୍ତେ ଭାବିଲେ, ଏଥର ରାମବାବୁଙ୍କର ନିଶ୍ଚୟ ଜିତାପଟ ।

ରାମବାବୁ ଜିଣିଯିବାଟା ଅସମ୍ଭବ ହୋଇନଥାନ୍ତା । ତାଙ୍କର ଜମାନତ୍ ଟଙ୍କା ଯେ ବୁଡ଼ିଯିବ ଏକଥା କେହି ବିଶ୍ୱାସ କରୁନଥିଲେ । ସବୁଠାରେ ରାମବାବୁଙ୍କର ଜୟ, ଜୟକାର ଧ୍ୱନି । ଅନ୍ୟ ପ୍ରାର୍ଥୀମାନଙ୍କର ପ୍ରାଚୀରପତ୍ର ଖଣ୍ଡିଏ ଦେଖିବାକୁ ମିଳି ନଥିଲା । ତେବେ ରାମବାବୁଙ୍କର କାଳହେଲା, ନିର୍ବାଚନ ସଭାଗୁଡ଼ିକରେ ତାଙ୍କ ପ୍ରତି ପ୍ରଶ୍ନବାଣ । ଦଳେ ଯୁବକ ରୀତିମତ ଗୋଟିଏ ଦଳ ଗଢ଼ି ତାଙ୍କ ସଭ୍ୟମାନଙ୍କୁ ଭଣ୍ଡୁର କରିଦେଲେ । ତାଙ୍କୁ ପ୍ରଶ୍ନ ପଚରାଗଲା – ଆପଣଙ୍କର ନିର୍ବାଚନ ମଣ୍ଡଳୀରେ ଆପଣ କି, କି କାମ କରିଛନ୍ତି । ବଦଳି ରୋକିବା, କରାଇବା ପାଇଁ କେତେ ଟଙ୍କା ଜଣ, ଜଣକ ପାଖରେ ନେଇଛନ୍ତି । ନିର୍ବାଚନ ପୂର୍ବରୁ ଆପଣଙ୍କର କେତେ ସମ୍ପତ୍ତି ଥିଲା ବର୍ତ୍ତମାନ କେତେ ହେଉଛି ତା'ର ହସିବ । ସବୁଠାରୁ ଅସଲ କଥା ହେଲା – ବିଧାନ ସଭାରେ ଯେ ପ୍ରଶ୍ନ ତ ମୋଟେ ପଚାରିନଥିଲେ, ତେବେ ଗୋଟିଏ ପ୍ରଶ୍ନ - ଏ ପ୍ରଦେଶରେ କେତେ ସ୍ତ୍ରୀ ଲୋକ ବେଶ୍ୟାବୃତ୍ତି କରୁଛନ୍ତି । କେଉଁ, କେଉଁ ଅଞ୍ଚଳରେ ବେଶ୍ୟାମାନଙ୍କର ସଂଖ୍ୟା କେତେ ? ଏଡ଼୍ସ ରୋଗ ଚିହ୍ନଟ କରିବା ପାଇଁ, ଏମାନଙ୍କ ପ୍ରତି କି ବ୍ୟବସ୍ଥା ହେଉଅଛି ? ଆଉ ଯେଉଁମାନେ ଲାଇସେନସ୍ ନ ପାଇ ଏ ବ୍ୟବସାୟ କରୁଛନ୍ତି, ସେମାନଙ୍କର ସଂଖ୍ୟା କେତେ ? ସେମାନଙ୍କୁ ସରକାର ଲାଇସେନ୍ସ ନଦେଇ, ହଇରାଣ କରୁଛନ୍ତି କାହିଁକି ? ପୋଲିସ୍ ଅଯଥାରେ ରାତି ଅଧରେ ଏମାନଙ୍କର ଘର

Digitized by srujanika@gmail.com

ଭିତରେ ପଶି, ଏମାନଙ୍କ ରୋଜଗାର ଟଙ୍କା, ଜବରଦସ୍ତି ନେଇଯିବା ଅନ୍ୟାୟ ନୁହେଁକି ? ଏହାକୁ ଆଳକରି ଟୋକାଟେ ପ୍ରଶ୍ନ ପଚାରି ଯେତେବେଳେ ତାଙ୍କୁ ଅସ୍ତବ୍ୟସ୍ତ କରିପକାଉଥିଲେ, ସେତେବେଳେ ସେ କିଛି ନ କହି ସଭାସ୍ଥଳ ଛାଡ଼ି ଚାଲିଯାଉଥିଲେ । କେତେକ କହୁଥିଲେ - ଗଣିକାଙ୍କ ସହିତ ତାଙ୍କର ନିବିଡ଼ ସମ୍ପର୍କ ଥିବାରୁ, ସେ ଗଣିକା ସମ୍ପର୍କରେ ତଥ୍ୟ ଖୋଲୁଥିଲେ । ପୋଲିସ୍ ଆଉ ତାଙ୍କ ସରକାରୀ ଘରୁ ଗଣିକାମାନଙ୍କ ସହିତ ତାଙ୍କୁ ଗିରଫ୍ କରିଥିବାରୁ ତାଙ୍କର ଏ ତାଲିକା ଜାଣିବାରେ ଖୁବ୍ ଗୁରୁତ୍ୱ ଥିଲା । ଖାଲି ଏତିକି ନୁହେଁ, ତାଙ୍କର ଅନ୍ୟାୟ ସମ୍ପତ୍ତି ଦଖଲ କରିବା ପାଇଁ, ଗୋଟାଏ କମିସନ୍ ବସିବାକୁ ତାଙ୍କ ଲୋକଙ୍କ ଦ୍ୱାରା ହେଉଥିବା ସଭାମାନଙ୍କରେ ପ୍ରସ୍ତାବ ଗୃହୀତ ହେଉଥିଲା । ଯେଉଁମାନେ ରାମବାବୁଙ୍କ ନିକଟରୁ ଟଙ୍କା ନେଇଥିଲେ, ସେମାନେ ଆରାମରେ ତାହା ଉପଭୋଗ କଲେ । ଲୋକଙ୍କୁ ମୁହଁ ଦେଖାଇବାକୁ, ସେମାନଙ୍କୁ ଆଉ ରାସ୍ତା ଦେଖାଗଲା ନାହିଁ । ଯେ ଯାହାର ଘର ଭିତରେ କବାଟ କିଳି ରହିଗଲେ । ଭୋଟ ଗଣତି ବାସିଦିନ ସମସ୍ତେ ଘରୁ ବାହାରିଲେ, ନ ହେଲେ ମାଡ଼ ଉପରେ ମାଡ଼ ହୋଇଥାନ୍ତା ବୋଲି ସମସ୍ତେ କୁହାକୁହି ହେଉଥିଲେ ।

ରାମବାବୁଙ୍କର ନିର୍ବାଚନ ନିଶା ଅମାନତ ହରାଇବା ଯୋଗୁ ଏକମାଡ଼କେ ଛାଡ଼ିଗଲା । ପଛରେ ଜଣାଗଲା, ସେ କୁଆଡ଼େ ଦଲାଲମାନଙ୍କ ବାବଦରେ କୋଡ଼ିଏ ଲକ୍ଷଟଙ୍କା ବରବାଦ୍ କରିଦେଲେ ।

* * *

Digitized by srujanika@gmail.com